
# ବେଦାନ୍ତ

## ଅଗଷ୍ଟ ୨୦୨୨



Painting by:Shri Debashis Raut, Riyadh

**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

ବେଦାନ୍ତି

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଆଜିକାଲି ଗଣମାଧ୍ୟମ ଦ୍ୱାରା ପ୍ରତିଦିନ ସମ୍ବାଦରେ ବର୍ଷା ଏବଂ ବନ୍ୟା ବିଷୟରେ ଦେଖିବାକୁ ଏବଂ ଶୁଣିବାକୁ ମିଳୁଛି । ପ୍ରାୟତଃ ସବୁ ରାଜ୍ୟରେ ବର୍ଷା ପାଣି ତାର ତାଣ୍ଡବ ଲିଳା ଦେଖାଇ ଚାଲିଛି । ରାଜସ୍ଥାନ, ମଧ୍ୟପ୍ରଦେଶ ଆଉ ଉତ୍ତରାଖଣ୍ଡର ଅବସ୍ଥା ତ କହିଲେ ନସରେ । ଅନେକ ସହରରେ ରାସ୍ତା ଉପରେ ନଈ ଭଳି ପାଣି ଦେଖିବାକୁ ମିଳୁଛି । ଅନେକ ଧନ ସମ୍ପଦ ନଷ୍ଟ ହେଉଛି । କୃଷକ ମାନଙ୍କ କଥା ତ କହିଲେ ନସରେ । ଅଟକଳ ଅନୁଯାୟୀ ପ୍ରତ୍ୟେକ ବର୍ଷ ବନ୍ୟା ଯୋଗୁ ପ୍ରତିବର୍ଷ ପ୍ରାୟ ୫୦୦୦ କୋଟି ମୂଲ୍ୟର ସମ୍ପତ୍ତି ନଷ୍ଟ ହେଉଛି । କିନ୍ତୁ ଏହାର ପ୍ରତିକାର କଣ ?

ଆଜିକାଲି ସହରରେ ବୋହୁଥିବା ନଦୀ ପ୍ରାୟତଃ ପୋତି ହୋଇପଡିଲାଣି । ତେଣୁ ଅଳ୍ପ ବର୍ଷାରେ ମଧ୍ୟ ନଦୀ ପାଣି ସହରରେ ପ୍ରବେଶ କରୁଛି । ଆଉ ସହର ମାନଙ୍କରେ ପାଣି ନିଷ୍କାସନ କରିବା ପାଇଁ ପ୍ରଯ୍ୟାପ୍ତ ବ୍ୟବସ୍ଥା ନାହିଁ । ଫଳରେ ଅଳ୍ପ ବର୍ଷାରେ ସହରାଞ୍ଚଳ ଜଳମଗ୍ନ ହୋଇଯାଉଛି । କଂକ୍ରୀଟକରଣ ଯୋଗୁ ସହରରେ ପାଣି ଭୂମି ତଳକୁ ଯାଇପାରୁନାହିଁ, ତେଣୁ ଜଳମଗ୍ନ ହେବା ସ୍ୱାଭାବିକ । ସହର ବାହାରେ ପାହାଡି ଅଞ୍ଚଳରେ ମଧ୍ୟ ଗଛଲତା କମିବାରେ ଲାଗିଛି । ଅନେକ ଜନବସତି ନଦୀ କୂଳରେ ବନିବାରେ ଲାଗିଛି ଆଉ ଯାହା ଫଳରେ କିଛି ମାତ୍ରାରେ ବର୍ଷା ହେଲେ ମଦ୍ୟ ନଦୀ ଜଳ ଜନବସତି ଭିତରେ ପ୍ରବେଶ କରୁଛି ।

ISSN NO.
2582-208X

ଆଜିର ପ୍ରଗତିଶୀଳ ସମୟରେ କେବଳ ଆଗକୁ ବଢିବା ହିଁ ମନୁଷ୍ୟର ନୀତି ହୋଇଯାଇଛି । ଯାହା ଫଳରେ ପରିବେଶ ରକ୍ଷା ଓ ପ୍ରକୃତି ରକ୍ଷା ଆମ କାମ ନୁହେଁ, କେବଳ ସରକାରଙ୍କର କାମ ବୋଲି ଆମେ ଭାବୁଛେ । ତେଣୁ ଅନ୍ୟ ଉପରେ ଦୋଷ ଲଦିଦେଇ ଆମେ ନିଶ୍ଚିନ୍ତରେ ବୁଲୁଛେ । ତେଣୁ କେବଳ ସରକାର ନୁହେଁ, ଆମ ସମସ୍ତଙ୍କୁ ପ୍ରକୃତି ଓ ପରିବେଶ ପାଇଁ କିଛି ନା କିଛି କରିବାକୁ ପଡିବ । ମୋ ମତରେ ସ୍କୁଲରେ ପ୍ରତି ଛାତ୍ର/ଛାତ୍ରୀଙ୍କୁ ଗଛ ଲଗାଇବା ପାଇଁ ପ୍ରୋତ୍ସାହନ ଦିଆଯିବା ଉଚିତ । ଖାଲି ସ୍କୁଲ ନୁହେଁ, କଲେଜ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ମାନଙ୍କରେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେବା ଦରକାର । ଶିକ୍ଷା କ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଗଲେ ଏହା କାର୍ଯ୍ୟସିଦ୍ଧ ନିଶ୍ଚୟ ହେବ, ଏଥିରେ ସନ୍ଦେହ ନାହିଁ । ଏହାସହ ଅବୈଧ ଖନନ ପ୍ରକ୍ରିୟାକୁ ମଧ୍ୟ ବନ୍ଦ କରିବାକୁ ପଡିବ ଯାହା ଆଜିକାଲି ଏକ ଜଟିଳ ସମସ୍ୟା ଭାବରେ ଦେଖାଦେଇଛି ।

ପ୍ରତ୍ୟେକ ନାଗରିକଙ୍କର ଭବିଷ୍ୟତ ପାଇଁ କିଛି ନା କିଛି କରିବାର ଅଛି ଆଉ ବୃକ୍ଷାରୋପଣ ହେଉଛି ଏକ ମହାନ କାର୍ଯ୍ୟ । ଆସନ୍ତୁ ଏଥିପାଇଁ ଆମେ ସମସ୍ତେ ତତ୍ପର ହେବା ଆଉ ଅନ୍ୟମାନଙ୍କୁ ଶିକ୍ଷା ଦେବା ମଧ୍ୟ ।

ବନ୍ଦେ ଉତ୍କଳ ଜନନୀ ।

ଅରବିନ୍ଦ ମିଶ୍ର



ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ (ଧାରାବାହିକ ) | ଅଶୋକ ବିଶ୍ୱାଳ | ୧୧ |
| ଆମ ଚାଷୀ 'ଖତୁଆ ପାଣ' ! | ପ୍ରଫେସର ସୁଶାନ୍ତ କିଶୋର ବଳ | ୧୮ |
| ମୌସୁମୀ ବର୍ଷା | ଡଃ ମାଙ୍ଗଳିକା ମହାପାତ୍ର | ୨୩ |
| ତୃତୀୟ ଭେଟର ଅବଶୋଷ | ଡକ୍ଟର ବିଜ୍ଞାନୀ ଦାସ | ୨୫ |
| ନୂଆ ଘର ଖଣ୍ଡି ଦିନେ ପୁରୁଣା ହେବ | ଡ. ପ୍ରସନ୍ନ କୁମାର ବଳ | ୩୪ |
| ଜୀବନ ଏକ ସାପଶିଡ଼ି ଲୁଡୁ ଖେଳ | ଶଶଧର ମହାପାତ୍ର | ୩୬ |
| ବିଶ୍ୱାସ | ଶାନ୍ତିଲତା ମିଶ୍ର | ୩୯ |
| ନୀଳକନ୍ଦର ସୁନ୍ଦର | ଜୟନ୍ତୀ ଦେବୀ | ୪୩ |
| ଘର ସଂସାର | ପୁଷ୍ପାଞ୍ଜଳି ପଣ୍ଡା | ୪୫ |
| ତରଙ୍ଗ | ସଂଯୁକ୍ତା ସାହୁ | ୪୭ |
| ଆଧ୍ୟାତ୍ମ୍ୟ ବିଦ୍ୟା | ଡ. ଅର୍ଜୁନ ଚରଣ ବାରିକ୍ | ୪୯ |
| ଦୋଷ | ଡ. ଜ୍ଞାନେଶ୍ୱର ମିଶ୍ର | ୫୩ |
| କଳ୍ପନା | କୀର୍ତ୍ତି ଦେବୀ | ୫୫ |
| ନୃସିଂହ ଚତୁର୍ଦ୍ଦଶୀ ନୃସିଂହ ଜନ୍ମ ଉପଲକ୍ଷେ | ଡଃ ଅଭିମନ୍ୟୁ କାନୁନଗୋ | ୫୬ |
| ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର | ବରଦା ପ୍ରସନ୍ନ ଦାସ | ୫୮ |
| ଆଜି ସାବିତ୍ରୀ ବ୍ରତ | ଦଣ୍ଡାସି ପ୍ରଧାନ | ୬୦ |
| କୃଷ୍ଣ ଚୂଡ଼ାର ହସ | ବାସନ୍ତୀ ଲତା ଜେନା | ୬୩ |
| ନୀଳାଦ୍ରି ବିଜେ | ଅଳକା ମହାନ୍ତି | ୬୫ |
| ଲଳିତ ନିବନ୍ଧ-ଭଲ ଖାଦ୍ୟ | ବଦ୍ରୀ ମହାନ୍ତି | ୬୬ |

ISSN NO.
2582-208X


| | | |
|---|---|---|
| ପାଟ କନା | ବିନୟ ମହାପାତ୍ର | ୭୧ |
| ଭାବର ଡୋରି | ଦୀନବନ୍ଧୁ ପୋଇ | ୭୫ |
| ବିଚ୍ଛିନ୍ନାଞ୍ଚଳ ସିଂହଭୂମି ରେ 'ଛଉନାଚ'ର ବିଶେଷତ୍ୱ | ଡ଼ଃ ହରିହର ପ୍ରଧାନ | ୭୭ |
| ପତିତ ପାବନ | ସତ୍ୟନାରାୟଣ ପ୍ରସାଦ ନାୟକ | ୮୧ |
| ହେ ପରମ ପିତା | ଅଧ୍ୟାପକ ଅବିନାଶ ବାରିକ୍ | ୮୩ |
| ପ୍ରଭାତର ସୂରୁଜ କିରଣ | ଅମୃତନାରାୟଣ ଶତପଥୀ | ୮୫ |
| ଜୀବନ ଯୁଦ୍ଧ | ସସ୍ମିତା ପ୍ରଧାନ | ୮୭ |
| ନୀରବତାର ମୂଲ୍ୟବୋଧ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୮୮ |
| ତୁମେ ଗଲାପରେ | ଅରୁଣ କୁମାର ମହାପାତ୍ର | ୯୦ |
| ଭକ୍ତିର ଶକ୍ତି | ହରେରାମ ପଣ୍ଡା | ୯୨ |
| ବାକ୍ ହୀନ  ଚାହାଣି | ଅମ୍ବିକା ସ୍ୱାଇଁ | ୯୪ |
| ହେ ସୂର୍ଯ୍ୟ ସହସ୍ରାଂଶୁ! | କୁଞ୍ଜବିହାରୀ ରାଉତ | ୧୦୦ |
| ନିର୍ଝରିଣୀ | ରଘୁନାଥ ତ୍ରିପାଠୀ | ୧୦୩ |
| ଜଙ୍ଗଲ ସୁରକ୍ଷା ପରିବେଶ ରକ୍ଷା | ସୁଲୋଚନା ବେହେରା | ୧୦୫ |
| ଦୁଇଟି ଦୁନିଆଁ | ଆଶୁତୋଷ ମେହେର | ୧୦୭ |
| ବିଳମ୍ବିତ ନ୍ୟାୟ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୧୦୮ |
| ପରିବର୍ତ୍ତିତ ପ୍ରେକ୍ଷାପଟରେ ଗ୍ରାମ୍ୟଜୀବନ | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୧୧ |
| ପହିଲି ରଜ | ଅଦ୍ୱୈତ କୁମାର ସାମନ୍ତରାୟ | ୧୧୩ |
| ବର୍ଷା ଆଗମନେ | ଛବି ରାଣୀ ପତି | ୧୧୬ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୧୯ |
| ଘୋଷ ଯାତ | ତ୍ରିପତି ପ୍ରଧାନ | ୧୨୫ |
| ଭିଜା ଲଗନର ସ୍ମୃତି | ବେଣୁଧର ସୂତାର | ୧୨୭ |

ISSN NO.
2582-208X


| | | |
|---|---|---|
| ସତ୍ୟମେବ ଜୟତେ | ଗଜାନନ ମିଶ୍ର | ୧୩୦ |
| ପ୍ରତିବିମ୍ବ | ତରୁଣ କୁମାର ଦାସ | ୧୩୩ |
| ଭାବର ଠାକୁର | ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ | ୧୩୪ |
| ଚେକୋଭ ହେଉଛନ୍ତି ଦୁନିଆର ସର୍ବୋତ୍ତମ କାହାଣୀ ଲେଖକ | ଅସିତ ମହାନ୍ତି | ୧୩୬ |
| ପରିବର୍ତ୍ତନ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୩୯ |
| ପାଶୋରି ଯିବାରୁ | ରାଜକିଶୋର ସାଇଁ | ୧୪୧ |
| ସ୍ୱପ୍ନ | ଝରଣା ବାରିକ | ୧୪୩ |
| ନାଟକ–ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୪୫ |
| ମନ ତେଜୁ ବିରସ | ଅଲେଖ ମେହେର | ୧୪୯ |
| ବିଶ୍ୱଗୁରୁ ହେବ ଭାରତ | ଦୀନବନ୍ଧୁ ବେଜ | ୧୫୧ |
| ଭାରିକଷ୍ଟ ହୁଏ | ସିଦ୍ଧେଶ୍ୱର ତ୍ରିପାଠୀ | ୧୫୩ |
| ଏକା ମଲା ଜହ୍ନ | ସୁଶ୍ରୀୟା ପରିଡା | ୧୫୪ |
| ବରଷା ର ଦାଉ | ନନ୍ଦିନୀ ରାଉତ | ୧୬୦ |
| ସବୁ ତ ତୁମରି ଦାନ | ଶେଷଦେବ ପଣ୍ଡା | ୧୬୨ |
| ଗୁମ୍ଫା ଗହ୍ୱରର ଗାଥା : ଏଲୋରା | ପ୍ରିୟବ୍ରତ ପାତ୍ର | ୧୬୫ |
| ଶ୍ରମିକ ଭାଇ, ସଲାମ ଦିଏ | ଜୟ କୁମାର ମିଶ୍ର | ୧୬୮ |
| ଚକା ଆଖି | ଅମରନାଥ ବାରିକ | ୧୭୧ |
| ମିଛ ସଂସାର | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୧୭୩ |
| ରାଲି | ଅଧର ବିଶ୍ୱାଳ | ୧୭୫ |
| ଅଚ୍ଛୁଆଁ ଝଡ | ଅଜିତ ପାଢ଼ି | ୧୭୭ |
| ଚିନ୍ମୟତା | କୃଷ୍ଣ ଚନ୍ଦ୍ର ବାରିକ | ୧୭୮ |
| ବାପା | ପୂର୍ଣ୍ଣିମା ଗୋଚ୍ଛାୟତ | ୧୮୦ |
| ବାଇଆ ବସା | ଜୟନ୍ତ କୁମାର ମଲ୍ଲିକ୍ | ୧୮୧ |

ISSN NO.
2582-208X


| | | |
|---|---|---|
| ବିସ୍ମୟ ତୁମେ ଗାନ୍ଧୀ | ଜନ୍ମଜୟ ନାୟକ | ୧୮୨ |
| ଅହଙ୍କାର | କୁଞ୍ଜ ବିହାରୀ ସାହୁ | ୧୮୪ |
| କରୁଣା ବାରି | ପ୍ରଶାନ୍ତ କୁମାର ନାଥ | ୧୮୯ |
| ସ୍ୱପ୍ନ ଇଲାକା | ନିରଞ୍ଜନ ସାହୁ | ୧୯୧ |
| ବଉଳ ଫୁଲର ବାସ୍ନା | ସୀତାରାମ ଦାଶ | ୧୯୨ |
| ଏକାକୀତ୍ୱ ଓ ଶାନ୍ତି | ଶ୍ୱେତାଲୀନା ପଟ୍ଟନାୟକ | ୧୯୭ |
| ଅହିଂସା | ବାଙ୍କାବିହାରୀ ମହାକୁର | ୧୯୯ |
| ଅଚିହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୦୧ |
| ହେ ବନ୍ଧୁ ! | ଶୁଭ୍ରାଂଶୁ ଶେଖର ପାଢ଼ୀ | ୨୦୫ |
| ବିତର୍କ | ସୀମାଞ୍ଚଳ ରଣା | ୨୦୭ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନିତା ପଣ୍ଡା | ୨୦୯ |
| ମୋ ସମୟ | ଟଙ୍କଧର ଶତପଥି | ୨୧୯ |
| ଭ୍ରୁଣ ହତ୍ୟା କାହିଁ ପାଇଁ ? | ରାଧାମୋହନ ପୂଜାହାରୀ | ୨୨୦ |
| ସତ୍ୟବାଦୀ ସାହିତ୍ୟ ଓ ଉତ୍କଳମଣି | ପୁଷ୍ପଲତା ବେହେରା | ୨୨୪ |
| ଏତେ ରାଗ ଅଭିମାନ କାହାକୁ | ପ୍ରଶାନ୍ତ ବ୍ରହ୍ମା | ୨୨୭ |
| ଏ ଯାଏଁ ସିନ୍ଦୂରା ଫାଟିନି | ନୀଳମଣି ଚାନ୍ଦ | ୨୨୮ |
| ଅଶ୍ରୁ | ମୋନାଲିସା ପଣ୍ଡା | ୨୩୦ |
| ମୟୂର ପର | ବିଜୟ କୁମାର ସାହୁ | ୨୩୧ |
| ସୀତା ଙ୍କ ଅଗ୍ନି ପରୀକ୍ଷା | ଦୁଷ୍ମନ୍ତ ବେହେରା | ୨୩୩ |
| ବାପା | ଅଧ୍ୟାପକ ବିପ୍ଳବ କିଶୋର ରଥ | ୨୩୫ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୨୩୭ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୨୪୦ |
| ଜୟ ଶ୍ରୀରାମ | ନିଲେଶ କୁମାର ଭୋଇ | ୨୪୨ |

ISSN NO.
2582-208X


| | | |
|---|---|---|
| ଯୁଧିଷ୍ଠିରଙ୍କୁ କିଏ ଧର୍ମରାଜ ଯୁଧିଷ୍ଠିର ବୋଲି ଆଖ୍ୟା ପ୍ରଦାନ କରିଥିଲେ ଓ କାହିଁକି | ନରେନ୍ଦ୍ର ପ୍ରସାଦ ବେହେରା | ୨୪୩ |
| ଲୟ ଲଗା ବାଇମନ | ଅଳକା ବାରିକ୍ | ୨୫୦ |
| ମଧୁମାଧବ ତୀର୍ଥ | ଟିକଚନ୍ଦ ସତନାମି | ୨୫୧ |
| ଅସଲି ସୁନାହାର | ଧୀରେନ୍ଦ୍ର କୁମାର ପ୍ରଧାନ | ୨୫୩ |
| ଉପରକୁ ସିନା ଶାନ୍ତ ଦିଶୁଛି ଭିତରେ ଚିତ୍କାର କରୁଛି | ଲକ୍ଷ୍ମୀଧର ସିଂ | ୨୫୭ |
| ମୌସୁମୀଗୋ ତୁମ ଆଗମନେ | କୃଷ୍ଣେନ୍ଦୁ ହୋତା (ସତ୍ୟ) | ୨୫୯ |
| ସ୍ମୃତି ରୁ ପୋଷେ | ପ୍ରତାପ ଚନ୍ଦ୍ର ସାହୁ | ୨୬୧ |
| ଦୁଃଖର ଗଜଲ୍ ଗାଇ ଗାଇ ମୋର ତଣ୍ଟିଟା ଗଲାଣି ଶୁଖି | ତାରାପ୍ରସାଦ ଜେନା | ୨୬୯ |
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକି ନାୟକ | ୨୭୧ |
| ମୁଁ ତୁମକୁ ଭଲପାଏ | ଚନ୍ଦ୍ରହାସ୍ୟ ସତ୍‌ନାମୀ | ୨୭୪ |
| ଦାସୀ | ସୂର୍ଯ୍ୟ ନାରାୟଣ ସାହୁ | ୨୭୬ |
| ଏ ଆଖିରେ | ଟୋନିସ ରୋହିଦାସ | ୨୮୨ |
| ଏସିଆର ଆଲୋକ | କିଷାନ ମହାକୁର | ୨୮୩ |
| କବି | ବିନୟାନନ୍ଦ ବସ୍ତ୍ୟ | ୨୮୬ |
| ଖାଦ୍ୟର ମରୀଚିକା | କାଳିପ୍ରସାଦ ମହାପାତ୍ର | ୨୮୭ |
| ଆହେ ଦୟାମୟ | ଲଲାଟେନ୍ଦୁ ବାରିକ | ୨୮୯ |
| ଜୀବନର ଶେଷ ଚିଠି | ରାଧାରାଣୀ ରାଉଳ | ୨୯୧ |
| ରାସ୍ତାକଡ ର ମଣିଷ | ଆୟୁଷ ବଡ଼ାଇ | ୨୯୨ |
| ମୋ ମାମା | ସଙ୍ଗୀତା ମହାନ୍ତି | ୨୯୪ |

ISSN NO.
2582-208X


| | | |
|---|---|---|
| କଳ୍ପନା ରେ ମୋ ଭ୍ରମଣ କାହାଣୀ | ଆୟୁଷ୍ମାନ ତ୍ରିପାଠୀ | ୨୯୬ |
| ବା ରେ ପ୍ରେମ | ଚିତ୍ତରଞ୍ଜନ ବେହେରା | ୨୯୯ |
| ଅଲିମ୍ପିକ୍ ତାରକା : ଦୀପଗ୍ରେସ୍ ଏକ୍କା | ରାମ ଚନ୍ଦ୍ର ପ୍ରଧାନ | ୩୦୧ |
| ପକ୍ଷୀଆ | ଅନନ୍ତ କୁମାର ସାହୁ | ୩୦୩ |
| ରଥଯାତ୍ରା ଖବର | ବେଦାନ୍ତୀ ପରିବାର | ୩୦୫ |

## ସ୍ୱାସ୍ଥ୍ୟ ବିଭାଗ

| | | |
|---|---|---|
| ବର୍ଷା ଋତୁର ରୋଗ ଓ ତାର ପ୍ରତିକାର | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୦୯ |

## ଆମ ହାଣ୍ଡିଶାଳ

| | | |
|---|---|---|
| ସିମେଇ ପକୁଡି | ଜୟନ୍ତୀ ଦେବୀ | ୩୧୪ |
| ଗ୍ରୀନ୍ ପି ପିଲାଫ୍ | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୧୫ |
| ଚଟପଟା ଆଚାରୀ ପନିର | ଅଳକା ବାରିକ୍ | ୩୧୬ |

## ଆଞ୍ଚଳିକ

| | | |
|---|---|---|
| ଖରା ଦିନେ ଗରିବର୍ ଦୁଃଖ୍ | ଶ୍ୟାମସୁନ୍ଦର କୁମ୍ଭାର | ୩୧୮ |
| କଥାନି – ଗରିବ୍ ସରିବ୍ | ସତ୍ୟନାରାୟଣ ମିଶ୍ର | ୩୨୦ |
| ନିଆଲି ମଲି | ଦେବାର୍ଚ୍ଚନ ମେହେର | ୩୨୨ |

## ଶିଶୁ ବିଭାଗ

| | | |
|---|---|---|
| ପୋଖରୀର ପୋଷଣ | ଡ଼ଃ ରଞ୍ଜିତ କୁମାର ସାହୁ | ୩୨୫ |
| ପ୍ରଜାପତିର ଅଣ୍ଡା ଦିଆ | ନୀଳମାଧବ ସାହୁ | ୩୨୯ |

ISSN NO.
2582-208X


| | | |
|---|---|---|
| କହିଲ ଦେଖି | ଅମରନାଥ ବାରିକ | ୩୩୨ |
| ଧରାକୁ ଆସିଲା ବରଷା ଋତୁ | ନୀଳମଣି ଚାନ୍ଦ | ୩୩୪ |
| ଅନେକରେ ଏକ | ମୀନାକ୍ଷି ପାଢ଼ୀ | ୩୩୬ |
| ଶିଶୁ ହସିଲେ ଦୁନିଆ ହସେ | ସୁବ୍ରତ କୁମାର ପ୍ରଧାନ | ୩୩୮ |
| ମେଘରେ ମେଘ | ବିଜୟ କୁମାର ଛାଟୋଇ | ୩୪୦ |
| ଚକ୍ ଖଡି | ଦୀନବନ୍ଧୁ ପୋଇ | ୩୪୨ |
| ବରଷା ରାଣୀ | ଜେକେ ଜ୍ୟୋତି ପ୍ରଭା ବାରିକ | ୩୪୩ |
| ଚିତ୍ର | ଆଦବିକା ପଟ୍ଟନାୟକ | ୩୪୫ |
| ମତାମତ/ସମୀକ୍ଷା | ବେଦାନ୍ତୀ ପରିବାର | ୩୪୬ |
| ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୫୧ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୩୫୨ |


[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ସଂପୂର୍ଣ୍ଣ ମୁକ୍ତ ମାସିକ ପାରିବାରିକ ଇ-ପତ୍ରିକା...

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ୍ ବେ



ଅଶୋକ ବିଶ୍ୱାଳ

## ୨-ଅଜଣା ଅଞ୍ଚଳର ଡାକ

"ସେଇଟା ମୋର ଆଣ୍ଡାମାନରେ ପହଞ୍ଚିବାର ପ୍ରଥମ ଦିନ କଥା ।"–ସେ ଶୋଭନାଙ୍କୁ କହିଥିଲେ ।

ଶୋଭନାଙ୍କର ଆଖି ତାଙ୍କର ଦୁଇମହଲା କାଠଘରେ ବଡ ହୋଇଗଲା । ସେ ଡି.ଏଫ.ଓ.ଙ୍କ ଘରେ ରହୁଥିଲେ ଆଉ ରେଗୁଲାର ଡି.ଏଫ.ଓ. କେହି ନଥିଲେ । ଚାର୍ଯ୍ୟରେ ଥିବା ଭଦ୍ରବ୍ୟକ୍ତି ପ୍ରକୃତରେ ଟ୍ରେନିଂ ସ୍କୁଲର ପ୍ରିନିସିପାଲ ଥିଲେ । ସେ ନବ ଦମ୍ପତ୍ତିଙ୍କୁ ଏକ ବଡ କାଠ ବଙ୍ଗଲୋ ଛାଡିଦେଇ ପ୍ରଥମରୁ ତାଙ୍କ ପୁରୁଣା କ୍ୱାର୍ଟସରେ ରହୁଥିଲେ । ସେ ସ୍ଥାୟୀ ହେବେ କି ନାହିଁ ତା' ଜାଣି ନଥିଲେ । କିନ୍ତୁ ପରେ ଅସୀମ ଜାଣିଲେ ଯେ ସେ ଘରଟା କୁଆଡେ ଭୂତ ବଙ୍ଗଳା ଥିଲା । ପ୍ରକୃତ କଥା ଥିଲା ଚାର୍ଯ୍ୟରେ ଥିବା ଭଦ୍ରବ୍ୟକ୍ତିଙ୍କୁ ଡର ଲାଗୁଥିଲା ଆଉ ସେ ଘରେ ବହୁତଦିନ ହେଲା, କୁହାଯାଇପାରେ ପ୍ରାୟ ଦେଢବର୍ଷହେଲା କେହି ରହୁନଥିଲେ। ସେଠି କୁହାଯାଏ କେହି ବସି ତୁମକୁ ଅନାଇ ରହିଥାଏ । ହଠାତ୍ ସବୁ ଓଜନିଆ ଲାଗେ । କିନ୍ତୁ ଅସୀମଙ୍କୁ ଭାବିବାର କ'ଣ ଥିଲା? ଘର ସୁନ୍ଦର ଥିଲା । ପାଖରେ ଏକ ତରୁଣୀ ସୁନ୍ଦରୀ ପ୍ରେମିକା ଥିଲା । ତେଣୁ ତା' ସାଙ୍ଗରେ ସନ୍ଧ୍ୟାସବୁ ସୁଗନ୍ଧିତ ଥିଲା ଆଉ କାହାଣୀମାନ ରୋମାଞ୍ଚିକ ଥିଲା । ସେଇଠି ଭାବିବାକୁ ଭୂତ କେଉଁଠି ଆସୁଥିଲା? ଯଦି ଭୂତ ଥିବ ସେ କେଉଁଠି ମନମାରି ବସିଥିବା ତା'କୁ ଏମାନେ ମୋଟେ ମନେ ଯେ ପକାଉନାହାନ୍ତି । ଭୂତକୁ ମନ ପକାଇଲେ ଭୂତ ନିଜ ଯାଗାରୁ ବାହାରି ଆସି ସୋଫାରେ ଗୋଡ ମେଲାଇ ବସି ବଡବଡ ଆଖିରେ ଅନାଏ । ନ ମନପକାଇଲେ ଘରସନ୍ଧିରେ ଶୋଇଯାଏ ।

ISSN NO.
2582-208X

ଶୋଭନା ବଡ ବଡ ଆଖିରେ ଅସୀମଙ୍କୁ ଚାହିଁରହିଲେ । କିଛି ନଜାଣିଥିବା ହେତୁ ଏକ ଗରମ ଲାଗୁନଥିବା ପାଗରେ ତାଙ୍କୁ ଅସୀମଙ୍କ କଥା ଶୁଣିବାକୁ ମଜା ଲାଗୁଥିଲା । ସେ ବୋଧହୁଏ ଜାଣିନଥିଲେ କ୍ୟାମ୍ପବେଲ ବେରେ ଅସୀମଙ୍କ ସ୍ୱର ଛଡା ଆଉ କିଛି ଶୁଣିବାକୁ ଦିନଦିନ ଧରି ମିଳିବନି । ସେଇଟା ସମସ୍ତେ କୁହନ୍ତି, ସତ କି ମିଛ ଅସୀମ ନିଜେ ଜାଣିନାହାନ୍ତି । କାହା ସହ ମନ କଥା ହେବେ । ତେଣୁ ଅସୀମ ତାଙ୍କ ସହ ମନକଥା ହେବେ ବୋଲି ଭାବିନେଇଥିଲେ । ମୋଟେ ଶବ୍ଦ ନଥିବା ଦୁନିଆରେ ମନକଥା ହେବାକୁ ଭଲ ଲାଗେ ।

"ଜାଣିଛ । ମୋତେ କୁହାଗଲା ମାନାରଘାଟରେ ତୁମକୁ ଏକ ଭଣ୍ଡାରୀ ମିଳିଯିବା କେଉଁଥିରେ କିଛି ଅସୁବିଧା ହେବନାହିଁ । ମୋତେ ଜଣାପଡିଲାନି ମୋର ଭଣ୍ଡାରୀରର ଆବଶ୍ୟକତା କ'ଣ ଅଛି? ମଣିଷ ପନ୍ଦରଦିନ ବା ମାସେ ବା ଦୁଇମାସରେ ବାଳ କାଟେ । ସବୁଦିନ ଭଣ୍ଡାରୀର ଆବଶ୍ୟକତା କ'ଣ?"–ଅସୀମ କହିଲେ ।

ଶୋଭନାଙ୍କ ଆଖିଗୁଡିକ ସେମିତି ବଡ ଥିଲା ଆଉ ବାହାରୁ ଧିର ପବନ ଆସୁଥିଲା । ଅସୀମଙ୍କ କଥା ସେମିତି ମଜାଦାର ଥିଲା । ଭଣ୍ଡାରୀମାନେ ତ ବାଳ କାଟବେ ।

"ଆରେ ଭଣ୍ଡାରୀମାନେ ସେ ଖାଇବା ବନାଇବ ।"– ଅସୀମ କହିଲେ । ସେଇଟା ତା'ପରେ ସେତେବେଳେ ତାଙ୍କୁ କୁହାଯାଇଥିଲା ।

"କଣ ଭଣ୍ଡାରୀମାନେ ତାହେଲେ ଖାଇବା ବନାନ୍ତି?"– ସେତେବେଳେ ସେ ପଚାରିଥିଲେ ।

"କଣ କହୁଛ?"– ଶୋଭନା ଏତେବେଳେ କହିଲେ ।

ତାପରେ ସେତେବେଳେ ତା'କୁ ଅସୀମ କହିଲେ ଶବ୍ଦଟା ତାଙ୍କ ପାଇଁ ଆଶ୍ଚର୍ଯ୍ୟଜନକ କଥାଥିଲା । ଭଣ୍ଡାରୀମାନେ କୁଆଡେ ଖାଇବା ବନାନ୍ତି । ଭଣ୍ଡାର ଘର କଥା ଶୁଣିଥିବା ଓଡିଶାରେ ଲୋକେ କ'ଣ ପାଇଁ ବାଳ କାଟୁଥିବା ଲୋକଙ୍କୁ ଭଣ୍ଡାରୀ କୁହନ୍ତି କେଜାଣି? ଓଡିଶାରେ କିଛି ବନାନର ଭୁଲ ଅଛି । ଶ୍ରୀ ମନ୍ଦିରର ରତ୍ନଭଣ୍ଡାର କଥା ଶୁଣାଯାଇଛି । ଯେଉଁଠି ମହାର୍ଘ୍ୟ ଜିନିଷ ଅଛି ତା'କୁ ଭଣ୍ଡାର କୁହାଯାଏ । ସେମିତି ଖାଇବା ମଣିଷ ପାଇଁ ଅତି ମହତ୍ୱପୂର୍ଣ । ତେଣୁ ଖାଇବା ଲୋକକୁ ଭଣ୍ଡାରୀ କହିବା ବେଶି ତାତ୍ପର୍ଯ୍ୟପୂର୍ଣ

ISSN NO.
2582-208X

ଲାଗୁଥିଲା। କିନ୍ତୁ ସେତେବେଳେ ତାଙ୍କ ଭିତରେ ସାଇତା ଯାଇଥିବା ପୁରୁଣା ଦେଶୀୟ ଶବ୍ଦମାନ କିଛି ଠିକଭାବେ ବିଶ୍ଳେଷଣ କରିବାକୁ ଦେଉନଥିଲା ।

"ଆଣ୍ଡାମାନରେ ପ୍ରଥମ ପ୍ରଥମ କଥାମାନ ବଡ ମଜାଲାଗେ । କେବଳ ଆଣ୍ଡାମାନ କ'ଣ ପାଇଁ, କେଉଁବି ନୂଆ ଜାଗାରେ ଶୁଣିବା ପାଇଁ ବହୁତ କଥା ଅଛି । ସେ ସବୁ ବଡ ମଜାଲାଗେ । ଶୁଣିବ ?"– ଅସୀମ ପଚାରିଥିଲେ ।

ଶୋଭନାଙ୍କର ଆଖର ଚମକୁଥିଲା ନିଷ୍ଚୟ । ଅତି ମଜାଦାର କାହାଣୀମାନ । ଶୁଣିବାକୁ ମଜାଲାଗିବ ।

"ଥରେ ଜଣେ ଅଫିସର ତାଙ୍କ ମାଡାମ୍‌ଙ୍କ ସହ ଆସି ପହଞ୍ଚିଥାନ୍ତି । ତୁମ ଭଳି ନୂଆ । ସ୍ୱାମୀ ସ୍ତ୍ରୀ ସଂନ୍ଧ୍ୟାବେଳେ ଟିକେ ବୁଲି ବାହାରିଲେ । କାହା ଘରକୁ ଯିବେ । ସେଇଠୁ ଚାହା ପିଇ ଘରକୁ ଫେରିବେ । ତା'ପରେ ଖାଇବା ବରାଦ ଦେବା କଷ୍ଟ ହେବା ତେଣୁ ସାବ୍‌ଙ୍କ ମାଡାମ୍ ଭଣ୍ଡାରୀକୁ ଖାଇବା ବନାଇବାକୁ କହିଥିଲେ ।

ଖାନା ତିଆରି କରିବ ।

ଖାଲି ଖାନା ତିଆରି କରିବି ?– ଭଣ୍ଡାରୀ ପଚାରିଥିଲା ।

ଆମର ଆସିବାକୁ ଡେରିହେବ । ତେଣୁ ତୁମ ଖାନା ବନାଦେନା – ମାଡାମ୍ କହିଥିଲେ । ଘରେ ପରିବାପତ୍ର ଥିଲା । ମାଛ ନଥିଲା । ତେଣୁ ସାଧା ବନିବ । ସେଥିରେ ବେଶି କ'ଣ ଭାବିବାକୁ ଅଛି । ଖାନା ବନାଇବା ଅର୍ଥ ହେଉଛି ଭାତ, ଡାଲି ଆଉ ଗୋଟାଏ ଦୁଇଟା ତରକାରୀ । ଆଣ୍ଡାମାନରେ ରାତିରେ ରୋଟି ପ୍ରାୟ ଚଳେନା । ଏଠାକାର ଲୋକେ ଭାତ ଖାଇବାରେ ଅଭ୍ୟସ୍ତ । ତେଣୁ ଭାତ, ଡାଲି ଆଉ ତରକାରୀ ବନିବ ।

ଶ୍ୟାମଳ ରଙ୍ଗର ଭଣ୍ଡାରୀ ବଡ ଚିନ୍ତିତ ଦିଶୁଥିଲା । କିନ୍ତୁ ତୋଫା ଗୋରୀ ସ୍ମାର୍ଟ ମାଡାମ୍‌ଙ୍କୁ କିଛି ପଚାରିବାକୁ ତା'ର ସାହାସ ହୋଇନଥିଲା । ମାଡାମ୍ କ'ଣ ଭାବିବେ । ଆଣ୍ଡାମାନରେ ଲୋକମାନେ କଳା ପଡିଯାଆନ୍ତି ଖରାରୁ । କିନ୍ତୁ ଏ ମାଡାମ୍ ଅତି ଗୋରୀ ଥିଲେ ଏଇଥି ପାଇଁ ଯେ ସେ ସମୟର ଉତ୍ତର ପ୍ରଦେଶର ପାହାଡରୁ ସିଧା ଆଣ୍ଡାମାନର ପାଣି ପର୍ଯ୍ୟନ୍ତ ଆସିଥିଲେ । ଥଣ୍ଡା ଅଞ୍ଚଳ, ପୁଣି ପାହାଡ । ସେଇଥି ପାଇଁ ବେଶି ଗୋରୀ ଦିଶୁଥିଲେ ।

ISSN NO.
2582-208X

ତେଣୁ ଚକଚକ ଲାଗୁଥିବା ମାଡାମ୍‌ଙ୍କୁ ଏକ ସାଧାରଣ ଭଣ୍ଡାରୀକୁ ବେଶି କିଛି ପଚାରିବାକୁ ସାହାସ ହୋଇନଥିଲା ।

ମାଡାମ୍ ଆଉ ସାର୍ ବୁଲାବୁଲି କରି ଘରକୁ ଫେରିଥିଲେ । ଡାଇନିଙ୍ଗ ଟେବୁଲ ସଫାକୁ ସଫା କରାଯାଇ ଥାଳି ରଖାଯାଇଥିଲା । ସାର୍ ମାଡାମ୍ ବସିଲାରୁ କେବଳ ଭାତ ଥାଳିରେ ଦିଆଯାଇଥିଲା । ଡାଲି ତରକାରୀ, ଏସବୁ କାହିଁ? ଭଣ୍ଡାରୀ ଆଉ କିଛି ପରଶୁ ନଥିଲା ।

ଆଉ କ'ଣ କିଛି ନାହିଁ? ଆମେ ଖାନା ତିଆରି କରିବା ପାଇଁ କହିଥିଲୁ ।– ମାଡାମ୍‌ଙ୍କ ଜାଗାରେ ସାର୍ ପଚାରିଥିଲେ ।

ଖାନା ତ ଲଗେଇ ଦେଇଛି ।– ଭଣ୍ଡାରୀ କହିଥିଲା ଅତି ବିନୀତ ହୋଇ ।

ସାର୍ କଥାଟା ବୁଝିପାରିଥିଲେ । ଆଣ୍ଡାମାନରେ ସାଧାରଣ ଭାଷାରେ ଖାନା ମାନେ ଖାଲି ଭାତ । ସେଥିରେ ଡାଲି ଆଉ ତରକାରୀ କଥା ଉଠୁନି । ବହୁତ ଭାଷାର ମିଶ୍ରଣ, ଅନେକ ଲୋକଙ୍କର ମିଳନ ଘଟିଛି ଆଣ୍ଡାମାନରେ । ଭାଷା ମିଶିଯାଇଛି । ଅନେକ ଅଦ୍ଭୁତ କିମାକାର ଶବ୍ଦ ଗଢି ଉଠିଛି । ସେଇଟା ମଜାଦାର ।"

"ଲୋକମାନେ ଏତେ ମିଶି ଯାଇଛନ୍ତି ?– ଶୋଭନା ପଚାରିଥିଲା ।

ବାପା ବଙ୍ଗାଳୀ ତ ମା' ରାଞ୍ଚି ର । ପୁଅ ତାମିଲକୁ ବାହା ହେଲାଣି ତ ଝିଅ ମାଲାୟାଲୀ ଘରେ ଗଲାଣି । ତେଲୁଗୁ ପୁରୁଷ ମାଲାୟାଲୀ ମହିଳାକୁ ବାହା ହେଲାଣି । ହିନ୍ଦୀ କହୁଥିବା ଝିଅ ଗଲାଣି ତାମିଲ ଘରକୁ । ସେମାନଙ୍କ ସନ୍ତାନସନ୍ତତି ଏକ ଭାଷା ଆଉ ଏକ ସଂସ୍କୃତି ଶିଖିବାକୁ ପାଉନାହାନ୍ତି । ସବୁ କିଛି ମିଶ୍ରିତ । ଲୋକେ ହିନ୍ଦୀ କିନ୍ତୁ ବୁଝନ୍ତି । ତାମିଲ, ମାଲାୟାଲୀ, ତେଲୁଗୁ ଆଉ ବଙ୍ଗାଳୀ ମଧ୍ୟ ଆଣ୍ଡାମାନର ଭାଷା । କିନ୍ତୁ କମନ ଲାଙ୍ଗୁଏଜ ହେଉଛି ହିନ୍ଦୀ । ହିନ୍ଦୀଭାଷୀମାନେ ବେଶି ଅଛନ୍ତି ପୋର୍ଟବ୍ଲେଆର ଆଖାପଖରେ, ବଙ୍ଗାଳୀମାନେ ମୁଖ୍ୟତଃ ଉତ୍ତର ଆଣ୍ଡାମାନ, କିଛି ମଧ୍ୟ ଆଉ ଦକ୍ଷିଣ ଆଣ୍ଡାମାନରେ ରହନ୍ତି। ହଟ ବେରେ ମଧ୍ୟ ଅଛନ୍ତି । ତାମିଲମାନେ ପ୍ରାୟ ଦକ୍ଷିଣ ଆଣ୍ଡାମାନ ଆଉ ମଧ୍ୟ ଆଣ୍ଡାମାନରେ ଅଛନ୍ତି । ମାଲାୟାଲୀମାନେ ଅଛନ୍ତି ମୁଖ୍ୟତଃ ଦକ୍ଷିଣ ଆଣ୍ଡାମାନରେ । ମାଲାୟାଲୀଙ୍କ ଭିତରେ ବେଶି ଅଛନ୍ତି କାକା ମୁସଲମାନମାନେ । ସେମାନେ କେରଳର ମାଲ୍ଲାପୁରମ ଅଞ୍ଚଳରୁ ଆସିଛନ୍ତି । ରାଞ୍ଚି ଲୋକେ ଓଡିଶା ବା ଝାରଖଣ୍ଡର ଆଦିବାସୀମାନେ

ISSN NO.
2582-208X

ସବୁଆଡେ ଖେଳାଇ ହୋଇଯାଇଛନ୍ତି । ସେମାନେ ମୁଖ୍ୟତଃ ଜଙ୍ଗଲ ବିଭାଗ ବା ପିଡବ୍ଲ୍ୟୁଡି ଶ୍ରମିକ । କଠିନ ପରିଶ୍ରମୀ । ଏଇମାନଙ୍କୁ ନେଇ ଗଢି ଉଠିଛି ଆଣ୍ଡାମାନ । ହିନ୍ଦୀଭାଷୀ ଲୋକେ ସାଧାରଣତଃ ସରକାରୀ ଚାକିରିଆ । ସେମାନେ କିଛି ଅଂଶରେ କ୍ୟାମ୍ପବେଲ ବେରେ ସେଟଲର । ମୁଖ୍ୟତଃ ଆର୍ମିର ଲୋକ ।

"ବାହାରକୁ ବୁଲିଯିବ । ସଂନ୍ଧ୍ୟାରେ ବୁଲିବା ପାଇଁ ଭଲ ଲାଗିବ ।"– ଅସମୀ କହିଲେ ଶୋଭନାଙ୍କୁ ସଂନ୍ଧ୍ୟା ସାମାନ୍ୟ ଗଡିଯିବାପରେ । ଆଣ୍ଡାମାନର ରାତି ଆକାଶ ରାସ୍ତାରୁ ଦେଖିବେ ।

ତାପରେ ସେମାନେ ବୁଲିବାକୁ ଚାଲିଗଲେ । ରାସ୍ତା ସଫା, ପିଚୁ ରାସ୍ତା । ଆଣ୍ଡାମାନରେ ରାସ୍ତା ସବୁ ପ୍ରାୟ ଲୋକାଳୟର ପାଖରେ । କିଛି ବାଟପରେ ଉଇମ୍ବରଲିଗଞ୍ଜର ଶେଷ ଘର ସରିଗଲା । ତା'ପରେ କିଛି ଚାଷଜମି ଆଉ କିଛି ଦୂରରେ ଆଉ ଏକ ଗାଁ । ଏଠି ଚୋରୀ ଡକାୟତିର ଭୟ ନାହିଁ । ଜଣେ ଚୋରୀକରି ଯିବ ବା କୁଆଡେ? ତେଣୁ ଡକାଏତି, ରାହାଜାନୀ ନାହିଁ । ରାସ୍ତାର ଦୁଇପଟେ ପାଣି । କିଛି ଜଳୁଆ ଜମି ଓ ସାମନ୍ୟ ଚାଷଜମି । ପଛରେ କିଛି ଗୁଆ ବଗିଚା । ଲୋକମାନେ ଏଠି ସମସ୍ତେ ନିଜ ଘରେ ଗୁଆ ବଗିଚା କରିଥାନ୍ତି ।

ଆଉ ତାଙ୍କ କୁକୁର ଚିଲ ଆଗକୁ ଯିବାକୁ ଦେଲାନି । କୁହାଯାଇପାରେ ମୋତେ ଆଗକୁ ଯିବାକୁ ଦେଲାନି । ଜୋରରେ ଭୁକି ଚାଲିଲା । ସେମାନେ ଟର୍ଚ୍ଚ ପକାଇ ଚାଲୁ ନଥିଲେ । ସଫା ରାସ୍ତା, ପୁଣି ଜହ୍ନ ଆଲୁଅ ପଡିଛି, ଏଥିରେ ଟର୍ଚ୍ଚ ଆଲୁଅର ଆବଶ୍ୟକତା ନାହିଁ । ଜହ୍ନ ଆଲୁଅ ତଳେ ଗପିଗପି ଚାଲିବାକୁ ମଜା ଲାଗେ । କିନ୍ତୁ ଚିଲ ଯିବାକୁ ଦେଉନଥିବାରୁ ଅସୀମ ଟର୍ଚ୍ଚ ଆଲୋକ ପକାଇ ଦେଇ ପ୍ରାୟ ଡେଇଁ ପଡିଲେ । ଏକ ଲମ୍ବା ସାପ ରାସ୍ତା ଉପରେ ଶୋଇଛି । କଳା ରଙ୍ଗ । ଆଣ୍ଡାମାନରେ ବେଶି ସାପ ନାହାନ୍ତି । କିନ୍ତୁ କିଛି ସାପ ତ ନିଶ୍ଚିତ ଅଛନ୍ତି । ଚିଲ ନଭୁକିଥିଲେ ସେମାନେ ନିଶ୍ଚିତ ଭାବରେ ସାପ ଉପରେ ସିଧା ଚଢିଯାଇଥାନ୍ତେ । ଚିଲ ପାଇଁ ଅଟକିଗଲେ । କୁକୁରର ଆଖି ମଣିଷ ଠାରୁ ଅନେକ ତୀକ୍ଷଣ। ଶୋଭନା ଚିଲକୁ ଆଉଁଷିଦେଲେ । ସାପ ତା' ବାଟରେ ଚାଲିଗଲା । ସେମାନେ ତା'କୁ ବାଡେଇବାକୁ ଚେଷ୍ଟା ମଧ୍ୟ କଲେନାହିଁ । ସେମିତି ଇଚ୍ଛା ମଧ୍ୟ ନଥିଲା । ସିଏ ତା' ବାଟରେ ଯାଉ ।

ISSN NO.
2582-208X

"ତୁମର ବଡ ଉପକାରୀ କୁକୁର ।"– ଶୋଭନା କହିଲେ । ଚିଲ ସମସ୍ତଙ୍କୁ ଭୁକିଛି । କିନ୍ତୁ ଶୋଭନାଙ୍କୁ କେବେ ଭୁକିନି । ନୂଆ ଦେଖିଲାପରେ ମଧ୍ୟ ଶୋଭନାଙ୍କୁ ଭୁକିନି । ଏଇଟା କ'ଣ ପାଇଁ ଅସୀମ ଜାଣିନାହାନ୍ତି । ଚିଲ ପାଖରେ ଭାଷା ନଥିବାରୁ ସେ କାରଣ କହିନି । ଶୋଭନା ଚିଲ ପାଖରେ ବସି ରହିଛନ୍ତି । ତା' ସହ ଖେଳିଛନ୍ତି । ଆଉଁଷିଛନ୍ତି, କିନ୍ତୁ ଚିଲ ତାଙ୍କୁ ମୋଟେ ଅଜଣା ପାଇନି ।

ଅସୀମ ଚିଲକୁ ଆଉଁଷି ଦେଲେ । ଚିଲ ଅସୀମଙ୍କର ପ୍ରିୟ ପୋଷା କୁକୁର । ଏକ ତରୁଣର ପ୍ରଥମ ସାଥି ଆଣ୍ଡାମାନରେ । ଟ୍ରେନିଂ ସମୟରେ ଅସୀମ ଏକା ରହୁଥିଲେ । ଘର ଖାଲି ଲାଗୁଥିଲା । ଯେତେବେଳେ ଏକ କ୍ୟାମ୍ପରେ ଗୋଟାଏ ଛୋଟ କୁକୁର ଛୁଆ ମିଳିଲା ସେତେବେଳେ ଅତିକମରେ ଭାଉ ଭାଉ ଶବ୍ଦରେ ନିଜର ଖାଲି ଘରକୁ ପୂର୍ଣ କରିଦେବାକୁ ଭାବିଲେ । କକୁର ଛୁଆଟାର ଦେହରେ ଲମ୍ବା ବାଳ ଥିଲା । କିଛି ମିଶ୍ରିତ ବ୍ରିଡ ନିଷ୍ଚୟ । ଏକଦମ କଳା ରଙ୍ଗ । ତା' ରଙ୍ଗ ଆଉ ବାଳ ଅସୀମଙ୍କୁ ସୁନ୍ଦର ଲାଗିଥିଲା । ଅସୀମଙ୍କ ଆଗ୍ରହ, ଛୁଆର ତାଙ୍କ ସହ ଏତେ ଖେଳିବା ଆଉ ଅସୀମଙ୍କୁ ଏକା ଦେଖି କ୍ୟାମ୍ପର ଇନଚାର୍ଯ୍ୟ ତାଙ୍କୁ ସେହି କୁକୁର ଛୁଆ ଉପହାର ଦେଇଦେଲା । ଅଣ୍ଡିରା କୁକୁର ଛୁଆ । ତା' ସାଙ୍ଗରେ ଖେଳିବାକୁ ଅସୀମଙ୍କୁ ବହୁତ ଭଲ ଲାଗଥିଲା । ସେ କେଉଁ ବ୍ରାଣ୍ଡେଡ ବ୍ରିଡ ନଥିଲା ବୋଲି ଅସୀମଙ୍କ ମନରେ ଦୁଃଖ ନଥିଲା । ଖେଳର ଏକ ସାଥି । ଘରେ ଚିଲ ସବୁବେଳେ ଅସୀମଙ୍କ ଆସିବାକୁ ଅପେକ୍ଷା କରି ରହୁଥିଲା । ଅସୀମ ଆସିଲେ ଦୁହେଁ ସାଙ୍ଗ ହୋଇ ବୁଲୁଥିଲେ । ପଢିଲାବେଳେ ସେ ଅସୀମଙ୍କ ଟେବୁଲ ତଳେ ଶୋଉଥିଲା । ସେ ଖାଇଲେ କୁକୁର ଛୁଆ ପାଇଁ ଖାଇବା ମଧ୍ୟ ବଢା ହେଉଥିଲା । ରାତିରେ ସେ ଅସୀମଙ୍କ ଖଟତଳେ ନିଦରେ ଶୋଇଯାଉଥିଲା । କହିବାକୁ ଗଲେ ସବୁବେଳେ ଅସୀମଙ୍କର ସାଥି ଥିଲା । କେବଳ ଅଫିସ ଗଲାବେଳେ ସେ ଅସୀମଙ୍କ ସାଙ୍ଗରେ ଯାଉ ନଥିଲା କାରଣ ଅଫିସ ଘରୁ ତିନି କିଲୋମିଟର ଦୂରରେ ଥିଲା ଆଉ ତାଙ୍କୁ ଅନେକ ସମୟରେ ବସରେ ଯିବାକୁ ପଡୁଥିଲା। ବସରେ ତା'କୁ ଯିବା ଆସିବା କରିବା ଅସୁବିଧା ହୋଇଥାନ୍ତା । ତେଣୁ ଚିଲ ସାଙ୍ଗରେ କେବଳ ଅଫିସ ଯାଇପାରୁନଥିଲା କିନ୍ତୁ ଘରକୁ ଫେରିଆସିଲେ ସେ ତାଙ୍କୁ ଭୁଲି ସ୍ୱାଗତ କରୁଥିଲା । ଏମିତି ଅସୀମ ଚିଲ ଉପରେ ବହୁତ କହୁଥିଲେ । କିଛି ଦିନ ଅସୀମ ଟ୍ରେନିଂ ପାଇଁ ମୁଖ୍ୟ ଭୂମି ଭାରତର ମସୁରୀ ସହର ଯାଇଥିଲେ ଓ କିଛି ମାସ ପରେ ସେ ଫେରି ଆସିଥିଲେ । ଚିଲ ଅସୀମଙ୍କୁ ଦେଖି ଅନେକ ଚାଟିଥିଲା । ସେ କଥା ତାଙ୍କର ମନେ ପଡିଗଲା ଆଉ ସେଇ କଥା ଓ ଆଉ କିଛି କଥା ସେ ଶୋଭନାଙ୍କୁ କହୁଥିଲେ ।

ISSN NO.
2582-208X


"ମୁଁ ତିନିମାସ ମେନଲାଣ୍ଡ ଆସିଗଲା ପରେ ଯେତେବେଳେ ଫେରିଆସିଲି ସେ ମୋ ଉପରକୁ ଡେଇପଡି ମୋତେ ଭେରାଏ ଚାଟିଥିଲା । ମୋ ଉପରେ ସେଦିନ ଛୋଟ ଛୁଆ ଭଳି ମୂତି ଦେଇଥିଲା । ସେତେବେଳକୁ ତା'କୁ ବୋଧହୁଏ ଛଅ ମାସ ବୟସ ହେବ । ସେ ମୋତେ ଅତି ସ୍ନେହ କରୁଥିଲା । ମୁଁ ତା'କୁ ଶକ୍ତିଶାଳୀ କରାଇବା ପାଇଁ ତା' ସାଙ୍ଗରେ ଦୌଡୁଥିଲି । ସେ ସହଜରେ ମୋତେ ହରାଇ ଦେଉଥିଲା । କିନ୍ତୁ ତା' ପାଇଁ ମୁଁ ବହୁତ ଦୌଡିପାରୁଥିଲି ।

ଥରେ ସେ ମୋତେ ସମୁଦ୍ର ଭିତରକୁ ପଶିଯିବାର ଦେଖିଲା । ଜାଣି ଜାଣି ମୁଁ ବୋଟରୁ ଓହ୍ଲାଇପଡି ସମୁଦ୍ର ଭିତରକୁ ପଶିଯାଉଥିଲି । ଆଗରେ ସୀମାହୀନ ସମୁଦ୍ର । ଅବଶ୍ୟ ପଚାଶ ମିଟର ଯାଏ ଭୟ ନାହିଁ । ସେ ପର୍ଯ୍ୟନ୍ତ ପାଣି ଅତି ବେଶିରେ ଅଣ୍ଟାଏ ପର୍ଯନ୍ତ ହେବ। ସେତିକିରେ ଚିଲ ସମ୍ଭାଳି ପାରିନଥିଲା । ସେ ମୋତେ ବଞ୍ଚାଇବା ପାଇଁ ସମୁଦ୍ର ଭିତରକୁ ଡେଇଁପଡି ମୋ ଆଡକୁ ପହଁରି ଆସିଥିଲା । ମୁଁ ତା'କୁ ଉଠାଇ ବହୁତ ଗେହ୍ଲା କରିଥିଲି ।"– ଅସୀମ ସେମିତି କହିଚାଲିଥିଲେ ।

ଏମିତି ଅସୀମ ନିଜ ପାଖରେ ଥିବା କୁକୁର ବିଷୟରେ ବହୁତ କହିଥିଲେ ।

"ଅସୀମ, ସତରେ କୁକୁର ତୁମର ଅତି ପ୍ରିୟ ।"– ଶୋଭନା ତା'କୁ ଆଉଁଷି ଦେଲେ । ଶୋଭାନାଙ୍କ ଆଉଁଷା ଖାଇ ଚିଲ ତଳେ ପେଟେଇ ପଡିଲା ଆଉ ତା'ର ଆଖି ବନ୍ଦ ହୋଇଆସୁଥିଲା । ସେମାନଙ୍କୁ ସ୍ନେହ ଦେବା ପାଇଁ ଏକ ଜୀବନ ସାଙ୍ଗରେ ଯାଉଛି । ତେଣୁ ତା' ସହ ବହୁତ ଖେଳାଯାଇ ପାରିବ । ସେମାନଙ୍କ ସହ ଧରମା ଆସିବା ନିଶ୍ଚିତ ହୋଇଥିଲା । ଏକ କିଶୋର ପିଲା । ସେ ଚିଲର ଯତ୍ନ ନେଉଥିଲା । ଆଶା ଥିଲା ଅସୀମଙ୍କ ସହ ରହିଲେ ପରେ ତା'କୁ କିଛି ସୁବିଧା ମିଳିଯିବ । ଧରମା ଆଉ ଚିଲ ଥିଲେ ଅସୀମଙ୍କର ପ୍ରଥମ ଜୀବନର ସାଥି । ଏମିତି ସଂନ୍ଧ୍ୟା ବିତିଗଲା ।


ତା ପରଦିନ କ୍ୟାମ୍ପବେଲ ବେ ଯାତ୍ରା ହେବ । ସେମାନଙ୍କର ଅତି ସାମାନ୍ୟ ଜିନିଷ । ଦୁଇ ତିନିଟା ସୁଟକେସ ଆଉ କିଛି ବାସନ କୁସନ । ଏତିକିମାତ୍ର । କିଛି ବହି ସାଥିରେ ଅବଶ୍ୟ ଥିଲା । ଏତିକିରେ ଏକ ନୂଆ ଜୀବନ ଆରମ୍ଭ ହେବ କ୍ୟାମ୍ପବେଲ ବେରେ ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ଆମ ଚାଷୀ
# 'ଖତୁଆ ପାଣ' !



ପ୍ରଫେସର ସୁଶାନ୍ତ କଶୋର ବଳ

*ଶୈଶବର ସ୍ମୃତି ମନେ ଭସିଯାଏ*
*ପ୍ରାଂଜଳେ ଚଳଚତ୍ର ସମ*
*ବାଡି ଓଉ, ନାରୀକେଳ, ସାପୁଆ ସପୁରୀ*
*ଜାମୁକୋଳ, ଚ଼ାଳେମଡା କଖାରୁ*
*ପାଚଲ୍ ତାଳ ଖଳାବାଡି, ଗୋବର ଗାତ,*
*ବିଲୁ ଧାନଶସ୍ୟ ବିଡାବାଂଧି କରି*
*କାଂଧେ ବାହୁଂଗାର ଦୁଇପଟେ ଝୁଲ୍ଇ*
*ଗୃହେ ବାହୁଡୁଥାନ୍ତ ପ୍ରୀତେ ଚ଼ାଷୀକୂଳ *
*ଶୁଖାପାଗ ଦେଖି ହୁଏ ଧାନବାଡିଆ*
*ଗୋବର ଲିପା ଖଳାବାଟରେ*
*ଅମଳ ଧାନକୁ ଅମାରେ ସାଇତି*
*ତୃପ୍ତ ହୋଇଅନ୍ତୁ ଗୃହସ୍ୱାମୀ.*
*ବରଷ ଯାକର ଭତହାଂଡି ଜଳେ*
*ବାଙ୍କ ଖର୍ଚହୁଏ ପୁନେଇ ପରବେ*
*ମାଣବସା ଗୁରୁବାର, ଶାମ୍ବ ଦଶମୀ*
*ଚତୋଉ ଅମେଇସାର ମଣ୍ଡା କାକର୍, ବାଟଓଷା, ଭଇ ଦ୍ୱିତୀୟା, ଲକ୍ଷ୍ମୀପୂଜା*
*ଝିଅପାଇଂ ଭର, ବ୍ରତ ବିଭଘର,*
*ବଂଧୂ ଆଗନ୍ତୁକ କୁଣିଆ ମଇତ୍ର*
*ଗରିବଗୁରୁବା, ଦୁଖିରଂକ, ଚକୁଳଆ ପଣ୍ଡା*

ISSN NO.
2582-208X

*ଟିକ ବରଗଛ ମୂଳେ ତଳେ ବସି ମଉଛୁକ*
*ଜଳଭର୍ତ୍ତି ମୁଗଡାଲି, ଗୁଡଦିଆ ଓଉଖଟା*
*କଦଳୀ ପତରେ ସଢସଢ କରି*
*ଚକାମାଲି ପକେଇ ଦିବ୍ୟାନଂଦେ ଚରିଯାଉ ଅମୃତପରି
*ଭୋଜି ଖାଇସାରି 'ହରିବୋଲ' କରି*
*ନଜନଜ ଗୃହେ ବାହୁଡିଥାଉ*
*ଗାଂମୁଣ୍ଡ ନାରାୟଣ ଚଣ୍ଡୀ ବଡ ପ୍ରତଖ୍ୟ*
*ଭଲମଂଦେ ପବିତ୍ରକାମେ କରୁ ତାଂକ*
*ଜଳାଭିଷେକ ପାଶ କୂପଜଳୁ ଆଣି *
*ଗାଢ ଲାଲରଂଗେ ସିଂଦୂରେ ରଂଜିତ*
*ଖୁବ ଭୟଭୀତ ଲାଗେ ତାଂକୁ ଦେଖି *
*ମନର କାମନା ପରକାଶି ଥାଉ*
*ମୁଦ୍ରୀତ ନୟନେ ଆଭୂମେ ସାଷ୍ଟାଂଗେ*
*ତାଂକୁ ପ୍ରଣିପାତକରି ଆଶୀଷ ମାଗିଥାଉ*
*ଠାକୁରାଣୀପାଖ ଉଂଚା ବରଗଛ*
*ଖରାବେଳେ ଲାଗେ ନଛାଟିଆ ଖାଁଖାଁ ଆଉ ବଡ ଡରାବନା*
*ବାରଣ କରନ୍ତ  ପୁରୁଖାଲୋକେ*
*ଏକୁଟିଆ ନଯିବାକୁ ତାର ପାଶେ*
*କହନ୍ତ ସେଥିରେ ଭୂତପ୍ରେତ ଥାନ୍ତି*
*କେଉଁ ଆବାହମାନୁ ଅଛିସେ ଗଛ*
*ଗାଂ ମଝିତୋଟା ଆମ୍ବବୃକ୍ଷ୍ୟେ ଭରା*
*ସବୁ ପିଲାଂକର ସେ ନୟନତାରା *
*ଜ୍ୟେଷ୍ଠଆଷାଢେ ଝଡି ତୋଫାନେ*
*ଟପଟାପ୍ ଝଡେ ପାଚଲା ଆମ୍ବ *
*ଅନ୍ଧାରେ ଗାମୁଛା ଶକ୍ତେ ଭିଡିକରି*
*ଧକ୍କାଧକ ହୋଇ ଗୋଟେଇଥାଉ*
*ତୋଟା ସାରା ଯେତେ ଫଳ *

ISSN NO.
2582-208X


*ଗଛପାଚିଲା ଫଳ ଫାଟିଯାଏ ତଳେପଡି*
*ଯାହା ପାଇଥାଉ ଗୋଟେଇ ସେସବୁ*
*ସହସା ଅଣ୍ଟିରେ ପୁରେଇ ଥାଉ *
*...........*
*ଗାଁ ଶେଷେ ଥାଏ ହରିଜନ ସାହି*
*ରହୁଥିଲା ଊଂଚ ଡ଼ାଳଆରେ*
*ଆମ ହଳଆ 'ଖଡୁଆ ପାଣ' *
*ସେଥିଲା ଦରିଦ୍ରମଣିଷ, ଶକ୍ତ ମନୋବଳେ*
*ଉନ୍ମୁକ୍ତ ଶରୀରେ ଅଣ୍ଟାରେ ବାଂଧି ଗାମୁଛା*
*ପଖାଳ ତୋରାଣୀ ପେଟେ ଭରିଦେଇ*
*ନିତି ପ୍ରାତେ ଆସୁଥିଲା ନେବାକୁ ବିଲେ*
*ଲଂଗଳ ଯୋଚ ଯୋଡି ବଳଦ, ହଳ*
*କଂଧେନେଇ ଯାଇଥାଏ ବିଲ ଚାଷେ *
*କେତେବାର ଯେ ମୁଁ ତାସାଥେ ଯାଇଛି*
*କଦବା କସ୍ମୀନ ଧରିଛି ମୁଂ ହଳ*
*ହେଲେ ଅମାନିଆ ବଳଦ ମୋ କଥାକ*
*ଶୁଣନ୍ତୁ ନାଁ  ମାନନ୍ତୁ ବୋଲ*
*ହଳ ଗ୍ଲିଯାଏ ଏଣେ ତେଣେ*
*ବେଗେ ଦଉଡିଆସି 'ଖଡୁଆପାଣ'*
*ନେଇଯାଏ ମୋ ହାତରୁ ହଳଲଂଗଳ*
*ତା ପାରିଶ୍ରମିକ ପାଇଥାଏ ସିଏ*
*ଅର୍ଥେ ଅବା 'ଗଉଣି'ରେ ମପା ଧାନଶସ୍ୟେ*
*ତଦଭିନ୍ନ ପୁନେଇପରବେ ନେଇଥାଏ*
*ସିଏ ଘୁହେ ତିଆରି ପିଠାପଣା *
*ଅକାଳେ ସକାଳେ କଟକସହରୁ ମୋ*
*ଆସିଗଲେମୋ' ପୂଜ୍ୟ ଜ୍ୟେଷ୍ଠଭ୍ରାତା*
*'ପ୍ରଦ୍ୟୁମ୍ନ ବଳ' ଦେଇଥାନ୍ତୁ କଛି ଉପହାର*

ISSN NO.
2582-208X


*ତାକୁ ପାଇକରି ଅପୂର୍ବ ଆନଂଦେ*
*ଗଦଗଦ ହୋଇ ମୁଂଣ୍ଡିଆଟି ମାରେ*
*ସେହି ନଶ୍ୱ ଅର୍ଧାହାରୀ 'ଖତୁଆ ପାଣ' .*
*ବରଷକୁ ଥରେ ଧୋତି, ଗାମୁଛା ପାଇ*
*ସେଇଥିରେ ସିୟେ ବରଷ ଚଳାଇ*
*ମେଣ୍ଟାଇଥାଏ ନଜ ଗୁଜୁରାଣ *
*ବେଳେବେଳେ ସହଧର୍ମିଣୀ ପାଇଁ*
*ଶାଢୀଟିଏ ପାଇ ମନେକରେ ଭାଗ୍ୟବାନ*
*ସେଦିନ ଉଦ୍ଦାମ ଯୁବକ 'ଖତୁଆ ପାଣ'*
*ଆଜି ଉପନୀତେ ବୃଦ୍ଧ ବୟସେ .*
*ନଇଂନଇଂ ଗ୍ଳେ, ଆସେ ବେଳେବେଳେ*
*ମୁଂ ଯେବେଯାଏ ଦେଖାକରିବାକୁ ମତେ*
*ଭଲମଂଦ ପଚ୍ଚାରି ଖୁସି ଆନଂଦେ ମୁଂ ଦେଇଥାଏ କଛି ତାର ହସ୍ତେ !*
*ଗ୍ରାମର ପୂରୁବେ ସ୍ରୋତସ୍ୱନୀ 'ବିରୁପା'ନଦୀ*
*ଆବାହମାନୁ ବହୁଛି କୂଳୁକୂଳେ.*
*ସେହିନଦୀ ମତେ ପ୍ରେରଣା ଦେଇଛି*
*ଶିଖାଇଛି ମତେ ତରିବାକୁ*
*ସେହି ସାହାସେ ମୁଂ ପାରହୁଏ ଆଜି*
*ମୋ କଟକ ସହରର 'ମହାନଦୀ'*
*ଡୁବିବିନ କେଭେ ଭର୍ ନଦୀରେ ମୁଁ*
*ସେ ସାହାସଟି ଅଛି ମୋର !*
*ଜୀବନ ତରଂଗିଣୀରେ ପାର ହୋଇଥାଏ*
*ସେହି ଅଭିଗ୍ୟଂତା ବଳେ*
*ଆମ ପୁର୍ ବଳପରିବାରେ ଏକକ*
*ମୁଂହି ପହଂର୍ ଶିଖିଛି ସେହି*
*ପୂନ୍ୟୋତୟା ବିରୂପା ନଦୀର ବଳେ.*
*'ଖତୁଆପାଣ' ଭର୍ବେଷେ ଲଂଗଳ ଧରିଛି*

ISSN NO.
2582-208X


*ନଜଶିଂଗେ ନଜମାଟି ତାଡିବାର କୌଶଳ*
*ଶିଖିଛି ହାରିବି ନାଂହି ମୁଁ କେଭେ*
*ସ୍ୱର୍ଗେ ଦେଖିରହି 'ବଳ ନଂଦକଶୋର'*
*ଉଦଭୂଦ କରୁଛନ୍ତୁ ଇଂଗିତେ !*
*ସ୍ୱଳ୍ପ ଜୀବନେ ଗ୍ଲିଗଲେ ସିଏ.*
*ଗୁରୁ ଦାୟିତ୍ୱକୁ ଆମପରେ ଛାଡି.*
*କାସ୍ ଯଦିସିଏ ବଂଚଥାନ୍ତେ ଦୀର୍ଘଜୀବନ*
*ହୋଇ ନଥାନ୍ତକ ଆମେ ଅନୁପ୍ରାଣିତ ?*
*ରହି ନଥାନ୍ତକ ପୂର୍ଣ ଅନୁସରିତ*
*ଦିବ୍ୟଗ୍ୟାନୀ ସିଏ ପଲ୍ଲୀପ୍ରାଣ ସିଏ*
*ଅମାପ ପ୍ରତିଭ୍ରେ ମହାଧନୀ .*
*ହେ ମହାନ ଆତ୍ମା ! ଆଭୂମେ ଆମେ*
*କରୁଛୁ ପ୍ରଣିପାତ, ଆଜିବି ଝୁରୁଛି*
*ତମ ସାଧବ ବହୁ, ତୁଳସୀ ଚଂଉର୍*
*ଉର୍ଭର୍ ଲହରିତ ସବୁଜ ଶସ୍ୟଖେନ୍ର*
*ଭର୍ ହୃଦୟେ ଲେଖୁଛି ଏ ମନକଥା*
*ଅଥୟେ ଅସହାୟେ ନାହିଂକଛି*
*ହାତେ ର୍ସ୍ତା ଅବା ବିକଳ୍ପ ଅନ୍ୟଥା*

କଟକ

ISSN NO.
2582-208X

# ମୌସୁମୀ ବର୍ଷା



ଡଃ ମାଙ୍ଗଳିକା ମହାପାତ୍ର

ଏସନ ବର୍ଷା ରେ କାହିଁ ଗଲ ଗୋ ତୁମେ...
ସତରେ କଣ ମୋ କଥା  ପଡୁନ ମନେ...
ମୌସୁମୀର ପ୍ରଥମ ବର୍ଷାରେ ଭିଜିଲ୍ ବେଳେ..
ଖୋଜୁଥିଲି ତୁମକୁ ଅଧିରେ ସଞ୍ଜ ସକାଳେ

ଗତ ଥର ସାଙ୍ଗ ହେଇକ ଭିଜିଥିଲେ ଗୋଟେ ଛତା ତଳେ...
ଭୁଲିବାକୁ ଚେଷ୍ଟାକରି ବି ଭୁଲିପାରୁନ ଯେତେ ଗ୍ଚହିଁଲେ...
ଆକାଶରେ ମେଘକୁ ଗ୍ଚହିଁ ଗ୍ଚହିଁ ଆଖିରୁ ଲୁହ ବୋହିଗଲେ...
ହୃଦୟରୁ ଦୀର୍ଘଶ୍ୱାସ ବାହାରି ଆସେ ତୁମେ ମନେ ପଡିଲେ...

ମନେ ଅଛି, ଭେଟିଥିଲେ ଆମେ ଝଡି ବରଷାରେ...
ଭିଜୁ ଭିଜୁ ସାହାଗ୍ ନେଇଥିଲି ତୁମ ଛତାରେ...
ଭିଜା ଭିଜା ଲୁଗାରେ ମରି ଯାଇଥିଲି ସରମରେ...
ତୁମେ କନ୍ତୁ ଗ୍ଚହିଁ ରହିଥିଲ ଯେ ଅତି ଆଶ୍ଚର୍ଯ୍ୟରେ...

ISSN NO.
2582-208X

ଝିପି ଝିପି ବରଷା ର ସେଇ କୋମଳ ପରଶ ରେ...
ଦେହ ସହ ମନ ଭିଜି ଯାଇଥିଲା ଅଜାଣତରେ ...
ବର୍ଷାର ସେ ଛିଟା ଓଦା କରୁଥିଲା ଦେହକୁ ସିନା..
ହେଲେ ପରଶ ତାର ମନରେ ଲଗାଉ ଥିଲା ନିଆଁ...

ଆଜି ଆସିଛି ତ ସେ ନିଆଁଲଗା ବରଷା
ହେଲେ ନାହିଁ ତୁମ ସାଥେ ଭିଜିବାର ଆଶା
କୁହ କରିବି କେମିତି କାହାକୁ ଭରସା...
ଧୈର୍ଯ୍ୟ ନାହିଁ ଆଉ ସାଉଁଟିବାକୁ ନିରାଶା...

ରେଭେନସା ବିଶ୍ୱବିଦ୍ୟାଳୟ

@@@@

ବେଦାନ୍ତୀ ପାଇଁ ଲେଖା ପଠାଇବା ପାଇଁ ପ୍ରତି ମାସ ୫ ତାରିଖ ଭିତରେ ହିଁ ମେଲ୍ ଦ୍ୱାରା ଟାଇପ କରି ପଠାନ୍ତୁ । ୫ ତାରିଖ ପରେ ପ୍ରାପ୍ତ ହେଉଥିବା ଲେଖା ଆସନ୍ତା ମାସରେ ହିଁ ପ୍ରକାଶିତ ହେବ ।

ISSN NO.
2582-208X

# ତୃତୀୟ ଭେଟର ଅବଶୋଷ



ଡକ୍ଟର ବିଜ୍ଞାନୀ ଦାସ

କେତେ ଶୀଘ୍ର ଦିନ ସବୁ ବିତି ଯାଉଥିଲା ଯେ ସମୟର ହିସାବ ରଖିବାକୁ ବେଳ ମିଳୁନଥିଲା। ସହଜରେ ତ ଅନେକ କାମ ମଧୁସ୍ମିତା ପାଇଁ ସବୁ ନୂଆ ଥିଲା । ସେସବୁ ଶିଖିବାରେ ଓ ଶିଖି ସାରି କାର୍ଯ୍ୟରେ ପ୍ରୟୋଗ କରିବାରେ ସମୟ ଲାଗୁଥିଲା । ଯେହେତୁ ଡିସେମ୍ବର ମାସରେ ଛୁଟିଦିନ ଆସୁଥିଲା ଓ ଅଧିକାଂଶ ବ୍ୟକ୍ତି ଛୁଟି ନେଇ ପରିବାର ସହିତ ସମୟ ବିତାଇବାର ବ୍ୟବସ୍ଥା କରିଥିଲେ, ସେଥିପାଇଁ ସମସ୍ତେ ସବୁ କାମ ଛୁଟି ନେବା ପୂର୍ବରୁ ସାରିଦେବାକୁ ଚାହୁଁଥିଲେ । ମଧୁସ୍ମିତାର ଦିନରାତି ସବୁ କାମ, କାମରେ ହିଁ ବିତିଗଲା । ଚାକିରି କ୍ଷେତ୍ରରେ ତ ସିଏ ନୂଆ । ପୁରୁଣା ଲୋକମାନେ ସବୁ କିଛି ସହଜରେ ନେଉଥିଲେ । କାମ ବେଳେ କାମ, ଛୁଟି ବେଳେ ଛୁଟି, ହେଲେ ସେସବୁ ମଧୁସ୍ମିତା ପାଇଁ ସମ୍ଭବ ନଥିଲା । ଭବିଷ୍ୟତରେ ଭଲ ଚାକିରି ପାଇବାକୁ ହେଲେ, ଏବେ ତାକୁ କଷ୍ଟ କରିବାକୁ ତ ପଡିବ । ତାପରେ ଏବେ ତ ସିଏ ଏକଲା । ପାଖରେ ସମୟ ଅଛି । ସେ ସମୟର ସଦୁପଯୋଗ କରିବାରେ ହେଳା କାହିଁକି କରିବ ?

ମା' ଫୋନ୍ କରିଥିଲେ । କ୍ରିଷ୍ଟମାସ୍ ସମୟରେ ସିଏ ଘରେ ଗୋଟିଏ ଛୋଟ ପାର୍ଟି ରଖିବାକୁ ଚାହୁଁଛନ୍ତି । ସେଇଟା ଶାନ୍ତନୁ ଭାଇ ଓ ନିଶା ଭାଉଜଙ୍କୁ ସ୍ୱାଗତ କରିବା ପାଇଁ । କେଉଁଦିନ ରଖିଲେ ଭଲ ହେବ ବୋଲି ତାର ପରାମର୍ଶ ମାଗିଥିଲେ । ଶନିବାର ୨୪ ତାରିଖ ନା ରବିବାର ପଚିଶ ତାରିଖ ରଖିଲେ ଭଲ ହେବ । ମଧୁସ୍ମିତା ପଚାରିଥିଲା, "ସେମାନଙ୍କୁ ଜଣେଇଛ ତ ମା' । କାଳେ ସେମାନେ ଆଉ ଅନ୍ୟକିଛି ଯୋଜନା କରିଥିବେ ? ମାନେ, ହନିମୁନ୍ ଯିବେ କି ନିଶା ଭାଉଜଙ୍କ ବାପାଙ୍କ ଘରେ କିଛି ପ୍ରୋଗ୍ରାମ୍ ଥିବ ।'

ISSN NO.
2582-208X


ମା' କହିଲେ, "ହଁ ସେକଥା ମୁଁ ଆଗରୁ ପଚାରିଛି । ସେମାନେ ଜାନୁୟାରୀରେ ହନିମୁନ୍ ଯିବେ ଭାରତ ଭ୍ରମଣ କରିବା ପାଇଁ । ଆରମ୍ଭ କରିବେ ଗୁଜୁରାଟରେ, ଶେଷ କରିବେ ଓଡିଶାରେ । ତେଣୁ ଡିସେମ୍ବର କ୍ରିଷ୍ଟମାସ୍ ସମୟ ଫାଙ୍କା ରଖିଛନ୍ତି। ମତେ ଖାଲି କହ, ତତେ କେବେ ସୁବିଧା ହେବ ।'

"ଶନିବାର ଠିକ୍ ରହିବ । ମୁଁ ଯାଇ ଶୁକ୍ରବାର ରାତିରେ ପହଞ୍ଚିବି ।' – ଏମିତି କହି ମଧୁସ୍ମିତା କଥୋପକୋଥନ ଶେଷ କରିବାକୁ ଭାବିଥିଲା, ହେଲେ ଲାଗିଲା, ମା' ଆଉ କିଛି କହିବାକୁ ଚାହୁଁଛନ୍ତି ।

"ଆଉ କିଛି କହିବ କି ମା', ଏମିତି ପଚାରି ସିଏ ଉତ୍ତର ଅପେକ୍ଷାରେ ରହିଲା ।

"ନାଇଁମ, ତୋ ବାବା କହୁଥିଲେ, ତୁ ଯଦି କିଛି ଗୋଟିଏ ଛୋଟ ଧରଣର କାର୍ଯ୍ୟକ୍ରମ ସେମାନଙ୍କ ପାଇଁ ରଖିପାରନ୍ତୁ । ନହେଲେ ସେଇ ଖାଇବାପିଇବା, ଗପଶପ ହୋଇ ସବୁ ଶେଷ ହେବ ।'

ମା'ଙ୍କ ଠାରୁ ଏମିତି ଶୁଣି ମଧୁସ୍ମିତା ଉତ୍ତର ଦେଲା, "ଏବେ ତ ସମୟ ନାହିଁ । ମୋ ମୁଣ୍ଡ ପୂରା ଭର୍ତ୍ତି ହୋଇ ଅଛି । ମୁଁ ଗୋଟିଏ ସପ୍ତାହ ପରେ ଭାବିବି ଓ ତମକୁ ଜଣେଇବି । ତେବେ ତମେ ସେ ନେଇ ବ୍ୟସ୍ତ ହୁଅନାହିଁ । କିଛିନା କିଛି ତ ହୋଇଯିବ ।'

ମା'ଙ୍କୁ ଏମିତି ଆଶ୍ୱାସନା ଦେଇ ମଧୁସ୍ମିତା ନିଜ ବ୍ୟବସାୟିକ ଦୁନିଆରେ ମଜ୍ଜିଗଲା ।

ଆଜି ୨୦୧୭ ମସିହା ଡିସେମ୍ବର ୨୪ ତାରିଖ, କ୍ରିଷ୍ଟମାସ୍ ଇଭ୍ । ମଧୁସ୍ମିତା ଘରେ ପାର୍ଟି ଚାଲିଥିଲା । ସ୍ୱତନ୍ତ୍ର ଅତିଥି ହେଲେ ଶାନ୍ତନୁ ଭାଇ ଓ ନିଶା ଭାଉଜ । ମା' ଆହୁରି ପନ୍ଦର, କୋଡିଏ ପରିବାରଙ୍କୁ ବି ଡାକିଥିଲେ । ସେସବୁ ପରିବାରଙ୍କ ସହିତ ମଧୁସ୍ମିତାର ବାଲ୍ୟକାଳ ବିତିଛି । ସେମାନେ ସମସ୍ତେ ପରସ୍ପର ସହ ଅତି ଜଡିତ । ସମସ୍ତେ ଗୋଟିଏ ଗୋଟିଏ ଭାରତୀୟ ଉତ୍ସବକୁ ଧରି ନେଇଥାଆନ୍ତି ଓ ସେଇ ଉତ୍ସବ ସେମାନଙ୍କ ଘରେ ହିଁ ପାଳନ କରାଯାଏ । ଯଥା, କୁମ ଆଣ୍ଟିଙ୍କ ଘରେ ଦୀପାବଳି ଉତ୍ସବ, ଶାନ୍ତି ଆଣ୍ଟିଙ୍କ ଘରେ ଥ୍ୟାଙ୍କ୍ସ

ISSN NO.
2582-208X

ଗିଭିଙ୍ଗ୍, ଅର୍ଚ୍ଚନା ଆଣ୍ଟିଙ୍କ ଘରେ ହୋଲି, ଉର୍ବଶୀ ଆଣ୍ଟିଙ୍କ ଘରେ ରଜ ଇତ୍ୟାଦି । ମଧୁସ୍ମିତାର ଘରେ ପ୍ରତିବର୍ଷ କ୍ରିଷ୍ଟମାସ୍ ପାଳନ କରାଯାଏ । ଯଦିଓ କ୍ରିଷ୍ଟମାସ୍ ଭାରତୀୟ ପର୍ବ ନୁହେଁ, ତେବେ ଭାରତରେ ତାହା ବଡଦିନ ଛୁଟି ହିସାବରେ ପାଳନ କରାଯାଏ ଓ ବାବା, ମା'ଙ୍କ ଅନୁଭୂତିରେ ସେ ସମୟରେ ସେମାନେ ବଣଭୋଜି କରନ୍ତି । ଅରୁଣା ଆଣ୍ଟିଙ୍କ ଘରେ ହୁଏ ନୂଆବର୍ଷ ପାଳନ । ଏଇଥିପାଇଁ ତ ମଧୁସ୍ମିତାର ଓଡିଆ ଭାଷା, ସଂସ୍କୃତି ସହିତ ଏତେଟା ପରିଚୟ ରହିଛି । ନହେଲେ, ଏ ବିଦେଶ ଭୂମିରେ କିଏ ବୁଝନ୍ତା ରଜ କଣ, ପିଠା କଣ, ପଖାଳ କଣ, ପଣା କଣ, ପୁଚିଖେଳ କଣ ? ଯଦିଓ ଏବେ ସବୁ ଇଣ୍ଟରନେଟ୍ ଜରିଆରେ ସବୁକିଛି ଜାଣିବାର ସୁଯୋଗ ମିଳୁଛି, ତଥାପି ସବୁ ଉତ୍ସବକୁ ନିଜେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରି ଅନୁଭବ ଦ୍ୱାରା ବୁଝିବାରେ ଯେତେଟା ମଜା, ତାକୁ କଣ ଆଉ ଭିଡିଓରୁ କି ଗୃହପୃଷ୍ଠାର ଲେଖା ପଢି ଅନୁଭବ କରିହେବ ? ସେଥିପାଇଁ ମଧୁସ୍ମିତା ନିଜକୁ ଭାଗ୍ୟବାନ ମନେକରେ । ଆଜି ସବୁ ସେଇ ଅଙ୍କଲ୍ ଓ ଆଣ୍ଟିମାନେ ଓ ସେମାନଙ୍କ ପରିବାର ଲୋକମାନେ ଥିଲେ । ତେବେ ଜଣେ ନୂଆ ପରିବାରକୁ ଦେଖିଲା ମଧୁସ୍ମିତା । ସେମାନେ ନିଶା ଭାଉଜଙ୍କ ସହିତ ଅଧିକ କଥାବାର୍ତ୍ତା ହେଉଥାଆନ୍ତି । ମଧୁସ୍ମିତାକୁ ଦେଖି ନିଶା ପାଖକୁ ଡାକିଲା । କହିଲା, "ସ୍ମିତା, ଇଏ ମୋର ସାଙ୍ଗ ଚାରୁ । ଆଉ ଏମାନେ ହେଲେ ଅଙ୍କଲ୍ ଓ ଆଣ୍ଟି । ଚାରୁର ପିତାମାତା । ଆଉ ଏ ଚାରୁ ନା, ଜଣେ ବଡ କମେଡିଆନ୍ । ତାକୁ ସମସ୍ତଙ୍କ ସହିତ ଟିକେ ପରିଚିତ କରେଇଦିଅ ।'

ମଧୁସ୍ମିତା ସେମାନଙ୍କୁ ନମସ୍କାର ଜଣେଇଲା । ସେମାନେ ଜଳଖିଆ ଖାଇଲେଣି କି ନା ପଚାରିଲା । ସେମାନେ ଜଳଖିଆ ଖାଇସାରିଥିଲେ ଓ ସମସ୍ତଙ୍କ ସହିତ ପରିଚିତ ହେଉଥିଲେ । ମଧୁସ୍ମିତା ଚାରୁଙ୍କୁ ସାଙ୍ଗରେ ଧରି ତାର ଅନ୍ୟସାଙ୍ଗମାନଙ୍କ ପାଖକୁ ଆସିଲା । ପରିଚିତ କରେଇବାକୁ କହିଲା, "ଇଏ ହେଲେ ଚାରୁ ଅପା । ନିଶା ଭାଉଜଙ୍କ ସାଙ୍ଗ ।'

ସେ ଚାରୁଅପାଙ୍କୁ ସମସ୍ତେ "ମେରି କ୍ରିଷ୍ଟମାସ୍' ଜଣେଇଲେ । ଚାରୁଅପା କହିଲେ, "ହଉ, ସମସ୍ତଙ୍କୁ ଜୋସେଫ୍ କ୍ରିଷ୍ଟମାସ୍' । ସମସ୍ତେ କାବା ହୋଇ ଚାହିଁଲେ । ହଠାତ୍ କାହା ମୁଣ୍ଡର କିଛି ପଶିଲାନି । ମଧୁସ୍ମିତା ମୁଣ୍ଡର କିନ୍ତୁ ପଶିଲା । ସିଏ କହିଲା, "ଆରେ, ଯୋଶେଫ୍ କ୍ରାଏଷ୍ଟଙ୍କର ବାପା ତ, ଆଉ ମେରି ମା, ତେଣୁ ସେଇ ହିସାବରେ ଚାରୁଅପା ଜୋକ୍ କଲେ।'

ISSN NO.
2582-208X

ସମସ୍ତେ ହସିହସି ବେଦମ୍ ହେଲେ । ହଠାତ୍ ମଧୁସ୍ମିତା ମୁଣ୍ଡର ଆଉ ଗୋଟିଏ ପ୍ରଶ୍ନ ପଶିଲା। "ଆରେ ଏ ଚାରୁଅପା ଆଉ ଅନୁପର ବଡ ଭଉଣୀ ଚାରୁଅପା ନୁହଁନ୍ତି ତ ? ଯିଏ କୁହନ୍ତି – ମୋରି କଥା କହୁଛୁ.....' । ସେମିତି କଥା ମନେ ପଡିବାରୁ ମଧୁସ୍ମିତାକୁ ଖୁବ୍ ହସ ଲାଗିଲା । ଚାରୁଅପା ପଚାରିଲେ, "ଆରେ ତମେ ସବୁ ହସ ଲଡୁ ଖାଇଛ ନା କଣ ? ଟିକେଟିକେ କଥାରେ ହସିହସି ଗଡିଯାଉଛ ?' । ତାପରେ ମଧୁସ୍ମିତାକୁ ପଚାରିଲେ, "ମତେ ଲାଗୁଛି, ତମେ କେଉଁ ଅନ୍ୟ କାରଣ ପାଇଁ ହସୁଛ । କାହିଁକି ନା, ତମ ହସ ଟିକେ ଅଲଗାଅଲଗା ବାସୁଛି ।'

"ହସ, ପୁଣି ବାସିବ କେମିତି ? ବଡ ଅଜବ ଏ ଚାରୁ ଅପା ।' ନିଜ ମନର କୌତୁହଳ ନିଜ ମନ ଭିତରେ ରଖି ମଧୁସ୍ମିତା ପଚାରିଲା, "ଆଚ୍ଛା ଚାରୁଅପା, ତମେ ତ ନିଶା ଭାଉଜଙ୍କ ବାହାଘର ସମୟରେ ନଥିଲ । ଥିଲେ ତ ବହୁତ ମଜା ହୋଇଥାଆନ୍ତା ।

ଚାରୁଅପା କହିଲେ, "ସେ ସମୟରେ ଆମେ ଚନ୍ଦ୍ରାଲୋକ ଭ୍ରମଣ କରୁଥିଲୁ ଆଉ ମଧୁ ଚାଖୁଥିଲୁ ।'

ସମସ୍ତେ ସ୍ତବ୍ଧ ହୋଇ ପଚାରିଲେ, "ଚନ୍ଦ୍ରାଲୋକ ! ନାଁ ଟା ତ ବଢିଆ ହୋଇଛି । ସେଇଟା କଣ ଗୋଟିଏ ହନି ଟେଷ୍ଟିଙ୍ଗ୍ ଗାର୍ଡେନ୍ । ବାଃ । ନିଶ୍ଚୟ କେଉଁ ଭାରତୀୟ ଲୋକ ଆରମ୍ଭ କରିଥିବ । ନହେଲେ ଫାସିଲିଟିର ନାଁ ଚନ୍ଦ୍ରାଲୋକ କାହିଁକି ଦେବ ?'

ଆଉ କେତେଜଣ ପଚାରିଲେ, "ଆଚ୍ଛା, ସେଟା ୟୁ.ଏସ୍.ଏ. ରେ ନା ଅନ୍ୟ କେଉଁ ଦେଶରେ?'

ଚାରୁଅପା ହସିହସି ଗଡିଗଲେ । "ଆରେ ତମମାନଙ୍କର ଅକଲକୁ, ଜିକେକୁ ମାନିବାକୁ ପଡିବ । ଅସଲରେ ହେଲା, ମୁଁ ସେତେବେଳେ ମୋ ହବିଙ୍କ ସହିତ ହନିମୁନରେ ଯାଇଥିଲି। ଓଡିଆରେ ତାକୁ କଣ କୁହନ୍ତି ଜାଣିଛ, ମଧୁଚନ୍ଦ୍ରିକା । ଆଉ ତମେମାନେ ଭାବିଲ କଣନା, ହନି ଟେଷ୍ଟିଙ୍ଗ୍ ଗାର୍ଡେନ୍ । ହାଃ ହାଃ ହାଃ ।'

ISSN NO.
2582-208X

ଚାରୁଅପାଙ୍କ ହସ ଏତେ ଖୋଲା ରହିଲା କି ସମସ୍ତଙ୍କର କଥାବାର୍ତ୍ତା ସେଇଠି ବନ୍ଦ ହୋଇଗଲା ଓ ସମସ୍ତେ ଚାରୁଅପାଙ୍କ ଆଡେ ଚାହିଁଲେ । ନିଶା ଭାଉଜ ହସିକରି ସମସ୍ତଙ୍କୁ କହିଲେ, "ମୋ ସାଙ୍ଗ ଚାରୁ ଜଣେ ବଡ କମେଡିଆନ୍ । ଛୋଟଛୋଟ କଥାକୁ ମଜେଇକି କୁହେ । କିଛି ତ କହିଛି ନିଶ୍ଚୟ ଏ ପିଲାମାନଙ୍କୁ ।'

ମଧୁସ୍ମିତାକୁ କାହିଁକି କେଜାଣି ଲାଗିଲା, ଇଏ ଅନୁପର ସେଇ ଚାରୁଅପା । ଅନୁପ ତ ନିଶା ଭାଉଜଙ୍କ ବାହାଘର ସମୟରେ କହୁଥିଲା କି ସେ ସମୟରେ ଚାରୁଅପା ହନିମୁନ୍ ଯାଇଥିଲେ ବୋଲି । ତାମାନେ ତାଙ୍କର ବାବା, ମା' ବି ନିଶ୍ଚୟ ଅନୁପର ବାବା, ମା' ହୋଇଥିବେ । ହେଲେ ଅନୁପ କାହିଁକି ସେମାନଙ୍କ ସାଙ୍ଗରେ ନାହିଁ ? ସିଏ କୁଆଡେ ଯାଇଛି ? ଆଉ ଏ ଚାରୁଅପାଙ୍କର ସ୍ୱାମୀ କିଏ ? କେହିତ ସେମିତି ଲାଗୁନାହାନ୍ତି ।'

ମଧୁସ୍ମିତାର ମନ ବୁଝିଲେ କି କଣ, ଚାରୁଅପା କହିଲେ, "ତମେ ଭାବୁଛ ନା, ମୋର ସେ ହନିମୁନ୍‌ର ସାଥୀ କିଏ, ମାନେ ମୋର ହଜ୍‌ବ୍ୟାଣ୍ଡ କିଏ । ସିଏ ମୋ ଭାଇ ସହିତ ଆଉ ଗୋଟିଏ ପାର୍ଟିକୁ ଯାଇଛନ୍ତି । ଏଠିକୁ ଆସୁଆସୁ ତାଙ୍କୁ ଆହୁରି ଘଣ୍ଟାଟିଏ ଲାଗିବ । ତାପରେ ତମେ ତାଙ୍କର ମୁଖଦର୍ଶନ କରିପାରିବ । ହେଲେ ମୁହଁଚାହାଁ କିଛି ରଖିଥିବ । ଖାଲିଖାଲି ଦେଖିବନି ।'

କିଛି ସମୟ ପରେ ନିଶା ଭାଉଜ ଓ ଶାନ୍ତନୁ ଭାଇଙ୍କ ସ୍ୱାଗତାର୍ଥେ ସେମାନେ ସବୁ ସାଙ୍ଗମାନେ ମିଶି ଦୁଇ, ତିନୋଟି ନାଚ କଲେ ଓ ନିଶା ଭାଉଜ ଏବଂ ଶାନ୍ତନୁ ଭାଇଙ୍କୁ ବି ସେଥିରେ ମିଶେଇଦେଲେ । ସମସ୍ତେ ଉପଭୋଗ କରୁଥାଆନ୍ତି । ମଧୁସ୍ମିତାର ବାବା ଏଇ ସମୟରେ ଘୋଷଣା କଲେ, "ଏବେ ତ ସବୁ ଅତିଥି ଆସିଗଲେ । ଚାଲନ୍ତୁ ସମସ୍ତେ ଡିନର୍ ଖାଇବା ଓ ଅବଶିଷ୍ଟ ନାଚ ପରେ କରିବା ।'

ବାବା ଏମିତ କାହିଁକି କହିଲେ ବୋଲି ଭାବୁଭାବୁ, ମଧୁସ୍ମିତା ଦେଖିଲା ଅନୁପ ତାକୁ ଏକଲୟରେ ଚାହିଁଛି । ତାମାନେ ଅନୁପ ଓ ଚାରୁଅପାର ସ୍ୱାମୀ ଆସିଯାଇଛନ୍ତି । ମଧୁସ୍ମିତାର ଆଖିରେ ଆଖି ମିଶିବାରୁ ଅନୁପ ତାର ପାଖକୁ ଆସିଲା ଓ କହିଲା, "ବାଃ ସ୍ମିତା, ତମର ନାଚ ଟ୍ୟାଲେଣ୍ଟର ତ ଉପମା ନାହିଁ । ସତରେ ତମେ ନାଚିଲେ ଗୋଟିଏ କଣ୍ଡେଇ

ISSN NO.
2582-208X

ଭଳି ଦିଶୁଛ । ମଣିଷ ଭଳି ଜମା ବି ଲାଗୁନ । ମାନେ ଏତେ ନମନୀୟତା ତମ ଭଙ୍ଗୀରେ ଯେ ନ ଦେଖିଲେ ବିଶ୍ୱାସ ହବନି । ତମେ କଣ ଜିମ୍‌ନାଷ୍ଟିକ୍ସ୍ କରୁଥିଲ କି ?'

ମଧୁସ୍ମିତା ଧନ୍ୟବାଦ ଜଣେଇ କହିଲା, "ତମ ସହିତ ଏତେ ଶୀଘ୍ର, ଏତେ ଅଳ୍ପ ବ୍ୟବଧାନରେ, ପୁଣି ଆମ ଘରେ ଭେଟ ହେବ ବୋଲି ମୁଁ କେବେବି ଭାବିନଥିଲି । ହେଲେ ଦେଖତ, ଏ ସଂଯୋଗ ।'

ଏହି ସମୟରେ ଶାନ୍ତନୁ ଭାଇଙ୍କ ଘୋଷଣା ଶୁଣାଗଲା । ସିଏ କହିଲେ, "ଏବେ ଆମ ମାନଙ୍କର ଷ୍ଟାର ଡ୍ୟାନ୍‌ସର୍ ଆସି ଯାଇଛନ୍ତି । ସେମାନଙ୍କ ନାଚ ଟିକେ ହେଉ । ତାପରେ ସମସ୍ତେ ଖାଇବା ।'

ସମସ୍ତେ ରାଜିହେଲେ ଓ ଷ୍ଟାର୍ ଡ୍ୟାନ୍‌ସର୍ ମାନଙ୍କ ନାଚ ଦେଖିବାକୁ ଆଗ୍ରହ ସହକାରେ ଅପେକ୍ଷା କରି ରହିଲେ । ଏବେ ନାଚୁଥିଲେ ଅନୁପ ଓ ଚାରୁଅପାଙ୍କ ସ୍ୱାମୀ, ଯାହାଙ୍କ ନାମ ଥିଲା ରୋହନ ଗିଲ୍ । ସିଏ ପଞ୍ଜାବୀ ଥିଲେ ଓ ସେମାନେ ଦୁଇଜଣ ଭାଙ୍ଗରା ନାଚିଲେ । ସତରେ ଏତେ ସକ୍ରିୟ ନୃତ୍ୟ, ନ ଦେଖିଲେ ଜାଣିହେବ ନାହିଁ । ସେମାନଙ୍କର ନାଚରେ ସମସ୍ତେ ଏତେ ବିହ୍ୱଳ ହୋଇଗଲେ ଯେ, କେତେଜଣ ଅଙ୍କଲ୍ ଆସି ସେମାନଙ୍କ ସହିତ ତାଳ ଦେବାକୁ ଚାହିଁଲେ ।

ବାବା କହିଲେ, "ଏ ନାଚ ସରିବାର ନାହିଁ । ତେଣୁ ଆମେ ସମସ୍ତେ ଖାଇନେବା ଓ ପରେ ନାଚ ଚାଲୁ ରହିବ । ଯିଏ ଯେତେ ସମୟ ଷ୍ଟାମିନା ରଖି ନାଚୁଛି, ନାଚୁ । ଥକିଗଲେ ବିଦାୟ ନେବ ।'

ଡିନର୍ ଖାଉଥିବା ବେଳେ, ମଧୁସ୍ମିତା ଯାଇ ଅନୁପକୁ କହିଲା, "ଦେଖ, ଇଏ ଆମମାନଙ୍କର ଆଉ ଗୋଟିଏ ମ୍ୟାଚ୍ ପଏଣ୍ଟ୍ । ମାନେ, ନାଚିବା ଓ ନଚେଇବା ।' ଅନୁପ ଆଖି ମାରିଦେଲା ।

ISSN NO.
2582-208X

ଖାଇବା ପରେ ପୁଣି ନାଚଗୀତ ଚାଲିଲା । ରଙ୍ଗବତୀ ନାଚ ଚାଲିଥିବା ସମୟରେ କିଛି ଅଙ୍କଲ୍, ଆଣ୍ଟି ବି ଆସି ନାଚରେ ସାମିଲ୍ ହେଲେ । ହେଲେ ଏହି ସମୟରେ ଘଟିଲା ଗୋଟିଏ ଦୁର୍ଘଟଣା । ବ୍ରଜ ଅଙ୍କଲ୍, ଯିଏ କି ଟିକେ ବୟସ୍କ, ଅଶୀ ବର୍ଷର ହେବେ ବୋଧହୁଏ, ନାଚୁନାଚୁ ଝୁଣ୍ଟିକରି ପଡିଗଲେ । ପଡିଲେ ତ ପଡିଲେ, ହଠାତ୍ ଚେତାଶୂନ୍ୟ ହୋଇଗଲେ । ସମସ୍ତେ ସ୍ତବ୍ଧ । କଣ କରିବେ, କିଛି କାହାକୁ ବୁଦ୍ଧି ଦିଶୁନି । ଏହି ସମୟରେ ଯେଉଁ ଦୁଇଜଣ ଆସି ବ୍ରଜ ଅଙ୍କଲ୍ଙ୍କ ପାଖରେ ପହଞ୍ଚି ତାଙ୍କ ଶ୍ୱାସପ୍ରଶ୍ୱାସ ପରୀକ୍ଷା କରି ତାଙ୍କ ଯତ୍ନ ନେବା ଆରମ୍ଭ କଲେ, ସିଏ ଆଉ କେହି ନୁହଁନ୍ତି, ସିଏ ହେଲେ ଅନୁପ ଓ ରୋହନ ଭାଇ ।

ମଧୁସ୍ମିତା ସାଙ୍ଗେସାଙ୍ଗେ ୯୧୧ ଡାକିଲା ଓ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିଲା । କିଛି ସମୟ ପରେ ଆମ୍ବୁଲାନ୍ସ୍ ପହଞ୍ଚିଲା ଓ ବ୍ରଜ ଅଙ୍କଲ୍ଙ୍କୁ ସେମାନେ ହସ୍ପିଟାଲ୍ର ଏମରଜେନସୀକୁ ନେଇଗଲେ । ଆମ୍ବୁଲାନ୍ସରେ ଅଙ୍କଲ୍ଙ୍କ ସହିତ ଗଲେ ରୋହନ ଭାଇ ଓ ଚାରୁ ଅପା । ଉଭୟ ଡାକ୍ତର । ଯଦିଓ ସେମାନଙ୍କର ପ୍ରାକ୍ଟିସ୍ ନିୟୁର୍କରେ, ତଥାପି ରୋଗୀ ପାଖରେ ରହିଲେ ସାହାଯ୍ୟକାରୀ ହେବ ବୋଲି ସେମାନେ ଗଲେ । ଅନ୍ୟ ଏକ ଗାଡିରେ ସାଙ୍ଗ ହୋଇ ଗଲେ ଅନୁପ, ମଧୁସ୍ମିତା, ବ୍ରଜ ଅଙ୍କଲ୍ଙ୍କ ପତ୍ନୀ ଶୁଭା ଆଣ୍ଟି । ବାଟସାରା ମଧୁସ୍ମିତା ଶୁଭା ଆଣ୍ଟିଙ୍କୁ ସମ୍ଭାଳି ରଖିଥାଏ । "ତମେ ବ୍ୟସ୍ତ ହୁଅନି ଆଣ୍ଟି । ଅଙ୍କଲ୍ଙ୍କର କିଛି ହେବନି । ତାଙ୍କ ସହିତ ଦୁଇଜଣ ଡାକ୍ତର ଅଛନ୍ତି । ସେମାନେ ସବୁ ରକମର ଯତ୍ନ ନେଉଥିବେ ।'

ଶୁଭା ଆଣ୍ଟି ମନ ଖୋଲିଦେଲେ ଓ କେତେ କଥା ଗପିଗଲେ । ଅଙ୍କଲ୍ଙ୍କର ଆଜିକାଲି ରକ୍ତଚାପ ବଢିଯାଇଛି । ବିଶେଷ କରି ତାଙ୍କ ସାନପୁଅର ବିବାହ ବିଚ୍ଛେଦ ପରେ ଉଭୟ ଭାଙ୍ଗି ପଡିଛନ୍ତି । ସେଥିପାଇଁ ତାଙ୍କ ଦେହ, ମନ କିଛି ବି ଠିକ୍ ରହୁନି । ମଧୁସ୍ମିତା ବୁଝାଉଥାଏ । "ଦେଖ ଆଣ୍ଟି, ପୁଅ, ଝିଅ ବୟସ୍କ ହେବା ପରେ ସେମାନଙ୍କ ବିଷୟରେ ଆପଣମାନେ ଏତେ ଚିନ୍ତା କରି ଲାଭ କଣ ? ଦେଖନ୍ତୁ ତ ଆପଣମାନେ ନିଜ ପିତାମାତାଙ୍କୁ ଛାଡି ନିଜ ଦେଶ ଛାଡି ଏତେ ଦୂରକୁ ଚାଲିଆସିଲେ । ସେତେବେଳେ ତ ଚିଠି ଛଡା ଯୋଗାଯୋଗର ଆଉ କିଛି ମାଧ୍ୟମ ନଥିଲା । ସେମାନେ ତ ଚଳିଲେ । ଆଉ ଏବେ ତ ସବୁ କଥା ତୁରନ୍ତ ହୋଇଯାଉଛି । କ୍ଷଣକରେ ଚାହିଁଲେ ନିଜ ପୁଅ ସହିତ କଥା

ISSN NO.
2582-208X

ହୋଇପାରିବେ । ନାତି, ନାତୁଣୀଙ୍କ ସହିତ ଯୋଗାଯୋଗ ରଖିପାରିବେ । ମନଦୁଃଖ କାହିଁକି କରିବେ ?'

ଅନୁପ ବି ଶୁଭା ଆଣ୍ଟିଙ୍କୁ କେତେ ସବୁ ପ୍ରଶ୍ନ ପଚାରି ତାଙ୍କୁ ବ୍ୟସ୍ତ ରଖୁଥାଏ ।

ଜଣାପଡିଲା, ବ୍ରଜ ଅଙ୍କଲ୍ ସେଦିନ ରକ୍ତଚାପ ମେଡିସିନ୍ ଖାଇବାକୁ ଭୁଲିଯାଇଥିଲେ । ଗରିଷ୍ଠ ଖାଦ୍ୟ ଓ ସାଙ୍ଗସାଥୀଙ୍କ ସହିତ ମଉଜ ମସ୍ତିରେ ଏତେ ଉତ୍ତେଜନା ଆସିଗଲା ଯେ, ଚାପ ବଢିଗଲା ।

ଏମରଜେନ୍ସିରେ ସବୁ ଫର୍ମାଲିଟି ଯଥା ଇନ୍ସୁରାନ୍ସ ଇତ୍ୟାଦି ପୂରଣ କରିବାରେ ମଧୁସ୍ମିତା ସାହାଯ୍ୟ କଲା । ଅନୁପ ଶୁଭା ଆଣ୍ଟିଙ୍କର ଦାୟିତ୍ୱରେ ରହିଲା । ତା' ପରଦିନ ସକାଳ ବେଳକୁ ବ୍ରଜ ଅଙ୍କଲ୍ ଭଲ ହୋଇ ଆସିଲେ । ହେଲେ ହସ୍ପିଟାଲ୍ ରେ ତାଙ୍କୁ ଆଉ ଦୁଇଦିନ ରହିବାକୁ ପଡିବ ବୋଲି ଡାକ୍ତର କହିଲେ । ଏ ଭିତରେ ତାଙ୍କ ପୁଅ, ଝିଅ ସମସ୍ତେ ଆସି ପହଞ୍ଚିଲେ ଓ ତାଙ୍କ ଦାୟିତ୍ୱରେ ରହିଲେ ।

ଚାରୁ ଅପା ଓ ତାଙ୍କ ସ୍ୱାମୀ ସକାଳୁ ନିଜ ହୋଟେଲ୍‌କୁ ଚାଲିଗଲେ । ସେମାନଙ୍କୁ ୧୧ଟା ପୂର୍ବରୁ ଚେକ୍‌ଆଉଟ୍ କରିବା ଥିଲା । ଅନୁପ ଓ ମଧୁସ୍ମିତା ୯ଟା ବେଳକୁ ହସ୍ପିଟାଲ୍ ଛାଡିଲେ । ମଧୁସ୍ମିତା ଅନୁପକୁ ତା' ହୋଟେଲ୍‌ର ଛାଡିବା ବେଳେ କହିଲା, "ଇଏ ବି ଆମର ଆଉ ଗୋଟିଏ ମ୍ୟାଚ୍ ପଏଣ୍ଟ । ପରିସ୍ଥିତିକୁ ସମ୍ଭାଳିନେବା । ତମକୁ ଧନ୍ୟବାଦ । ତମେ ଆମର ଅତିଥି ହୋଇ ଆସିଥିଲ । ହେଲେ ଏତେବଡ ଦୁର୍ଘଟଣା ସମୟରେ ସାଥୀରେ ରହିଲ । ସେଇଟା ବହୁତ ବଡ କଥା ।'

ଅନୁପ ହସିଲା । "ଆମର ଏଇ ଭେଟ ସ୍ମରଣୀୟ ହୋଇ ରହିବ । ମୁଁ ବି ତମକୁ ଦେଖିଲି । ଅନ୍ୟମାନଙ୍କ ଭଳି ବିଚଳିତ ନହୋଇ ତମେ କେମିତି ହଠାତ୍ ୯୧୧ ଡାକିଦେଲ । ତମର ଏ ବୁଦ୍ଧି ତତ୍ପରତା ଅତି ଚମତ୍କାର ।'

ISSN NO.
2582-208X


ମଧୁସ୍ମିତା କହିଲା, 'ଏ ବୁଦ୍ଧି ତତ୍ପରତା ପାଇଁ ଆମମାନଙ୍କୁ ତ ବର୍ଷରେ ଥରେ ଲେଖାଏଁ ସ୍ୱତନ୍ତ୍ର ତାଲିମ୍ ନେବାକୁ ପଡୁଛି । ଦୁନିଆ ଯାହା ହେଲାଣି, କେଉଁ ମୁହୂର୍ତ୍ତରେ କିଛି ଘଟିଯାଇ ପରିସ୍ଥିତିକୁ ସଂପୂର୍ଣ୍ଣ ଭାବେ ବଦଳାଇଦେବା ଏକ ସ୍ୱାଭାବିକ ଘଟଣା ହୋଇଗଲାଣି। କ୍ଲାସ୍‌ରୁମ୍ ଶୁଟିଙ୍ଗ୍ ଠାରୁ ଆରମ୍ଭ କରି ବମ୍ ଫୁଟିବା ସବୁ ନିତିଦିନିଆ କଥା ହୋଇଗଲାଣି ।'

ମଧୁସ୍ମିତା ପୁଣି ଜଣେଇଲା, 'ଚାରୁ ଅପାଙ୍କୁ ତ ଟିକେ ଜାଣିଲି । ହେଲେ ତମ ବାବା, ମା'ଙ୍କ ସହିତ ଅଧିକ ମିଶିପାରିନି । ହୁଏତ ଆଉ କେବେ ଭେଟିବି ।'

ଅନୁପ ଉତ୍ତରରେ କହିଲା, "ମୋର ବି ସେଇ ଅବଶୋଷ ରହିଗଲା । ତମ ବାବା, ମା'ଙ୍କୁ ଦେଖିଲି । ସେମାନଙ୍କ ସହିତ ଭଲ ଭାବେ ପରିଚିତ ହେବା ପୂର୍ବରୁ ଏମିତି ଦୁର୍ଘଟଣା ଘଟିଗଲା । ହେଲେ ଏ ଯେଉଁ ଅବଶୋଷ ରହିଲା ନା, ସେଥିପାଇଁ ଖୁବ୍ ଶୀଘ୍ର ଆମମାନଙ୍କର ଆଉଥରେ ନିଶ୍ଚୟ ଭେଟ ହେବ ବୋଲି ମୋ ମନ କହୁଛି ।'

ମଧୁସ୍ମିତା ନିଜ ଗାଡି ଷ୍ଟାର୍ଟ କରୁକରୁ ସେଇଆକୁ ଦୋହରାଇଲା, "ହେଲେ ଏ ଯେଉଁ ଅବଶୋଷ ରହିଲା ନା, ସେଥିପାଇଁ ଖୁବ୍ ଶୀଘ୍ର ଆମମାନଙ୍କର ଆଉଥରେ ନିଶ୍ଚୟ ଭେଟ ହେବ ବୋଲି ମୋ ମନ କହୁଛି ।'

ରଦର୍‌ଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ନୂଆ ଘର ଖଣ୍ଡି ଦିନେ ପୁରୁଣା ହେବ



ଡ. ପ୍ରସନ୍ନ କୁମାର ବଳ

ନୂଆ ଘର ଖଣ୍ଡି ଦିନେ ପୁରୁଣା ହେବ,
ସଜ ଫୁଲ ପୁଣି ସତେ ମଉଳ ଯିବ ।୧।

ଜୀବନର ଚକ୍ର ସତେ ମହା ବିଷମ,
ସମୟତ ବଳବାନ ଏହା ନିୟମ ।୨।

ମନେପଡେ କାଲି ପରି ପୁରୁଣା ଅତୀତ,
ଦୁଃଖ ଦିଏ ମନେ ତେ ତାର ସଂଗୀତ ।୩।

ଜୀବନ ସଙ୍ଗୀତ ଏ ଅତି ମଧୁର,
ଗାଇ ଗ୍ଲିଥିବା ଆମେ ହୋଇ ଅଧୀର ।୪।

ଦୁଃଖ ଦିଏ ଭାବିଦେଲେ ସେଇ ମୁହୂର୍ତ୍ତ,
ଗ୍ଲିଗଲା କପରି ସେ ଏଇ ଏ ଦୁଃଖ ।୫।

କାଲିପରି ମନେପଡେ ବାଲ୍ୟ ଅବସ୍ଥା,
ଏତେ ଶିଘ୍ର ପହଞ୍ଚିଲା ବୃଦ୍ଧ ଅବସ୍ଥା ।୬।

ISSN NO.
2582-208X


ଥାଆନ୍ତା କ "ଅନ୍ ଡୁ ବଟନ୍" ହାତେ ମୋହର,
"ଅନ୍ ଡୁ" କରି ଫେରି ପାନ୍ତ ସଂସାର ମୋର ।୭ ।

ବାପା, ମାଆ ମୋର ପୁଣି ଫେରି ଆସନ୍ତେ,
ମୋର ବଡ ପିଲା ମାନେ ଛୋଟ ହୁଅନ୍ତେ ।୮ ।

ସୁନ୍ଦର ସଂସାର ଆମ ପୁଣି ଖେଳନ୍ତା,
ଆନନ୍ଦେ ସୁଖରେ ମନ ପୁଣି ନାଚନ୍ତା ।୯ ।

ହେଲେ ତ ବିଧିର ପୁଣି ଅନ୍ୟ ବିଗ୍ଚର,
"ଫରୱାର୍ଡ୍ ବଟନ୍" ରେ ଗ୍ଚଲେ ସଂସାର ।୧୦ ।

ଏତିକ ମିନତୀ ପ୍ରଭୁ ତୋ ପାଦତଳେ,
ରଖିଥା ତୁ ସଂସାରକୁ ତୋର କୃପାରେ ।୧୧ ।

ନୂଆ ଘର ଖଣ୍ଡି ବରଂ ପୁରୁଣା ହେଉ,
ହେଲେ ତୋ ଆଶିଷ ଧାର୍ ବନ୍ଦ ନ ହେଉ ।୧୨ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ISSN NO.
2582-208X

# ଜୀବନ ଏକ ସାପଶିଡ଼ି ଲୁଡୁ ଖେଳ



ଶଶଧର ମହାପାତ୍ର

ସେ କଳା ଶ୍ରୀମୁଖ ବାରି ହୋଇଯାଏ
ମାନେ ନାହିଁ ଦିନରାତି
ଓଁକାର ଶବଦ ଉଚ୍ଚାରଣ ପଛେ
ଲୁଚିଥାଅ ତୁମେ ଯେମିତି
ଏତେ ପାଗଳ ହୁଅ କେମିତି ?
ଶ୍ରୀମନ୍ଦିର ଛାଡ଼ି ଆସିଯାଅ ତୁମେ
ଯେଉଁଠି ମିଳୁଛି ଭକତି ।।
ଗୀତ ଗୋବିନ୍ଦ ଶୁଣୁଥିଲ କାଳେ
ବାଇଗଣ କିଆରିରେ
ବିଚାରୀ ଝିଅଟା ଗାଇଚାଲିଥିଲା
ବୁଲିବୁଲି ଆନନ୍ଦରେ
ଚୋରଟିଏ ଭଳି ଲୁଚି ଶୁଣୁଥିଲ
କଣ୍ଟା ଲାଗିଲା ଦେହରେ
ପଣ୍ଡାମାନେ ଦେଖି ବିଚଳିତ ହେଲେ
ରକ୍ତ ଦେଖି ବସ୍ତ୍ରଟିରେ ।।

ISSN NO.
2582-208X

ଭାବ ସାଗରରେ ବୁଡ଼ି ରହିଅଛ
ଯୁଗଯୁଗ ଭାବଗ୍ରାହୀ
ଭାବରେ ବିଭୋର ହୋଇ ଯିଏ ଡାକେ
ତୁମର ନିଜର ସେହି
ଜାତି, ଧର୍ମ, ବର୍ଣ୍ଣ ଫରକ ପଡ଼େନା
ତୁମପାଇଁ ମହାବାହୁ
ଭକତ ଡାକକୁ କାନଡେରି ଶୁଣି
ଉଭା ହୁଅ କହୁକହୁ ।।
'କରୋନା' କାଳରେ ଟଳି ପଡୁଛନ୍ତି
କେତେ ରଥୀ ମହାରଥୀ
ଏ ଯାହା ଘଟୁଛି ଯଦି ତୁମ ଇଚ୍ଛା
ଲୋକେ ବିଶ୍ୱାସ କରିବେ କେମିତି ?
ତୁମପାଇଁ ଛାଡ଼ିଯିବ ଭକତି
ପ୍ରତାରଣା ଛାଡ଼ି ଚକ୍ର ପେଷିଦିଅ
ଲିଭିଯାଉ ଅମାରାତି ।।
ଯେଉଁ ଡାଳ ଆଡ଼େ ବଢ଼ାଇଲେ ହାତ
ଭାଂଗିଯାଏ ସେହି ଡାଳ
କାଲି ଯିଏ ଥିଲେ ସେଲିବ୍ରିଟି ପ୍ରଭୁ
ଆଜି ହାତେ ଭିକ୍ଷାଥାଳ
ଚାରିଆଡ଼େ ମଢ଼ ମାଳମାଳ
ତୁମପରି ପ୍ରଭୁ ଥାଇ କି କାମ ?
ଯଦି ଏ କରୋନା ଖେଳ ।।

ISSN NO.
2582-208X

କିଏ ବିକୁଅଛି ପରିବା ହାଟରେ
କିଏ ବିକେ ରାସ୍ତାକଡ଼େ
ଜୀବନ, ଜୀବିକା ହରେଇବା ଦୃଶ୍ୟ
ଦେଖିଦେଲେ କାନ୍ଦମାଡ଼େ
ସ୍ୱପ୍ନ ଚାଲିଯାଏ ବାଡ଼ିକଡ଼େ
ସାପ ଶିଡ଼ି ଲୁଡୁ ଖେଳରେ ବାଇନ
ତଳକୁ ହିଁ ଖସିପଡ଼େ ।।

(ଅଗଣିତ ଲୋକ କରୋନା ଦ୍ୱାରା ସଂକ୍ରମିତ ହୋଇ ଏବେ ସୁଦ୍ଧା ପ୍ରାଣ ହରେଇଲେଣି । କୁଆଡ଼େ ଅଛନ୍ତି ଆମର ବଡ଼ ଠାକୁର ? ଯାହାସବୁ ଘଟୁଛି କ'ଣ ତାଙ୍କରି ଇଚ୍ଛାରେ ?)

ହିଡେନ୍ ଭଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ବିଶ୍ୱାସ



ଶାନ୍ତିଲତା ମିଶ୍ର

ଆଜିକୁ ହୁଏତ ଅନେକ କିଛି ବର୍ଷ ବିତି ଗଲାଣି "ଗିରିଶ' କୌଣସି ମନ୍ଦିର ଆଡେ କେବେଠୁ ଯାଇନଥିଲା । ଆଜି ମନଟା ବହୁତ ଉଦାସ ଲାଗିବାରୁ କୋଉଠି ମନ ନଲାଗିବାରୁ ମନ୍ଦିର ଆଡେ ଟିକେ ଚାଲି ଆସିଲା । କିନ୍ତୁ ମନ୍ଦିର ଗୃହ ଭିତରକୁ ଯାଇ ଠାକୁର ଦର୍ଶନ କରିବାକୁ ଇଛା ହେଲାନି । କାରଣ ବହୁତ ଅଭିଯୋଗ, ଅଭିମାନ ଅଛି ତାଙ୍କ ଉପରେ । ତେଣୁ ଭିତରକୁ ନଯାଇ ବେଢା ଭିତରେ ଥିବା ବଉଳ ଗଛ ମୂଳ ଚାନ୍ଦିନୀ ଉପରେ ବସିଗଲା । ଭଲ ପବନ ଦଉଛି । ଗାମୁଛା ବିଛେଇ ଦେଇ ଗଡି ପଡିଲା ଟିକେ ।

ମନ୍ଦିର ଭିତରକୁ ଯାଇ ଠାକୁର ଦର୍ଶନ କରିବାକୁ ଟିକେ ଇଛା ଥିଲେ ବି ତାକୁ ଲାଗେ ସେ ପଥର ମୂର୍ତ୍ତୀରେ ଗଢା ଭଗବାନ କହୁଛନ୍ତି "ରେ ମୁର୍ଖ ମଣିଷ ! ତୋ ଭାଗ୍ୟରେ ମୁଁ ଯାହା ଲେଖି ଦେଇଛି ତାହା ଅପରିବର୍ତ୍ତନୀୟ । ତୁ ମତେ ଯେତେ ପ୍ରାର୍ଥନା କରିବୁ କର । ଯେତେ ମୋ ନାମରେ ଗୀତ ଲେଖିବୁ ଲେଖେ, ଯେତେ ଦିନ ରାତି ବସି ଭଜନ ଗାଇବୁ ଗା, ମୋ ମନ କିନ୍ତୁ କେବେ ପରିବର୍ତ୍ତନ ହେବ ନାହିଁ । ତୋ ଇଛା ଅନୁସାରେ ମୁଁ ଚଳିବିନି । ଯେତେବେଳେ ମୋର ଯାହା ଇଛା ହେବ ମୁଁ ତା କରିବି । ମୋର ମନ କେବେ କାହା ଅନୁରୋଧରେ ପରିବର୍ତ୍ତନ ହୋଇ ନି କି ହେବ ନାହିଁ ।'

ଯଦି ଭଗବାନଙ୍କର ଏପରି ମନୋବୃତ୍ତି ତେବେ ତାଙ୍କୁ ଯାଇ କିଛି ଗୁହାରି କରିବାର ମାନେ ନାହିଁ । ସେ ତ ଆଜିକୁ ଦଶ ବର୍ଷ ହୋଇ ଗଲାଣି ଏକ ଚାକିରୀ ମାଗି ମାଗି ଥକିଗଲା ପରେ ନିରାଶ ହୋଇ ଆଉ ମନ୍ଦିର ଆଡେ କେବେ ଆସି ନଥିଲା । ଆଜି ଆସି ଥିଲେ ବି ଠାକୁର ଦର୍ଶନ ନକରି ଫେରି ଯିବ ବୋଲି ଭାବି ନେଇଛି । କାରଣ ସେ ମୂର୍ତ୍ତୀ ମାନଙ୍କ

ISSN NO.
2582-208X

ଆଖିକୁ ସେ ଚାହିଁ ପାରେନା । ସେଥିରେ ସବୁ ତା ପାଇଁ କଣ ସବୁ ଲେଖା ହୋଇଛି ସେ ଭଲ ଭାବରେ ପଢି ପାରେ ।

ହଠାତ୍ ତା ସାମନାରେ ଜଣେ ବୟସ୍କ ଲୋକ ମନ୍ଦିର ପାହାଚ ଚଢୁ ଚଢୁ ଝୁଣ୍ଟି ପଡି ଗଡି ଗଡି ଆସି ତଳେ ପଡିଗଲେ । ଉଠି ପାରୁ ନାହାଁନ୍ତି । ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଗିରିଶର ଆଖି ପଡିବା ମାତ୍ରେ ସେ ଯାଇ ତାଙ୍କୁ ଉଠେଇ ନିଜ କାନ୍ଧ ଉପରେ ଭାରା ଦବାକୁ କହି ତାଙ୍କୁ ଆଣି ବଉଳ ଗଛ ମୂଳ ଚାନ୍ଦିନୀ ଉପରକୁ ନେଇ ଆସିଲା ।

ଗୋଟେ ଗୋଡ ମକଚି ହୋଇ ଯାଇଥିବାରୁ ଚାଲିବା ତାଙ୍କ ପକ୍ଷେ ସମ୍ଭବ ନଥିଲା ।କିଛି ସମୟ ତାଙ୍କ ଗୋଡକୁ ଘଷା ଆଉଁଶା ଗିରିଶ କରିବାକୁ ଆରମ୍ଭ କରିଦେଲା ତା ପରେ ତା କାନ୍ଧରେ ଭରା ଦେଇ ଚାଲିବାକୁ କହିଲା ଓ ମନ୍ଦିର ବାହାରକୁ ଆସି ଅଟୋ ଡାକି ତାଙ୍କୁ ଆଣି ଘରେ ଛାଡି ଦେଇ ଗଲାବେଳକୁ "ବୀର'ବାବୁ କହିଲେ ବାପା ଆଜି ଦିନକ ମୋ ପାଖରେ ରହି ପାରିବୁ !

ଆଜି ରବିବାର ଘରେ କାମ କରୁଥିବା ଲୋକ "ମୂରଲୀ' ଛୁଟିରେ ଅଛି । କାଲି ସକାଳୁ ଆସିଯିବ । ରାତିକ ରହି ପାରିଲେ ଭଲ କଥା । "ଆପଣ କଣ ବାବୁ ଘରେ ଏକା ରୁହନ୍ତି । ଆପଣଙ୍କର ଆଉ କେହି ନାହାଁନ୍ତି ? ଗିରିଶ୍ ପଚାରିଲା । "ହଁ ମୁଁ ଏକା ରହେ କିନ୍ତୁ ଗୋଟିଏ ପୁଅ ସେ ବିଦେଶରେ ରୁହେ, ସ୍ତ୍ରୀ ପାଞ୍ଚ ବର୍ଷ ତଳୁ ଚାଲି ଯାଇଛନ୍ତି ।' ଗିରିଶ ରାସ୍ତାରେ ଆସିଲା ବେଳେ ତା ନିଜ ଜୀବନର କାହାଣୀ ବୀର ବାବୁଙ୍କୁ ଶୁଣେଇ ସାରିଛି । ରହିବାରେ ତାର କିଛି ଆପତ୍ତି ନାହିଁ । ଅନ୍ୟ ଲୋକ ମାନଙ୍କର ଦାଣ୍ଡ ବାରଣ୍ଡା ତାର ଶୋଇବା ଯାଗା । ଏଠିତ ଖଟ ଶେଯ ପଡିଥିବା ଗୋଟେ ବଖରା ମିଳିଗଲା । ଏ ସୁଯୋଗ କିଏ ଛାଡେ । କେତେ ଯୁଗର ନିଦ ସେ ଆଜି ପୂରଣ କରିବ ।

ଗିରିଶ ବି ଏ ସଂସାରରେ ଏକାକୀ । ବାପ ମା ସେ ଦଶମ ଶ୍ରେଣୀରେ ପଢିଲା ବେଳେ ଚାଲି ଯାଇଥିଲେ । ବହୁତ କଷ୍ଟରେ ଏଠି ସେଠି ଟ୍ୟୁସନ କରି ସେ ମ୍ୟାଟ୍ରିକ ପରୀକ୍ଷା ଦେଇ କଲେଜରେ ବର୍ଷେ ମାତ୍ର ପଢି ପାରିଛି । ଦଶ ବର୍ଷ ହେଲାଣି ଚାକିରୀ ଖୋଜି ଖୋଜି ଥକି ସାରିଛି । ସେ ପରିବା ଫୁଲ ଫଳ ଯାହା ଯୋଉଠୁ ପାଏ ତାକୁ ବିକ୍ରି କରି ପେଟ ପୋଷେ ।

ISSN NO.
2582-208X

ଖାଇ ପି ସାରିଲା ପରେ ସେଥିରୁ କିଛି ବଞ୍ଚେନି । ଭାବୁଥିଲା ଛୋଟିଆ ଦୋକାନ ଟିଏ ଖୋଲି ବସିବି କିନ୍ତୁ ଟଙ୍କା କିଛି ବଳେ ନାହିଁ ସିମୀତ ରୋଜଗାରରୁ ।

ସେଦିନ ରାତିରେ ମୂରଲୀ ଯାହା ରୋଷେଇ କରି ରଖି ଦେଇ ଯାଇଥିଲା ଗିରିଶକୁ କହିଲେ ବୀର ବାବୁ ଆଣିବାକୁ ସେତକ ସେମାନେ ଦୁଇ ଭାଗ କରି ଖାଇ ରାତିରେ ଶୋଇ ଯାଇଥିଲେ । ସକାଳୁ ଉଠି ବୀର ବାବୁ ତାଙ୍କ ଡାକ୍ତର ବନ୍ଧୁଙ୍କ ପରାମର୍ଶ କ୍ରମେ କିଛି କ୍ରିମ୍ ଗିରିଶ ହାତରେ ମଗେଇ ତାକୁ ଗୋଡରେ ମାଲିସ କରିବାକୁ କହିଲେ ଓ ବଜାରରୁ ଖାଇବା ମଗେଇ ଦୁଇ ଜଣ ସେଦିନ ଖାଇଲେ । ତାପର ଦିନ ମୂରଲୀ ଆସିଗଲା କାମକୁ । ଗିରିଶ ଏବେ ବିଦାୟ ମାଗିଲା କିନ୍ତୁ ବୀର ବାବୁ କହିଲେ ନା ଏତେ ଶିଘ୍ର ନୁହେଁ । ମୁଁ ତୁମକୁ ମୋ ବଗିଚାର ରକ୍ଷଣା ବେକ୍ଷଣା କାମ ଦେବାକୁ ଚାହେଁ ।

ଘରର ପଛ ପଟେ ମୋର ଗୋଟିଏ ଛୋଟିଆ ବଗିଚା ଅଛି । ମୁଁ ମୋ ବଗିଚା କାମ ନିଜେ କରେ । ପରିବା ଫୁଲ ସବୁ ଲଗାଏ । ମୋର ସେଥିରେ ସମୟ ପାସ୍ ହୁଏ । କିନ୍ତୁ ମୁଁ ଏସବୁ କରିବା ଅବସ୍ଥାରେ ନାହିଁ । ତେଣୁ ସେ ସବୁର ଯତ୍ନ ଆଜି ଠାରୁ ନିଅ ଓ ଫୁଲ ପରିବା ଯାହା ଉତ୍ପାଦନ କରିବ ସେ ସବୁକୁ ବଜାରରେ ବିକ୍ରି କରି ଟଙ୍କା ନିଜ ପାଇଁ ସଞ୍ଚୟ କର । ଯେ ପର୍ଯ୍ୟନ୍ତ ତୁମେ ନିଜର ବ୍ୟବସାୟ ନିଜେ ଖୋଲିବାକୁ ସକ୍ଷମ ହୋଇ ନାହଁ । କଣ କହୁଛ ଗିରୀଶ ।

ବାଡି ପଟ ବଗିଚାକୁ ଯାଇ ଗିରୀଶ ମନ୍ତ୍ର ମୁଗଧ । ଆଖିରୁ ଲୁହ ଝରି ଆସିଲା । ତା ଅଭିମାନକୁ ସମ୍ମାନ ଦେବା ପାଇଁ ଭଗବାନଙ୍କର ଏକ ନୂଆ କିଛି ଏ ଚାଲାକି ଥିଲା ପରି ତାର ମନେ ହେଲା । ଏତେ ବଡ ଦୟା, ଏତେ ସବୁ କୃପା କୋଉଠି ଲୁଚେଇ ରଖିଥିଲେ ଭଗବାନ ତା ପାଇଁ । ତା ପରଠୁ ସେ ସବୁ ରବିବାର ସକାଳୁ ବୀର ବାବୁଙ୍କ ସହିତ ମନ୍ଦିର ଯାଏ । ସେ ଆଗରୁ ଭଗବାନଙ୍କ ଆଖିରୁ ଯାହା ସବୁ ପଢିଥିଲା ତାହା ସବୁ ମିଛ ଥିଲା ବୋଲି ତାର ମନେ ହୁଏ । ତା ନିଜର ମନଗଢା କପୋଳ କଳ୍ପିତ କାହାଣୀ ମାତ୍ର ଥିଲା । ଏବେ ତ ସେ ଆଖିରୁ କେବଳ କରୁଣାର ବାରି ଧାରା ଝରୁ ଥିବାର ମନେ ହୁଏ ।

ISSN NO.
2582-208X

ସେ ବୀର ବାବୁଙ୍କ ବାରଣ୍ଡାରେ ଏକ ଫୁଲ ଦୋକାନ ଖୋଲି ବସିଗଲା । ବେଶ ବିକ୍ରି ହେଲା। ଟଙ୍କା ବି ସେ ବେଶ କିଛି ସଞ୍ଚୟ କରି ସାରିଲାଣି କିନ୍ତୁ ସେ ବୀର ବାବୁଙ୍କୁ ଛାଡି କୁଆଡେ ଯିବାକୁ ଚାହୁଁ ନଥିଲା । ତାଙ୍କରି ସେବାରେ ସେ ନିଜ ଜୀବନକୁ ଧନ୍ୟ କରିବ । ଗିରୀଶ ପାଇଁ ବୀର ବାବୁ ଥିଲେ ଦ୍ୱିତୀୟ ଦେବତା ।

ବୀର ବାବୁ ବି ଆସି ବାହାର ବାରଠାରେ ଚୌକି ଟିଏ ପକେଇ ବସି ଗିରିଶର କାର୍ଯ୍ୟ କଳାପ ଦେଖନ୍ତି । ତାର କିଛି ଗରାଖ ମାନଙ୍କ ସଙ୍ଗେ କଥା ବାର୍ତ୍ତା କରନ୍ତି । ତାଙ୍କର ବି ଭଲ ସମୟ ବିତି ଯାଏ । ବୀର ବାବୁ ମନେ ମନେ ଭାବନ୍ତି ପରସ୍ପରକୁ ସାହାଯ୍ୟ କଲେ କ୍ଷତି କଅଣ । ସବୁବେଳେ ପିଲା ମାନଙ୍କ ଉପରେ ନିର୍ଭର କରି ସେମାନଙ୍କୁ ହଇରାଣ କରିବା ଠିକ ନୁହେଁ କି ସେମାନଙ୍କ ଉପରେ ଅଭିମାନ କରିବା ଠିକ ନୁହେଁ ।

ଏ ସଂସାରରେ ଅନେକ ଲୋକଙ୍କର ଅନେକ ପ୍ରକାରର ଆବଶ୍ୟକତା ରହିଛି । ଯଦି ପାର କାହାର ଆବଶ୍ୟକତା ପୂରଣ କରି ପାରିଲେ ସେ ବି ତୁମର କରି ପାରିବ । ଏ ସଂସାରରେ କେହି କାହାର ନୁହେଁ ପୁଣି ଅନ୍ୟ ଦୃଷ୍ଟିରେ ଦେଖିଲେ ସମସ୍ତେ ଆପଣାର । ଖାଲି ଆପଣେଇ ପାରିଲେ ହେଲା ।

ରଚେଷ୍ଟର, ମିନେସୋଟା

ISSN NO.
2582-208X

# ନୀଳକନ୍ଦର ସୁନ୍ଦର



ଜୟନ୍ତୀ ଦେବୀ

ନୀଳକନ୍ଦର ସୁନ୍ଦର ଦାମୋଦର
ଗର୍ବଗଞ୍ଜନ ବଳୀର ।
ନବ ଜଳଧର ରୂପ ବିଶ୍ୱମ୍ଭର
ଦାତା ସେ ଚଉବର୍ଗର ।୧।

ନୟନାଭିରାମ ପୁରୁଷଉତ୍ତମ
ପ୍ରାଣପ୍ରିୟ ଭକତର ।
ନିମ ଦାରୁରେ ତା ଶରୀର ନିର୍ମାଣ
ବକ୍ଷେ କଉସ୍ତୁଭ ହାର ।୨।

ନମାମି ଗୋବିନ୍ଦ ପରମ ଆନନ୍ଦ
କରୁଣା ସିନ୍ଧୁ ଶ୍ରୀଧର ।
ନାଶକର ଦଣ୍ଡ ଖଣ୍ଡନ ନିମନ୍ତେ
ବିଜେ ନୀଳ କନ୍ଦରର ।୩।

ISSN NO.
2582-208X

ନଖକୋଣୁ ଶ୍ରୀ ପଦୁଁ ଗଙ୍ଗା ବାହାରି
ପାବନ କରେ ସଂସାର ।
ନବ ଯଉବନ ବେଶ ଦେଖି ତାର
ଜୀବନ ସାର୍ଥକ କର ।୪।

ନକରିଣ ଡେରି ଜପ ନରହରି
କଳା ମୁଖ କଳାକର ।
ନରହିବ ଭବ କଷଣ ଶ୍ରୀକୃଷ୍ଣ
ନାମକୁ କଲେ ସୁମର ।୫।

ମହୁ, ଆଳ, କେନ୍ଦ୍ରାପଡା
ଦୂରଭାଷ-୮୮୯୫୪୫୦୧୧୦

%%%

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ଘର ସଂସାର



ପୁଷ୍ପାଞ୍ଜଳି ପଣ୍ଡା

ଡାଡି କହୁଥିଲେ ଜେଜେଙ୍କୁ
ଡାକ ସବୁ  ପୁଅ ଝିଅଙ୍କୁ
ଦି ବରଷ ହେବ ମୋ ପାଖେ ରହିଛ
ଯାଅ ସାନପୁଅ ପାଖକୁ।।

ଜମି ବାଡ଼ି ଭାଗ ଖାଇବେ
ମୋ ପାଖେ ତୁମକୁ ରଖିବେ
ଘୁଅ ମୁତ କାମ ମୋ ସ୍ତ୍ରୀ କରୁଛି
ପଛେ ତା ନାରେ କହିବେ।।

ଦେଖିବାକୁ ଯିଏ ଆସୁଛି
ଯାହା ଭଲମନ୍ଦ ଆଣୁଛି
ଯଦି ପିଲ୍ମାନେ ଖାଇଦେଲେ ଦିନେ
ତମ ଭାଗ କମିଯାଉଛି।।

ଘରେ ନାଟ କେତେ ଶୁଣିବି
ସବୁ ଭାଇ ଭଉଣି ଙ୍କୁ କହିବି
ହୋ ହାଲ୍ଲ କରି କମ୍ପଉଛ ଘର
ମୋ ସ୍ତ୍ରୀ ସଦାବେଳେ କାନ୍ଦୁଛି।।

ISSN NO.
2582-208X

ଜେଜେ ସୁଁ ସୁଁ ହୋଇ କହିଲେ
ମୋ କଥା ଶୁଣୁ ତୁ ପହିଲେ
ପଡିଶା ଘରର ପଡୋସିନୀ  ଆସି
ସଦାବେଳେ ଘରେ ପଶୁଛି।।

ନଦେଖିଲା କଥା ଦେଖିକ
ପଥର କରିଛି ଛାତିକ
ଛାଡ଼ି ଦେଇ ଆ ବୃଦ୍ଧା ଶ୍ରମରେ
ଭିକାରୀ ମା ସେଠି ରହିଛି।।

ନାତିଶୁଣି କହେ ପିତାଶ୍ରୀ
ଭଲନୁହେଁ ମୋର ମାତାଶ୍ରୀ
ବୁଢ଼ା ଜେଜେ ସହ ଝଗଡା ଲଗାଏ
ମୁଁ ପର୍ ସବୁ ଦେଖିଛି।।

ପୁଅର କଥାରେ କମିଆଁ
କରିଗଲ୍ ବୋଲି ସନଆଁ
କ୍ଷମା ମାଗିନେଇ ସ୍ତ୍ରୀକୁ ବୁଝାଇ
ଘର ସଂସାରକୁ ଜଗିଛି।।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

ISSN NO.
2582-208X

# ତରଙ୍ଗ



ସଂଯୁକ୍ତା ସାହୁ

ସାଗରର ତରଙ୍ଗ ଭଳି
ଜୀବନର ଭାଗ୍ୟ ବଦଳୁଥାଏ
ତରଙ୍ଗ କୂଳକୁ ଆସି ଫେରିଯାଏ
ସମୟର ପରିବର୍ତ୍ତନ ଘଟୁଥାଏ
ଜାଣିହୁଏନି କିଏ ଠିକ କିଏ ଭୁଲ
ସ୍ୱପ୍ନକୁ ଧରିହୁଏନାହିଁ ସହଜରେ
ଅନ୍ଧାର, ଆଲୋକରେ ଭିତରେ ରହି
ବାଟବଣା ହୋଇ ଚାଲୁଥାଉ
ତରଙ୍ଗକୁ କଣ ଅଟକାଇ ହୁଏ
କୂଳକୁ ଛୁଇଁ ପୁଣି ଫେରିଯାଉଥାଏ
ତା ଭାଗ୍ୟର ଡୋରୀକୁ ନେଇ
ସେମିତି ଭାଗ୍ୟର ତରଙ୍ଗ ଲୁଚୁକାଳି
ଖେଳି ଖେଳି ଫେରିଯାଏ ତା ବାଟକୁ
ସ୍ୱପ୍ନମାନର ଭାବନା ଫେରିଯାଏ
ସମୟର ଅତଳ ଶୁନ୍ୟର ଗର୍ଭକୁ
ତରଙ୍ଗର ଆଘାତରେ କୂଳ ଖାଏ

ISSN NO.
2582-208X

କେତେ କ୍ଷତି କି ଲାଭ କାହାର
ତା'ର ସେଥିରେ ନ ଥାଏ ପରବାୟ
ତା ଧର୍ମକୁ ସେ ପାଳେ ନିୟତିରେ
ଭାରି ଚଗଲି ସିଏ ତା ଗୁଣରେ
କେବେ ସେ ସ୍ଥିର ହୋଇ ରହେ ନାହିଁ
ସାଗରର ଏମୁଣ୍ଡରୁ ସେମୁଣ୍ଡକୁ
ଲହଡି ମାରି ଅହରହ ଖେଳୁଥାଏ
ମଣିଷର ଭାଗ୍ୟ ସେଇ ତରଙ୍ଗ ଭଳି
ସମୟ ଖେଳୁଥାଏ ଚକାଭଉଁରୀ ପରି ।

ଉପସଭାପତି, ମାଟିଘର ସାହିତ୍ୟ ସଂସଦ
ଗୋହାମା, ଜଗତସିଂହପୁର

୫୫୫

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ଆଧ୍ୟାତ୍ମ ବିଦ୍ୟା



ଡ. ଅର୍ଜୁନ ଚରଣ ବାରିକ୍

ଆଧ୍ୟାତ୍ମ ବିଦ୍ୟାର ଶ୍ରେଷ୍ଠତ୍ୱ ପ୍ରତ୍ୟେକ ପୁରାଣ, ବେଦ, ଉପନିଷଦ ତଥା ଶ୍ରେଷ୍ଠ ଶାସ୍ତ୍ର ମାନଙ୍କରେ ବର୍ଣ୍ଣିତ ହୋଇ ଆସିଛି । ଏ ଧରାଧାମ ହେଉଛି ସମସ୍ତ ବିଦ୍ୟାର ପୃଷ୍ଠଭୂମି । ଏ ପୃଥିବୀ ପୃଷ୍ଠରେ ଅନେକ ବିଦ୍ୟା ତିଷ୍ଠି ରହିଛି । ତନ୍ମଧ୍ୟରୁ ଆଧ୍ୟାତ୍ମ ବିଦ୍ୟା ହେଉଛି ଅନ୍ୟତମ । ଏହି ବିଦ୍ୟା ବା ଜ୍ଞାନ ହେଉଛି ସମସ୍ତେ ବିଦ୍ୟାର ମଉଡମଣି । ଅର୍ଥାତ ଆଧ୍ୟାତ୍ମ ଜ୍ଞାନ ହେଉଛି ସର୍ବଶ୍ରେଷ୍ଠ । ଅବଶ୍ୟ ସମସ୍ତ ବିଦ୍ୟାକୁ ଆମେ କରାୟତ କରିବା ଉଚିତ୍ । ଅର୍ଥନୀତିଜ୍ଞ କୌଟିଲ୍ୟଙ୍କ ଭାଷାରେ "ଜଳବିନ୍ଦୁ ନିପାତେନ କ୍ରମଶଃ ଦୂର୍ଯ୍ୟତେ ଘଟଃ । ସ ହେତୁ ସର୍ବ ବିଦ୍ୟାନାଂ ଧର୍ମସ୍ୟ ତ ଧର୍ମସ୍ୟ ଚଃ ।" ଅର୍ଥାତ ଯେପରି ବିନ୍ଦୁ ବିନ୍ଦୁ ଜଳର ପତନ ଫଳରେ ପାତ୍ର ପୂର୍ଣ୍ଣ ହୋଇଥାଏ, ଠିକ୍ ସେହିପରି ସମସ୍ତେ ବିଦ୍ୟା, ଧନ ଓ ଧର୍ମକୁ ଆୟତ୍ତ କରାଯିବା ଉଚିତ । ପରନ୍ତୁ ବିଦ୍ୟାର ମହନୀୟତା ତଥା ଉପାଦେୟତା ସମ୍ପର୍କରେ ବ୍ୟାଖ୍ୟା କରିବା ମଧ୍ୟ ବାହୁଲ୍ୟ ମନେ ହୁଏ । କାରଣ ବିଦ୍ୟା ହେଉଛି ଗୁରୁମାନଙ୍କର ଗୁରୁ । ବିଦ୍ୟାକୁ ଚୋର ଚୋରୀ କରି ନେଇପାରେ ନାହିଁ; ଜ୍ଞାତୀ ବନ୍ଧୁମାନେ ବାଣ୍ଟି ନେଇ ପାରନ୍ତି ନାହିଁ । ଏହା ହାରକାରୀ ନୁହେଁ ଓ ଦାନ ଦ୍ୱାରା ମଧ୍ୟ ବହୁଗୁଣରେ କ୍ଷୟ ପରିବର୍ତ୍ତେ ବର୍ଦ୍ଧିତ ହୋଇଥାଏ ।

ଅନ୍ୟପକ୍ଷରେ ସମସ୍ତ ବିଦ୍ୟା ମାନଙ୍କର ରଜା ହେଉଛି ଆଧ୍ୟାତ୍ମ ବିଦ୍ୟା ବା ଆଦ୍ୟାତ୍ମ ଜ୍ଞାନ । ଯେଉଁଥିପାଇଁ ଭଗବଦ୍ ଗୀତାରେ କୁହାଯାଇଛି "ଆଧ୍ୟାତ୍ମ ବିଦ୍ୟା ବିଦ୍ୟାନଂ ବାଦଃ ପ୍ରବିଦତା ମାହସ ।" ଯେଉଁ ଆଧ୍ୟାତ୍ମ ଜ୍ଞାନ ହେଉଛନ୍ତି ଈଶ୍ୱର ସ୍ୱୟଂ । ଏହା ତତ୍ତ୍ୱଜ୍ଞାନ ପ୍ରଦାନ କରାଇଥାଏ । ଏହାକୁ ହିଁ ବାସ୍ତବରେ ଜ୍ଞାନ କୁହାଯାଏ ଓ ଅନ୍ୟ ସମସ୍ତ ବିଦ୍ୟା ବା ଜ୍ଞାନ ଅଜ୍ଞାନ ଅଟେ । ବ୍ୟାସଦେବଙ୍କ କଲମାନୁଯାୟୀ – ଆଧ୍ୟାତ୍ମ ଜ୍ଞାନ ନିତ୍ୱତ୍ୱଂ

ISSN NO.
2582-208X

ଭୈକ୍ଷାନାର୍ଥ ଦର୍ଶନମ୍ । ଏତଦଜ୍ଞ ନ ମିତିପ୍ରୋକ୍ତଂ ମଜ୍ଞାନଂ ଯଦତୋନ୍ୟଥା ।” ଏହାର ଅର୍ଥ ହେଲା ଆଧ୍ୟାତ୍ମ୍ୟ ଜ୍ଞାନ ବା ବିଦ୍ୟାକୁ ବାଦଦେଲେ ତାହା ସମସ୍ତେ ହେଉଛି ଅବିଦ୍ୟା ବା ଅଜ୍ଞାନ । ଅତଏବ ଏହି ଶ୍ରେଷ୍ଠ ଜ୍ଞାନ ଆଧ୍ୟାତ୍ମ୍ୟ ଜ୍ଞାନକୁ ଯତ୍ନ ପୂର୍ବକ ଆହରଣ କରିବା ଉଚିତ, ଯାହା ଆମକୁ ତତ୍ତ୍ୱ, ଜ୍ଞାନ ଓ ଅର୍ଥ ପ୍ରଦାନ କରିଥାଏ ।

ଈଶ୍ୱର ହେଉଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ସର୍ବମୟ କର୍ତ୍ତା । ଆମେ ତାଙ୍କର ସ୍ଥିତିକୁ ସ୍ୱୀକାର କରୁ ବା ନକରୁ, ଉପଲବ୍ଧି କରୁ ବା ନକରୁ, ଅନୁଭବ କରୁ ବା ନକରୁ, ମାନୁ ବା ନମାନୁ, ତଥାପି ଈଶ୍ୱର ଅଛନ୍ତି ଓ ତାଙ୍କର ସେହି ଦିବ୍ୟ ଶାଶ୍ୱତ ଶକ୍ତି ଦ୍ୱାରା ସାରା ବିଶ୍ୱକୁ ପରିଚାଳନା କରୁଛନ୍ତି । ତାଙ୍କର ଇଚ୍ଛା ହିଁ ହେଉଛି ସବୁକିଛି । ସେ ହେଉଛନ୍ତି ଇଚ୍ଛାମୟ । ତାଙ୍କର ବିନା ଇଛାରେ ବି ପବନ ହିଁ ବହି ପାରେନା । ଗଛର ପତ୍ରଟିଏ ବି ହଲି ପାରେନା । ତାଙ୍କ ଇଛା ହେଉଛି ସାର୍ଥକ । ଆମର ଇଚ୍ଛା ନିରର୍ଥକ । ସେ ଇଚ୍ଛାମୟଙ୍କ ଇଚ୍ଛାକୁ କେହି ବି ଶ୍ରଦ୍ଧା ନକଲେ ମଧ୍ୟ କାଟିଦେଇ ପାରିବେ ନାହିଁ ବା ଦଳି ଦେଇ ପାରିବ ନାହିଁ । ଜଣେ ସାଧାରଣ ମଣିଷ ଭାବେ ଆମେ ତାଙ୍କ ଇଚ୍ଛାକୁ ସାଦର ଅଭ୍ୟର୍ଥନା ଜଣାଇବା ଉଚିତ ଓ ସ୍ୱାଗତ କରିବା ବିଧେୟ ଅଟେ । କାରଣ ତାଙ୍କର ଇଚ୍ଛା ପଛରେ ଜଗତର କଲ୍ୟାଣ ନିହିତ ଅଛି । ଆମେ ଏ କଥାକୁ କଦାପି ଏଡାଇ ଦେଇ ପାରିବାନାହିଁ । ସେ ହେଉଛନ୍ତି ସର୍ବ ବିଦ୍ୟମାନ ଓ ସର୍ବଶକ୍ତିମାନ । ସେ ସର୍ବଜ୍ଞ ମଧ୍ୟ ।

କେବଳ ଆମେ ଆମର ଦିବ୍ୟ ଜ୍ଞାନାଲୋକର ଅଭାବ ଯୋଗୁଁ ତାଙ୍କୁ ଉପଲବ୍ଧି କରି ପାରୁନାହିଁ । ଯେପରି ଧୂମେନା କ୍ରୟତେ ବହ୍ନି ଯଥା ଦର୍ଶୋମଳେନଚ” । ଅର୍ଥାତ ଅଗ୍ନି ଧୂଆଁ ଦ୍ୱାରା ଆବୃତ୍ତ ହୋଇଥାଏ ଓ ଦର୍ପଣ ଧୂଳି ଦ୍ୱାରା ଆବୃତ୍ତ ହୋଇଥାଏ । ସେହି ଧୂଳିକୁ ଦର୍ପଣରୁ ପରିଷ୍କାର କରାଗଲେ ଆମେ ଆମର ପ୍ରତିଛବି ଅର୍ଥାତ୍ ରୂପକୁ ଦର୍ଶନ କରିପାରିବ । ଠିକ୍ ସେହିପରି ଆମ୍ଭେମାନେ ଯଦି ଆମ ମନର ଅଜ୍ଞାନ ରୂପକ ଅନ୍ଧକାର ବା ମଇଳାକୁ ପୋଛି ଦେଇପାରିବା, ତେବେ ଈଶ୍ୱରଙ୍କର ସ୍ୱରୂପ ଦର୍ଶନ କରିବାରେ ସମର୍ଥ ହୋଇପାରିବା, ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ । ତେଣୁ ଆସନ୍ତୁ ଆମେ ସେଇ ବିଶ୍ୱ ସ୍ରଷ୍ଟାଙ୍କ ଇଚ୍ଛା ନିକଟରେ ନିଜକୁ ସମର୍ପି ଦେଇ ହଜିଯିବା ତାଙ୍କରି ସତ୍ତାରେ ।

ISSN NO.
2582-208X

ଏହି ଆଧ୍ୟାତ୍ମ ମାର୍ଗ ସମ୍ପର୍କରେ ଏକ କ୍ଷୁଦ୍ର ବ୍ୟାକ୍ଷାୟିକାର ଅବତାରଣା ଯଥାର୍ଥ ହେବ ବୋଲି ମନେ ହୁଏ । ତାହା ଏହିପରି । ଯଶୋଧର୍ମ ଥିଲେ ଜଣେ ପ୍ରସିଦ୍ଧ ସନ୍ଥ । ତାଙ୍କ ଆଶ୍ରମରେ ଦୁରଦୁରାନ୍ତରୁ ଅନେକ ଶିଷ୍ୟ ଆସି ଶିକ୍ଷା ଗ୍ରହଣ କରୁଥିଲେ । ଶିକ୍ଷା ସମାପ୍ତ ପରେ ଯୋଶୋଧର୍ମ ସେମାନଙ୍କୁ ଜୀବନର ସାରବତ୍ତା ସମ୍ପର୍କରେ ଅନ୍ତିମ ଦୀକ୍ଷା ପ୍ରଦାନ କରି ଆଶ୍ରମରୁ ବିଦାୟ ଦେଉଥିଲେ । ଶିଷ୍ୟମାନଙ୍କୁ ଗୁରୁ ଅତି ଶ୍ରଦ୍ଧା କରୁଥିଲେ । ସେମାନଙ୍କର ପ୍ରତ୍ୟେକ ଶଙ୍କାର ସମାଧାନ କରିବା ଦିଗରେ ବିଶେଷ ଯତ୍ନଶୀଳ ଥିଲେ ଗୁରୁ ।

ସେଦିନ ଯଶୋଧର୍ମ ଶିଷ୍ୟ ପରିବେଷ୍ଟିତ ହୋଇ ଉପଦେଶ ଦେଉଥାନ୍ତି । ଶିଷ୍ୟମାନଙ୍କ ମଧ୍ୟରୁ ଜଣେ କୌତୁହଳୀ ଶିଷ୍ୟ ପ୍ରଶ୍ନ କରୁଥିଲେ – ଗୁରୁଦେବ! ଆଧ୍ୟାତ୍ମ ମାର୍ଗ ଶ୍ରେଷ୍ଠ ମାର୍ଗ ବୋଲି ଆପଣ ଆମମାନଙ୍କୁ ବହୁବାର ଉପଦେଶ ଚ୍ଛଳରେ କହିଛନ୍ତି । ଆଧ୍ୟାତ୍ମ ମାର୍ଗରେ ଇଶ୍ୱରଙ୍କ ସତ୍ତା ଉପଲବ୍ଧ କରିହୁଏ, ଜୀବନର ସାର୍ଥକତା ପ୍ରତିପାଦିତ ହୋଇଥାଏ । ଆଧ୍ୟାତ୍ମ ବିନା ଜୀବନ ମୂର୍ଖ ପୁତ୍ର ତୁଲ୍ୟ ଅସାର ବୋଧ ହୋଇଥାଏ ବୋଲି ଗୁରୁଦେବ ଯେ ଅନେକବାର ଉପଦେଶ ଛଳରେ କହିଥିଲେ, ଜିଜ୍ଞାସୁ ଛାତ୍ର ସେ ବିଷୟରେ ଜାଣିବାକୁ ବିଶେଷ ଆଗ୍ରହୀ ଥିଲେ । ପ୍ରଶ୍ନ କରିଥିଲେ – ଏହି ମାର୍ଗରେ ଗତି କରିବାର ସାଧନ କଣ ?

ଶିଷ୍ୟର ଏଭଳି ପ୍ରଶ୍ନ ଶୁଣି ଗୁରୁ ଯଶୋଧର୍ମ କହିଥିଲେ – ବତ୍ସ, ପକ୍ଷୀଟି ଅନନ୍ତ ଆକାଶରେ ଯେ ଉଡୁଛି, ଏହି ଉଡିବା ସମ୍ଭବ ହେଉଛି କେବଳ ତାର ଦୁଇଟି ପକ୍ଷ ଯୋଗୁଁ । ପକ୍ଷ ବିନା ଭୂମି ଉପରୁ ଉଠିବା ଅସମ୍ଭବ, ଉଡିବା ତ ଦୂରର କଥା । ଏହି କ୍ରମରେ ଆଧ୍ୟାତ୍ମ ମାର୍ଗରେ ଗତି କରିବା ଲାଇ ପ୍ରତ୍ୟେକ ବ୍ୟକ୍ତିଙ୍କର ଆବଶ୍ୟକ ଗୁଣ ହେଉଛି ସଂକଳ୍ପ ଓ ସମର୍ପଣ ରୂପେ ଦୁଇଟି ପକ୍ଷ । ଏହାର ଅଭାବରେ ଆଧ୍ୟାତ୍ମର ସନ୍ଧାନ ପାଇବା ଖାଲି ଦୂରୁହ ନୁହେଁ, ସମ୍ପୂର୍ଣ୍ଣ ଅସମ୍ଭବ ।

ଏହାଶୁଣି ଶିଷ୍ୟ ପୁନଃ ପ୍ରଶ୍ନ କରିଥିଲେ – ଗୁରୁଦେବ ! ସତ୍ୟନିଷ୍ଠ ଭାବରେ ଚାଲିବା ନିମନ୍ତେ ଦୃଢ ସଂକଳ୍ପ ଓ ପରମ କାରୁଣିକ ସ୍ରଷ୍ଟାଙ୍କ ନିକଟରେ ନିଜକୁ ପୂର୍ଣ୍ଣ ରୂପେ ସମର୍ପଣ

ISSN NO.
2582-208X

କରିଦେବା – ଏଦୁଇଟି ଅତ୍ୟାବଶ୍ୟକ ବୋଲି ଆପଣ କହିଥାନ୍ତି । ଏହି ଦୁଇଟି ମଧ୍ୟରୁ କୌଣସି ଗୋଟିକୁ ପାଥେୟ କରି ଆଧ୍ୟାତ୍ମ ଲାଭ କଣ ସମ୍ଭବ ହେବନାହିଁ?

ସନ୍ଥ ଯଶୋଧର୍ମ ଉତ୍ତର ଦେଇଥିଲେ – ନାଁ, ଏହା କଦାପି ସମ୍ଭବ ନୁହେଁ । ଯେଉଁପରି ଭାବରେ ଗଭୀର ଜଳରେ ନୌକାଟି ଗତି କରିବା ନିମନ୍ତେ ଦୁଇଟି ଆହୁଲା ଅତ୍ୟାବଶ୍ୟକ, ଏହା ବିନା ନୌକା ଗତିଶୀଳ ହେବନାହିଁ । ଅନୁରୂପ ଭାବରେ ସଂକଳ୍ପ ଓ ସମର୍ପଣ ଏ ଦୁଇଟି ନିହାତି ଆବଶ୍ୟକ । ଏହାର ଅଭାବରେ ଅର୍ଥାତ୍ କୌଣସି ଗୋଟିଏକୁ ଆଶ୍ରୟ କରି ଏହାର ପ୍ରାପ୍ତି ସମ୍ଭବ ହୋଇ ନପାରେ । ଶିଷ୍ୟ ଗୁରୁଙ୍କ କଥାର ମର୍ମ ବୁଝି ପାରିଥିଲେ ।


ଏକ ମହାନ ସତ୍ତା ଯିଏ ଅକଳ ସୃଷ୍ଟିର ମୂଳଧାର, ତାଙ୍କ ନିକଟରେ ପୂର୍ଣ୍ଣ ଭାବରେ ସମର୍ପଣ କରିଦେବା ତଥା ସତ୍ୟ, ନ୍ୟାୟ, ଧର୍ମ, ପରୋପକାର ନୀତିନିଷ୍ଠତା ଆଦି ଗୁଣକୁ ଆଦରି ନେଇ ଈଶ୍ୱରଙ୍କୁ ପାଇବା ନିମନ୍ତେ ଦୃଢ ସଂକଳ୍ପ ହୋଇ ପାରିଲେ ଈଶ୍ୱରଙ୍କ କରୁଣା ଅଚିରେ ମିଳିଥାଏ ।

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସାଃପୋ–ମହୁ, ଜି–କେନ୍ଦ୍ରାପଡା

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ଦୋଷ



ଡ. ଜ୍ଞାନେଶ୍ୱର ମିଶ୍ର

ପୁଅ, ବାପକଥା ଶୁଣୁନ
ଫୋନ କରୁନାହିଁ କ ସେ ଧରୁନ
ବାପ ମା ଙ୍କର ବିଗ୍ଧର ହେଲା
ପୁଅଟା ଆମର ବିଗିଡି ଗଲା
ସବୁ ଦୋଷ କଣ ପୁଅର
ବାପ ମା ବି ସେଥିରେ ଭାଗୀଦାର
କଞ୍ଚା କାଦୁଅରେ କଳସୀ ନହେଲେ
ହାଣ୍ଡି, ଦୀପ ଗଢି ପାରିବ
ପୋଡା ହେଲା ପରେ ଗଢି ପାରିବନ
ଭାଙ୍ଗି ସେ ଖପର୍ ହୋଇବ
ବାଲ୍ୟକାଳୁ ତାଙ୍କୁ ଶୁଦ୍ଧ କଲନାହିଁ
ଆଚରଣ ଉଚ୍ଚାରଣରେ
ଚରିତ୍ର ଗଠନେ ନଦେଲ ନଜର
ଦେଲନ ଉତ୍ତମ ସଂସ୍କାର

ISSN NO.
2582-208X

ସକାଳ ପହରୁ ରାତି ଅଧଯାଏଁ
ଧାଇଁଲ ଟଂକାର ପଛରେ
ତେଣୁ ପୁଅଟା ବିଗିଡିଗଲା
ଉଚ୍ଚାରଣ କରନାହିଁ ମୁଖରେ
ଅସଫଳ ପିତା ଜଣେ ତୁମେ
ନିଜ ହାତେ ଗଢା କୁପୁତ୍ରର
ଏ ପରିଚୟ ପରେ-
ନୀରବି ଯିବାହିଁ ଶେଷ ପଥ ଶ୍ରେୟସ୍କର

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# କଳ୍ପନା



କୀର୍ତ୍ତି ଦେବୀ

କଳ୍ପନାର ରାଇଜ ବହୁତ ବଡ
କେତେ ସୁନ୍ଦର ତାର ପରିବେଶ ।
ନାହିଁ ସେଠି ଅନ୍ଧବିଶ୍ବାସ
ଅବା କୁସଂସ୍କାର ।
ଭାବ, ଭକ୍ତି ଓ ଶ୍ରଦ୍ଧା ଥିଲେ
କଳ୍ପନା ହୁଏ ଜୀବନ୍ତ ।
ଆଖି ବୁଜିଦେଲେ
ଦେହରେ ଖେଳିଯାଏ ଅପୂର୍ବ ଶିହରଣ ।
ବାସ୍ତବ ଅବାସ୍ତବର ଖେଳ ଭିତରେ
କଳ୍ପନାର ସ୍ଥାନ ଅତି ଉଚ୍ଚ ।
ତାର ପ୍ରଶଂସା ଗାଇବାକୁ
ନାହିଁ ମୋ ପାଖେ ଭାଷା ।

ସିଭିଲ୍ ଟାଉନସିପ୍, ରାଉରକେଲା
ମୋବାଇଲ -୯୫୮୩୮୩୩୮୨୬

ISSN NO.
2582-208X

# ନୃସିଂହ ଚତୁର୍ଦ୍ଦଶୀ ନୃସିଂହ ଜନ୍ମ ଉପଲକ୍ଷେ



ଡଃ ଅଭିମନ୍ୟୁ କାନୁନଗୋ

ମଙ୍ଗଳ ଦାୟକ ରୂପ ନରହରି କ୍ଷେତ୍ରବରେ ବିରାଜିତ ।
ମନଭଜ ନୃହରି କଳାବାମନ ଦୀନବନ୍ଧବ ଅଖୁଡ ।୧।
ଦୁଃଖହାରୀ ହରି ମାଧବ ମୁରାରୀ ନୀଳମାଧବ ଶ୍ରୀକାନ୍ତ ।
ଖଂଡେ ସର୍ବାପଦ ସେ କଳା ଗୋବିନ୍ଦ ନଟବର ରାଧାକାନ୍ତ ।୨।
ହଟିଆ ଠାକୁର ଦେବ ଦାମୋଦର ଶ୍ରୀହରି ଭାର୍ଗବୀ କାନ୍ତ ।
ରଂଗ ଷୋଳକଳା ଘେନି ନନ୍ଦବଳା ବିରାଜମାନ ଶ୍ରୀକ୍ଷେତ୍ର ।୩।
ଦେବଙ୍କ ଅଗ୍ରଣୀ ପ୍ରଭୁ ଚକ୍ରପାଣି ନିଧନ କରେ ଦଇତ ।
ବନମାଳୀ ହରି ମାଧବ ମୁରାରୀ ମୁକୁନ୍ଦ କଳା ସାଆନ୍ତ ।୪।
ଦୟଣା ତୁଳସୀ ଭୂଷଣ ଶ୍ରୀକୃଷ୍ଣ ପାବନ ଯାର ଚରିତ ।
ୟାଦବେନ୍ଦ୍ର ହରି ପ୍ରଭୁ ମଧୁହାରୀ ରୂପ ଗୁଣ ଯା ଅନନ୍ତ ।୫।
ଲୁଟ ହରିନାମ କରିଣ ଯତନ ନାମ ହିଁ ସକଳ ତୀର୍ଥ ।
ଦିବାନିଶି ଭାବ ସେ କଳା ମାଧବ ରାଘବ ଜାନକୀ କାନ୍ତ ।୬।
ନଟ ନାଗର ଶ୍ରୀଧର କମ୍ବୁକର କ୍ଷେତ୍ରବରେ କରାଜିତ ।
ନାମ ନାରାୟଣ ନୃହରି ବାମନ ଭଜନରେ ଦେଇ ଚିତ୍ତ ।୭।
ୟଶୋଦା ନନ୍ଦନ ଦେବ ଭଗବାନ ଶ୍ରୀହରି କୃପା ସରୀତ ।
କଦମ୍ବମାଳୀନ କୃଷ୍ଣ ଶ୍ୟାମଘନ ଯାଦବ କୁଳ ସମ୍ଭୁତ ।୮।
ସତ୍ୟ ସନାତନ ନୃସିଂହ ଭଜନ କର ଆହେ ସାଧୁ ସନ୍ଥ ।
ବରଣ କର ହରି ରଙ୍ଗା ଚରଣ ହରଣ ହେବ ଦୂରୀତ ।୯।

ISSN NO.
2582-208X

ଭଗାରୀ ନହେବ କେବେ ରବି ସୁତ ଚିନ୍ତିଲେ କମଳାକାନ୍ତ ।
ଯମୁନା କୂଳିଆ ସେ ବନମାଳିଆ ଶମନ ନପଶେ କ୍ଷେତ୍ର ।୧୦।
ହରିବଳରାମ ସ୍ମର ବାଇମନ ତମ ଅଘ ହେବ ଲୁପ୍ତ ।
ରଂଗ ଅଧରରେ ହାସ ଶୋଭାପାଏ କଟୀତଟେ ପାଟ ପୀତ ।୧୧।
ସ୍ୱାଗତ କର ନୃସିଂହ ଦେବରାଜ ଦଣ୍ଡ ନ ଦେବ କୃତାନ୍ତ ।
ମୀତ ଜପ ନରହରି ଦନୁଜାରୀ ଗତି ମୁକତି ପ୍ରାପତ ।୧୨।
ନବଜଳଧର ରୂପ ରମାବର ବିଜୟତ ଶଙ୍ଖକ୍ଷେତ୍ର ।
ରହଣୀ ଯାର ସଦା ନୀଳକନ୍ଦର ଘର ଶ୍ରୀମନ୍ଦିରେ ସ୍ଥିତ ।୧୩।
ସିଂହ ଠାଣିରେ ବିଜୟ ଚକ୍ରପାଣି ବିଷ୍ଣୁ କମଳା ସଙ୍ଗାତ ।
ହରେ ଭବ ଭୟ ହରି ଆଦି ଦିଅଁ ଦର୍ଶନେ ଗାତ୍ର ପବିତ୍ର ।୧୪।
ନରସିଂହ ଶେଷଦେବ ଚିନ୍ତ ମନ ହରିବ ଭବ ଦୂରୀତ ।
ମୋ ଜୀବନ ସ୍ୱାମୀ ପ୍ରଭୁ ଅନ୍ତର୍ଯ୍ୟାମୀ ନରହରି ଲକ୍ଷ୍ମୀକାନ୍ତ ।୧୫।
ସ୍ତୁତି କର ନରହରି ଶ୍ରୀପୟରେ ନରେ ହୋଇଣ ଉଷତ ।
ତେପନ ତିନି ଭୋଗ ଭୁଞ୍ଜଇ ନିତ୍ୟ ଶ୍ରୀମନ୍ଦିରେ ଜଗନ୍ନାଥ ।୧୬।

ପ୍ରସାର ଭାରତୀ (ଆକାଶବାଣୀ)

ISSN NO.
2582-208X

# ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର

(୧୭୫୭ - ୧୮୦୬)



ବରଦା ପ୍ରସନ୍ନ ଦାସ

ଓଡିଆ ସାହିତ୍ୟର ରୀତିଯୁଗୀୟ କାବ୍ୟକାରମାନଙ୍କ ମଧ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ବିଦଗ୍ଧ ଚନ୍ତାମଣିର ଅନନ୍ୟ ସ୍ରଷ୍ଟା ଭାବରେ ତାଙ୍କର କାବ୍ୟିକ ପ୍ରତିଭା ସୁବିଦିତ । ଅଭିମନ୍ୟୁ ଏକାଧାରରେ କବି, ପଣ୍ଡିତ ଓ ଭକ୍ତ ଥିବା ହେତୁ ଏହି କାବ୍ୟରେ ତାଙ୍କର ଉତ୍ତୁଙ୍ଗ କବିତ୍ୱ, ଗଭୀର ପାଣ୍ଡିତ୍ୟ ଓ ଅସୀମ ଭକ୍ତିମତ୍ତା ପ୍ରକଟିତ । ସୁପ୍ରସିଦ୍ଧ ବୈଷ୍ଣବ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ଥିଲେ ତାଙ୍କର ଆଦ୍ୟଗୁରୁ ଏବଂ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଥିଲେ ତାଙ୍କର କାବ୍ୟ ଗୁରୁ । ଏଣୁ ଭଞ୍ଜୀୟ ଶୈଳୀ ଅନୁସୃତ ନାନା ରାଗରାଗିଣୀ ସମନ୍ୱିତ ତାଙ୍କର କାବ୍ୟ କୋଣାର୍କରେ ଆମୂଳଚୂଳ ପୂରି ରହିଛି ରୀତିଯୁଗ ସାହିତ୍ୟର ସମସ୍ତ ବିଭବ, ଗୌରବ, ସୌଷ୍ଠବ ଓ ସୌରଭ ।

ବଂଶ ପରମ୍ପରାକ୍ରମେ ଅଭିମନ୍ୟୁଙ୍କ ପୂର୍ବପୁରୁଷ ଥିଲେ ଶାସ୍ତ୍ରଜ୍ଞ, ପଣ୍ଡିତ ଓ କାବ୍ୟରସିକ । ଏଣୁ ଅନୁକୂଳ ପ୍ରଭାବ ଓ ପରିବେଷ୍ଟନୀ ମଧ୍ୟରେ ସେ ଓଡିଆ ଓ ସଂସ୍କୃତ ସାହିତ୍ୟର ସକଳ ବିଭାଗରେ ଗଭୀର ବ୍ୟୁତ୍ପତ୍ତି ଲାଭ କରିବା ସଙ୍ଗେ ସଙ୍ଗେ ବଙ୍ଗଳା, ହିନ୍ଦୀ, ମରାଠୀ, ପାର୍ଶୀ ଓ ବ୍ରଜବୋଲି ଭାଷାରେ ମଧ୍ୟ ଜ୍ଞାନ ଲାଭ କରି ନିଜକୁ ଜଣେ ବହୁ ଭାଷାବିଦ୍ ଭାବରେ ପରିଚିତ କରାଇ ପାରିଥିଲେ । ଯୁଦ୍ଧବିଦ୍ୟା ଓ ନାନା କଳା ବିଦ୍ୟାରେ ମଧ୍ୟ ତାଙ୍କର ପାରଦର୍ଶିତା ଥିଲା ।

ISSN NO.
2582-208X

ଆଦ୍ୟ କାବ୍ୟିକ ଜୀବନରେ ଲୋକଗୀତ ପର୍ଯ୍ୟାୟରେ ବାଘଗୀତ, ଚଢେଇଗୀତ, ବୋଲେ ହୁଁ ଗୀତ ପ୍ରଭୃତି କବିତାବଳୀ ତାଙ୍କ ଅସାଧାରଣ ସାଫଲ୍ୟର ପରିଚାୟକ । ଭଞ୍ଜୀୟ କାବ୍ୟଶୈଳୀ ଅନୁସରଣରେ ରଚିତ ରସବତୀ, ସୁଲକ୍ଷଣା, ପ୍ରେମକଳା, ପ୍ରେମ ଚନ୍ତାମଣି, ପ୍ରେମ ତରଙ୍ଗିଣୀ ଆଦି ପୌରାଣିକ ଓ କାଳ୍ପନିକ କାବ୍ୟମାନ ନାନା ବର୍ଣ୍ଣ-ବିଭା ଓ ବୈଚିତ୍ର୍ୟରେ ବିମଣ୍ଡିତ । ତାଙ୍କର ଅନୁପମ ଅନବଦ୍ୟ କାବ୍ୟ ସୃଷ୍ଟିରେ ଓଡିଆ ସାହିତ୍ୟ ଆଜି ଋଦ୍ଧିମନ୍ତ ଓ ପୁଷ୍କଳ । ସେହି ମହାନ ପ୍ରତିଭାଧର କାଳଜୟୀ କାବ୍ୟଶିଳ୍ପୀ ଓଡିଆ ଜାତିର ଚିର ନମସ୍ୟ ।

ମହାନ୍ତି ଲେନ୍, କେଶରପୁର
କଟକ, ମୋ: ୯୮୭୧୧୪୫୬୮୭

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ଆଜି ସାବିତ୍ରୀ ବ୍ରତ



ଦଣ୍ଡାସି ପ୍ରଧାନ

ହାତରେ
ମୁଠାଏ ଶଙ୍ଖା
ମଥାରେ
ଟୋପାଏ ସିନ୍ଦୁର
ଅହ୍ୟ ନାରୀ ଶ୍ରଦ୍ଧାରେ ଆଶ୍ରୟ--
ଭକ୍ତିରେ ବିଶ୍ଵାସ ସଙ୍କଳ୍ପ।
ମୁହଁରେ ହଳଦୀ ମଖା, ପାଦରେ ଅଳତା ଚିତା-
ବେକରେ କଳା ପୋହଳା ମାଳି ଟିଏ,
ସୌଭାଗ୍ୟର ଆଶ୍ଚର୍ଯ୍ୟ ସଉକ ସଜରେ
ନାଇବାରେ ଅଦ୍ଭୁତ ସରାଗ;
ସତରେ ବୁଝିହୁଏ ନାହିଁ--
ଏତେ ସବୁ ଆଭୂଷଣର
ବିଚିତ୍ର ଧାରା ।
ଏଠାକାର ସନାତନ ଧର୍ମରେ କେତେ ଯେ
ସଞ୍ଚିତ ସ୍ଵତନ୍ତ୍ର ଅଧ୍ୟାୟ, ଅୟ ସୁଲକ୍ଷଣୀ
ସନ୍ତକକୁ ନେଇ ମାନିବାକୁ ହୁଏ।
ଅହଲ୍ୟା, ଦ୍ରୌପଦୀ, ସୀତା, ତାରା, ମନ୍ଦୋଦରୀ
ତଥା --------

ISSN NO.
2582-208X


ଏଇଥି ପାଇଁ
ବର୍ଷ ସାରା ବାର-ବ୍ରତ-ଉପବାସ -
ବିଧିବିଧାନ ଧ୍ୟାନ-ଧାରଣ-ନିୟମ-
ଅନୁଶାସନ ପଥ ପଦ୍ଧତି।
ଭାରତୀୟ ନାରୀ
ବିନା ଦ୍ୱିଧାରେ ବରି ନେଇ ଥାଏ
ବାଲ୍ୟ ରୁ ମହାଯାତ୍ରା ପର୍ଯ୍ୟନ୍ତ।
କେବେ ଐଶ୍ୱର୍ଯ୍ୟର ବିଜୟ ନେଇ

ବସ୍ତାଏ ବସ୍ତୁତ୍ୱ ତ;
କେବେ ତ୍ୟାଗ, ଭୋଗ, ସଞ୍ଚିତ, ପ୍ରାରବ୍ଧ କଲ୍ୟାଣ
କେବେ ଅଭିଶପ୍ତାର
ଯନ୍ତ୍ରଣାଦାୟକ ଗ୍ଲାନ ରୁ ପରିତ୍ରାଣ ।
କେବେ ଯିଦଖୋର ତମସାଚ୍ଛନ୍ନ ଅର୍ଚ୍ଚନ
ବିନାଶିନୀ ସର୍ବସ୍ୱ ଧ୍ୱଂସ ନିଶା ।
ଆଉକେବେ ସର୍ବ ସମର୍ପିତା ମୁମୁକ୍ଷୁ
ଅଭିଳାଷୀ ନାରୀ ଜୀବନରୁ ଉଧାର ଲିପ୍ସା।

କିନ୍ତୁ ସାବିତ୍ରୀ ଓଷା
ଭିନ୍ନ ଏକ
ପ୍ରସିଦ୍ଧି ମହାକାଳ ଜୟ ମୃତ୍ୟୁଞ୍ଜୟ ଚରିତାର୍ଥ
ସଫଳ ରୂପାୟନ ଚରିତ,
ଅନନ୍ୟ ଭକ୍ତି /ସତୀନିଷ୍ଠା ଶକ୍ତି

ISSN NO.
2582-208X

ଭୂମଣ୍ଡଳ ଭେଦ ଅଭେଦ ଯୁକ୍ତି ଦର୍ଶନ
ସ୍ୱାମୀ ଆୟୁ ବର୍ଦ୍ଧନ ସୁରକ୍ଷା କବଚ,
ସତ୍ୟ ଓ ସତୀ ନିୟମନ-
ଧର୍ମାଳୟ ଦରବାରରେ ପ୍ରାସଙ୍ଗିକ
ମାଙ୍ଗଳିକ ବିଜୟ ନିଶାଣ;
ଶଙ୍କା ହୀନ ନିର୍ବିଘ୍ନ ପ୍ରୟୋଗ
ଆଜି ମଧ୍ୟ ବିଶ୍ୱାସର ଆନ୍ତରିକ ନିବେଦନ ।

ସାହିତ୍ୟ ସମ୍ପାଦକ
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ
ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967/ Dpradhan@gmail.com

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# କୃଷ୍ଣ ଚୂଡ଼ାର ହସ



ବାସନ୍ତୀ ଲତା ଜେନା

ରାଧାକାନ୍ତ ବାବୁ ପ୍ରତି ଦିନ ସକାଳୁ ଉଠି ମୁଖ ପଖାଳନ ପରେ ଗରମ ପାଣି ଗୋଟିଏ ଗ୍ଲାସ ପିଅନ୍ତି । ତା ପରେ ସକାଳ ଭ୍ରମଣରେ ବାହାରି ଯାଆନ୍ତି । ଗୋଟିଏ ଘଣ୍ଟା ପରେ ଘରକୁ ଫେରି ଆସନ୍ତି । ବଗିଚାରେ ଆରାମ ଚୌକିରେ ବସି ବୃକ୍ଷ ଲତା ମାନଙ୍କୁ ନିରେଖି ଦେଖନ୍ତି । ସବୁଜିମା ଭରା ବୃକ୍ଷ ଲତାଙ୍କୁ ଦେଖି ତୃପ୍ତି ପାଆନ୍ତି । ଏତିକି ବେଳେ ତାଙ୍କର ପତ୍ନୀ ଅମ୍ବିକା ଦେବୀ ଚାହା, ବିସ୍କୁଟ, ପାଣି ଗ୍ଲାସ ଧରି ଆସନ୍ତି । ଦୁହେଁ ମିଶି ଚାହା ପିଅନ୍ତି । କିଛି ସମୟ ଗପସପ କରନ୍ତି । ତାପରେ ଅମ୍ବିକା ଦେବୀ ଘର କାମରେ ଲାଗି ଯାଆନ୍ତି । ରାଧାକାନ୍ତ ବାବୁ ଫୁଲ ଗଛର ଯତ୍ନ ନିଅନ୍ତି ।

ସେଦିନ ଥିଲା ଏପ୍ରିଲ୍ ମାସ । ସକାଳ ବୁଲା ସାରି ରାଧାକାନ୍ତ ବାବୁ ରାସ୍ତା କଡରେ ଥିବା କୃଷ୍ଣ ଚୁଡା ଗଛ ପାଖରେ କିଛି ସମୟ ରହିଗଲେ । ଲାଲ ଫୁଲରେ ଭରା ଥିଲା ବୃକ୍ଷଟି । ସତେ ଯେମିତି ଲାଗୁ ଥିଲା ନାଲି ଓଢଣୀ ପକାଇ କିଶୋରୀ କନ୍ୟାଟି ଛିଡା ହୋଇ ଖିଲି ଖିଲି ହୋଇ ହସୁଛି । ଆଉ ନିଜ ପାଖକୁ ହାତ ଠାରି ଡାକୁଛି । ରାଧାକାନ୍ତ ବାବୁଙ୍କର ମନ ଖୁସିରେ ଭରି ଗଲା । ସେ କୃଷ୍ଣଚୂଡ଼ାକୁ ଦେଖି କେତେ କଣ ଭାବି ଗଲେ । ଭାବନାରେ ହଜି ଗଲେ । ସ୍ୱପ୍ନରେ ମଜି ଗଲେ । ସେ କୃଷ୍ଣଚୁଡା ବୃକ୍ଷ ମୂଳରେ କିଛି ସମୟ ବସି ଗଲେ । କୃଷ୍ଣ ଚୂଡ଼ାର ସୌନ୍ଦର୍ଯ୍ୟତା ତାଙ୍କୁ ଆକର୍ଷଣ କଲା । ସୁନ୍ଦରୀ କୃଷ୍ଣ ଚୁଡା ରୂପ ରଙ୍ଗରେ ପ୍ରୀତି ଭରି ଦେଲା । ମନକୁ ହରି ନେଲା । କୃଷ୍ଣ ଚୂଡ଼ାର ପ୍ରତିଟି ପ୍ରସ୍ଫୁଟିତ ପାଖୁଡ଼ାରେ ଥିଲା ପ୍ରେମର ମହକ । ସେ କୃଷ୍ଣ ଚୂଡ଼ାକୁ ଦେଖି ଗୋଟିଏ କବିତା ଲେଖିବାକୁ ଇଛା କଲେ । ପାଖରେ କିନ୍ତୁ ନ ଥିଲା କାଗଜ, କଲମ । ତେଣୁ ସେ ପକେଟରୁ ମୋବାଇଲ୍ ବାହାର କରି ନୋଟ୍ ପେଡରେ କୃଷ୍ଣ

ISSN NO.
2582-208X

ଚୂଡ଼ାକୁ ଦେଖି କବିତାଟିଏ ଲେଖି ଦେଲେ । କିଛି ସମୟ କୃଷ୍ଣଚୁଡା ସହିତ କଥା ହେଲେ । ତା' ପରେ ଘରକୁ ଫେରି ଆସିଲେ । ବଗିଚାରେ ଆରାମ ଚୌକିରେ ବସିଲେ । ଅମ୍ବିକା ଦେବୀ ଚାହା ନେଇ ଆସିଲେ । ପଚାରିଲେ ଆଜି ଏତେ ଡେରି ହେଲା ? ମୁଁ ତୁମକୁ ଅପେକ୍ଷା କରି ଥିଲି । ରାଧାକାନ୍ତ ବାବୁ ସ୍ମିତ ହସି କହିଲେ, ମୁଁ ଆଜି ଗୋଟିଏ ସୁନ୍ଦରୀକୁ ଦେଖି ଟିକେ ଅଟକି ଯାଇଥିଲି । ତା ସହିତ କଥା ହେଉଥିଲି । ଆମ୍ବିକା ଦେବୀ କହିଲେ ସେ କଣ ତୁମର ପରିଚିତ ? ରାଧାକାନ୍ତ ବାବୁ କହିଲେ ସେମିତି କିଛି ଭାବ । ପତ୍ନୀର ମୁହଁ ଶୁଖିଗଲା । ରାଧାକାନ୍ତ ବାବୁ ଅମ୍ବିକା ଦେବୀଙ୍କର ହାତ ଧରି ପକାଇ କହିଲେ ବସ ! ତୁମେ ଯେମିତି ଭାବୁଛ ସେମିତି କିଛି ନୁହେଁ। ଆଜି ମୁଁ ସକାଳ ଭ୍ରମଣ ସାରି କୃଷ୍ଣଚୁଡା ଗଛ ପାଖରେ କିଛି ସମୟ ଅଟକି ଯାଇ ଥିଲି । ତାର ସୁନ୍ଦର ଫୁଲକୁ ଦେଖି । ବୃକ୍ଷଟି ଲାଲ ରଙ୍ଗର ଫୁଲରେ ଭରପୂର ଥିଲା। ସେଠାରେ ବସୁ ବସୁ ମୁଁ ଗୋଟିଏ କବିତା ଲେଖି ଦେଇଛି। ଦେଖିଲ ! କେମିତି ହୋଇଛି । କବିତାର ନାମ ରଖିଛି "କୃଷ୍ଣଚୂଡ଼ାର ହସ"

କବିତାଟି ପଢି ଅମ୍ବିକା ଦେବୀ ହସି ଦେଲେ । କହିଲେ ଏବେ ସେ ମୋର ସଉତୁଣୀ ହୋଇଗଲା । ତୁମର ଏ ଗୁଣ କେଉଁଠି ଥିଲା ? କାହିଁ ଆଗରୁ କେବେ ଲେଖୁ ନ ଥିଲ ? କବିତାଟି ଭଲ ହୋଇଛି । ପତ୍ନୀଙ୍କ ମୁଖରୁ ଭଲ ହୋଇଛି ଶୁଣି ରାଧାକାନ୍ତ ବାବୁଙ୍କୁ ଲାଗିଲା, ସତେ ଯେମିତି ତାଙ୍କୁ ସରଗର ଚାନ୍ଦ ମିଳିଗଲା । ସେ ଅଧୀର ହୋଇ ଗଲେ....... ।

ଗାନ୍ଧୀନଗର,
ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

ISSN NO.
2582-208X

# ନୀଳାଦ୍ରି ବିଜେ



ଅଳକା ମହାନ୍ତ

ଭୁଲି ଯାଅ ପ୍ରିୟେ ମାନ ଅଭିମାନ
ଦେଖ ମୋର ମଧୁ ପ୍ରୀତି
ତୁମେ ପରା ମୋର ହୃଦୟ ର ରାଣୀ
ଗୀତ ଗୋବିନ୍ଦ ର ଗୀତି।

ତୁମେ ମୋର ସ୍ୱନ ମୁରଲୀ ର ତାନେ
ତୁମେ ମୋ ପ୍ରେମର ବୀଣା
ତୁମ ବିନୁ ସବୁ ଶୁଷ୍କ ମରୁଭୂମି
ତୁମେ ପବିତ୍ର ଝରଣା।

ମାନବୀୟ ଲୀଳା କରି ଶିଖାଇଲ
ମୂଲ୍ୟ ବାନ ପରିବାର।
ବିନା ପାରିବାରେ କେହି ରହି ନାହିଁ
ରସ ହୀନ ସେ ଜୀବନ।

କଳି ଯେବେ କରି ବସିବ
ସାଥେ ଥିବ ଭାଇ,
ମାତୃ ସ୍ନେହେ ଭରା ଆମ
ସୁନା ନାକି ଭଗ୍ନୀ।

ISSN NO.
2582-208X

ମାଇଚିଆ ବୋଲି ଲୋକେ
କହିବେଟି ମୋତେ
ଯଦି ଯିବି ଏକା ହୋଇ
ତୁମ୍ଭେ ଥିବ ସାଥେ।

ଜାଣିଛି ମୋ ପଦ୍ମାଳୟା
ଅନନ୍ୟ ତା ମତି
ସଂକୀର୍ଣ୍ଣତା ନାହିଁ ମନେ
ସେ ଜଗତ ଧାତ୍ରୀ।

ରସୋଗୋଲା ହାଣ୍ଡି ଖାଲି
ଦେଖାଣିଆ ପ୍ରେମ
ତୁମେ କୁହ ସିନ୍ଧୁ ସୂତା
ଏ କଣ ସମ୍ଭବ??

ପ୍ରେମ ଅଟେ ଚିରନ୍ତନ
ଶାଶ୍ୱତ ତା ସ୍ଥିତି
ଟଳମଳ ହୁଏ ନାହିଁ
ସତ୍ୟ ତାର ରୀତି।

ତିନି ତୁଣ୍ଡେ ନାନା କଥା
ନାନା ଉପଚାର,
ସାଧୁ ଜାଣେ ତୁମ ଆମ
ସତ୍ୟ ବ୍ୟବହାର।

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

ISSN NO.
2582-208X

# ଲଳିତ ନିବନ୍ଧ–
# ଭଲ ଖାଦ୍ୟ



ବଦ୍ରୀ ମହାନ୍ତି

'ମଣିଷ ବଞ୍ଚିଛି ଖାଇବା ପାଇଁ ନା ଖାଉଛି ବଞ୍ଚିବା ପାଇଁ'– ଏ ଦୁଇଟି କଥାକୁ ନେଇ ତର୍କ ବିତର୍କର ସୀମା ନାହିଁ। ଆଖି ବୁଲେଇ ଆଣିଲେ ଉଭୟ ଦର୍ଶନକୁ ଆପଣାର କରିଥିବା ପ୍ରାଣୀ ବର୍ଷ ବର୍ଷ ବ୍ୟାପି ଖାଦ୍ୟକୁ ଅନୁଧାବନ ନକରି ଦୌଡୁଛନ୍ତି 'ଖାଇବା' ପଛରେ। ଏହାର ଯୁକ୍ତିଯୁକ୍ତତା ପ୍ରତ୍ୟକ୍ଷ କରିବାକୁ ସମୟ ନାହିଁ। ସମୟ ସାରଣୀରେ 'ପେଟ ପାଇଁ ନାଟ', ଏକ ବହୁ ଚର୍ଚ୍ଚିତ ଓ ବହୁ ଜନ ଗୃହୀତ ଚିନ୍ତନ ରୂପେ ଗ୍ରାସ କରିଯାଇଛି ମଣିଷକୁ। ବିଶ୍ୱାସ କରାଯାଏ ଖାଦ୍ୟର ଆବଶ୍ୟକତା ନଥିଲେ ବୋଧହୁଏ ମଣିଷ ନିମନ୍ତେ ସଂଘର୍ଷ ତ୍ୟାଗ ଶ୍ରମ ଓ ତିତିକ୍ଷାର ପ୍ରଶ୍ନ ଇ ନଥାନ୍ତା। ଅହରହ ଉପାର୍ଜନ ପାଇଁ ସମୟ ଓ ଜୀବନକୁ ବାଜି ଲଗାଉଥିବା ତା ଆଖିରେ ଆଜି ଦିଶୁଥିବା ସମ୍ପର୍କ ଓ ସମୟ ଦିଶୁଥାନ୍ତେ ବିଭତ୍ସ ଏବଂ ବିଚିତ୍ର। ଖାଇବା ଓ ଖାଦ୍ୟର ବର୍ଣ୍ଣାଳୀ ଭିତରେ ଖୋଜା ପଡୁଛି କେଉଁଟା ଉପଯୁକ୍ତ ଓ ଗ୍ରହଣୀୟ। ଖାଦ୍ୟର ରୂପ, ଗୁଣ, ରଙ୍ଗ, ପରିପାଟୀ ଓ ପରିମାଣ ନିର୍ଦ୍ଧାରଣ ବିଶ୍ୱାସ ପରମ୍ପରା ପ୍ରାଚୀନତା ସହିତ ବିଜ୍ଞାନ ସମ୍ମତ ଧର୍ମ ଧାରଣା ଭିତରେ ବନ୍ଧା ପଡ଼ିଛି। ଅତଏବ ଭୋଜନ ଓ ଭୋଜନ କରୁଥିବା ପ୍ରାଣୀ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଆଜି ଖୋଜା ପଡୁଛି।

ସୁସ୍ଥ ସକ୍ଷମ ଜୀବନ ଯାପନ ନିମନ୍ତେ ଲୋଡା ସନ୍ତୁଳିତ ଆହାର। ମାତ୍ର ବର୍ତ୍ତମାନର ଆଧୁନିକ ଜୀବନଶୈଳୀ ପାଶୋରି ଦେଇଛି ଭୋଜନରେ ସନ୍ତୁଳନ। ସ୍ୱାଦିଷ୍ଟ ଭୋଜନ ପ୍ରତି ଥିବା ଦୁର୍ବାର ଆକର୍ଷଣ ଯୋଗୁଁ ତାର ଗୁଣବତ୍ତାକୁ ଦୃଷ୍ଟି ନଦେଇ ଅଳ୍ପ ବୟସରେ ସାମ୍ନା କରୁଛି ମଧୁମେହ ଓ ରକ୍ତଚାପ ପରି ଅସାଧ୍ୟ ରୋଗ। ଜୀବ ଜଗତ ସୃଷ୍ଟିର ଆରମ୍ଭ କାଳରୁ

ISSN NO.
2582-208X

ଖାଦକ ଓ ଖାଦ୍ୟର ଏକ ଅଦ୍ଭୁତ ସମ୍ପର୍କ ରହିଆସିଛି। ଖାଦ୍ୟର ଜଟିଳ ଚକ୍ର ଭିତରେ ଏହାର ଶୃଙ୍ଖଳା ପୂରଣ କରୁଛି ଜୈବିକ ଆବଶ୍ୟକତା। ମୂଳତଃ ସମଗ୍ର ପ୍ରାଣୀ ଜଗତ ଗଛ ବୃକ୍ଷ ଓ ଫୁଲ ଫଳ ଉପରେ ନିର୍ଭରଶୀଳ। ଆହାର ଶୃଙ୍ଖଳାର ପ୍ରାଥମିକ ଉପଭୋକ୍ତା ହେଉଛନ୍ତି ଗାଈ ଗୋରୁ ଛେଳି ଘୋଡ଼ା ଠେକୁଆ, ଯେଉଁମାନଙ୍କର ଭୋଜନ ସବୁଜ ଘାସ ଗଛପତ୍ର ଇତ୍ୟାଦି। ଦ୍ୱିତୀୟ ଉପଭୋକ୍ତା ବେଙ୍ଗ ଝିଟିପିଟି ପୋକ ଯୋକଙ୍କର ଖାଦ୍ୟ ପ୍ରାଥମିକ ଉପଭୋକ୍ତା। ଠିକ୍ ଯେପରି ଅନ୍ତିମ ଉପଭୋକ୍ତା ବାଘ ସିଂହ ଗଧିଆ ଆଦିଙ୍କର ଭୋଜନ ଦ୍ୱିତୀୟ ଉପଭୋକ୍ତା। ଉଦ୍ଭିଦ ଓ ପ୍ରାଣୀ ଉଭୟ ପରସ୍ପର ଆଶ୍ରିତ ହେବା ସହିତ ବିଶ୍ୱ ସନ୍ତୁଳନ ପାଇଁ ନିଜର ଭୂମିକା ସ୍ଥିର କରି ଆସିଛନ୍ତି ମହାସୃଷ୍ଟିର ଆଦ୍ୟ କାଳରୁ। କିଏ କାହାକୁ କେତେବେଳେ ଓ କାହିଁକି ଖାଇବ ଏକଥା ସ୍ଥିର ହୋଇ ସାରିଥିଲେ ସୁଦ୍ଧା ନିୟମର ବ୍ୟତିକ୍ରମ ଯୋଗୁଁ ସୃଷ୍ଟି ହେଉଛି ନାନାଦି ସମସ୍ୟା। କେବଳ ଖାଦ୍ୟ ନୁହେଁ, ଭୋଜନ ଜନିତ ବର୍ଯ୍ୟବସ୍ତୁ ଏହି ଚକ୍ର ମଧ୍ୟରେ ରହି ଆସିଛି। ଏହା ସତ୍ୟ ଯେ, ବିଶ୍ୱରେ ପ୍ରାୟ ଅଢେଇ ଲକ୍ଷ ମୃତ୍ୟୁ ହେଉଛି ଅସନ୍ତୁଳିତ ଭୋଜନ ଯୋଗୁଁ।

ଆଜି ସହଜରେ ଭଲଖାଦ୍ୟର ଭୂମିକାକୁ ଅସ୍ୱୀକାର କରି ହେବ ନାହିଁ। ଶରୀରକୁ ସୁସ୍ଥ ଓ ମନକୁ ଶୁଦ୍ଧ ଶାନ୍ତ ରଖିବା ନିମନ୍ତେ ଲୋଡା ସାତ୍ୱିକ ଭୋଜନ, ଯାହା ପାଇଁ ଲୋଡା ସବୁଜ ପନିପରିବା, ତାଜା ଫଳ, ତଟକା ଦୁଧ ଓ ଶସ୍ୟ ଜାତୀୟ ପଦାର୍ଥ। ସ୍ୱାଦିଷ୍ଟ ରାଜସିକ ଭୋଜନ ଦ୍ୱାରା ସବୁଠୁ ବେଶୀ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହୋଇଥାଏ ମସ୍ତିଷ୍କ। ମାସଲାଯୁକ୍ତ ବ୍ୟଞ୍ଜନ ପିଆଜ ରସୁଣ ଚା କଫି ଅତ୍ୟଧିକ ଗ୍ରହଣ କରିବା ଦ୍ୱାରା କ୍ରୋଧ, ଚିଡଚିଡା ଭାବ, ଅନିଦ୍ରା ଆଦି ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥାଏ। ଅତ୍ୟଧିକ ଆହାର, ବାସି ଖାଦ୍ୟ, ଅତ୍ୟଧିକ ତୈଳ, ମିଷ୍ଟାନ୍ନ, ମାଂସ, କୃତିମ ଉପାୟରେ ସଂରକ୍ଷିତ ଖାଦ୍ୟ ଇତ୍ୟାଦି ତାମସିକ ଭୋଜନ ଜନ୍ମ ଦେଇଥାଏ ଭ୍ରମ ଓ କ୍ରୋଧ ସହିତ ନାନାଦି ଅସାଧ୍ୟ ରୋଗ।

ଭଲ ଖାଇବି, ଭଲ ପିନ୍ଧିବି ଓ ଭଲଘରେ ରହି ଦୁନିଆର ସମସ୍ତ ତଥାକଥିତ ଭଲ ପାଇଁ ଅହରହ ସମୟ ସହିତ ବାଜି ଲଗାଉଥିବା ମଣିଷ ଆଖିରେ ଅନେକ ସମୟରେ ଦେଖାଯାଏ ନାହିଁ ଖାଦ୍ୟ ଅଭାବରେ ବଞ୍ଚୁଥିବା ମଣିଷଟିଏର ଅଭାବୀ ଜୀବନ। ଏ ଜାତୀୟ ପ୍ରାଣୀ ଯେତିକି ଖାଦ୍ୟ ଗ୍ରହଣ କରନ୍ତି ତାଠୁ ଅଧିକ ଫିଙ୍ଗିଦିଆନ୍ତି ବା ନଷ୍ଟ କରିଦିଅନ୍ତି। ସମଗ୍ର

ISSN NO.
2582-208X

ବିଶ୍ୱରେ ଯେତିକି ଖାଦ୍ୟ ପ୍ରତିଦିନ ନଷ୍ଟ ହେଉଛି, ତାହା ତିନିଗୁଣ ଅଭୁକ୍ତଙ୍କର ଆହାର ହୋଇପାରନ୍ତା। ମାତ୍ର ଆମର ଅହଙ୍କାର ଲୋକ ଦେଖାଣିଆ ଭାବ ଆମକୁ ଦରିଦ୍ର ମାନସିକତାରେ ବାନ୍ଧି ରଖିଛି। ବାଇ ମହାନ୍ତି କହନ୍ତି, 'ଏ ବଂଧନରୁ ଥରେ ମୁକୁଳି ଆସି ସ୍ୱଚ୍ଛ ଆଲୋକରେ ଦେଖ କେମିତି ଚଳମାନ ଏ ଖାଦ୍ୟ ଶୃଙ୍ଖଳା! କିଏ କଣ କାହାକୁ କେତେବେଳେ କାହିଁକି ଖାଉଛି ଦେଖିଲେ ଜାଣିଲେ ସିନା ଗଛ ବୁଚ୍ଛ ଫଳ ଫୁଲ ଚେର ମୂଳ ମାଛ ମାଂସ ଦୁଧ ଅଣ୍ଡା ଆଦି ପ୍ରକୃତି ଆମକୁ ଦେଇଥିବା ଦାନର ସଠିକ୍ ଉପଯୋଗ କରିପାରିବ!'

ସମୟ ଓ ବୟସ ଅନୁଯାୟୀ ସ୍ଥିର ହୋଇଛି ଆହାର। ଶୈଶବରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ବିଭିନ୍ନ ଅବସ୍ଥାରେ ଖାଦ୍ୟର ପରିମାଣ ଏବଂ ବିବିଧତା ଥିବାରୁ ଶାରୀରିକ ଓ ମାନସିକ ବିକାଶ ପାଇଁ ଲୋଡ଼ା ପୁଷ୍ଟିକର ଖାଦ୍ୟ। ପ୍ରୋଟିନ ଭିଟାମିନ କାର୍ବୋହାଇଡ୍ରେଟ ଫେଟ ଓ ଫାଇବରର ଆବଶ୍ୟକତା ମଣିଷ ନିମନ୍ତେ ଅପରିହାର୍ଯ୍ୟ ଥିବାରୁ ଖାଦ୍ୟରେ ବିବିଧତାକୁ ଗ୍ରହଣ କରିବାକୁ ହେବ। ପୁଷ୍ଟିକର ଖାଦ୍ୟଟିକୁ କେବଳ ସ୍ଥିର କରିଦେଲେ ହେବନାହିଁ। ସକାଳଠାରୁ ରାତ୍ରୀ ପର୍ଯ୍ୟନ୍ତ ଜଳଖିଆ ମଧ୍ୟାହ୍ନ ଭୋଜନ ଓ ରାତ୍ରୀ ଭୋଜନରେ କେଉଁ ପଦାର୍ଥ ଉପଯୋଗୀ ତାହା ସ୍ଥିର ନକଲେ ପାକକ୍ରୀୟା ବାଧାପ୍ରାପ୍ତ ହୁଏ ଓ ଆମନ୍ତ୍ରଣ କରେ ନୂଆ ନୂଆ ରୋଗ। ପ୍ରକୃତି ଯାହା ଦେଇଛି ତାକୁ ସାଇତି ସମ୍ଭାଳି ଯଥାର୍ଥ ବିନିଯୋଗ କରିପାରିଲେ ଜୀବନ ଖାଲି ସୁସ୍ଥ ସବଳ ସୁନ୍ଦର ହେବ ନାହିଁ ପାରିବାରିକ ଓ ସାମାଜିକ ଜୀବନ ହୋଇଉଠିବ ଆନନ୍ଦମୟ।

ତୃଣ ଭୋଜି, ମାଂସ ଭୋଜି ଓ ଉଭୟ ଭୋଜକୁ ଗ୍ରହଣ କରୁଥିବା ତିନି ପ୍ରକାର ପ୍ରାଣୀ ଆମ ଚାରିପାଖରେ ପରିଦୃଶ୍ୟ ହୁଅନ୍ତି। କେବଳ ଜଳ ବାୟୁ ଓ ଉତ୍ତାପକୁ ଆହରଣ କରି ଜୀବିତ ଥିବା ମଣିଷ ମଧ୍ୟ ଭୂପୃଷ୍ଠରେ ରହିଥିବାର କୁହାଯାଏ। ଅଳ୍ପାହାରୀ ଓ ବରିଷ୍ଠ ଭୋଜନ କରୁଥିବାଙ୍କ ସହିତ ମଝାମଝିରେ ଛିଡ଼ା ହୋଇ ଜୀବନ ଧାରଣ କରୁଥିବା ଲୋକଙ୍କ ସଂଖ୍ୟା ସୁଦ୍ଧା କମ ନାହିଁ। ଆଉ ଉପବାସ ପ୍ରସଙ୍ଗ ଉଠିଲେ ବହୁ ବିଚିତ୍ର ଓ ଅଦ୍ଭୁତ ଜୀବନର ପରିଚୟ ମିଳେ। ଉପବାସ କିଏ କରୁଛି କାହିଁକି କରୁଛି, ଏ ପ୍ରଶ୍ନଟି ଅବାନ୍ତର ମନେହେଲେ ସୁଦ୍ଧା ବିଜ୍ଞାନ ସମ୍ମତ କାରଣ ଓ ଆଧ୍ୟାତ୍ମିକ ଚିନ୍ତନଟିକୁ ସହଜରେ ଏଡାଇ ଯାଇ ହୁଏନା।

ISSN NO.
2582-208X

ସାଧନ ଓ ସିଦ୍ଧିର ଅର୍ଗଳୀରେ ବନ୍ଧା ପଡ଼ିଛି ଉପବାସ। ସେଠାରେ ଖାଦ୍ୟର ଆବଶ୍ୟକତା ଗୌଣ। ତେଣୁ ତାର ଗୁଣବତ୍ତା ବା ପ୍ରୟୋଜନୀୟତା ବିଚାର କରିବାକୁ ସମୟ ନଥାଏ।

ଜୀବନ ଧାରଣ ଓ ସୁସ୍ଥ ଜୀବନ ପ୍ରବାହ ପାଇଁ ଭଲଖାଦ୍ୟ ଅନିର୍ବାଯ୍ୟ ହୋଇଥିବାରୁ ବାଇ ମହାନ୍ତି କହନ୍ତି, 'ହେ ମହାଭାଗ ! ନିଜକୁ ସର୍ବଜ୍ଞ ମନେକରି ସମୟ ନାହିଁ କହି ସ୍ପର୍ଦ୍ଧା ଦେଖାଇ ଖାଦ୍ୟ ନିର୍ବାଚନରେ ଅବହେଳା କରନାହିଁ। ପ୍ରକୃତିର ମହାନ୍ ଦାନକୁ ନିଜ ଜାଣତରେ ନଷ୍ଟ କରି ଅନ୍ୟକୁ ଆଭୁକ୍ତ ରଖନା, ଭୁଲି ଯାଅନା କୋଟି କୋଟି ପ୍ରାଣୀଙ୍କ ପରି ତୁମେ ଏକ ସାଧାରଣ ପ୍ରାଣୀ, ସମୟ ଚକ୍ର ଓ ବିଶ୍ୱ ସନ୍ତୁଳନରେ ଘୂରି ବୁଲୁଛ। ଅତଏବ ଭଲ ଖାଦ୍ୟଟି ମନଭରି ଖାଅ, ଅନ୍ୟକୁ ତାର ସନ୍ତୋଷ ପର୍ଯ୍ୟନ୍ତ ଖୁଆଅ, ତେବେ ସିନା ବିଚାରରେ ଆସିବ ଶୁଦ୍ଧତା। ଚିନ୍ତା ଚେତନାରେ ଶାନ୍ତି ପ୍ରକଟିତ ହୋଇ ବ୍ୟପିଯିବ ପରିବାରକୁ ସମାଜକୁ ବ୍ରହ୍ମାଣ୍ଡକୁ, ନହେଲେ ସବୁ ଅସାର ପରା !'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X


# ପାଟ କନା



ବିନୟ ମହାପାତ୍ର

ରାତି ପାହିଲା,
ଏକ ନୂଆ ସୂର୍ଯ୍ୟ
ନୂଆ ଏକ ଦିନ ନେଇ ଆସିଲା,
ମାସ, ବର୍ଷ, ଦିନ,
ଗୋଟିଏ ଗୋଟିଏ ହୋଇ
ସବୁ କିଛି ବଦଳି ଗଲା ।

ମୁଁ କିନ୍ତୁ, ଅପେକ୍ଷା କରି ଥିଲି,
ମୋ ପୁରୁଣା ଦିନ ମାନଙ୍କୁ,
କଥା ଦେଇ ଥିଲେ,
ଆଉ ଥରେ ନୂଆ ରୂପ ନେଇ
ଜୀବନେ ମୋ ଆସିବାକୁ ।

ଏବେ ଆସିବେ,
କବାଟରେ ଖଟ୍ ଖଟ୍ କରିବେ,
ଖୁସିର ସନ୍ଦେଶ ଆଣିବେ ।

ISSN NO.
2582-208X

ହେଲେ, ଆହା,
କେହି ଆସେ ନାହିଁ,
ନିସଙ୍ଗ ଏ ରାତି, ନିସଙ୍ଗ ଏ ଦିନ,
ଆଜି ନିସଙ୍ଗ ମୋ, ବେରଙ୍ଗ ଜୀବନ ।

ଗ୍ରୀଷ୍ମ ପରେ, ମଉସୁମୀ ସାଥେ
ସବୁ ସତେ କେତେ ବଦଳି ଗଲେ,
ଋତୁ ସଙ୍ଗେ ତାଳ ଦେଇ
ମୋ ବନ୍ଧୁ, ମୋ ଦିନ, ମୋ ପ୍ରିୟଜନ,
ମୋର ସଙ୍ଗ ଭୂଲି ଗଲେ !

ଲୋକେ କଣ ସତରେ ବଦଳି ଯାଆନ୍ତି ?
ନା ପ୍ରୟୋଜନ ବଦଳି ଯାଏ ?
ଦୁନିଆଟା କେବଳ କ'ଣ
ଖାଲି ପ୍ରୟୋଜନର ଥାଏ ?

ଜୀବନର ଚଲା ପଥେ,
ଅନେକ ବନ୍ଧୁ ମିଳିଲେ,
ବଡ ଖୁସି ଲାଗିଲା,
ଜୀବନର ମରୁବନେ
ସତେ ଅବା ବସନ୍ତ ଆସିଲା ।

ମଳୟ ବୋହିଲା,
ନାନା ରଙ୍ଗେ ଫୁଲ ବି ଫୁଟିଲା,
କୋଇଲି ଗାଇଲା,
ରଙ୍ଗ, ରସ, ପ୍ରେମେ ଭରି ଗଲା,

ISSN NO.
2582-208X

ଜୀବନଟା ସତେ ସଂଗୀତମୟ,
ସୁରମୟ ଲାଗୁ ଥିଲା ।

ହେଲେ, ଋତୁ ବଦଳିଲେ
ମଳୟ ତା ବାଟେ
କୋଇଲିକୁ ସଙ୍ଗେ ନେଇ ଗଲା,
ପୁଣି ମୋ ନନ୍ଦନ କାନନ
ରଙ୍ଗହୀନ ଟାଙ୍ଗରା ହୋଇ ଗଲା ।

ବନ୍ଧୁ ମାନେ ଆସିଲେ,
ଆପଣା ଆପଣାର ଚାଙ୍ଗୁଡି ଭରି,
ଫୁଲ ସବୁ ତୋଳି ନେଲେ,
ଯେଝା ବାଟେ ଯେଝା ଚାଲି ଗଲେ ।

ତୁଠ ପଥର ପରି
ଆଜି ବି ମୁଁ ଏଇଠି ପଡିଛି,
ଅପନ୍ତରା ଏଇ ପୋଖରୀ ତୁଠରେ,
ବନ୍ଧୁ ଆସିଲେ,
ଆପଣାର ଫଟା ଗୋଇଠି
ରଗଡି ରଗଡି ଚିକ୍କଣ କଲେ ।

ପ୍ରୟୋଜନର ଏ ଦୁନିଆ
ପ୍ରୟୋଜନ ଶେଷରେ ସମ୍ପର୍କ ବି ଶେଷ
ଏଇ ତ ସଂସାର ନିୟମ,
ହେଲେ, ଆଜି କାହିଁକି ଏ ମନ ଉଦାସ ?

ISSN NO.
2582-208X

ଜୀବନରେ ବନ୍ଧୁ ବହୁତ ଆସିଲେ,
ଯାହା ଦବା ନବା ଥିଲା,
ଦେଲେ, ନେଲେ
ପ୍ରଣୟର ପ୍ରତିଦାନେ ପ୍ରତାରଣା ଦେଲେ,
ସୁଖ ସବୁ ପିଇ ଗଲେ
କୋକାକୋଲା ବୋତଲରେ ଷ୍ଟ୍ର ଲଗାଇ,
ଶେଷ ବୁନ୍ଦାକ ବି
ସରାଗରେ ନିଗାଡି ନେଲେ,
ପରିଶେଷେ ଖାଲି-ବୋତଲ
ଉଜୁଡା ଡଷ୍ଟବିନରେ,
ନିର୍ଦ୍ଦୟେ ଫିଙ୍ଗି ଦେଇ ଗଲେ ।

ଦୁନିଆରେ ନା ଲୋକେ ବଦଳନ୍ତି,
ନା ଦୁନିଆ ବଦଳେ,
ବଦଳେ ତ କେବଳ,
ପ୍ରୟୋଜନ ହିଁ ବଦଳି ଯାଏ ।

କର୍ପୁର ଉଡି ଗଲା ପରେ
ପାଟ କନା ପଡି ରହି ଥାଏ
କର୍ପୁର ବିନା ପାଟକନା କିବା
ପ୍ରୟୋଜନର ବସ୍ତୁ ରହି ଯାଏ ?

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ଭାବର ଡୋରି



ଦୀନବନ୍ଧୁ ପୋଇ

ଯିଏ ଛାଡିଯାଏ ତାକୁ ଛାଡ଼ିଦିଅ
ତା ବାଟରେ ସିଏ ଯାଉ
ଯିଏ ଯୋଡି ହୁଏ ତାକୁ ତୋଳି ଧର
ସର୍ବଦା ନିଜର ହେଉ ।
ଭାବର ଡୋରିଟା ଥରେ ଛିଣ୍ଡିଗଲେ
ଯୋଡିବା ନୁହେଁ ସହଜ
ହେ ପ୍ରିୟ ମାନବ ନଛିଣ୍ଡିବା ପାଇଁ
ଗଭୀର ଭାବରେ ହେଜ ।
କରିବା କହିବା ସମ୍ପର୍କ ବାନ୍ଧିବା
ନିଜର ବିଚାର ଧାରା
ସବୁତ ଇଶ୍ୱର କରୁଛନ୍ତି ବୋଲି
ଆମେ ଦେଉଥାଉ ନାରା ।
କରୁଥିବା କର୍ମ ପାଇବାକୁ ଫଳ
ଇଶ୍ୱର ଚିନ୍ତନ୍ତି ପରା
ଭଲ କରିବାକୁ ବିବେକ ରୂପରେ
ସଦା ଦିଅନ୍ତି ଇଶାରା ।

ISSN NO.
2582-208X

ବିବେକକୁ ଏଡି ମନ ସଙ୍ଗେ ମାତି
ଯାହା ପାର କର ତାହା
ଭଲ କରିଥିଲେ ଭଲ ଫଳ ମିଳେ
ଅମୃତ ପରିକା ଆହା ।
ଆତ୍ମ ବଡ଼ିମାକୁ ନ ଦେଖି ରେ ମନ
ଭଲକୁ ସମ୍ମାନ ଦିଅ
ଭଲ ଛଡା ମନ୍ଦ କେବେ ଆସିବନି
ସଦା ଇଷ୍ଟ ନାମ ନିଅ ।

ଗୋରଡ଼ା ପାଳ
ଢେଙ୍କାନାଳ
ଦୂରଭାଷ_ ୯୯୩୮୮୦୨୪୧୨

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ବିଚ୍ଛିନ୍ନାଞ୍ଚଳ ସିଂହଭୂମି ରେ 'ଛଉନାଚ'ର ବିଶେଷତ୍ୱ



ଡ଼ଃ ହରିହର ପ୍ରଧାନ

'ସିଂହଭୂମି' ବର୍ତ୍ତମାନ ରାଜନୈତିକ ପ୍ରଶାସନର ବ୍ୟବସ୍ଥା ଅନୁଯାୟୀ ଝାଡ଼ଖଣ୍ଡ (ପୂର୍ବବର୍ତୀ ବିହାର)ର ଭୌଗଳିକ ସୀମାରେ ଅବସ୍ଥିତ ହୋଇଥିଲେ ମଧ୍ୟ କସ୍ମିନକାଳେ ଉତ୍ତର ମଧ୍ୟ ଯୁଗରେ କଳିଙ୍ଗ-ଉତ୍କଳର ଅବିଭକ୍ତ ଅଙ୍ଗ ରୂପେ ପରିଗଣିତ ହେଉଥିଲା। ଅଯୌକ୍ତିକ ରାଜ୍ୟ ପୁନଃଗଠନର ନିଷ୍ପତ୍ତି ତଥା ଓଡ଼ିଆ ମାନଙ୍କ ରାଜନୈତିକ ବୀତସ୍ପୃହ ଭାବ ଯୋଗୁଁ ଓଡ଼ିଶାର ଚତର୍ଦିଗରେ ଓଡ଼ିଆ ଭାଷା ଭାଷୀ ତଥା ଉନ୍ନତ ଓଡ଼ିଆ ସଂସ୍କୃତି ସମ୍ପନ୍ନ ଭୌଗଳିକ ସୀମା ସବୁ ଆଜି ବିଛିନ୍ନାଞ୍ଚଳ ଆଉ ଭବିଷ୍ୟତରେ ହୁଏତ ବିଦେଶର ପରିଚିତି ନେବ। ଉତ୍ତର ଦିଗରେ ଉତ୍କଳ ଜନନୀର ମଥାମଣି ସଦୃଶ ଝାଡ଼ଖଣ୍ଡ ରେ ଅବସ୍ଥିତ ଇଲାକାଟି ହେଉଛି ସିଂହଭୂମି। 'ହଳଦୀ ଘାଟୀ' ଯୁଦ୍ଧରେ ପରାସ୍ତ ହେବାପରେ, ରାଜସ୍ଥାନୀ ରାଜପୁତ ମାନେ ଛିନ୍ନଛତ୍ର ହୋଇ ଯେଉଁ ଆଂଶିକ ଗୁପ୍ତ-ଜୀବନ ଯାପନର ପନ୍ଥାକୁ ଆପଣାର କରିଥିଲେ, ପୁରୀରୁ ତୀର୍ଥ ଭ୍ରମଣରୁ ଫେରିବା ବାଟରେ, ଏହି ଏସିଆର ବୃହତ୍ତମ ଶାଳବଣ ଭିତରେ ଅଗନାଅଗନି ବନସ୍ତରେ ଏକ ରାଜ୍ୟ ସ୍ଥାପନର ସ୍ୱପ୍ନ ଆଦ୍ୟ ସ୍ତରରେ ସେମାନେହିଁ ପରିକଳ୍ପନା କରିଥିଲେ। ପରବର୍ତ୍ତୀ କାଳରେ ପାର୍ଶ୍ୱବର୍ତୀ ଓଡ଼ିଶାର ଆର୍ଯ୍ୟ ଗୋଷ୍ଠୀର, ବିଶେଷତଃ ଅନ୍ୟ ରାଜପୁତ ଗୋଷ୍ଠୀର ପରିବାର ଗୁଡିକରେ ବୈବାହିକ ସଂପର୍କ ଯୋଗୁଁ ଓଡିଶା ସହ ଏମାନଙ୍କ ନୈକଟ୍ୟ ଘନୀଭୂତ ହେଲା ତଥା ପୁରୋହିତ ବ୍ରାହ୍ମଣ, ସୈନିକ ଖଣ୍ଡାୟତ, ଗଉଡ଼, କରଣ, ଓ ଅନ୍ୟାନ୍ୟ ସେବକ ଗୋଷ୍ଠୀ, ଯଥା, ଧୋବା,

ISSN NO.
2582-208X

ଭଣ୍ଡାରୀ, କମାର, କୁମ୍ଭାର, ତନ୍ତୀ, ଗୁଡ଼ିଆ ଆଦି ଗୋଷ୍ଠୀ ବହୁ ଭାବେ ଏଠି ବସବାସ କରିବା ପାଇଁ ରାଜ ପୃଷ୍ଠପୋଷକତା ପାଇ ଉତ୍ସାହିତ ହେଲେ।

ଖ୍ରୀଷ୍ଟାବ୍ଦ ୧୨୦୫ ରୁ ଆରମ୍ଭ ହୋଇଥିବା ଏହି ସିଂହଭୂମି ରାଜ୍ୟ, ହାରାହାରି ୭୦୦ ବର୍ଷ ପର୍ଯ୍ୟନ୍ତ ରାଜପୁତ ରାଜା ମାନଙ୍କର ଶାସନାଧୀନ ଥିଲା ଓ ସମୁଦାୟ ୫୨ ପିଢ଼ୀ ରାଜୁତି କରିଥିଲେ। ଆଦିବାସୀ ଅଧ୍ୟୁଷିତ ଏହି ଅଂଚଳରେ ଆଦିବାସୀ ସର୍ଦ୍ଦାର ମାନଙ୍କ ଗୋଷ୍ଠୀ ସଂଘର୍ଷର ଅବଦମନରୁ ଏହି ରାଜ୍ୟର ମୂଳଦୁଆ ହୋଇଥିଲା ଏବଂ ରାଜ୍ୟ ଶାସନ ସେମାନଙ୍କ ସହଯୋଗ ସାପେକ୍ଷ ଥିଲା। ସର୍ବଦା କିଛି ଆଦିବାସୀ ଗୋଷ୍ଠୀ ସପକ୍ଷରେ ଓ କିଛି ବିରୁଦ୍ଧରେ ଦଣ୍ଡାୟମାନ ରହୁଥିଲେ। ତେଣୁ ଅନ୍ୟଭାବରେ ଦେଖିବାକୁ ଗଲେ ଉଲ୍ଲିଖିତ ୭୦୦ ବର୍ଷର ଶାସନ କେବଳ ମାତ୍ର ରାଜ୍ୟ ବଂଚେଇବାର ସଁଘର୍ଷର ଇତିକଥା ମାତ୍ର। 'ଭୂୟାଁ' ଗୋଷ୍ଠୀର ଇଷ୍ଟଦେବୀ 'ମା'ପାଉଡୀ'କୁ ରାଜପୁତ ମାନେ ଇଷ୍ଟଦେବୀର ସ୍ଥାନ ଦେଇ ସେମାନଙ୍କ ସହଯୋଗ ପାଇଥିଲେ। ଏତଦ୍ଵାରା ସିଂହଭୂମି ରାଜପାଟରୁ ଆମେ ଦୁଇଟି ଉଲ୍ଲେଖନୀୟ ସାଂସ୍କୃତିକ ପ୍ରଧାରା ପ୍ରାପ୍ତ ହେଲେ, ପ୍ରଥମତଃ ସମଗ୍ର ସିଂହଭୂମିରେ ପାଉଡୀ ପୂଜା ଆଳରେ ଏକ ସାଂସ୍କୃତିକ ଏକ୍ୟର ଉଦୟ ଏବଂ ଦ୍ଵିତୀୟତଃ ଉଲ୍ଲେଖଯୋଗ୍ୟ ପୂଜା ପାର୍ବଣ ଅବସରରେ ମା'ପାଉଡୀ ସମ୍ମୁଖରେ ହେଉଥିବା ନୃତ୍ୟ-ନାଟ୍ୟରୁ ପରିଶୀଳିତ ହୋଇ ଛଉନାଚ'ର ଉଚ୍ଚକିତ ପରମ୍ପରା।

ପ୍ରକୃତିର ରୁଦ୍ରରୂପ ଓ ଅଶରୀରି ଭୟର ମୁକାବିଲା ପାଇଁ ମାନବ ନିଜ ତରଫରୁ ଉନ୍ମତ୍ତ ଓ ଉଦ୍ଦାମ କ୍ରିୟା ସବୁ କରିଥାଏ। ଏତଦ ବ୍ୟତୀତ ସୈନ୍ୟ ଛାଉଣୀ ଗୁଡ଼ିକର ଶତ୍ରୁ ମୁକାବିଲା ଜନିତ ପ୍ରାକ ଅଭ୍ୟାସର ଫଳଶ୍ରୁତି ରୂପେ ମଧ୍ୟ ଛଉନୃତ୍ୟକୁ ଦେଖାଯାଇଥାଏ। ମା'ପାଉଡୀଙ୍କ ବ୍ୟତୀତ ସିଂହଭୂମିର ବିଭିନ୍ନ ପ୍ରାଚୀନ ଶିବଲିଙ୍ଗ/ଶିବମନ୍ଦିର ଗୁଡ଼ିକର ପ୍ରାଂଗଣରେ ମହାବିଷୁବ ସଂକ୍ରାନ୍ତି ଓ ଅନ୍ୟାନ୍ୟ ଅନୁଷଂଗରେ ମଧ୍ୟ ଛଉନୃତ୍ୟକୁ ପ୍ରଦର୍ଶିତ ହୋଇଥାଏ। ଏହି ଅବସର ଗୁଡ଼ିକରେ ମନ୍ଦିର ପରିପାର୍ଶ୍ଵ ରେ ପଶୁବଳି ମଧ୍ୟ ହୋଇ

ISSN NO.
2582-208X

ଥାଏ। କାରଣ ଆଦିମ ବିଶ୍ୱାସ ଯେ, "Birds and animals are closer to the Gods than human beings or that they incorporate the departed spirit" (1)

'ଛଉନାଚ' ରେ ପ୍ରକୃତିର ରୌଦ୍ରରୂପର ପରିପ୍ରକାଶ ଓ ପରିଶୀଳନ ଦେଖାଯାଏ। ଛଉ ପାର୍ବତୀଙ୍କ 'ଲାସ୍ୟ' ତୁଳନାରେ ଶିବଙ୍କ 'ତାଣ୍ଡବ'ର ଅଧିକ ପାର୍ଶ୍ୱବର୍ତୀ। ଛଉ ର ଆନୁଷଙ୍ଗିକ ବାଦ୍ୟଯନ୍ତ୍ର ରୂପେ ବ୍ୟବହୃତ ଢୋଲ, ନାଗରା, ଫେଂକାଳୀ, ଶାହନାଇ ଇତ୍ୟାଦିର ଗୁରୁ ଗମ୍ଭୀର ଧ୍ୱନିକୁ କାଳବୈଶାଖୀ, ମେଘ ଘଡ଼ଘଡି ଇତ୍ୟାଦି ସହ ତୁଳନା କରାଯାଇପାରେ। ପରିବେଷଣ ପରିପାଟୀ ଓ ଅଙ୍ଗଭଙ୍ଗୀରେ ସାମାନ୍ୟ ବ୍ୟତିକ୍ରମ ସହ ବଂଗର ପୁରୁଳିଆ ଅଂଚଳରେ ତଥା ବର୍ତ୍ତମାନ ଓଡ଼ିଶାର ମୟୂରଭଞ୍ଜ ଅଂଚଳରେ ମଧ୍ୟ ଛଉନୃତ୍ୟର ପରିପ୍ରକାଶ ଦେଖାଯାଏ। ମୟୂରଭଞ୍ଜ ଶୈଳୀରେ 'ଫରୀଖଣ୍ଡା' ଯଦ୍ଧାଭ୍ୟାସର ଆଧିକ୍ୟ ଥିବାବେଳେ, ପୁରୁଳିଆର ବଂଗୀୟ ପରଂପରାରେ ଉଦ୍ଭଟ ଶାରୀରିକ ବ୍ୟାୟାମଯୁକ୍ତ ନୃତ୍ୟ ଦେଖାଯାଏ। ଏହି ଉଭୟ ପ୍ରକାର ର ଶୈଳୀରେ ନୃତ୍ୟର ଆଧିକ୍ୟ ଥାଏ, କିନ୍ତୁ ସରେଇକଳା ଶୈଳୀରେ ନୃତ୍ୟରେ ଉଦ୍ଭଟତା ନଥାଏ, ଏବଂ ଓଡ଼ିଆ ଶାସ୍ତ୍ରୀୟ ସଙ୍ଗୀତର ତାଳ, ଲୟ ମଧ୍ୟ ଦେଇ ଏହା ଗତି କରି ଥାଏ। ଏଥିରେ ଆଉ ଏକ ଲକ୍ଷଣୀୟ ଦିଗନ୍ତ ହେଲା, ସରେଇକଳା କଳା ଶୈଳୀରେ ଅଧିକାଂଶ ନୃତ୍ୟ ନାଟିକାରେ ମଧ୍ୟ ଯୁଗୀୟ ଓଡ଼ିଆ କାବ୍ୟ ଗୁଡିକରେ ସଂପୁଟିତ ଉପଖ୍ୟାନ ଗୁଡିକୁ ପରିବେଷଣ କରାଯାଇଥାଏ ଏବଂ କାବ୍ୟ ପଂକ୍ତି ଗୁଡିକୁ ପ୍ରଛଦପଟରେ ଗାନ କରାଯାଏ। ଏହି ଭାବରେ  ଛଉ ପରମ୍ପରାର ଆଦି ପର୍ବ ଯେ ଉତ୍କଳୀୟ ଏହା ସ୍ୱତଃ ପ୍ରମାଣିତ ହୋଇଥାଏ । ରାଜକୁମାର ଟିକାୟତ ନୃପେନ୍ଦ୍ର ନାରାୟଣ ସିଂହ ଦେଓ ମଧ୍ୟ ଯଥାର୍ଥରେ କହିଛନ୍ତି, 'Needless to say the choreography is Orissa in composition execution and design xxx the range or the sura which gives colouring to the actual 'Tala' is primarily Odissi'(2) କାବ୍ୟ ପଂକ୍ତି ଗୁଡିକୁ ପ୍ରଛଦପଟରେ ଗାନ କରିବାର ଅନ୍ୟ ଏକ କାରଣ ହେଉଛି ଯେ, ସରେଇକଳା ଶୈଳୀର ଛଉରେ ନର୍ତକ-ନର୍ତ୍ତକୀ ମାନେ ବିଭିନ୍ନ ଭାବର ତୀର୍ଯ୍ୟକ ପରିପ୍ରକାଶ ନିମନ୍ତେ ଅନୁରୂପ ମୁଖା ଧାରଣ କରିଥାନ୍ତି, ଅନ୍ୟପଟରେ ମୁଖା ପିନ୍ଧି ନଥିଲେ ମଧ୍ୟ ମୟୂରଭଞ୍ଜ ଓ ପୁରୁଳିଆର ଛଉରେ କିନ୍ତୁ

ISSN NO. 2582-208X

ପ୍ରଚ୍ଛଦପଟରେ ନୃତ୍ୟ ର ତାଳେ ତାଳେ କାବ୍ୟ ପଂକ୍ତି ପରିବେଷଣର ପରମ୍ପରା ନାହିଁ।

ସରାଇକେଲା ପରମ୍ପରାରେ ଛଉ ରାଜ ପୃଷ୍ଠପୋଷକତା ଲାଭ କରିଥିଲା କେବଳ ସେତିକି ନୁହେଁ, ସ୍ୱୟଂ ସରାଇକେଲାର ରାଜକୁମାର ମାନେ, ପ୍ରଜା ମାନଙ୍କ ସହ ମିଳିତ ଭାବେ ବିନା ଦ୍ୱିଧାରେ ଛଉ ନୃତ୍ୟ କରୁଥିଲେ। ତେଣୁ ସରାଇକେଲା ରେ ଛଉନାଚ ରାଜା ମହାରାଜା ମାନଙ୍କ ମନୋରଞ୍ଜନ ସକାଶେ ଉଦ୍ଦିଷ୍ଟ ନୁହେଁ, ବରଂ ରାଜା ମହାରାଜା ମାନେ ଜନଭାବନାର ସମ୍ମାନ ସକାଶେ ଗ୍ରାମ୍ୟ ଦେବା-ଦେବୀ ସମ୍ମୁଖରେ ନୃତ୍ୟ ପରିବେଷଣ କରିଥାନ୍ତି। ମଧ୍ୟ ଯୁଗୀୟ ଆଡ଼ମ୍ବର ମଧ୍ୟରେ ଶାସକ ବର୍ଗର ଏହି ଧରଣର ଜନବାଦୀ ଆଭିମୁଖ୍ୟ ଲକ୍ଷଣୀୟ ନିଷ୍ଚୟ।

------000------

ଅନ୍ତଃଟୀକା-

1-Siddiqui Dr.Ashraf, 'Loka Sahitya', p-239.

2-Singhdeo N.N. ' Singhbhum Detailed and Kharsawan Through the Ages', Calcutta,1956, P-102.

ବିଭାଗ ମୁଖ୍ୟ
ଉପାଧ୍ୟୁତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
କୋହ୍ଲାଣ ବିଶ୍ୱ-ବିଦ୍ୟାଳୟ, ସିଂହଭୂମି,ଝାଡ଼ଖଣ୍ଡ
ମୋ-୮୦୯୨୧୮୪୭୯୫

ISSN NO.
2582-208X

# ପତିତ ପାବନ



ସତ୍ୟନାରାୟଣ ପ୍ରସାଦ ନାୟକ

ଆମ ଶ୍ରୀମନ୍ଦିର ଶୋଭାର ଭଣ୍ଡାର
ନୀଳଚକ୍ରେ ଉଡେ ନେତ,
କୋଟି ଜନତାଙ୍କ ପ୍ରାଣର ଦେବତା
ମହାପ୍ରଭୁ ଜଗନ୍ନାଥ ।

ତୁମେ ମହାବାହୁ ବସିଛ ମଉନେ
ତୁମ ରତ୍ନ ସିଂହାସନେ,
ଅଦୃଶ୍ୟ ଶକ୍ତିର ଇଶାରାରେ ଅବା
ସୃଷ୍ଟି ଚାଲେ ପ୍ରତିକ୍ଷଣେ !

ଭାବର ଡୋରିରେ ବାନ୍ଧି ଏ ଜୀବନ
ଦିବା ନିଶୀ ଝୁରେ ମନ,
ହୃଦୟ ବୀଣାରେ ଝଙ୍କାର ତୋଳି
ଗାଏ ତୁମ ଯଶ ଗାନ ।

ମରୁ ମରୀଚିକା ସେନେହ ପୀରତି
ନୁହେଁ କେବେ ଚିରନ୍ତନ,

ISSN NO.
2582-208X

ତୁମରି କରୁଣା ତୁମରି ଆଶିଷ
ମିଳେ ହେଲେ ପୂଣ୍ୟ ବାନ ।

ସମୟ ଦୋଳିରେ ଝୁଲେ ଏ ଜୀବନ
ଆସିଛି ଅନ୍ଧେଇ ଦିନ,
ତୁମ ଶ୍ରୀ ଚରଣେ ନେଉଛି ଶରଣ
ଏଇ ଦୀନ ଅକିଞ୍ଚନ ।

ରଥ ରୋଡ, ଭୁବନେଶ୍ୱର -2
Mob-94377640 14

ବେଦାନ୍ତୀ ପାଇଁ ଲେଖା ପଠାନ୍ତୁ ଏବଂ ଆପଣଙ୍କ ଲେଖା ସମଗ୍ର ବିଶ୍ୱରେ ଥିବା ଓଡିଆମାନଙ୍କ ପାଖରେ ପହଞ୍ଚାନ୍ତୁ । ଲେଖା ପ୍ରତିମାସ ୫ ତାରିଖ ଭିତରେ ପଠାନ୍ତୁ । ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com /
editor.vedantimagazine@gmail.com

ISSN NO.
2582-208X

# ହେ ପରମ ପିତା



ଅଧ୍ୟାପକ ଅବିନାଶ ବାରିକ୍

ହେ ପରମ ପିତା ଭବଭୟ ତ୍ରାତା ବନ୍ଦଇ ଶ୍ରୀପଦ ତବ ।
ତୁମେ ବିଶ୍ୱପିତା ଜଗତ କରତା ନରହରି ବାସୁଦେବ ।୧ ।

ରହିଅଛ ସକଳ ଅନ୍ତରେ ପୁରି ଶ୍ରୀହରି ଦୀନ ବାନ୍ଧବ ।
ଭକ୍ତ ଜନବନ୍ଧୁ ଆହେ କୃପାସିନ୍ଧୁ ଜଗବନ୍ଧୁ ସୁମାଧବ ।୨ ।

ଜଗଜ୍ଜନ ହୀତା ବ୍ରହ୍ମାଣ୍ଡ କରତା ମାଧବ ଶ୍ରୀରାଧା ଧବ ।
ବେଳୁ ବେଳୁ ଭବ ଦୁଃଖ ରାଶିମାନ ବଢୁଅଛି ହେ କେଶବ ।୩ ।

ଢାଳ କୃପାବାରୀ ଆହେ ମଧୁହାରୀ ଦୁଃଖ ହର ରମାଧବ ।
ବେଳକାଳ ଜାଣି ଦେବ ଚକ୍ରପାଣି ଏ ଦୀନେ ଦର୍ଶନ ଦେବ ।୪ ।

ହେ କରୁଣାସିନ୍ଧୁ ପ୍ରଭୁ ଦୀନବନ୍ଧୁ ଭକ୍ତ ସୁଖ ଶ୍ରୀୟାଧବ,
କୃପାଜଳ ଢାଳ ଶ୍ରୀକ୍ଷେତ୍ର ମଉଳୀ ଜନ୍ମ ସାର୍ଥକ କରିବ ।୫ ।

ଦୁଃଖିଜନ ବନ୍ଧୁ ତୁମ୍ଭେ କୃପାସିନ୍ଧୁ ଶ୍ରୀହରି ଭକ୍ତ ବାନ୍ଧବ ।
ଭକ୍ତଜନ ପ୍ରିୟ ହେ ଦେବାଧିରାୟ ନନ୍ଦତନୟ ମାଧବ ।୬ ।

ବରେହୀ ପୁଚ୍ଛ ଧାରଣ ନାରାୟଣ ଶ୍ରୀପତି ଶ୍ରୀମତୀ ଧବ ।
ବାଳଗୋପାଳ ମୂରତି ଯଦୁପତି ବିଷ୍ଣୁ ବୃନ୍ଦାବତୀ ଧବ ।୭ ।

ISSN NO.
2582-208X


ଶଙ୍ଖ ଚକ୍ର ଗଦା ପାଣି ନୀଳମଣି ଶାନ୍ତାକାର ଯା ସ୍ୱଭାବ ।
ଭାବ ବାସୁଦେବ ହେ ସୁଧି ସାଧବ ଦୂର ହୋଇବ ଅଭାବ ।୮।

ଭାବକୁ ନକଟ ଅଭାବକୁ ଦୂର ଶ୍ରୀଧର ତୁଳସୀ ଧବ ।
ବହନ ଭଜମନ ନନ୍ଦନନ୍ଦନ ଭବ କଷଣ ହରିବ ।୯।

ଭାର ଭକତର ବହେ ନିରନ୍ତର ସର୍ବଦା ଭାରତୀ ଧବ ।
ମତ୍ସ୍ୟ କଚ୍ଛପ ବରାହ ବାମନାଦି ଦଶାବତାରୀ କେଶବ ।୧୦।

ହେ ବିଶ୍ୱ ବାନ୍ଧବ ଦେବ ପଦ୍ମନାଭ ତୁମ୍ଭେ ତ ପ୍ରାନ୍ତ ଆରମ୍ଭ ।
ନୟନାଭିରାମ ପୁରୁଷ ଉତ୍ତମ ନରହରି ସର୍ବ ଶୁଭ ।୧୧।

ଭକତ ବତ୍ସଳ ଦେବକୀ ଦୁଲାଳ ଶ୍ରୀକୃଷ୍ଣ ରୁକ୍ମଣୀଧବ ।
ବିଶ୍ୱପତି ଯଦୁପତି ହେ ଶ୍ରୀପତି ତ୍ରେତୟାରେ ତୁ ରାଘବ ।୧୨।

ବିଶ୍ୱ ଚରାଚର ଯାର ଖେଳଘର ଭାଙ୍ଗି ଗଢେ ରମାଧବ ।
ଭାବ ସୀତାପତି ରାମ ଦାଶରଥି ଭବତାପ ଦୂର ହେବ ।୧୩।

ଗଙ୍ଗାପଦ ସେବ ଗଙ୍ଗାପଦ ଭାବ ଅଗ୍ରଜ ଯା ବଳଦେବ ।
ବରୁଣ ଜାମାତା ବିଷ୍ଣୁ ବିଶ୍ୱପିତା ପିଅର ଯା ବସୁଦେବ ।୧୪।

ବହନ ଭଜମନ ଚକାନୟନ ଆପଦ ମାନ ହରିବ ।
ହରଣ ହୋଇବ ଏ ଭବ କଷଣ ଚନ୍ତୁଲେ ଭାର୍ଗବୀ ଧବ ।୧୫।

ମହୁ, ଆଳ, କେନ୍ଦ୍ରାପଡ଼ା
ମୋ- ୭୦୦୮୪୩୬୮୩୪

ISSN NO.
2582-208X

# ପ୍ରଭାତର ସୂରୁଜ କିରଣ



ଅମୃତନାରାୟଣ ଶତପଥୀ

ପ୍ରଭାତର ସୂରୁଜ କିରଣ, ଅନ୍ଧକାର ବୁକୁକୁ ଫଟାଇ
କି ସୁନ୍ଦର ସେହି ଦୃଶ୍ୟ ଆହା ଚିତ୍ତ ମନେ ହୁଏତ ସଜାଇ।(୧)
ପକ୍ଷୀର କାକଳୀ ଆଉ ପଶୁ ହମ୍ବା ରଡି ଅବା ମନ୍ଦିରର ଶଙ୍ଖ ଘଣ୍ଟ ଘଣ୍ଟା
ସମୟତ ବିତିଯାଏ ଟିକ୍ ଟିକ୍ ଚାଲି ପୁଣି ଛୋଟ ସେହି ଘଣ୍ଟାଟିର କଣ୍ଟା।(୨)
ପ୍ରଭାତର ସେହି ଶୁଦ୍ଧ ସୁନେଲି କିରଣ ସହ ଶାନ୍ତ ବାୟୁ ମିଳିଥାଏ ପୁଣି
ଗଢ଼ିଛନ୍ତି ଈଶ୍ୱର ଏ ସୁନ୍ଦର ଧରାପୃଷ୍ଠକୁ ସଭିଙ୍କର ମନକୁ ତ ଜାଣି।(୩)
ସକାଳର ଦୃଶ୍ୟ ଠାରୁ ସନ୍ଧ୍ୟାର ଅନ୍ଧାର ଯାଏଁ ଦୂର ଦିଗ୍ ବଳୟ କୁ ଦେଲେ ଦେଖି,
ମନଲୋଭା ଆନନ୍ଦ ଓ ଉଲ୍ଲାସରେ ଭରିଯାଏ ପ୍ରକୃତି ପ୍ରେମୀ ଏହାର ସାକ୍ଷୀ(୪)
ପ୍ରକୃତି ପ୍ରେମୀଟେ ହୁଅ ପ୍ରକୃତିକୁ ଭଲପାଅ ପ୍ରକୃତରେ ସଂସାରେ ତା ସାର,
ପ୍ରକୃତିର ବିରୁଦ୍ଧାଚରଣ ସମସ୍ତ ବିପଦ କାରଣ ସଂସାରେ ଜୀଇଁବା ଅସାର।(୫)
ଆନନ୍ଦିତ ପ୍ରଫୁଲ୍ଲିତ ହୁଅ ଆହେ ସଭିଏଁ ମୋ ଭାଇ ବନ୍ଧୁ ପ୍ରଭାତ ସୂରୁଜ କିରଣ ସମ,
ରହିନାହିଁ ରହିବନି କେଉଁ ପରିସ୍ଥିତି ଆହେ ହୋଇଥାଉ ଯେତେ ବି ବିଷମ।(୬)

ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର

ISSN NO.
2582-208X

# ଜୀବନ ଯୁଦ୍ଧ

ସସ୍ମିତା ପ୍ରଧାନ

ଉଦୁଉଦିଆ ଖରାବେଳ । ମୁଣ୍ଡ ଫଟା ଖରା ହେଉଛି । ଗାଁ ଦାଣ୍ଡ ଶୂନଶାନ୍ ।ରାସ୍ତା ଘାଟରେ କାଉ, କୋଇଲି, ଡାହାଣୀ ଚିରଗୁଣୀଙ୍କର ବି ଦେଖା ନାହିଁ । ଖରାର ପ୍ରକୋପ ରୁ ବଞ୍ଚିବା ପାଇଁ ଯେଝା ଘରେ ବିଶ୍ରାମ କରୁଛନ୍ତି । ଗଛ ପତ୍ର ବି ହଲୁନି । ଏତିକି ବେଳେ ଗାଁ ଦାଣ୍ଡରେ ସାଇକେଲ ଗଡେଇ ଗଡେଇ ବୁଢା ଲୋକ ଟିଏ ଡାକୁଥାଏ, ଗଜା ରଖିବ ଗଜା । ବୟସ ୭୦ କି ୮୦ ହେବ । ହାଡୁଆ ଦେହ । ଝାଳର ଧାର ମୁହଁରୁ ଖସୁଛି । ପିନ୍ଧିଥିବା ଚିରା ସାର୍ଟ ଟି ମଇଳା କୋଚଟ ହୋଇଛି । ଖରାରେ ବୁଲି ବୁଲି ମୁହଁ କଳାକାଠ ପଡିଛି । ମୁହଁରେ ଚିନ୍ତା ଅବସାଦ ର ରେଖା ବାରିହୋଇ ପଡୁଛି । ସାଇକେଲ ଷ୍ଟାଣ୍ଡ କରି ବୁଢା ଲୋକ ଟି ଛିଡା ହେଲା । ମୁଁ ପଚାରିଲି ମଉସା, ଏ ଯେଉଁ ଖରା ହେଉଛି ତମେ ଏଥିରେ ବୁଲି ବୁଲି ଗଜା ବିକୁଛ । ଟିଭି ରେଡ଼ିଓ ଖବରକାଗଜ ସବୁଥିରେ ସରକାର କହିଛନ୍ତି, ପଦାକୁ ବାହାରନ୍ତୁ ନାହିଁ । ଅଂଶୁଘାତ ହୋଇ ଯିବ । ବୁଢା ଲୋକ ଟି ମୋ ମୁହଁକୁ ଗୋଟେ ଆତ୍ମୀୟତା ଭରା ନଜରରେ ଚାହିଁଲା । ମୁଁ ପାଣି ଗ୍ଲାସ ଟେ ବଢାଇ ଦେଇ କହିଲି, ମଉସା ପିଇ ନିଅ । ବୁଢା ଲୋକ ଟି ଏକା ନିଃଶ୍ୱାସ ରେ ପାଣିତକ ପିଇସାରି କହିଲା, ଭଗବାନ ତୋର ମଙ୍ଗଳ କରନ୍ତୁ । କଣ କହିବି ରେ ମା, ଯଦି ମୁଁ ଗଜା ନ ବିକିବି, ଚଳିବି କେମିତି। ଖାଇବି କଣ । ମୁଁ ପଚାରିଲି, ଏ ବୟସରେ ଏମିତି ଅବସ୍ଥାରେ ଗଜା ବିକି ଚଳୁଛ । ତମ ଘରେ କଣ କେହି ପିଲା ପିଲି ନାହାନ୍ତି । ବୁଢା ଲୋକ ଟି ଦୀର୍ଘଶ୍ୱାସ ଛାଡି କହିଲା, ହଁ ରେ ମା' ଅଛନ୍ତି । ମୋର ତିନି ପୁଅ ଗୋଟିଏ ଝିଅ । ଚାଷୀ ମୂଲିଆ ଲୋକ ଟିଏ ମୁଁ । ବହୁତ କଷ୍ଟରେ ଦିନେ ଖାଇ ଦିନେ ଉପାସ ରହି ପିଲା ମାନଙ୍କୁ ମଣିଷ କଲି । ସେମାନଙ୍କୁ ହାତକୁ ଦି ହାତ କଲି । ଏବେ ମୁଁ ବୁଢା ହୋଇ ଗଲିନି ଯେ ତାଙ୍କ ପାଇଁ ଗୋଟେ ଅଲୋଡା ଅଦରକାରୀ ବୋଝ ହୋଇ ଗଲି । ସବୁବେଳେ ଆମ ବୁଢା ବୁଢ଼ୀ ଦିଟା ଙ୍କୁ ଗଣ୍ଡେ ଖାଇବା ପାଇଁ ଦେବାକୁ ପୁଅ ବୋହୂ ମାନଙ୍କ ଭିତରେ ଝଗଡା । ବୁଢ଼ୀ ଟା ପକ୍ଷାଘାତ ରୋଗୀ ।

ISSN NO.
2582-208X

ତାକୁ ଟିକେ ମାଆ ବୋଲି ଚାହୁଁ ନାହାନ୍ତି କି ଔଷଧ ପଥି ଦେଉ ନାହାନ୍ତି । ହୀନ କପାଳୀ ଝିଅ ଟି କୁ ବାହା ଦେଇ ଥିଲି ଯେ ଯଉତୁକ ପାଇଁ ଶାଶୂଘର ଲୋକ ସବୁବେଳେ ମାର୍ ପିଟ୍ କଲେ କଥା କଥାରେ ଖୁଣ୍ଟା ଦେଲେ ସେ କାନ୍ଦି ବୋବେଇ ଆସି ମୋରି ପାଖେ ରହିଛି । ଜନମ ଦେଇଛି ସିନା ମୁଁ କାହା କରମ ତ ଲେଖିନି ନା । ଏ ବୁଢା ବୟସରେ କଉଠୁ ଆଣିବି ଯଉତୁକ ବାବଦକୁ ଟଙ୍କା । ଭାଇ ଭାଉଜ ମାନେ ତ କେହି ପଚାରିଲେନି ମୋ ବେକରେ ମା' ଝିଅ ଦୁହେଁ ବନ୍ଧା । ଆଉ ଆଗପରି ଦେହରେ ବଳ ନାହିଁ କି ଅଲଗା କିଛି କାମ କରିବାକୁ ସାହସ ପାଉନି । ଏ ଗଜା ବେପାର କୁ ଆଦରି ନେଇଛି । ନିତି ସକାଳେ ଝିଅ ଓ ମୁଁ ଗଜା ତିଆରି କରୁ । ଝିଅ ତା ମାଆ କୁ ଜଗି ଘରେ ରହେ ମୁଁ ଗାଆଁକୁ ଗାଁ ବୁଲି ଗଜା ବିକେ। ଯାହା ଦି ପଇସା କିଛି ହୁଏ ବୁଢ୍ୀ ର ଔଷଧ ପଥି ଖରିଦ କରେ ଆଉ କିଛି ଝିଅ ର ଯଉତୁକ ଟଙ୍କା ଦେବି ବୋଲି ସଞ୍ଚିକି ରଖେ । ଯେତେ ଦିନ ଦିହରେ ଜୀବନ ଥିବ ଏମିତି ବଞ୍ଚିବା ପାଇଁ ଯୁଦ୍ଧ କରୁଥିବି । ଯଉଠି ପଡି ମଲେ ଶିଆଳ କୁକୁର ଖାଇବେ। ଜୀବନ ସାରା ପିଲା ମାନଙ୍କୁ ମଣିଷ କରିବା ପାଇଁ ଅଭାବ ଅନଟନ ସହ ଯୁଦ୍ଧ କରି କରି ହୋଇନି ଏ ବୟସରେ ବଞ୍ଚିବା ପାଇଁ ଯୁଦ୍ଧ କରୁଛି ମୁଁ । କାନ୍ଧରେ ପକାଇ ଥିବା ଚିରା ଗାମୁଛାରେ ମୁହଁ ପୋଛି ବୁଢା ଲୋକ ଟି ଗଜା ନେବ ଗଜା କହି ଆଗକୁ ଚାଲିଗଲା । ମୋ ଆଖିରେ ଲୁହ ଟଳମଳ ହେଉଥାଏ । ମନେ ମନେ ଭାବୁଥିଲି, ଆଜିର ମଣିଷ ମାନେ କଣ ଏତେ ଅବିବେକୀ ହୋଇ ଗଲା । ନିଜର ମଣିଷତ୍ୱ ହରାଇ ହିତାହିତ ଜ୍ଞାନ ଭୁଲି ଗଲା । ଯେଉଁ ବାପା ମାଆ ନିଜ ଜୀବନ ରେ ସୁଖ ସ୍ୱାଛନ୍ଦ ନ ଚାହିଁ ପିଲାଙ୍କ ଖୁସି ଚାହିଁ ଆସିଛନ୍ତି ସେ ଆଜି ତାଙ୍କୁ ବୋଝ ଭାବି ଅନାଦର କରୁଛନ୍ତି ଆଉ ଏ ନିଃସହାୟ ବୁଢା ବାପଟି ଏ ବୟସରେ ପେଟର ଭୋକ ମେଣ୍ଟେଇବା ପାଇଁ ବଞ୍ଚିବାକୁ ଯୁଦ୍ଧ କରୁଛି ।

ରାଜନଗର, କେନ୍ଦ୍ରାପଡା

ISSN NO.
2582-208X

# ନୀରବତାର ମୂଲ୍ୟବୋଧ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ

ନୀରବତା ଏକ ଶକ୍ତି
ମାପି ହୁଏନାହିଁ ଯାହା କେବେ ତରାଜୁରେ;
କରନ୍ତୁ ସନ୍ତୋଷର ବୀଜ ବୁଣେ,
ଦୁଃଖକ୍ଲୀଷ୍ଟ ମାନବର ବ୍ୟଥିତ ଅନ୍ତରେ ।
ବରଂ ଚୁପ ରହିଯିବା ଖୁବ ଭଲ,
ମୂକ ବା ନିର୍ବୋଧ ବୋଲି ଭାବନ୍ତୁ ସକଳେ;
ନୀରବତା ଆଣିଦିଏ ସଫଳତା
ସେହି ମଣିଷମାନଙ୍କୁ;
ସମୟର ସ୍ୱର୍ଣ୍ଣାଭ ସକାଳେ ।
କାର୍ଯ୍ୟସିଦ୍ଧି ହୁଅଇ ସୁଲଭ୍ୟ-
ନୀରବତା ଶାଶ୍ୱତ-ମନ୍ତ୍ରରେ;
ଉନ୍ନତିର ପଥ ହୁଏ ରୁଦ୍ଧ,
ପ୍ରତିବାଦ ଶାଣିତ ଯୁକ୍ତିରେ ।
ଆତ୍ମାର ସଦଗତି ପାଇଁ-
କରୁ ଆମେ ନୀରବ ପ୍ରାର୍ଥନା;
ମୌନବ୍ରତ କରିଥାଉ-
ସଫଳ କରିବା ପାଇଁ ସକଳ କାମନା ।
ପରମାତ୍ମା ସହ ଆତ୍ମା ମିଳନ ସକାଶେ-
ନୀରବରେ କରୁ ଆମେ ଧ୍ୟାନ;

ISSN NO.
2582-208X


ନିକାଞ୍ଚନ, ଶାନ୍ତ, ସ୍ନିଗ୍ଧ, ବନ୍ୟ-ପରିବେଶ
ତପସ୍ୱୀ ଓ ସାଧକଙ୍କୁ କରେ ଆକର୍ଷଣ ।
କଳହକୁ କରି ଅସ୍ତ୍ର-କ୍ରୋଧାନ୍ଧ ମଣିଷ,
ଅହରହ କଟୁଭାଷା କରେ ଉଚ୍ଚାରଣ;
ନୀରବ-ଦର୍ଶକ ସାଜି, ସତ୍ୟ ଅନୁସରି-
କରିଯାଏ ସବୁକିଛି ସ୍ୱତଃ ନିରୂପଣ ।
ଜଣଙ୍କର ନିରୀହତା, ନୀରବତା,
ଅନ୍ୟକାରେ ଯୋଗାଇ ଫାଇଦା;
ନୀର୍ବରେ ରହିଥିବା ମଣିଷର-ସ୍ୱପ୍ନ,
ହୁଏନା ସାର୍ଥକ-ରହିଯାଏ ଅଧା ।
ଚୁପ ରହି ବଞ୍ଚୁଥିବା ଲୋକଙ୍କର-
ସମାଜରେ ନାହିଁ କିଛି ମୂଲ୍ୟ;
ଅପରାଧ ଦେଖି ଦେଖି ନୀରବରେ ରହି-
ଅଭିନୟ କରିବାକୁ ପଡେ ଏକ ଅନ୍ଧ ତୂଲ୍ୟ ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ

ISSN NO.
2582-208X

# ତୁମେ ଗଲ୍‌ପରେ



ଅରୁଣ କୁମାର ମହାପାତ୍ର

କାହିଁକି କେଜାଣି ନୀଳ ଆକାଶଟା
ମୁହଁ ଘୋଡାଏ ମେଘରେ
ତା ଶୁଭ୍ର ବଦନ କରଇ ରୋଦନ
କିବା ତୁମେ ଗଲାପରେ ।
ନୀଳ ସାଗରର ଦୀର୍ଘ ବେଳାଭୂମି
ବସିଅଛି ମୁହଁ ମାଡ଼ି
ଗଲାପରେ ତୁମେ ସତେକି ତରଙ୍ଗ
ଯାଇଛି କୂଳକୁ ଛାଡି ।
ନାହିଁ ସେ ସରଧା ଧିମେଇ ଯାଇଛି
ନଦୀ ଝରଣାର ଧାର
ତୁମେ ଗଲାପରେ ଶୁଖି ଶୁଖି ଯାଇ
ସୂକ୍ଷ୍ମ ଶରୀର ତାର ।
ସୁନ୍ଦର ସେଇ ଉଚ୍ଚ ଊର୍ମିମାଳା
ମଥାକୁ ନୁଆଁଇ ଆଜି
ଗଲାପରେ ତୁମେ ସ୍ମୃତିକୁ ସାଉଁଟି
ତୁମକୁ ପାଉନି ଖୋଜି ।
ମଳୟ ପବନ ମନ୍ଦ ମନ୍ଦ ବହି

ISSN NO.
2582-208X


କହୁଥିଲା ଦିନେ କାନେ
ତୁମେ ଗଲାପରେ ରଜନୀଗନ୍ଧାର
ବାସ୍ନା ବି ନାହିଁ ସପନେ।
କହିବିନି କେବେ ଥିଲ ତୁମେ ମୋର
ଶେଷ ରାହା ବଞ୍ଚିବାର ।
ତୁମେ ଗଲା ପରେ କେତେ ଯେ ବାହାନା
ବଢେ ହାତ ଛଳନାର।
ନିଶ୍ଚିତ ଏ ମନ ନୁହଁଇ ସନ୍ଦିଗ୍ଧ
ତୁମ ମନ ମୋତେ ଝୁରେ
ତୁମେ ଗଲା ପରେ ମୋର ଏ ହୃଦୟେ
ତୁମ ଛବି ଉଙ୍କିମାରେ।

ବୈଜ୍ଞାନିକ ଅଧିକାରୀ
ଅଶ୍ୱପୁରମ ତେଲେଙ୍ଗାନା

ବେଦାନ୍ତୀ ପାଇଁ ଲେଖା ପଠାନ୍ତୁ ଏବଂ ଆପଣଙ୍କ ଲେଖା ସମଗ୍ର ବିଶ୍ୱରେ ଥିବା ଓଡିଆମାନଙ୍କ ପାଖରେ ପହଞ୍ଚାନ୍ତୁ । ଲେଖା ପ୍ରତିମାସ ୫ ତାରିଖ ଭିତରେ ପଠାନ୍ତୁ। ଲେଖା ପଠାଇବାର ଠିକଣା

ମେଲ୍: vedantimagazine@gmail.com /

editor.vedantimagazine@gmail.com

ISSN NO.
2582-208X

# ଭକ୍ତିର ଶକ୍ତି



ହରେରାମ ପଣ୍ଡା

ଭକ୍ତି ଠାରୁ ବଡ଼ ନାହିଁ କିଛି ଶକ୍ତି
ଏହି ଜଗତରେ ଜାଣ,
ସେଥିପାଇଁ ସଦା ଭକ୍ତ ସାଥେ ସାଥେ
ରହିଥାନ୍ତି ଭଗବାନ ।

ସକଳ ଘଟରେ ବିଜେ ନାରାୟଣ
ଅଟଇ ବେଦ ବଚନ,
ଭକତି ବଳରେ ଯଶ ଅରଜିଲେ
କେତେ ଯେ ମହତଜନ ।

ଧ୍ରୁବ ପ୍ରହଲ୍ଲାଦ ଭାବ ଭକତିରେ
କିଣିଲେ ପ୍ରଭୁଙ୍କ ମନ,
ଭକ୍ତ ବଳରାମ, ଦାସିଆ ବାଉରୀ
ଜିତିଲେ କାଳିଆ ପ୍ରାଣ ।

ହୃଦ ଖୋଲି ଥରେ ଭକ୍ତିର ଅଞ୍ଜଳି
ଦିଅ ଜଗତନାଥଙ୍କୁ,

ISSN NO.
2582-208X



କରୁଣା ଭଣ୍ଡାର ଖୋଲିଦେବେ ପ୍ରଭୁ
ଶାନ୍ତି ମିଳିବ ମନକୁ ।

କାମ, କ୍ରୋଧ, ମୋହ, ଲୋଭ ତ୍ୟାଗକରି
ଡାକ ଶ୍ରୀହରିଙ୍କୁ ଥରେ,
ଭକତିର ଶକ୍ତି ଜାଣିବ ନିଶ୍ଚୟ
ସତ୍ୟ ଅକ୍ଷରେ ଅକ୍ଷରେ ।

କୁଆଁସ, ମେର୍ଦା କାଟିଆଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
ଆଳାପ -୯୪୩୮୦୭୫୧୯୫

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢ଼ିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ବାକ୍ ହୀନ ଗୃହାଣି



ଅମ୍ବିକା ସ୍ୱାଇଁ

ଅରୁଣ ବାବୁଙ୍କ ର ବିଲ୍ କୁଲ ଅଭ୍ୟାସ ନାହିଁ, ଘରକୁ ମାସିକିଆ ସଉଦା ଆଣିବା, କି ଏକାଥରେ ହାଟରୁ କିଛି ପରିବା ଧରି ଘରକୁ ଆସିବା ....!!

ସ୍ତ୍ରୀ ଅମିତା ଯେତେ କହିଲେ ବି ସେ କେବେ ଶୁଣନ୍ତିନି । ଯେତେବଳେ ଯାହା ଦରକାର କେବଳ ସେତିକି ଜିନିଷ ହିଁ ଆଣନ୍ତି । ଏମିତିକି ଘରେ ପୂଜା ପର୍ବ ବା ପିଲାଙ୍କ ଜନ୍ମ ଦିନରେ ସତ୍ୟ ନାରାୟଣ ପୂଜା ଟିଏ ପାଇଁ ପୂଜକ ଦେଇ ଥିବା ବରାଦ ଅନୁଯାୟୀ ଜିନିଷ କୁ ବଜାର କୁ ଥରକୁ ଥର ଯାଇ ଦଶ ଥର ରେ ବି ପୁରଣ ହୁଏନି, କିଛି ଗୋଟେ ଜିନିଷ ର ଅଭାବ ନିଶ୍ଚୟ ଥାଏ । ଏମିତି କି ଦିନେ ଦିନେ ଘରେ ଅଲଣା ଖାଇବାକୁ ପଡେ, ବିନା ପିଆଜ, ରସୁଣ ରେ ବି ମାଛ ତରକାରୀ ହୁଏ...ଅରୁଣ ବାବୁ ବଜାର ଯାଇଥିବେ ଗଲା ବେଳେ ଅମିତା ବରାଦ କରି ଥିବେ ହଁ ଶୁଣ ଯଦି ମାଛ ଆଣିବ ପିଆଜ ଘରେ ନାହିଁ ଆଣି କି ଆସିବ ଭୁଲି ବନି... କିନ୍ତୁ, ଅରୁଣ ବାବୁ ଖାଲି ମାଛ ଆଣି ଆସି ଥିବେ, ଅମିତା ବ୍ୟାଗ୍ ଅଣ୍ଡାଳି ଦେଖିଲା ବେଳକୁ ପିଆଜ ନଥିବ, ପଚାରିଲେ କହିବେ ଆରେ ଭୁଲି ଗଲି ସେମିତି ରାନ୍ଧି ଦିଅ ମ ..ଅମିତା ଆଉ କଣ କହିବେ, ମୁଣ୍ଡରେ ହାତ ଦେଇ ନୀରବ ଚାହାଣୀ ରେ ଚାହିଁ ଦିଅନ୍ତି...କାମରେ ଲାଗି ପଡନ୍ତି ।ଏମିତି ଏମିତିରେ ସମୟ ଗଡି ଚାଲେ.......ଏବେ ବି ସେ ପୁରୁଣା କଥା ଅନେକ ସ୍ମୃତି ପଟ୍ଟ ରେ ଉଜ୍ଜୀବିତ ହୋଇ ରହିଛି ଅମିତା ଙ୍କର। ମନେ ପଡି ଯାଉଚି ଗୋଟି ଗୋଟି କରି... ଦିନକର କଥା ଅରୁଣ ବାବୁ ସକାଳ ୧୦ ଟା ରେ ଘରୁ ସବୁ ଦିନ ପରି ଜଳ ଖିଆ ଖାଇ ବାହାରି ପଡିଲେ ଅଫିସ୍, ଗଲା ବେଳେ ଅମିତା କହିଲେ,

ISSN NO.
2582-208X

ହଁ ଶୁଣ, ତୁମକୁ ଦୁଇ ଦିନ ହେଲା କହୁଚି ଲୁଣ ସରି ଆସିଲାଣି ଆଣିବ। ତୁମେ ତ ଆଣୁନ କିନ୍ତୁ ଏବେ ଖାଇବାକୁ ଆସିଲା ବେଳେ ଲୁଣ ପ୍ୟାକେଟ ଟେ ଧରିକି ଆସିବ । ମୁଁ ସବୁ ସିଝା ସିଝି କରି ରଖିଥିବି ଆସିଲା ପରେ ତରକାରୀ ଡାଲି ରେ ଲୁଣପକାଇ ଛୁଙ୍କ କରି ଖାଇବା ।

ହଉ ଏଇ କଥା, ଠିକ୍ ଅଛି, ମୁଁ ଖାଇବାକୁ ଆସିଲା ବେଳେ ନେଇ ଆସିବି । ଅମିତା ସବୁ ରେଡ୍ଡୀ କରି ବସି ଥାନ୍ତି ସ୍ୱାମୀ ଆସିଲା ପରେ ଲୁଣ ପକାଇ ତରକାରୀ ଡାଲି ସବୁ ଗରମ କରି ଖାଇବେ । ଅରୁଣ ବାବୁ ଅଫିସ ରେ ମିଟିଂ ସାରି ୨ ଟା ପରେ ସିଧା ସଳଖ ଘରେ ଆସି ପହଂଚି ଗଲେ, ଅମିତା ଦରଜା ଖୋଲି ଦେଖନ୍ତି ସ୍ୱାମୀ ଙ୍କ ହାତରେ କିଛି ପ୍ୟାକେଟ ନାହିଁ। ପଚାରିଲେ ଲୁଣ କାହିଁ? ଆରେ ହେ ଭୁଲି ଗଲି, କହି ଘର ଭିତରକୁ ଆସିଲେ। ଧୂ..ଧୂ ଖରାବେଳ, ଅମିତା ପାଣି ଗ୍ଲାସ ଟିଏ ସ୍ୱାମୀଙ୍କ ହାତକୁ ବଢ଼ାଇ କହିଲେ ଦୁଇଟାରୁ ପରେ ହେଲାଣି ଏବେ କଣ ଆଉ ଦୋକାନ ଖୋଲା ଥିବ ଯେ ଲୁଣ ମିଳିବ । ଚାଲ୍ ସେମିତି ଖାଇ ଦେବା । ଅରୁଣ ବାବୁ ସଂଗେ ସଙ୍ଗେ କହିଲେ ହଁ ମ ବିନା ଲୁଣରେ କଣ ଖାଇ ହେବନି !! ! ମହାତ୍ମା ଗାନ୍ଧୀ ତ ପୁଣି ଲବଣ ସତ୍ୟାଗ୍ରହ କରି ଲୁଣ ଖାଉ ନଥିଲେ ଓ ତାଙ୍କ ସହ କସ୍ତୁରାବା ମଧ୍ୟ ଲୁଣ ଛାଡ଼ି ଦେଇ ଥିଲେ... ଆସ ଆଜି ବି ଆମେ ବିନା ଲୁଣରେ ଖାଦ୍ୟ ଖାଇ ଦିନକ ପାଇଁ ପଛେ ହେଉ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ କୁ ମାନି ନେବା। ଅମିତା ବା ଆଉ ଉତ୍ତର କଣ ଦେବେ !!! କେବେ କିଛି ଉତ୍ତର ଦେଇ ଯୁକ୍ତିତର୍କ କରି ଝଗଡ଼ା କରିବାକୁ ପସନ୍ଦ କରନ୍ତିନି ସେ । ସେଥି ପାଇଁ ଚୁପ୍ ରୁହନ୍ତି କିନ୍ତୁ ଅରୁଣ ବାବୁଙ୍କ ର ଏହି କାର୍ଯ୍ୟ ଧାରା କୁ ସ୍ତ୍ରୀ ଅମିତା ପସନ୍ଦ କରନ୍ତିନି ସତ, ସେ ନିଜେ ଆଣିବା ପାଇଁ ଚେଷ୍ଟା କଲେ ବି ସ୍ୱାମୀ ତାଙ୍କୁ ସେତିକି ସୁଯୋଗ ଦିଅନ୍ତନି । ନା, ନା, ତୁମେ କଣ ବଜାର ଯିବ? କିଛି ଦରକାର ନାହିଁ ମୁଁ ନେଇ ଆଣିବି ....

ଘରେ ଯାହା ଯେତେବେଳେ ସରି ଯାଏ, ସ୍ତ୍ରୀ ଅମିତା ବରାଦ କରି ଲିଷ୍ଟ୍ ଟିଏ ଥୋଇ ଦିଅନ୍ତି ଟେବୁଲ୍ ଉପରେ । ଅରୁଣ ବାବୁ ହଉ ଠିକ୍ ଅଛି କହି, ଆଣିବା ପାଇଁ ବାହାରି ଯା"ନ୍ତି ବ୍ୟାଗ୍ ଟି ଧରି ବଜାର କୁ । ସଉଦା ଧରି ଘରକୁ ଆସନ୍ତି, ବ୍ୟାଗ୍ ଟି ଥୋଇ, ଚାଲିଯାନ୍ତି ପାର୍କ କୁ ଚାଲିବା ପାଇଁ ।

ISSN NO.
2582-208X


ଅମିତା ଘର ର ଅନ୍ୟାନ୍ୟ କାମ ସାରି ଯେତେବଳେ ବ୍ୟାଗ୍ ରୁ ସଉଦା କାଢ଼ନ୍ତି, ସେ କହିଥିବା ସଉଦା ପ୍ରାୟତଃ ସେଥିରେ ଅନେକ ନଥାଏ । ମନେ ମନେ କେବେ ଟିକେ ବିରକ୍ତ ହୁଅନ୍ତି, ପୁଣି ଚୁପ୍ ରହନ୍ତି, ଅରୁଣ ବାବୁ ଘର କୁ ଆସି ପଚାରନ୍ତି ଅମିତା ଦେଖିଲ ତୁମେ କହିଥିବା ସବୁ ଜିନିଷ ଅଛି ନା ନାହିଁ ? କାହିଁକି ନା ଲିଷ୍ଟ ନେବାକୁ ଭୁଲି ଯାଇଥିଲି ତ!!! ସ୍ତ୍ରୀ କୁହନ୍ତି ଏ କଥା କଣ ଆଜି ନୂଆ !! ଏହି କଥା ମୁଁ ଦୀର୍ଘ ତିରିଶ ବର୍ଷହେଲା ଦେଖି ଆସୁଛି । ସେ ଯାହା ବି ହେଉ ଅରୁଣ ବାବୁଙ୍କର ଏପରି କାର୍ଯ୍ୟକଳାପ ର ବେଖାତିର ଢଙ୍ଗ ଯଦି ବା ଅମିତା ଙ୍କ ର ମନ ରେ ଟିକେ ଦୁଃଖ ଦିଏ, ଆଘାତ ଦିଏ ତଥାପି ସେ ଏଥିରେ ଆଦତ ରେ ପଡି ଯାଇଛନ୍ତି, କାରଣ ସେ ଅରୁଣ ବାବୁ ଙ୍କ ର ହାତ ଧରିବା ଦିନ ଠାରୁ ହିଁ ତାଙ୍କର ଏହି ସ୍ୱଭାବ କୁ ଠିକ୍ ଭାବରେ ପରଖି ନେଇଛନ୍ତି । ଯଦି କେବେ ବି କିଛି କହିଛନ୍ତି, ସ୍ୱାମୀ ଙ୍କ ଉପରେ କୈାଣସୀ ପରିବର୍ତ୍ତନ ର ପ୍ରଭାବ ପଡିନି । ବରଂ ତାଙ୍କ ଭିତରେ ଥିବା କ୍ରୋଧ କୁ ଉପଲବ୍ଧି କରିଛନ୍ତି । କହି କି ମଧ୍ୟ ତାଙ୍କ ଅଭ୍ୟାସ କୁ ବଦଳେଇ ପାରି ନାହାଁନ୍ତି । ତେଣୁ ସମୟ ସହ ଖାପ ଖୁଆଇ ଆଜି ଯାଏ ଚୁପ୍ ରହିଛନ୍ତି ସେ । ଦିନ ଗଡି ଚାଲିଛି, ତାଙ୍କ ଚଳଣିରେ କିଛି ବି ଫରକ ପଡିନି କି କେବେ ଏହି ବିଷୟ କୁ ନେଇ ସ୍ୱାମୀ ସ୍ତ୍ରୀ ଙ୍କ ର ଝଗଡ଼ା ବି ହୁଏନି । ତେଣୁ ଦୁଃଖ, ସୁଖ ର ସମ ତାଳ ରେ ନୀରବ ମନ୍ତ୍ର କୁ ଆପଣାଇ ସଂସାର ଡଙ୍ଗା କୁ ସୁରୁଖୁରରେ ଚଳାଇ ନେଇଛନ୍ତି ଅମିତା । ଅରୁଣ ବାବୁ ଙ୍କର ସିନା ଭୁଲା ମନ, କିନ୍ତୁ ପିଲା ମାନଙ୍କ ପାଠ ପଢ଼ା ପାଇଁ ବେଶ ଯତ୍ନବାନ । ନିଜେ ପିଲାମାନଙ୍କୁ ପାଠ ପଢ଼ାଇ ଭଲ ମଣିଷ କରିଛନ୍ତି, ଝିଅ, ପୁଅ ଏବେ ବିଦେଶ ରେ ପ୍ରତିଷ୍ଠିତ କମ୍ପାନୀ ରେ ଚାକିରି କରୁଛନ୍ତି ...!!! ଅରୁଣ ବାବୁ ଙ୍କ ପାଖରେ ପଇସା ର ମଧ୍ୟ ସେମିତି ଅଭାବ ନାହିଁ, ଚାକିରି ରୁ ଅବସର ପରେ ଯାହା ପେନସନ ପାଉଛନ୍ତି, ଘର ଭଡ଼ା ରୁ ଯାହା ମିଳୁଛି, ଚଳିବା ପାଇଁ ଯଥେଷ୍ଟ । କିନ୍ତୁ କାହିଁକି କେଜାଣି, ସେ ସବୁ କାର୍ଯ୍ୟ ରେ ଟିକେ ଢିଲା । ସହଜ ଢଙ୍ଗ ରେ ଯେଉଁ କାର୍ଯ୍ୟ ଟି ସୁନ୍ଦର ଭାବ ରେ ସୁରୁଖୁରୁ ରେ କରିହେବ ସେ ସବୁକୁ ଏତେ ଗୁରୁତ୍ୱ ଦିଅନ୍ତି ନାହିଁ । ସ୍ତ୍ରୀ ଅମିତା ଙ୍କ ର କୌାଣସି କଥା କୁ ସେ ଠିକ୍ ରେ ଧ୍ୟାନ ଦିଅନ୍ତି ନାହିଁ ସେଥି ପାଇଁ ସେ ଅନେକ ସମୟ ରେ ଅସୁବିଧା ରେ ପଡନ୍ତି ।। ଅମିତା ଯେତେ କହିଲେ ବି ସେ ଶୁଣନ୍ତିନି । ତେଣୁ ଆଜି ବା କିପରି ଶୁଣିବେ !!!!!

ISSN NO.
2582-208X


ଆଜି ଏହି ମହାମାରୀ କୋରନା ର ଭୟାବହତା ର ଦୁର୍ଦ୍ଦିନ ରେ ଅମିତା ଆଜି ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏଣେ ପିଲାଙ୍କର ଚିନ୍ତା, ତେଣେ ଘରେ ନା ଅଛି ରେସନ୍ ନା ପରିବା। ଭାବୁଛନ୍ତି ସେହି ପୁରୁଣା କଥା କେତେ ଥର କହିଲି ସ୍ୱାମୀ ଙ୍କୁ ଟିକେ ରେସନ୍ ଆଉ ପରିବା ଆଣି ଘରେ ରଖ । ବର୍ତମାନ ହୁରି ପଡ଼ିଛି, କୋରୋନା ର ପାର୍ଦୁଭାବ ରୁ ଚାରିଆଡ଼େ ଲକ୍ ଡାଉନ୍ ହେବା ର ସୂଚନା । ଲୋକ ମାନେ ଘରେ ଜମା କରି ରଖିଲେଣି ଅତ୍ୟାଶ୍ୟକୀୟ ସାମଗ୍ରୀ କିନ୍ତୁ ସେ ଶୁଣିଲେନି......ବେଶି ନ ହେଲେ ନାହିଁ ଅଳ୍ପ ତ ଆଣି ରଖି ପାରିଥାନ୍ତେ । ତାହା ବି କଲେ ନାହିଁ ।

ବର୍ତ୍ତମାନ ସମାଜର ପୃଷ୍ଠଭୂମିରେ ମହାମାରୀ କୋରାନାର ମହା ବିଭୀଷିକା,.. ସମସ୍ତେ ଏବେ ଗୃହବନ୍ଦୀ। ଝିଅ, ପୁଅଙ୍କ ର ବାର ବାର ତାଗିତ ମାମା" ତୁମେ ବାବାଙ୍କୁ ବିଲକୁଲ ବାହାରକୁ ଛାଡିବନି...ପିଲା ବା କାହୁଁ ଜାଣିବେ ଘରେ ଖାଇବା ଜିନିଷ କିଛି ଅଛି କି ନାହିଁ।

ଅରୁଣ ବାବୁ ମନେ ମନେ ବିରକ୍ତ ହୋଇ କୋରାନା ଭୁତାଣୁ କୁ ଗାଳି ଦେଉଛନ୍ତି କେଉଁଠୁ ଗୋଟେ ଆସି ଏଠି ଫାର୍ସ ଲଗେଇଛି ..ମଣିଷ କେମିତି ଚଳିବ ଯେ ଘରୁ ବାହାରକୁ ବାହାରି ପାରୁନି, ଶଟ୍ ଡାଉନ୍, ଲକ୍ ଡାଉନ୍ ରେ ଦିନ କଟୁଛି, ଏମିତି ଦୁର୍ଦ୍ଦିନ ପରିସ୍ଥିତି ଆସିଲା ଯେ ଜୀବନ କାଳ ଭିତରେ ନା ଦେଖି ଥିଲା ନା ଶୁଣି ଥିଲା ମଣିଷ, ଏମିତି ମନେ ମନେ ଗୁଣୁ ଗୁଣେଇ ହେଉ ଥାନ୍ତି ସେ, ଓ ଟିଭି ଟି ଖୋଲି ଦିନ ରାତି କେବଳ ନିଉଜ ଶୁଣିବାରେ ସମୟ ବିତାଉଥାନ୍ତି । କଣ ବା ଆଉ କରିବେ, କୁଆଡେ ତ ଯିବାର ନାହିଁ, କୋରନା ଭୁତାଣୁ ର ଭୟ ଗ୍ରାସ କରିଛି ସାରା ପୃଥିବୀ କୁ । ମଣିଷ ସମାଜ ଆଜି ଦୋଦୂଲ୍ୟମାନ ଅବସ୍ଥାରେ .....ଜୀବନ ଯିଁ ବାର ସନ୍ଧିକ୍ଷଣ ରେ ମଣିଷ ବର୍ତ୍ତମାନ ସମୟ ସହ ପ୍ରକୃତି ର କରାଳ ରେ କବଳିତ..!! କଣ ବା କରା ଯିବ ? ଏମିତି ଅନେକ ଅସମହିତ ପ୍ରଶ୍ନବାଚୀ ଭିତରେ ବୁଡ଼ି ରହି ଥାନ୍ତି ଅରୁଣ ବାବୁ । ଅମିତା ବି ଭାରାକ୍ରାନ୍ତ ମନରେ ଥାନ୍ତି....!!

ISSN NO.
2582-208X


ଏତିକି ବେଳେ ଝିଅ ସିଙ୍ଗାପୁର ରୁ ଭିଡିଓ କଲ୍ କରିଛି, ମା"ର ଶୁଖିଲା ମୁହଁକୁ ଦେଖି ପଚାରୁଛି, ମାମା ତୁମେ ଖାଇନ କି ମୁହଁ କାହିଁ ଏମିତି ଶୁଖି ଯାଇଛି ।। ମାମା ଟିକେ ମୁରୁକି ହସା ଦେଇ କହିଲେ ହଁ ହଁ ଖାଇଛି.... ଝିଅ କହିଲା ମାମା ଗଲ ରୋଷେଇଘର କୁ କଣ ରୋଷେଇ କରିଛ ମୋତେ ଟିକେ ଦେଖେଇଲ ?

ଅମିତା ରୋଷେଇ ଘର ପରିବର୍ତ୍ତେ ବେଡ୍‌ରୁମ୍ କୁ ଯାଇ ନିଜେ ଆଙ୍କିଥିବା ଏକ ଜଗନ୍ନାଥ ଙ୍କର ଚିତ୍ରକୁ ତାକୁ ଦେଖେଇ ଭୁଲାଇ ବାକୁ ଚେଷ୍ଟା କଲେ। ଝିଅ ଚିତ୍ର ଟିକୁ ଦେଖି ଖୁବ୍ ଖୁସି ହେଲା ସତ କିନ୍ତୁ ବେଶ୍ ବୁଝି ନେଲା ପରିସ୍ଥିତିକୁ, ପଢି ପାରିଲା ମା "ର ମନ ର ଭାଷାକୁ ଏବଂ ଜାଣିଚି ମଧ୍ୟ ତା"ବାବା ଙ୍କ ର କାର୍ଯ୍ୟକଳାପ କୁ ଭଲ ଭାବରେ...,.!!

ତା"ପରଦିନ ହଠାତ୍ କଲିଂ ବେଲ୍ ର ଶବ୍ଦ ଶୁଣି ଅମିତା ଗେଟ୍ ଖୋଲି ଦେଖନ୍ତି ତ ଗେଟ୍ ସାମ୍ନାରେ ଠିଆ ହୋଇ ଥିବା ସେଲସ୍ ବୟ ଏକ ବଡ଼ ପ୍ୟାକେଟ ଧରି ଠିଆ ହୋଇଛି, ଆପଣ ଅମିତା ମାଡାମ ତ? ହଁ, କଣ ହେଲା କି !...ଆପଣଙ୍କର ଅନଲାଇନ ଅର୍ଡର ଆସିଛି ନିଅନ୍ତୁ,. ଠିକ୍ ଏହି ସମୟ ରେ ଝିଅ ଫୋନ କରି କହିଲା ମାମା ତୁମକୁ ମିଳିଗଲା ଜିନିଷ ? ହଁ ରେ ମା ଏଇ ତ ନେଉଛି, ଆରେ ମା ତୁ କାହିଁ ଏସବୁ କରୁଥିଲୁ ଯେ !! ଅମିତାଦେବୀ କହିଲେ ସିନା... କିନ୍ତୁ ମନରେ ଏକ ଆଶ୍ୱସ୍ତି ଅନୁଭବ କଲେ ! ପ୍ୟାକେଟ ଧରି ଘର ଭିତରକୁ ଗଲେ । ଅରୁଣ ବାବୁ ଦେଖି ଆଶ୍ଚର୍ଯ୍ୟ ହେଲେ, ଏ ସବୁ କଣ ? ଆମ ସାନୁ ଅନଲାଇନରୁ ପରା ଅର୍ଡର୍ କରି ପଠାଇଛି । ଓହୋ ! ଆଚ୍ଛା ବେଶ୍ ଭଲ କଥା, ଅରୁଣ ବାବୁ ଙ୍କ ର ମୁହଁରେ ତୃପ୍ତି ଭରା ହସଟିଏ..., ....!!

ଅମିତା ସ୍ୱାମୀଙ୍କ ଉଦ୍ଦେଶ୍ୟରେ କହୁଛନ୍ତି, କଣ ଭାରି ଖୁସି ତ...!! ସାନୁ କାହିଁକି ଦେଲା କେଜାଣି !! ତୁମେ ଆଉ କେତେଦିନ ଛତୁଆ ଖାଇ ରହିଥାନ୍ତ ଦେଖିଥାନ୍ତି....ଆଜିକୁ ଆଠ ଦିନ ହେଲା କେବଳ ଛତୁଆ ଖାଇଖାଇ ମୋତେ ବି ବିରକ୍ତ ଲାଗିଲାଣି..

ISSN NO.
2582-208X

ଅରୁଣ ବାବୁଙ୍କ ଭିତରେ ବି ଆଉ ଏକ ସରଳ ସୁନ୍ଦର ହୃଦୟ ଟିଏ ଅଛି । ସେ ସାଙ୍ଗେ ସାଙ୍ଗେ କହି ପକାଇଲେ, ଦେଖୁଛ ତ ଟିଭି ରେ କୋରନା କେମିତି ଗରିବଙ୍କ ପେଟରେ ଲାତ ମାରୁଛି, ବିଲକୁଲ ଖାଇବାକୁ ନ ପାଇ କେମିତି ହାଁ ଖାଁ ହେଉଛନ୍ତି । ଲୋକମାନେ କେତେ କଷ୍ଟରେ ରହିଛନ୍ତି । ଆମେ ତ ତାଙ୍କ ଠାରୁ ବହୁତ ଭଲରେ ଅଛେ..ଆଠ ଦିନ ହେଲା ଅନ୍ତତଃ ଛତୁଆ ଚୁନା ଖାଇ ରହିଛେ । ସ୍ୱାମୀ ଙ୍କ ଠାରୁ ଏକଥା ଶୁଣି ଅମିତା ବାକହୀନ ଚାହାଣିରେ ସ୍ୱାମୀଙ୍କ ମୁହଁକୁ ଛଳ ଛଳ ନୟନରେ ଚାହିଁ ରହିଥାନ୍ତି ଓ ଭାବୁଥାନ୍ତି ପ୍ରକୃତରେ ଅରୁଣ ବାବୁ ଙ୍କର ମନମୁଖୀ ଖାମଖିଆଲି ଢଙ୍ଗର କାର୍ଯ୍ୟ ଧାରା ତାଙ୍କୁ ଏପରି ବିପତ୍ତି ସମୟ ରେ ଉପହାସ କରୁନି ତ ? !!!!!

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା
୯୭୭୭୫୯୯୬୯୫

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢ଼ିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ହେ ସୂର୍ଯ୍ୟ ସହସ୍ରାଂଶୁ!...



କୁଞ୍ଜବିହାରୀ ରାଉତ

ତୁମେ ତ ଦେଖିଥିଲ
ଶ୍ରୀକୃଷ୍ଣ ଙ୍କର ଶେଷ ହସ
ପୃଥ୍ୱୀ ବଲ୍ଲଭ ସହ ପ୍ରଜାପତି କୁ ଉଡାଇ
ଅନ୍ଧ ଦିଗନ୍ତ, ନୀଳଶୈଳ
ବାପୁ, ହଂସଗୀତି, ମଧୁସୂଦନ ଦାସ,
ପୁଣି ଫକୀରମୋହନ, ଶ୍ରେଷ୍ଠଗଳ୍ପ,
ଶତାବ୍ଦୀର ସୂର୍ଯ୍ୟ ସହ ନୀଳାଦ୍ରୀ ବିଜୟ
ସବୁଥିରେ ଥିଲା ତୁମ ଅମୂଲ୍ୟ ସ୍ୱାକ୍ଷର,
ପୁଣି ପଥ ଓ ପୃଥିବୀ ର ଆଜୀବକର ଅଟ୍ଟହାସ୍ୟ
ନେତନେତି, କାଳାନ୍ତର, କୃଷ୍ଣାବେଣୀର ସଂଧ୍ୟା
ଫଟାମାଟି, ଓଡିଆ ସାହିତ୍ୟର ମଧ୍ୟପର୍ବ
ସହ ଶେଷସ୍ତମ୍ଭ, ଅଚଳାୟତନ,
ସହସ୍ର ଶଯ୍ୟାର ନାୟିକା ସହ ବଧୂ ଓ ପ୍ରିୟା,
ମହାନଗରର ରାତ୍ରିର କୃଷ୍ଣଚୁଡା
ରୁଟି ଓ ଚନ୍ଦ୍ର ର ଶେଷକବିତା
ସବୁଜ ପତ୍ର ଓ ଧୂସର ଗୋଲାପରେ
ଦୁଇ ସୀମାନ୍ତ ମରାଳର ମୃତ୍ୟୁ

ISSN NO.
2582-208X

ମାଂସର କୋଣାର୍କର ମହାନିର୍ବାଣ
ଓଃ କାଲକାଟା ର କବି ଓ ନର୍ତ୍ତକୀ
କିପରି ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପରେ
ସଂଚରି ଯାଇଛି ଜୀଅନ୍ତା ମଣିଷର
ଜୀବନର ଜଳଛବି
ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପରେ.....
ଓଡିଆ ସାହିତ୍ୟର କ୍ରମବିକାଶ
ପେକିଂ ଡାଏରୀ ସହ କୁଳବୃଦ୍ଧ
ସାହିତ୍ୟ ସମାଜକୁ କରି ଉଦବୁଦ୍ଧ
ଆଜିବି ଅମର ହେ ପ୍ରୟାତ ପୁରୁଷ
ତୁମେ ହିଁ ଏକମାତ୍ର ଓଡିଶାର ଅନନ୍ୟ ପୌରୁଷ,
ତମେ ଥିଲ ଓଡିଆ ସାହିତ୍ୟର ପ୍ରଚଣ୍ଡ ମାର୍ତ୍ତଣ୍ଡ
ଆମ ସାହିତ୍ୟର ନଗାଧିରାଜ ହିମାଳୟ
ପୁଣି ପ୍ରବର୍ତ୍ତକ ଥିଲ ନବ୍ୟ ଗଦ୍ୟଧାରାର
ହେ ସୌନ୍ଦର୍ଯ୍ୟ ତୃଷ୍ଣାର ସଂଭ୍ରାନ୍ତ ଭାଷ୍ୟକାର...
ଉତ୍କଳ ଯୁଗେଯୁଗେ ଝୁରୁଛି ତୁମକୁ
ଲର୍ଡ ଜଗନ୍ନାଥ, ଶେଷସ୍ତମ୍ଭ ସବୁଥିରେ
ଥିଲା ତୁମର ସ୍ପର୍ଶ, ହେ ଅଭିନବ ଯଯାତି
ନାମକୁ ସାର୍ଥକ କରିଛ ଆହେ ସୁରେନ୍ଦ୍ର ମହାନ୍ତି...
ହେ ସୂର୍ଯ୍ୟ ସହସ୍ରାଂଶୁ!
ତୁମ ଶାରୀପୂତ୍ର, ବୌଦ୍ଧ ଜଗତର
ଅନନ୍ୟ କୋଣାର୍କ
ତୁମେ ଏ ଜାତିର ଉପଗୁପ୍ତ
ଏ ଜାତିର ମୁକ୍ତିର ମଶାଲ.......

ISSN NO.
2582-208X

ସୂର୍ଯ୍ୟର ଅହଂକାର ନେଇ
ହେ ସୂର୍ଯ୍ୟସ୍ନାତ ଆଗ୍ନେୟ ପୁରୁଷ !
ସମୟର ବ୍ୟବଚ୍ଛେ ଦକରି
ତୁମ ସୃଷ୍ଟି ଏ ଜାତି ଅସ୍ମିତାର
ଗୌରବର ଗାନ
ତୁମେ ମୃତ୍ୟୁଞ୍ଜୟୀ !
କାଳାନ୍ତର ସାହିତ୍ୟର ସହସ୍ରାଂଶୁ !
ହେ ସିଦ୍ଧ ପୁରୁଷ !
ସାହିତ୍ୟର ଅନବଦ୍ୟ ତୀର୍ଥେ
ହେ ଶବ୍ଦର ସୌଦାଗର
ଘେନାକର ଏ ଜାତିର କୋଟି ନମସ୍କାର ..

ପ୍ଲଟ-୧୪୮/୫,କନ୍ଷ୍ଟ୍ରକ୍ଟର କଲୋନୀ,ହମିରପୁର
ରାଉରକେଲା-୩, ମୋ=୯୦୯୦୦୯୦୨୨୫

ବେଦାନ୍ତୀ ପାଇଁ ଲେଖା ପଠାନ୍ତୁ ଏବଂ ଆପଣଙ୍କ ଲେଖା ସମଗ୍ର ବିଶ୍ୱରେ ଥିବା ଓଡିଆମାନଙ୍କ ପାଖରେ ପହଞ୍ଚାନ୍ତୁ । ଲେଖା ପ୍ରତିମାସ ୫ ତାରିଖ ଭିତରେ ପଠାନ୍ତୁ । ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com /

editor.vedantimagazine@gmail.com

ISSN NO.
2582-208X

# ନିଁର୍ଝରିଣୀ



ରଘୁନାଥ ତ୍ରିପାଠୀ

ଝରଝର ନିନାଦିନୀ ଆହେ ନିଁର୍ଝରିଣୀ
ପର୍ବତ କନ୍ଦରୁ ସୃଷ୍ଟ ହେ ମନମୋହିନୀ
ଅମୃତ ନିର୍ଝର ଦାନ କୁଳୁକୁଳୁ ନାଦେ
ଅଙ୍କାବଙ୍କା ଧାରେ ଡେଇଁ ଡେଇଁ ନିର୍ବିବାଦେ
କଳକଳ ନାଦିନୀ ହେ ପର୍ବତ ନନ୍ଦିନୀ
ତୁମର ତ ଚିର ସାଥୀ ସବୁଜ ବନାନୀ
ଦିବ୍ୟ ସଉଷ୍ଠବ ସଦା ଅଛି ତୁମ ସାଥେ
ଜାତିଜାତି ପଶୁ ପକ୍ଷୀ ତୁମ୍ଭ ଅନୁଗତେ
ତୁମେ ତ ମାନସକନ୍ୟା ନୀଳ ଶଇଳର
ବଦାନ୍ୟତା ପଣେ ତୁମ ନାହିଁ ପଟାନ୍ତର
ସୃଷ୍ଟ ବିମୁଗ୍ଧ ତଟିନୀ ମହା ମହୋଦଧି
ତୋ ଦାନରେ ପ୍ରଚଳିତ ସଂସାର ବାରିଧି
ତୋ ଜୀବନେ ଭରପୁର ଥାଏ ମଧୁରତା
ସେ ନିମନ୍ତେ ଗଢି ଅଛି ତୁମକୁ ବିଧାତା

ISSN NO.
2582-208X

ଘନ ସମୟେ ପ୍ରଗଲ୍ଭ ହୁଏ ତୋର ଦେହ
ନଦୀପୁଞ୍ଜ ତନୁ ଦେଇ ରଚୁ ତୁ ପ୍ରଳୟ
ବନ୍ୟଜନ୍ତୁ ବୃକ୍ଷଲତା ବଢନ୍ତି ତୋ ଦାନେ
ପର୍ଯ୍ୟଟକେ ଛୁଟିଥାନ୍ତି ତୋର ଆକର୍ଷଣେ
ଅପରୂପ ଶୋଭା ତୋର ନାହିଁ ତ ଉପମା
ପ୍ରକୃତି ପ୍ରେମୀଙ୍କ ପାଇଁ ତୁହି ଅନୁପମା
ତ୍ରିଦିବେ ଶୁଣନ୍ତି ଖାଲି ରହି ନିରୁତ୍ତର
ଉତ୍ତର ଦେଉ ତୁ କଳକଳ ତାନେ ତୋର ।

ବାଲିସାହି, ମଧୁପାଟଣା,
କଟକ 8763343263

ବେଦାନ୍ତୀ ପାଇଁ ଲେଖା ପଠାନ୍ତୁ ଏବଂ ଆପଣଙ୍କ ଲେଖା ସମଗ୍ର ବିଶ୍ୱରେ ଥିବା ଓଡିଆମାନଙ୍କ ପାଖରେ ପହଞ୍ଚାନ୍ତୁ । ଲେଖା ପ୍ରତିମାସ ୫ ତାରିଖ ଭିତରେ ପଠାନ୍ତୁ । ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com /

editor.vedantimagazine@gmail.com

ISSN NO.
2582-208X

# ଜଙ୍ଗଲ ସୁରକ୍ଷା ପରିବେଶ ରକ୍ଷା



ସୁଲୋଚନା ବେହେରା

ଆଦ୍ୟ ସଭ୍ୟତାକୁ ଫେରିଗଲେ ଦେଖାଯାଏ ଗଛ, ଲତା, ପାହାଡ଼, ପର୍ବତ, ପଶୁପକ୍ଷୀ ଓ ଝରଣା ଯାହା ସବୁ ପ୍ରକୃତି ଦତ୍ତ ସମ୍ପଦ ଅମୂଲ୍ୟ ଥିଲା ଏବେ ତାହା ଅଛି ସତ ହେଲେ ସମାଜର କ୍ରମ ବିକାଶ ଆଧୁନିକୀକରଣ ଓ ଶିଳ୍ପାୟନ ପାଇଁ ଆସ୍ତେ ଆସ୍ତେ ଆସ୍ତେ ପରିବେଶ ବିଗିଡିବା ସଙ୍ଗେ ସଙ୍ଗେ ମାନବ ସମାଜ ଅଧୋପତର ଚରମ ସୀମାରେ ପହଞ୍ଚି ସାରିଛି। ଋତୁ ପରିବର୍ତ୍ତନ ରେ ଅନିୟମିତତା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ, ଯବକ୍ଷାରଜାନ, ସଲଫର, ଓଜନ ଗ୍ୟାସର ପରିମାଣ ବୃଦ୍ଧି, ପଶୁପକ୍ଷୀଙ୍କର ବଂଶ ଲୋପ ପାଇବା, ଅସୁସ୍ଥ ପରିବେଶ, ରୋଗାକ୍ରାନ୍ତ ଶରୀର ଇତ୍ୟାଦି ଇତ୍ୟାଦି ଦୁର୍ଘଟଣା ଦ୍ରୁତ ଶିଳ୍ପାୟନ ଓ ଜଙ୍ଗଲ ଅବକ୍ଷୟ ହିଁ ଦାୟୀ।

ଆଦିମ ମାନବ ବୃକ୍ଷକୁ ଦେବତା ଭାବି ପୂଜା କରୁଥିଲା। ବିଶେଷ ଜ୍ଞାନ ନ ଥାଇ କିଛି ନ ଜାଣି ଯେଉଁ ଯେଉଁ ପନ୍ଥା ଅବଲମ୍ବନ କରୁଥିଲା ତାହା ତା'ର ହିତ ସାଧନ ଥିଲା । ସେ ଜୀବନ ଚର୍ଯ୍ୟର ପ୍ରତ୍ୟେକ ଉପକରଣ ଜଙ୍ଗଲରୁ ପାଉଥିଲା ଯେପରି ବସସ୍ତି ସ୍ଥାପନ କରିବା, ଫଳ ମୂଳ ଖାଇବା, ବକଳ ପରିଧାନ କରିବା, ହିଂସ୍ର ଜୀବଜନ୍ତୁ ଙ୍କ ଠାରୁ ନିଜକୁ ରକ୍ଷା କରିବା ନିମନ୍ତେ ଅସ୍ତ୍ରଶସ୍ତ୍ର ତିଆରି କରିବା, ଅସୁସ୍ଥତା ପାଇଁ ବୃକ୍ଷ ର ପତ୍ର ମୂଳ ଡାଳ ବ୍ୟବହାର କରିବା ଏହି ସମସ୍ତ କାର୍ଯ୍ୟ ବୃକ୍ଷ ଦ୍ୱାରା ହିଁ ଉପକୃତ ହେଉଥିଲା। ବହୁ ସଂଖ୍ୟକ ବୃକ୍ଷ ଥିବାରୁ ସୁସ୍ଥ ପରିବେଶ ଓ ସୁସ୍ଥ ଶରୀରରେ ଦୀର୍ଘାୟୁ ରହୁଥିଲା। ସେମାନେ ବେଶ୍ ଅବଗତ ଥିଲେ ବୃକ୍ଷ ର ଉପାଦେୟ ବିଷୟରେ।

ଗଛଟିଏ ତାର ଜୀବନ କାଳ ମଧ୍ୟରେ ଏହି ମାନବ ସମାଜ ପାଇଁ ଉତ୍ସର୍ଗୀକୃତ। ମୃତ୍ତିକା ସଂରକ୍ଷଣ ଦ୍ୱାରା ତିନି ଭାଗ ଜଳ ମଧ୍ୟରୁ ଏକ ଭାଗ ସ୍ଥଳଭାଗ ସୁରକ୍ଷିତ ଭାବେ ରହିଛି।

ISSN NO.
2582-208X

ବଞ୍ଚିବା ପାଇଁ ପ୍ରାଣୀ ଜଗତକୁ ଅମ୍ଳଜାନ, ଖାଇବା ପାଇଁ ଫଳମୂଳ, ରୋଷେଇ କରିବା ପାଇଁ ଜାଳେଣି, ଶୀତଳ ଛାୟା ଦେବା ସହିତ ବର୍ଷା କରାଇ କୃଷି ମାଧ୍ୟମରେ ଶସ୍ୟ ଯୋଗାଉଛି। ଔଷଧୀୟ ଗୁଣ ଥିବାରୁ ବିଭିନ୍ନ ରୋଗରୁ ନିଜକୁ ରକ୍ଷା କରୁଛୁ । ତଥାପି ଆମ୍ଭେମାନେ ତାକୁ ନଷ୍ଟ କରୁଛୁ। ଆମ ଅଜ୍ଞତାରେ ଆମେ ନିଜ ଗୋଡ଼ରେ ନିଜେ କୁରାଢି ମାରୁଛେ ।

ଅତ୍ୟାଧୁନିକ ଯୁଗରେ ବିଜ୍ଞାନ ଯେତେ ଉନ୍ନତି କଲେ ବି ଅମ୍ଳଜାନ ର କୃତ୍ରିମ କରଣ ସେହି ବୃକ୍ଷ ଠାରୁ ହିଁ ପାଉଛୁ। ବୃକ୍ଷ ଟିଏ ପ୍ରତିଦିନ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରି ଅମ୍ଳଜାନ ଦେବା ସହିତ ପ୍ରଦୂଷଣ ମୁକ୍ତ କରି ପରିବେଶ ସୁସ୍ଥ ରଖେ। ବୃକ୍ଷ ବ୍ୟତୀତ ଅନ୍ୟ କିଛି ବିକଳ୍ପ ନାହିଁ ସେଥିପାଇଁ କୁହାଯାଏ 'ବୃକ୍ଷ ହିଁ ଜୀବନ' ।

ଆଜି କାଲି ମଣିଷର ଯାନବାହାନର ବହୁଳ ବ୍ୟବହାର, ଅତ୍ୟାଧୁନିକ ବିଳାସମୟି ସାମଗ୍ରୀ ର ବ୍ୟବହାର ଏବଂ କଳକାରଖାନା ରୁ ନିର୍ଗତ ବିଷାକ୍ତ ଗ୍ୟାସକୁ ଜଙ୍ଗଲ ନିୟନ୍ତ୍ରଣ କରିବା ସହିତ ପୃଥିବୀର ଉତ୍ତାପ ନିୟନ୍ତ୍ରଣ କରେ, ଜଙ୍ଗଲ ପାଇଁ ବର୍ଷା ହେଉଛି, ଗୃହ ଉପକରଣ ହେଉ ଅବା ଖାଦ୍ୟ ସାମଗ୍ରୀ ହେଉ ପ୍ରତ୍ୟେକ ଜିନିଷର ମୂଳ ବସ୍ତୁ ଗଛ। ବୃକ୍ଷ ର ଉପାଦେୟ ବିଷୟରେ ଏ ମଣିଷ ଜାଣିଲେ ବି ଜଙ୍ଗଲ ନଷ୍ଟ କରିବାକୁ ପଛାଉ ନାହିଁ। ଅଚିହ୍ନା ରୋଗର ଉତ୍ପାତ, ଅକାଳ ବିୟୋଗ, ପୃଥିବୀର ଓଜନ ସ୍ତର ନିୟନ୍ତ୍ରଣ ହରାଇବା ଏହି ପରି କେତେ ସୃଷ୍ଟି ବିପର୍ଯ୍ୟୟର ସତର୍କ ଘଣ୍ଟି ବାଜି ଉଠିଲା ପରେ ଆମ ସରକାର ବିଭିନ୍ନ ସଂସ୍ଥା ମାଧ୍ୟମରେ ବୃକ୍ଷ ରୋପଣ ପାଇଁ ଅଣ୍ଟା ଭିଡିଛନ୍ତି। କେବଳ ସରକାର ଙ୍କ ଉପରେ ନିର୍ଭର ପକାଇ ଆମ୍ଭେମାନେ ନିଶ୍ଚିନ୍ତରେ ରହିବା ଉଚିତ ନୁହେଁ। ପୃଥିବୀକୁ ଧ୍ୱଂସାଭିମୁଖୀ ରୁ ବଞ୍ଚାଇବାକୁ ହେଲେ ଆମ୍ଭେମାନେ ସମସ୍ତେ ଜନ୍ମ ଦିନ ହେଉ ଅବା ବିବାହ ବାର୍ଷିକ ହେଉ ଗୋଟାଏ ଗୋଟାଏ ଗଛ ଲଗାଇବା। ଅନାବାଦୀ ଗୋଚର ଜମିରେ ମିଳିମିଶି ଜଙ୍ଗଲ ସୃଷ୍ଟି କରି ଆଗାମୀ ଦାୟାଦ ମାନଙ୍କୁ ପରିବେଶ ସୁରକ୍ଷା ବିଷୟରେ ଅବଗତ କରାଇବା ।

ବଇଁଚୁଆ,
ବାଳକାଟି, ଖୋର୍ଦ୍ଧା।

ISSN NO.
2582-208X

# ଦୁଇଟି ଦୁନିଆଁ



ଆଶୁତୋଷ ମେହେର

ଦୁଇଟି ଦୁନିଆଁ ମଝିରେ ଅଛି ଯେ ଯୋଜନ ଯୋଜନ ଫାଟ,
ଜୀବନ ମରଣ କାହାଣୀ ର କଥା ଯୁଗ ଯୁଗ ଧରି ନାଟ।
ଜଞ୍ଜାଳ ର ସାଥେ ବଢିବାକୁ ହୁଏ ସମୟର ଢେଉ କାଟି
ବଞ୍ଚିବା ନାଟକ କରିବାକୁ ପଡେ ସୁଖ ଦୁଃଖ ସବୁ ଛାଡି।।

ଜୀବନ କବିତା ନୁହେଁ ତ ସରଳ ସହଜେ ହୋଇବ ଲେଖି,
ପଦ ପଦ କରି ଯୋଡିବାକୁ ହୁଏ ଆନ ଠାରୁ ସବୁ ଶିଖି।
ନିଜ ପାଇଁ ବଞ୍ଚି ପର ସୁଖ ଲୋଡି ବଢିଚାଲେ ଅହରହ,
କେଉଁଠି ସୁଖର ସାଗର ଲହରୀ କେବେ ମରୁଦ୍ୟାନ  କୋହ।।

ମରଣ ସହଜେ ମିଳେନା ଯେମିତି ମଣିଷ ର ଇଚ୍ଛା ମତେ
ଜିଇଁ ମିଳିଥାଏ ଅକୁହା ଯନ୍ତ୍ରଣା ମରିଯିବା ଭଲ ସତେ।
ମରଣ ମାରେନା କାହାଣୀ ସରେନା କଥା ବଢି ଚାଲେ ଆଗେ,
ଖାଲି କିଏ ଜଣେ ଗଣତି ରେ କମେ ମନରେ ଦରଦ ଲାଗେ।।

ଆଗ ପଛ ହେଉ ଉପର କି ତଳ ପଡିବ ତ ଜବନିକା
ଦୁଇଟି ଦୁନିଆଁ ଏକାକାର ଲାଗେ ସତ୍ୟ ମିଥ୍ୟା ସବୁ କିବା??

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ  9437085396

ଅଗଷ୍ଟ – ୨୦୨୨
www.vedantimagazine.com
ISSN NO.
2582-208X

# ବିଳମ୍ବିତ ନ୍ୟାୟ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ବିଳମ୍ବିତ ନ୍ୟାୟ
ନ୍ୟାୟ ନୁହେଁ ବୋଲି
ସଭିଏଁ ଜାଣନ୍ତି ଏଠି
ନ୍ୟାୟ ଦେବା ପାଇଁ
ବିଚାରପତିଂକ
ହାତରେ କଲମ କାଠି ।

ମୁଦାଲା ମୁଦେଇ
ମରି ଯାଉଛନ୍ତି
ମାମଲା ତ ମରୁ ନାହିଁ
ମଲା ପରେ ଯଦି
ନ୍ୟାୟ ମିଳୁ ଅଛି
ମୂଲ୍ୟ ତାର କିଛି ନାହିଁ ।

ବିଚାର ପ୍ରକ୍ରିୟା
ଛ'ମାସ ଭିତରେ
ଶେଷ ହେଉ ନାହିଁ ଯଦି
ତାରିଖ ଉପରେ
ତାରିଖକୁ ଦେଖି
ଆଖି ଦିଟା ଦିଅ ମୁଦି ।

ISSN NO.
2582-208X

ମାଜିଷ୍ଟ୍ରେଟଙ୍କର
ଅଭାବ ହୋଇଲେ
ନୂଆ ନିଯୁକ୍ତି ହିଁ କର
ସବୁ ମାମଲାର
ବିଚାର ପ୍ରକ୍ରିୟା
ଛ' ମାସରେ ଶେଷ କର ।

ବହୁ ମାମଲାର
ଫଳା ଫଳ ଦେଖି
ଆଚମ୍ବିତ ସିନା ଲାଗେ
ଦୁଃଖୀ ମଣିଷଟି
ଈଶ୍ୱରଂକୁ ଯାଇ
ମୃତ୍ୟୁ ଭିକ୍ଷାଟିଏ ମାଗେ ।

ପ୍ରଶାସନ ଆଉ
ପୁଲିସ ଉପରୁ
ଭରସା ଗଲାଣି ତୁଟି
ନେତାଏ ଆମର
ସଲା ସୁତୁରାରେ
ନିଜେ ନେଉଛନ୍ତି ବାଣ୍ଟି ।

ବିଚାର ବିଭାଗ
ଉପରେ ଟିକିଏ
ଲୋକଂକ ଭରସା ଥିଲା
ଆଗୁଆ ଜାମିନ,

ISSN NO.
2582-208X

ତାରିଖ ଦେବାଟା
ଦୋଷୀଂକୁ ବି ସୁହାଇଲା ।

ଓକିଲମାନଙ୍କୁ
ଜୀବିକା ମିଳୁଛି
ଦଲାଲ ହୁଅନ୍ତି ପୋଷା
ଅପରାଧ କରି
କୋଅର୍ଟକୁ ଯିବା
ଅପରାଧୀଂକର ନିଶା।

ପୂର୍ବ, ପଶ୍ଚିମ ଓ
ଉତ୍ତର ଦକ୍ଷିଣ
ମଜବୁତ୍ ଯଦି ଅଛି
ସବୁ ଅପରାଧୁ
ମୁକ୍ତ ସେ ହୁଅନ୍ତି
ତାଂକର ହୁଏନି କିଛି।

ଏଭଳି ଆମର
ପବିତ୍ର ଦେଶଟା
ଅପବିତ୍ର ହୋଇ ଯିବ
ମହାତ୍ମାଗାନ୍ଧୀଂକ
ରାମ ରାଜ୍ୟ କଥା
ସଂପୂର୍ଣ୍ଣ ମଉଳି ଯିବ।
******************

ମୋ ନଂ 9937462507

ISSN NO.
2582-208X

# ପରିବର୍ତ୍ତିତ ପ୍ରେକ୍ଷାପଟରେ ଗ୍ରାମ୍ୟଜୀବନ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଭୂଗର୍ଭରୁ ମାତୃଗର୍ଭକୁ ଏବଂ ମାତୃଗର୍ଭରୁ ଭୂଗର୍ଭକୁ ଯାତ୍ରା କରିବା ଭିତରେ ଜୀବନଟିଏ ଗଢ଼ିଉଠେ । ଭାରତୀୟ ଦର୍ଶନରେ ମଣିଷ ବଦଳେ କିନ୍ତୁ ମାଟି ବଦଳେ ନାହିଁ କିମ୍ବା ମାଟିରୁ ଜନ୍ମଲାଭ କରୁଥିବା ସାଂସ୍କୃତିକ ବାର୍ତ୍ତା ପରିବର୍ତ୍ତିତ ହୁଏ ନାହିଁ । ଚହ୍ଲାମାଟିର ସନ୍ତାନ ବାହ୍ୟ ଔଜ୍ଜ୍ୱଲ୍ୟରେ ଅନ୍ଧ ହୋଇ କ୍ରମେ ଅଚହ୍ଲା ମନେ ହୁଅନ୍ତ୍ରୁ । ଚହ୍ଲାମାଟିରେ ପାଦଥାପି ମଣିଷ ପରଖୁ ପରଖୁ ନିଜେ ହିଁ ବିଷଣ୍ଣତାରେ ପୋତି ହୋଇପଡ଼ନ୍ତି । ଏହାହିଁ ହୋଇଛି ସାଂପ୍ରତିକ କାଳର ଏକ ନିଖୁଣ ସତ୍ୟ ।  ଏକଦା ସାମୂହିକ ସୂତ୍ରରେ ଆବଦ୍ଧ ମଣିଷ ପାଇଁ ସୁଖଦୁଃଖ ଉଭୟ ଥିଲା ସାମୂହିକ । ଆଜି କିନ୍ତୁ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଗ୍ରାମର ଉତ୍ସବ ମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । ଏକବିଂଶର ଜଗତୀକରଣ ଭାବ ଭିତରେ ତଥାପି ଯେମିତି ଅସ୍ପର୍ଶ ରହିଯାଇଛି ଅନେକ ଗ୍ରାମ । କେଉଁଠି ଗାଁ ଛାଡ଼ି ସହରର ହୋଟେଲରେ କାମ କରୁଥିବା ଯୁବକର ଅସହାୟତା ବାରି ହୋଇପଡୁଛି ତ ଆଉ କେଉଁଠାରେ ଗାଁ ସ୍କୁଲରେ ପାଠ ନ ପଢ଼ି; ସହରରେ ପାଠ ପଢ଼ିବାର ମୋହ, ପାରିବାରିକ ସମ୍ପର୍କରେ ଠିଆ କରେଇଛି ପାଚେରୀ । ଏପରିକି ଯୋଜନା ପରେ ଯୋଜନା ଅଟକଳ ହୋଇଥିଲେ ମଧ୍ୟ ଏବେସୁଦ୍ଧା ଅନେକ ଗ୍ରାମାଞ୍ଚଳର ଦୁଃଖ ନ ହଟିବା ସହ ସର୍ବନିମ୍ନ ଆବଶ୍ୟକତା ମଧ୍ୟ ଏଯାବତ୍ ପୂରଣ ହୋଇପାରି ନାହିଁ । ପ୍ରକୃତପକ୍ଷେ କହିବାକୁ ଗଲେ ରାଜନୀତିର ଏହି କଳଙ୍କିତ ଇତିବୃତ୍ତ ଆଜି ନିଖିଳ ଜନତାଙ୍କ ମନରେ ସୃଷ୍ଟି କରିଛି ଅସହାୟତା । ଶ୍ରେଷ୍ଠ ନୀତି ଭାବରେ ଦିନେ ଜନମାନସରେ ସ୍ଥାନ ପାଇଥିବା ରାଜନୀତି ଆଜି ସ୍ୱାର୍ଥାନ୍ୱେଷୀ ମୁଷ୍ଟିମେୟ ଲୋକଙ୍କ ହାତରେ ବନ୍ଧା ପଡ଼ିଛି । ତେଣୁ ବିକାଶ ସମ୍ଭବ ହୋଇପାରୁନି ।

ISSN NO.
2582-208X

ଏପରିକି ଗାଁର ନୂଆପିଢ଼ିକୁ ଅଭ୍ୟୁଦୟର ମାର୍ଗ ପ୍ରଦର୍ଶନ କରିବାକୁ ଗଢ଼ି ଉଠିଥିବା ଭାଗବତ ଟୁଙ୍ଗୀ ଆଜି ଚିଲମର ଧୂଆଁ ଓ ମାଦକଦ୍ରବ୍ୟର ବାସ୍ନାରେ ଫାଟି ପଡୁଛି । ସନ୍ଧ୍ୟାରେ ଭଜନ କୀର୍ତ୍ତନ ତା'ପରେ ମାଦକ ଦ୍ରବ୍ୟ ସେବନରେ ଆଜି କଟୁଛି ଯୁବଗୋଷ୍ଠୀଙ୍କ ଜୀବନ । ଗୋଟିଏ ହାତରୁ କେତେବେଳେ ଆଉ ଗୋଟିଏ ହାତକୁ ଡେଇଁ ଡେଇଁ ଗ୍ଲଲିଯାଉଛି ଚିଲମ । କେତେବେଳେ କାହା ବାଡ଼ିରୁ ନଡ଼ିଆ କଦଳୀ ତ ଆଉ କାହା ଗାଡ଼ିଆରୁ ମାଛ ଗ୍ଲେରି ସହ ଗ୍ଡି ହେଲେ କ୍ଲବ୍ ଘରର ଡ୍ରାମା ଭିତରେ ସରିଯାଏ ଦୈନିକ କର୍ମ । କାରଣ ଗାଁରେ କଲେଜ ହେବା ପରେ ଯେତତେନ ପ୍ରକାରେ ବି.ଏ. ପାଶ୍ କରିଥିବା ଏ ଯୁବଗୋଷ୍ଠୀ ଆଉ ଲଙ୍ଗଳ କଣ୍ଟି ଧରି କରିପାରନ୍ତିନ ଜମି ଖନନ । ଯିଏ ଟିକେ ଭଲ ପାଠ ପଢ଼ି ଗ୍କରି କଲା ସେ ଧନୀ ଦୁଲାଳୀକୁ ବିବାହ କରି ସହରକୁ କରେ ଗମନ । ଏପରିକି ସରଳ ଗ୍ରାମ୍ୟ ଜୀବନ ବି ଆଜି ହୋଇଉଠିଛି ଖୁବ୍ ଜଟିଳ । ଏକଦା ଗାଁରେ କିଛି ମନୋମାଳିନ୍ୟ ହେଲେ ମୁରବୀମାନଙ୍କ ଦ୍ୱାରା ତୁଟି ଯାଉଥିବା ସମସ୍ୟା ଆଜି ଥାନା ପର୍ଯ୍ୟନ୍ତ ଯାଉଛି । ଗ୍ରାମ୍ୟ ଗ୍ଜନୀତିରେ ଯେଉଁ ବିଷ ମଞ୍ଜି ବୁଣା ହୋଇଛି; ତାହା ଭାଇକୁ ଭାଇ ସାମ୍ନାରେ ଶତ୍ରୁ କରି ଠିଆ କଗ୍ଇଛି । ଏପରିକି ଗ୍ଜନୀତିକ ପଶାପାଲିରେ ଆଜି ସାଧାରଣ ଜନତା ହୋଇଛି ଉପେକ୍ଷିତ । ଯୋଜନା ନାଁରେ ଖର୍ଚ୍ଚ ହେଉଥିବା ଅର୍ଥ ବ୍ୟକ୍ତିଗତ ଲକ୍ଷ୍ୟ ସିଦ୍ଧି ନିମନ୍ତେ ହେଉଛି ବିନିଯୋଗ ।

ବାସ୍ତବିକ କହିବାକୁ ଗଲେ ଗ୍ରାମ୍ୟ ଜୀବନର ସରଳତା ଆଜି ନଷ୍ଟ ଏବଂ ସମ୍ପ୍ରୀତିର ପୃଥିବୀ ହୋଇଛି ଓଲଟ ପାଲଟ । ପାରମ୍ପରିକ ମୂଲ୍ୟବୋଧ କ୍ରମେ ହୋଇଉଠିଛି ଅଚଳ । ଗ୍ଜନୈତିକ ଅପବାଦ, ଆଧ୍ୟାତ୍ମିକ ଛଳନା ଓ ସାମାଜିକ ବନ୍ଧନର ଶିଥିଳତା ଆଜି ରକ୍ତମାଂସର ମଣିଷକୁ କରିଛି ନିଃସଙ୍ଗ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ସଂପର୍କ: ୮୮୯୫୧୪୧୭୨୭

ISSN NO.
2582-208X

# ପହିଲି ରଜ



ଅଦ୍ୱୈତ କୁମାର ସାମନ୍ତରାୟ

ଗିରୀଷମ ତାତି  ସରିସରି ଆସେ
 ସୁରୁଜର ତାପ ଧିରେ କମିଲା
ଶିତଳ ପବନ  ମନକୁ ମୋହିଲା
 ଆକାଶୁ ବରଷା ବିନ୍ଦୁ ଝରିଲା

ଖଣ୍ଡ ଖଣ୍ଡ ମେଘ  ଭାସିଲେ ଆକାଶେ
 ଝିପିଝିପି ବର୍ଷା ଇସାରା ଦେଲା
ନିଦାଘ ପରଶ  ଅବସାନ ହେଲା
 ଧରାକୁ ପହିଲି ରଜ ଆସିଲା

ଗଛରେ ଗଛରେ  ଲାଗିଗଲା ଦୋଳି
 ପିଲାଏ ଝୁଲିଲେ ଆନନ୍ଦ ମନ
ଚାନ୍ଦି ପାନ ଗୋଟା  ଦୁଇଶହ ହେଲା
 ରଜ ପାଇଁ ପରା ସ୍ପେଶାଲ ପାନ

ଘରେ ଘରେ କେତେ  ଆନନ୍ଦ ଉତ୍ସବ
 ପୋଡପିଠା ପୁଣି ତିଆରି ହେଲା
କାକରା ଆରିଶା  କେତେ ପିଠା ପଣା
 ଦଶ ଦିଗେ ବାସ ଚହଟି ଗଲା

ISSN NO.
2582-208X

ଖେଳ ପଡିଆରେ  ବାଜାର ଶବଦ
ବାଗୁଡ଼ି ଗୁଡେଇ ଆରମ୍ଭ ହେଲା
ପିଣ୍ଡାରେ ପିଣ୍ଡାରେ  ଚାଲେ ତାସ୍ ଖେଳ
ଧରାକୁ ପହିଲି ରଜ ଛୁଇଁଲା

ସହଜେ କୁମାରୀ  ମାନଙ୍କ ପରବ
ରଜ ପାଳିବାକୁ ମନ ଅସ୍ଥିର
ତିନି ଦିନ ପାଇଁ  ଆସିଛି ଧରାକୁ
କେତେ ସାଜସଜ୍ଜା ସଭିଙ୍କ ଘର

ଅଙ୍ଗେ ଅଙ୍ଗେ ଶୋଭା  ନୂତନ ବସନ
ମଥାରେ ଲେପିଲେ ଟୋପି ଚନ୍ଦନ
ପାଦରେ ଅଳତା  ଗାରକୁ ଲେଖିଲେ
ମୁକୁର କୁ ଦେଖି ଦେଲେ କୁଙ୍କୁମ

ମେଘ ଖଣ୍ଡେ କେବେ କଦବା ଭାସିଲା
ଛନକା ପଶିଲା କୁମାରୀ ମନ
ରଜ ପରବ ଟା  ବର୍ଷା ରେ ଭିଜିବ
ଅକାରଣେ ଯିବ ପରବ ଦିନ

ଘରେ ଘରେ ଆଜି  ଆମ୍ବ ପଣସର
ମହକ ସହଜେ କେତେ ଛୁଟିଲା
ପହିଲି ରଜରେ  ସ୍ନାନ ପୂର୍ଣ୍ଣିମା ର
ପ୍ରଦୋଷେ ଚନ୍ଦ୍ରିକା ଝରି ପଡ଼ିଲା

ISSN NO.
2582-208X


କ୍ଷଣ କ୍ଷଣକରେ ଉଲ୍ଲସି ଉଠଇ
କୁମାରୀ ଲପନ ଚପଳ ବିଭା
ପହିଲି ରଜରେ ସ୍ନାନ ପୂର୍ଣ୍ଣିମାର
ଅଦ୍ଭୁତ ସଂଯୋଗ ବିପୁଳ ଶୋଭା

ଦୁଇ ବର୍ଷ ପରେ ସ୍ନାନ ମଣ୍ଡପରେ
ଭକତଙ୍କ ସାଥେ ଅଦ୍ଭୁତ ଲୀଳା
ଭକ୍ତର ସେ ପ୍ରଭୁ ଭକତ ପାଇଁକି
ଶ୍ରୀ କ୍ଷେତ୍ରେ ରଚିଛି ଭକତ ମେଳା

ବିଭାବରୀ ଶୋଭା ସ୍ନାନ ପୂର୍ଣ୍ଣିମା ର
ରଜତ ଚନ୍ଦ୍ରିକା ପଡ଼ଇ ଝରି
ପଲକେ ପଲକେ ତୋଳିଲା ଚମକ
କୁମାରୀ ଉରସେ ସ୍ପନ୍ଦନ ଭରି

ଆସନ୍ତାକାଲି ବୁଧବାର ପୁଣି
ସହଜେ ସଂକ୍ରାନ୍ତି ସଂଯୋଗ ଅଛି
ଫିକା ଫିକା ଲାଗେ ଏ ରଜ ପରବ
ନିରାମିଷ ଟା ରେ ରଜ ସରୁଛି

ଜଗତସିଂହପୁର
(୭୯୭୮୧୩୩୮୦୮)

ISSN NO.
2582-208X

# ବର୍ଷା ଆଗମନେ ...



ଛବି ରାଣୀ ପତି

ଅସାଢୁଆ ଏହି
ନିର୍ମଳ ଆକାଶେ
ଢାଙ୍କିଲେ କଳା ବଉଦ
ଚନ୍ଦ୍ର - ସୂର୍ଯ୍ୟଙ୍କର
ଉଦ୍ଭାସିତ ଆଭା
ପାରନ୍ତିନି କରି ଭେଦ ।

ଘଡ଼ଘଡ଼ି ରୂପେ
ବଜାଇ ମାଦଳ
ଆସେ ସେ ରୋଷଣି କରି
ବରଯାତ୍ରୀ ମେଳେ
ନାଚାଇ ମୟୂର
ଅଭିଶାର ମନେ ଭରି ।

ବାଜା,ବାଣ ସହ
ସଜବାଜ ହୋଇ
ଆସଇ ବିଲୁଆ ନନା
ସୁଲୁସୁଲୁ ବାଆ

ISSN NO.
2582-208X

ଚଡିସା ପିଟିଲେ
ଉଡ଼ଇ ଉତରି କନା ।

ହୁଳ ହୁଳି ଛାଡ଼ି
ବିଙ୍ଗୁଲି ନାନିଏଁ
ପୋଖରୀ ହୁଡ଼ାରେ ବସି
ଅପେକ୍ଷା କରନ୍ତି
ଝରିପୋକ ଭୋଜି
ଖାଇବାକୁ ହସି ହସି ।

ଝିଣ୍ଟିକା, ଝିଙ୍କାରି
ହରିବୋଲ ଦେଇ
ଲୁଚିଥାନ୍ତି ବୁଦା ମୂଳେ
ବରଷା ରାତିର
ଘନ ଅନ୍ଧାରରେ
ଡିଅନ୍ତି ଶ୍ୟାମଳା କୋଳେ ।

ଶୋଭାର ଭଣ୍ଡାର
ପ୍ରକୃତି ସମ୍ଭାର
ଲାଗେ ଭାରି କୁତୁକୁତୁ
ଦିଗନ୍ତ ବିସ୍ତାରି
ସବୁଜିମା ଘେରା
ଚାଲିଛି ଶ୍ରାବଣ ଋତୁ ।।

ISSN NO.
2582-208X


ରିମିଝିମି ହୋଇ
ଝରଇ ବରଷା
ଆକାଶରୁ ମାଟି ଯାଏ
ତୃପ୍ତ କରିଦିଏ
ହୃଦୟ ମାଟିର
ଦୁବା ଠାରୁ ଦାରୁ ଯାଏ ।।

କୋଟି ଜୀବ ଜନ୍ତୁ
ମେଣ୍ଟାନ୍ତି ପିପାସା
ଚତୁର୍ମାସ ହେଲାକ୍ଷଣି
ଖୁସିରେ ନାଚନ୍ତି
ଜଳଚର ମାନେ
ଗାଆନ୍ତି ବଉଳ ବେଣି ।।

ମଧ୍ୟ ଶାସନ
ବିରିଡ଼ି, ଜଗତସିଂହପୁର
ଫୋନ୍ –୯୩୩୭୯୬୦୦୬୦

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ – ୧୧ )

ଚଇନୁ ଘରେ ସେଦିନ ହଇଚଇ ହେଇ ଯାଇଥିଲା । ଗାଁ ଟା ସାରା ଲୋକେ ଯାଇ ଖୁନ୍ଦି ହେଇ ଯାଇଥିଲେ ତାଙ୍କ ଦାଣ୍ଡରେ । ହେବେ ନାଇଁ ? କେଡ଼େ ବଡ଼ କଥାଟା ? ପାଟି ତୁଣ୍ଡରେ ଗାଁ ଦାଣ୍ଡ ଦୁଲୁକୁଥିଲା । କେତେ ଲୋକ କେତେକଥା କହୁଥିଲେ । କଥାଟା ବି ସେମିତି ଥିଲା ।

– ଏମିତି ନୁଚେଇଥିଲେ ନା ନବ ପଇଡେ ?

– ଆଲୋ ଏ ଚଇନୁ ମାଆ, ଏମତି ନିମନ୍ ମୁହିଁ ନା ? କାର ଘରେ କୁକୁଡ଼ା କି ହଁସ ଡିମ ଦେଲେନା ନୋକ ଜାଣି ଯାଉଛନ୍ । କାର୍ ଘରେ ସଇତମା (ପିଜୁଳି) ଗଛ ନୂଆକରି କଷି ଧରଲେ ଚାରିଆଡ଼େ ଢେଣ୍ଟରା ପିଟୁଛନ୍ । ଆଉ ଏଡ଼େ ବଡ଼ କଥାଟା ନୁଚି ରହିଛି ? ଧଇନ୍ ଧଇନ୍ କହିବ ଏଗାକୁ ।

– ହଁ, ଯାହା ହେଲା ଭଲ୍ ନି ହେଲା । ଯେତେହେଲେ ମାମୁଁ ମାଇଁ ନା । ସେମାନେ ଯେଦି ନାଇଁ ରଖବେ ଆମର୍ ପୁଅ ଆମକୁ ଥୋଡ଼େ ନା କେଚରା (ଗନ୍ଧିଆ) ବାସବ ?

ମୁଁ ବି ଯାଇଥିଲି ମାଆ ସାଙ୍ଗରେ । ବାପା ଆଗରୁ ଯାଇ ବସିଥିଲେ ତାଙ୍କର ଦାଣ୍ଡ ପିଣ୍ଡାରେ, ସବୁ ମୁଖିଆ ମୁଖିଆ ଲୋକ ମାନଙ୍କ ସାଙ୍ଗରେ । ମୁଁ ପେଣ୍ଡା ଆଉ ଶେଣ୍ଢା ଯେତେ ଟେକିଲେ

ISSN NO.
2582-208X

ବି ଗହଳି ଭେଦକରି କିଛି ଦେଖି ପାରୁ ନଥିଲି । ଏତେ ବଚସା, ଏତେ ଫୁସୁର୍ ଫାସୁର୍ ଭିତରେ ଅସଲ କାରଣଟା ଜାଣିବାର ଯୁ ନଥିଲା ।

ଅକସ୍ମାତ ଭିଡ଼ ଠେଲି ଚଇନୁ ଆସି ମୋତେ ଟାଣି ନେଇଗଲା । ଏତେ ଖୁସି ଖବରଟା ନ ଜଣେଇଲା ଯାଇଁ ତାକୁ ସବୁର୍ କାହିଁ ?

ଚଇନୁ ବହୁତ ଖୁସି ଥିଲା । ଏଇ ଯେଉଁ ସଭା ଚାଲିଥିଲା, ତା ବିଷୟରେ ସବିଶେଷ ବିବରଣୀ ମୁଁ ତାଠାରୁ ହିଁ ଜାଣିଲି ।

– ଏଇ ଅଭି, ଜାଣଲୁ ନା । ମୋର୍ ଗୁଟେଇ ବଡ଼ଭାଇ ଅଛନ୍ ବେୟ । ବହୁତ୍ ଆଗରୁ ମୋର୍ ମାଆ ବାପା ନାଇଁ ନା, ଦେଇ ଦେଇଥିଲେ ମୋର୍ ମାମୁଁ ମାଇଁକୁ । ମୋର୍ ମାମୁଁର୍ ଛୁଆ ନାଇଁ ଥିଲେ ତ । ମୋର୍ ଭାଇ ସେଇ ମୋର୍ ମାମୁଁଘରେ ଜନ୍ମ ହେଇଥିଲେ । ମାଆ ବାପା ସେଇଠେ ରହୁଥିଲେ ସେତେବେଳେ । ମୋର୍ ମାଇଁ ବହୁତ କାନ୍ଦଲେ, ଛୁଆଟାକୁ ଦିଅ ବୋଲିକରି । ମୋର୍ ମାମୁଁ ଭି ବାପାର୍ ପାଦ୍ ତଳରେ ପଡ଼ିକିରି ଭିକ ମାଗଲେ । ଛୁଆଟାକୁ ଦେଇଦିଅ ବୋଲି । ମୋର୍ ମାଆ ତାର୍ ଭାଇର୍ ଦୁଃଖ ନାଇଁ ସହି ପାରଲା । ସେତକି ବେଳରୁ ମୋର୍ ଭାଇ ସେଇଠେ ଥିଲେ । ଆମର୍ ଗାଁରେ ସମସ୍ତେ ଜାଣଲେ ଯେ ମରା ଛୁଆଟା ଜନ୍ମିଲା ବୋଲି । ନେହିଲେ ମୋର୍ ଜେଜେ ନା, ଠିଆ ପିଞ୍ଜି ଦେଇ ଥାଇତା ମୋର୍ ବାପାକୁ । ମୋର୍ ମାଆର୍ ପିଠିରେ ଖୁସଣୀ (ଖଡ଼ିକା) ନିଆଁରେ ପଟେଇ କିରି ଚେଙ୍କେଇ ଦେଇ ଥାଇତା । ସେଇ ଦିନଠୁ ମୋର୍ ମାଆ ବାପା ଆଉ ମାମୁଁ ଘରର ମାଟି ନାଇଁ ମାଡ଼ଲେ, ଧରା ପଡ଼ି ଯିବେ ବୋଲି ।

– ତୁଇ କେମତ କରି ଜାଣଲୁ ବେ ?

– ମୋର୍ ନାନୀ କହୁଥିଲା ପରା ବେ ।

– ଏନାଗି କିପେଇଁ ଆସଲେ ତେବେ ?

ISSN NO.
2582-208X

– ଏବେୟ, ମୋର୍ ମାମୁଁ ନା, ମରିଗଲେ । ମୋର୍ ମାମୁଁର୍ ଦଦେଇ ପୁଅ ଭାଇମାନେ ଧନ ସମ୍ପତ୍ତି ଲୋଭ୍ ରେ ମୋର୍ ଭାଇକୁ ମାରି ଦେଇ ଥାଇତେ । ମୋର୍ ମାଇଁ ସେଇ ଦେଇକିରି ମୋର୍ ଭାଇକୁ ସବୁ କଥା ବତେଇ କରି ପଠେଇ ଦେଲା ।

ମୋତେ ବଡ଼ ଈର୍ଷ୍ୟା ଲାଗୁଥିଲା ଯେ ଚଇନୁର ଜଣେ ବଡ଼ଭାଇ ଅଛନ୍ତି । ମୋ ଜୀବନର ଛକି ଶୂନ୍ ଭିତରେ ମୋର ଭାଇ ଭଉଣୀ ଘରଟା ଶୂନ୍ ବୋଲି ମୋର ବହୁତ ମନଦୁଃଖ ହୁଏ। ଯେତେବେଳେ ମୋର ମନଃସ୍ଥିତି ଭଲ ନଥାଏ, ବା ମୋତେ ପାଠଟା ବୁଝା ପଡେ ନାହିଁ, ବା ଯେତେବେଳେ ମୋ ମାଆ ବେମାର ପଡେ ସେତିକିବେଳେ, ଠିକ୍ ସେତିକିବେଳେ ମୁଁ ମୋର ମରି ଯାଇଥିବା ଭାଇ ଭଉଣୀଙ୍କୁ ବହୁତ୍ ଝୁରେ ।

ଯେତେବେଳେ ଦେଖେ, ଚଇନୁକୁ ତାର ନାନୀ ସାର୍ଟ ପିନ୍ଧେଇ ଦେଉଛି, ତାର ମୁଣ୍ଡ କୁଣ୍ଡେଇ ଦେଉଛି, ମୁଁ ବହୁତ ଝୁରେ ।

ଯେତେବେଳେ ଦେଖେ ମନୁଆର ବଡ଼ଭାଇ ଆସି ପିଟି ପକଉଛି ଦାମକୁ, ସେ ମନୁଆକୁ ଦାନ୍ତୁଡ଼ା କହି ଦେଇଥିଲା ବୋଲି, ମୁଁ ବହୁତ ଝୁରେ ।

ଯେତେବେଳେ ଦେଖେ ବନ ବଡ଼ବାପା ଆଗରେ ଚାଲୁଥାନ୍ତି ବ୍ୟାଗ ଧରି, ଆଉ ତାଙ୍କର ଜାଆଁଳା ପୁଅ କାଳିଆ ବଳିଆ ପରସ୍ପର କାନ୍ଧରେ ହାତ ପକେଇ ହସାହସି ହେଇ ଯାଉଛ। ସେତିକି ବେଳେ ବି ବହୁତ ଝୁରେ ।

ଏମିତି ଅଜସ୍ର ଘଟଣା ।

– ଏୟ୍ ଅଭି, ଜାଣୁ ? ମୋର୍ ଭାଇ ନା, ବହୁତ କିଲାସ୍ ଯାଇଁ ପଢିଛନ୍ ବେୟ । ଚଉଦ ପନ୍ଦର କିଲାସ୍ ଯାଇଁ । କଟକରେ କଲେଜରେ ପଢୁଥିଲେ । ମାଷ୍ଟର ହେଇଥିଲେ ବୋଲି ମୋର୍ ନାନୀ କହୁଥିଲା । ଏଇ ବିବେକା ମାଷ୍ଟର୍ ରକମ୍ ବେଗ୍ ବେଗ୍ ବହି ଆଣିଛନ୍ । ଆମର୍ ଘରେ ଜାଗା ନାଇଁ ଧରତେ ।

ISSN NO.
2582-208X

ମୁଁ ଆହୁରି ହିଁସିକା ହେଇ ଯାଉଥିଲି । କେଡ଼େ ଭାଗ୍ୟବାନ ଚଇନୁଟା । ଆକାଶରୁ ଛିଡ଼ି ପଡ଼ିଲା ପରି ଭାଇ ଜଣେ ଛିଡ଼ି ପଡ଼ିଲେ ତା ପାଖରେ । ସେ ପୁଣି ଯେମିତି ସେମିତି ଭାଇ ନୁହେଁ, ଜ୍ଞାନୀ ଗୁଣୀ ଭାଇ । ବିବେକା ମାଷ୍ଟର୍ ଭଳି । ଭଗବାନ କରନ୍ତେ କି ତାର୍ ଭି ଜଣେ ଭାଇ ଆବିର୍ଭୂତ ହୁଅନ୍ତେ ।

ଛାଡ଼, ଆକାଶ କଇଁଆଁ ! ଖୋଲା ଆଖିର ମିଛ ସପନ !

ଚଇନୁ ଘରେ ମଙ୍ଗଳ ମହୋତ୍ସବ ଲାଗି ରହିଲା । ଚଇନୁର ବାପା ମାଆଙ୍କ ଗୋଡ଼ ତଳେ ପଡ଼ିଲା ନାହିଁ । ଚଇନୁର ନାନୀ ମାନେ ବଡ଼ ଭାଇ ପାଇ ନେ୍ୟାଛାବର ହେଇ ପଡୁଥିଲେ । ଅନେକ ଦିନ ପରେ ସବୁ ଥଣ୍ଡା ପଡ଼ିଗଲା ବାଦ୍ ରେ ଅବଶ୍ୟ ଭାଇ ଯାଇ ତାଙ୍କ ମାଇଁ ଅର୍ଥାତ ତାଙ୍କ ପାଳିତା ମାଆଙ୍କୁ ନେଇ ଆସିଥିଲେ । ଯଥାର୍ଥରେ ତାଙ୍କର ମାଇଁ ହିଁ ତ ତାଙ୍କର ମାଆ ଥିଲେ । ଖାଲି ଗର୍ଭରେ ଯାହା ଧାରଣ କରି ନଥିଲେ ।

ମୁଁ ସେଇ ଦିନଠାରୁ ନିୟମିତ କିଛି ସମୟ ଚଇନୁ ଘରେ ବିତଉଥିଲି । ଚଇନୁର ବଡ଼ ଭାଇ, ମାନେ ମୋର ବି ତ ବଡ଼ଭାଇ ।

ଚଇନୁର ଭାଇ, ଗଣନାଥ ଭାଇ । ଗଣିଆ ଭାଇ ।

ସେ ସବୁବେଳେ ବହିଟିଏ ଧରି ବାରଣ୍ଡାରେ ବସି ଥାଆନ୍ତି । ବହି ପଢୁଥାନ୍ତି ନହେଲେ ଆକାଶ ଆଡ଼କୁ ଅନେଇ କଣ ସବୁ ଭାବୁ ଥାଆନ୍ତି । ବେଳେବେଳେ ଆଖି ବନ୍ଦକରି ହଜି ଯାଇଥାନ୍ତି ଅଲଗା ଏକ ଦୁନିଆରେ ।

ଆମ ସହିତ କେବେ କେବେ କଥା ହୁଅନ୍ତି । ପାଠକଥା । ମାନସାଙ୍କ ପଚାରନ୍ତି । ଭୂଗୋଳ ପଚାରନ୍ତି । ଇତିହାସ ପଚାରନ୍ତି । ଚଇନୁ ସେଥିପାଇଁ ଆଡ୍ ଆଡ୍ ହେଇ ରହେ । ତାକୁ ତ ଛଅକ ପଣିକା ଭି ଆସୁ ନଥିଲା ।

ISSN NO.
2582-208X

ମୋର୍ ଭଲ ଭାବଦୋସ୍ତି ହେଇଗଲା ତାଙ୍କ ସହିତ । ସେ ମୋର ବିଚକ୍ଷଣ ବୁଦ୍ଧି ଦେଖି ବହୁତ ଖୁସି ହେଇଗଲେ ।

ଦିନେ ଧୁମ୍ ଦିପହରେ ଖାଇସାରି ଗଣିଆ ଭାଇ ତାଙ୍କର ଦାଣ୍ଡ ପଟ ଅଗଣାରେ ଆମ୍ବଗଛ ମୂଳେ ଦଉଡ଼ିଆ ଖଟ ଉପରେ ଗଡୁଥାନ୍ତି । ମୁଁ ବିବେକା ମାଷ୍ଟର ପାଖରୁ ନେଇଥିବା ଜ୍ୟାମିତି ବହି ଖଣ୍ଡେ ଓ ଖାତା ଖଣ୍ଡେ ଧରି ଗଲି । ସେ ମୋତେ ପାଇଥୋଗୋରସଙ୍କ ପ୍ରମେୟ ବିଷୟରେ ପଚାରିଲେ । ମୁଁ ଯାହା ମୁଖସ୍ଥ କରିଥିଲି କହିଦେଲି । ଲମ୍ବ, କର୍ଣ୍ଣ ଓ ଆଧାର ବିଷୟରେ ।

– କହିଲୁ ଏଇ ପ୍ରମେୟଟା ବିଷୟରେ ଅଧିକା କଣ ଜାଣିଛୁ ।

ମୁଁ ବଲ ବଲ କରି ଅନେଇଥିଲି ତାଙ୍କୁ । ପ୍ରଶ୍ନ ପଚାରିଲେ ତ ମୁଁ କହିଦେବି । ଏଥିରେ ଅଧିକା ଜାଣିବାଟା ପୁଣି କଣ ?

– ଦେଖ୍, ଗୋଟିଏ ସମକୋଣ ତ୍ରିଭୁଜର ସବୁଠାରୁ ଲମ୍ବା ରେଖା ହେଉଛି କର୍ଣ୍ଣ । ସବୁ ରେଖା ସହିତ ଆମେ ଯଦି ଗୋଟିଏ ଲେଖା ବର୍ଗକ୍ଷେତ୍ର ଆଙ୍କିବା, କର୍ଣ୍ଣର ବର୍ଗକ୍ଷେତ୍ରଟିର କ୍ଷେତ୍ରଫଳ ଅନ୍ୟ ଦୁଇ ବର୍ଗର କ୍ଷେତ୍ରଫଳର ସମଷ୍ଟି ସହିତ ସମାନ ହେବ ।

ମୁଁ ସାଙ୍ଗେ ସାଙ୍ଗେ କସି ପକେଇଲି । ଇରେ, ସତେତ । ମୁଁ ତ ଖାଲି ଶୁଆ ପରି ରଟି ଯାଉଥିଲି ଯାହା । ଏଥିର ଭେଦ ତ ଜାଣି ନଥିଲି । ମୁଁ ଭାଇଙ୍କର ଅନୁଗତ ଶିଷ୍ୟ ବନିଗଲି ସେହି ଦିନଠାରୁ ।

ଏତିକି ବେଳେ ବିବେକା ମାଷ୍ଟର ଯାଉଥିଲେ ସେଇ ବାଟ ଦେଇ । ଆମ ଦୁହିଁଙ୍କୁ ଦେଖି ଚାଲି ଆସିଲେ । ଭାଇ ସାଙ୍ଗେ ସାଙ୍ଗେ ଖଟରୁ ଉଠିପଡ଼ି ସାଷ୍ଟାଙ୍ଗ ପ୍ରଣାମ କଲେ । ମୁଁ ମୋର ଚିରାଚରିତ ବ୍ୟବହାର ଅନୁସାରେ ତାଙ୍କର ପାଦ ଛୁଇଁଲି । ମାଷ୍ଟର ଖଟରେ ବସିଲେ । ଆମେ ଦୁହେଁ ତଳେ ଇଟା ଦୁଇଟା ଥୋଇ ବସିଲୁ । ମାଷ୍ଟର ଓ ଗଣିଆଭାଇଙ୍କ ମଧ୍ୟରେ

ISSN NO.
2582-208X

ଅନେକ ସମୟ ଯାଏ ଅନେକ ବିଷୟରେ କଥାବାର୍ତ୍ତା ଚାଲିଲା । ମୁଁ କେବଳ ଦୁହିଁଙ୍କ ମୁହଁକୁ ଚାହି ଶୁଣୁଥାଏ ମନ ଦେଇ ।

କେତେ ଜ୍ଞାନ ଏମାନଙ୍କର ସତରେ !!!!

କଥାରେ କଥାରେ ଭାଇ କହିଲେ ଯେ ସେ ଜିଲ୍ଲା ହାଇ ସ୍କୁଲରେ ମାଷ୍ଟର ଚାକିରୀ ପାଇଁ ଦରଖାସ୍ତ ଦେଇଥିଲେ । ମଞ୍ଜୁରୀ ମିଳି ଯାଇଛି । ଜିଲ୍ଲା ହାଇସ୍କୁଲ୍ ଆମ ଗାଁ ନଇ ପାରିହେଲେ ଗୋଟିଏ ବଡ଼ ଗାଁରେ ଥାଏ ।

– ଆରେ ଗଣିଆ, ଦେ ବାପା, ଏଇ ଛୁଆଟାକୁ ଟିକେ ପାର୍ ନଗେଇଦେ । ବେଡେ ବୁଦ୍ଧି ଏଟାର୍ । ଛଅ କ୍ଲାସ୍ ପରେ ଆଉ ଏଠେ କ୍ଲାସ୍ ନାଇନି । ଦେ କେମତି କରି ବେବସ୍ଥା କର୍। ସାତ୍ କ୍ଲାସଟା ପାସ୍ କରୁ । ତାରପରେ ତୁଇ ଦେଖବୁ । ତୋର୍ ଗାଁର୍ ଉନ୍ନତି ପାଇଁ ଯାହା ବିଚାରିବୁ ।

ମୋ ଛାତି ଖାଲି ଦାଉଁ ଦାଉଁ ପଡ଼ିଲା ଉଠିଲା । ମୁଁ ଆହୁରି ପାଠ ପଢ଼ିବି । ମୁଁ ଜିଲ୍ଲା ହାଇସ୍କୁଲରେ ପଢ଼ିବି ।

ଆମ ଗାଁରୁ କେହି ଏପର୍ଯ୍ୟନ୍ତ ସେଇ ସ୍କୁଲ୍ ମାଟି ମାଡ଼ିବା ତ ଦୂରର କଥା, ଦେଖି ନଥାନ୍ତି । କିଏ କଣ ପାଇଁ ଗାଁରୁ ବାହାରକୁ ଯିବ ଯେ । ମୋ ଭାଗ୍ୟଟା ଖାସା ଏକା ।

ଭାଇ ନିଶ୍ଚିତ ମୋତେ ସାହାଯ୍ୟ କରିବେ । ମାଷ୍ଟର୍ ଯେତେବେଳେ କହିଲେଣି ....

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଘୋଷ ଯାତ


ତ୍ରିପତି ପ୍ରଧାନ

ଜନମ ବେଦୀକୁ କାଳିଆ ଯିବାକୁ
ମନ ତୋ ଚଞ୍ଚଳ ହୁଅଇ ବାଇ
ଗୁଣ୍ଡିଚା ମାତାତ ଚାହିଁ ବସି ଅଛି
ଚିତ୍ତ ତାର କାହିଁ ଲାଗୁନି ଯାଇ (1)

ଆଗୁଆ ଆଗୁଆ ନୀତି କାନ୍ତି ତୋର
କରିତୁ କରାଉ ପଣ୍ଡାଙ୍କୁ ନେଇ
ଭକତଙ୍କ ପାଇଁ ବଡଦାଣ୍ଡଟାରେ
ଅଟକି ରହିବୁ ଭିଡ଼ ଲଗାଇ (2)

ଆଷାଢ଼ ମେଘକୁ ଦେଖି ଚାଷୀକୁଳ
ଭୁଲିଯାଇଥାନ୍ତି ଗ୍ରୀଷ୍ମର ଦାଉ
ନନ୍ଦିଘୋଷାକାଶେ ତୁ କଳା ବଉଦ
ଦୁଃଖୀ ଦୁଃଖ, ପାପ ହରିଣ ନେଉ (3)

ରଥତ ପ୍ରସ୍ତୁତ ପଥତ ପ୍ରସ୍ତୁତ
ଅପୂର୍ବ ମିଳନ ଭକତ ଭଟ
ତେଣୁ ଅଗୁସାର ହେଉତୁ ବାହାର
ଦୁଇ ଯୁଗ ଲାଗେ ରଥରେ ଭେଟ (4)

ISSN NO.
2582-208X

ଝୁଲକୁ ଝୁଲାଇ ଡାକୁଛ ଗୋସାଇଁ
ଦେବ, ଜନ, ଗନ୍ଧର୍ବାଶରୀରକୁ
ତୋ ରଥ ଦଉଡି ହାତେ ଦେଇ ଭିଡି
ଭାବେ ଭଳି ତାରୁ ଭବ ନାବକୁ (5)

ସଂସାର ଜଞ୍ଜାଳେ ଭାସି ବୁଡି ହେଲେ
ତୁମ ଯାତ ଦେଖି ପାରୁନି ଯାଇ
ଦୂରଦର୍ଶନରେ ଦେଖି ରଥପରେ
ତୋ ଇଛା ବିନାକି ପତ୍ର ହଲଇ(6)

ଦୂରୁ ମୋ ପ୍ରଣତି ଘେନ ଯଦୁପତି
ଆନ ରଥେ ଦେଖେ ତୁମ ମୂରତି
ଭବ ଭଳିଆ ହେ ମୋ ଭାବ ତୋଠାରେ
ରଖିଥିବୁ ସଦା ପୟରେ ନିତି (7)

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ଭିଜା ଲଗନର ସ୍ମୃତି

ବେଣୁଧର ସୂତାର

ବେଦନାର ଅନୁପ୍ରାସ
ଉଦାସ ଧରଣୀ ବେଶ
ନିରାଶାର ପରିଭାଷା ତୋଳେ
ଶୁଖିଲା ପଡିଛି ଛାତି
ନିଦାଘ ଅନଳ ତାତି
ଯନ୍ତ୍ରଣାରେ ତିଳ ତିଳ ଜଳେ ।।

ଉଜୁଡା କ୍ଷେତର ଲୁହ
ମଲା ଝରଣାର କୋହ
ନିଦାରୁଣ କରୁଣ କାହାଣୀ
ମରୁ ମଶାଣିର ଶୋକ
ନୀଳଶୂନ୍ୟତାର ଭୋକ
ବସୁଧାରେ ଦୁଃଖର ବିପଣି ।।

ଶିଳା ଶୈବାଳର ଦୁଃଖ
ବେଦନାର ଅଭିଲେଖ
ହତଶିରୀ ପାଦପ ବଲ୍ଲରୀ
କାନ୍ଦୁଅଛି ବନଭୂଇଁ
ଶୁଖିଛି ଜୀବନ ନଈ
ବେଦନାର ବିକ୍ଷିପ୍ତ ଲହରି ।।

ISSN NO.
2582-208X


ପ୍ରାଣ ପ୍ରାଚୁର୍ଯ୍ୟରେ ଭରା
ପ୍ରାବୃଟର ବର୍ଷା ଧାରା
ବୋଳିଦିଏ ସୁଧା ସଞ୍ଜୀବନୀ
ନିଦାଘର ଅନୁଭୂତି
ଭିଜା ଲଗନର ସ୍ମୃତି
ପୁଲକଇ ପୀଡ଼ିତା ଅବନୀ ।।

ଆକାଶେ ମେଘ ମହ୍ଲାର
ସୁଖର ଅମୃତ ଧାର
ସମ୍ଭାବନା କୋଟି ଜୀବନର
ନବ ସବୁଜିମା ବେଶେ
ସତେ ଧରାରାଣୀ ହସେ
ହସିଉଠେ ଶ୍ୟାମଳ କେଦାର ।।

ସବୁଜ ସକାଳ ହସେ
ନୀଳିମାର ଘନ ବାସେ
ଶୋଭାମୟୀ ସାଜେ ଏହି ଧରା
ପ୍ରକୃତିର ଉପବନେ
ଗୋଧୂଳି ଭିଜା ଲଗନେ
ଲାସ୍ୟ ଭରା ଫୁଲର ପସରା ।।

ଲାବଣ୍ୟ ସୁଷମା ରାଶି
ସୌଭାଗ୍ୟ ସପନ ମିଶି
ଅମୃତର ମଧୁସ୍ରୋତ ପରି
ଧରାଦିଶେ କମନୀୟା
ମହକରେ ମହନୀୟା
ଜଡ଼ ପ୍ରାଣେ ଜୀବନ ସଂଚରି ।।

ISSN NO.
2582-208X

ବୈଶାଖୀ ଦହନ ତାତି
                ମିଳନର ମହା ସ୍ମୃତି
ବର୍ଷାଭିଜା ଶ୍ରାବଣର ଭାଷା
ମୌସୁମୀ ଶୀତଳ ଛୁଆଁ
                ସ୍ୱପ୍ନ ରଚେ ନୂଆ ନୂଆ
ପ୍ରୀତି ମଗ୍ନା ପୁଲକିତ ରସା ।।

ତା ବକ୍ଷ ସଲିଳ ଧାର
                ସଞ୍ଜୀବନୀ ଜୀବନର
ପ୍ରକୃତିର ଭବ୍ୟ ଅବଦାନ
ସତେକି ଅମୃତ ସମ
                ତା ଆଶିଷ ଅନୁପମ
ମଧୁମୟ କରିଛି ଜୀବନ ।।

କେଶଦୁର୍ଗପାଳ କେନ୍ଦୁଝର
ଦୂରଭାଷ –୯୧୭୮୫୬୮୨୪୬

ISSN NO.
2582-208X

# ସତ୍ୟମେବ ଜୟତେ



ଗଜାନନ ମିଶ୍ର

ପଣ୍ଡିତ କୌଟିଲ୍ୟ କହିଛନ୍ତି, 'ପ୍ରଜାସୁଖେ ସୁଖଂ ରାଜ୍ଞଃ ପ୍ରଜାନାଂଚ ହିତେ ହିତମ୍, ନାତ୍ମପ୍ରିୟଂ ହିତଂ ରାଜ୍ଞଃ ପ୍ରଜାନାଂ ତୁ ପ୍ରିୟମ୍ ହିତମ୍'। ପ୍ରଜାଙ୍କ ସୁଖରେ ରାଜାଙ୍କ ସୁଖ ହୋଇଥାଏ। ଏମିତି ତ ଗଣତନ୍ତ୍ରର ଜୟଯାତ୍ରା ହୋଇଥାଏ ଜନଗଣଙ୍କ ହିତରେ। ସମସ୍ତଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ହେଉଛି ପ୍ରତ୍ୟେକ ସରକାରଙ୍କ ପ୍ରଧାନ କାର୍ଯ୍ୟ ଆଉ ଏଇଟା ହିଁ ଆମ ଭାରତୀୟ ସମ୍ବିଧାନର ମୂଳ ଲକ୍ଷ୍ୟ। ମୁଣ୍ଡକ ଉପନିଷଦର 'ସତ୍ୟମେବ ଜୟତେ'କୁ ଆମ ସମ୍ବିଧାନ ପ୍ରଣେତାଗଣ ସେଥିପାଇଁ ସର୍ବାଗ୍ରେ ଗ୍ରହଣ କରିଛନ୍ତି। ଭାରତୀୟ ପରଂପରାକୁ, ଭାରତୀୟ ଭାବନାକୁ, ପ୍ରତ୍ୟୟକୁ, ବିଶ୍ୱାସକୁ ଚେର ବା ମୂଳ କରି ରଖାହୋଇଛି। ଏଇଥିପାଇଁ ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନର ସୁବିଧା କଯିଯାଇଛି ଧାରା 350ଏ ରେ। ପ୍ରତ୍ୟେକ ରାଜ୍ୟ ଏବଂ ରାଜ୍ୟ ଭିତରେ ଥିବା ସ୍ଥାନୀୟ କର୍ତ୍ତୃପକ୍ଷ ଏ ଦିଗରେ ପ୍ରୟାସ କରିବେ। ଏପରି ବ୍ୟବସ୍ଥାକୁ ସୁରକ୍ଷିତ କରିବାପାଇଁ ମହାମାନ୍ୟ ରାଷ୍ଟ୍ରପତି ଯେପରି ଆବଶ୍ୟକ କିମ୍ବା ଯଥାର୍ଥ ମନେକରିବେ ସେପରି ଭାବରେ ଯେ କୌଣସି ରାଜ୍ୟକୁ ଏପରି ନିର୍ଦ୍ଦେଶ ଜାରି କରି ପାରିବେ।

ଧନ୍ୟବାଦ ଦେବାକୁ ପଡିବ ନିଶ୍ଚୟ ଝାଡଖଣ୍ଡ ସରକାରଙ୍କୁ ଯିଏ ମୁଣ୍ଡାରି, ଖଡିଆ, ଖୁଡୁକ ଓ ସାନ୍ତାଳି ଆଦି ମାଟିର ଭାଷାରେ ପାଠ୍ୟ ପୁସ୍ତକ ଛପେଇ ପିଲାଙ୍କୁ ପଢାଇବାର ବ୍ୟବସ୍ଥା କରାଇ ସାରିଛନ୍ତି। କିନ୍ତୁ ଅତି ଦୁଃଖର କଥା, ଆମ ରାଜ୍ୟ ଓଡିଶା ସର୍ବପ୍ରଥମେ ଏପ୍ରିଲ ପହିଲା 1936 ମସିହାରୁ ଭାଷା ବଳରେ ସୃଷ୍ଟି ହୋଇ ବି ମାଟିର ଭାଷାକୁ ଅଣଦେଖା ବା ବେଖାତିର କରି ଚାଲିଛି, ଯଦିଓ ଭାଷା ନାମରେ କୋଟି କୋଟି ଲୋକଙ୍କ ଟଙ୍କା ମାରଣା ହେଉଛି। ଅନ୍ୟତମ ପଡୋଶୀ ରାଜ୍ୟ ଛତିଶଗଡ, ମାଟିର ଛତିଶଗଡି ଭାଷାକୁ ହିନ୍ଦୀ

ISSN NO.
2582-208X

ସହିତ ସରକାରୀ ଭାଷାର ମାନ୍ୟତା ଦେଇ ବ୍ୟବହାର କରୁଛି। ଭାଷା ନ ଥିଲେ ପରିଚୟ ନ ଥାଏ, ଆଉ କେତେ ବର୍ଷ ଗଲେ ବୁଝିହେବ ଜାଣି ହେଉ ନି।

ଭାଷାକୁ ନେଇ ଯେତେ ଅଭିଯୋଗ, ଯେତେ ଆନ୍ଦୋଳନ ସବୁକୁ ଫସର ଫଟେଇବାରେ ଗର୍ବ କରୁଛନ୍ତି ସରକାର ଓ ନିଜର ପାରିବାପଣ ବୋଲି ଭାବୁଛନ୍ତି। ଏପଟେ ଚାମଚାଗଣ ନିଜକୁ ଧନ୍ୟ ମନେ କରୁଛନ୍ତି। ଅଧିକନ୍ତୁ, ଆମ ବିଚାରବିଭାଗ ବିଦେଶୀଭାଷା ପ୍ରୟୋଗ କରିବାଦ୍ୱାରା ଲୋକଙ୍କଠାରୁ ରହୁଛି ବହୁତ ଦୂରରେ, ନିଜ ବାଗରେ ଭଲମନ୍ଦ ତର୍ଜମା କରି ନିଜ ଢଙ୍ଗରେ ଉଲ୍ଲସିତ। ଜନଗଣ ଯଦିଓ ଭାରତବର୍ଷର ମୁଖ୍ୟ, ଜନସ୍ୱାର୍ଥ ମାମଲାରେ ଜନଗଣଙ୍କୁ ଫାଇନ ବା ଦଣ୍ଡ ପକାଇବାରେ ବି ପଛଘୁଂଚା ଦେଉ ନାହାନ୍ତି। ଆଉ କେତେ ବର୍ଷ ଯାଏ ଅଦାଲତ ଏମିତି ଡରାଉଥିବ ପ୍ରକୃତ ସାର୍ବଭୌମ କ୍ଷମତା ଥିବା ଜନଗଣଙ୍କୁ ଅଦାଲତ ଅବମାନନା ବା ସମୟ ଅପଚୟ ନାମରେ!

ଅହଂକୁ ଧରି ଯେ ଯୋଉଠି ବେଶ୍ ସୁରକ୍ଷିତ। ମାନବତାବାଦ, ଏକତା, ଅଖଣ୍ଡତା ସବୁ ସବୁ ବାଧାପ୍ରାପ୍ତ। ଆମେ କହିବାରେ ବ୍ୟସ୍ତ ଜନମତ ଶ୍ରେଷ୍ଠ। ଆହା, ସାଧାରଣ ନାଗରିକଟିଏ କରି ପାରୁ ନାହିଁ ନିଜ ଭାଷାରେ ମୁକ୍ତ ଭାବରେ ଇଚ୍ଛାପ୍ରକଟ। ସାଂସ୍କୃତିକ ଏବଂ ମୌଳିକଶିକ୍ଷା ବାଧା ପ୍ରାପ୍ତ। ତ୍ରୁଟିପୂର୍ଣ୍ଣ ଭାଷାନୀତି। ବିଦେଶୀ ଭାଷାର ବ୍ୟବହାର ଦ୍ୱାରା ଦୁର୍ନୀତି, ଶୋଷଣ ବଢି ଚାଲିଛି। ସାଧାରଣ ଲୋକ ସ୍ୱଷ୍ଟ ଭାବରେ କିଛି ଜାଣି ପାରୁ ନାହାନ୍ତି। କହିବାରେ ଦ୍ୱିଧା ନାହିଁ ଯେ ଆମ ଗଣତନ୍ତ୍ର ଶାସନ ଆମ ହିସାବରେ ଚାଲି ପାରୁ ନାହିଁ, ଚାଲୁଛି ମୁଷ୍ଟିମେୟ ବିଦେଶୀଭାଷାର କାରସାଦି ଜାଣିଥିବା କିଛି ଲୋକଙ୍କ ଦ୍ୱାରା।

ସମ୍ବିଧାନକୁ ମାନି ଚଳିବା ସଭିଙ୍କ ମୁଖ୍ୟ କର୍ତ୍ତବ୍ୟ। କିନ୍ତୁ ସ୍ୱୟଂ ସରକାରୀକଳ, ବିଚାରାଳୟ, ଶିକ୍ଷାଳୟ ଯଦି ସମ୍ବିଧାନ ନ ମାନିବେ ତେବେ ସଙ୍କଟ ପଡିଛି ବୋଲି ଭାବିବାକୁ ହେବ। ଜନଗଣମନର ଜୟଗାନ ଆଉ କେବେ ହେବ? 'ସତ୍ୟମେବ ଜୟତେ' ଖାଲି ସ୍ଲୋଗାନଟିଏ ହୋଇ ରହିଯିବ! ଏମିତି ସମୟ ଆସି ପହଂଚିଯାଇଛି କହିଲେ କଣ ଭୁଲ ହେବ? ଆମ ଦେଶର ରାଜଧାନୀ ନୂଆଦିଲ୍ଲୀରେ ଭାରତୀୟ ଭାଷା ଆନ୍ଦୋଳନ ମୁଣ୍ଡ ଟେକିଛି ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଶ୍ରୀ ଅରୁଣ ଭରଦ୍ୱାଜଙ୍କ ନେତୃତ୍ୱରେ। ଓଡିଶାରେ 2015 ମସିହାରେ ହୋଇଥିବା ଭାଷା ଆନ୍ଦୋଳନ ଓ ଆମରଣ ଅନଶନସ୍ଥଳକୁ ଶ୍ରୀ ଭରଦ୍ୱାଜଜୀ ଆସିଥିଲେ। ସର୍ବଭାରତୀୟ ସ୍ତରର ଏ ଆନ୍ଦୋଳନ ନିଶ୍ଚୟ ସଫଳ ହେବ।

ISSN NO.
2582-208X

ଏହା ଦ୍ୱାରା ସବୁ ରାଜ୍ୟରେ ଭାଷା ସଚେତନତା ବୃଦ୍ଧି ପାଉଛି । ଅବଶ୍ୟ ଆମ ଓଡିଶାର ଉଚ୍ଚ ନ୍ୟାୟାଳୟ ରିଟ ସଂଖ୍ୟା 5958/2007 ଟିକେରାମ ଲୁହା ବନାମ ଜିଲ୍ଲା ବିଚାରପତି ବଲାଙ୍ଗିର ରେ ଓଡିଆ ଭାଷାରେ ରାୟ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି । ଏହି ଘଟଣା ଭାରତରେ ପ୍ରଥମ, ଆମ ସୌଭାଗ୍ୟ । ଅନ୍ୟ ଏକ ରିଟ ସଂଖ୍ୟା 13622/2008ରେ ଅପରପକ୍ଷକୁ ଓଡିଆରେ ନକଲ ଦାଖଲ କରିବାକୁ ନିର୍ଦ୍ଦେଶ ବି ଦିଆ ସରିଛି । ଏଇସବୁ ଯଥେଷ୍ଟ ନୁହଁ ଯଦିଓ । ସମସ୍ତ ଭାରତର ଭାଷାରେ ସମସ୍ତ ଶିକ୍ଷା ନ ହେବା ଯାଏ, ମୂଳ ମାଟିର ଭାଷାରେ ଅଦାଲତର ସବୁକାର୍ଯ୍ୟ ନ ଚାଲିବାଯାଏ କହି ହେବ ନି ବିଚାର ପ୍ରକ୍ରିୟା ଚାଲିଛି ସତ୍ୟ ପଥରେ, ଯୋଉଠୁ ସତ୍ୟ ଓ ନ୍ୟାୟର ଜୟଗାନ ହେବ ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ପ୍ରତିବିମ୍ବ

ତରୁଣ କୁମାର ଦାସ

କେଜାଣି କାହିଁକି
ଏତେ ବିଷର୍ଣ୍ଣ, ଏତେ ଅସହାୟ
ନିଷ୍ଠୁର ପ୍ରକୃତି ର ପରିହାସ
ଉଦବେଳିତ ହୃଦୟର ସ୍ପନ୍ଦନ
ରଜନୀଗନ୍ଧା ର ମଉଳା ବାସ୍ନା
ଭିଜା ମାଟିର ଗନ୍ଧ
ପାପୁଲିରେ ଆସନ୍ତାକାଲିର ମାନଚିତ୍ର
ଦିଗହଜା ବିହଙ୍ଗର କଳରବ
ଠିକଣା ବିହୀନ ଲଫାଫା
ଆଗାମୀ କାଲିର ପ୍ରତ୍ୟାଶା
ସାଗରରୁ ମୁକ୍ତାର ସନ୍ଧାନ ସବୁ କିମ୍ବଦନ୍ତୀ ପ୍ରାୟ !
ସୁଖର ଆଶାରେ ମଜଗୁଲ ମଣିଷ ଆଜିବି ସନ୍ଧିହାନ
ଜୀବନ ଯୌବନ ଭରାକ୍ରାନ୍ତ
ସସେମିରର ସନ୍ଧାନରେ
ମୁଁବି ରଙ୍ଗୀନ କାଗଜ ଫୁଲ ର
ବାସ୍ନାରେ ମଜଗୁଲ
ନିଜକୁ ଖୋଜିବା ବାହାନାରେ
ମାଟି ସାଉଟୁଛି
କାନ୍ଥସହ ପିଠିକୁ ଗୋଟାପଣେ ସାମିଲ କରି
ମୁଁ ମୋର  ପ୍ରତିବିମ୍ବ ପାଲଟିଛି !

ମୁକ୍ତା ବଳୟ ପାଳୁସିଆ
ବାଲେଶ୍ୱର 36

ISSN NO.
2582-208X

# ଭାବର ଠାକୁର



ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ

ପ୍ରଭୁ !
ତୁମେ ଶକ୍ତିରେ ନୁହେଁ ଭୁକ୍ତିରେ ନୁହେଁ
ତୁମେ ଗଦା ଗଦା ଫୁଲମାଳରେ ନୁହେଁ
ତୁମେ ଫଳରେ ନୁହେଁ ଛପନ ପଉଟି
ଭୋଗରେ ନୁହେଁ ବୈଭବରେ ନୁହେଁ
ନାମରେ ନୁହେଁ ସମ୍ମାନରେ ନୁହେଁ
ଚିତ୍ରରେ ନୁହେଁ କି ଚରିତ୍ରରେ ନୁହେଁ
ବ୍ୟାପ୍ତିରେ ନୁହେଁ କି ପ୍ରଶସ୍ତିରେ ନୁହେଁ
କୀର୍ତ୍ତନରେ ନୁହେଁ ସଂକୀର୍ତ୍ତନ ରେ ବି ନୁହେଁ –

ଓହ୍ଲେଇ ଆସ ଅଇଁଠା କୋଳି ଖାଇବାକୁ
ଶ୍ରୀବତ୍ସ ବ୍ରାହ୍ମଣର ଗୋଇଠା ଖାଇବାକୁ
କୈବର୍ତ୍ତକୁ ପାଦ ଧୋଇ ପାଣି ଦେବାକୁ
ପଥରକୁ ଛୁଇଁ ନାରୀଟିକୁ ମୁକ୍ତି ଦେବାକୁ
ପରକୀୟା ପ୍ରୀତିରେ ରାଧାର ହେବାକୁ
ସେ ଦେହ ନୁହେଁ ବିଦେହରେ ତୁମେ
ମୀରାର ଅଜସ୍ର କଷ୍ଟ ମୋଚନ କରିବାକୁ
ବିଶ୍ୱକୁ ଜୀବନ ଯୁଦ୍ଧରେ ଗୀତା ପରସିବାକୁ
ପାଞ୍ଚାଳୀର ସଖା ଭାବ ଧରିବାକୁ

ISSN NO.
2582-208X

ତମେ କେବଳ ଭାବଟିକୁ ନେଇଥାଅ
କୁବୁଜାଠୁ ଶବରୀ ଆଉ ଅହଲ୍ୟାଯାଏ
ବନ୍ଧା ପଡ ବନ୍ଧୁ ମହାନ୍ତି ପାଖରେ
ଦାସିଆ ବାଉରୀର ନଡିଆ ଫଳରେ
ବିରାଜିତ ହୁଅ ବଳରାମଙ୍କ ବାଲିରଥରେ
ଜଗନ୍ନାଥଙ୍କୁ ଉଦ୍ଧାରିବାକୁ ନାରୀପଣରେ
ଏବେ କିଆଁ ଦାରୁବ୍ରହ୍ମ ଏତେ ଅବିଚାର ଦେଖି
ପାଷାଣ ହୋଇଛ, ଏ ସୃଷ୍ଟି କି ନୁହଇ ତୁମର
କେତେ କାହାଣୀ, କୋଟି ହୃଦୟର
ଭାବ ବିନୋଦିଆ ଠାକୁର ହେ ଭାବରେ
ଭାବରେ ରହିଥାଅ ସଦା ହୃଦୟ ମନ୍ଦିରେ ।

ପ୍ଲଟ ନ.-୪୬୧୯/୨୧, ପୋଖରିପୁଟ ବିଲେଜ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ବେଦାନ୍ତୀ ହେଉଛି ଏକ ସଂପୂର୍ଣ୍ଣ ମୁକ୍ତ ମାସିକ ପାରିବାରିକ ପତ୍ରିକା । ବେଦାନ୍ତୀ ପଢି ଏବଂ ଅନ୍ୟଙ୍କୁ ପଢାଇ ଓଡିଆ ଭାଷାର ପ୍ରଚାର ଏବଂ ପ୍ରସାର ପାଇଁ ନିଜର କିଛି ଅବଦାନ ଦିଅନ୍ତୁ

ISSN NO.
2582-208X

# ଚେକୋଭ ହେଉଛନ୍ତି ଦୁନିଆର ସର୍ବୋତ୍ତମ କାହାଣୀ ଲେଖକ



ଅସିତ ମହାନ୍ତ

ଆଣ୍ଟୋନ୍ ଚେକୋଭ ୨୯ ଜାନୁୟାରୀ ୧୮୬୦ରେ ଦକ୍ଷିଣ ଋଷର ତଗାନରୋଗ ରେ ଜଣେ ଦୋକାନୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ୧୮୬୮ ରୁ ୧୮୭୯ ପର୍ଯ୍ୟନ୍ତ ଚେକୋଭ ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ । ୧୮୭୯ ରୁ ୧୮୮୪ ପର୍ଯ୍ୟନ୍ତ, ଚେକୋଭ ମସ୍କୋ ମେଡିକାଲ କଲେଜରେ ଶିକ୍ଷା ସମାପ୍ତ କରି ମେଡିସିନ୍ କରିବା ଆରମ୍ଭ କଲେ । ୧୮୮୦ ମସିହାରେ, ଚେକୋଭ୍ ତାଙ୍କର ପ୍ରଥମ କାହାଣୀ ପ୍ରକାଶ କଲେ ଏବଂ ୧୮୮୪ ମସିହାରେ ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ ସଂଗ୍ରହ ବାହାରିଲା । ଆଣ୍ଟୋନ୍ ଚେକୋଭଙ୍କ ୪ ଟି ପ୍ରସିଦ୍ଧ ଏବଂ ଜଣାଶୁଣା ନାଟକ – ସିଗଲ୍, ଅଙ୍କଲ୍ ବାନିଆ, ଥ୍ରୀ ସିଷ୍ଟରସ (ତିନି ଭଉଣୀ) ଏବଂ ଚେରି ଅର୍ଚାଡ଼ । ଆଣ୍ଟନ୍ ପାଭଲେଭିଚ୍ ଚେକୋଭ୍ (ଜାନୁୟାରୀ ୨୯, ୧୮୬୦ – ଜୁଲାଇ ୧୫, ୧୯୦୪) ଜଣେ ଋଷର କାହାଣୀକାର, ଓପନ୍ୟାସିକ ତଥା ନାଟ୍ୟକାର ଥିଲେ । ବିଶ୍ୱର ସମୀକ୍ଷକ ଏବଂ ସମାଲୋଚକମାନଙ୍କ ମଧ୍ୟରେ ତାଙ୍କର କାହାଣୀଗୁଡିକ ସମ୍ମାନର ସହିତ ପ୍ରଶଂସିତ । ତାଙ୍କ ଦ୍ୱାରା ଲିଖିତ ଗଦ୍ୟ ଭାରତ ସହିତ ବିଶ୍ୱର ଅନେକ ଦେଶର ଉଚ୍ଚଶିକ୍ଷାରେ ପଢ଼ାଯାଏ । ତାଙ୍କର ସାହିତ୍ୟିକ ଜୀବନ କାଳରେ, ଚେକୋଭ ପ୍ରାୟତଃ ଜଣେ ଡାକ୍ତରଙ୍କ ବୃତ୍ତିରେ ନିୟୋଜିତ ଥିଲେ । ସେ ଦକ୍ଷିଣ ଋଷର ଟାଗାନ୍ରୋଗରେ ଜଣେ ଦୋକାନୀଙ୍କ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଚେକୋଭ ୪୪ ବର୍ଷ ଜୀବିତ ରହିଥିଲେ, ଯାହାର ଅଧା ସମୟ ସେ ଯକ୍ଷ୍ମା ରୋଗରେ ପୀଡିତ ଥିଲେ, ଯାହା ଦ୍ୱାରା ତାଙ୍କର ମୃତ୍ୟୁ ଘଟିଥିଲା, କିନ୍ତୁ ଜଣେ ସାଧାରଣ ଲୋକ ଯାହା ଦଶ ଜୀବନରେ କରିବା ଅସମ୍ଭବ, ସେ ତାହାଠାରୁ ଅଧିକ କାର୍ଯ୍ୟ କରିଯାଇଛନ୍ତି । ସେ ୨୦ ଭଲ୍ୟୁମ୍ ର ଗଦ୍ୟ ଲେଖିଛନ୍ତି ଯାହା ସମଗ୍ର ବିଶ୍ୱ ଜାଣିଛି । ସେ ତାଙ୍କ ଜନ୍ମସ୍ଥାନ ଟାଗାନରୋଗ ରେ ଏକ ଲାଇବ୍ରେରୀ ପ୍ରତିଷ୍ଠା କରିଥିଲେ

ISSN NO.
2582-208X

ଏବଂ ସେଠାରେ ତାଙ୍କର ଦୁଇ ହଜାର ପୁସ୍ତକ ଦାନ କରିଥିଲେ । ଯେତେବେଳେ ସେ ମେଲିକନୋଭରେ ରହୁଥିଲେ, ସେ ହଜାର ହଜାର ଅସୁସ୍ଥ କୃଷକଙ୍କୁ ମାଗଣାରେ ଆରୋଗ୍ୟ କରିଥିଲେ ଏବଂ ପ୍ରତ୍ୟେକଙ୍କୁ ଔଷଧ ଯୋଗାଉଥିଲେ । କଲେରା ସମୟରେ ସେ ବିନା ସାହାଯ୍ୟରେ ୨୫ଟି ଗ୍ରାମରେ ଡାକ୍ତର ଭାବରେ ଏକାକୀ ବିନା ସହାୟତାରେ କାମ କରୁଥିଲେ । ସେ ଗ୍ରାମ ବିଦ୍ୟାଳୟଗୁଡ଼ିକ ପାଇଁ ଏକ ଘଣ୍ଟି ଟାୱାର, ଅଗ୍ନି ଭଣ୍ଡାର ଏବଂ ଲୋପସାୟା ପାଇଁ ଏକ ରାସ୍ତା ନିର୍ମାଣ କରିଥିଲେ । ୧୮୬୮ ରୁ ୧୮୭୯ ପର୍ଯ୍ୟନ୍ତ, ଚେକୋଭ ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ । ୧୮୭୯ ରୁ ୧୮୮୪ ପର୍ଯ୍ୟନ୍ତ, ଚେକୋଭ ମସ୍କୋ ମେଡିକାଲ କଲେଜରେ ଶିକ୍ଷା ସମାପ୍ତ କରି ଡାକ୍ତରୀ କରିବା ଆରମ୍ଭ କଲେ । ୧୮୮୦ ମସିହାରେ, ଚେକୋଭ୍ ତାଙ୍କର ପ୍ରଥମ କାହାଣୀ ପ୍ରକାଶ କଲେ ଏବଂ ୧୮୮୪ ମସିହାରେ ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ ସଂଗ୍ରହ ବାହାରିଲା । ୧୮୮୬ ମସିହାରେ, ରଙ୍ଗବିରଙ୍ଗି କାହାଁନିଆଁ ନାମକ ଏକ ସଂଗ୍ରହ ପ୍ରକାଶିତ ହୋଇଥିଲା ଏବଂ ୧୮୮୭ ମସିହାରେ ପ୍ରଥମ ନାଟକ ଇଭାନବ । ୧୮୯୦ ମସିହାରେ, ଚେକୋଭ୍ ସାଖାଲିନ୍ ଦ୍ୱୀପକୁ ଯାତ୍ରା କଲେ, ଯେଉଁଠାରେ ସେ ନିର୍ବାସିତମାନଙ୍କର ଯନ୍ତ୍ରଣାଦାୟକ ଜୀବନୀ ଅଧ୍ୟୟନ କରିଥିଲେ । ଏହି ଯାତ୍ରାର ଫଳ ସ୍ୱରୂପ ସାଖାଲିନ୍ ଦ୍ୱୀପ ନାମକ ଏକ ପୁସ୍ତକ ରଚନା କରିଥିଲେ । ୧୮୯୨ ରୁ ୧୮୯୯ ପର୍ଯ୍ୟନ୍ତ, ଚେକୋଭ ମସ୍କୋ ନିକଟ ଏକ ଗାଁ ମେଲିକୋଭରେ ରହୁଥିଲେ । ଏହି ବର୍ଷଗୁଡିକରେ, ଚେକୋଭ ଦୁର୍ଭିକ୍ଷ ସମୟରେ ଚାଷୀଙ୍କ ସହାୟତା ଆୟୋଜନ କରିଥିଲେ ଏବଂ କଲେରା ବିସ୍ତାର ସମୟରେ ସକ୍ରିୟ ଭାବରେ ଡାକ୍ତରୀ ଅଭ୍ୟାସ କରିଥିଲେ । ୧୮୯୯ ମସିହାରେ, ଚେକୋଭ ଅସୁସ୍ଥ ହୋଇପଡିଥିଲେ, ତେଣୁ ସେ କ୍ରିମ (କ୍ରାଇମିୟା) ର ୟଲଟା ସହରରେ ଅବସ୍ଥାନ କରିଥିଲେ । ସେଠାରେ ଚେକୋଭ୍ ଗୋର୍କିଙ୍କ ସହିତ ପରିଚିତ ହୋଇଥିଲେ । ଆଣ୍ଟୋନ୍ ଚେକୋଭଙ୍କ କାହାଣୀରେ ସାମାଜିକ ମନ୍ଦତାର ଏକ ବ୍ୟଙ୍ଗାତ୍ମକ ଚିତ୍ରଣ କରାଯାଇଛି । ତାଙ୍କର କ୍ଷୁଦ୍ର ଉପନ୍ୟାସ ଗୁଡ଼ିକରେ ସୁଖ (୧୮୮୭), ବଂଶୀ (୧୮୮୭) ଏବଂ ଷ୍ଟେପ୍ (୧୮୮୮) ମାତୃଭୂମି ଏବଂ ଲୋକଙ୍କ ପାଇଁ ଖୁସିର ବିଷୟବସ୍ତୁ ପ୍ରମୁଖ ଅଟେ । ସାମାଜିକ ପରିବର୍ତ୍ତନର ଆବଶ୍ୟକତା ନାଟକ କିଶୋର ଭଉଣୀ (୧୯୦୦) ରେ ପ୍ରତିଫଳିତ ହୋଇଛି । କ୍ଷୁଦ୍ର ଉପନ୍ୟାସ କୃଷକ (୧୮୯୭) ରେ, ଜାର କାଳୀନ ଋଷର ଗାଁର ଦୁଃଖଦ କାହାଣୀ ଉପସ୍ଥାପିତ ହୋଇଥିଲା । ତାଙ୍କର ସମସ୍ତ

ISSN NO.
2582-208X

ନାଟକରେ ଚେକୋଭ ସାଧାରଣ ଲୋକଙ୍କ ସାମାନ୍ୟ ଜୀବନକୁ ସ୍ୱଷ୍ଟ ଭାବରେ ବର୍ଣ୍ଣନା କରିଛନ୍ତି ।

ଚେକୋଭଙ୍କର ଅନେକ ଋଷୀୟ ଲେଖକ, ବୁନିନ୍, କୁପ୍ରିନ୍, ଗୋର୍କି ଇତ୍ୟାଦି ଉପରେ ପ୍ରଭାବ ପଡିଥିଲା । ୟୁରୋପ, ଏସିଆ ଏବଂ ଆମେରିକାର ଲେଖକମାନେ ମଧ୍ୟ ଚେକୋଭଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ପ୍ରେମଚାନ୍ଦଙ୍କ ମତରେ, ଚେକୋଭ ହେଉଛନ୍ତି ଦୁନିଆର ସର୍ବୋତ୍ତମ କାହାଣୀ ଲେଖକ। ସେ ଥିଲେ ଏକ ଅସାଧାରଣ ବ୍ୟକ୍ତିତ୍ୱର ଧନୀ, ନବଜାଗରଣ ଚିନ୍ତା ଚେତନାର ମହତ୍ୱପୁର୍ଣ୍ଣ ମୂଲ୍ୟବୋଧ, ଯେପରି ସ୍ନେହ, ପ୍ରେମ, ଦୁଃଖ, ସମାଜର ମୁକ୍ତିର ଆକାଂକ୍ଷା, ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଆଦି ବିଷୟ ଗୁଡିକ ତାଙ୍କ ଚରିତ୍ରରେ ଦେଖିବାକୁ ମିଳେ । ଏହି ଚିନ୍ତନର ପ୍ରଭାବ ତାଙ୍କ ଦ୍ୱାରା ଲିଖିତ ବହିଗୁଡିକରେ ଝଲସି ଉଠେ । ପାଠକ ସେହି ଉନ୍ନତ ଚିନ୍ତନ ଗୁଡିକୁ ବିଭିନ୍ନ ଚରିତ୍ର ମାଧ୍ୟମରେ ଯେତେବେଳେ ପାଠ କରେ ତା ଭିତରେ ଏକ ଆନ୍ଦୋଳନ ସୃଷ୍ଟି ହୁଏ ଏବଂ ସମାଜର ଦୁଃଖ କଷ୍ଟକୁ ଅନୁଭବ କରେ । ଏହି ଅନୁଭବ ତାକୁ ସମାଜରେ ପରିବର୍ତ୍ତନ ଆଣିବାକୁ ପ୍ରେରଣା ଯୋଗାଏ । ତାଙ୍କର ସ୍ୱଳ୍ପ ସମୟରେ ସେ ସମାଜ ପ୍ରତି ତାଙ୍କର ଦାୟିତ୍ୱ ପାଳନ କରିଯାଇଛନ୍ତି । ଚେକୋଭ ଡାକ୍ତରୀ ବୃତ୍ତି ଏବଂ ମାନବିକତା ମଧ୍ୟରେ ସମ୍ପର୍କ କୁ ଭଲଭାବରେ ହୃଦୟଙ୍ଗମ କରିଥିଲେ ଏବଂ ସେହି ଆଧାରରେ ମାନବତାର ସେବାପାଇଁ ସେ ସର୍ବଦା ପ୍ରସ୍ତୁତ ଥିଲେ । ତାଙ୍କର କାର୍ଯ୍ୟ ମାଧ୍ୟମରେ ସେ ପ୍ରମାଣିତ କରିଯାଇଛନ୍ତି ଯେ, ବ୍ୟକ୍ତି ଯେକୌଣସି ବୃତ୍ତିରେ ଥାନ୍ତୁ ନା କାହିଁକି ସେ ସମାଜର ବିକାଶରେ ତାଙ୍କର ଯୋଗଦାନ କରିପାରିବେ ଏବଂ ସେଥିପାଇଁ ସେ ସ୍ୱତନ୍ତ୍ର । ଯୁବ ସମାଜ ପାଇଁ ସେ ପ୍ରେରଣାର ଉତ୍ସ ହୋଇ ରହିବେ । ସେଇଥିପାଇଁ କୁହାଯାଇଛି ଯେ ସାହିତ୍ୟ କେବଳ ଗୋଟିଏ ଦେଶରେ ସୀମା ବଦ୍ଧ ହୋଇ ରହିପାରେ ନାହିଁ । ତାହା ପ୍ରସ୍ଫୁଟିତ ଫୁଲର ମହକ ଭଳି ସର୍ବତ୍ର ବ୍ୟାପି ଯାଏ ଏବଂ ତାର ସୁଗନ୍ଧକୁ ମନୁଷ୍ୟ ସମାଜ ସମ୍ମୁଖରେ ଓଜାଡ଼ି ଦିଏ ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

ISSN NO.
2582-208X

# ପରିବର୍ତ୍ତନ



ପ୍ରକାଶ ଚନ୍ଦ୍ର ପଣ୍ଡା

ଏ ଜାତି ଭୁଲିଛି ଆଜି ତା ମାଟିର ଭାଷା
ଏ ମାନବ ଭୁଲିଛି ତା କୂଳର ବେଉଷା,
କୂଳବୋହୂ ଦେଉନାହିଁ ମୁଣ୍ଡରେ ଓଢଣୀ
ନାତି ଆଉ ଶୁଣୁନାହିଁ ଆଇମା କାହାଣୀ ।

ଆଗ ପରି ଜଳୁନାହିଁ ଚଉରାରେ ଦୀପ
ସନ୍ଧ୍ୟାବେଳେ ବାଜୁନାହିଁ ମନ୍ଦିରରେ ଶଙ୍ଖ,
ଶୁଭୁନାହିଁ ହୁଳହୁଳି ଶୁଭ କାମ କାର୍ଯ୍ୟେ
ଆଧୁନିକତାର ତାଳେ ନିଜେ ନିଜେ ହଜେ ।

ଭଗବତ ଟୁଙ୍ଗି ସବୁ ଭଗ୍ନାବଶେଷରେ
ଧର୍ମଶାସ୍ତ୍ର, ଗୀତା ଯଜ୍ଞ କେ ଅବା ପଚାରେ,
ଭୁଲିଛି ମାନବ ତାର ପୁରୁଣା ସଂସ୍କୃତି
ବାଟବଣା ଆଜି ଭାଷା ଦିଗହରା ଜାତି ।

ଆଧୁନିକତା ନାଁ ରେ ଯେତେବ ଅନିତୀ
କହିବାକି ଏହାକୁ ଆମ ଜାତିର ପ୍ରଗତି,

ISSN NO.
2582-208X

ଆମ ପୂର୍ବପୁରୁଷଙ୍କୁ ଭୁଲିଯାଇ ଆମେ
ଜୟଧ୍ୱନୀ ଦେଉଛନ୍ତି ଆଉ କାହା ନାମେ ।

କାହିଁକି ଏ ହତାଦାର ତୋଷାମତ ଗୁଣ
ନିଜ ଟାଙ୍ଗିଆରେ ନିଜେ ନିଜ ଗୋଡ ହାଣ,
ଏହି ମାଟି ମାଆର ଟେକ ପାଇଁ ଥରେ
ଗାଇଯିବା ମିଳିମିଶି ଏକତାର ସୁରେ ।

ଏହି ମାଟି ମା ଠାରୁ ନୁହେଁ କେ ମହାନ
ଭୁଲିବିନି କେବେ ତାକୁ ରଖିବି ତା ମାନ,
ରଖିବି ତା ମାନ........

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ପାଶୋରି ଯିବାରୁ



ବ୍ରଜକିଶୋର ସାଇଁ

କିଛି ନୁହେଁ ସ୍ଥିର ଏହି ଅସ୍ଥିର ଜଗତେ
ବାହୁଡିବେ ସର୍ବେ ଭବୁ କାଳର ଇଙ୍ଗିତେ ।୧।
ମାତୁଳ ଯାର ଗୋବିନ୍ଦ ପିତା ଧନଞ୍ଜୟ
ରଣେ ସିଏ ହୋଇ ହତ ଗଲେ ଯମାଳୟ ।୨।
ଇତର ପରାଣୀ ସମ ହୋଇଲେ ମଣିଷ
ଅସ୍ତାଚଳଗାମୀ ହୁଏ ଜୀବନ ଦିନେଶ ।୩।
ଯାର ତୃଷ୍ଣା ହୁଏ ଯେତେ ଅଧିକ ବିଶାଳ
ହୋଇଯାଏ ସିଏ ସେତେ ଦରିଦ୍ର କାଙ୍ଗାଳ ।୪।
ପାଶୋରି ଯିବାରୁ ଆମେ ଜୀବନର ବେଦ
ଆନ ପ୍ରାଣେ ରଚେ ଏହା ଦୁଃଖ ଆଉ ଖେଦ ।୫।
ଧନ ଦଉଲତ ସବୁ ଅନିତ୍ୟ ସଂସାରେ
ଧର୍ମ ପରା ହୁଏ ସାଥୀ ଏକା ମୃତ୍ୟୁ ପରେ ।୬।
ରାଜା ପ୍ରଜା ମୂର୍ଖ ଜ୍ଞାନୀ ଭିକାରୀ କୁବେର
ଶମଶାନ କରେନାହିଁ ବାଛ ଓ ବିଚାର ।୭।
ଭୋଗ ଆଉ ଲୋଭ ପରା ଜୀବନର ବ୍ୟାଧି
ସବୁଠାରୁ ବଡ ଲକ୍ଷ୍ୟ ସତ୍ୟ ଉପଲବ୍ଧି ।୮।
ଦୃଷ୍ଟି ବଦଳିଲେ ସୃଷ୍ଟି ଯିବ ତ ବଦଳି
ପ୍ରଚକ୍ଷୁର ନାହିଁ ଲୋଡା ଇଚ୍ଛା ଶକ୍ତି ଖାଲି ।୯।
ଭଲ ଖାଇପାରେ ଲୋକ ଖାଲି ନେଉଥିଲେ
ଶାନ୍ତି ନିଦ୍ରା ଦିବା ସ୍ୱପ୍ନ ଦେବା ଭୁଲି ଗଲେ ।୧୦।

ISSN NO.
2582-208X

ସବୁ ହୁଏ ବୃଥା ଯଦି ଆଦର୍ଶ ଅଭାବ
ଜାଗେନି ହୃଦୟେ ସେବା ତ୍ୟାଗ ମନୋଭାବ ।୧୧।
ସେବାକୁ ନେବାନି ପେଶା ଭାବରେ ଜୀବନେ
ସମର୍ପିତ ଭାବ ଏହା ଜାଉ ସବୁ ମନେ ।୧୨।
କର୍ମ ପରା ମଣିଷକୁ କରଇ ଅମର
ମଣିଷ ମାତ୍ରେ ହିଁ ଦିନେ ଯିବ ଆରପୁର ।୧୩।
ଭାବିବ ଦୁନିଆ ମଲେ କାନ୍ଦିବେ ସରବେ
ଯଶସ୍ୱୀ ହିଁ ସବୁଦିନ ବଞ୍ଚି ରହେ ଭବେ ।୧୪।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ସ୍ୱପ୍ନ



ଝରଣା ବାରିକ

ସ୍ୱପ୍ନ ସବୁ ଉଡି ଯାଆନ୍ତି ଆକାଶରେ
ଡେଣା ଛାଡି ଛାଡି
ଧରିବାକୁ ଚାହିଁ ଲେ
ହଜି ଯାଆନ୍ତି
କେଉଁ ଏକ ଅନ୍ଧାରୀ ମୂଲକେ।

ଆଖି ମୁଦି ଦେଲେ ହାତରେ ଧରା ଦିଅନ୍ତି
କୁନି କୁନି ପ୍ରଜାପତି ସବୁ
ସଅଁବାଳୁଆ ହଜି ଯାଏ
ଆଗାମୀ ଭବିଷ୍ୟତ ର
ନୂଆ ସକାଳ ରେ
ଗଢି ହେଇ ଯାଏ
ନୂଆ ଏକ ରୂପ ଆଉ ରଙ୍ଗରେ।
ବେଶ୍ ଚମତ୍କାର ଡେଣାରେ।

କଢ ସବୁ ହସୁ ଥାନ୍ତି
ସୁନେଲି ସକାଳ କୁ ଚାହିଁ
ସୁନ୍ଦର ପୃଥିବୀ ରେ
ନିଜ କୁ ସଜେଇ
ଫୁଲ ହେବାର ଆଶାରେ

ISSN NO.
2582-208X

ବିଭୋର ହୁଅନ୍ତି
ଫୁଟି ଥିବା ଫୁଲ ଟିଏ
ଝଡିବାର ଦୁଃଖ ରେ
ନିଜକୁ ପ୍ରସ୍ତୁତ କରୁଥାଏ
ସୂର୍ଯ୍ୟ ଲୁଚିଗଲା ପରେ।

ଶ୍ରାବଣ ଅପେକ୍ଷା ରେ
ଶୀତର ଭରଷାରେ
ପୁଣି ବୈଶାଖ ଆସି ଛଡ଼ାଇ ନିଏ
ଗଛରୁ ପତ୍ର ସବୁ
ତଥାପି ମୁଣ୍ଡ ଟେକି ଚାହିଁ ଥାଏ
ଆଉ ଦେଖୁଥାଏ
ଅଧୁରା ସ୍ୱପ୍ନ କୁ ପୁରା କରିବାକୁ।

ସମଲ, ତାଳଚେର, ଅନୁଗୋଳ

ISSN NO.
2582-208X

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

।। ୨୨ ଦୃଶ୍ୟ ।।

(ରାଣା ସାମନ୍ତରାୟ ମୋବାଇଲରେ କଥା ହେଉଥାଏ ।)

ରାଣା- ଆରେ ଡି.ଏସ.ପି!ଏ ଇ ସାମାନ୍ୟ ଘଟଣାକୁ ଡିଲିଟ କରିପାରୁ ନାହାନ୍ତି?-----କଣ କହିଲେ? ଇନ୍ସପେକ୍ଟର ବିଭୀଷଣ ପାଖରେ ଠୋସ ପ୍ରମାଣ ମହଜୁଦ ଅଛି?----ସେ ପ୍ରମାଣପତ୍ରକୁ ଜାଳ ପୋଡି ପାଉଁଶ କରିଦିଅନ୍ତୁ।-------- ହ୍ୱାଟ? ହେଇପାରିବନି? ତାହେଲେ ମାସକୁ ମାସ ମୋଠାରୁ ବଟି ନେଉଛନ୍ତି କଣପାଇଁ? ଟଙ୍କା କୋଉ ଗଛର ଫଳ ନୁହେଁ ଡି.ଏସ.ପି, ଆପଣ ଯେତେବେଳେ ଚାହିଁବେ ମୁଁ ତୋଳଆଣି ଦେଇଦେବି। ଟଙ୍କା ରୋଜଗାର କରିବାକୁ ହେଲେ ଜୀବନରେ ସଙ୍ଘର୍ଷ କରିବାକୁ ହୁଏ।

(ଗାବରୁ ଧାଇଁ ଧାଇଁ ଆସେ) ମାଲିକ! ମାଲିକ! ସବୁ ଗଡ଼ବଡ଼ ହୋଇଗଲା। ଇନ୍ସପେକ୍ଟର ବିଭୀଷଣ ଏଇ ପଟକୁ ତା' ଦଳବଳ ଘେନି ଆସୁଛି।

ରାଣା- ଆସୁ, ଆରେ ସେ ଆସୁ---, ଭାଇ ଆସୁଛି ଭାଇ ସହିତ ମିଶିବା ପାଇଁ । ତାକୁ କଣ ମୁଁ ଆଉ ମନା କରିପାରିବି? (ପ୍ରବେଶ ପଥରେ ପିସ୍ତଲ ହସ୍ତେ ବିଭୀଷଣ ଓ ଗୁଣ୍ଡୁଚ) ଆରେ ବିଭି! ଆ-ଆ ଭିତରକୁ ଆ-।

ବିଭି- ଭିତରକୁ ତ ଯିବି ନିଶ୍ଚୟ, କିନ୍ତୁ ତା ପୂର୍ବରୁ ହେଣ୍ଡକପ ପକାଇବା ନିମନ୍ତେ ଚୁପଚାପ ହାତ ଦୁଇଟା ବଢ଼େଇ ଦିଅନ୍ତୁ। ଗୁଣ୍ଡୁଚ!

ISSN NO.
2582-208X

ଗୁଣ୍ଡୁଚ– ଇଏସ ସାର!

ବିଭି–ଗ୍ରଣା ସାମନ୍ତରାୟଙ୍କ ହାତରେ ହେଣ୍ଡକପ ପକାଅ।

ଗୁଣ୍ଡୁଚ– ଏଇ ସାଙ୍ଗେ ସାଙ୍ଗେ ପକାଉଛି ସାର।(ହେଣ୍ଡକପ ପକାଇ ବାକୁ ଯିବା ସମୟରେ)

ଗ୍ରଣା– ଖବରଦାର ଗୁଣ୍ଡୁଚ କନେଷ୍ଟବଳ। ଆଉ ପାଦେ ଆଗେଇବୁ ତ ତୋ ଭେଜା ଉଡେଇଦେବି। କରେ ଏ କଣରେ ବିଭୀଷଣ ତୁ ମୋ ହାତରେ ହେଣ୍ଡକପ ପକାଇବୁ ?

ବିଭି– କାହିଁକି ଆପଣ କୋଉ ମହାପୁରୁଷଙ୍କ ଭଳ କାମ କରିଛନ୍ତ ଯେ ଛାଡ଼ିଦେବି ? ବି କେୟାରଫୁଲ ଗ୍ରଣା ସାମନ୍ତରାୟ ଫରଦାର ଏକ୍ସନ ନେବାପାଇଁ ମୋତେ ବାଧ କରନ୍ତୁନ।

ଗ୍ରଣା– ସେକ୍ସପିୟର କହିଥିଲେ– ଗଡ଼ ଇଜ ଇନ ହିଜ ହେଭେନ, ଅଲ ଓ୍ବାଜ ରାଇଟ ଇନ ଦି ଓ୍ବାର୍ଲଡ଼। ଅର୍ଥାତ ପ୍ରକୃତିସ୍ଥ ରୁହ ସବୁକଛି ଠିକ ହୋଇଯିବ। ବଟ ତୁ ଜଣେ ପାଗଳର ପ୍ରଳାପ ଶୁଣି ମୋତେ ଏରେଷ୍ଟ କରିବାକୁ ତୋ ଫୌଜ ଘେନ ପହଞ୍ଚି ଯାଇଛୁ ?

ବିଭି– ପାଗଳର ପ୍ରଳାପ ନୁହେଁ ଗ୍ରଣା ସାମନ୍ତରାୟ, ଜଟା କେବେ ପାଗଳ ନଥିଲା କ ସେ ଯେଉଁ ବୟାନ ଦେଇଛି ତାହା ଅସତ୍ୟ ନୁହେଁ। ଆପଣ ତା' ସ୍ତ୍ରୀକୁ ବାସନାର ଶିକାର କରି ନପାରି ମର୍ଡର କରିଛନ୍ତୁ।

ଗ୍ରଣା–(ହସ )କଏ କହିବ ମୁଁ ଜେଟାର ସ୍ତ୍ରୀ ମାଳତୀ ମୁଣ୍ଡାକୁ ମର୍ଡର କରିଛି ? କେବଳ ତୁ ଆଉ ତୋର ଏଇ ଖାକ ବର୍ଦ୍ଦି ବ୍ୟତୀତ କେହି ଜାଣନ୍ତ ନାହିଁ ଜାଟାର ସ୍ତ୍ରୀ ମାଳତୀ କୁଆଡେ ଗଲା ? କୋଉଠି ହଜିଗଲା ?

ଗୁଣ୍ଡୁଚ– ଏତେ ଆଉ ଗ୍ବରିଶବିଶ ହୁଅନ୍ତ ନାହିଁ ଆଜ୍ଞା! ଆପଣଙ୍କୁ ଏରେଷ୍ଟ କରିବାପାଇଁ ସାର ପରା ଉପର ମହଲରୁ ଅର୍ଡର ନେଇ ଆସିଛନ୍ତୁ।

ISSN NO.
2582-208X

ରଣା– ଅର୍ଡର!!(ହସ)ମୋତେ ଏରେଷ୍ଟ କରିବାପାଇଁ ଉପର ମହଲରୁ ଅର୍ଡର ଆଣିଛୁ?

ବିଭି– ଇଏସ, ଗୁଣ୍ଡୁଚ ଶୀଘ୍ର ରଣା ସାମନ୍ତରାୟଙ୍କୁ ହେଣ୍ଡକପ ଲଗାଅ।

ରଣା– ତୁ ମୋର ଭାଇ ହୋଇଗଲୁ ତା ନହେଲେ ତୋର ଏ ଆସ୍ପର୍ଦ୍ଧାକୁ ମୁଁ କଭଳ ଦଣ୍ଡ ବିଧାନ କରିଥାନ୍ତ ତୁ ହୁଏତ ଅନୁମାନ କରି ପାରିବୁନ।

ବିଭି– ମୁଁ ଜାଣେ ଆପଣ ସବୁବେଳେ ନର୍ବୁଦ୍ଧିଆଙ୍କୁ ଅକ୍ତିଆର କରି ତାଙ୍କ ଅସହାୟତାର ଫାଇଦା ଉଠେଇଥାଆନ୍ତ, ହେଲେ ଆଉ ସେ ଗ୍ଲବାଜୀ ଚଳବ ନାହିଁ ରଣା ସାମନ୍ତରାୟ ଏବେ ଆପଣ ଜେଲ ଭିତରେ ରହି ଯାହା କରିବା କଥା କରିବେ।

ରଣା– ତୁ ତାହେଲେ ପୋଲିସ ଗ୍ଳକରୀ କରି ଗୁରୁଜନ ମାନଙ୍କୁ କଭଳ ସମ୍ମାନ କରାଯାଏ ସେତକ ବି ଭୁଲିଗଲୁଣି।

ବିଭି– ଭୁଲିନଥାନ୍ତ କନ୍ତ ଆପଣଙ୍କର ଏଭଳ ହୀନ କାର୍ଯ୍ୟକଳାପ ପାଇଁ କେବଳ ସମ୍ମାନ କାହିଁକ ଆପଣଙ୍କ ହାତରେ ହେଣ୍ଡକପ ଲଗାଇବାକୁ ବାଧ ହୋଇଛି।(ଗୁଣ୍ଡୁଚ ହାତରୁ ହେଣ୍ଡକପ ଆଣି ଆଗେଇବା ବେଳେ)

ରଣା– ବି କେୟାରଫୁଲ ବିଭୀଷଣ ସାମନ୍ତରାୟ! ମୁଁ ରଣା, ରଣା ସାମନ୍ତରାୟ। ଶୁଣିଥିଲି ତ୍ରେତୟାରେ ରାବଣର ଭାଇ ବିଭୀଷଣ ଗୃହଭେଦି ଥିଲା, ତାହା ଆଜି ସ୍ୱଚକ୍ଷୁରେ ବି ଦେଖିଲି।

ବିଭି– ବିଭୀଷଣକୁ ରାବଣ ହିଁ ଗୃହଭେଦି କରିବାରେ ମୂଳ କାରଣ ଥିଲା। ତା ହୋଇନଥିଲେ ଜଣେ ବ୍ରହ୍ମାଣ୍ଡ ଜ୍ଞାନୀ ଏତେ ନୀଚ କାମ କରିଥାନ୍ତା କେମିତି? ଦୁନଆର ଅକ୍ଷମଣୀୟ ଅନ୍ୟାୟ କରିବା ପରେ ବି ନଜକୁ ଗର୍ବୀ ବୋଲି ଭାବି ଠୋ ଠୋ ହସୁଥାନ୍ତା କାହିଁକ? ହୁଏତ

ISSN NO.
2582-208X

ସେଇଥିପାଇଁ ମୁଁ ଆଇନର ବର୍ଦ୍ଦି ପିନ୍ଧି ଆପଣଙ୍କ ପାଇଁ ଗୃହଭେଦି ହୋଇପାରେ। ମୋ କଥା ମନନ୍ତୁ ରାଣା ସାମନ୍ତରାୟ ଚୁପଚାପ ହାତକଡ଼ି ପିନ୍ଧି ଜେଲକୁ ଚାଲନ୍ତୁ।

ରାଣା– ମୋତେ ଆଇନ ପାଠ ଆଉ ପଢ଼ାନା। ବହୁତ ଶୁଣେଇଲୁ। ଜଣେ ପାଗଳର ବୟାନ ଅନୁସାରେ ତୁ ଆସିଛୁ ତୋ ଭାଇ ହାତରେ ହାତକଡ଼ା ଲଗେଇବୁ? ଏହାବି ମନେରଖିଥା ବିଭୀଷଣ ସାମନ୍ତରାୟ ତୁ ପୋଲିସ ହେଲେ ମୁଁ ପୋଲିସ ଆଖିରେ ଧୂଳି ଛାଟି ଖସି ଯାଉଥିବା କ୍ରିମିନାଲ।(ହଠାତ ଏକ ବିସ୍ଫୋରଣ ହୁଏ। ଚାରିପଟେ ଧୂଆଁର ଆସ୍ତରଣ। କିଛି ସମୟ ଉପରାନ୍ତେ ଧୂଆଁ ଅପସରି ଯିବାରୁ ନା ରାଣା ଥାଏ ନା ଗାବରୁ?)

ବିଭି– ଓଃ– ନନସେନ୍ସ ରାଣା ସାମନ୍ତରାୟ! ଆଇନ ଆଖିରେ ଧୂଳି ଛାଟି କେତେଦିନ ଆତ୍ମଗୋପନ କରିବ? ତୁମେ ଯେଉଁଠାରେ ଲୁଚି ରହିଥାଅ ନିଶ୍ଚୟ ମୁଁ ତୁମକୁ ଦିନେ ଖୋଜି ବାହାର କରିବି। ସେଇ ଦିନ ତୁମେ ବି ମୋତେ ଚିହ୍ନିବ ଜଣେ ଭାଇ ଆଉଜଣେ ଭାଇକୁ କିଭଳି ଦଣ୍ଡରେ ଦଣ୍ଡିତ କରିପାରେ?.....

(ମଞ୍ଚ ଅନ୍ଧାର)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ମନ ତେଜୁ ବିରସ



ଅଲେଖ ମେହେର

ବିଶ୍ୱାସରେ ହୁତାଶ ଭକତିରେ ନିରାଶ
ଅଜାଡୁ ଦୁଃଖ ରାଶି ରାଶି,
ଭୁଜଙ୍ଗ ହୋଇବାରେ ଦର୍ଶେନ୍ଦ୍ରିୟେ ଅନାରେ
ଭାଲରୁ କିମ୍ପାଯାଉ ରୁଷି ତୁ।ଦାତାପଣେ।
ଅର୍ପିଛୁ ଖେଦ ଚାରିଘନ,
ସଙ୍ଗତେ ଅନଳ ଦହନ।

ଆଦ୍ୟ ଆଶାଢ ସ୍ପର୍ଶ ମନ ତେଜୁ ବିରସ
ଜୀମୂତ ବାରି କରୁ ଦାନ।
କଳପ କଳପନା କଳାପୀ ଉନ୍ମାଦନା
ଗ୍ରୀଷ୍ମ ଅନ୍ତେ ଫେରିବ ସଖା,
ଜୀବନ ଦହଗଞ୍ଜ ଜୀବନ ବିନା ସଞ୍ଜ
ନୀରଦ ଦିଏ ନାହିଁ ଦେଖା ସେ ।ଅମ୍ବୁଧର ।

ଘସ୍ର କରେ ତାଣ୍ଡବଲୀଳା,
ରସା ମରମରେ କାନ୍ଦିଲା।

ISSN NO.
2582-208X

ଭ୍ରମରେ ଭ୍ରମେ ଚିତ୍ତ ବୃଥା ହୋଇ ପ୍ରମତ୍ତ
ନଭ ବିଲୋକି ଦିନ ଗଲା।

ମଣିଚୂଳରୁ ମଣି କାୟାରୁ ବେଣୁପାଣୀ
ଛଡେଇଲେ କି ରୁହେ ହଂସା ?
ସଲିଳ ବିନା ମୀନୂ ଅଳି ଛାଡି ପ୍ରସୂନ
ବିଲୋକି ନାହିଁ କେବେ ରସା ସେ।ହୃଦହାର।

ଅମ୍ବୁଜରେ ଦେଖି ଅମ୍ବୁଜ,
ବାରିରେ ବୁଣଇ ମୁରୁଜ।
ଇକ୍ଷଣ ବିକ୍ଷଣରେ ଚିତ୍ତ ବିନୋଦନରେ
ବିବୁଧାଳୟ କରେ ସଜ।

ସୋହେଲା, ବରଗଡ
ମୋ–୭୩୭୦୨୨୦୫୫୯

ISSN NO.
2582-208X

# ବିଶ୍ୱଗୁରୁ ହେବ ଭାରତ



ଦୀନବନ୍ଧୁ ବେଜ

ପଢିଥିଲି ମୁଁ ପୋଥି ପୁରାଣରୁ
ଭାରତର ଗର୍ବ ଗୌରବ କଥା,
ସୌର୍ଯ୍ୟ ବିର୍ଯ୍ୟର ମହାନ ଗାଥା,
ସହ ଋଷିମୁନଙ୍କ ଧ୍ୟାନ ଧାରଣା,
ମହାନ ଦେଶର ମହାଭାରତ,
ଅସୀମ ତା'ର ଦୈର୍ଘ୍ୟ ଓ ପ୍ରସ୍ଥ ।

ଠିଆହୋଇଛି ସେ ବୋଧି ବୃକ୍ଷ
ଦୂରରୁ ଦୂରକୁ ଏଇଠୁ ପ୍ରସାର,
ଧର୍ମ ଧାରଣାର ସୁନ୍ଦର ବିସ୍ତାର,
ଏଇଠୁ ଘୋଷଣା ନିର୍ବାଣ ସୂତ୍ର
ଏଇଠୁ ସୃଷ୍ଟି ଦିବ୍ୟ ଆଲୋକର,
ଚରକ, ଶୁଶ୍ରୁତଙ୍କ ଚିକିତ୍ସା ଜ୍ଞାନ
ଆର୍ଯ୍ୟଭଟ, ବରାହମିର, ଚୈତନ୍ୟ ।

ବୁଦ୍ଧ, ଜୈନ, କବୀର, ପତଞ୍ଜଳୀ
ରାମାନୁଜ, ଗୁରୁ ନାନକ, ପାଣିନି
ଦିବ୍ୟ ଚେତନାର ବାର୍ତ୍ତା ଦାୟକ
ପ୍ରକୃତ ଭକ୍ତ ବିଶ୍ୱମଙ୍ଗଳ କାମିନୀ

ISSN NO.
2582-208X

ସର୍ବଜନ ମଙ୍ଗଳ କାମିତ ଜଗତ,
ଏଇଠୁ ବିଶ୍ୱହିତ ହୁଏ ଅଙ୍କୁରିତ ।

ସତ୍ୟ ଅହିଂସାର ଦୂତ ମହାତ୍ମା
ପ୍ରଭୁ ବୁଦ୍ଧଙ୍କ ବିଶ୍ୱକଲ୍ୟାଣ ଆତ୍ମା,
ଏଇଠୁ ମହାକୁମ୍ଭ କ୍ରିକେଟର ମୁଖ୍ୟ
ମହାମାରୀ ସିମିତକରିବା ବାର୍ତ୍ତାରୁ
ଏବେ ଆସିଛି ବିଶ୍ୱଗୁରୁ ମାନ୍ୟତା,
ପାଦଚହ୍ନ ଛାପିବାର ପ୍ରକୃଷ୍ଟ ସମୟ
ଛାତିଫୁଲେଇ କୁହ ମୁଁ ଭାରତୀୟ ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ଭଦ୍ରକ, ଓଡ଼ିଶା

ISSN NO.
2582-208X

# ଭାରି କଷ୍ଟ ହୁଏ



ସିଦ୍ଧେଶ୍ୱର ତ୍ରିପାଠୀ

ଭାରି କଷ୍ଟ ହୁଏ ଯେବେ ଘରେ ଆଠଣା ନଥାଏ
ଆଉ ଦାଣ୍ଡରେ ଡାକ ମାରି ଚାଲିଯାଇଥାଏ ବମ୍ବେଇଲଡୁ ବାଲା
ଭାରି କଷ୍ଟ ହୁଏ  ଖରା ଗରମ ରାତିରେ ଅନେକଙ୍କ ଘରେ
ପଙ୍ଖା ବୁଲିବା ବେଳେ ହାତରେ ଖଣ୍ଡିଆ ବିଞ୍ଚଣାକୁ ଦେଖି ।

ଭାରି କଷ୍ଟ ହୁଏ  ରୋଗ ଆଉ ଦୁର୍ଘଟଣା ଭେଟ ପଡିଗଲେ
ଋଣ ବଢ଼ିଗଲେ ବନ୍ଧୁତା ଛିଡ଼ିଗଲେ ଅପନନ୍ଦା ଅପବାଦ ପାଇ
ଭାରି କଷ୍ଟ ହୁଏ ଆତ୍ମୀୟ ଦୁଃଖରେ ରହିଲେ ଦୁରେ ଚାଲିଗଲେ
ପରିବାର ବନ୍ଧୁତା ପ୍ରେମ ମର୍ଯ୍ୟାଦା ହାରିଲେ।

ଭାରି କଷ୍ଟ ହୁଏ ମନଟିଏ ମନକୁ ବୁଝି ନପାରିଲେ
ବୁଝିବି ଅବୁଝା ହେଲେ ଅବା ଦୁରେଇଲେ
ଭାରି କଷ୍ଟ ହୁଏ ନିଜଲୋକ ସ୍ୱାର୍ଥପର ହେଲେ
ଇଚ୍ଛା ବିରୁଦ୍ଧ କାର୍ଯ୍ୟକୁ ପରିସ୍ଥିତିରେ ପଡି ନିଜ ହାତେ କଲେ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଏକା ମଲା ଜନ୍ମ



ସୁଶ୍ରୀୟା ପରିଡା

ଡଙ୍ଗାର ଗୋଟିଏ କୋଣକୁ ମୁଣ୍ଡରେ ହାତ ଦେଇ ଆଉଜେଇ ହେଇ ବସିଛି ନିଧିଆ ବୁଢା । ତେଲ ଚିକିଟିଆ ଗାମୁଛାଟିରେ ମୁଣ୍ଡରେ ଗୋଲ କରି ଭିଡି ଠେକାଟିଏ ମରା ହେଇଚି । ଆଣ୍ଠୁର ଦି ଚାଖଣ୍ଡ ତଳକୁ ପାଦରେ ଦରଛିଣ୍ଡା ପାରାଗନ୍ ଚପଲରୁ ହଳେ । ଚପଲ ଦିଟାକୁ ପିନ୍ଧିଛି କହିଲେ ଭୁଲ ହେବ ବରଂ ଗୋଟେଇ ଆଣି ଗଳେଇ ପକେଇଚି । ଚପଲ ହଳକର ମଝି ଭାଗ ଯୋଡିକ କେବେଠୁ ମାଟି କାମୁଡି ମାଟିରେ ମିଶି ସାରିଲେଣି । ତଳି ପା ଯୋଡିକ ନୁଚୁ ନ ନୁଚୁ ତେଣିକି ଅନିଛା କରିବାକୁ ବେଳ ଜୁଟେଇ ପାରିନି ନିଧିଆ ବୁଢା । ପାଖରେ ତାର ଥୁଆ ହେଇଚି ନୀଳ ପଲିଥିନ ଜରିରେ ବନ୍ଧା ହେଇ ଛୋଟ ବଡ଼ କରି ପାଚିଲା ଆମ୍ବରୁ ତିନିଟା, ବୋଧେ ପାଆଁଶ ସରିକି ହେବ ନା କଣ । ସକାଳ ପହରୁ ବୋଧେ ବୁଢା ହାଟରୁ ଫେରୁଛି ନା କଣ ! ଅବଶ୍ୟ ଏ ସମୟରେ ବୁଢାକୁ ହାଟରୁ ଫେରିବାର କେବେ କେହି ଦେଖି ନଥିବେ । ଡଙ୍ଗାରେ ବୁଢାକୁ ବାଦ ଦେଲେ ଭେଣ୍ଡିଆ ଟୋକାଠୁ ନେଇ ସ୍ତ୍ରୀ ମାଇପେ ଝିଅ ପନ୍ଦର ଜଣ ସରିକି ହେବେ । ସେମାନଙ୍କ ଭିତରେ ଗାଁ ଗାଧୁଆ ତୁଠରୁ ନେଇ ସରପଞ୍ଚ କୋଠି ଯାଏଁ ଏମିତି ସାରା ପଂଚାୟତ ଯାକର କଥା ଆଲୋଚନା ଚାଲିଛି । କିନ୍ତୁ ବୁଢାର ତେଣିକି ନିଘା ନାହିଁ, ଏକା ଲୟରେ ବୁଢା ଚାହିଁଛି ଦୂର ତାଳବଣରେ ଦୋଳି ଖେଳୁଥିବା ବାୟା ଚଢେଇଙ୍କ ବସା ଉପରେ ।

ସତରେ ଏ ବସା ଗୁଡିକ କେଡେ ଭରସାରେ ଜାବୁଡି ଧରିଛନ୍ତି ତାଳ ଗଛର କୋରଡ଼କୁ । ତାଳ ଗଛରୁ ବରଡ଼ା ଖସିଲେ ସେ ବସାର ବା ଆୟୁଷ କେତେ ! ଠିକ ଯେମିତି ଆଜି ତାର ଅବସ୍ଥା । ବୟସ ଚାରି କୋଡ଼ି ପାଞ୍ଚ ହେଲାଣି, କୋଉଦିନ ଯେ ଅଦିନ ପବନରେ ବରଡ଼ା ଖସି ବସା ଭାଙ୍ଗିଲା ପରି ତାକୁ ବି ଜୀବନର ଶେଷ ଖେଳ ସାରି ଘର ବାହୁଡ଼ା ହେବାକୁ

ISSN NO.
2582-208X

ପଡିବ ସେକଥା କାହାକୁ ଜଣା ? ଖାଲି ଯାହା ବୁଢ଼ୀଟା ମୁହଁକୁ ଚାହିଁ ଘରେ କହୁଣୀ ଜାକି ପଡି ରହିବା କଥା । ନହେଲେ କେବେଠୁ ଏ ମଲା ଦେହଟା ଚାରି ଲୋକଙ୍କ କାନ୍ଧ ସାହାରାରେ ଗାଁ ଶେଷ ମୁଣ୍ଡରେ ଥିବା ମଶାଣି ମୁହାଁ ହୁଅନ୍ତାଣି । ବୁଢ଼ୀଟାର ମୁହଁକୁ ଚାହିଁଦେଲେ ସଂସାରର ସବୁ ଦୁଃଖ କଷ୍ଟ ଗୋଟିଏ ପଟକୁ ଆଉଜେଇ ହେଇ ପଡ଼େ ।

କାଲି ପରି ଲାଗୁଚି ଯେଉଁଦିନ ଜେଜେ ତାର ଆର ଗାଁ ସନିଆ ବଇଦକୁ ଟଙ୍କା ପଇଁତିରିଶିଟା କନିଆଁ ସୁନା ଦେଇ ଝିଅକୁ ତାର ନିଧିଆ ସାଙ୍ଗରେ ବାହା କରେଇ ଆଣିଥିଲା ଘରକୁ । ସେତେବେଳେ ନିଧିଆକୁ ବୟସ ଅବା କେତେ ହେଇଥିଲା ଏମିତି ! ତା ବୟସ ବାରକୁ ସ୍ତ୍ରୀ ଗୁରଇକୁ ସାତ ପୁରି ଆଠ ଚାଲୁଥିଲା ବୋଲି ଜେଜେମା ଠୁଁ ଶୁଣିଥିଲା । ନଢ଼ିଆ ସରେଇରେ ଭାତ ରାନ୍ଧି ଖେଳିବା ବେଳରେ ଗୁରେଇ ଜେଜେମା ସହ ଚୁଲି ମୁଣ୍ଡରେ ବସି ତରକାରୀରେ କେତେ ଲୁଣ କେତେ ହଳଦୀ ଗୁଣ୍ଡ ପଡୁଥିଲା ସେସବୁରେ ନଜର ଦଉଥିଲା । ଜେଜେମା ତାର ତାକୁ ଗୋଡ଼େ ଗୋଡ଼େ ଜଗି ଘର କରଣା ଶିଖାଉ ଥିଲା । ଅବଶ୍ୟ ମୋ ମା ଥିଲେ ଜେଜେମାକୁ ଏତେ ଧନ୍ଦି ହେବାକୁ ପଡି ନଥାନ୍ତା । ପିଲାଟି ବେଳୁ ମା କୁ ଖାଇଲି ବୋଲି ବାପା ମୋର ଆଡ଼ ଆଖିରେ ଦେଖନ୍ତିନି ମୋତେ । ପାଖରେ ପାଇଲେ ଦୂର.... ଦୂର... ମାର୍.... ମାର୍... ପରି ଅବସ୍ଥା । ତେଣୁ ବାପା ଘରେ ଥିଲା ବେଳେ ବାହାର ଦୁଆର ଡେଇଁ ଘରେ ପାଦ ଥୁଏନି ନିଧିଆ । ସେ ଜାଣେ ତା ଉପରେ ନଜର ପଡିଲେ ବାପା ଖାଉଥିବା ଭାତ ଥାଳିରେ ବି ହାତ ଧୋଇ ଉଠିଯିବେ । ଜେଜେମା ପାଇଁ ଜାଣ ଜୀବନ ଧରିଥିଲା ସେ । ଜେଜେମା ସବୁବେଳେ ଗୁରଇକୁ ପାଖରେ ବସେଇ କହୁଥିଲା ଆଲୋ ହୁଣ୍ଡି.... ତୁ ଯେମିତି ଗେରସ୍ତ ପାଇଛୁ ବି ସେମିତି ହୁଣ୍ଡାଟା । ନାତି ହେଲେ ମୋର କଣ ହେବ ସାତ ସାହିରେ ତା ପରି ହୁଣ୍ଡା ମିଳିବେନି । ଗେରସ୍ତକୁ କେମିତି କାନିରେ ଗଣ୍ଠି ମାରିକି ରଖିବାକୁ ହେବ ମୋ କତିରୁ ଶିଖି । ମୋର ବା ଆଉ ଦିନ କେତେଟା ଆୟୁଷ ରହିଲା... ନହେଲେ ମୋ ଆଖି ବୁଜିଲା ପରେ ଟୋକାଟା ହାତରୁ ଖସି ଅନ୍ୟ ଗୋଠ ମୁହାଁ ହେଲେ ନା ଆଉ ବାନ୍ଧି ପାରିବୁନି ।

କଣ ମ ଜେଜେମା....! ମୋ କାନିରେ କାଇଁକି ବାନ୍ଧିବି ଏଡ଼େ ବଡ଼ ଓଜନିଆ ମଣିଷଟାକୁ ? କହିବ ତ ଜେଜେବାପାଙ୍କର ସେ ପାଳ ବୁହା ଦଉଡ଼ିରେ ଭିଡିକି ଏଇ ଦାଣ୍ଡ ଖୁଣ୍ଟରେ ବାନ୍ଧିଲେ କୋଉ ମଣିଷର ଜୁ ପାଇବ ପଘା ଫିଟେଇ ଡିଆଁ ମାରିବାକୁ ? ତା କଥା ଶୁଣି

ISSN NO.
2582-208X

ଆରପଟ ଘରେ ଶୋଇଥିବା ଜେଜେବାପା ବି ଡାକ ପକେଇଲେ, ଶୁଣୁଛ ସୁଲ, "ସତରେ ନାତୁଣୀ ବୋହୂଟା ତମର ହୁଣ୍ଡି ଟାଏ । ଶୁଣୁନ ତୁମ କଥାର କଣ ସେ ଉତ୍ତର ବାଢ଼ୁଛି ! ଏଇଥିରେ ତମେ ମୋ ନାତି ଟୋକାଟାକୁ ହୁଣ୍ଡା ବୋଲି କହିବ ।" ଜେଜେମା ମୋର ଲୁଗା କାନିକୁ ମୁହଁରେ ଢେର ବେଳ ଯାଏଁ ହସିଥିଲା ସେଦିନ ।

ଏମିତି କରି ନିଧିଆ ଆଉ ଗୁରେଇ ତାଙ୍କ ଜୀବନର ବାଇଶିଟି ବସନ୍ତ କଟେଇ ସାରିଲେଣି । କୋଳରେ ତାଙ୍କର ପାଞ୍ଚ ବରଷର ପୁଅ ଜଗୁଆ । ଜେଜେବାପା ଆଉ ଜେଜେମା ଆଗପଛ କରି ଡକାଡକି ହେଇ ସେପାରିକୁ ଚାଲି ଗଲେଣି । ଏବେ ଗୁରେଇ ତାର ଭାରି ପାରିବାର ହେଇ ଗଲାଣି । ଯାହା କୁହ ଭାରି ନକ୍ଷୀମନ୍ତଟାଏ ଗୁରେଇଟା... ତା ହାତରେ ଏ ଝାଟିମାଟିର ଘର ବି ସାହୁକାର ଉଆସଠୁଁ ଢେର ବଳି । ନିଧିଆ ଲଙ୍ଗଳର ଗାର ଯୋଉ ଟାଙ୍ଗରା ଜମିରେ ବାଜିଲେ ସେଠି ବିନା ବିହନରେ ବି ଫସଲ ଅମଳ ହେଇଯିବ ବୋଲି ଜାଣ । ଜମି ଚାରି ମାଣରୁ ଯାହା ଅମଳ କରେ ସେଥିରୁ ସାହୁକାର ଖଜଣା ବାବଦକୁ ଦି ଠେକା ଧାନ ସେଇ ଖଳାରୁ ଖଳାରୁ ସାହୁକାର ମଣ୍ଡିକୁ ପଠେଇ ଦେଇ ଆଉ ବଳକା ଧାନ ତକ ନେଇ ତା ଖଳାକୁ ଆସେ । ଦି ପ୍ରାଣୀ କୁଟୁମ୍ବ କେତେ ଏମିତି ଖାଇଯିବେ କି ? ସେଇ ତକ ତାଙ୍କର ବର୍ଷ ଶେଷକୁ ଅମ୍ବାରରେ କଡ଼ ଲେଉଟେଉ ଥିବେ ।

ୟା ଭିତରେ ଜଗୁଆଟା ତାଙ୍କର ବାହା ବୟସର ହେଇ ଯାଇଥିଲା, ଗୁର ବି ଆଉ କାମ ଧନ୍ଦାକୁ ପାରୁନି ତେଣୁ ବୋହୂଟିଏ ଘରକୁ ଆସିଲେ ତା ଅଣ୍ଟିକୁ ସବୁ ଦାୟିତ୍ୱ ସଅଁପି ଦେଇ ବୁଢା ବୁଢ଼ି ଦି ଜଣ ଯାକ ହରିନାମ ନେଇ ବାକି ଜୀବନ ତକ କାଟିଦେବେ ବୋଲି ମନରେ ପାଞ୍ଚି ବୋହୂଟିଏ ଆଣିଥିଲେ । ଆଶା ଥିଲା ବୋହୂଟା ଶାଶୁ ବଡେଇବା ଭଳି ହାତରୁ ଛଡେଇ କାମ ଯାକ କରି ନେଇଯିବ । କିନ୍ତୁ କରମ ବାମ ମୁହାଁ ହେଲେ ସିଆଡକୁ ବା କିଏ ହାତ ଦବ? ବୋହୂଟା ଘରେ ନ ପଶୁଣୁ ଦିନ କେଇଟାରେ ଶାଶୁ ସହ କଳି ଝଗଡା କରି ଘର ଅଗଣାରେ ଦି ଟା ଚୁଲି କରେଇ ଦେଲା । ଆଜି କାଲିକା ଭେଣ୍ଡିଆ ମାଇପର ନହେଇ ଆଉ କଣ ମାର ହେବେ ! ପୁଅଟା ବି ଭାରିଜା କଥାରେ ଭାସି ବାପ ମା ଦିଟାଙ୍କୁ ଅନେଇଲା ନାହିଁ।

କଥାରେ ନାହିଁ... "କ୍ଷୀର ଉତୁରିଲେ ଚୁଲୀକୁ, ମଣିଷ ଉତୁରିଲେ ଗାତକୁ ।" ବୋଧେ ଦଇବ ବୋହୂଟାର ଗରବ ସହିଲାନି । ସେଦିନ ସକାଳୁ ଜଗୁଆଟା ହଳ ନେଇ ଘରକୁ ପଛ କରି

ISSN NO.
2582-208X


ବିଲକୁ ଗଲା ଯେ ବିଷଧର ସାପ କାମୁଡ଼ାରେ ସେଇଠି ପ୍ରାଣ ଦେଲା । ଏବେ ଆଉ କୋଉ ବହପ ନେଇ ବୋହୂଟା ଅଲଗା ରାନ୍ଧି ଖାଇବ ? ତା ଛଡ଼ା ସାଇ ପଡିଶା କଣ କହିବେ ! ପୁଅ ଗଲା ପରେ ବୋହୂଟାକୁ ଏମାନେ ଅନେଇଲେ ନାହିଁ । ଶେଷରେ ବାଧ୍ୟ ହେଇ ବୋହୂଟା ବୁଢ଼ା ବୁଢ଼ୀଙ୍କ ପାଖରେ ରହିଲା ।

ସେଦିନ ଶୋଇବା ବିଛଣାରେ ଗୁରେଇ କଡ଼ ଲେଉଟେଇ କହିଲା, ଜାଣିଲଣି ଏଇ କେଇ ଦିନ ହେବ ଘରକୁ ତାଙ୍କର ମରଦଟାଏ ଜଣେ ଯିବା ଆସିବା କରୁଛି । ବୋହୂକୁ ପଚାରିଲେ କହୁଛି ଧରମ ଭାଇ ବୋଲି । କାଇଁ ଜଗୁଆ ଥିଲା ବେଳେ ତ କେବେ ଏ ଧରମ ଭାଇ ତାର ଦିନେ କାଳେ ତାଙ୍କ ପିଣ୍ଡା ମାଡିନି । ସେ ଆସିଲେ ବୋହୂଟା ସିଧା ତାକୁ ତା ଶୋଇବା ଘରକୁ ଡ଼ାକି ନେଇଯାଏ । ଢେର ବେଳ ଯାଏଁ କଣ ହସ ମଜା ସହ ଫୁସୁରୁ ଫାସର ହେବାର ଶୁଣା ଯାଏ ଦାଣ୍ଡ ଘର ଯାଏଁ । କାହାକୁ ଅବା କହିବେ "କହିଲେ ତ କୂଳ କୁଟୁମ୍ବ କୁ ଲାଜ, ନ କହିଲେ କୂଳ ଭାସି ଯାଉଛି"! ତଥାପି ସେଦିନ ଧରମ ଭାଇ ତାର ଗଲା ପରେ ମନ ଆଣ୍ଠ କରି ବୁଢ଼ି ତା ବିଷୟରେ ପଚାରିଲାରୁ ରାଗ ଗରଗର ହେଇ ଖଣ୍ଡେ ଦୂରରୁ ପିତ୍ତଳ ନୋଟାଟାକୁ ବୁଢ଼ୀ ଉପରକୁ ଫିଙ୍ଗିଲା ଯେ ବୁଢ଼ୀଟା ସେଇ ଦିନରୁ ଅଣ୍ଟା ଧରି ପଡି ରହିଛି । ଏଣେ ବୋହୂର କାମ ଦି ପାଇଟିରେ ହାତ ଦେଇ ନେଇ ପାରୁନି ବୋଲି ସେଥିରେ ଶାଶୁକୁ ଦି ଚାରି ଥର ଦିନରେ ଶୁଣେଇ ଦେଇ ଯାଉଛି ବୋହୂ ।

ଏବେ ବିଛଣା ନଗା ହେଇ ବୁଢ଼ୀଟା ଚିଡିଚିଡ଼ା ଧରି ଗଲାଣି । ସବୁ କଥାରେ ଭଲ ମନ୍ଦ ଖୋଜି ହଉଚି । ବୁଢ଼ା ବୁଝାଏ ଭାଗ୍ୟ ଜୋର କହ ଗୁରେଇ ହାତ ଗୋଡ ନ ଚାଲିଲା ବେଳକୁ ଦି ବେଳା ଖାଇବା ଦି ମୁଠା ମିଳୁଛି, ହଉ ପଛେ ବୋହୂର ଧରମ ଭାଇ ଛାଡ଼ିଥିବା ଅଇଁଠା ଥାଳିରୁ ମୁଠାଏ । ନହେଲେ ତୋର ଏ ଅବସ୍ଥାକୁ ମୁଁ ବୁଢାଟା କୁଆଡୁ କେତେ ଦହଗଞ୍ଜ ହୁଅନ୍ତି କହିଲୁ ! ତୁ ସବୁବେଳେ ଏମିତି ଖାଇବାରେ ମୁହଁ ଛିଞ୍ଚାଡିଲେ ମୁଁ ବା କଣ କରିବି ! ମାସ ମୁଣ୍ଡକୁ ଯାହା ତ ଭତ୍ତା ଟଙ୍କା ମିଳିଲା ତାକୁ ବିଲେଇ ମାଛ ଝାମ୍ପି ନେଲା ଭଳି ବୋହୂ ମା ନେଇ ଯାଉଛି । ନହେଲେ କଣ ଟିକେ ସେ ରଘୁଆ ପୁଅକୁ କହି ହାଟରୁ ମଗେଇ ତୋ ପାଟିରେ ଦିଅନ୍ତି । ସେଦିନ ପଡିଶା ଘର ବୋହୂ ଘର ଆଡେ ଆସି ଥିଲା ବେଳେ ବୁଢ଼ୀର ଏମିତି ଅବସ୍ଥା ଦେଖି ତା ବାଡ଼ି ପାଚିଲା ଆମ୍ବରୁ ଗଣ୍ଡାଏ ଆଣି ବୁଢ଼ୀ ବିଛଣା ପାଖେ ଥୋଇ ଦେଇ ଯାଇଥିଲା । ବୁଢ଼ୀ ଲୋକ ପାଟିକୁ ରୁଚୁ ନଥିବ ବୋଲି । ବୁଢା ଝଅଟ କରି ଯାଇ

ISSN NO.
2582-208X

କବାଟଟା ଆଉଜେଇ ଆଣି ବୁଢ଼ୀକି ଉଠେଇ ବସେଇଲା । ଆମ୍ବରୁ କାଟି ନୋଳେଇ ଖଣ୍ଡ ବୁଢ଼ୀ ପାଟିରେ ଦେଇଛି କି ନାହିଁ ଏକା ଗୋଇଠାରେ କବାଟ ଖୋଲି ବୁଢ଼ୀ ପାଟି ପାଖରୁ ଆମ୍ବ ନୋଳାକ ଛଡେଇ ନେଇଗଲା ବୋହୂ ।

– ଏମିତି ସୁଆଦିଆ ଜିଭଟା ପାଇଛ କି ଖାଲି ଭଲ ମନ୍ଦ ଜିନିଷ ଅଣ୍ଡାଳି ବୁଲୁଛ ଜିଭ ବୁଲେଇବା ପାଇଁ । ଛିଣ୍ଡି ନ ଯାଇ ଜିଭଟା ରହିଛି ଯାହା । ଦେଲ ଦେଲ ସେ ଆମ୍ବ ଯୋଡ଼ାକ ବି ଦିଅ ମୋ ହାତକୁ । ମୋ ଧରମ ଭାଇ କହିଛି ଆଜି ମୋ ଘରେ ଖାଇକି ଯିବ । ମାଛ ଝୋଳ ସହ ଏଇ ଆମ୍ବ ଦିଟାକୁ କାଟିକି ବାଢି ଦେବି ତା ଥାଳି ପାଖରେ ।

ସେଦିନ ବୁଢାକୁ ଭାରି ବାଧିଥିଲା ବୋହୂର କଥା ଗୁଡାକ । ରାଗରେ ପାଟିରୁ ବାହାରି ପଡିଲା, ଚଣ୍ଡାଳୁଣୀ ତୁ ମରି ଯାଆନ୍ତୁ ଭଲା..... କେତେ ଆଉ ବିଛଣାରେ ପଡି ଶୁଣୁଥିବୁ ।" ତୋ ସକାସେ ମୋତେ ବି ନିଆଁ ନଗା ଯମ ନଉ ନେଇଁ ।

କାଲି ସକାଳ ଓଳି ଭତ୍ତା ଆଣିବାକୁ ଗଲାବେଳେ ସେଠି ଶୁଣିଲା ଏଥର ସରକାର ପାଞ୍ଚଶ ବଦଳରେ ଶହେ ଟଙ୍କା ଅଧିକା ଦେଇଛନ୍ତି । କଣ ନା ଖରା ପାଇଁ ଛତା ଖଣ୍ଡେ ଖଣ୍ଡେ କିଣିବେ ହିତାଧିକାରୀ ମାନେ । ଯିଏ ଯାହା କିଣୁଛି କିଣୁ, କିନ୍ତୁ ସେ ଏଥର ବୋହୂକୁ ପାଞ୍ଚଶ ଦେଲା ପରେ ଆଉ ଶହେରେ ପାଚିଲା ଆମ୍ବରୁ ଦିଟା କିଣିକି ବୁଢ଼ୀ ମୁହଁରେ ଦେବି । ସେଇୟା ଭାବି ଆଜି ଭୋରୁ ନିଧିଆ ବୁଢା ହାଟ ଆଡେ ଧାଇଁଛି ।

– ଜେଜେ ଘାଟ କୂଳରେ ଲାଗିଲାଣି ପରା... ଓହ୍ଲାଓ ଏଥର । ସେପାରିକୁ ଯିବାକୁ ବି ଲୋକ ଚଢିଲେଣି । ଆଉ ଘେରେ ମାରି ଆସିବ କି ସେ କୂଳରୁ ନା କ'ଣ ??

ନାଉରୀ ଟୋକା ଡାକରେ ବୁଢା ଭାବନା ରାଇଜରୁ ବାହାରି ନିଜକୁ ଘାଟ କୂଳରେ ପାଇଲା ।
– ଆରେ ନା ନା ନାତିଆ । ମୋର ଆଉ କଣ କାମ ସେ କୂଳରେ । ମାଖୁନାଟାରେ କାଇଁ ଯିବି ତୋ ସାଙ୍ଗେ । ତୁ ଘାଟ ବାହୁଡ଼ା ମୁଁ ଓହ୍ଲେଇ ଯାଉଛି କହି ବୁଢା ଡ଼ଙ୍ଗାରୁ ଓହ୍ଲେଇ ଘର ମୁହାଁ ହେଲା ।

ISSN NO.
2582-208X

ଘରେ ପହଁଚି ଦେଖିଲା ଯେ ସାଇଟା ଯାକର ଲୋକ ତା ତାଟି ଡେଇଁ ଦୁଆର ମୁହଁରେ ଜମା ହେଇଛନ୍ତି । ଆଃ.. ହାଃ ବୁଢ୍ଢୀଟା କେଡେ ଭାଗ୍ୟବତୀ... ଶଙ୍ଖା ସିନ୍ଦୁର ନେଇ ମଶାଣିକୁ ଯିବ, କି ଭାଗ୍ୟଲୋ ତୋର ଜଗୁଆ ବୋଉ ! ରମା ବୋଉ ପାଟିରୁ କଥା ପଦକ ବାହାରି ଯାଇ ବୁଢା କାନରେ ବାଜିଲା । ବୁଢା ଭିଡ଼ ହଟେଇ ଯାଇ ଦେଖେ ତ ବୁଢ୍ଢୀଟା ତାର ଚାରି କାତ ମେଲେଇ ମସିଣା ଉପରେ ପଡିଛି । ଆମ୍ବ ଜରିଟା ତଳେ କଚାଡି ଦେଇ ବୁଢୀକୁ କୋଳକୁ ଉଠେଇ ନେଲା । ଦେଖିଲା ବୁଢ୍ଢୀ ଦେହଟା ଗୋଟା କଞ୍ଚା ପାଣି, ଆଖି କୋରଡ଼ରୁ ପିମ୍ପୁଡି ଦି ଚାରିଟା ଧାର ଛୁଟୁଛନ୍ତି ।

– କଣ କଲୁ ଲୋ ଗୁରେଇ... ! କାଲି ଅଭିମାନରେ କଣ ପଦେ ମୋ ପାଟିରୁ ବାହାରି ପଡିଲା ବୋଲି ସତରେ ଆଜି ତୁ ମୋତେ ଏକା କରି ଯିବାର ଉପାୟ କରିନେଲୁ । ମୁଁ ଚଣ୍ଡାଳ ଆଉ କାହା ପାଇଁ ଏ ପୁରରେ ପଡି ରହିବି । ତୁ ଗଲାପରେ ଏ ସଂସାର ରୂପୀ ଥୁଣ୍ଟା ଆକାଶରେ ମୋ ପରି ମଲା ଜହ୍ନଟାର ଅବା କି ପ୍ରୟୋଜନ ! ଏମିତି କହି କହି ବୁଢା ଗୁରଇକୁ ଧରି ବାହୁନୁ ଥିଲା ବେଳେ, ବୋହୂ ତାର ଆମ୍ବ ସବୁକୁ ଗୋଟେଇ ଜରିରେ ପୁରେଇ ରୋଷେଇ ଘର ଆଡେ ଯାଉଥିଲା ବେଳେ ନିଜକୁ କହି ହେଉ ଥାଇ ଏଇନେ ଦଶ ହାଣ୍ଡି ନ ଗଲା ଯାଏଁ ତେଲ ଲୁଣ ଛୁଇଁବେନି । ଅବଶ୍ୟ ଆମ୍ବ ଦିଟାରେ ତ ଭାତ ଦି ଗୁଣ୍ଡା ଖାଇ ହବ ।

ଆଳ, କେନ୍ଦ୍ରାପଡ଼ା

ISSN NO.
2582-208X

# ବରଷା ର ଦାଉ



ନନ୍ଦିନୀ ରାଉତ

ଲାଗି ରହିଅଛି ଝଡି ବରଷା ଲୋ
ଟିକେ ହେଲେ ଛାଡୁ ନାହିଁ,
ଆଣ୍ଠୁଏ ପାଣି ମୋ କୁଡ଼ିଆ ଭିତରେ
କେମିତି ସହିବି ମୁଁହି..... 1

ଚୁଲି ଜ୍ବଳ ନାହିଁ ପିଲା ମୋ ଉପାସ
ବରଷା ସାଧୁଛି ଦାଉ,
ଫଟା କପାଳ କୁ ଫିକା ସିନ୍ଦୁର ମୋ
କାହାକୁ କହିବି ଆଉ..... 2

ବରଷା ରେ ଭିଜି ପିଲା ମୋ ବେମାର
ସ୍ୱାମୀଛନ୍ତି ବିଦେଶରେ,
ଦଦରା ନାଆ ରେ ଅନ୍ଧ ନାଉରୀ ମୁଁ
କଏ ହେବ ସାହା ବାରେ.... 3

ପଉଷ ମାସର ପଦୁଁଅ ପରିକା
ସନ୍ତାନ ମୋ ହୋଇଯାନ୍ତୁ,
ହୀନ କପାଳୀ ମୁଁ କେତେ ବା ସହିବି
ଖୁଦ ମୁଁ କାଁହୁ ପାଆନ୍ତୁ..... 4

ISSN NO.
2582-208X

ଦଇବ ଦଉଡି ମୁଁ ହୋଇଛି ଗାଈ
ଧରି ଦେଉଅଛି ଦଣ୍ଡ,
କେଉଁ ଜନ୍ମ ପାପ ଭୋଗୁଛି ଏ ଜନ୍ମେ
କଏ କରେ ଏତେ କାଣ୍ଡ..... 5

ଅଲିଅଳୀ ଝିଅ ହୋଇ ବଢୁଥିଲି
ହେଲି ଆଜି ହୀନମାନ,
ହା ଅନ୍ନ ଚନ୍ତାରେ ବରଷା ପାଣିରେ
ଭିଜାଇ ମୋ ନେତ୍ର ବେନ..... 6

ହାୟରେ ଦଇବ ଏହାକ ତୋ ନ୍ୟାୟ
ଧରମ କୁ ଦେଉ ଦଣ୍ଡ,
ଅନ୍ୟାୟ ଅନୀତି କରୁଛନ୍ତୁ ଯିଏ
ବୁଲନ୍ତୁ ଖୁସିରେ ଦାଣ୍ଡ..... 7

ସତ୍ୟ ଶାନ୍ତ ପ୍ରୀତି ଆସର୍ କଲ୍ ଯେ
ତା କପାଳେ ଲେଖୁ ଦୁଃଖ,
ଗରିବ ଭ୍ରିଜା ସଭିଙ୍କର ଶାଳୀ
ଦେଖି ପାଉ ଥାଉ ସୁଖ..... 8

ବାଲିପଟ୍ଟା, ଅନୁଗୁଳ

ISSN NO.
2582-208X

# ସବୁ ତ ତୁମରି ଦାନ



ଶେଷଦେବ ପଣ୍ଡା

ପ୍ରଜାପତିର ଦେହରେ
ରଙ୍ଗୀନ ସେ ବିଭବ,
ଗୋଲାପର ଅଙ୍ଗଗେ
ମଧୁଭରା ସୌରଭ ।
ଝରଣାର କୁଳୁକୁଳୁ
ଲାଜୁକୀ ସେ ଗମନ,
ପ୍ରକୃତିର ସୁଷମା ଏ
ସବୁ ତୁମରି ଦାନ ।।

– 2–

ନଭର ନୀଳମା ସବୁ–
ଜିମା ଧରାପୃଷ୍ଠର,
ଜୀବ ଦେହରେ ଜୀବନ
ସବୁ କୃପା ତୁମର ।
ପକ୍ଷୀର କାକଳି ଶିଶୁ
ମୁଖେ ହସ ଶୋଭନ,
ପ୍ରକୃତିର ସୁଷମା ଏ
ସବୁ ତୁମରି ଦାନ ।।

ISSN NO.
2582-208X

-3-

ଅନଳ ଦେହରେ ନାଥ
ଦାହ୍ୟ ଶକ୍ତ ଭରିଲ,
ଜୀବନ ରକ୍ଷଣେ ତୁମେ
ଜଳରାଶି ସୃଜିଲ ।
ଫଳରେ ମିଷ୍ଟତା ଦେଲ
ସୁବାସିତ ସୁମନ,
ପ୍ରକୃତିର ସୁଷମା ଏ
ସବୁ ତୁମରି ଦାନ ।।

-4-

ବରଷା ରାଣୀର ମନ
ମତାଣିଆ ସଂଗୀତ,
ବିଜୁଳିର ଲାସ୍ୟମୟୀ
ସ୍ୱର୍ଣ୍ଣିମ ସେ ଇଙ୍ଗୀତ ।
ବାସନ୍ତକ ଉପବନେ
କୋକିଳର କୂଜନ,
ପ୍ରକୃତିର ସୁଷମା ଏ
ସବୁ ତୁମରି ଦାନ ।।

-5-

ସୁନ୍ଦର ଏ ଧରାଧାମେ
ସୁନ୍ଦର ଏ ମଣିଷ,
ସୂର୍ଯ୍ୟ ଚନ୍ଦ୍ର ତାରା ଭରା
ସୁନୀଳ ଏ ଆକାଶ ।
ଭ୍ରମରର ଗୁଣୁଗୁଣୁ
ମନଲୋଭା ଗାୟନ,

ISSN NO.
2582-208X

ପ୍ରକୃତିର ସୁଷମା ଏ
ସବୁ ତୁମରି ଦାନ ।।

-6-

ତୁମ କରୁଣାରେ ପ୍ରଭୁ
ଛଅ ଋତୁ ଆସନ୍ତ,
ଭିନ୍ନ ଭିନ୍ନ ରୂପେ ଏଇ
ପୃଥିବୀକୁ ସଜାନ୍ତ ।
ନର ଦେହେ ଭରିଅଛ
ବିଦ୍ୟା ବୁଦ୍ଧି ସୁଜ୍ଞାନ,
ପ୍ରକୃତିର ସୁଷମା ଏ
ସବୁ ତୁମରି ଦାନ ।।

ସ୍ନାତକ ଶିକ୍ଷକ (କଳା)
ସରକାରୀ ସ୍ୱଗଜ ଉଚ୍ଚ ବିଦ୍ୟାଳୟ
ଘସିଏନ୍,ପାଟଣାଗଡ,ବଲାଙ୍ଗିର

ISSN NO.
2582-208X

# ଗୁମ୍ଫା ଗହ୍ୱରର ଗାଥା : ଏଲୋରା

ପ୍ରିୟବ୍ରତ ପାତ୍ର

୧୬ ନମ୍ବର ଗୁମ୍ଫା ସମ୍ଭବତଃ ଅଷ୍ଟମ ଶତାବ୍ଦୀରୁ ତିଆରି ଆରମ୍ଭ ହୋଇଥିଲା ଏବଂ ଏହାର ନାମ ହେଉଛି କୈଳାସ ଗୁମ୍ଫା । ଭାରତର କଳା ଭାସ୍କର୍ଯ୍ୟର ସୁବର୍ଣ୍ଣ ଯୁଗରେ ଶହ ଶହ କୁଶଳୀ କାରିଗର ନିଜର ଅଦ୍ଭୁତପୂର୍ବ ବିଜ୍ଞତା, କଳାକୁଶଳତା ଦ୍ୱାରା ଶିବଙ୍କୁ ନିବେଦିତ ଏହି ଗୁମ୍ଫାଟି ତିଆରି କରିଥିଲେ, ଯାହାକି ଗୋଟିଏ ପଥରରେ ତିଆରି ସାରା ବିଶ୍ୱର ବୃହତ୍ତମ ସଂରଚନା । ଗବେଷଣା କହେ ୩୦ ଲକ୍ଷ ଘନ ଫୁଟ ପଥରକୁ କୋରି କୋରି ବାହାର କରିବା ପରେ ଏହି ବିଶାଳ ନମୁନା ସମ୍ଭବ ହୋଇଛି । ଚାଲୁକ୍ୟଙ୍କ ପରେ ଶାସନ କରୁଥିବା ରାଷ୍ଟ୍ରକୁଟ ବଂଶର ରାଜା ପ୍ରଥମ କ୍ରିଷ୍ଣାଙ୍କ ଦ୍ୱାରା ଖ୍ରୀଷ୍ଟାବ୍ଦ ୭୫୩ରେ ଏହାର ଶୁଭାରମ୍ଭ ହୋଇଥିଲା । ଗୋଟିଏ ଶକ୍ତ ପଥରର ଚଟାଣରେ ୩୨ ମିଟର ଗଭୀର, ୪୭ ମିଟର ପ୍ରସ୍ଥ ଓ ୪୫ ମିଟର ଦୈର୍ଘ୍ୟର ବିରାଟ ଗର୍ତ୍ତ ଖୋଳାଗଲା, ମଝିରେ ରହିଗଲା ଉଚ୍ଚ ପାହାଡ ପରି ଦିଶୁଥିବା ଶିଳାଖଣ୍ଡ । ଗୋଟିଏ ପଟେ ଗର୍ତ୍ତ ଖୋଳା ଚାଲିଲାବେଳେ ଆଉ ଦଳେ ଶିଳ୍ପୀ ପଥର କାନ୍ଥରେ ଗାତ୍ର ଚିତ୍ର ସବୁ ଆଙ୍କିବାରେ ବ୍ୟସ୍ତ ଥିଲେ । ମଝିରେ ମଝିରେ ଛଡାଯାଇଥିବା ଅଂଶରେ ଧ୍ୱଜ ସ୍ତମ୍ଭ ସହ ମଣିଷ ଦ୍ୱାରା ସମ୍ଭବତମ ଉତ୍କୃଷ୍ଟ ଭାସ୍କର୍ଯ୍ୟର ପରାକାଷ୍ଠା ସୃଷ୍ଟି ହେଲା । ଗର୍ଭ ଭିତରେ ଥିବା ଆଖି ପାଉନଥିବା ଖୋଦିତ ପଥର କାନ୍ଥରେ ଖୋଳା ଚାଲିଲା ଦୁଇ ମହଲା ବିଶିଷ୍ଟ ବାରଣ୍ଡାଯୁକ୍ତ ଗୁମ୍ଫା ସମୂହ । ଏସବୁ କାନ୍ଥରେ ନୃସିଂହ, ଶିବ ପାର୍ବତୀ ତଥା ଅସଂଖ୍ୟ ହିନ୍ଦୁ ଦେବାଦେବୀ ସ୍ଥାନ ପାଇଥିଲେ । ଭିତରେ ଥିବା ବିଶାଳ ହାତୀ ଦୁଇଟି ଏବେ ବି ଅକ୍ଷତ, ଗୁମ୍ଫା ବାହାରେ ସ୍ୱାଗତ ପାଇଁ ଦଣ୍ଡାୟମାନ ହାତୀଟି ଯାହା ଶୁଣ୍ଢଟି ହରେଇ ଦେଇଛି । ଏହାର ବିଶାଳତା ଓ ନିଖୁଣତା ଯୋଗୁଁ ଭାରତର ୧୪ଟି ବିଶ୍ୱ ଐତିହ୍ୟ ଭିତରୁ ଗୋଟିଏ ଭାବେ ଏଲୋରା ସ୍ଥାନ ପାଇଛି ।

ଜୈନ ଗୁମ୍ଫା – ଯୀଶୁଙ୍କ ୬୦୦ ବର୍ଷ ପୂର୍ବରୁ ଜୈନ ଧର୍ମ ଆରମ୍ଭ ହୋଇଥିଲା ଏବଂ ଜଣ ପରେ ଜଣେ ୨୩ ଜଣ ଗୁରୁଙ୍କ ପରେ ୨୪ ତମ ଗୁରୁ ରୂପେ ମହାବୀର ଜୈନ ଧର୍ମକୁ ଲୋକପ୍ରିୟ ଓ ଲୋକାଭିମୁଖୀ କରିଥିଲେ । ଏଲୋରାରେ ସମ୍ଭବତଃ ଦଶମ ଶତାବ୍ଦୀରେ ଏହି

ISSN NO.
2582-208X

ଜୈନ କୃତି ସବୁ ତିଆରି ହୋଇଥିଲା । ଗୁମ୍ଫା ୩୦ ହେଉଛି କୈଳାସ ଗୁମ୍ଫାର ଛୋଟ ସଂସ୍କରଣ । ଗୁମ୍ଫା ୩୧ ରେ ସମସ୍ତ ଜୈନ ତୀର୍ଥଙ୍କର ମାନଙ୍କର ମୂର୍ତ୍ତି ରହିଛି । ଗୁମ୍ଫା ୩୨ ରେ କାନ୍ଥର ଦୁଇପାଖରେ ଇନ୍ଦ୍ର ଓ ଇନ୍ଦ୍ରାଣୀ ଆମ୍ର ଗଛ ତଳେ ବସିଥିବା ଦେଖାଯାଏ । ୨୩ ତମ ତୀର୍ଥଙ୍କର ପାରସନାଥ ନାଗରାଜା ଓ ପାର୍ଶ୍ୱଚରଙ୍କ ଗହଣରେ ବସିଥିବା ବେଳେ ଖୋଦ ମହାବୀର ସିଂହାସନା ରୁଢ ହୋଇଛନ୍ତି । ଗୁମ୍ଫା ୩୪ ରୁ ଏକ ବିଶାଳ ପଥର କବାଟ ଥିବା ରାସ୍ତା ଦେଇ ଗୁମ୍ଫା ୩୩ ର ଇନ୍ଦ୍ରସଭାକୁ ଯାଇହୁଏ । ଇନ୍ଦ୍ରସଭା କକ୍ଷଟି ଏଭଳି ସୂକ୍ଷ୍ମ କାରୁକାର୍ଯ୍ୟଭରା ଯେ ସାରା ଏଲୋରାରେ ତାର ତୁଳନା ନାହିଁ – ସତେ ଅବା ହାତୀ ଦାନ୍ତର ନିଖୁଣ ଅଳଙ୍କାର ଭିତରେ ତରଳା ପଥରକୁ ଢାଳି ଛାଞ୍ଚ ଉଠା ଯାଇଛି ।

ଦୀର୍ଘ ସାତ ସହ ବର୍ଷ ଲାଗିଥିଲା – ଭାରତର ଶ୍ରେଷ୍ଠ ବିନ୍ଧାଣୀମାନଙ୍କୁ ଏଲୋରାର ଗୁମ୍ଫାମାଳାର ପଥର କବିତାର ମହାକାବ୍ୟ ସୃଷ୍ଟି କରିବାକୁ । ଅଥଚ ଟୁରିଷ୍ଟ ମାନଙ୍କୁ ୭୦ ମିନିଟ୍ ମିଳେ ତମାମ କୃତିର ମୂଲ୍ୟାଙ୍କନ କରିବାକୁ । ପରିଣାମ ଯାହା ହେବାକଥା, ଦୁର୍ବୋଧ୍ୟ ପଥର କବିତାର ପ୍ରତି ଛନ୍ଦରେ ଛନ୍ଦି ହୋଇ ପଡନ୍ତି ତରବରିଆ ଘଡିବନ୍ଧା ଟୁରିଷ୍ଟମାନେ ଓ ଶେଷରେ କ୍ଳାନ୍ତ ଶ୍ରାନ୍ତ ହୋଇ ବାହାରି ଆସି ନିଜ ନିଜ ରିଜର୍ଭ ଗାଡିରେ ମୃଦୁ ପାନୀୟରେ ତ୍ରାହି ପାଇବାର ଦୀର୍ଘ ଶ୍ୱାସ ଛାଡନ୍ତି । ଦିନ ନାଇଁ, ରାତି ନାଇଁ, ଏକଦା ଏହି ଗିରି ଗହ୍ୱର ଭିତରେ ନିହଣ ମୁଗୁରର କିଣ୍ୱନ ଶୁଭୁଥିଲା । ରାତିସାରା ମଶାଲ, ଦିହୁଡି ବା ଝୁଳାର ରକ୍ତାଭ ଆଭାରେ ଶିଳ୍ପୀଗଣ ଗଢି ତୋଳୁଥିଲେ ବୁଦ୍ଧଙ୍କର ଅର୍ଦ୍ଧ ନିମିଳିତ ନୟନ ବା ପୁରାଣ କଥା ସାଗରର ବେଳାରୁ ସଂଗୃହୀତ କିଛି ଉପ୍ଳଳର ଝଲକ । ନିଜ ସ୍କୁଲ ପାଠରେ ସୀମିତ ବିଦ୍ୟାର୍ଥି ପାଇଁ ତମାମ ଗୁମ୍ଫା ସବୁର ଗାତ୍ର ଚିତ୍ର ଲାଗେ, ଯେମିତି ଗାବୁରୁ ଗାଜିଆ ରଫ୍ ଖାତାର ଛିନ୍ନ ପୃଷ୍ଠା, ଆଗ୍ରହହୀନ ଟୁରିଷ୍ଟ ପାଇଁ ଲାଗେ ଅସରନ୍ତି ଖଣ୍ଡିଆ ଖାବରା ମୂର୍ତ୍ତିମାନଙ୍କ ବିଶାଳ ଖତଗଦା, ବ୍ୟବସାୟୀଙ୍କୁ ଲାଗେ ଖରା ବର୍ଷା ଓ ବିଜୁଳିରୁ ସୁରକ୍ଷା ଦେବାରେ ସମର୍ଥ ବିରାଟ ଗୋଦାମ ଘର, କାହାକୁ ପୁଣି ଲାଗିପାରେ ସୁଲଭ କଲ୍ୟାଣ ମଣ୍ଡପ ଅବା ଗଞ୍ଜେଇ ଖାଇ କଳ୍ପନାର ଆକାଶରେ ତାରା ଗଣିବା ପାଇଁ ପ୍ରକୃଷ୍ଟ ଅନ୍ଧାରୁଆ ଏକାନ୍ତ ଜାଗା । ଜଣେ ଜିଜ୍ଞାସୁ ହିଁ ପଢିପାରେ ସେହି ପଥରର ମହାକାବ୍ୟ, ସ୍ପର୍ଶ କରିପାରେ ନର, କିନ୍ନର, ଯକ୍ଷ, ଯକ୍ଷିଣୀ, ପରି, ଗନ୍ଧର୍ବ, ଅପସରା, ଦାନବ ଦେବତା, ରାଜା, ରଙ୍କି ତଥା ଯୋଦ୍ଧାଙ୍କ ନିଶ୍ୱାସ ପ୍ରଶ୍ୱାସ, ଦେଖିପାରେ ବିରହୀ ରାଧା, ପାର୍ବତୀ ବା ଯଶୋଧାରାଙ୍କ ପ୍ରଣୟ କାହାଣୀକୁ କେନ୍ଦ୍ର କରି ଗଢା ହୋଇଥିବା ସ୍ମୃତି ନିଦର୍ଶନ । ଉଦାସ

ISSN NO.
2582-208X

ଗୋଧୂଳି ସମୟର ଧୂମ୍ରାଭ ଦିଗନ୍ତରୁ ଟୁକୁରାଏ ଆଣି ଏକ ପ୍ରହେଳିକାମୟ ପରୀଲୋକରେ ପରିଣତ ହେଉଥିବା ଗିରି ଗହ୍ୱର ସବୁ ଯେ କୌଣସି ଭାବୁକକୁ ସମ୍ମୋହିତ କରିଥାଏ । ଶିବ, ବିଷ୍ଣୁ, ବୁଦ୍ଧ ତଥା ମହାବୀରଙ୍କ ବିଶାଳ ବିଶାଳ ପଥର ମୂର୍ତ୍ତିରେ ମହାନ ସାଧନ ଆଡକୁ ଉଠିଯାଇଥିବା ଧର୍ମଗତ ଆକୃତି ଓ ଜିଜ୍ଞାସା ବରାବର ମୂର୍ତ୍ତିମନ୍ତ ହୋଇଛନ୍ତି ।

ଏଲୋରାର ଗୁମ୍ଫା ସବୁ ଅନ୍ଧାରୁଆ, ବୋଧେ ହଜାରଏ ବର୍ଷ ତଳେ ଯେମିତି ଥିଲା ସେମିତି ଭାବେ ଦେଖାଇବା ପାଇଁ ଲାଇଟ୍ ବ୍ୟବସ୍ଥା ନାହିଁ । ସାଥୀରେ ଟର୍ଚ୍ଚଟିଏ ନେଲେ ଅନେକ କିଛି ଦେଖି ହୁଏ । କୈଳାସ ଗୁମ୍ଫା ବୁଲିଲାବେଳେ ପାଖରେ ପ୍ରଶିକ୍ଷିତ ଗାଇଡ୍ ଥିଲେ ଦର୍ଶନଟି ସାରା ଜୀବନ ପାଇଁ ଅନନ୍ୟ ଅନୁଭୂତିରେ ପରିଣତ ହୁଏ । ଅର୍ଦ୍ଧ ଅନ୍ଧକାର ମଧ୍ୟରେ ଗବାକ୍ଷ ନିରତ କ୍ଷୀଣ ଆଲୋକରେ ଅସ୍ପଷ୍ଟ ଦିଶୁଥିବା ଶୟନ ମୁଦ୍ରାରେ, ଭୂମି ସ୍ପର୍ଶ ମୁଦ୍ରାରେ, ଆଶୀର୍ବାଦ ମୁଦ୍ରାରେ ବା ଧ୍ୟାନ ମୁଦ୍ରାରେ ବୁଦ୍ଧ ଏତେ ଜୀବନ୍ତ ଲାଗନ୍ତି ଯେ, ଚୁପ୍ କରି ପାଦ ତଳେ ବସି ଯିବାକୁ ଇଚ୍ଛା ହୁଏ । ଏଲୋରା ଦର୍ଶନ ଆହୁରି ରୋମାଞ୍ଚକର ହୋଇ ପାରନ୍ତା, ଯଦି ପ୍ରତି ଗୁମ୍ଫା ଓ ଗାତ୍ର ଚିତ୍ର ବିଷୟରେ ଟିକିନିଖି ବର୍ଣ୍ଣନା ଥିବା ପ୍ରି–ରେକର୍ଡେଡ ଅଡିଓ ସିଷ୍ଟମର ବ୍ୟବସ୍ଥା ରହିଥାନ୍ତା, ଯାହା ଫଳରେ ବିଦଗ୍ଧ ସ୍ରୋତା କାନରେ ଇଅର ଫୋନ୍ ଖୁଞ୍ଚି ଗୁମ୍ଫା ପରେ ଗୁମ୍ଫା ଦେଖୁ ଦେଖୁ ନିଜକୁ ହଜାରେ ବର୍ଷ ପଛକୁ ଅନାୟାସରେ ନେଇପାରନ୍ତା ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଶ୍ରମିକ ଭାଇ, ସଲାମ ଦିଏ



ଜୟ କୁମାର ମିଶ୍ର

ଶ୍ରମିକ ଭାଇ, ତୋ ଶ୍ରମ ନେଇ
ପ୍ରଗତି ରଥ ଚଳେ,
ତୋହର ଝାଳେ, ଶରୀର ବଳେ
ସୁନା ଫସଲ ଫଳେ ।
ନବିନ ସୃଷ୍ଟି, ତୋହର ଭେଟି
ଅବଦାନଟି ତୋର,
ଶ୍ରମର ମୁଲ, ସେତ ଅତୁଲ
ଅମୁଲ ମୁଲ ତାର ।
ପାଉଣା ଯାହା, ପାଉଛୁ ତାହା
ଶ୍ରମର ଅବଦାନ,
କିଏ ଭରିବ, କେତେ କେ ଦେବ
ରଖିବାକୁ ତୋ ମାନ ???... ।
ମାଟିରେ ମାଟି, ଯାଉ ତୁ ଲୋଟି
ଖରା, ବରଷା ଶୀତ,
ନୋହି ପଛୁଆ, ହୋଇ ଆଗୁଆ
ଛାଡି ମନରୁ ଭୀତ ।
ସବୁରି ମିତ, କାମ ବହୁତ
କଠିନ ଶ୍ରମ ତୋର,
ରୁଧିର ପାଣି, ଘର୍ମରେ ଆଣି

ISSN NO.
2582-208X

ସେବାଟି ବହୁବାର ।
ତୋର ଜୀବନ , ସରଳ ମାନ
ଆଡମ୍ବରଠୁ ଦୂରେ,
କୁଟିଳ ଜ୍ଞାନ, ଜଟିଳ ଧ୍ୟାନ
ଦେଖିଲେ ତୋତେ ଡରେ ।
ବାରୂଦ ପରି, କଥା ଚାତୁରୀ
ମନରେ ନାହିଁ ଭୟ,
ମୁହିଁ ମୁହିଁରେ, ଜବାବ ଭରେ
"ମାନ"କୁ ନାହିଁ ଲୟ ।
ମତିରେ ମତି, ହୋଇଲେ ସାଥି
ଜୀବନ ଦେବୁ ଢାଳି,
ମାନିଗଲେ ତୁ, ହୋଇ ଘନିଷ୍ଠ
ଯିବୁ ନିଜକୁ ଭୁଲି ।
ଦୁନିଆଁ ଆଜି, ସମୃଦ୍ଧି ଭୁଂଜି
ଆଗକୁ ପାଦ କାଢେ,
ତୃଣ ମୂଳରେ, ତୋ ସେବା ଧରେ
ପ୍ରଗତି ପଥ ଚଢେ ।
ମଳି ମୁଣ୍ଡିଆ, ଖର ତୁଣ୍ଡିଆ
ନାହିଁ ତୁ ଛୋଟ ଆଜି,
ନଥାଉ ଧନ, ଅଛିଟି ମାନ
ସଂସ୍କାର ସଭ୍ୟ ରାଜି ।
ଶ୍ରମର ମୁଲ, ଅତୁଳ ତୁଲ
କଳନା ନାହିଁ ତାର,
ଭକତି ଭରେ, ନୁଆଁଇ ଶିରେ
କରୁଛି ନମସ୍କାର ।
କେହି ନବୁଝୁ, କେହି ନହେଜୁ
ବୁଝାନ୍ତି ସେହି ସାଇଁ,

ISSN NO.
2582-208X

କିଛି ନଥାଉ, ସମ୍ମାନ ରହୁ
ହୁଅନା ଦୁଃଖେ ବାଇ ।
ଇଜ୍ଜତ ନେଇ, ସଂସାରେ ତୁହି
ଅନ୍ୟାୟ ପାଇଁ ଲଢ଼ି,
ନ୍ୟାୟ ମାରଗ, ଦେବ ସରଗ
ସ୍ୱପ୍ନାସିତ ସୁଖ ବାଢ଼ି ।
ଶ୍ରମିକ ଭାଇ, ସଲାମ ନେଇ
ରୁହ ରେ ଚିରଦିନ ,
ତୋହର ହାତ, ଅତି ମହତ
ନାହିଁ ଦ୍ୱିମତ ସ୍ଥାନ ।

ବୁଦୁଗ୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଚକା ଆଖି



ଅମରନାଥ ବାରିକ

ଆଖି ଆଖି ଚକା ଆଖି
ଦେଖି ମନ ଯାଉଛି ଲାଖି.....

ତୋ ଅଭଡ଼ା ତୋ ନିର୍ମାଲ୍ୟ
ଦବୁକିରେ ଟିକେ ଧନ
ଆଉ କଉ ଦରବରେ ଲାଗୁନାହିଁ ମୋର ମନ
ତୋ ଗରୁଡ଼ ସ୍ତମ୍ଭ ତୋ ଅରୁଣ ଖୁମ୍ବ
ବାଇଶି ପାହାଚ ପରି
କାଳିଆରେ ଟିକେ ଗଡ଼ିପାରିଲିନି
ମୋର ଦେହ ଧୂଳି କରି
ରଥ ଚକ ଟାଣୁ ଟାଣୁ ଜିବିକିରେ ମରି
ଖୋଜୁଛି ଖୋଜୁଛି ଏ ପ୍ରାଣ ପକ୍ଷୀ
ଆଖି ଆଖି ଚକା ଆଖି
ଦେଖି ମନ ଯାଉଛି ଲାଖି...........

ଜୟ ଜୟ ଜଗନ୍ନାଥ ଜୟଗୋ ଜଗତ ନାଥ
କେଉଁ ଭକତର ପାଇଁ ଉଡାଉଛ ନାଲି ନେତ
କେଉଁ ଜଗତରୁ ଦେବତା ତୁମେଗୋ
ଆସିଲ ମନ୍ଦିରୁ ଧାଇଁ

ISSN NO.
2582-208X

କେତେ ଯେ ଭକତ ଅନାଇ ଅଛନ୍ତି
ତୁମକୁ ଦେଖିବା ପାଇଁ
ତ୍ରେତୟା ଯୁଗରେ ହେଲ ସୀତାଙ୍କର ପତିବ୍ରତ
ଦ୍ୱାପର ଯୁଗରେ ହେଲ ରାଧାଙ୍କର ପ୍ରାଣନାଥ
ମୂରଲୀରେ ମଣ୍ଡେଇଲ ଗୋପିଙ୍କ ମନ
କାଟିଲ ରହିକି ଗୋପରେ ଦିନ
ଆଖି ଆଖି ଚକା ଆଖି
ଦେଖି ମନ ଯାଉଛି ଲାଖି............

ଯାଜପୁର,
ମଙ୍ଗଳପୁର, କୟାଁ

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢ଼ିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ମିଛ ସଂସାର



ଅଧ୍ୟାପିକା ରୋଜାଲିନ୍ ବାରିକ୍

ଅଢେଇ ଦିନଆ ଏ ମିଛ ସଂସାରୁ କସ ନେଇଯିବୁ କହ ।
ଢେଉ ପରି ସାଗରର ଏ ଜୀବନ ଅଟଇ ପର୍ ଅଥୟ ।୧ ।

ଇନ୍ଦ୍ର ଧାତାହର ବନ୍ଦନ୍ତ ପୟର ଆଉ ଆନ କେତେ ଛାର ।
ଦିବସ ନଶି ଘୋଷ ରମା ବିଲାସ ମର ଜଗତରେ ସାର ।୨ ।

ନଜ ପର ଭେଦଭ୍ବ ନାହିଁ ତାର ସର୍ବେ ତା ଆପଣା ଜନ ।
ଆରତତ୍ରାଣ ଶ୍ରୀହରି ନାର୍ୟଣ ବିଷ୍ଣୁ ପତିତପାବନ ।୩ ।

ମିଲାଇଣ ଯିବ ଏ ମାଟିର ଘଟ ମାଟିରେ ଯାଇ ମିଶିବ ।
ଛଞ୍ଚାଣ ପରି କାଳ ଛକଣ ଅଛି କେତାକୁ ଆନ କରିବ ?୪ ।

ସଂଧାନ କର ସେ ମୁକତିର ଦ୍ୱାର କ୍ଷେତ୍ର କ୍ଷେତ୍ରୀ ଏକା ନାମ ।
ସାର ଜଗତରେ କ୍ଷେତ୍ର ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରୀ ଘନଶ୍ୟାମ ।୫ ।

ରସିକ ଶେଖର ସେ ମୂରଲୀଧର ର୍ଧାସ୍ୱାମୀ ପଦ୍ମନାଭ ।
ରୁକ୍ମଣୀ ବଲ୍ଲଭ ବିଷ୍ଣୁ ବାସୁଦେବ ନୀଳମଣି ସର୍ବଶୁଭ ।୬ ।

ISSN NO.
2582-208X

କ ସୁନ୍ଦର ଏହି ବିଶାଳ ସଂସାର ନର୍ମାତା ଯା ନାରାୟଣ ।
ସତ୍ୟ ସନାତନ ମଦନ ମୋହନ ଶ୍ରୀକୃଷ୍ଣ ରାଧାମୋହନ ।୭।

ନେତି ନେତି ଭଣେ ଯାର ଗୁଣ ମାନମନ୍ତ୍ର ରୂପେ ସର୍ବବେଦ ।
ଇନ୍ଦ୍ରବ୍ଦ ବଲ୍ଲଭ ସେ ନୀଳମାଧବ ନରହରି ଆଦିକନ୍ଦ ।୮।

ଯିବାବେଳେ ଜୀବ ସେ ସାଥିରେ ଥିବ ଶମନ ଦଣ୍ଡ ନଦେବ ।
ବୁଧଜନ ମାନେ ଜାଣି ଜପୁଛନ୍ତୁ ସଦା ସେ କଳାମାଧବ ।୯।

କମଳ ନୟନ ଜଗତ ଜୀବନ ଶ୍ରୀକୃଷ୍ଣ ନନ୍ଦନନ୍ଦନ ।
ହରି ହରି ଭବ ଅଭବ ହରିବ ମନୋବାଞ୍ଛ ହେବ ପୂର୍ଣ୍ଣ ।୧୦।

ମହୁ, ଆଳ, କେନ୍ଦ୍ରାପଡା ୭୫୪୨୩୧
ମୋବାଇଲ - ୯୯୩୮୫୦୧୧୦୨

ISSN NO.
2582-208X


# ରାଲି

(ଏକ ରମ୍ୟ ରଚନା)



ଅଧର ବିଶ୍ୱାଳ

ଯୋଗନୀଖିଆ ମତେ ବଫେଇ ଦେଖଉଚି ବଫେଇ । କୁକୁର ଭଳି ଠିଆହେଇକି ଖାଉଚ, ଲୁଣ ଟିକେ ନାହିଁ । ପତରଟାକୁ ଧରି ଧରି ମୋ ହାତ ଫଟେଇ ପକେଇଲା, ତା ସାଙ୍ଗକୁ ଠେଲା ପେଲା, ଝୋଳ ବୋଇକି ମୋ ଲୁଗାପଟା ସବୁ ନାସନା । ଆମର ଏଠି ଯେମିତି ପଙ୍ଗତରେ ବସିକି ଖାଆନ୍ତି, ନାଇଁ ନାଇଁ କରୁଥିବ, ଟିକେ ଟିକେ ନଉଥିବ, ଜବରଦସ୍ତ ଦଉଥିବେ, ବଳେଇ ବଳେଇ ଖାଉଥିବ, ତା ଭେଳିଆ ଆଉ କୋଉଠି ହବ ।

ଚେମି ବୁଢ଼ୀ କାଲି ଭୁବନେଶ୍ୱର ବିଜେଡି ରାଲିରେ ଯାଇଥିଲା । ଆଜି ସକାଳୁ ଖାଲି ଗର ଗର ହଉଚି, ଯାଆକୁ ଦେଖୁଚି, ଘଂଟାଏ ଗପୁଚି । ଏତିକିବେଳେ ନଖିଆ ସେଇ ବାଟେ ଯାଉଥିଲା, ପଚାରିଦେଲା ଚେମି ଖୁଡି କା ଉପରେ ରାଗିଛୁକି ?

ଆଉସେ ଯାଏ କୁଆଡେ । ଚେମି ବୁଢ଼ୀ ତା ହାତ ଧରି ପିଣ୍ଡାରେ ବସେଇଲା । ତୁ ଭାବୁଚୁ ମୁଁ ମାଗଣାରେ ରାଗୁଛି, ଏଇଠି ବସ, ଶୁଣୁ । ଏ ଗୋଲିଆ ପୁଅ ଟିକିନା ମତେ କଇଲା ଚେମି ଅପା ତୁ କାଲି ରେଲିରେ ଭୁବନେଶ୍ୱର ଚାଲେ, ଖାଲି ପତକା ଧରିବୁ, ମାଉଁସ ଭାତ ଖାଇକି ଆସିବୁ, ଦୁଇ ଶହ ଟଙ୍କା ମିଳିବ । ମୁଁ କଇଲି ଆରଥର କେନ୍ଦ୍ରାପଡା ଡାକିକି ନେଇଥିଲୁ, ଶହେ ଟଙ୍କା ବାକି ଅଛି, ଏଥର ମାଗଣାରେ ନବୁ ନା କଣ ? ମୋତେ କହିଲା ତୁ କାଲି ଚାଲେ ଆରଥର ବାକି ଟଙ୍କା ମିସେଇକି ତତେ ତିନିଶହ ଦେଇଦେବି । ମାଗଣାରେ ଭୁବନେଶ୍ୱର ବୁଲିକି ଆସିବୁ । ମୋର ଜମାରୁ ଇଛା ନଥିଲା । କଣ କଲାନା, ସକାଳୁ ସକାଳୁ ଗାଡିଟାକୁ ଛକରେ ଲଗେଇ ଦେଇ ମତେ ଡାକ ଛାଡିଲା, ଚେମି ଅପା ଶୀଘ୍ର ଗାଡ଼ିରେ ବସ, ଗାଡି ଛାଡି ଦବ । କଣ କରିବି, ତରବର ହେଇ ଲୁଗାଟାକୁ ଗୁରେଇ ହେଇପଡି ଗାଡ଼ିରେ ବସିଲି । ଗାଡି ଭିତରେ ଯୋଉ ଠେଲା ପେଲା, ଜାକିଜୁକି ହେଇ ଭୁବନେଶ୍ୱର ପର୍ଯ୍ୟନ୍ତ ଗଲି।

ISSN NO.
2582-208X


ଓହ୍ଲେଇଲା ମାତ୍ରେ ହାତରେ ଗୋଟେ ପତକା ଧରେଇ ଦେଇ କହିଲା ସେଇ ବଡ଼ ପଡିଆକୁ ଚାଲ I ସମସ୍ତଙ୍କ ପଛେ ପଛେ ଚାଲିଲି, ଅଣ୍ଟିରେ ହାତ ମାରିଲା ବେଳକୁ ଦୋକତା ଡବାଟା ନାହିଁ I ପାଟି ସେତେବେଳକୁ ଆମ୍ବିଳା ହେଇଗଲାଣି I ଜଣେ ଦି ଜଣକୁ ମାଗିଲି, କାହାରି ପାଖରେ ମିଳିଲା ନାହିଁ I ଦେଖିଲି ଜଣେ ଲୋକ ବିଡି ଟାଣୁଥିଲା, ଚୁପତରେ ତାକୁ ଗୋଟେ ବିଡି ମାଗି, ଦଳିକି ପାଟିରେ ପକେଇ ଦେଲି I ଦେହରେ ଟିକେ ଜୀବନ ପଶିଲା I

ପତକାଟାକୁ ଧରି ପଡ଼ିଆଟାରେ ପାଞ୍ଚ ଘଣ୍ଟା ଠିଆ ହେଇହେଇ ମୋ ଗୋଡ ବିନ୍ଧିଲା I କିଏ କଣ ଆସିକି କହୁଥାଏ ମୋତେ ଦେଖାଯାଉନଥାଏ I ଖାଲି ମଝିରେ ମଝିରେ ହୋ କିନା ହୋଉଥାନ୍ତି ସେତିକି ଶୁଭୁ ଥାଏ I ତା ପରେ କଇଲେ ଆର ପଡିଆରେ ଖାଇବାକୁ ହେଇଚି, ସେଠିକି ଚାଲ I ମୁଁ ପତକା ଫପାଡି ଦେଇ ତାଙ୍କ ପଛରେ ଦୋଉଡିଲି I ସେତେବେଳକୁ ଭୋକରେ ହଂସା ଉଡିଲାଣି I ଚାରିଆଡେ ଖୋଜିଲି, କୋଉଠି ପଙ୍ଗତ ଲାଗିଚି I ଆକୁ ତାକୁ ପଚାରିଲି ଖାଇବା କୋଉଠି ହେଇଚି I ଜଣେ ଅଧେ କହିଲେ ଆଗରେ ବଫେଇ ଲାଗିଛି I ଯାଇଁକି ଦେଖିଲି ଲୋକସବୁ ପତର ଧରି ଧାଡ଼ିହେଇ ଠିଆହେଇଚନ୍ତି I କଣ କରିବି ଧାଡିରେ ଠିଆ ହେଲି I ଘଂଟାଏ ପରେ ଖାଇବା ପାଖରେ ପହଂଚିଲି I ଏ ହାତ ଟେକା ବାଗିଆ ପତରରେ ଟିକେ ଟିକେ ପକେଇ ଦେଲେ I ଝୋଳ ସବୁ ବୋଇ ମୋ ଲୁଗା ପଟା ହେଇଗଲାI ଧାଡ଼ିରୁ ବାହାରି ଗୋଟେ ଛାଇ ଜାଗା ଦେଖି ବସିଛି କି ନାହିଁ, ଏ ପୋଡା ମୁହାଁ ଟିଭି ବାଲା ଗୋଟେ କୋଉଠି ଥିଲା, ତା ବାଡ଼ିଟାକୁ ଧରି ମତେ ପଚାରୁଛି, ଆଛା ମାଉସୀ ଏଠିକି କାହିଁକି ଆସିଛ କହିଲ ? ମୁଁ କୋଉ ଡରିବା ଲୋକ, ମୁଁ କହିଲି ମୁଁ ରେଲିରେ ଆଇଚି I ତା ପରେ ମତେ ପଚାରିଲା ଏଠି କଣ ହଉଚି ? ମୁଁ କହିଲି ସେ କଥା ମୁଁ ଜାଣିନେଇ, ତୁ ଯା ସେ ଗୋଲିଆ ପୁଅ ଟିକିନା କୁ ପଚାରିବୁ, ସିଏ ମତେ ଡାକିକି ଆଣିଚି I

ଚେମି ବୁଢ଼ୀ ପାଟିରୁ କଥା ସରିଛି କି ନସରିଛି, ପାଖ ଘରୁ କିଏ ଗୋଟେ ପାଟିକଲା ହେଇରେ ଚେମି ବୁଢ଼ୀ ନିଉଜରେ ଆସିଲାଣି I ଚେମି ବୁଢ଼ୀ ନଖିଆକୁ ଛାଡି ଟିଭି ପାଖରେ ହାଜର I ଦିନସାରା ଯାହାକୁ ଦେଖିଲା , ପଚାରିଲା, ଏ ମତେ ଟିଭିରେ ଦେଖିଚୁ ?

ଜୟଦେବ ବିହାର, ଭୁବନେଶ୍ୱର

ISSN NO.
2582-208X

# ଅଚ୍ଛୁଆଁ ଝଡ



ଅଜିତ ପାଢ଼ି

୧. ତୁ ତ ଅଚ୍ଛୁଆଁ ହେଲୁ ଆଜି ପର
ନୁହେଁ ଏ ଜାତି, ଅଜାତି ର ସର
ନ ହୋଇପାରେ ଅସ୍ପୃଶ୍ୟତାର ଝଡ
ଏ ତ ପ୍ରଳୟର ଘୂର୍ଣ୍ଣୀଝଡ ।
ଏ ତ ପ୍ରଳୟର ........ ।

୨. ଗର୍ବ ଅହଙ୍କାର, ମୁଁ କାର ସ୍ୱର
ନୁହେଁ ତ ମାଳିକା ର ପତ୍ରଝଡ
ମ୍ଳେଛ ସନ୍ଧାନେ ରକ୍ତ ଶୋଷିବାକୁ
କଳକୀ ର ଖଣ୍ଡ ବୁଲୁଁଛି କି ସତେ
ନୁହେଁ ଏ ତ ଦୂର୍ନ୍ନିତୀ ର ଝଡ ?
ଏ ତ ପ୍ରଳୟ ର ........ ।

୩. ହୋଇ ନା ପାରେ କେବେ "ଅଯୋଧ୍ୟା" ଝଡ ।
ଶୁଭୁଛି ଆଜି ତ "ଶ୍ରୀରାମ"ଙ୍କ ସ୍ୱର
ଅଚ୍ଛୁଆଁ ନୁହେଁ ଜାତି, ବର୍ଣ୍ଣ, ଧର୍ମ
ଏ ତ ଅଚ୍ଛୁଆଁ ବ୍ୟାଧି, "କରୋନା" ଝଡ
ଏ ତ ପ୍ରଳୟ ର ଘୂର୍ଣ୍ଣୀଝଡ ।
ଏ ତ ପ୍ରଳୟ ର ଘୂର୍ଣ୍ଣୀଝଡ ।

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

ISSN NO.
2582-208X

# ଚିନ୍ମୟତା



କୃଷ୍ଣ ଚନ୍ଦ୍ର ବାରିକ

ସୁମନ ପ୍ରସୁନ ବନ ଉପବନ
ଭ୍ରମର ଗୁଞ୍ଜନ ଶୁଭେ
ମିଳନ ପ୍ରୟାସୀ ରୁପମ୍ବରା ଶଶି
କଇଁର ପୀରତି ଲଭେ

ସାଗରେ ତଟିନୀ ନାରୀଏ ପୁରୁଷେ
ଚକୋରୀ ଯେ ଅଭିଶପ୍ତ
ବିଭସ୍ସ ବିରହ ନବମ ଦଶାରୁ
କିଏ କି ହୋଇଛି ମୁକ୍ତ

ଅର୍ଜୁନେ ଉର୍ବଶୀ ପ୍ରେମ ଭିକ୍ଷା ମାଗେ
କାମନାରେ ଜଳେ ଗାତ୍ର
ମାଆକୁ କେମିତି ରମିବ ସନ୍ତାନ
ଦେଖି ନାହିଁ ଯାହା ନେତ୍ର

ବାରଣ ଆଘାତେ ଅଭିଶାପ ଦେଲେ
ହୁଅ ତୁହି ନପୁଂସକ
ବର ଦାନ ତାହା ହୋଇଲା ଯୁକତେ
ଅଜ୍ଞାତବାସରେ ଦେଖ

ISSN NO.
2582-208X

ମାଆର ଗାଳି ବି ଫଳପ୍ରଦ ସଦା
ସନ୍ତାନ ନିମନ୍ତେ ଜାଣ
ପୟରେ ତାହାର କୋଟି ନମସ୍କାର
ମନେ ରଖ ବିଜ୍ଞ ଜନ

ପ୍ରେରଣାର କେତେ ପ୍ରସ୍ରବଣ ଫୁଟି
ସିଞ୍ଚି ଦିଏ ଆଶା ଆସା
ପରଖି ପାରିଲେ ବେଶୀ ଦୂର ନୁହେଁ
ମଧୁମୟ କଟୁ ଭାଷା ।

ସାରସମାଲ, ଏସ୍ ରାମପୁର,
ସୁବର୍ଣ୍ଣପୁର

ବେଦାନ୍ତୀ ପାଇଁ ଲେଖା ପଠାନ୍ତୁ ଏବଂ ଆପଣଙ୍କ ଲେଖା ସମଗ୍ର ବିଶ୍ୱରେ ଥିବା ଓଡିଆମାନଙ୍କ ପାଖରେ ପହଞ୍ଚାନ୍ତୁ । ଲେଖା ପ୍ରତିମାସ ୫ ତାରିଖ ଭିତରେ ପଠାନ୍ତୁ । ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com /

editor.vedantimagazine@gmail.com

ISSN NO.
2582-208X

# ବାପା



ପୂର୍ଣ୍ଣିମା ଗୋଛାୟତ

ବାୟୁ ଓ ପାଣିର ଆବଶ୍ୟକତା ବଞ୍ଚିବା ପାଇଁ ଯେତିକ ଜରୁରୀ ଜୀବନକୁ ଅତିବାହିତ କରିବା ପାଇଁ ବାପାଙ୍କ ଆବଶ୍ୟକତା ବି ସେତିକ ଜରୁରୀ । ପିଲାଙ୍କ ର ସ୍ତମ୍ଭ ସେ, ପରିଚୟ ସେ, ଆତ୍ମବିଶ୍ୱାସ ସେ । ଏକ ନୀରବତାର ସ୍ତମ୍ଭ ରୂପେ ମୋ ବାପା ଆଜି ବି ସେମିତି ଦଣ୍ଡାୟମାନ ଯେମିତି ଆଗରୁ ଥିଲେ । ବାପା ଝିଅ ଙ୍କ ସମ୍ପର୍କ ଯେମିତି "ଟମ୍ ଆଉ ଜେରୀ" ହେଲେ ମୋ ବାପା ଆଉ ମୋ ଭିତରେ ଏକ ନୀରବତାର ସମ୍ପର୍କ ଆଜିବି ସୁଦୃଢ ହେଇକ ଅଛି । ଅନ୍ୟ ପିଲାଙ୍କୁ ତାଙ୍କ ବାପାଙ୍କ ଅହ ଦେଖିଲେ ମତେ ଈର୍ଷା ଲାଗେ । ସେମାନେ ଯେମିତି ବନ୍ଧୁତାରେ ମିଶନ୍ତୁ, କନ୍ତୁ ବାପା ମୋର ସବୁବେଳେ ସେମିତି ହିଁ । କାହାକୁ କଛି କହିବେନ, ସବୁବେଳେ ଚୁପ ଗୁପ ସତେ ଯେମିତି ନୀରବତା ତାଙ୍କ ଜୀବନର ବ୍ରତ । ଛୋଟ ବେଳେ ଜାଣି ପାରୁନଥିଲି, ରାଗ ଲାଗେ ତାଙ୍କ ଉପରେ । ହେଲେ ଏବେ ବୁଝିଚ ସେ ନୀରବତାର ସମ୍ପର୍କ ପଛରେ ଯେ ନବିଡତା ର ସମ୍ପର୍କ ଟେ ବି ଲୁଚକ ଅଛି ବୋଲି । ବାସ ମତେ ଖୋଜିବାର ଥିଲା ଆଉ ଆଜି ମୁଁ ପାଇବି ଯାଇଛି । ତ୍ୟାଗ, ସହିଷ୍ଣୁ, ଧର୍ଯ୍ୟ, ପରୋପକାରୀ ଏସବୁ ଗୁଣରେ ସମ୍ପୂର୍ଣ୍ଣ ମୋ ବାପା । ତାଙ୍କ ଆଦର୍ଶ ମୋ ପାଇଁ ପ୍ରେରଣା । ଏବେ ସବୁ କଥାରେ ଝିଅ ବୋଲି ଯେତେବେଳେ ଡାକନ୍ତୁ ବାସ ଏତିକ ହିଁ ଇଚ୍ଛା ହୁଏ କ ସେ ସବୁବେଳେ ସେମିତି ହିଁ ଡାକୁଥାନ୍ତୁ । ନଜ ପାଇଁ ଭବିଷ୍ୟତ ରେ ଯଦି ବି ନଜେ ଗୋଟେ ପରିଚୟ ବନେଇପରେ, ତଥାପି ଠାକୁରଙ୍କୁ ଏତିକ ହିଁ ପ୍ରାର୍ଥନା ଶେଷ ନଶ୍ୱାସ ଥିବାଯାଏ ତାଙ୍କରି ପରିଚୟରେ ପରିଚତ ହେବି । ମୋ ବାପା ।

ଗୁରିବାଟିଆ,
ଚଣ୍ଡିଖୋଲ, ଜିଲ୍ଲା-ଯାଜପୁର

ISSN NO.
2582-208X

# ବାଇଆ ବସା



ଜୟନ୍ତ କୁମାର ମଲ୍ଲିକ୍

ଆଉ ଦେଖୁନାହିଁ ବାୟାର ବସା
ପଡ଼ିଲାକି ଭାବେ କରୋନା ଦଶା ।
କି ସୁନ୍ଦର ଅଟେ ବସା ତାହାର
ତାଆ ପିଲା ପାଇଁ ନିଏ ଆହାର ।
ଝଡ଼ ବରଷାକୁ ନଯାଇ ଡରି
ତିଆରି କରୁଛି ବସା ତାହାରି ।
ପବନ ବାଜିଲେ ବସାରେ ତା'ର
ଦୋଳି ପରି ଝୁଲେ ସେ ବାରମ୍ବାର ।
ମୁଣି ପରି ଲାଗେ ତାହାରି ବସା
ଲାଗଇ ସତେକି ମୁଣ୍ଡର ଖୋଷା ।
ବେଶି ଦେଖାଯାଏ ତାଳ ଗଛରେ
ପିଲାମାନେ ରଖ ତୁମ ମନରେ ।
ଦେଖିବାକୁ ସିନା ପକ୍ଷୀଟି ଛୋଟ
ବସାକୁ ଗୁଡେଇ କରେ ସେ ମୋଟ ।
ଦେଖା ଯାଉନାହିଁ ଆଉ ସେ ପକ୍ଷୀ
ସେଥିପାଇଁ ଦେଲି କବିତା ଲେଖି ।

ଶୁରଡିହ, ନନ୍ଦିପୁର, ଯାଜପୁର
ଆଳାପ:~୯୪୩୭୮୬୫୭୨୭

ISSN NO.
2582-208X

# ବିସ୍ମୟ ତୁମେ ଗାନ୍ଧୀ



ଜନ୍ମଜୟ ନାୟକ

ଅହିଂସା ମନ୍ତ୍ରରେ ତୁମେ ତ ଅଭିମନ୍ତ୍ରିତ,
ମିଛକୁ ଘୃଣା କରି କହୁଥିଲ ହେ ସତ ।
ବର୍ଣ୍ଣବୈଷମ୍ୟତା ତୁମେ କରିଥିଲ ଦୂର,
ଭେଦଭାବ ଦୂର କଲ ଛୁଆଁଅଛୁଆଁର ।୧।

ତୁମ ନୀତି ଆଦର୍ଶ ଜାତୀୟତାର ଗାଥା,
ହେ ଶାନ୍ତିକପୋତ ଦେଶେ ଆଣିଲ ଏକତା ।
ଇଂରେଜଙ୍କୁ ତଡି ସଭିଙ୍କୁ ବିସ୍ମୟ କରି,
ସ୍ୱାଧୀନତା ସ୍ୱାଦ ଚଖାଇ ସତ୍ୟ ପୂଜାରୀ ।୨।

ଜାତିର ପିତା ସାଜି ହେ ପ୍ରିୟ ଗାନ୍ଧିଜୀ,
ସ୍ୱଦେଶୀ ଆନ୍ଦୋଳନର ବୁଣିଥିଲ ମଞ୍ଜି ।
କୁଟି ଖାଇ କାଟି ପିନ୍ଧିବା ଦେଲ ଆହ୍ୱାନ,
ହେ ସତ୍ୟବାଦୀ ପ୍ରବାଦପୁରୁଷ ମହାନ ।୩।

ISSN NO.
2582-208X

କହିବା ଆଗରୁ କରିବାକୁ ଭଲପାଅ,
ତିନିମାଙ୍କଡ ଦ୍ୱାରା କେତେ କଥା ଶିଖାଅ ।
କହିବା ଆଗରୁ କରିବା ତୁମେ ଶିଖାଇଲ,
ରାମରାଜ୍ୟ ସ୍ୱପ୍ନ ଅଧା ରଖି ଚାଲିଗଲ ।୪।

ସାବରମତୀ ଆଶ୍ରମେ ହେ ସନ୍ଥ ସୁନ୍ଦର,
ସତ୍ୟ ଶାନ୍ତି ଅହିଂସା ବାଣୀ କଲ ପ୍ରଚାର ।
ଭାରତମାଆ ଆଜି ଡାକଇ ହାତ ଠାରି,
ହେ ପ୍ରିୟ ବାପୁଜୀ ତୁମେ ଆସ ଥରେ ଫେରି ।୫।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ଅହଙ୍କାର



କୁଞ୍ଜ ବିହାରୀ ସାହୁ

ଅହଙ୍କାରରେ ଜଡି ଜଡି ନିଜକୁ ସାମ୍ରାଜ୍ଞୀ ବୋଲାଉଥିଲା ଶିବାନୀ । ସ୍ୱାମୀର ଅକାଳ ମୃତ୍ୟୁରେ ବି ଆଖିରୁ ଧାରେ ଲୁହ ଖସେଇ ପୁଣି ଥରେ ଅହମିକାରେ ଜଡସଡ ହେଉଥିଲା । ବିଧବା ହେବା ଯେ କେତେ ଦୁର୍ବିସହ ସେ ଜାଣିବାକୁ ଇଛାକଲାନି ।

ସ୍ୱାମୀ ଉଚ୍ଚପଦସ୍ଥ ଅଧିକାରୀ ଥିଲେ । ଜୀବନକାଳ ମଧ୍ୟରେ ଅନେକ ମାଲିମକଦ୍ଦମା ଲଢି ପ୍ରମୋଶନର ଶିଢ଼ି ଚଢିପାରିଥିଲେ । ଉପରକୁ ଜଣାପଡୁଥିଲା ମାଛିକୁ ମ କହୁ ନଥିବା ଭଦ୍ର ମଣିଷଟେ । ସାମାଜିକ ପ୍ରାଣୀ ରୂପେ ସମାଜରେ ପ୍ରତିଷ୍ଠା କରିବାକୁ ଯାଇ ଆବଶ୍ୟକ ସ୍ଥଳେ କଣ୍ଟାବାଡରେ ଲୁଗା ପକେଇ କଳକରିବାକୁ ଆଗଭର ହେଉଥିଲେ । ସରକାରୀ କ୍ୱାଟର୍ସ / ସରକାରୀ ଗାଡିର ସଦୁପଯୋଗ କରୁଥିଲେ ନିଜ ଫେମିଲି ସହ । ବନ୍ଧୁବାନ୍ଧବ ହୁଅନ୍ତୁ ଅବା ମେଳା ପ୍ରଦର୍ଶନୀରେ ନିଜ ଫାମିଲିକୁ ଧରି ବୁଲିଯିବାର ନଜିର ରହିଛି । ଏପରିକି ଖାଦ୍ୟପେୟରେ ବି ସରକାରୀ ଅର୍ଥକୁ ବିନିଯୋଗ କରୁଥିଲେ । ଦାମିକା ଲୋକଙ୍କ ସାହଯ୍ୟ ସହଯୋଗରେ ପିଲାଙ୍କ ପାଠପଢା ଖର୍ଚ୍ଚ ତୁଲାଉଥିଲେ । ପତ୍ନୀଙ୍କ ଅନାଦାର ଭାବକୁ ସହିଯାଉଥିଲେ ଗୋଟାପଣେ । ଧନୀଘର ଝିଅର ପାଣିଗ୍ରହଣ କରିଛନ୍ତି । କାହାକୁ ପଦୁଟିଏ ନ କହିବାର ଯୁ ନଥିଲା । କେବଳ ଭାବି ଭାବି ଦେହ ମନ ଭିତରେ ପୁଞ୍ଜି କରିଥିଲେ, ଦୁଃଖରେ ସନ୍ତୁଳ ହେଉଥିଲେ ଗୋଟାପଣେ । ବାଧ୍ୟବାଧକତାରେ କୋଳେଇ ନେଉଥିଲେ ସବୁ ଆବିଳତାକୁ । ନିଜର ଗରିବୀ ପଣିଆକୁ ।

ଅନେକ ବାଦବିବାଦକୁ ସାମ୍ନା କରି ମାନସିକ ଭାରସାମ୍ୟ ହରାଇ ବସିଥିଲେ । ଭିଜିଲାନସ୍ କବଳରୁ ମୁକୁଳୁବା ପାଇଁ ଅର୍ଥକୁ ବନ୍ଧୁବାନ୍ଧବଙ୍କୁ ସାମୟିକ ହସ୍ତାନ୍ତର କରିଥିଲେ । ସେ ଥିଲେ ଅତି ଚତୁର । ପତ୍ନୀଙ୍କ କୁପରାମର୍ଶକୁ ବାଧ୍ୟବାଧକତାରେ ଗ୍ରହଣ କରୁଥିଲେ ।

ISSN NO.
2582-208X

କାହାକୁ ସହଯୋଗର ହାତ ପ୍ରସାରିଲା ବେଳକୁ ପତ୍ନୀ ଶିବାନୀର ଘାଇଲା ବାଘୁଣୀର ଆଁରେ ପଶିଯାଉଥିଲେ । ଏମିତି ଅହଙ୍କାରୀ ପତ୍ନୀକୁ ସମ୍ଭାଳିବା ଦୁରୁହ ହୋଇଯାଉଥିଲା ତାଙ୍କ ପାଇଁ। କେତେ ଦିନ ଦେହ ଭିତରର ରୋଗକୁ ଲୁଚେଇରଖିଥାନ୍ତେ ।

ଦୈବ ବିଧାତା ସହିଲାନ । ଦେହସାରା ଜୀବାଣୁମାନେ ଚରିଯାଇଥିଲେ ମନଖୁସିରେ । ସତେ ଅବା ଦେହଟା ସେମାନଙ୍କର ସୌଖୀନ ଘରଟିଏ । ସବୁ କଛି ଖାଇଦେଲେ । ଏବଂ ଶେଷରେ ମଣିଷଟାକୁ ଖାଇଦେଲେ । ବିଚରା ବାହାରକୁ ଦିଶୁଥିବା ମଜବୁତ ଲୋକଟି ଚୁପଚାପ ଶୋଇଗଲା ନରବ ନଦରେ । ବୋଧହୁଏ ମନଭିତରେ ସାଇତି ରଖିଥିବା ଦୁଃଖ ଗରଳକୁ ସମ୍ଭାଳ ପାରିଲେନ । ପତ୍ନୀ ଶିବାନୀର ମାନସିକ ଯନ୍ତ୍ରଣାରେ ଘାରିହେଉଥିଲେ ଜୀବନ ତମାମ । ସାରା ରାତି / ସାରା ଦିନ କାହାକୁ କଛି ନ କହିବାର ଦୋ' ଛକ ରାସ୍ତାରେ ଠିଆ ହେବାକୁ ବାଧ ହେଉଥିଲା । ଶିବାନୀକୁ ବହୁତ ବୁଝେଇଲା ପରେ ବି ଫଳ ହେଲା ଓଲଟା । ରୁକରି ସରିସରି ଆସୁଥିଲାବେଳେ ଦୀପଶିଖା ଜୋର୍ ଜଳ ଲିଭିଗଲା ପରି ଲିଭିଗଲା ଜୀବନର ଦୀପ ସବୁଦିନ ପାଇଁ । ସ୍ୱର୍ଗଦ୍ୱାର ହିଁ ଶେଷ ଠିକଣା ଥିଲା ।

ଶିବାନୀ ଏବେ ଏକଚାଟିଆ ଶାସନକର୍ତ୍ତ୍ରୀ । ସାମ୍ନାରେ ଦିଶୁଥିବା ଅନ୍ତରଙ୍ଗ ମଣିଷଗୁଡାକ ଗନ୍ଧେଇଲା ବର୍ଜ୍ୟବସ୍ତୁପରି । ସତେ ଅବା ମ୍ୟୁନସିପାଲିଟିର ଡଷ୍ଟବିନ୍ । ଘର, ବ୍ୟାଙ୍କ ବାଲାନସ୍ , ଗାଡି ....ସବୁ ଯେମିତି ହାତମୁଠାରେ । ଚମତ୍କାର ଭାଷା ଶୈଳୀରେ ଗାଳଗୁଲଜ କରିବା ଏକରକମ ଅଭ୍ୟାସରେ ପଡିଯାଇଥିଲା । ଜୀବଦ୍ଦଶାରେ ସ୍ୱାମୀଙ୍କୁ ଉଠବସ କରୁଥିବା ଶିବାନୀ ଈର୍ଷାରେ ଜଳ ଜଳ ଆତ୍ମୀୟସ୍ୱଜନ ତଥା ବନ୍ଧୁମାନଙ୍କୁ ହତାଦର କରୁଥିଲା । ଅନ୍ୟକୁ ଉପଦେଶ ବାହାନାରେ ନଜର ଆଦର୍ଶ ପଣିଆକୁ ହରାଇଦେଉଥିଲା । ନଜ ବୋହୂକୁ ମାନସିକ ଯନ୍ତ୍ରଣା ଦେବା ଦେହସୁହା ହେଇଯାଇଥିଲା । ପୁଅକୁ କଥାକୁହା କଣ୍ଢେଇ ପରି ରଖିଥିଲା । ବିବାହିତ ଝିଅକୁ କୋଳରେ ପୂରାଇ ଜ୍ୱାଇଁକୁ ହତାଦର କରିବାକୁ ପଛଉ ନଥିଲା ।

ଦେହର ମାଂସଳ ଚନ୍ଦ୍ରକୁ ଲୋଭନୀୟ କରି ନଜ ଇଛାକୁ ଚରିତାର୍ଥ କରିବାରେ ସକ୍ଷମ ହେଇପାରୁଥିଲା ଶିବାନୀ । ସ୍ୱାମୀ ହରା ହେଲେ ବି ବିଧବାର ସଂଜ୍ଞାକୁ ଉପଲବ୍ଧି କରିବାକୁ ସୁଯୋଗ ଦେଉନଥିଲା ନଜକୁ । ଅନୁଭବ କରୁଥିଲା ତା ଦେହର ଯୌବନ ଉଉଳତ । ଜୁଆରିଆ ସମୁଦ୍ରତଟେ । ନଜର ବୋହୂ ସାମ୍ନାରେ ବି ସଂକ୍ଷିପ୍ତ ଆଭରଣରେ ସଜେଇ

ISSN NO. 2582-208X


ହେଉଥିଲା । ଅନେକ ନିମନ୍ତ୍ରିତ ଅତିଥିଙ୍କୁ ନିଜର ଶୀଳ କଥାରେ ବଶୀଭୂତ କରିନେଉଥିଲା ସ୍ୱାର୍ଥ ହାସଲ ପାଇଁ । ତୂଳିତଳ୍ପ ଶଯ୍ୟାରେ କଡ ଲେଉଟାଇ ରୋମାଞ୍ଚକର ବହି ପଢୁଥିଲା ତ ପଡୋଶୀ କଲେଜପଢୁଆ ପୁଅମାନଙ୍କ ସହ ବାକ୍ୟାଳାପରେ ଅଧିକାଂଶ ସମୟ ବିତାଉଥିଲା। ଦୁଃଖରେ ମ୍ରିୟମାଣା ହେଇନି ବରଂ ଛାତି ତଳର ଅକୁହା ବେଦନାକୁ ଯୁବକମାନଙ୍କୁ ସମର୍ପି ଦେଇଛି ।

ସତରେ ରୋମାଣ୍ଟିସିଜିମ୍ ଯେ ଏତେ ମଜାଦାର ପାଠ, ଶିବାନୀ ଆଜି ହିଁ ବୁଝିପାରିଲା । ଚେଗିଣା ସ୍ୱାମୀକୁ ହାତେଇଥିଲା କେବଳ ଗହଣା ପାଇଁ । ଅଫିସ ଗାଡିରେ ସପିଙ୍ଗ ପାଇଁ । ସ୍ୱାମୀ ଯେ ଯୌନପିପାସୁ ନୁହଁ ଏକଥା ତାକୁ ଭଲ ଭାବରେ ମାଲୁମ ଥିଲା । ଦେହର ଆଉଟା ଭୋକକୁ ସାଇତା ରଖିବା ଯେ କେତେ ଯନ୍ତ୍ରଣାଦାୟକ ମନେ ମନେ ବୁଝିପାରୁଥିଲା । ସେଇଥିପାଇଁ ସପିଙ୍ଗ କଲାବେଳେ ଅସଜ୍ଜିତ ପୋଷାକରେ ନିଜକୁ ସଜାଇବାକୁ ମନ କରୁଥିଲା । ଦେହର ଗୋପନୀୟ ସ୍ଥାନକୁ ଚତୁରତାର ସହ ପରିପ୍ରକାଶ କରୁଥିଲା ।

କ'ଣ ହେଲା ଦିନେ ଉଦୁଉଦିଆ ଖରାବେଳେ ଶିବାନୀର ଦେହସାରା ଖଇଫୁଟା ତାତି ବିଞ୍ଚିହେଇଗଲା । ମୁଣ୍ଡ ବୁଲେଇଲା । ବାନ୍ତି ଲାଗିଲା । ଛାତି ପଞ୍ଜରାକୁ କିଏ ଯେମିତି କାମୁଡି ଦେଉଛି । ବଞ୍ଚିବାର ରାହା ଟିକକ ସରି ସରି ଆସୁଥିଲାପରି ଜଣାପଡୁଥିଲା । ବଡପଣିଆକୁ ଜାବୁଡ଼ି ଧରି କାହାକୁ ସାହାଯ୍ୟ ଭିକ୍ଷା ମାଗିଲାନି । ସାଇପଡୋଶୀଙ୍କୁ ବି ଖବର ଦେଲାନି । ହେଲେ ବିଧାତା କିନ୍ତୁ ସହିପାରିଲାନି । ଠାକୁର ସବୁବେଳେ ମଣିଷର ମଙ୍ଗଳ କାମନା କରନ୍ତି । ଶିବାନୀ ଘରକୁ ସବୁଦିନ କ୍ଷୀର ଦେଉଥିବା ଗଉଡ଼ ଜାଣିପାରିଲା। ସେ ଜାଣେ ମା ଶିବାନୀ ଗର୍ବୀ, ଅହଙ୍କାରୀ । ଧରାକୁ ସରା ମଣି ଗଉଡକୁ ଅନେକ ଥର ହତାଦର କରିଛନ୍ତି । ହେଲେ ପରୋପକାରୀ ଗଉଡଟି ସବୁ ଜାଣି ମଧ୍ୟ ମା ଶିବାନୀକୁ ନେଇଗଲା ଆମ୍ବୁଲାନ୍ସରେ ନିକଟସ୍ଥ ଡାକ୍ତରଖାନା । ଡାକ୍ତରବାବୁ ଚିକିତ୍ସା କଲେ । ଜାଣିପାରିଲେ, ଯେ ଏକ ଭୟଙ୍କର ରୋଗ। ପ୍ରାଣବାୟୁ ଗୁଲିଯିବାର ଆଶଙ୍କା ଅଛି । ଆଖିପିଛୁଳାକେ ଡାକ୍ତରୀଟିମ୍ ଲାଗିଗଲେ ନିଜ କାମରେ । ଦିନ ରାତିକୁ ଏକ କରି ସମସ୍ତ ପ୍ରକାର ଚିକିତ୍ସା କଲେ । ଶିବାନୀ ଆଖି ଖୋଲିଲା । ପ୍ରକୃତିସ୍ଥ ହେଲା । ନିକଟରେ ଗଉଡକୁ ଦେଖି ରକ୍ତ ଚାଉଳ ଚୋବାଇବାକୁ ଉଦ୍ୟତ ହୁଅନ୍ତେ ଡାକ୍ତରବାବୁ ଆଶ୍ୱାସନା ଦେଇ କହିଲେ –" ମାଡାମ, ଏହି ଗଉଡ ହିଁ ଆପଣଙ୍କର ଜୀବନକୁ ଫେରେଇଆଣିଛି । ତାହାର ଉପସ୍ଥିତ ବୁଦ୍ଧି ଓ ମଣିଷପଣିଆ ଯୋଗୁଁ ଆପଣ ଏକ ନିଶ୍ଚିତ ବିପଦରୁ ମୁକ୍ତ ପାଇଗଲେ ।

ISSN NO.
2582-208X


ଜୀବନଟା ସୂତାଖିଅରେ ଝୁଲୁଥିଲା । ଏମିତି ଉପକାରୀ ଲୋକଙ୍କୁ କାହିଁକି ଅନାଦର କରୁଛନ୍ତି । ଏବେ ବି ଆପଣଙ୍କର ଅହଙ୍କାର ବସା ବାନ୍ଧିଛି । ଗୋରା ଚମ ଭିତରେ କଳା ଦାଗ ଲୁଚିରହିଛି ଆପଣଙ୍କର । ବିଧବା ହେଲାପରେ ବି ଟିକେ ବି ଦୁଃଖ ନାହିଁ । ଉପକାରୀ ବନ୍ଧୁ ଯେ କ୍ଷୀର ବ୍ୟବସାୟ କରୁଛି ବୋଲି ଏତେ ଘୃଣା କାହିଁକି ? ଏତେ ବର୍ଷ ସଂସାର କଲାପରେ ନିଜକୁ ଚିହ୍ନି ପାରିଲେନି । ଜାତିଭେଦକୁ ଜାବୁଡି ଧରିଛନ୍ତି । ଏ ଡାକ୍ତରଖାନାରେ ସଭିଏ ସମାନ । ବଞ୍ଚିଲେ ଭଲ, ନୋହିଲେ ଛଅ ଖଣ୍ଡି କାଠ ଶେଯରେ ହିଁ ମଶାଣିକୁ ଯାଆନ୍ତି । ତେଣୁ ଭାବି ନିଅନ୍ତୁ ଗଉଡ ଯାହା କରିଛି ଠିକ୍ କରିଛି ନା ଭୁଲ୍ କରିଛି । ସେ କ'ଣ ସମାଜର ମଣିଷ ନୁହେଁ କି । ଆପଣ ମଣିଷ ମଣିଷ ଭିତରେ ଏତେ ଫରକ ଦେଖୁଛନ୍ତି କାହିଁକି ? ବିପଦ ବେଳର ବନ୍ଧୁ ହିଁ ପ୍ରକୃତ ବନ୍ଧୁ ।"

ଶିନାନୀର ପୁଅ ଝିଅ ବୋହୂ ହତବିମ୍ବ ହେଇଗଲେ । ନିଜ ମା' ଯେ ଏବେ ବି ଗର୍ବ ଅହଂକାରରେ ଫୁଲିଉଠୁଛି, ସେମାନେ ଅନୁଭବ କରୁଥିଲେ । ମାଆକୁ ବୁଝେଇଲେ – 'ମା, ଏ ଗଉଡ ହିଁ ତୋତେ ଡାକ୍ତରଖାନା ପହଞ୍ଚେଇବାରେ ଲାଗିପଡିଥିଲା । ଡାକ୍ତରଖାନାରେ ତୋତେ ଜଗିରହୁଥିଲା । ତୋ ଭଲପାଇଁ ଡାକ୍ତରଙ୍କୁ ପରାମର୍ଶ କରୁଥିଲା । ତୁ କାହିଁକି ଗଉଡକୁ ଅଝଥାରେ ନିନ୍ଦା କରୁଛୁ । ଖରାପ ଦୃଷ୍ଟିରେ ଦେଖୁଛୁ ? ବଦଳ ଯା..."

ଡାକ୍ତରବାବାବୁଙ୍କ ଏ ମହନୀୟ କଥା ଓ ନିଜ ପିଲାଙ୍କର କଅଁଳ କଥା ଶିବାନୀର ହୃଦୟରେ ଆନ୍ଦୋଳିତ ହେଲା । ଗଉଡକୁ କୃତଜ୍ଞତା ଜଣାଇଲା ଶିବାନୀ । ଅହମିକା ଯେ ଗୋଟେ ପାରାସାଇଟ୍, ବୁଝିଗଲା ଶିବାନୀ । ପାଖରେ ଝିଅ ବୋହୂଙ୍କୁ ଦେଖି ଲୁହ ଗଡେଇଲା । ଛୋଟ ପିଲାଙ୍କ ପରି କାନ୍ଦିଲା । ଡାକ୍ତରବାବୁ ଆଶ୍ୱାସନା ପୂର୍ବକ ବୁଝେଇଦେଲେ –' ମାଡାମ ଏବେ ଡିସଚାର୍ଯ ସାର୍ଟଫିକେଟ୍ ନେଇ ଘରକୁ ଯାଆନ୍ତୁ । ନିଜ ଦେହକୁ ଯତ୍ନ ନିଅନ୍ତୁ ଆଉ ମନକୁ ବି । ସମସ୍ତଙ୍କ ସହ ମିଳିମିଶି ଦିନ ବିତାଇଦିଅନ୍ତୁ । ଦେଖିବେ ଆପଣ ସୁସ୍ଥ ହେଇଯିବେ ।'

ଶିବାନୀ ଘରକୁ ଫେରିଆସିଲା ଏକ ନୂଆ ଜୀବନ ନେଇ । ତା ଚାରିପାଖରେ ଭେଟୁଥିଲା ସ୍ନେହ, ମମତା, ଆନ୍ତରିକତା । ମଣିଷକୁ ଅନାବିଳ ଭାବେ ଭଲପାଇବା । ନିଜର ସଂକ୍ଷିପ୍ତ ପୋଷାକ ଉତାରି ସଫେଦ ଶାଢି ପିନ୍ଧିଲା ବିଧବାର ସନ୍ତକ ଭାବେ । ନିଜକୁ ନିଜେ ଚିହ୍ନିଲା।

ISSN NO.
2582-208X


ମନରେ ଉଙ୍କି ମାରୁଥିବା ଅହଙ୍କାର ପଣିଆକୁ ଦୂରେଇ ପାରିବାରିକ ସମ୍ପର୍କକୁ ସାଉଁଟିନେଲା । ଗୋଟାପଣେ ଖୋଜୁଥିଲା ନାତି ନାତୁଣୀକୁ ।

ସ୍ୱାମୀଙ୍କ ଫଟୋକୁ ଦେଖି ଭେଁ ଭେଁ କାନ୍ଦିଲା ରାତି ଅଧରେ । କୋହରେ କହିପକେଇଲା – "ତୁମେ ଥିଲା ମୋ ପାଇଁ ଦେବତା । ମୁଁ ମୋ ଅହଙ୍କାର/ ବଡପଣିଆକୁ ଜାବୁଡି ଧରି ତୁମଠୁ ଅନାବଶ୍ୟକ ସ୍ୱାର୍ଥ ହାସଲ କରିଛି । ତୁମକୁ ଅନାଦର କରିଛି । ତୁମ ଭଲପାଇବାକୁ ବଳି ଦେଇ ତୁମର ଅନୁପସ୍ଥିତିରେ ମୋ ଦେହର ଭୋକ ମେଣ୍ଟେଇଛି । କେବଳ ଶାଢି... – ଗହଣା ପାଇଁ । ମିଛ ଅହମିକାକୁ ସାମ୍ନା କରି କରି । ତୁମେ ତ ପାଖରେ ନାହଁ । ମୋଉଠୁ ବହୁତ ଦୂରରେ । ଯେଉଁଠି ଆଖିର ଚାହାଁଣି ଯାଇପାରୁନାହିଁ । ଆଲମାରୀରେ ଖୁନ୍ଦି ହେଇଥିବା ଦାମିକା ଶାଢି/ ଗହଣା କଅଣ ହେବ । ମୋ ପାଇଁ ଏ ଧୋବଲା ସୂତା ଶାଢିଟା ହିଁ ଯଥେଷ୍ଟ । ତୁମେ ସ୍ୱର୍ଗରେ ଥାଇ ମୋତେ କ୍ଷମା କରିଦିଅ । ମୁଁ ତୁମର ପତ୍ନୀ ଶିବାନୀ । ଆଉ କାହାର ଶଯ୍ୟାଶାୟିନୀ ନୁହଁ ।"

ସବୁଠି ଚର୍ଚ୍ଚାହେଲା ଶିବାନୀ ଭଲ ମଣିଷଟିଏ ହେଇଯାଇଛି । ସ୍ୱାର୍ଥପର ଅପରିଚିତ ବ୍ୟକ୍ତିଙ୍କ ଭିଡ କମିଯାଇଛି । ବନ୍ଧୁବାନ୍ଧବ ଓ ପଡେଶୀଙ୍କ ଗହଳି ଜମୁଛି ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X



# କରୁଣା ବାରି



ପ୍ରଶାନ୍ତ କୁମାର ନାଥ

କରୁଣାର ବାରି ଝରୁଛି ନର୍ଝର
ବିଶ୍ୱବିସୀଙ୍କର ପାଇଁ
ସୁଶୀତଳ ବାରି କରୁଣା ପ୍ରକାଶି
ଦେଉଅଛ ମିଠା ହସ ।

ସଂୟ୍ଯ କୁଶବିଦ୍ଧ
କ୍ଷତାକ୍ତ ଶରୀର
ହୃଦୟରୁ ଶ୍ରଦ୍ଧା ସଭିଙ୍କୁ ପରସ
ଜୀବନକୁ ତୁଚ୍ଛ କରି ।

ସରଗର ଶଶି ତୁମେ ପର୍ ଜ୍ୟୋତି
ପାଲେଷ୍ଟାଇନର କର୍ତ୍ତି
ଭୁଲି କ ପାରିବ ତୁମକୁ ହେ ଯିଶୁ
 ମରତରେ କେହି ଆସି ।

ଅମୃତ ପରସ ଦେଲ ବିଶ୍ୱେ ଆସି
ତୁମ ପାଇଁ ହସେ ଏ ବିଶ୍ୱ ବାସୀ
ଥିଲ ତୁମେ ଯୋଗୀ ମହାମାନବ ହେ
ଯୋଗ ପୁରୁଷଟେ ହୋଇ ।

ISSN NO.
2582-208X

ଆସ ଅବତରି ପୁଣି ଏ ଧରାକୁ
ସ୍ଥୂଳ ଶରୀରକୁ ଧରି
ଦିବ୍ୟ ଚେତନାରେ ଚେତାଓ ସଭିଙ୍କୁ
ଦୁଃଖ ପ୍ରସମିତ କରି।

ତୁମ ଚରଣରେ କୋଟି ପ୍ରଣିପାତ
କରୁଅଛି କର ଯୋଡି।।

ଜୁଣଗଡି (ରାଜନଗର),
କେନ୍ଦ୍ରାପଡ଼ା

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ସ୍ୱପ୍ନ ଇଲାକା

ନିରଞ୍ଜନ ସାହୁ

ସ୍ୱପ୍ନ ଯେବେ ଆସେ ସାଜି ନବବଧୂ
ମନ ଆନନ୍ଦରେ ନାଚେ
ପରିପକ୍ୱ ହୋଇ ନ ଥିବା ଫଳଟି
ଆପେଆପେ ଏଠି ପାଚେ ।

ସ୍ୱପ୍ନ ରଚଯାଏ କେତେ ସମ୍ଭାବନା
ମନ ହୁଏ ଆନମନା
ଆଶାର କରଣ ଆଣେ ଉଦ୍ଦୀପନା
ବାଣ୍ଟେ ଖୁସି ଚୁନାଚୁନା
ଭରି ସ୍ୱଚ୍ଛ ଦିଶେ ପ୍ରତିବିମ୍ବ ଏଠି
ମଇଳା ଦର୍ପଣ କାଚେ ।

ସ୍ୱପ୍ନ ଭଙ୍ଗିଗଲେ ମନ ମରିଯାଏ
ବଞ୍ଚିବା ଲାଗଇ କଷ୍ଟ
ଜୀବନ ଲାଗଇ ଭରି ଅସହଣୀ
ଭବିଷ୍ୟତ ପୁରା ନଷ୍ଟ
ତଥାପି ମଣିଷ ନୂଆ ସ୍ୱପ୍ନ ଦେଖେ
ସ୍ୱପ୍ନ ପର ସୁଖ ଯାଚେ ।

ନହଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

ISSN NO.
2582-208X

# ବଉଳ ଫୁଲର ବାସ୍ନା



ସୀତାରାମ ଦାଶ

ପଡ଼ିଶା ଘରୁ ଧୂପ, ଦୀପ, ନୈବେଦ୍ୟର ମହ ମହ ବାସ୍ନା ସହ ବ୍ରାହ୍ମଣଙ୍କ କଣ୍ଠରୁ ଅସ୍ପଷ୍ଟ ଭାବରେ ଶୁଭୁଥିଲା...

ବନ୍ଦଇ ଦେବ ନାରାୟଣ, ଅନାଦି ପରମ କାରଣ।
ଜଗତ ହିତେ ଦେହଧାରୀ, ଧରାରେ ଧର୍ମ ରକ୍ଷାକାରୀ।
ସକଳ ବ୍ରତର କାରଣ, ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ।
କୃଷ୍ଣଙ୍କୁ ଯୁଧିଷ୍ଠିର ଦିନେ, ପଚାରି ଦେଲେ ସଖା ପଣେ।

ଆହୁରି ଅସ୍ତବ୍ୟସ୍ତ ଲାଗିଲା ସୌରଭକୁ। ସେ ବାହାର ଦୁନିଆର ସବୁ ଶବ୍ଦକୁ ବନ୍ଦ କରିଦେବା ପାଇଁ ଭିତର ପଟୁ କବାଟ ବନ୍ଦ କରି ବେଡ୍ ଉପରେ ଗଡ଼ପଡ଼ ହେଲା। ଖୁବ୍ ଅସ୍ପଷ୍ଟ ସ୍ୱରରେ ତାକୁ ଶୁଭିଲା, ଶୁଭ ଭାଇ...। ସେ ଚମକପଡି ଚାରିଆଡକୁ ଚାହିଁଲା। କେହି କୁଆଡେ ନଥିଲେ। ଅଜାଣତରେ ତା ପାଟିରୁ ବାହାରି ପଡ଼ିଲା, "ସୁରଭି...।" ତା' ଛାତି ଭିତରେ ଏକ ଅସହ୍ୟ ଯନ୍ତ୍ରଣା ସୃଷ୍ଟି ହୋଇ, ସାରା ଶରୀରକୁ ସଞ୍ଚରିଗଲା। ସେ ନିଃଶବ୍ଦରେ ବାରି କବାଟ ଖୋଲି, ଘର ପାଖ ବଉଳ ଗଛ ମୂଳର ସିମେଣ୍ଟ ବେଞ୍ଚରେ ବସିପଡ଼ିଲା। ଅଦିନିଆ ମେଘ ଆକାଶ ବକ୍ଷରେ ଢେଉ ଭାଙ୍ଗୁଥାଏ। ବିଗତ ଅତୀତର ସ୍ମୃତି ସବୁ ତାର ମନ ଆଇନାରେ ଝଲସି ଉଠୁଥିଲା...

ବଉଳ ଗଛର ଶ୍ୟାମଳ ପତ୍ର ଗହଳ ତଳେ ଭାଇ ଭଉଣୀଙ୍କର ପିଲାଦିନର ଅନେକ ସୁନ୍ଦର ମୁହୂର୍ତ୍ତ ସବୁ ବିତିଯାଇଛି। ସୁରଭି ଭାଇ ସୌରଭଠୁ ମାତ୍ର ଦୁଇ ବର୍ଷ ସାନ। ସକାଳୁ ସଞ୍ଜ ପର୍ଯ୍ୟନ୍ତ ଏହି ଗଛ ମୂଳେ କଟୁଥିଲା ସବୁ ସମୟ। ସୁରଭି ପିଲାବେଳେ ମିଛିମିଛିକା ଭାତ ଡାଲି ରାନ୍ଧି ଭାଇକୁ ଖାଇବାକୁ ଦେଉଥିଲା। ସୌରଭ କେତେବେଳେ ଭଲ ହୋଇଛି କହି

ISSN NO.
2582-208X

ଖାଉଥିଲା ତ କେତେବେଳେ ଲୁଣିଆ ଅଲଣା କହି ଉଠି ଯାଉଥିଲା। କଣ୍ଢେଇ ଖେଳଠୁ ଆରମ୍ଭ କରି ହୋମୱାର୍କ ପର୍ଯ୍ୟନ୍ତ ସବୁ କାମର ମୂକସାକ୍ଷୀ ଥିଲା, ଏହି ବଉଳ ଗଛ।

ଖୁବ୍ କମ୍ ବୟସରୁ ସାନ ଭଉଣୀର ସବୁ ଦାୟିତ୍ୱ ସୌରଭ ତୁଲାଉଥିଲା। ଯେତେବେଳେ ସୁରଭିର ଦେହ ଖରାପ ହେଉଥିଲା, ସୌରଭ ତାକୁ ଛାଡି କୁଆଡେ ଯାଉ ନଥିଲା। ସାନ ଭଉଣୀର ଗୋଡ଼ ଘଷି ଦେଉଥିଲା, ମୁଣ୍ଡ ଆଉଁସି ଦେଉଥିଲା। ପାଖରେ ବସି ବଉଳ ଗଛକୁ ନେଇ କେତେ କେତେ ଗପ କହୁଥିଲା। ଗଛ ବଡ଼ ହେଲେ ଫୁଲ ଫୁଟିବ। ଫଳ ଫଳିବ। ନାନା ପ୍ରକାର ଚଢେଇ ଆସି ବସା କରିବେ। ଗଛ କୋରଡରେ ଗୁଣ୍ଡୁଚମୂଷା ଛୁଆ କରିବ... ଏମିତି କେତେ କେତେ କଥା। ତା' ଭଉଣୀ ଟିକେ ଝୁଣ୍ଟି ପଡିଲେ ବୋଉ ଆସିବା ଆଗରୁ ସୌରଭ ଭରସାର ପାଚେରୀ ହୋଇ ଛିଡା ହେଉଥିଲା।

ବୟସ ବଢ଼ିବା ସହିତ ଉଭୟଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ସମୟ ସହିତ ତାଳ ଦେଇ ବଢି ଚାଲିଲା। ଭାଇର ଖାଇବା, ପିଇବାଠୁ ଆରମ୍ଭ କରି ଡ୍ରେସ୍ ସଫା କରିବା, ପଢ଼ା ଘର ସଜେଇ ରଖିବା, ବିଛଣା ପାରି ଦେବା ସବୁ କାମ ସୁରଭି କରୁଥିଲା।

ପଢ଼ା ସରିଲା ପରେ ସୌରଭ ନିଜର ବ୍ୟବସାୟ ଆରମ୍ଭ କଲା। ସୁରଭିର ବାହାଘର ଖୁବ୍ ଧୂମଧାମରେ କରାଗଲା। ଯାନଯୌତୁକ ଦେଖି ପାଖ ପଡ଼ିଶା ଈର୍ଷାରେ ଜଳିଥିଲେ। ବାହାଘର ପରେ ପ୍ରତି ମାସେ ଦୁଇ ମାସରେ ସୌରଭ ବ୍ୟାଗ୍ ଭର୍ତ୍ତି ଜିନିଷ ସହ ଭଉଣୀ ଘରେ ଆସି ପହଞ୍ଚେ। ସୁରଭିର ଶାଶୁ ଘର ଲୋକମାନେ ଅଭିଯୋଗ କରି କୁହନ୍ତି, ସବୁବେଳେ ଏତେ ସବୁ ଜିନିଷ ଏତେ ବାଟରୁ ବୋହିକି ଆଣି ଆସିବା କ'ଣ ଦରକାର। ସୌରଭ ହସି ଦେଇ କୁହେ, "ମୁଁ, ତ' ମୋ ଭଉଣୀକୁ ଦେଖିବାକୁ ଆସୁଛି। ଏ ଜିନିଷ ସବୁ ତ ଗୋଟେ ବାହାନା। ଏମିତିରେ ଦେଖିବାକୁ ଗଲେ, ବାପାଙ୍କ ସବୁ ସମ୍ପତ୍ତିରେ ତା'ର ବି ଅଧା ଭାଗ। ମୁଁ ତାକୁ କ'ଣ ଦେଉଛି ଯେ? ଏ ଟଙ୍କା କେଇଟା ଭଉଣୀ ପାଇଁ ଖର୍ଚ୍ଚ କରିଦେଲେ, ମୁଁ କଣ ଗରିବ ହୋଇଯିବି।" ଏ କଥା ଶୁଣି, ସୁରଭି ଆର ପଟ ଘରେ ଥାଇ ଆଖିର ଲୁହକୁ ପଣତକାନରେ ପୋଛେ। ହାତ ଯୋଡି କୁହେ, "ହେ କାଳିଆ ଠାକୁରେ, ମୋ ଭାଇକୁ ସବୁବେଳେ ଭଲରେ ରଖିଥାଅ।"

ISSN NO.
2582-208X

ସେଦିନ, ସୁରଭି ଭାଇ ମନ ପସନ୍ଦର କେତେ କଣ ରାନ୍ଧେ। ପାଖରେ ବସି ବିହ୍ୱଳ ହୋଇ କେତେ କଣ ଗପେ। ମଝିରେ ମଝିରେ ଭାଇକୁ ମନେପକାଇ ଦେଉଥାଏ, ଏଇଟା ଖାଅ, ସେଇଟା ଖାଅ। ଭାଇ, ଆଣିଥିବା ଜିନଷପତ୍ର ସବୁକୁ ସୁରଭି ପାଖ ପଡ଼ିଶା, ବନ୍ଧୁ ବାନ୍ଧବଙ୍କୁ ବାରମ୍ବାର କହିହୁଏ। ସୂତା ଲୁଗାଟିଏ ହେଲେବି ସେ ତାକୁ ଅତି ଯତ୍ନର ସହ ବ୍ୟବହାର କରେ ଏବଂ ସାଇତି ରଖେ। ସୌରଭ ଦେଇଥିବା ପ୍ରତିଟି ଛୋଟ ବଡ଼ ଜିନଷରେ ସେ ଦେଖେ, ଭାଇର ସ୍ନେହ, ମମତା ଓ ଭଲ ପାଇବାର ମଧୁର ସ୍ପର୍ଶ।

ପ୍ରତି ବର୍ଷ ସାବିତ୍ରୀକୁ ଦୁଇ ମାସ ଆଗରୁ ସୁରଭି ଭାଇର ଆସିବା ବାଟକୁ ଚାହିଁ ରହିଥାଏ। କ୍ୟାଲେଣ୍ଡର ଦେଖି ଦିନ ଗଣି ଚାଲୁଥାଏ। ସୌରଭ ମଜା କରିବା ପାଇଁ କୁହେ, "ଏବର୍ଷ ବହୁତ କାମ, ଯିବା ପାଇଁ ସମୟ ନାହିଁ। ମୁଁ ଟଙ୍କା ପଠାଇ ଦେବି, ଯାହା ଦରକାର କଣି ଦେବୁ। କନ୍ତୁ ସୁରଭି ଅଭିମାନରେ କୁହେ, "ଆମର କ'ଣ ଟଙ୍କା ନାହିଁ। ତୋର ଯଦି ସମୟ ନାହିଁ, ତୁ ସୂତା ଖଣ୍ଡେ ଆଣି ମୋ ହାତରେ ବାନ୍ଧି ଦେଇ ଯିବୁ। ତତେ ଆସିବାକୁ ପଡିବ। ସାବିତ୍ରୀ ପୂର୍ବଦିନ ଦୁଇଟା ଓଜନିଆ ବ୍ୟାଗରେ ସବୁ ପ୍ରକାର ଫଳ ମୂଳ ସହ ପୂଜା ସାମଗ୍ରୀ ଧରି ସୌରଭ ଭଉଣୀ ଘରେ ପହଞ୍ଚେ। ଭିଣେଇଙ୍କ ପାଇଁ ବି ହଳେ ଦାମୀ ଡ୍ରେସ ନେଇଥାଏ। ଭାଇକୁ ଦେଖି ସୁରଭି ପିଲାଙ୍କ ଭଳି କୁଣ୍ଢାଇ ଧରେ। ତା'ର ଅମାନିଆ ଲୁହ ସବୁ ଝରି ଯାଏ ଝର ଝର ଝରଣା ଭଳି। ସୌରଭ ଭଉଣୀର ମୁଣ୍ଡକୁ ଆଉଁସି ଦେଇ କୁହେ, "ପାଗେଳିଙ୍କ ଭଳି କାହିଁ କାନ୍ଦୁଛୁ। ମୁଁ ତ ପ୍ରତି ମାସରେ ତୋ ଘରକୁ ଆସୁଛି"। ସେଦିନ ସୁରଭିର ପାଦ ଖୁସିରେ ତଳେ ଲାଗେ ନାହିଁ।

ସ୍ୱାମୀଙ୍କର ଅନାବିଳ ସ୍ନେହ, ମା' ବାପାଙ୍କ ଭଳ ଶାଶୁ ଶଶୁର କାଳଆ ଠାକୁର ଭଳ ଭାଇଙ୍କୁ ପାଇ ସୁରଭି ନଜକୁ ଧନ୍ୟ ମନେ କରୁଥିଲା। ସବୁ ଖୁସିକୁ ଦ୍ୱିଗୁଣିତ କରି ସୁରଭି କୋଳକୁ ସୁନ୍ଦର ଶିଶୁ ପୁତ୍ରଟିଏ ଆସିଲା। ସୌରଭ ଖୁବ ଧୁମଧାମରେ ପୁଅ ପାଇଁ ସତ୍ୟନାରାୟଣ ପାଲା ସହ ଭୋଜିଭାତର ଆୟୋଜନ କରିଥିଲା।

ସୁଖ ପରେ ଦୁଃଖ ଆସେ, ଦୁଃଖ ପରେ ସୁଖ। କନ୍ତୁ କଛି ମଣିଷଙ୍କ କପାଳରେ କେବଳ ଦୁଃଖ, କଷ୍ଟ, ଯନ୍ତ୍ରଣା ସବୁଦିନ ଧାର୍ଯ୍ୟ ହୋଇଥାଏ। ପୁଅ ଜନ୍ମ ହେବାର କଛି ବର୍ଷ ପରେ ସୁରଭିର ଅସୁସ୍ଥତା ଲାଗି ରହିଲା। ଭୋକ ହେଉ ନଥିଲା, ପେଟରେ ବେଳେବେଳେ ମୃଦୁ ଯନ୍ତ୍ରଣା ଅନୁଭୂତ ହେଉଥିଲା। ସାମାନ୍ୟ ଚକସ୍ତାରେ ଭଲ ହୋଇ ପୁଣି ଆରମ୍ଭ ହେଉଥିଲା।

ISSN NO.
2582-208X

ସୁରଭି ଏକଥାକୁ ବିଶେଷ ଗୁରୁତ୍ୱ ଦେଉ ନଥିଲା । କିନ୍ତୁ ଦେହ ଅଧିକ ଖରାପ ହୋଇ ବାନ୍ତି ଲାଗି ରହିବାରୁ ସହରର ସବୁଠୁ ଭଲ ହସ୍ପିଟାଲରେ ତାର ଚକିତ୍ସା ଆରମ୍ଭ କରାଗଲା । ସମସ୍ତ ରିପୋର୍ଟ ଆସିଲା ପରେ ଜଣା ପଡ଼ିଲା, ସୁରଭିକୁ କ୍ୟାନ୍ସର । ତାହା ପୁଣି ଲାଷ୍ଟ ଷ୍ଟେଜରେ । ଏହା ଶୁଣି ସମସ୍ତଙ୍କ ମୁଣ୍ଡରେ ବଜ୍ରପାତ ହେଲା । ତାକୁ ସବୁ ପ୍ରକାର ଚକିତ୍ସା ସୁବିଧା ଯୋଗାଇ ଦିଆଗଲା ପରେ ବି କିଛି ସୁଫଳ ମିଳୁ ନଥିଲା ।

ସୁରଭି ଜାଣି ସାରିଥିଲା, ସେ ଏବେ ଦୁନିଆରେ ଦୁଇ ଦିନର ଅତିଥି । ଆଜିକାଲି ଭାଇକୁ କ୍ଷଣଟିଏ ନଦେଖିଲେ, ସେ ପାଗଳ ପାୟ ହୁଏ । ଏମିତିକି ନିଦରେ ସେ ବାଉଳି ହୋଇ କୁହେ, "ମୁଁ ଆଉ ବଞ୍ଚିବିନି, ମତେ ମୋ ଭାଇ ପାଖକୁ ନେଇ ଚାଲ ।" ଭଉଣୀର ଏଭଳି ଅବସ୍ଥା ଦେଖି ଶେଷରେ ସୌରଭ, ସୁରଭିକୁ ନିଜ ଘରକୁ ନେଇ ଆସିଲା ।

ଖରାଦିନ ଆରମ୍ଭରୁ ବଉଳ ଗଛଟା ଫୁଲରେ ଭର୍ତ୍ତି ହୋଇଯାଏ । ବଉଳ ଫୁଲର ବାସ୍ନାରେ ମହକୁଥାଏ ଚାରିଆଡ଼ । ବାରି, ଘର, ଅଗଣା ସବୁ । କିନ୍ତୁ ଆଜି ଏ ବଉଳ ଫୁଲର ମତୁଆଲା ବାସ୍ନା କାହାରିକୁ ଖୁସି କରି ପାରୁ ନଥିଲା । ମନ ତଳର ସବୁ ଶଙ୍କା ଆଶଙ୍କାକୁ ଛାତି ତଳେ ଚାପି ରଖି, ସମସ୍ତେ ସୁରଭିକୁ ଖୁସି ରଖିବା ପାଇଁ ବୃଥା ଚେଷ୍ଟା କରୁଥିଲେ ।

ସନ୍ଧ୍ୟା ବେଳେ ସୁରଭି ଭାଇର ହାତ ଧରି, ସୁନାପିଲା ଭଳି ଚୁପଚାପ ବସୁଥିଲା ବଉଳ ଗଛ ମୂଳରେ । ଦୂର ଦିଗବଳୟରେ ଚକ୍ଷୁ ସ୍ଥିର ରଖି ଉଦାସ ମନରେ ସେ ଭାଇ ଉଦ୍ଦେଶ୍ୟରେ କହୁଥିଲା, "ଶୁଭ ଭାଇ, ତୁ ମତେ କେବେ ଭୁଲି ଯିବୁନି । ମୁଁ ମଲା ପରେ ଏ ବଉଳ ଗଛରେ ରହି ତୋ'ର ସବୁ ହସ ଖୁସି ଦେଖୁଥିବି ।" ସୌରଭର ଆଖି ଲୁହରେ ଭର୍ତ୍ତି ହୋଇଯାଏ । ସେ ଛୋଟ ପିଲାଙ୍କ ଭଳି ଉଚ୍ଚ ସ୍ୱରରେ କାନ୍ଦିବା ପାଇଁ ଚାହୁଁଥାଏ । କିନ୍ତୁ ସେ କାନ୍ଦି ପାରେ ନାହିଁ । ଛାତି ତଳର ସବୁ ଦୁଃଖ ଯନ୍ତ୍ରଣାକୁ ଚାପି ରଖି ସେ ଭଉଣୀକୁ ସାନ୍ତ୍ୱନା ଦିଏ । ଭଗବାନ ସବୁ ଠିକ୍ କରିଦେବେ ବୋଲି ମିଛ ହସ ହସି ସୁରଭିର ଆତ୍ମବିଶ୍ୱାସ ବଢ଼ାଏ ।

ସେ ଏକ ଭୟଙ୍କର ରାତି । ସୌରଭକୁ ଖୁବ୍ ବ୍ୟସ୍ତ ଲାଗୁଥାଏ । ଆଦୌ ନିଦ ହେଉ ନଥାଏ । ଅସ୍ଥିର ମନରେ ବାହାରେ ଚଉକିଟିଏ ପକେଇ ବସି ରହିଲା ସାରା ରାତି । ମନକୁ ଅନେକ ପାପ ଛୁଉଁଥାଏ । ଛାତି ଭିତରଟା କମ୍ପି ଉଠୁଥାଏ କେଉଁ ଏକ ଅଜଣା ଆଶଙ୍କାରେ । ରାତି ପାହି ସକାଳ ହେଲା । ସେଦିନ ଥିଲା ସାବିତ୍ରୀ । ଘରେ ସମସ୍ତେ ସୌରଭକୁ ଡାକ କହିଲେ, "ସୁରଭି ବାଉଳି ହୋଇ ତତେ ଖୋଜୁଛି" । ସୌରଭ ଯାଇ ଭଉଣୀ ବିଛଣାରେ ବସି ମୁଣ୍ଡ

ISSN NO.
2582-208X

ଆଉଁସି ଦେଲା । ନଷ୍ଟପ୍ରଭ ନୟନରେ କିଛି କ୍ଷଣ ସୁରଭି ଚାହିଁ ରହିଲା ଭାଇକୁ । କଣ କହିବାକୁ ଚାହୁଁଥିଲା କିନ୍ତୁ କିଛି କହି ପାରିଲା ନାହିଁ। କିଛି କ୍ଷଣ ପରେ ତା ମୁଣ୍ଡକୁ ଆଣି ସୌରଭ କୋଳରେ ରଖିଲା । ଦୁଇ ତିନ ଥର ଦୀର୍ଘନିଃଶ୍ୱାସ ନେଇ ସବୁଦିନ ପାଇଁ ସ୍ଥିର ହୋଇଗଲା ।

ବଉଳ ଗଛର ପତ୍ର ଗହଳରୁ କେଉଁ ଏକ ଅଜଣା ପକ୍ଷୀର ଲହରି ସ୍ୱରରେ ପ୍ରକୃତିସ୍ଥ ହେଲା ସୌରଭ। ତା ଜୀବନରେ ସେ କେବେ ପକ୍ଷୀଙ୍କ ଏମିତି ସ୍ୱର ଶୁଣି ନଥିଲା। ସେ ସ୍ୱର ଯେତିକି କରୁଣ, ସେତିକି ମର୍ମସ୍ପର୍ଶୀ। ସୌରଭ ଆଖିର ଲୁହକୁ ହାତରେ ପୋଛି, ବଉଳ ଗଛର ଗଣ୍ଡିରେ ନିଜ ଦେହକୁ ଅଜାଡ଼ିଦେଲା। ଟିକି ଚଢ଼େଇଟି ଏବେ ପତ୍ର ସନ୍ଧିରୁ ବାହାରି ନିର୍ଭୟରେ ସୌରଭର ଗୋଡ଼ ପାଖରେ ବସିଲା। ଖୁବ୍ ନିକଟରେ ଡିଆଁ ଡେଇଁ କରିବାକୁ ଲାଗିଲା। ଏମିତିକି ତା କାନ୍ଧ ଦେଇ ଦୁଇ ତିନି ଥର ଉଡ଼ିଗଲା। ତାକୁ ଅନୁଭୂତ ହେଲା, ସୁରଭି ତାର ଅତି ନିକଟରେ ଏଇଠି କେଉଁଠି ଅଛି। ସେହି ଅଜଣା ପକ୍ଷୀର ଲହରା ସ୍ୱରରେ ସୌରଭ ଶୁଣି ପାରିଲା, ସୁରଭିର ଭାଇ ଡାକ। ସତେ ଯେମିତି କେହି ଜଣେ ଆସି ତା' କାନ ପାଖରେ କ୍ଷୀଣ ସ୍ୱରରେ କହିଲା, "ଶୁଭ ଭାଇ, ଏଠି କଣ ବସିଛୁ। ଘରକୁ ଯାଉନୁ।

ବଉଳ ଗଛ ମୂଳରେ ସୌରଭ ଆଣ୍ଠୁମାଡ଼ି କିଛି କ୍ଷଣ ଆଖି ବୁଜି ବସି ରହିଲା। ଚାରିଆଡ଼ ନିରବ ନିର୍ଜନ। ଗଛରେ ପତ୍ରଟିଏ ବି ହଲୁ ନଥାଏ। ସେ ଏବେ ନିଶବ୍ଦରେ ଉପରକୁ ଚାହିଁଲା। ବଉଳ ଗଛର ପ୍ରତିଟି ପତ୍ର ତାକୁ ସୁରଭିର ମୁହଁ ଭଳି ଦେଖା ଗଲା। ସେ ଦୁଇ ଆଖିକୁ ବନ୍ଦ କରି ବାଷ୍ପରୁଦ୍ଧ କଣ୍ଠରେ କହିଲା, " ସୁରଭି, ଏମିତି ଲୁହ ଭିଜା ଆଖିରେ ମୁଁ ତତେ କେତେ ଦିନ ଚାହିଁ ରହିଥିବି। ଥରୁଟିଏ ପାଇଁ ତୁ ଆମ ପାଖକୁ ଆସି ଦେଖି ଯା, ତୋ ବିନା ଆମେ ସମସ୍ତେ କେତେ ଏକୁଟିଆ ହୋଇ ଯାଇଛୁ। ତୋ ବିନା ଏ ଘର, ଏ ଅଗଣା କେମିତି ସବୁଦିନ ପାଇଁ ନିରବ, ନିସ୍ତବ୍ଧ ହୋଇଯାଇଛି। "

ଏହି ମୁହୂର୍ତ୍ତରେ ମେଞ୍ଚେ ବଉଳ ଫୁଲର ବାସ୍ନା ସୁଲୁସୁଲିଆ କୋମଳ ପବନ ସହିତ ଧୀରେ ଛୁଇଁଗଲା ସୌରଭର ମୁହଁକୁ, ସତେ ଯେମିତି ସୁରଭି ପଣତରେ ପୋଛିଦେଲା, ତା' ଭାଇର ମୁହଁ।

ସାନମୂଳେଇ, କଟକ

ISSN NO.
2582-208X

# ଏକାକୀତ୍ୱ ଓ ଶାନ୍ତି



ଶ୍ୱେତାଲୀନା ପଟ୍ଟନାୟକ

ଏକାକୀତ୍ୱ ଓ ଶାନ୍ତି ର ବହୁ ନିବିଡ଼ ସମ୍ପର୍କ
ନିସ୍ତବ୍ଧ ରାତି ରେ ଥରେ ନିଜର ସ୍ପନ୍ଦନ ଶୁଣିକିତ ଦେଖ
ଦେଖ ଥରେ ଆଖି ଖୋଲି ଦୂର ଆକାଶ ରେ
ଉପଭୋଗ କର ଥରେ ମନ ର ଚକ୍ଷୁ ରେ ।

ରାଜରାସ୍ତା ରେ ସ୍ଟ୍ରିଟ ଲାଇଟ୍ ସବୁ ଧପ ଧପ୍ ହୋଇ
କେତେ ତାରକାପୁଞ୍ଜ ର କଥା ଯାଉଛନ୍ତି କହି
ପ୍ରେମ ପ୍ରତାରଣା ଆଜି ସବୁ ମିଛ ଲାଗେ
ବିଷଣ୍ଣତା  ପ୍ରଫୁଲ୍ଲତା ର ସତ୍ତା ଆଜି ଖୋଜେ ।

ଗପ ପେଡ଼ି ର ସେଇ ରାଜା ଆଉ ରାଣୀ
ସତ ହୋଇ ଉଡୁଚନ୍ତି ଆଇମା କାହାଣୀ
ଗୋଟିଏ ଚରିତ୍ର ସହ ନିଜକୁ ଖାପଖୁଆଇ ଦେଖ
କଳନା କର ତୁମ ଉପନ୍ୟାସ ର ରୂପରେଖ।

ISSN NO.
2582-208X

ସାଙ୍ଗସାଥୀ, ଘରଦ୍ୱାର ସବୁ ଲାଗେ ପର
ନିଜ ଛାଇ ଠାରୁ କିଏ  ବା ଅଧିକ ନିଜର ?
ଦିବା ବାର ଟା ରେ ସୂର୍ଯ୍ୟଙ୍କ ଆହ୍ୱାନ ରେ
ସିଏ ବି ପୁଣି ତୁମ ସଂଗ ତ୍ୟାଗ କରେ ।

ଲମ୍ବା ଜୀବନର ଦୁର୍ଗମ ଗନ୍ତବ୍ୟ ପଥ
ସେଇଥିରେ ମନ ଖୋଜେ କିଛି ଶାନ୍ତି ର ମୁହୂର୍ତ୍ତ
ବିବାହ, ପ୍ରେମ ସବୁ ବୃଥା ଲାଗେ
ସେଇ ପିଲାବେଳ ଖିଆଲି ମନଟାକୁ ଆଜି ମୁଁ ଖୋଜେ
 ନିଜେ ନିଜ ସାଥୀ ମୁଁ କାହା ସହ କରିବି ତର୍କ
ଏକାକୀତ୍ୱ ଓ ଶାନ୍ତି ର ଏହି ନିବିଡ଼ ସମ୍ପର୍କ ।।

ତୁଷୁରା, ବଲାଙ୍ଗିର

ISSN NO.
2582-208X



# ଅହିଂସା



ବାଙ୍କାବିହାରୀ ମହାକୁର

ଅହିଂସା ଅଟଇ ପରମୋ ଧର୍ମ
ଜପ, ତପ, ଧ୍ୟାନ, ଯଜ୍ଞର ସାଧନ,
ହୃଦୟରେ ଥରେ ହେଲେ ବିମଣ୍ଡିତ
ବିଜ୍ଞ ହୋଇଯାଏ ଅଜ୍ଞର ମନ ।୧।

ଅହିଂସା ଅଟଇ ସର୍ବଶ୍ରେଷ୍ଠ ମନ୍ତ୍ର
ତା'ଆଗେ ତୁଚ୍ଛ  ଗଣ୍ଡ ଗୋଳାବାରୁଦ,
ମନେ ଭର୍ତ୍ତେ ଅସୀମ ସାହସ ଧୌର୍ଯ୍ୟ
ରୂପାନ୍ତରିତ ହୋଇ ଗୋଟେ ଅସ୍ତ୍ର ।୨।

ଅହିଂସା ଅସ୍ତ୍ରକୁ ଅଳଙ୍କୃତ କରି
ଗାନ୍ଧିଜୀଙ୍କ ନେତୃତ୍ୱରେ ଆନ୍ଦୋଳନ,
ଉତ୍'ଫୁଲ୍ଲିତ ହୃଦୟେ ସର୍ବଜନ
ନିର୍ଭୟେ କରନ୍ତି ପଶ୍ଚାତଧାବନ ।୩।

ଅହିଂସା ବଳରେ ସଂପୂର୍ଣ୍ଣ ଦେଶ
ମୁକ୍ତ ହୋଇଥିଲା ସହ୍ୟକରି କ୍ଲେଶ,
ଇଂରେଜ ସର୍ବେ କଲେ ପ୍ରତ୍ୟାଗମନ
ଦୃଢ ଥିଲା ବୋଲି ଅହିଂସା ଆହ୍ୱାନ ।୪।

ISSN NO.
2582-208X

ପବିତ୍ର ହିନ୍ଦୁ ଗ୍ରନ୍ଥ ମହାଭାରତେ
ଲିପିବଦ୍ଧ ଥିଲା ଅହିଂସା ମହତ୍ୱ,
ଜୈନଧର୍ମରେ ପ୍ରତିଜ୍ଞା ରୂପରେ
ବୌଦ୍ଧଧର୍ମେ ସିଦ୍ଧନ୍ତରେ ବର୍ଣ୍ଣିତ ।୫।

ଅହିଂସା ପ୍ରାପ୍ତେ ଲୁକ୍କାୟିତ ହିଂସା
ଗର୍ବ, ଅହଙ୍କାର, ଘୃଣା, ଲୋଭ, ଦ୍ୱେଷ,
ସଂସାରକୁ ବାନ୍ଧେ ସୁଦୃଢ ବନ୍ଧନେ
ଜାଗ୍ରତ କରିଥାଏ ନୂତନ ବିଶ୍ୱାସ ।୬।

ବୁରୁବୁଡ଼ା, ବୀରମହାରାଜପୁର,
ସୁବର୍ଣ୍ଣପୁର

ପଢନ୍ତୁ ଏବଂ ପଢାନ୍ତୁ ମାସିକ ପାରିବାରିକ ପତ୍ରିକା
"ବେଦାନ୍ତୀ"

ISSN NO.
2582-208X

# ଅଚହ୍ନା ବନ୍ଧନ

(ଧାର୍‌ବାହିକ)



ଜୟଲକ୍ଷ୍ମୀ ସେଠୀ

ବିକାଶ ଆସି କବାଟ ଠକ୍ ଠକ୍ କରି କହିଲେ, ଆଛା .... ଭିତରକୁ ଆସିପାରେ କି?

ଚମକି ପଡିଲେ ଦୁଇଜଣଯାକ । ଅଞ୍ଜନା ସଙ୍ଗେ ସଙ୍ଗେ କହିଲା – ହଁ .. .ହଁ ..ବାବା ଆସନ୍ତୁ । କହିଦେଇ ଲାଜରେ ବାହାରକୁ ଚାଲିଗଲା । ଅମନ ନିଜକୁ ଗୋଟେ ଦୋଷୀ ପରି ଠିଆ ହୋଇଥାଏ ।

ବିକାଶ କହିଲା – କଣ ହୋଇଛି ଅମନ । ତୁ ଏତେ ଟେନସନ ଲାଗୁଛି ।

ନାଇଁ ଡାଡି ।

ହଁ ହଁ ..... ମତେ ଆଉ ଲୁଚାନି । ମୁଁ ସବୁ ଶୁଣିସାରିଛି ।

ଭୟ ଓ ଲାଜରେ ଅମନ ଝାଉଁଳି ପଡିଥାଏ । ଅମନର ପିଠିକୁ ଥାପୁଡାଇ ବିକାଶବାବୁ କହିଲେ, ଆରେ ପାଗଳ । ଝିଅଟି ବହୁତ ଭଲ ଘରର । ସଂସ୍କାରୀ ଝିଅ । ମୋର ଶହେରୁ ଶହେ ପସନ୍ଦ । ହେଲେ ତୋ ମମି କୁ ଟିକିଏ ପଚାରିବାକୁ ପଡିବ ।

ହଁ .. ଡାଡି ..... ।

ମୋତେ ଆଶ୍ଚର୍ଯ୍ୟ ଲାଗୁଛି ।

କଣ ଡାଡି ?

ଜାଣିଛୁ ତୋ ଆଇର ରକ୍ତ ଦରକାର ପଡିବାରୁ ଅଞ୍ଜନା ନିଜ ରକ୍ତ ଦେଇ ଅପରେସନ କଲା । ହେଲେ ଏକା ରକ୍ତ କେମିତି ହେଲା ଭାବୁଛି ?

ISSN NO.
2582-208X

ଏମିତି ହୋଇଥାଏ ଡାଡି । ଇନ୍ଦୁମତୀ ବେଡ୍ ରେ ଥାଇ, ଜଗନ୍ ଜଗନ ଡାକିବାର ଶୁଣି, ଅମନ କହିଲା – ଡାଡି ଆଇର ଚେତା ଆସିଗଲା । ସେ ଏବେ ସୁସ୍ଥ । ଭୟ କରିବାର କିଛି ନାହିଁ । ଆଉ କିଛି ଅସୁବିଧା ହେବନାହିଁ । କିନ୍ତୁ ସାତ ଦିନ ପରେ ବେଣ୍ଡେଜ ଖୋଲିଲେ ଜଣାପଡିବ । ସିନା, ଜିନା ମଧ୍ୟ ଆସି ପହଞ୍ଚିଗଲେ । ଇନ୍ଦୁମତୀଙ୍କ କଥା ଶୁଣି ଅମସ୍ତେ ଖୁସିରେ କାନ୍ଦି ପକାଇଲେ । ବିକାଶବାବୁ କହିଲେ, ଜଗନ ଓ ସୁନନ୍ଦା ଦୁଇଜଣଯାକ ଆପଣଙ୍କ କଥା ଶୁଣି ଘରକୁ ଆସିଛନ୍ତି । ସୁନନ୍ଦା ଭାଉଜ ପୂରା ବଦଳି ଯାଇଛନ୍ତି । ଆପଣ ଶୀଘ୍ର ଭଲ ହୋଇଗଲେ ସବୁ ବାଲେଶ୍ୱର ପଳାଇବା । ଇନ୍ଦୁମତି ଟିକିଏ ଶାନ୍ତି ଲାଭ କଲେ । ମନେ ମନେ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ କରି ସେମାନଙ୍କର ମଙ୍ଗଳ କାମନା କଲେ । ତା ପରେ ସମସ୍ତେ ବାଲେଶ୍ୱର ଯିବାପାଇଁ ପ୍ରସ୍ତୁତ ହୋଇ ଚାଲିଗଲେ । ଅମନ ମଧ୍ୟ ଟିକିଏ ଅଫିସ କାମ ସାରି ରୁମ୍ କୁ ଚାଲିଗଲା । ବିକାଶବାବୁ ଇନ୍ଦୁମତୀଙ୍କ ପାଖରେ ବସିଥାନ୍ତି । ଇନ୍ଦୁମତୀ ବିକାଶବାବୁଙ୍କ ହାତ ଧରି ବହୁତ କାନ୍ଦିଲେ ।

ଏ କଣ କରୁଛନ୍ତି ମାଆ ? ଛୋଟ ପିଲାପରି କାନ୍ଦୁଛନ୍ତି କାହିଁକି ? ଆପଣ ସମ୍ପୂର୍ଣ୍ଣ ଭଲ ହୋଇଗଲେଣି । ପୁଣି ସାତଦିନ ପରେ ଆସିବା ଘରେ ବାପା, ଜଗନ, ପୂଜା ଏମାନେ ବହୁତ ବ୍ୟସ୍ତ ହୋଇପଡିଲେଣି । ଅମନ ରୁମ୍ କୁ ଯାଇଛି । ସିନା ଓ ଜିନା ମଧ୍ୟ ଯାଇଛନ୍ତି । ସେମାନେ ଏକାବେଳେ ଗାଡି ଧରି ଆସିବେ । ସେହିଥିରେ ଆମେ ସବୁ ମିଶି ବାଲେଶ୍ୱର ଚାଲିଯିବା ।

ହଁ ମାରିଲେ ଇନ୍ଦୁମତୀ । ଆହୁରି ନିବିଡ ଭାବରେ ପାଖକୁ ଆସି ପଚାରିଲେ ବାପାରେ, ପୂଜା ଜନ୍ମରୁ ଦୁଃଖୀ ହୋଇଗଲା । ସେ ତା ଦୁଃଖ କାହାକୁ କହେନାହିଁ । ବହୁତ ଗେଲ କଲେ ଯାଇ କହିବ ନହେଲେ ଜମାରୁ କହିବ ନାହିଁ । ଯେତେ ଦୁଃଖ ଥାଉ ନିଜେ ନିଜେ ସହିଯିବ । ନିଜର ସୁଖକୁ କାହାକୁକ୍ ବି ମାଗେନାରେ । ମୁଁ ତାକୁ ଭଲକି ଜାଣିଛିରେ ବାପ । ତୁମ୍ ତାର ଅନ୍ତର କଥା ଟିକିଏ ବୁଝିବ ପୁଅ ।

ପ୍ରତ୍ୟେକ ନାରୀ ଚାହେଁ ମାଆ ହୋଇଗଲେ ନାରୀ ଜୀବନ ଯେମିତି ସାର୍ଥକ ହୋଇଯାଏ । ହେଲେ ମୁଁ ଯେବେ ବି କହେ ସେ ମତେ ଏୟାଡୁ ସେୟାଡୁ କହି ଭୁଲାଇଦିଏ । ମୋ ରାଣ ପୁଅ କେବେ ପର କରିବନାହିଁ । ମତେ କଥା ଦିଅ ବିକାଶ ।

ISSN NO.
2582-208X

ନାଇଁ ମା ଏ ଜନ୍ମ କଣ ସବୁ ଜନ୍ମରେ ମୁଁ ତାଙ୍କୁ ସମ୍ମାନ ଦେଇ ଆସୁଥିବି । ତାଙ୍କର ସର୍ବମଙ୍ଗଳ କାମନା କରୁଥିବି । ଜାଣିନି ଭଗବାନ ମତେ ବଞ୍ଚେଇ ରଖିବେ କି ନାହିଁ ।

ଏ କଣ କହୁଛ ବିକାଶ ?

ହୁଁ ......

କଣ ହୋଇଛି । ମୋ ରାଣ ମତେ ସତକଥା କୁହ ।

ନାଇଁ ମାଆ ଛାଡନ୍ତୁ ।

ଆଖିରୁ ଆପେ ଆପେ ଲୁହ ଝରିଯାଉଥାଏ । ଆପଣ କିଛି ଜାଣି ନାହାନ୍ତି ମାଆ, ମନେ ମନେ ଭାବି ବସିଲେ ବିକାଶ । ମୋ ବିଷୟରେ କାହାକୁ କହିବି । ଝିଅଟା ତ ବାହାଘର ପାଇଁ ଖୋଜାଖୋଜି ଚାଲିଛି । ପୁଅ ତ ଏଠାରଏ ଏକପ୍ରକାର ସ୍ଥିର ହୋଇଯାଇଛି । ଆଉ ବାକି ପୂଜା । ସେ ତ କହ୍ନେଇର ଅମାନତ । ତାଙ୍କୁ ମୋ ଦୁଃଖ କଣ କହିବି । ସମସ୍ତିଙ୍କ ଦୁଃଖ ନେବାକୁ ମୋର ଜନ୍ମ । ମୋ ଦୁଃଖ ଏକାନ୍ତ ଗଭୀର ...... ଏକୁଟିଆ, ଛନ୍ଦହୀନ, ହସହୀନ, ତେଜହୀନ ହୋଇ ଅପେକ୍ଷା କରିଛି ମୃତ୍ୟୁକୁ । ସୁଖ, ଅଭିଶାପ ପାଲଟିଯାଇଛି ମୋ ଜୀବନ ପାଇଁ । ପ୍ରତୀକ୍ଷା ମଶାଣିକୁ ଯିବା ପାଇଁ ବାକି ଅଛି । କେଜାଣି ଜଗନ୍ନାଥଙ୍କର କେବେ ଡୋରି ଲାଗିବ । ହେ ପ୍ରଭୁ, ଏମିତି ନିଛାଟିଆ ଜୀବନରେ ମୁଁ କାହାକୁ କହିବି ମୋ କ୍ଷତର ଯନ୍ତ୍ରଣା । ଗୋଟେ କିଡନି ଅବହେଳା ପାଇଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଆଉ ଗୋଟିଏ କିଡନି ହେଲେ ଯାଇ ଲଗେଇ ହେବ । ସମସ୍ତିଙ୍କର ଏତେ ଦୁଃଖ ଯେ ମୋ ଦୁଃଖ କହିବାକୁ ଡର ଲାଗୁଛି । ହେ ପ୍ରଭୁ ସମସ୍ତିଙ୍କର ମଙ୍ଗଳ କର । ମତେ ବୀଣା ଓ ଅମନର ବାହାଘର ଯାଇ ବଞ୍ଚାଇ ରଖ । ତାପରେ ମରିଗଲେ କିଛି ବି ଦୁଃଖ ନାହିଁ । ମୋ ଭାଇ ଭାଉଜଙ୍କର ଅସ୍ତିତ୍ୱକୁ ଉପଯୁକ୍ତ ଜାଗାରେ ରଖିସାରିଲେ ମତେ ଶାନ୍ତି ମିଳିବ । ଏମିତି ଭାବି ଚାଲିଥିଲେ ବିକାଶ । ଆଖିରୁ ଝର ଝର ଲୁହ ଝରିପଡୁଥିଲା । ସତରେ ଏତେ ଗହଳିଭିତରେ ଯେମିତି ବହୁତ ଏକୁଟିଆ ହୋଇଯାଇଛନ୍ତି ବିକାଶ ।

ମାଆ ମାଆ ଡାକି ଡାକି ରୁମ୍ ଭିତରକୁ ଜିନା, ସିନା, ଅମନ, ଅଞ୍ଜନା ସମସ୍ତେ ଚାଲିଆସିଲେ । ଅଞ୍ଜନା ବିକାଶ ଓ ଆଇଙ୍କୁ ପ୍ରଣାମ କରି ଲାଜେଇ ଛିଡା ହୋଇଥାଏ । ବିକାଶ ଲୁଚେଇ ଲୁହ ପୋଛି ସ୍ମିତହାସ୍ୟ କରୁଥାନ୍ତି । ଅଞ୍ଜନା ଭାବୁଥାଏ, ଡାଡି ବୋଧେ

ISSN NO.
2582-208X

ରାଗିଯାଇଛନ୍ତି । ଏଠାରୁ ଚାଲିଯିବାଟା ଠିକ୍ ହେବ ବୋଧେ । ମୁଁ ଆସୁଛି କହି ଚାଲିଯିବାକୁ ବାହାରିଲା ବେଳକୁ ବିକାଶ ବାବୁ ଅଞ୍ଜନାର ହାତ ଧରି କହିଲେ – ଆରେ ତୁ କଣ ଚାଲିଯାଉଛି । ଡରିଗଲା ଅଞ୍ଜନା, ..... ଥରି ଉଠିଲା ତା ଦେହ । ଆଚ୍ଛା, ତୁ ଏତେବାଟ ଚାଲିଗଲୁଣି କାହାକୁ କିଛି ଜଣାନାହିଁ । ବହୁତ ଦୁଃଷ୍ଟ ହୋଇଯାଇଛୁ ନା? ଅମନ ଚୁପି ଚୁପି ହସୁଥିଲା କିନ୍ତୁ ସିନା, ଜିନ, ଇନ୍ଦୁମତୀ ଆଶ୍ଚର୍ଯ୍ୟ ହୋଇଯାଉଥିଲେ ।  ସେ ଏତେ ସେବା କରିଛି ଯେ ତା ଋଣ ଶୁଝିଲେ ବି ଶୁଝି ପାରିବାନାହିଁ । କିନ୍ତୁ ବିକାଶ ଏମିତି କାହିଁକି କହୁଛନ୍ତି? ସିନା, ଜିନା ଫୁସଫାସ ହେଉଥିଲେ । ଇନ୍ଦୁମତୀ ମଧ୍ୟ କହିଉଠିଲା, ଆରେ ତୁମେ ପରା ଏବେ କଣ ସବୁ କହୁଥିଲ । ପୁଣି କଣ ହେଲା ବିକାଶ ।

କଣ ନ ହୋଇଛି କୁହ ମାଆ । ଜିନା କହିଲା, କହିଲେ ସିନା ଜାଣିବା । ଅଞ୍ଜନା ଡରରେ ଥରିବା ଆରମ୍ଭ କରିଦେଇ ଥାଏ ତଳକୁ ମୁହଁକରି ଠିଆ ହୋଇ କଣ ମାନେ କଣ ଭାବୁଥାଏ । ଠିକ୍ ଏହି ସମୟରେ ବିକାଶବାବୁ ଜୋରରେ ହସିଉଠିଲେ । ଆରେ ଶୁଣ ସମସ୍ତେ, ଅଞ୍ଜନା ମୋ ବୋହୂ ହେବାକୁ ଯାଉଛି । ଦେଖ କେମିତି ଲାଜରେ ଲାଲ ପଡିଗଲାଣି । ସମସ୍ତେ ଠୋ ଠୋ କରି ହସିଉଠିଲେ । ଇନ୍ଦୁମତୀ ବି ହସି ହସି ବେଡ୍ ରେ ନିଜେ ଉଠି ବସିପଡିଲେ । ସମସ୍ତେ ମାଆଙ୍କୁ ଦେଖି ଆହୁରି ଆନନ୍ଦରେ ହସୁଥାନ୍ତି । ଡ୍ରାଇଭର ଆସି ଗାଡିରେ ବସିବାପାଇଁ କହିବାରୁ ସମସ୍ତେ ଯାଇ ଗାଡିରେ ବସିଲେ । ଅମନ ଓ ଅଞ୍ଜନା ସେମାନଙ୍କୁ ପ୍ରଣାମକରି ବିଦାୟ ନେଲେ । ଇନ୍ଦୁମତୀ ଅଞ୍ଜନାକୁ କୋଳେଇ ନେଇ ଅନେକ ଆର୍ଶୀବାଦ ଦେଲେ । ପରେ ପରେ ଗାଡି ବାଲେଶ୍ୱର ଦିଗରେ ଚାଲିଲା ।

କ୍ରମଶଃ ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ –୯୯୩୭୩୪୭୩୧୮

ISSN NO.
2582-208X

# ହେ ବନ୍ଧୁ!



ଶୁଭ୍ରାଂଶୁ ଶେଖର ପାଢ଼ୀ

ଲିଭି ଲିଭି ଆସେ ଜୀବନ ପ୍ରଦୀପ
ସରି ସରି ଆସେ ଆୟୁ ।
ବନ୍ଧୁ ଭାବ ରଖି ଡାକୁଛି ଛାମୁ ହେ
ଡାକ ଶୁଣ ମହା ବାହୁ ।
ସମୟ ହେଲାକି ବନ୍ଧୁ ମିଳନର
ଏମିତି ଲାଗୁଛି କାହିଁ ।
ତୁମେ ମୋ ପାଖକୁ ଆସିବ ନା ବନ୍ଧୁ
ମୁଁ ଚାଲିଯିବି ଧାଇଁ ।
ତୁମେ ତ ଆସିଲେ ସାଙ୍ଗରେ ଆଣିବ
ମୋ ପାଇଁ ଆଶିଷ କେତେ ।
ମୁହିଁ ଗଲେ ବନ୍ଧୁ ଛାଡ଼ି ଦେଇ ଯିବି
ବଳକା ଆୟୁଷ ଯେତେ ।
ଅଭିମନ୍ୟୁ ପରି ଜୁଝୁଅଛି ଆଜି
ରଣାଙ୍ଗନେ ଏକା ଏକା ।
ଶରବିଦ୍ଧ ହୋଇ ପଡିଲିଣି ଛାମୁ
ହେବ କି ଏଥର ଦେଖା ।
ରକ୍ଷା କର ବୋଲି ଡାକିବିନି ବନ୍ଧୁ
ଦେବାକୁ ଚାହୁଁନି କଷ୍ଟ ।
ଜାଣିଛି, କେମିତି ଜଗତ ପାଳନେ
ହେଉଅଛ ଛଟ ପଟ ।

ISSN NO.
2582-208X

ଶେଷ କଥା ମୋର ରଖିବ ହେ ବନ୍ଧୁ
ଯଦି ଚାଲି ଯିବି ମୁହିଁ ।
ଗଲା ବେଳେ ଛାମୁ ଧରିଥିବ ହାତ
ବଇକୁଣ୍ଠ ନେବା ପାଇଁ ।
ସ୍ୱର୍ଗ ଦୁଆରରେ ଜାଗା ଖଣ୍ଡେ ଦେବ
ଜଳିବାକୁ ମୋର ଜୁଇ ।
ନନ୍ଦିଘୋଷ ଭାଙ୍ଗି କାଠ ଖଣ୍ଡେ ଆଣି
ନିଜ ହାତେ ଦେବ ଥୋଇ ।
ବିଦାୟ ବେଳରେ ହାତ ଯୋଡ଼ି ବନ୍ଧୁ
କରୁଛି ଶେଷ ପ୍ରଣାମ ।
ଅନ୍ତିମ ବେଳାରେ ଶୁଭୁ ଥାଉ ବନ୍ଧୁ
ହରେ କୃଷ୍ଣ ହରେ ରାମ ।

ବୀରମହାରାଜପୁର, ସୁବର୍ଣ୍ଣପୁର

ବେଦାନ୍ତୀ ହେଉଛି ଏକ ସଂପୂର୍ଣ୍ଣ ମୁକ୍ତ ମାସିକ ପାରିବାରିକ ପତ୍ରିକା । ବେଦାନ୍ତୀ ପଢି ଏବଂ ଅନ୍ୟଙ୍କୁ ପଢାଇ ଓଡିଆ ଭାଷାର ପ୍ରଚାର ଏବଂ ପ୍ରସାର ପାଇଁ ନିଜର କିଛି ଅବଦାନ ଦିଅନ୍ତୁ

ISSN NO.
2582-208X

# ବିତର୍କ



ସୀମାଞ୍ଚଳ ରଣା

ନିଶବ୍ଦରେ ନୁଆଁତରାରୁ
ତାନ୍ତ୍ରିକର ଅଙ୍ଗାରକୋଠି ପର୍ଯ୍ୟନ୍ତ,
ଗୁରୁଚିନାରୁ ଭୁଜପତ୍ରର ଅଳତାଗାର-
ଧୂମା ମାତଙ୍ଗିରୁ ବଗଳା ମୁଖୀ ପର୍ଯ୍ୟନ୍ତ,
ତୁମେ ମିଳ ଆରାଧ୍ୟ ଉଦ୍ଦୀପନା ହୋଇ-
ପହ୍ନେଇଥିବା ରାତିର ଶେଷ ପ୍ରହରରେ।

ବାତ୍ସାୟନରୁ ଖୋଜିଲେ ତୁମେ ଆସ
ପୁନର୍ଭୁ ହୋଇ ପୁନର୍ବସୁ ରାତିରେ,
ସୁରା ହୋଇ ଦ୍ରାକ୍ଷା-ସଞ୍ଚର
ଅଭିଷିକ୍ତ ମନ୍ତ୍ରରେ ନଷ୍ଟ ହୋମର ଝାସରେ,
ପାଦରେ ଅନ୍ଧାର ପାଉଁଜି ଶୁଭେ ନଷ୍ଟ ଛନ୍ଦେ-
ବୈଶାଖର ଉଷ୍ଣଝଡ଼ ଆବଦ୍ଧ ଚୌହଦୀରେ।

ପଦ୍ମିନୀ
ଘନକଳା ଚୂର୍ଣ୍ଣ କୁନ୍ତଳରେ-
ସବୁ ଅନ୍ଧାର ତୁମେ ନିଅ ଗୁରୁ ଦକ୍ଷିଣାରେ,

ISSN NO.
2582-208X

ମନ୍ଦବେଗା ଚିରକାଳା ବୀର୍ଯ୍ୟପାତେ,

ତୁମ ଆଖିରୁ ପ୍ରଚ୍ଛନ୍ନ ପୌରୁଷର ହତ୍ୟା–
ସତ୍ୟ ଅସତ୍ୟର ଔଚିତ୍ୟରେ।

ନିତମ୍ବିନୀ
ଲଲାଟ,ଅଳକ,କପୋଳ,ନେତ୍ରରେ
ବୈଶାଖର ଲମ୍ଫ ଦେଇ ବୁହାଇ ପାର ତୁମେ/
ସ୍ୱେଦ ନଇର ଗଭୀର ଗଣ୍ଡକୁ ଚଣ୍ଡବେଗରେ,
ଉଦ୍ଭ୍ରାନ୍ତ ମୁଖ ଚୁମ୍ବନରୁ ଜିହ୍ୱାଯୁଦ୍ଧ ଘୋଷଣା–
ସ୍ତନ ଗଳା ପିଠିର ପଠା ପର୍ଯ୍ୟନ୍ତେ,
ମୁଁ ଯାହା ମହଲତ ମଗା ଦ୍ୱାରସ୍ଥ ଦୈର୍ଘ୍ୟ ପ୍ରସ୍ଥତେ।

ଅନୁରାଗେ
ଦଶନ କ୍ଷତର କ୍ଷତି ଓ ଖ୍ୟାତି କଥା
ତୁମେ ବି ଭେଟିଥିବା ଉପନ୍ନିତ ସିଦ୍ଧାନ୍ତ–
ଉତ୍ତୋରଷ୍ଠୋ,ନୟନ,ଅନ୍ତମୁଖରେ
ବିନ୍ଦୁମାଳା ଉଚ୍ଛୁନକ ଗୂଢକ ବିତର୍କ।

ହିଂକାର ସ୍ତନିତ
ପୀଡ଼ାରେ ଅମ୍ବାର୍ଥକ ଶିତ୍କାର
ଅବନୀଦୃଷ୍ଟିର ଶାନ୍ତନିଦ୍ରା ଉପନୀତ–
ଅଠା ଦେହରୁ ମହୋଣେ ଶୃଙ୍ଗାର,
ବିନିଦ୍ରାର ରୋମାଂଚିତ ରାତି ତଳେ ତୁମେ/
ମୋ ଶତ ହତ୍ୟାର ଶିରୋନାମା ।

ବାଙ୍ଗାଲୋର, କର୍ଣ୍ଣାଟକ

ISSN NO.
2582-208X

ଫୋନ: ୮୨୮୦୯୧୩୯୬୬

# ଛୋଟ ମୋର ନାଆଟି

(ଧାର୍ବାହିକ)



ପ୍ରଫେସର ଅନିତା ପଣ୍ଡା

## ଛୁଆନାନୀର ବାହାଘର ଏବଂ ବିଦାୟୀ

ପିଲାଟି ଦିନୁ ଆମେ ଦୁଇ ଭଉଣୀ ଏକାଠି । ସେ ଚାଲିଯିବା ପରେ ମୁଁ ଏକା କେମିତି କ'ଣ କରିବି । ଘରେ ବାହାଘରର ଆୟୋଜନ । ସ୍କୁଲ୍‌ରେ ପ୍ରଥମ ଦିନ ସାର୍ କହିଥିଲେ, ଯାହାର ୧୦୦% ଉପସ୍ଥିତ ଥାଏ ବାର୍ଷିକ ଉତ୍ସବରେ ସେଇ ଛାତ୍ର, ଛାତ୍ରୀ ମାନଙ୍କର ନାମ ନିଆଯାଏ । ତେଣୁ ସ୍କୁଲ୍ ଯାଉଥିଲି । ଖେଳଛୁଟି ବେଳେ ସାଙ୍ଗମାନେ ବସି ଚାନ୍ଦା ଏକାଠି କରୁଥିଲେ ।

"ମୋ' ଭାଗ କେତେ ?"

"ତୋ'ଠୁ ନିଆ ଯିବନ ।" ମୁହଁ ଖୋରୀ ଶୁଭନକା କହିଲା ।

ଛୁଆ ନାନୀ ବିଦା ହେବାର ଦୁଃଖଟା ଆହୁରି ବଢ଼ିଗଲା । ଘରେ ଏକା ହୋଇଯିବି । ସ୍କୁଲ୍‌ରେ ବି ମତେ ସାଂଗମାନେ ଗୋଷ୍ଠୀରେ ମିଶାଉ ନାହାନ୍ତି । ଦୁଇ ଆଖିରେ ଲୁହ ଜମିଗଲା ।

ତୁ ସତରେ ହୁଣ୍ଡୀଟାଏ ଲୋ । ତୋ ନାନୀ ବାହାଘର ପାଇଁ ଉପହାର କିଣାଯିବ । କହିଲା ହେମା ।

ISSN NO.
2582-208X

"ଏଇଥିପାଇଁ କୁହାଯାଏ ବୟସ ଅନୁସାରେ ଯାହା ଯେତେବେଳେ କରିବା କଥା କରିବା ଉଚତ୍ । ତୁ ଏତେ ଛୋଟଟା । ତେଣୁ ଆମମାନଙ୍କ ମତାମତ, ବୁଝାମଣା ତୋ ମୁଣ୍ଡରେ ପଶୁନ", କହି ଶୁଭନକା ମୋ' ପିଠି ଥାପୁଡ଼ାଇଲ୍ ।

ସୁଶୀନାନୀ ଶାଶୁ ଘର ଯିବାର ଦୁଇଦିନ ହୋଇଯାଇଥାଏ । ସେଦିନ ସୋମବାର । ସ୍କୁଲ୍ ଗଲି । ମୁହଁ ଶୁଖାଇ କ୍ଲାସ୍‌ରେ ବସିଥିଲି । ମନ ଥିଲା ସେ ଝିଅର ଇଏ ରିଙ୍ଗ୍ ମାଷ୍ଟର ହେବ ଦିଦି, କହିଲା ଛୁଆନାନୀ ପାଖରେ । ତାକୁ ଭଲକରି ଶାଢ଼ୀ ପିନ୍ଧି ଆସେନା । କେମିତି ଓଢ଼ଣା ଟାଣି ଚାଲୁଥିବ । ପଡ଼ିଯିବ ଯଦି । ଗୋଟିଏ ହାତ ତ ଭାଙ୍ଗି ସାରିଛି । ପୁଣି ଅନ୍ୟ ହାତଟା ଯଦି ଆଖିରେ ଲୁହ ଜକେଇଲା । ହଠାତ୍ ଆଚାର୍ଯ୍ୟ ସାର୍ (ସଂସ୍କୃତ ପଣ୍ଡିତେ) କହିବାର ଶୁଣି ପାରିଲି, "ଏ ଝିଅ ସବୁବେଳେ ହସୁଥାଏ । ଆଜି ଏମିତି ଉଦାସ କାହିଁକି ?"

କିଛି ନ ବୁଝିପାରି ଠିଆ ହୋଇ ପଡ଼ିଲି । ହୁଏତ କିଛି ପ୍ରଶ୍ନ ପଚାରୁଛନ୍ତି । ଯାହାର ଉତ୍ତର ମୁଁ ଦେଇପାରୁନି ।

"ସାର୍ ତା' ନାନୀ ବାହାହୋଇ ଚାଲିଯାଇଛନ୍ତି । ତେଣୁ ସେ ତାଙ୍କୁ ଝୁରୁଛି ।"

ଜଣେ ସୁଖୀ ମାତ୍ର ଅନ୍ୟ ଜଣକର ଜୀବନ୍ତ ବଧ! ଗତ ଇତିହାସ, ଆସନ୍ନ ମିଷ୍ଟି, ଆଜି ଭଗବାନଙ୍କ ଦାନ । କାଲିର ବିଗତ ହୋଇଛି । ବର୍ତ୍ତମାନ ପୁରାତନକୁ ବଦଳାଇ ପାରିବ । ଆଉ ଭବିଷ୍ୟତ ବର୍ତ୍ତମାନ ଉପରେ ନିର୍ଭର କରେ । ତେଣୁ ବର୍ତ୍ତମାନକୁ ନଷ୍ଟ କରନା ବାଳିକେ!"

## ଅଳପ କଥା

ମୋ' ପୁଅର ବାହାଘର । ପୂର୍ବଦିନ ଆମ ତରଫରୁ ନିର୍ବନ୍ଧର ବ୍ୟବସ୍ଥା । ଆମ ପକ୍ଷରୁ ହରିୟାଣାର ଗଭର୍ଣ୍ଣରଙ୍କର ମଧ୍ୟ ବାହାଘର ଉତ୍ସବରେ ଯୋଗ ଦେବାର ଥିଲ୍ । ସାଜସଜ୍ଜା ବହୁ ଗୃକଚକ୍ୟ । ବୋହୂର ବାପା ମତେ ସ୍ୱାଗତ କଲେ । ପରେ ପରେ ଅନ୍ୟ କେତେଜଣ ।

ISSN NO.
2582-208X

ଶେଷରେ ତା'ର ବଡ଼ ଭଉଣୀ । ସେଇ ଭଉଣୀ ଯିଏ ଦେହ ଖରାପ ଯୋଗୁ ଆମ ଘରେ ଆୟୋଜିତ ଉତ୍ସବରେ ଯୋଗ ଦେଇ ପାରି ନ ଥିଲା । ତା' ହାତରୁ ଫୁଲ ନେବା ପୂର୍ବରୁ ମୋ' ପାଟିରୁ ବାହାରି ଆସିଲା, "ଦେହ ଏବେ ପୁରା ପୁରି ଠିକ୍ ତ । ବେଶୀ ଦୁଡା ଧମ୍ପଡା ନ କରିବା ଭଲ ।"

ଜୋର୍ କରି ଥାପୁଡ଼ାଏ ମାରିଲା ଭଲ ସେ ଉତ୍ତର ଦେଲା, "ଠିକ୍ ନ ଥିଲେ ଏ ପ୍ରହସନକୁ କେମିତି ଆସିଥାନ୍ତି । ସେଇଥିରୁ କ'ଣ ବୁଝି ପାରୁ ନାହାନ୍ତି ?"

ବାହାଘର ଶେଷ ହେବାର ବହୁଦିନ ପର୍ଯ୍ୟନ୍ତ ମୁଁ ଏ ବିଷୟରେ ଚିନ୍ତା କରିଥିଲି । ଶେଷରେ ଏଇ ସିଦ୍ଧାନ୍ତରେ ଉପନୀତ ହୋଇଥିଲି ଅତି ନଜର ଭାବି ବୟସ ସ୍ଥାନ କାଳ ପାତ୍ର ନିର୍ବିଶେଷରେ ପ୍ରଗଲ୍ଭ ହୋଇ ଉଠିବା "ଅପାତ୍ରରେ ଦାନ" ସହିତ ସମାନ । ଏ ସବୁ ସ୍ଥାନରେ ମାପି ଚୁପି କଥା କହିବା ଉଚିତ୍ । ପ୍ରଗଲ୍ଭତା ସହ ନୁହେଁ ।

## ସକାଳ ଗୁହା

ସକାଳ ଗୁହା କପ୍‌ଟା ମୋ' ପାଇଁ ଔଷଧ ଠାରୁ କିଛି କମ୍ ନୁହେଁ । ଦିନଟି ସୁରୁଖୁରିରେ କାଟିବାକୁ ହେଲେ ସେଇଟା ନିହାତି ଦରକାରୀ । ନଚେତ୍ ଦିନ ଦଶଟାରୁ ଆରମ୍ଭ ହୋଇଯିବ ମୁଣ୍ଡବିନ୍ଧା କିଛିଟା ଙ୍କଉରବଙ୍କସଙ୍ଉରଙ୍କଙ୍କ ଯାହା ଧୀରେ ଧୀରେ ବଢ଼ି ୪ଟା-୫ଟା ବେଳକୁ ସାଙ୍ଘାତିକ ଅବସ୍ଥା କରିଦିଏ । ତେଣୁ ସକାଳେ ତା'ର ବ୍ୟତିକ୍ରମ ନ ହେଉ ସେଥିପ୍ରତି ମୁଁ ବହୁତ ସଜାଗ ରହେ । ଅସାଧାରଣ ଭାବେ ବଡ଼ କପ୍‌ଟାଏ । ସେଇଟା ଧରି ମୁଁ ସକାଳର ଜୋତା ସିଲାଇ ଠାରୁ ଆରମ୍ଭ କରି ଚଣ୍ଡୀପାଠ ପର୍ଯ୍ୟନ୍ତ କରିଥାଏ । ମୋ' ଝିଆରୀ ମିଲୁ କହେ, "ସକାଳର ଗୁହା କପ୍‌ଟା ତୋର ସବୁଠୁ ଉପଭୋଗ୍ୟ ବସ୍ତୁ ନାନୀ" ।

ସକାଳର ସେଇ ଗୁ କପ୍‌ଟା ପାଇଁ ଆମ ଘରେ କାମ ବାଲିମାନଙ୍କ ପାଇଁ ରୁଟିନ୍, ସକାଳ ୭ଟାରେ ଆସିବେ । ଏଥିରେ କେବେ ବ୍ୟତିକ୍ରମ ହୁଏନା । ବାହାରକୁ ଗଲେ ହୋଟେଲ୍ ରିସେପ୍‌ସନ୍ ଡ଼େସ୍କରେ ସେଇଟା ମୋ'ର ପ୍ରଥମ ଅନୁରୋଧ ତ ନୁହେଁ ଏକ ପ୍ରକାର ଦାବୀ । କାହିଁକି କେଜାଣି ୨୦୦୭ରୁ ଧୀରେ ଧୀରେ ଏଥିରେ ବ୍ୟତିକ୍ରମ ଦେଖାଦେଲା ।

ISSN NO.
2582-208X

ଯେଉଁ ଗରମ ଗ୍ଲହା କପ୍‌ଟା ହାତରେ ଧରି ମୁଁ ଘଣ୍ଟା ମିଳାଉ ଥିଲି, କ୍ରମେ କ୍ରମେ ତାହା ଛଅରୁ ସାତ, ସାତଟାରୁ ସାଢ଼େ ସାତଟା ହେଲା । ମୁହଁ ଖୋଲିଲେ ଘରେ ଅଶାନ୍ତ । ପିଲାମାନେ କୁହନ୍ତ "ତୁମ ପାଇଁ ଏ ଘରେ କେହି ରହିପାରିବେନ" । କଥାଟାର ମର୍ଯ୍ୟାଦା ବୁଝି ପାରେନା କ ଗ୍ଲହା କପ୍ ବିନା କାମ ବି ଚଳେନା । କ୍ରମେ କ୍ରମେ ଘରେ ଗ୍ଲହା ପିଇବା ପ୍ରାୟ ବନ୍ଦ ।

ବୋହୂର ବାପା ପ୍ରାୟତ୍ତ ଆମ ଘରକୁ ଆସିଥାନ୍ତ । ତାଙ୍କର ଦୁଇ ଗ୍ଲରିଦିନ ରହଣୀରେ ଆମ ଘରେ ଶାନ୍ତ ବଢ଼ିଯାଇଥାଏ । ବିଶେଷ କରି ସକାଳ ଗ୍ଲହାଟା ୬ଟାରେ ମିଳଥାଏ । ତେଣୁ ସେ ମାସରେ ଦୁଇଥର ଆସୁଥିବା ସତ୍ୱେ ମୁଁ ତାଙ୍କୁ ବହୁବାର ଆସିବାକୁ ଅନୁରୋଧ କରିଥାଏ। ସେଦିନ ମୁଁ ହସ୍‌ପିଟାଲ୍‌ରୁ ଆସି ପହଞ୍ଚି ସମୁଧିଙ୍କୁ ଡ୍ରଇଂ ରୁମ୍‌ରେ ଦେଖି କେତେବେଳେ ଆସିଲେ କହି ସେଇଠି ବସି ପଡ଼ିଲି । ପୁଷ୍ପା ଆଣି ଦୁଇକପ୍ ଗ୍ଲହା ରଖିଲା । ସାଂଗରେ ଆହୁରି କେତେ କ'ଣ । ସମୁଧିଙ୍କ ହାତରେ ଗ୍ଲହା କପ୍‌ଟା ଧରାଇ ଝାମ୍ପ ମାରିଲା ଭଳ ମୋ' କପ୍‌ଟା ଉଠାଇ ନେଲି । ବହୁଦିନ ହେଲା ଘରର "ଲାପ୍‌ଚୁକ୍" ଗ୍ଲହା ପିଇ ନ ଥିଲି । ସଲ୍‌ଟେଡ୍ କାଜୁ ପ୍ଲେଟ୍‌ଟା ତାଙ୍କୁ ଦେଖାଇବାରୁ ସେ ମୋ' ହାତରୁ ପ୍ଲେଟ୍‌ଟା ନେଇ ଯାଇ ପଗ୍ଲରିଲେ, "ଆପଣ ସକାଳେ କେତେବେଳେ ଉଠନ୍ତ?"

ପାଞ୍ଚରୁ ସାଢ଼େ ପାଞ୍ଚ ଭିତରେ ।

ଏତେ ଶୀଘ୍ର ଉଠି କ'ଣ କରନ୍ତ?

ସେଇ ସକାଳ ସମୟଟା ତ ମୋ'ର ଅସଲୀ ସମୟ । ଲେଖାପଢ଼ା, ଆହୁରି କେତେ କ'ଣ। ଅନ୍ୟ ସମୟରେ ଯାହା ପାଇଁ ମତେ ଦୁଇଘଣ୍ଟା ଲାଗିଥାଏ ସକାଳେ ବାସ୍ ପନ୍ଦର କୋଡ଼ିଏ ମିନଟ୍ । ସତରେ ବ୍ରାହ୍ମ୍ୟ ମୁହୂର୍ତ୍ତର ଦାନ ପୃଥିବୀ ପାଇଁ ବହୁତ ବେଶୀ ।

ମତେ ଆଉ ଆଗକୁ କୁହାଇ ନ ଦେଇ ସେ କହିଲେ ସକାଳ ଗ୍ଲହାଟା ନଜେ କାହିଁକ ତିଆରି କରି ପାରନ୍ତନ?

ISSN NO.
2582-208X

ସ୍ତବ୍ଧ ହୋଇ ଗୃହା କପ୍‌ଟା ଟିପୟ ଉପରେ ରଖି ଦେଲି । ପରିବେଶରେ ପରିବର୍ତ୍ତନ ଆଣିବା ପାଇଁ କହିଲି ଆପଣ ଗତ ସପ୍ତାହରେ କାହିଁକି ଆସି ନ ଥିଲେ?

"ଏବେଠୁ ଆପଣ ନିଜ କାମ ନିଜେ କରିବା ଶିଖନ୍ତୁ । ଯେମିତି ସକାଳର ଗୃହା" କହି ଉଠି ସେ ଭିତରକୁ ଚାଲିଗଲେ । କଥା ପଦଟା ମତେ ଭଲ କି ଖରାପ ଲାଗିଥିଲା ତାହା କହିବା ବାହୁଲ୍ୟ, ମାତ୍ର ସକାଳୁ ସକାଳୁ ନିଜ ଗୃହା କପ୍‌ଟା ତିଆରି କରି ଲେଖା ଲେଖି କରି ବସିବାରେ ବିନା ମେଣ୍ଟାଲ୍ ଏବଂ ପାରିପାର୍ଶ୍ୱିକ ଡିଷ୍ଟରବାନ୍ସରେ ମୋ'ର ଲେଖିବାର ପ୍ରଗତି ଏତେ ବେଶୀ ବଢ଼ି ଯାଇଛି ତାହା ମୋ' ବ୍ୟତୀତ ଅନ୍ୟ କେହି ବୁଝି ପାରିବେନି, ବୁଝାଇଲେ ବି ବିଶ୍ୱାସ କରିବେନି ।

## ମୂର୍ଚ୍ଛାମୀ

ଦୁଇହଜାର ସତର ମସିହା । ସାହିତ୍ୟରେ କୁନ୍ତଳା କୁମାରୀ ସାବତ ସମ୍ମାନ ପାଇଁ ଖୋର୍ଦ୍ଧାରୁ ନିମନ୍ତ୍ରଣ ଆସିଥିଲା । ମୁଖ୍ୟ ଅତିଥି ରୂପେ ଶ୍ରୀ ଅଶୋକ ସିଂ । ଅଳ୍ପ କେତେ ବର୍ଷର ବନ୍ଧୁତା ହେଲେ ମଧ୍ୟ ତାଙ୍କ ସହ ମୋ'ର ଘନିଷ୍ଠତା ଖୁବ୍ ବଢ଼ିଯାଇଥିଲା । ହେଲେ ସେଠାରେ ପହଞ୍ଚିବା ପରେ ଜାଣିବାକୁ ମିଳିଲା ଯେ ସେ ଅସୁସ୍ଥ, ତେଣୁ ଆସିପାରିବେନି । କାହିଁକି କେଜାଣି ମୁଁ ଖୁବ୍ ଅଶ୍ୱସ୍ତି ଅନୁଭବ କଲି, "ଆଜିର ଏ ଦିନଟି ଆନନ୍ଦର ନାଁ ଦୁଃଖର" । ସମ୍ମାନନା ହେବା ପରେ ପରେ ମୁଁ ଖୋର୍ଦ୍ଧା ଛାଡ଼ି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲି । ଗାଡ଼ିରେ ବସିବା ପରେ ଦେଖିଲି ଜଣେ ଯୁବକ ଗାଡ଼ିକୁ ନିର୍ଦ୍ଦେଶ କରି କିଛି କହୁଛନ୍ତି ଏବଂ ଅନ୍ୟମାନେ ତାଙ୍କୁ ଦୂରକୁ ଯିବାକୁ କହୁଛନ୍ତି । ଗାଡ଼ିର କାଚ ତଳକୁ କରି ପ୍ରଶ୍ନ କଲି, ଜଣେ କେହି ଉତ୍ତର ଦେଲେ,

"ତାଙ୍କର ଖୁବ୍ ଶୀଘ୍ର ଭୁବନେଶ୍ୱର ପହଞ୍ଚିବାର ଅଛି, ତେଣୁ ସେ ଆପଣଙ୍କ ସହ ଯିବାପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି" ।

ଏଥିରେ ଅସୁବିଧା କ'ଣ! ଆସ ବାବୁ ।

ISSN NO.
2582-208X

ଗାଡ଼ି ଭିତରେ ଜାଣିବାକୁ ପାଇଲି, ଦେବଦତ୍ତ ଜଣେ ଜର୍ଣ୍ଣାଲିଷ୍ଟ । ପିଲ୍ଟି କାହାର ଇଣ୍ଟରଭିଉ ନେବାପାଇଁ ଟିଭି ଷ୍ଟେସନ୍ ଯାଉଛି ।

ମୁଁ ଆପଣଙ୍କ ବିଷୟରେ ବହୁ କିଛି ଜାଣିବାକୁ ପାଇଛି ମାଡାମ୍ । ଆମ ଓଡ଼ିଶା ମାଟିର ଝିଅ ବିଶ୍ୱ ଦରବାରରେ ପ୍ରତିଷ୍ଠିତା । ଏହା ଆପଣଙ୍କ ପାଇଁ ନୁହେଁ ସାର୍ ଓଡ଼ିଶାବାସୀଙ୍କ ପାଇଁ ଗର୍ବର ବିଷୟ । ହେଲେ ଆପଣଙ୍କ ବଡ଼ପଣିଆ ମୁଁ ଆଜି ସ୍ୱଚକ୍ଷୁରେ ଦେଖିବାକୁ ପାଇଲି । ନିଜର ଏତେବଡ଼ ସମ୍ମାନ ପାଇଁ ଖୁସି ନୁହନ୍ତୁ । ସିଂ ଆଜ୍ଞାଙ୍କ ପାଇଁ ଦୁଃଖରେ ଭାଙ୍ଗି ପଡ଼ିଛନ୍ତୁ।

ଆପଣ କ'ଣ ସୁସମ୍ବାଦରେ ଖୁସି ହୁଅନ୍ତୁନ?

କିଏ କହିଲା ନୁହେଁ ଦେବଦତ୍ତ, ମୁଁ ମଧ ରକ୍ତ ମାଂସର ମଣିଷ ଟିଏ । ହେଲେ କାହିଁକି କେଜାଣି – ଅଶୋକ ବାବୁଙ୍କର ଅସୁସ୍ଥତା ମୋ' ହୃଦୟକୁ ବିଦାରି ପକାଉଛି । ବହୁଦିନ ହେଲା ତାଙ୍କ ସଂଗେ ଦେଖା ହୋଇ ନ ଥିଲା । ଭାବିଥିଲି ହସ ଖୁସିରେ ତାଙ୍କ ସହ କେଇପଦ କଥା ହେବି । କାଲି ସକାଳେ ଦିଲ୍ଲୀ ଚାଲିଯିବ । ପୁଣି କେବେ ତାଙ୍କ ସହ ସାକ୍ଷାତ ହେବାର ସୁଯୋଗ ଆସିବ କହିପାରିବିନି । କଥା ବୁଲାଇବା ପାଇଁ ତା' ନିଜ ବିଷୟରେ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରିଲି ।

ମୋ’ ବିଷୟରେ ତ ଆପଣ ସବୁ ଜାଣିଲେ ମାଡ଼ାମ୍ । ମତେ ଆଶୀର୍ବାଦ ଦିଅନ୍ତୁ, ମୁଁ ଖୁବ୍ ଶୀଘ୍ର ସମାଜରେ ନିଜକୁ ପ୍ରତିଷ୍ଠା କରିପାରେ ।

ସମାଜରେ ପ୍ରତିଷ୍ଠିତ ହେବାକୁ ହେଲେ କେବଳ ନିଷ୍ଠା ହିଁ ଆବଶ୍ୟକ ଦେବଦତ୍ତ ।

ଆପଣଙ୍କ ଜୀବନରେ ତ ବହୁ ସୁଖ ସମୃଦ୍ଧି ଦିନ ଆସିଥିବ ମାମ୍, ଆପଣଙ୍କୁ କେଉଁ ବିଷୟମାନ ସବୁଠାରୁ ବେଶୀ ଆନନ୍ଦ ପ୍ରଦାନ କରିଛି ।

କ’ଣ ସତ କହିବି! ଦେବଦତ୍ତ କିଛି ନ କହି ମୋ' ମୁହଁକୁ ଚାହିଁଲା ।

ISSN NO.
2582-208X

ସାରା ପୃଥିବୀ ପାଇଁ ନ ହେଲେ ମଧ୍ୟ ମୋ' ପାଇଁ ସବୁଠୁ ସୁଖର ଦିନ ଥିଲା ମୋ' ପୁଅର ଜନ୍ମ । ସନ୍ଧ୍ୟା ପାଞ୍ଚଟା ପଇଁଚାଳିଶରେ ତା'ର ଜନ୍ମ ହୋଇଥିଲା । ମୋ'ର ସ୍ପଷ୍ଟ ମନେ ଅଛି ତହିଁ ଆରଦିନ ସକାଳ ସାଢ଼େ ଆଠଟା ପର୍ଯ୍ୟନ୍ତ ମୋ'ର ଆନନ୍ଦକୁ ମୁଁ ବୀର (ଆମ ପରିବାରର ବିଶ୍ୱସ୍ତ) ସହ ଆଲୋଚନା କରୁଥିଲି । ବହୁ ବର୍ଷ ପରେ ଆହୁରି ଗୋଟିଏ ଦିନ ଆସିଥିଲା । ସେ ଥିଲା ମୋ' ପୁଅର ଝିଅ ଜନ୍ମ । କୁନ୍ଲେଇଟିର ଆବିର୍ଭାବ ଆମ ପରିବାର ପାଇଁ ଗର୍ବ ଥିଲା । ତା'ର ଦୁଇଟି କାରଣ ଥିଲା; ପ୍ରଥମଟି ହେଲା ପୁଅର ବାହାଘରର ଦଶବର୍ଷ ପରେ ତାର ପିଲା ଆଉ ଦ୍ୱିତୀୟଟି ହେଲା ମୋ' ନଜର ଝିଅ ନ ଥିଲା । ଦେବଦତ୍ତ ନିକଟରେ ଏଇ ଦୁଇଟି ବିଷୟ ପ୍ରକାଶ କରିବା ସମୟରେ ମୋ'ର ପ୍ରଗଲଭତା ଏତେ ବେଶୀ ବୃଦ୍ଧି ପାଇଥିଲା ଯେ ମୋ' ମନକଥା ଗୁଡ଼ା ମୋ' ଅଜାଣତରେ ବାହାରକୁ ଆସି ଯାଇଥିଲା ।

"ଜାଣିଛ ଦେବଦତ୍ତ, ଯେଉଁଦିନ ଆମ "ଆଦୁମନ୍" – ଦୁନିଆରେ ପାଦ ରଖିଲା ସୁଖ ବାଣ୍ଟିବାକୁ ପାଖରେ କେହି ନ ଥିଲେ । ହସ୍ପିଟାଲ୍ ଦଉଡ଼ି ଗଲି । ବୋହୂ ପିଲା ସଂଗେ ଥିଲା, ତେଣୁ ସେ ମତେ ବାହାରେ ଅପେକ୍ଷା କରିବାକୁ କହିଲା, ପିଲାର ପ୍ରଥମ ଫିଡ଼ିଙ୍ଗର ପ୍ରଚେଷ୍ଟା । ବହୁ ସମୟ ବାହାରେ ଛିଡ଼ା ହେବା ପରେ ପୁଅ । ରାତିରେ ସେ ସେଠାରେ ରହିବ କହି ମତେ ଘରକୁ ଫେରିଯିବାକୁ କହିଲା, ଘରେ ପହଞ୍ଚି "ଆଦୁମନ୍"ର କୋମଳତା ବିଷୟରେ ଚିନ୍ତା କରୁଥିଲି । ଏତେ ବର୍ଷର ପ୍ରତୀକ୍ଷା ପରେ ନୂଆ ଅତିଥିର ସମାଗମ । ଆବଶ୍ୟକତା ଠାରୁ ଟିକଏ ଅଧିକା ସଜାଗ ରହିବା ଉଚିତ୍ । ସାମାନ୍ୟ ଭାବନାଶୀଳତା ହୋଇ ଉଠିଲି । ଲବିରେ ବସି ଢୁଳାଉ ଥିଲା ସରୋଜ । (ଡୋମେଷ୍ଟିକ୍ ହେଲ୍ପ) ବୋହୂର ଖୁବ୍ ନିକଟତର ବୋଲି ସେ ଯାହା କଛି କଲେ ମଧ୍ୟ ମୁଁ ଦେଖି ନ ଦେଖିବାର ନାଟକ କରେ।

ଆପଣଙ୍କ ବାଳଗୁଡ଼ା ଇଆଡ଼େ ସିଆଡ଼େ ହୋଇଛି । ଟିକଏ ତେଲ ଘସି ଦେବି ?

ଆଶ୍ଚର୍ଯ୍ୟ ହୋଇ ସରୋଜ ମୁହଁକୁ ଚାହିଁଲି । ତା'ର ଏମିତି ଅପ୍ରତ୍ୟାଶିତ କଥା ଉପରେ ମୋ'ର ବିଶ୍ୱାସ ଆସୁ ନ ଥିଲା ।

ISSN NO.
2582-208X


ସେଦିନ କଥା ମନେ ପକାଉଛନ୍ତୁ ତ! ଆପଣଙ୍କ ବୋହୂ ମନାକଲା । ଆହା ଆପଣ କେତେ କଷ୍ଟ ପାଉଥିଲେ ସେଦିନ ।

ମତେ ଜଣାଥିଲା ସରୋଜ ଗୋଟାଏ ଘର ଭଙ୍ଗା । ୟା' ବିରୁଦ୍ଧରେ ତା' ପାଖରେ ତା' ବିରୁଦ୍ଧରେ ୟା ପାଖକୁ କହିବା ତା'ର ଅଭ୍ୟାସ । କଥା ନ ବଢ଼ାଇବା ପାଇଁ କହିଲି, ଠିକ୍ ଅଛି ଘଷି ଦେ ।

ତେଲ ଘଷା ପର୍ବ ଶେଷ ହେଲା ପରେ ମୁଁ ମୁହଁ ଧୋଇବାକୁ ଉଠିଗଲି । ହଠାତ୍ ଦେଖିଲି ମୋ' ଗଳା ଖାଲି । ଖୁବ୍ ଚନ୍ତୁତା ହୋଇ ତେଲ ଘଷା ସ୍ଥାନକୁ ଦଉଡ଼ି ଆସିଲି, "ମୋ' ଚେନ୍‌ଟା ଦେଖିଛୁ ସରୋଜ?" କଛି ନ କହି ସେ ପୂର୍ବଭଳ ବସି ରହିଲା । ବାରଂବାର ତାକୁ ସେଇ ପ୍ରଶ୍ନଟି ଦୋହରାଇ ୟାଡ଼େ ସାଡ଼େ ନଜର ପକାଉଥିଲି । ଲକେଟ୍‌ଟି ପଡ଼ିଥିଲା, ଉଠାଇ ଆଣି ଆଉଥରେ ତାକୁ ଉଠି ଖୋଜିବାକୁ କହିଲି, ମାତ୍ର ତା' ଆଡୁ କୌଣସି ରେସ୍‌ପନସ୍ ଆସିଲାନ ।

କହନ୍ତୁ ସୁନା ହଜିଲେ ଦୋଷ । ଏତେ ଭଲ ଦିନରେ ଏ ଖରାପ ଘଟଣା । ଝାଡୁଖଣ୍ଡେ ଆଣି ସୋଫା ଏବଂ ଆଲମାରୀ ତଳ ଦେଖୁଥିଲି । ରାଜିଆ କବାଟ ଖୋଲି ପଶିଲା । "ପୁଅ ନାଁ ଝିଅ ହେଲା ଦିଦି" ।

ଝିଅ, ତାକୁ ଆଉ ଆଗକୁ କୁହାଇ ନ ଦେଇ କହିଲି ଦେଖି ରାଜିଆ ମୋ' ଚେନ୍‌ଟା ମିଳୁନ ।

"କେମିତି କଥା କୋହୁଛ? ଆଜି ଭଳ ଭଲ ଦିନରେ ସୁନା ହଜିଛି । କୋଉଠି ଡାକ୍ତରଖାନାରେ ପଡ଼ି ଯାଇନ ତ?" କହି ରାଜିଆ ମୋ' ହାତରୁ ଝାଡୁ ନେଲା ।

"ନା ରାଜିଆ, ଲକେଟ୍‌ଟା ଏଇଠୁ ମିଳଲା," ବ୍ୟସ୍ତ ହୋଇ କହିଲି ।

"ଚେନ୍‌ଟା ଛିଡ଼ିଲା କେମିତି?" ମୋ' ହାତରେ ଦୁଇ ଇଞ୍ଚର ଚେନ୍ ଖଣ୍ଡେ ଦେଖାଇ କହିଲା ରାଜିଆ । ଆଉ ଟିକଏ ଭଲ କରି ଭିତରକୁ ଦେଖ୍ ରାଜିଆ ।

ISSN NO.
2582-208X

"ଗୁରିଆଡ଼ ଦେଖି ସାରିଲିଣି । ଆଉ ମିଳବାର ଆଶା ନାହିଁ ।" ଥରେ ମୋ' ଆଡ଼କୁ ଆଉଥରେ ସରୋଜ ଆଡ଼କୁ ଗୁହିଁ ବାହାରକୁ ବାହାରିଗଲା ରାଜିଆ ।

ତହିଁ ଆରଦିନ ବଡ଼ି ଭୋରୁ ସବୁଦିନ ଭଳ ରାଜିଆ ଆସି ତା' କାମରେ ଲାଗିଗଲା । ମତେ ଉଦାସ ଦେଖି କହିଲା "ଯାହା ହେବାର ତ ହୋଇଗଲାଣି ଦିଦି । ସବୁ ଭୁଲିଯାଅ । ହେଲେ ସତରେ ତୁମେ କେଡ଼େ ସରଳ ଦିଦି! ତୁମ ବେକରୁ କିଏ ହାର କାଟି ନେଉଛି ତୁମକୁ ଜଣା ପଡୁନ । ଆଜିକାଲି ଦୁନଆ ଭାରି ଖରାପ ହେଲାଣି । ନିଜକୁ ସାବଧାନ ରଖ ।"

ରାଜିଆ କଥା ଶୁଣି ମୋ'ର ମନେହେଲା ମୋ' ଗାଲରେ ଯେମିତି ଖୁବ୍ ଜୋର୍‌ରେ କିଏ ଦିଟା ଗୁପୁଡ଼ା ମାରୁଛି । ମାତ୍ର ପିଲାଟି ଯେତେବେଳେ ଚଉଦମାସର ଥିଲା ସେ ଥିଲା ମୋ' ଜୀବନର ସବୁଠାରୁ ଏକ ଦୁଃଖମୟ ମୁହୂର୍ତ୍ତ । ଆଦୁ ପ୍ରାୟ ଦିନରାତି ମୋ' ପାଖରେ ରହେ। ସେଦିନ ତା' ମା' ଆସି ଗେଲ କରି ବସିଲା । ବାହାର ଦୁଆର ଖୋଲି ଥିଲା ସେ ମା' ପାଖରେ ଅଛି ଭାବି ମୁଁ ଗାଧୋଇବାକୁ ଗଲି । ଆସି ଦେଖେ ଆଦୁର ସ୍ୱର ଶୁଣା ଯାଉନ । ତା' ମା'କୁ ଖୋଜିଲି । ଡ୍ରାଇଭର ମଧ୍ୟ ନ ଥିଲା ସାଧାରଣତଃ ସେ ସାଢ଼େ ତିନଟାରେ ବାହାରକୁ ଯାଏ । ହେଲେ ଆଦୁ! ଦୁଆର ଏବେ ବି ଖୋଲା । ବାହାର ଗେଟ୍ ମଧ୍ୟ ଖୋଲା, ବୋହୂକୁ ଫୋନ୍ କଲି । ଉଠାଇଲାନ । କେଉଁଠି ବ୍ୟସ୍ତ ଥିବ ମନେ କରି ପୁଅ ପାଖକୁ ଆଦୁ ବିଷୟ ନେଇ ଫୋନ୍ କଲି ।

"ସେଇଠି କୋଉଠି ଥିବ । ମୁଁ ସକାଳଠୁ ବାହାରେ । ମତେ କେମିତି ଜଣା ପଡ଼ିବ ଆଦୁ କେଉଁଠି? ଘର ଭିତରେ ଦେଖ, ତିଳକୁ ତାଳ କରିବା ତୁମର ଅଭ୍ୟାସ ।"

ରସୀନା ମୋ' ଫୋନ୍ ଉଠାଉନ, ତୁ ଥରେ ଫୋନ୍ କର ।

ମତେ ଯେତିକି ଟେନ୍‌ସନ ଦେଲଣି ତାକୁ ପୁଣି ଦେବ! ତାକୁ ଭଲରେ ତା' କାମ କରିବାକୁ ଦିଅ ।

ମୁଣ୍ଡରେ ଚଡ଼କ ପଡ଼ିଲା । ଆଜିକାଲିକା ପିଲାମାନେ କୌଣସି କଥାକୁ ସିରିଅସଲି ନଅନ୍ତିନ। ପରକ୍ଷଣରେ ନିଜ ଉପରେ ବିରକ୍ତ ହେଲି । ସାଢ଼େ ତିନଟା ତ ବୋହୂର ଯିବାର ସମୟ

ISSN NO.
2582-208X

ହେଉଥିଲା । କହି କରି ଯିବା ତା'ର ଅଭ୍ୟାସର ବାହାରେ । ମୁଁ ବାହାର କବାଟ ବନ୍ଦ ନ କରି କାହିଁକ ଓ୍ୱାସ୍‌ରୁମ୍ ଗ୍ଲିଗଲି । ଆଗକୁ କଛି ଚନ୍ତା ନ କରି ପାରି ଭିତର ବାହାର ହେଉଥିଲି । ଡ୍ରାଇଭର ଗାଡ଼ି ରଖିଲା । ପୁଅଠାରୁ ଖବର ପାଇ ବୋହୂ ଧାଇଁ ଆସିଛି । ଗାଡ଼ି ପାଖକୁ ଅଣନଶ୍ୱାସୀ ହୋଇ ଧାଇଁଲି । ମା', ଝିଅ ଗାଡ଼ିରୁ ଓହ୍ଲାଇଲେ ।

"ତୁ କୁଆଡ଼େ ଏମିତି ଗ୍ଲିଗଲୁ ଆଦୁ ମନ! କହି ତାକୁ କୋଳକୁ ନେଲି ।"

ତା' ବାଳ କଟାଇବାକୁ ନେଇଥିଲି । ନଜ ଝିଅକୁ ନେବାପାଇଁ ମଧ ମୋ'ର ଅନ୍ୟମାନଙ୍କ ଠାରୁ ପରମିଶନ୍ ନେବା ଦରକାର!

ସତ କଥା ତ । ମୁଁ ସତରେ ମୂର୍ଖ । ନଜକୁ ନଜେ ଧିକ୍‌କାରିଲି । ଏତେଟା ସ୍ୱତ୍ୱବୋଧକ ହେବାଟା ମୋ' ପକ୍ଷରେ ସ୍ୱାଗତଯୋଗ୍ୟ ନୁହେଁ, ମାତ୍ର ମୁଁ ଦ୍ୱିବିଧାରେ ରହିଗଲି ।

ମୁଁ ଏଇଠି ଓହ୍ଲାଇବି ମାଡ଼ାମ୍ । ଆପଣଙ୍କ ସଂଗେ କଥାବାର୍ତ୍ତା କରିବାର ସୁଯୋଗ ମିଳଥିବାରୁ ମୁଁ ନଜକୁ ଧନ୍ୟ ମନେ କରୁଛି । ଦେବଦତ୍ତ ଓହ୍ଲାଇଯିବା ପରେ ଗାଡ଼ି ଦୁଆର ବନ୍ଦ କରି ଡ୍ରାଇଭର ଗାଡ଼ି ଆଗକୁ କଲା, ମାତ୍ର ମୁଁ ଯେମିତି ପଛକୁ ପଛକୁ ଖସି ଯାଉଥିଲି । ଏତେ ପ୍ରଗଳଭତା ଫଲ ନୁହେଁ । ଅଜଣା ପିଲାଟା ସାମ୍ନାରେ...

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ମୋ ସମୟ



ଟଙ୍କଧର ଶତପଥି

ନିତି ମୁଁ ପାନିଆଁ ନେଇ
ଯତନରେ ମୁଣ୍ଡ ଦେବି କୁଣ୍ଡାଇ
ଦେବି କୁଣ୍ଡାଇ ଯେ ଉକୁଣୀ ରହିବ ନାହିଁ ॥

ସାତଦିନେ ଥରେ ମୁହିଁ
ଯତନେ ପୋଷାକ ସଫା କରଇ
ସଫା କରଇ ଯେ  ମଇଳା ଦିଶଇ ନାହିଁ ॥

ପନ୍ଦରଟି ସଫା ରାତି
ଚନ୍ଦ୍ରକୁ ଦେଖିବି ହୋଇଣ ସାଥି
ହୋଇଣ ସାଥି ଯେ ଏକ ପକ୍ଷ ଯିବ ବିତି ॥

ମାସକରେ ଥରେ ମୁହିଁ
ଭଲକରି ଚୁଟି ଦେବି କଟାଇ
ଦେବି କଟାଇ ଯେ ସୁନ୍ଦର ଦିଶିବି ମୁହିଁ ॥

ବରଷକେ ଥରେ ମୁହିଁ
ନୂଆଁ କ୍ୟାଲେଣ୍ଡର ଦେବି ଝୁଲାଇ
ଦେବି ଝୁଲାଇ ଯେ ନୂଆଁ କଥା ଦେବ କହି ॥

ଶିକ୍ଷକ
ସୁନ୍ଦରପାଳ, ଅନୁଗୋଳ
ଦୂରଭାଷ :-୯୯୩୮୨୬୪୪୭୬

ISSN NO.
2582-208X

# "ଭ୍ରୁଣ ହତ୍ୟା କାହିଁ ପାଇଁ ?"



ରାଧାମୋହନ ପୂଜାହାରୀ

ମୋ ଦେଶ ଭାରତେ ଭାରତୀୟ ନାରୀ
ଅଛି ଅସହାୟେ ଆଜ,
ସୁରକ୍ଷା ସମ୍ମାନ ଅଭାବେ ପଡ଼ିଛି
ବିପଦରେ ତା' ସମାଜ । (୧)

ପରାଶ୍ରିତା ହୋଇ ଆଜି ବି ରହିଛି
ବଞ୍ଚୁଛି ଅସୁରକ୍ଷିତେ,
ତଥାପି ମୋ ଦେଶ ଝୁମୁଛି ତାଙ୍କରି
ସ୍ୱାଧୀନତା ଜୟ ଗୀତେ । (୨)

ରାତି କଥା ଛାଡ଼, ଦିନରେ ବି ଗୋଡ଼
ପଦାକୁ କାଢ଼ିବା ପାଇଁ,
ନାରୀ ମାଂସ ଲୋଭୀ ରାକ୍ଷସଙ୍କ ଭୟେ
ସାହସ ତା' ଜମା ନାହିଁ । (୩)

କୁନି ଝିଅ ଠାରୁ ତରୁଣୀ ପର୍ଯ୍ୟନ୍ତ
ସର୍ବେ ଭୟଭୀତ ଆଜି,
ମୋ ଦେଶ ରକ୍ଷକ ଶୋଷେ ତା' ଯୌବନ
ନିଜେ ହିଁ ଭକ୍ଷକ ସାଜି । (୪)

ISSN NO.
2582-208X

ଯେଉଁ ନର ପୂଜା ପାର୍ବଣେ ମାଁ ପାଖେ
ଶରଣ ପଶୁଛି ଯାଇ,
ରାକ୍ଷସ ପାଲଟେ ହଠାତ୍ ସମ୍ମୁଖେ
ଏକାକୀ ଝିଅକୁ ପାଇ । (୫)

ବଢୁଛି ଦୁଷ୍କର୍ମ ନାରୀ ନିର୍ଯ୍ୟାତନା
ଆଜି ଏହି ମହୀ ତଳେ,
ଆଜି ବି ତା' ଶାଶୁଘରେ ନବବଧୂ
ଯୌତୁକ ଜୁଇରେ ଜଳେ । (୬)

ହେଉ ସେ ଗୃହିଣୀ ଅବା କର୍ମଜୀବୀ
ତ୍ରାହି ତା'ର କାହିଁ ନାହିଁ,
ମରି ମରି ବଞ୍ଚେ ତଥାପି ସେ ନିଜ
ଫଟା କପାଳକୁ ଚାହିଁ । (୭)

ଦିନ ଥିଲା ଏଠି କନ୍ୟାଟିଏ ପାଇଁ
ଘରେ ଦୀପ ଜଳୁଥିଲା,
ତା'ରି ଆଗମନେ ବାଧାବିଘ୍ନ ଯେତେ
ଘରୁ ସବୁ ଟଳୁଥିଲା । (୮)

ଏହି ଆଶା ଏହି ବିଶ୍ୱାସ ଲୋକଙ୍କ
ମନେ ଆଉ ଜମା ନାହିଁ,
ଜାଳନ୍ତି ସେ ଦୀପ ନିତ୍ୟ ତାଙ୍କ ଘରେ
ପୁଅଟେ ପାଇବା ପାଇଁ । (୯)

ISSN NO.
2582-208X


କିନ୍ତୁ ଆଜି ବିଶ୍ୱେ ପୁଅ–ଝିଅ ମଧ୍ୟେ
ଭେଦଭାବ ଆଉ ନାହିଁ,
ତଥାପି ଏ ମନେ ପ୍ରଶ୍ନ ଉଠେ ତେବେ
ଭ୍ରୁଣ ହତ୍ୟା କାହିଁ ପାଇଁ ? (୧୦)

'ବେଟି ବଚାଓ ବେଟି ପଢ଼ାଓ' ନାରା
ଶୁଭେ କୋଣେ ଅନୁକୋଣେ,
କିନ୍ତୁ ତା' ସୁରକ୍ଷା ପାଇଁକି ସତର୍କ
ନୁହଁନ୍ତି ବି କେହି ଜଣେ । (୧୧)

ଝିଅ ଜନମ ଠୁ ବିବାହ ପର୍ଯ୍ୟନ୍ତ
ଭାବି ତା' ସୁରକ୍ଷା କଥା,
ମାତା–ପିତାଙ୍କର ସରେ ଅଧା ପ୍ରାଣ
ଘୁରି ଯାଏ ତାଙ୍କ ମଥା । (୧୨)

ଝିଅ ଗର୍ଭେ ଥିବା ଜାଣିଲେ ତା' ପିତା
କରିଦିଏ ତା'କୁ ନଷ୍ଟ,
ଗର୍ଭପାତ କରି ମାଆ ମନେ କିନ୍ତୁ
ଦିଏ ସେ ଭୀଷଣ କଷ୍ଟ । (୧୩)

ସେ ଅଜନ୍ମା ଆଖି ବୁଜିଦିଏ ମାଆ
ଗର୍ଭେ ଚିରଦିନ ପାଇଁ,
ଭାବେ ମୁଁ ତା' ହତ୍ୟା ବିନା ଆଉ କ'ଣ
ଅନ୍ୟ ସମାଧାନ ନାହିଁ ? (୧୪)

ISSN NO.
2582-208X

ସଂସାରକୁ ସିଏ ଆସିବା ପୂର୍ବରୁ
ଲିଭେ ତା' ଜୀବନ ଜ୍ୟୋତି,
ଝିଅ ରୂପେ ଗର୍ଭେ ଥିଲା ବୋଲି କ'ଣ
ଇଏ ତା'ର ପରିଣତି ? (୧୫)

ହେ ବିଶ୍ୱନିୟନ୍ତା ଜଗତକରତା
ଦୋଷ ବା ଏଠି କାହାର ?
କ୍ରୁର ପିତା ଏଠି ଦୋଷୀ ନା ସେ ଭ୍ରୁଣ
ରହିଥିଲା ଗର୍ଭେ ଯା'ର ? (୧୬)

ଦୋଷ ଏଠି କା'ର ସେ ହତ୍ୟାକାରୀର
ନା ଯେ ନିର୍ଯାତନା ଦିଏ ?
ଯୌତୁକ ଜୁଇରେ ଜାଳିବା ଲୋକ ନା
ଦୁଷ୍କର୍ମ କରୁଛି ଯିଏ ? (୧୭)


ଦୋଷ ସାମାଜିକ ବ୍ୟବସ୍ଥାର ନା ସେ
କଳଙ୍କିତ ସମାଜର ?
ନା ସବୁ ଦୋଷ ସେ ଆଖି ଥାଇ ଅନ୍ଧ
ଜନତା ଯେ ନିରୁତ୍ତର ? (୧୮)

ତେଣୁ ଆହେ ନର ସର୍ବେ ଚିନ୍ତା କର
ଅବିବେକୀ ହୁଅ ନାହିଁ,
ସ୍ୱାର୍ଥ ତ୍ୟାଗି ଆଜି ଥରୁଟେ ଭାବ ଏ
ଭ୍ରୁଣ ହତ୍ୟା କାହିଁ ପାଇଁ ? (୧୯)

ଅଧ୍ୟାପକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର
(ଜିଲ୍ଲା : ଅନୁଗୋଳ)

ISSN NO.
2582-208X

# ସତ୍ୟବାଦୀ ସାହିତ୍ୟ ଓ ଉତ୍କଳମଣି



ପୁଷ୍ପଲତା ବେହେରା

ଉତ୍କଳମଣି ଗୋପବନ୍ଧୁ ଦାସ। ସେ ଥିଲେ ଉତ୍କଳର ଦରଦୀବନ୍ଧୁ, ଶ୍ରେଷ୍ଠ ଜାତୀୟତାବାଦୀ, ସମାଜ ସଂସ୍କାରକ ଏବଂ ସତ୍ୟବାଦୀ ଆନ୍ଦୋଳନର ପୁରୋଧା । ପ୍ରଥମ ଓଡିଆ ଭାବରେ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ସେ କାରାବରଣ କଲେ। କାରାମୁକ୍ତ ହେବା ପରେ ଓଡ଼ିଶା ପ୍ରାଦେଶିକ ସମ୍ମିଳନୀ ତରଫରୁ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଦ୍ୱାରା ତାଙ୍କୁ 'ଉତ୍କଳମଣି' ଉପାଧିରେ ଭୂଷିତ କରାଗଲା। ବାସ୍ତବରେ ସେ ତ ଥିଲେ ଉତ୍କଳମାତାର ଅମୂଲ୍ୟ ମଣି।

ଦେଶ ଓ ଜାତିର ଉନ୍ନତି ପାଇଁ, ମାନବ ଜୀବନରେ ଦେବତ୍ୱର ବିକାଶ ପାଇଁ ଉପଯୁକ୍ତ ଶିକ୍ଷାର ଆବଶ୍ୟକତାକୁ ଅନୁଭବ କରି ଉତ୍କଳମଣି ଗୋପବନ୍ଧୁ ଦାସ ୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ସତ୍ୟବାଦୀର ବକୁଳ ବନର ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କଲେ ମଣିଷ ତିଆରି କାରଖାନା 'ସତ୍ୟବାଦୀ ବନବିଦ୍ୟାଳୟ'। ଦେଶରେ ସହୃଦୟ, ସେବାପରାୟଣ, ସଚ୍ଚୋଟ ମଣିଷ ଗଢ଼ିବାକୁ ହେଲେ ଜାତୀୟ ସାହିତ୍ୟ ସୃଷ୍ଟି ଯେ ଅନିବାର୍ଯ୍ୟ, ତାହା ସତ୍ୟବାଦୀ ସାଧକ ଗଣ ଜାଣିଥିଲେ। ତେଣୁ ସତ୍ୟବାଦୀ ସାଧକ ଗଣ ଅତୀତର ମହନୀୟ ପୃଷ୍ଠଭୂମି ଉପରେ ଦଣ୍ଡାୟମାନ ହୋଇ ଓଡ଼ିଆର ନିର୍ଜୀବ ପ୍ରାଣରେ ଜୀବନୀ ଶକ୍ତି ଭରି ଦେଲେ ନିଜର ସାହିତ୍ୟ ମାଧ୍ୟମରେ।

ଦେଶ ମାତୃକାର ସେବା କରି କାରାବରଣ କରିଥିବା ବେଳେ ଗୋପବନ୍ଧୁ ଦାସ ରଚନା କଲେ 'ବନ୍ଦୀର ଆତ୍ମକଥା' ଓ 'ଧର୍ମପଦ' କାବ୍ୟଗ୍ରନ୍ଥ। ଧର୍ମପଦରେ ଓଡ଼ିଆବାସୀଙ୍କ ଆବେଗ ସହ ଜଡ଼ିତ ଏକ ଲୋକପ୍ରିୟ କିମ୍ବଦନ୍ତୀ ମାଧ୍ୟମରେ ସମୂହ କଲ୍ୟାଣ ନିମନ୍ତେ

ISSN NO.
2582-208X

ବ୍ୟକ୍ତିର ଆତ୍ମୋତ୍ସର୍ଗ ଜନିତ ମହାନତାକୁ ଦର୍ଶାଇଦେଲେ। ବାପପୁଅର କଥୋପକଥନ ଭିତରେ ଆର୍ଯ୍ୟ ଜୀବନ ଓ ନୈତିକ ମୂଲ୍ୟବୋଧର ଚିତ୍ର ଉପସ୍ଥାପନା କରିବାକୁ ଯାଇ ଉତ୍କଳମଣି ଲେଖିଛନ୍ତି–

କହିଛନ୍ତି ମୁନି  କୁଳରକ୍ଷା ଘେନି
ହେବ ଯେବେ ପ୍ରୟୋଜନ,
ତେଜିବ ଜଣଙ୍କୁ  ହେଲେ ହେଉ ପଛେ
ସେ ଯେତେ ସ୍ନେହ ଭାଜନ।

କର୍ମକୁ ଜୀବନର ବ୍ରତ କରିଥିବା ଗୋପବନ୍ଧୁ ଦାସଙ୍କ ଉକ୍ତି:-

ମାନବ ଜୀବନ  ନୁହଁଇ କେବଳ
ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜିଏଁ ନର କର୍ମ ଏକା ତାର
ଜୀବନର ମାନଦଣ୍ଡ—

ଯୁଗେ ଯୁଗେ ମାନବ ଜାତିକୁ କର୍ମବୀର ହେବା ପାଇଁ ପ୍ରେରଣା ଯୋଗାଉଥିବ।

ବନ୍ଦୀର ଆତ୍ମକଥା'ରେ ବନ୍ଦୀ ଜୀବନର ସ୍ମୃତି- ବିସ୍ମୃତି, ଆନନ୍ଦ-ନିରାନନ୍ଦ, ଆଶା-ନିରାଶା ଓ ବନ୍ଦୀର ମାନସ ପଟରେ ଯେଉଁ ଚିତ୍ର-ବୈଚିତ୍ର ତାହାର ନିଖୁଣ ଚିତ୍ର ଉପସ୍ଥାପନା କରିଛନ୍ତି..

ପଛଘୁଞ୍ଚା ନାହିଁ ବୀରର ଜାତକେ
ନ ମରେ ସେ କେବେ ପରାଣ ଆତଙ୍କେ।
କାତରତା ସିନା କାପୁରୁଷ ପଣ
ବୀର ମାରେ ଅବା ମରେ କରି ରଣ।

ISSN NO.
2582-208X

ଗୋପବନ୍ଧୁ ଦାସଙ୍କ ଏହି ପଂକ୍ତି କୋଟି କୋଟି ଓଡ଼ିଆଙ୍କ ପ୍ରାଣରେ ଦେଶପ୍ରମର ବହ୍ନି ପ୍ରଜ୍ୱଳିତ କରିଥିଲା। ତାଙ୍କର ତ୍ୟାଗପୂତ ଜୀବନର ମହାନୁଭବତାର ବଳିଷ୍ଠ ଉଦ୍ ଘୋଷଣା ହେଉଛି –

ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶ ବାସୀ ଚାଲି ଯାଆନ୍ତୁ ପିଠିରେ।
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼।


ଅବକାଶ ଚିନ୍ତା, ଗୋମହାତ୍ମ୍ୟ, ନଚିକେତା ଉପାଖ୍ୟାନରେ ମଧ୍ୟ ଗୋପବନ୍ଧୁ ଦାସଙ୍କର ଛଳଛଳ କାବ୍ୟିକତା ଏବଂ ଗୀତିଧର୍ମିତା ଦେଖିବାକୁ ମିଳେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ଗୋପବନ୍ଧୁ ପ୍ରାଣ ଭରି ଭଲ ପାଉଥିଲେ। ସାହିତ୍ୟ ଥିଲା ତାଙ୍କ ଜୀବନ ସଂଗ୍ରାମର ପ୍ରଧାନ ଆୟୁଧ ଓ ଅବଲମ୍ବନ।

ତାଙ୍କ ଦ୍ୱାରା ପ୍ରକାଶିତ ହେଉଥିବା ସତ୍ୟବାଦୀ ପତ୍ରିକାରେ ଥରେ ସେ ଲେଖିଥିଲେ–"କ୍ଷମତା ଓ ପଦବୀ ପାଇଁ ଲୋକଙ୍କର ଯେତିକି ବ୍ୟାକୁଳତା ପ୍ରକାଶ ପାଉଛି, ତାହା ଯଦି ସାହିତ୍ୟ କ୍ଷେତ୍ରରେ ନିୟୋଜିତ ହୁଅନ୍ତା, ତେବେ ଓଡିଆ ସାହିତ୍ୟ ଓ ଓଡ଼ିଆ ଜାତିର ଅବସ୍ଥା ଅନ୍ୟ ପ୍ରକାର ହୋଇଥାନ୍ତା।" ଗୋପବନ୍ଧୁଙ୍କ ସାଧନାମୟ ଜୀବନ ବାସ୍ତବରେ ଓଡ଼ିଆ ଜାତି ଓ ସାହିତ୍ୟକୁ ସମୃଦ୍ଧ କରିଛି।

ଗ୍ଉରକଲ୍ , ଓଡ଼ିଶା

ISSN NO.
2582-208X

# ଏତେ ରାଗ ଅଭିମାନ କାହାକୁ



ପ୍ରଶାନ୍ତ ବ୍ରହ୍ମା

ପହିଲି ସକାଳ ର ପହିଲି କିରଣ ମାରେ ମୋ ଦେହକୁ
ମାରେ ତୋ ଦେହକୁ।
କରେନାହିଁ ଭେଦ କିରଣ ଭେଦ ତୋର ମୋର ଏତେ ରାଗ ଅଭିମାନ କାହାକୁ ?।।

ଆମ ଗାଁ ବାଡି ଶାଗ ଯାଏ ତୁମ ଗାଁ କୁ ରଖି ଦିଅ ଆନନ୍ଦେ ତାହାକୁ।
କରେନାହିଁ ଭେଦ ଶାଗ ଭେଦ ତୋର ମୋର ଏତେ ରାଗ ଅଭିମାନ କାହାକୁ ?।।

ଯେବେ ଆମ ବାଡି ତଳେ କୋଇଲି ଟି ଗାଏ ଗୀତ ଶୁଭୁଥାଏ ତୁମ ଗାଁକୁ।
କରେନାହିଁ ଭେଦ କୋଇଲି ଭେଦ ତୋର ମୋର ଏତେ ରାଗ ଅଭିମାନ କାହାକୁ ?।।

ଯେବେ ଆମ ଗାଁ ନଈର ଧାର ବୋହିଯାଏ ତୁମ ଗାଁ ମୁଣ୍ଡ ପଖୋରୀକୁ।
କରେନାହିଁ ଭେଦ ନଈ ଭେଦ ତୋର ମୋର ଏତେ ରାଗ ଅଭିମାନ କାହାକୁ ?।।

ଆକାଶର ଚାନ୍ଦ ଆଲୁଅଟା ପଡେ ମୋ ଅଗଣାକୁ ପଡେ ତୋ ଅଗଣାକୁ।
କରେନାହିଁ ଭେଦ ଚାନ୍ଦ ଭେଦ ତୋର ମୋର ଏତେ ରାଗ ଅଭିମାନ କାହାକୁ ?।।

ନିତି ଆସଇ ମୁଁ ତୁମ ଗାଁ ବାଡି ପଛପଟ ଦେଇ ନିତି ଆସୁ ତୁ ଆମ ଗାଁକୁ।
କରେନାହିଁ ଭେଦ ଗାଁ ଭେଦ ତୋର ମୋର ଏତେ ରାଗ ଅଭିମାନ କାହାକୁ ?।।

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# ଏ ଯାଏଁ ସିନ୍ଦୂରା ଫାଟିନି



ନୀଳମଣି ଗୁନ୍ଦ

ଏ ଯାଏଁ ସିନ୍ଦୂରା ଫାଟିନି
ଘାଟ ଛାଡ଼ିନି ନାଆ
କୁହୁଡ଼ି ଜାଲ ବିଛେଇଛି
ନଈପଠାରେ।

ଲୁହ ପୋଛୁଥିବା ଆଖିକୁ
ଦେଖି ପାରୁନି ଅନ୍ଧାର
ଖାଲି ଯାହା ବୁଝୁଛି
ସେଇଥିପାଇଁ ତ
ସେ ଖୁବ୍ ଆପଣାର
ନିଆରା ସାଥୀଟିଏ
ହୁଏ ବାରମ୍ବାର।

ସାରା ରାତି ଉଜାଗର ପରେ
ଜହ୍ନ ଢୁଳେଇବା
ଆରମ୍ଭ କଲାଣି
କୁମ୍ଭାଟୁଆ ପ୍ରସ୍ତୁତ ରାବିବାକୁ
ଏବେ ମୋ'ର ଘରବାହୁଡାର ବେଳ।

ISSN NO.
2582-208X

ସଇସ ନ ଥିବା ଘୋଡାମାନେ
ବେଶ୍ ଉତଫୁଲ୍ଲିତ
ଏ ପବନରେ
କାକରରେ ଭିଜିଥିବା ଘାସମାନେ
କାହିଁକି ପଚାରିବେ
ଆଖି,ତୋର ଦୁଃଖ କେତେ
ସେ ଦୁଃଖର ପାହାଡ଼ଠୁଁ
ଏଭେରେଷ୍ଟ କ'ଣ ଉଚ୍ଚ
ପ୍ରଶାନ୍ତ ମହାସାଗର କ'ଣ ଗଭୀର ?

ଆଖି କହେ ହେଉ ସୂର୍ଯୋଦୟ
ଆ' ସକାଳ
ମୁଁ ସ୍ୱଷ୍ଟ ଦେଖିବି ଆଲୋକକୁ
ଯେଉଁଠି ଅନ୍ଧାର ଖୁବ୍ କୋଣଠେସା
ଏକ ଲୁଚକାଳି ଖେଳୁଥିବା ଚରିତ୍ର।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଅଶ୍ରୁ

ମୋନାଲିସା ପଣ୍ଡା

ଆଖିର କୋଣରୁ ଝରେ
ଲୋତକ ଧାର
ସତେ କି କହିଯାଏ
ଅନେକ ଅକୁହା କଥା
ଲୁହର ନଇଟି ସାଜି
ଭିଜାଇ ଦିଏ ମନର ବ୍ୟଥା
କିଏ ବୁଝେ ଅବା ନବୁଝେ
କିଏ ଅଧା ବୁଝି ରହିଯାଏ
ତା'ଠାରେ ନଥାଏ କାହାକୁ
ବୁଝାଇବାର ସମୟ ଅଯଥା
କୋହର ଦାସ ସେହି
ନପାରେ କଟୁ ସହି
କେବଳ ବହିଯାଏ
ଶ୍ରାବଣୀ ବନ୍ୟା ହୋଇ।।

କୋମନା, ଜିଲ୍ଲା- ନୂଆପଡା
୯୭୭୭୭୬୮୧୩୯

ISSN NO.
2582-208X

# ମୟୂର ପର



ବିଜୟ କୁମାର ସାହୁ

ବନବାସ କାଳରେ ମାତା ସୀତାଙ୍କୁ ବହୁତ ଶୋଷ ଲାଗିଲା । ଶ୍ରୀରାମ ଚତୁର୍ଦ୍ଦିଗକୁ ଅନାଇଲେ କେଉଁଠି ବି ପାଣିର ସନ୍ଧାନ ଆଖପାଖରେ ମିଳିଲା ନାହିଁ । ସେ ପ୍ରାର୍ଥନା କରି କହିଲେ ହେ ବନଦେବତା ! ଆଖପାଖରେ ଯେଉଁଠି ଯଦି ପାଣି ଥାଏ ତେବେ ସେଠାକୁ ଯିବାର ପଥ ଦେଖାନ୍ତୁ । ଠିକ ସେହି ସମୟରେ ଏକ ମୟୂର ଆବିର୍ଭାବ ହୋଇ ଶ୍ରୀରାମଙ୍କୁ କହିଲା କିଛି ଦୂରରେ ଏକ ଜଳାଶୟ ଅଛି, ଚାଲନ୍ତୁ ମୁଁ ଆପଣଙ୍କୁ ସେହି ସ୍ଥାନକୁ ନେଇଯିବି । କିନ୍ତୁ ମାର୍ଗରେ କିଛି ଭୁଲ ହୋଇପାରେ । ଶ୍ରୀରାମ କହିଲେ ତାହା କ'ଣ ? ମୟୂର କହିଲା ମୁଁ ଆକାଶରେ ଉଡିଉଡି ଯିବି । ତୁମେ ସ୍ଥଳଭାଗରେ ଚାଲିଚାଲି ଯିବ କାଳେ ପଥ ପାଇପାରିବେ ନାହିଁ ଏଣୁ ମୁଁ ମୋ ଶରୀରରୁ ଗୋଟିଏ ଗୋଟିଏ ପର ଛିଣ୍ଡାଇ ତଳକୁ ପକାଇବି ତୁମେ ତାକୁ ଅନୁସରଣ କରି ପଥ ଅତିକ୍ରମ କରି ଜଳାଶୟ ନିକଟରେ ସହଜରେ ପହଞ୍ଚିପାରିବ ।

ପ୍ରକୃତିର ନିୟମ ହେଉଛି ମୟୁରର ପର ଏକ ବିଶେଷ ସମୟରେ ଏବଂ ନିର୍ଦ୍ଦିଷ୍ଟ ଋତୁରେ ଆପେଆପେ ଝଡିଥାଏ ଯଦି ତାହାର ବିରୁଦ୍ଧାଚରଣ କରାଯାଏ ତେବେ ମୟୂରଟି ମୃତ୍ୟୁମୁଖରେ ପଡେ । ଆକାଶ ମାର୍ଗରେ ଉଡିଉଡି ଗଲାବେଳେ ମୟୂର ଗୋଟିଏ ଗୋଟିଏ ପର ଛିଣ୍ଡାଇ ତଳକୁ ପକାଉଥାଏ ଏବଂ ତାହାକୁ ଅନୁସରଣ କରି ଶ୍ରୀରାମ ଜଳାଶୟ ଅଭିମୁଖେ ଯାତ୍ରା କରୁଥାନ୍ତି । ଶେଷରେ ଅନ୍ତିମ ଶ୍ୱାସ ନେଲାବେଳେ ଚନ୍ତାକଲା ମୁଁ କେଡେ ଭାଗ୍ୟଶାଳୀ । ଯେ ଜଗତର ଶୋଷକୁ ମେଣ୍ଟାଇଥାନ୍ତି ମୁଁ ତାଙ୍କର ଶୋଷ ମେଣ୍ଟାଇବା ପାଇଁ ସୌଭାଗ୍ୟ ପ୍ରାପ୍ତ ହେଲା । ମୋ ଜୀବନ ଧନ୍ୟ ହୋଇଗଲା । ବର୍ତ୍ତମାନ ମୋର ଆଉ କିଛି ଅବଶୋଶ ନାହିଁ ।

ISSN NO.
2582-208X

ଭଗବାନ ଶ୍ରୀରାମ କହିଲେ ତୁମେ ମୋ ଲାଗି ନିଜ ଜୀବନଙ୍କୁ ଉତ୍ସର୍ଗ କରିଦେଲ । ମୁଁ ତୁମର ଋଣ ପରିଶୋଧ କରିବି । ଆସନ୍ତା ଜନ୍ମରେ ତୁମର ମୟୂର ପୁଚ୍ଛକୁ ମୁଁ ମସ୍ତକରେ ଧାରଣ କରିବି । ତାତ୍ପର୍ଯ୍ୟ ହେଲା ଯଦି ଭଗବାନଙ୍କୁ ଋଣ ପରିଶୋଧ କରିବାପାଇଁ ପୁଣି ଥରେ ଜନ୍ମ ନେବାକୁ ପଡିଲା ତେବେ ହେ ମାନବ ! ଜଣାନାହିଁ ଆମକୁ କେତେ ଋଣ ପରିଶୋଧ କରିବାକୁ ପଡିବ । ଏଣୁ ଯାହା ବି ଉତ୍ତମ କର୍ମ ତାହା ଏହି ଜନ୍ମରେ କରିବାକୁ ହେବ ।

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

ବେଦାନ୍ତୀ ହେଉଛି ଏକ ସଂପୂର୍ଣ୍ଣ ମୁକ୍ତ ମାସିକ ପାରିବାରିକ ପତ୍ରିକା । ବେଦାନ୍ତୀ ପଢି ଏବଂ ଅନ୍ୟଙ୍କୁ ପଢାଇ ଓଡିଆ ଭାଷାର ପ୍ରଚାର ଏବଂ ପ୍ରସାର ପାଇଁ ନିଜର କିଛି ଅବଦାନ ଦିଅନ୍ତୁ

ISSN NO.
2582-208X

# ସୀତା ଙ୍କ ଅଗ୍ନି ପରୀକ୍ଷା



ଦୁଷ୍ମନ୍ତ ବେହେରା

ମା" ତୋ କର୍ଷଣ ମୂଲ୍ୟ ଏ ସଂସାର
କ ବୁଝିପାରିବ ମମତା
ଲୁହ ପଣତେ ପୋଛି ଦେଲୁ ତୁ ଅଗ୍ନି
ପରୀକ୍ଷା ଜଗତ ଜନଙ୍କୁ !!

ଦୁନଆ ଦେଖିଲା ସତୀତ୍ୱ ତୋର
ଯୁଗେଯୁଗେ ମନେ ରଖି
ସଂସାର ଖେଳେ ଏ ଯୁଗେ ତୋଅ
ଚରିତ୍ର କୁ ସନ୍ଦେହ କରି !!

ପ୍ରବିତ୍ରତା ଯାର ତନୁ ମନ ଶରୀର
କେ ଲଗେଇ ପାରିବ ତ
ଦେହେ କଳଙ୍କ ଦାଗ ଅଗ୍ନି ପୋଡି
ନ ପାରେ ତ ଆତ୍ମା ଦେହ !!

ଦେଖରେ ଜନ କହିବା ଆଗରୁ ଅନ୍ୟକୁ
ନଜ ଚରିତ୍ର ଦେଖିଥାଅ
ନଜ ଶରୀର ରେ ଅନେକ ମଳନ
ଟାପର୍ ମାର ପରକୁ !!

ISSN NO.
2582-208X


ମା" ତ ହୃଦୟ ଫୁଲଠୁ ନରମ ମନ
କମଳ ର ଘର କୂଳେ ତୁ
ଧରି ଧର୍ଯ୍ୟ ଉପରେ ରଖିଛୁ ଆମ
ପ୍ରାଣ ଜୀବନ ପଣ !!

ହୀନମାନ ବୁଲି କହିଦେଲି ତତେ
ଚରିତ୍ର ରେ ଦେଲି ଦାଗ
ମୁଁ ପାପିଟିଏ ମା ଦୋଶ କରିଛି
ହାତ ଯୋଡି ମାଗେ ପୁର୍ଣ୍ଣଯ !!

ତ ସତିତ୍ୱ ଦେଖି ମାଟି ଘୁଞ୍ଚି ଯାଏ
ସରଗ ପକାଏ ଫୁଲ
ସାଗର ଢେଉ ହସି କହୁଥାଏ ଦେଖ
ମୋ ମା ହୃଦୟ ନରମ !!

ତ କୂଳେ ମମତା ତ କୂଳେ ସ୍ନେହ
ତ କୂଳେ ନଦ ମାଉସୀ
ଘର ଆଉଁସି ଦେଉ କମଳ ହାତେ
ପିଡା ହୋଇଯାଏ ଶୂନ୍ୟ !!

ର୍ସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X


# ବାପା



ଅଧ୍ୟାପକ ବିପ୍ଳବ କଶୋର ରଥ

ଯେତେବେଳେ ଜୀବନ ଧୂଳିସାତ୍ ପାଲଟି ଯାଏ
ସବୁ ସ୍ୱପ୍ନ ନିମିଷକ ମଧ୍ୟରେ ପାଉଁସ ପାଲଟି ଯାଏ
ଜୀବନକୁ ଭାଙ୍ଗିବାର ପ୍ରୟାସ କରୁ କରୁ କେହି ଜଣେ ଆସି ମଥା ଟେକି
ଉଜୁଡା ସ୍ୱପ୍ନ କୁ ସାଉଁଟି ବାରେ
କାନ୍ଧ ରେ ହାତ ଥୋଇ ସ୍ୱପ୍ନ ର ଘରକୁ ସଜାଡି ବାରେ ଲାଗିଥାନ୍ତି ।
ସ୍ୱପ୍ନ ତ ମୁଁ ଦେଖେ କିନ୍ତୁ ସ୍ୱପ୍ନ କୁ ସତ୍ୟ ରେ ଗଢିତୋଳିବାର ପ୍ରୟାସ
କେହି ଜଣେ ନିଜ ଭିତରେ ଜାଗ୍ରତ କରନ୍ତି।

ଥରେ ଥରେ ହୃଦୟ ର କେଉଁ ଏକ ଅନ୍ତରାଳରୁ ବହୁ ପୁରୁଣା ସ୍ମୃତି ଉତୁରି ପଡେ
ମନେ ପଡେ ତାଙ୍କର ସେହି ବିଶାଳ ଛାତି ଉପରେ
କେତେଯେ ରାତି କଟିଯାଏ । କେତେ ଯେ ସ୍ୱପ୍ନ ଉଙ୍କିଉଠେ ।

ଅମାବାସ୍ୟା ର ଅନ୍ଧକାର ପରି ଦୁଃଖ ସବୁ ଯେତେବେଳେ
ଲହଡି ଭାଙ୍ଗେ ମୋ ଭିତରେ
ସେତେବେଳେ ସେ ପୂର୍ଣ୍ଣମୀର ଚନ୍ଦ୍ର ପରି
ସବୁ ଲହଡ଼ି କୁ ଭାଙ୍ଗି ହାତ ଧରି ଟାଣି ଆଣନ୍ତି ।

ଅନେକ କଥା ମନେ ପଡେ କିନ୍ତୁ ଶବ୍ଦ ରେ ବ୍ୟକ୍ତ କରିପାରେନି ।
ଠିକ ସେତିକି ବେଳେ ଆଖି ଓଦା କରି ଚାଲିଆଶନ୍ତି

ISSN NO.
2582-208X

ସେ ଆଉ କେହି ନୁହଁନ୍ତି ମୋ ବାପା ।
ତାଙ୍କ ଚଲାପଥକୁ ଅନୁସରଣ କରିବାର ପଦଚିହ୍ନ
ଏବେ ମଳିନ ପଡିଛି ।
ସଭ୍ୟତାର ନିହଣ ମୁନରେ ସବୁ ଯେମିତି
ନୂତନତା ର ଦ୍ୱାହି ଦେଇ
ତାଙ୍କ ଅନୁସରଣ ର ଚଲାପଥକୁ ଭାରାକ୍ରାନ୍ତ କରି ଦେଇଛି ।
ତଥାପି ତାଙ୍କର ପ୍ରତିଟି ତ୍ୟାଗ ଆଜି
ମୋ ପାଇଁ ମୋ ଜୀବନ ର ଚଲାପଥ ପାଲଟି ଯାଇଛି
ଦୀର୍ଘ ଦିନ ପରେ ତାଙ୍କ ସ୍ଥାନରେ ନିଜକୁ ରଖି ସାରିଲା ପରେ ।
ଏବେ ତାଙ୍କ ଅନୁଶାସନ ସବୁ ଭସା ବାଦଲ ପରି
ଆଖି ର ଆଢୁ ଆଳରେ ଆତ୍ମଗୋପନ କରୁଛି।
ଅନ୍ତର ର ପ୍ରତିଟି ଯନ୍ତ୍ରଣା ଯାହାର
ଛାତି ରେ ମୁଣ୍ଡ ରଖି ଲାଘବ ହେଉଥିଲା ।
ଯିଏ ପ୍ରତୀ ମୁହୂର୍ତ୍ତରେ ମୋ ଜୀବନ ର ଚଲାପଥ କୁ
କୁସୁମିତ କରିବା ପାଇଁ ନିଜ ସ୍ୱପ କୁ ଉଜାଡି ଦେଉଥିଲେ।
ସେ ହେଉଛନ୍ତି ମୋ ବାପା ॥

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

ଭାଗ – ୩

ସତ୍ୟର ଯୁକ୍ତ ଦୁଇ କଳା ପାଠ ପଢା ଶେଷ ହେଲା । ଅବସର ସମୟକୁ ଟେଲର କାମରେ ବିତେଇଲା । ଲୋକେ ବ୍ୟବହାର କରୁଥିବା ବିଭିନ୍ନ ପୋଷାକ ସାର୍ଟ, ପ୍ୟାଣ୍ଟ, ଫ୍ରକ୍, ସାୟା, ବ୍ଲାଉଜ, ସଲଓ୍ୱାର ପ୍ରଭୃତି ଧୀରେ ଧୀରେ ସିଲେଇବାରେ ଲାଗିଲା । ସଂକ୍ଷେପରେ କହିବାକୁ ଗଲେ ମନପ୍ରାଣ କେନ୍ଦ୍ରୀଭୂତ କରିଦେଲା ଟେଲର କାର୍ଯ୍ୟରେ। ଏହି ସମୟ ସୀମାରେ ମାଳତି ଆସେ ଟେଲର ଦୋକାନକୁ, ତା'ସହିତ ଦେଖାକରେ। ନବାଗତ ଜିରାଫକୁ ଗ୍ରହିଁଲା ପରି ଅପଲକ ନୟନରେ ଗ୍ରହିଁ ରହେ ତା'କୁ। ସେହି ଗ୍ରହାଁଣୀ ଭିତରେ କେଉଁ ଭାବ ବ୍ୟକ୍ତ କରେ କେଜାଣି ସତ୍ୟ ବୁଝିପାରେ ନାହିଁ। ଅନ୍ୟର ମନ କଥାକୁ ବୁଝିବା ଅନଭିଜ୍ଞ ବ୍ୟକ୍ତ ପାଖରେ ଅତ୍ୟନ୍ତ କଷ୍ଟକର। ହସ୍ତରେଖା ବା ମୁଖର ଦର୍ଶନ କରି ହୁଏତ ଜଣକର ପ୍ରକୃତିଗତ ସ୍ୱଭାବ ଉପରେ ଟିପପଣୀ ଦେଇ ପାରିବେ। ଗ୍ରଲିଚଳନ, ବ୍ୟବହାର, କଥାବାର୍ତ୍ତାର ଶୈଳୀକୁ ଅନୁଧ୍ୟାନ କରି ତା'ବିଷୟରେ କେହି ବି କହି ଦେଇପାରିବେ। ମାତ୍ର ଗୋଟିଏ ହୃଦୟର ଅକୁହା ଭାଷାକୁ ଠିକ୍ ପରିମାଣରେ ଆକଳନ କରିବା ଅନୁଭବୀ ବ୍ୟକ୍ତ ଅଥବା ତ୍ରିକାଳଜ୍ଞ ଦ୍ରଷ୍ଟା ବା ଦାର୍ଶନିକଙ୍କ କ୍ଷେତ୍ରରେ ସମ୍ଭବ। କେବେ କେମିତି ସେହି ରାସ୍ତାରେ ପଡ଼ିଥିଲେ ପରବର୍ତ୍ତୀ ସମୟରେ ପଥ ସୁଗମ ବା କଣ୍ଟକାକୀର୍ଣ୍ଣ ସେ ଏକା କହି ପାରିବ। ମାତ୍ର ସତ୍ୟବ୍ରତ ଭଳି ଯୁବକର ଅପରିପକ୍ୱ ଓ ଉତ୍ତେଜିତ ମସ୍ତିଷ୍କ କାହିଁକି ବା ଅନ୍ୟର ଭାବ ବୁଝିବାକୁ ପ୍ରୟାସ କରିବ। ଏହି ବୟସଟି ପରର ଭାବ, ଆବେଗ, ଉଦ୍ଦେଶ୍ୟ,କଥାକୁ ଉପେକ୍ଷା କରେ। ଏହି ମର୍ମରେ ସେ ବୁଝିବାକୁ ମଧ୍ୟ ଚେଷ୍ଟା କରିନି। ମାତ୍ର ମାଳତିର ମାନସପଟରେ ଅତୀତର ପ୍ରତିଟି ମୁହୂର୍ତ୍ତ ଝଲସିଉଠେ। କୁହାଯାଏ ନାରୀ ଓ ହାତୀ କେବେହେଲେ ଭୁଲନ୍ତି ନାହିଁ। ଅପରପକ୍ଷରେ ନାରୀମାନେ ସ୍ୱଭାବତଃ ରୋମାଣ୍ଟିକ ମୁଡରେ

ISSN NO.
2582-208X

ରହିବାକୁ ଭଲ ପାଆନ୍ତି। ତେଣୁ ମାଳତିର ଆଖି ସାମ୍ନାରେ ନାଚ ଉଠେ ସେହି ଥଟ୍ଟା ପରିହାସ। ମାଳତି ସେହି ଥଟ୍ଟା ପରିହାସକୁ ଏଠାରେ ମଧ୍ୟ ପ୍ରୟୋଗ କରେ। କିନ୍ତୁ ବିକଳ୍ପ ଭିନ୍ନ ଭିନ୍ନ। ସତ୍ୟ ସିଲେଇ କରୁଥିବା ବେଳେ ମାଳତି ମେସିନକୁ ଓଲଟା ମାଡିଦିଏ। ଇସ୍ତ୍ରୀ କରୁଥିଲେ ସୁଇଚ ଅଫ୍ କରିଦିଏ। ତୁରଫି କରୁଥିଲେ ଆଞ୍ଚୁଡି ଦିଏ। କେବେ କହେ ସମ୍ବୋଧନ କରି ''ବ୍ଲାଉଜ ସିଲେଇ ଶେଷ ହେଲା ରେ?" କେବେ କହେ ଆଳସ୍ୟ ଭରା କଣ୍ଠରେ "ବୋତାମ୍ ଲଗେଇ ଦେଲ ନା ଗା?" ତା'ର କୋକିଳନନ୍ଦିତ କଣ୍ଠରୁ ଝରିଆସେ ସା-ରେ-ଗା ପ୍ରଭୃତି। ସେ କେବଳ ସତ୍ୟକୁ ସେପରି ଭାଷା ପ୍ରୟୋଗ କରି କହେ ସେମିତି ନୁହେଁ, ତା'ର ସାଙ୍ଗସାଥୀ, ମାଁ ଭାଉଜ, ଛୋଟ ପିଲା ସମସ୍ତଙ୍କୁ କହେ। ଗାଉଁଲି ଝିଅ ପୁଣି ଅପାଠୁଆ। ସେ କ'ଣ ଜାଣିବ ଭାଷାର ପ୍ରୟୋଗ? କାହା ସହିତ କ ଭଳି କଥାବାର୍ତ୍ତା କରାଯାଏ ତା'କୁ ଜଣା ନାହିଁ। ନିରକ୍ଷର ହେଲେ ମଧ୍ୟ ଅନ୍ୟମାନେ ଏମିତି ରେ ଗା ପ୍ରୟୋଗ କରି କଥା ହେବାର ଶୁଣିବାକୁ ମିଳନାହିଁ। ତେବେ ମାଳତି ---। ମନେହୁଏ ଇଷ୍ଟ ଇଣ୍ଡିଆ କମ୍ପାନୀର ବାଟବଣା ଯୁବତୀ। ପାଶ୍ଚାତ୍ୟ ସଭ୍ୟତାରେ ଗଢା ଆଧୁନିକ ଯୁବତୀ। ଯାହାକୁ କହିବ ୟୁ। ମାଆଙ୍କୁ ୟୁ, ବାପାଙ୍କୁ ୟୁ, ସାନ ପିଲାଙ୍କୁ ୟୁ, ବଡମାନଙ୍କୁ ୟୁ, ଗୁରୁଜନଙ୍କୁ ୟୁ, ସମସ୍ତଙ୍କୁ ୟୁ। ତେବେ ସତ୍ୟକୁ ମାଳତିର ୟୁ ବା ରେ ଗା ଲଜ୍ଜାବୋଧ ହୁଏ ନାହିଁ ବରଂ ସୁଭାଷିତ ପରି ଲାଗେ। ଋତୁରାଜ ବସନ୍ତରେ କୋକିଳର କୁହୁତାନ ପରି ମନେହୁଏ। ପର୍ବତର ପାଦଦେଶରୁ ପ୍ରବାହିତ ନିର୍ଝରିଣୀର କଳକଳ ନାଦ ଭଳି ଲାଗେନା। ଝରା ପତ୍ରର ମର୍ମର ପରି ମନମୁଗ୍ଧକର ଲାଗେ। ନୂପୁରର ମଧୁର ମୂର୍ଚ୍ଛନା, ପ୍ରତ୍ୟୁଷ ପ୍ରଦୋଷରେ ଶଙ୍ଖର ନିନାଦିତ ସ୍ୱର ଭଳି ଲାଗେ। ଶୀତ ସକାଳରେ ବାଳଭାନୁର ଉଷ୍ମ କିରଣ ପରି ମନେହୁଏ। ତା'କୁ ଦେଖିଲେ ସ୍ୱତଃସ୍ଫୁର୍ତ ହସର ଜୁଆର ହୃଦୟର ବେଳାଭୂମିକୁ ମାଡି ଆସେ।

ମାଳତିର ବ୍ୟବହାରରେ ସତ୍ୟ କେବଳ ଖୁସି ହେବାର ଦେଖାଯାଇ ନାହିଁ। ତା' ପ୍ରତି ବେଳେବେଳେ ରାଗେ। ଆଖି ଦୁଇଟିକୁ ବଡ଼ ବଡ଼ କରେ, ଦାନ୍ତ କାମୁଡେ। ହେଲେ କିଛି କରିପାରେ ନାହିଁ। ଝିଅ ପିଲାଟାକୁ କ'ଣ ବା କରିବ? ପୁଅ ହେଲେ ସିନା ଦି'ଗ୍ଗୁଡା ସଙ୍ଗେ ସଙ୍ଗେ ଲଦି ଦିଅନ୍ତା କ ଦୁଇ ପଦ ଅଶ୍ଳୀଳ ଭାଷା ଶୁଣାଇ ଦିଅନ୍ତା। ଏଣେ ଟେଲର ଦୋକାନରେ ଲୋକମାନେ ଥାଆନ୍ତି। ସେପଟେ ତା'ର ସାଙ୍ଗମାନେ ମନକୁ ମନ ହସନ୍ତି। ତଥାପି କେହି ନଦେଖିଲା ପରି ମାଳତି ଉପରେ ରାଗ ମେଣ୍ଟାଇବାକୁ ଯାଇ ତା'ର ଗଣ୍ଡଫଳକକୁ ଚପି ଦିଏ,ନାକକୁ ଟାଣେ, ଆଙ୍ଗୁଠିକୁ ଆଞ୍ଚୁଡେ। ମନେ ମନେ ଭାବେ

ISSN NO.
2582-208X

"ନିର୍ଜନରେ ଏମିତି କେବେ ଥଟ୍ଟା କରନ୍ତୁ। କ,ସବୁ ଦିନର ପ୍ରତିଶୋଧ ଏକା ଥରକେ ମୂଳ ସୁଧ ସହିତ ଦେଇ ଦିଅନ୍ତୁ। ଜୀବନରୁ ଥଟ୍ଟା ପରିହାସ କରିବା ଭୁଲି ଯାଆନ୍ତୁ।"

ଏହା ଭିତରେ ବଞ୍ଚିବାର ଆଶ୍ରୟସ୍ଥଳଟି ପାଇଗଲ୍ ସତ୍ୟ। ଜୀବନରେ ସେ ଯେଉଁ ଲକ୍ଷ୍ୟ ନେଇ ଆପ୍ରାଣ ଉଦ୍ୟମ କରିଛି ଅବଶ୍ୟ ସେହି ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରି ନାହିଁ। ହେଲେ ଉତ୍ତାଳ ତରଙ୍ଗରେ ନାବ ଚଲାଇବା ବେଳେ ସାଗର ବକ୍ଷେ ଟିକଏ ବିଶ୍ରାମ ପାଇଁ ଟାପୁଟି ପାଇ ପାରିଛି। ସଫଳତାର ଶିଖର ଚୂଡାରେ ପହଞ୍ଚିବା ପଥରେ ଅର୍ଦ୍ଧାଧିକ ପାହାଚ ଉଠି ପାରିଛି। ଅନ୍ଧକାରମୟ ଭବିଷ୍ୟତରେ ପାଦ କାଢ଼ି ରାସ୍ତାଟି ପାଇ ଯାଇଛି। ଭିନ୍ନ ଏକ ପରିଚୟଟି ତା'ର ଏବେ। ବେକାରୀର ଦୁହାଇ ଦେଇ ଭାଗ୍ୟକୁ ନିନ୍ଦା କରିବାର ସମୟଟା ଏବେ ଗଲା। ମାସିକ ବେତନ କମ ହେଲେ ମଧ୍ୟ ସେଥିରେ ସମସ୍ତେ ସନ୍ତୋଷ। ସମସ୍ତେ କହିଲେ ମାଆ, ବାପା, ଭାଇ, ଭଉଣୀ, କିଛି ବନ୍ଧୁବାନ୍ଧବ ଆଉ ସେ ନିଜେ। ଏଠାରେ ଦୁଇ ପ୍ରକାର ପ୍ରକୃତିର ସମ୍ପର୍କୀୟ ଦେଖିବାକୁ ମିଳନ୍ତି। ଏକ ପ୍ରକାର ଜଣକର ସଫଳତାରେ ଖୁସି ଓ ଗର୍ବ ଅନୁଭବ କରୁଥିବା ବେଳେ ଅନ୍ୟ ପ୍ରକାର ପ୍ରକୃତିର ବ୍ୟକ୍ତି ମିଛେ ମିଛେ ଖୁସି ହେଲା ଭଳି ବ୍ୟବହାର ଦେଖାନ୍ତି। ଏମାନଙ୍କୁ ଜଣକର ସଫଳତା ବିଷଧର ସର୍ପର ଶ୍ୱାସ ଭଳି ପୀଡା ଦାୟକ ହୋଇଥାଏ। ଏମାନେ ଆନନ୍ଦ ବ୍ୟକ୍ତ କି ଧନ୍ୟବାଦ ପ୍ରଦାନର କୌଣସି ପ୍ରତୀକ ପ୍ରଦର୍ଶନ କରନ୍ତି ନାହିଁ। ଅବଶ୍ୟ ଏମାନଙ୍କ ବ୍ୟବହାରରେ ପ୍ରକୃତିର ନିୟମ କି ଭାଗ୍ୟର ଲିଖନ ବଦଳି ଯିବ ସେମିତି କିଛି ନୁହେଁ। ତେବେ ସେ ପ୍ରକାରର ଆଚରଣ ପରସ୍ପର ମଧ୍ୟରେ ମତଭେଦ ସୃଷ୍ଟି ବ୍ୟତୀତ ଅନ୍ୟ କିଛି ହୋଇନପାରେ।

କ୍ରମଶଃ -------

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ରାଗ–ଋଷିକୁଲ୍ୟା

ପୁଚ୍ଛାକଲେ ପଛ ମହିଷୀ ମୁନିଙ୍କୁ କଲା କିଏ ପ୍ରଭୁ ବିଧାନ
ତତକ୍ଷଣେ ବାଚିଲେ ଦୁଃଖିତରେ ଯତି ପୁତ୍ର ଶୃଙ୍ଗୀର ଏ ବଚନ
ମୁନି କୁମାରଙ୍କ କଥନେ
କୋପାଗ୍ନିରେ ଜଳି ଦେଲା ଅଭିଶାପ ନ ବୁଝି ନ ସୁଝି ସ୍ୱମନେ ।୨୧ ।

ମୁନି ପୁତ୍ର ଗଣ ଯାଇଣ ଭାଷିଲେ ତଟିନୀରେ ଶୃଙ୍ଗୀ ସମୀପେ
ଆସି ଅହଂକାରୀ ରାଜା ଦେଲା ମୃତ ପନ୍ନଗ ଋଷିଗଳେ ଦର୍ପେ
କରିଲା ଘୋର ଅପମାନ
ବିଦ୍ରୁପରେ ଅଟ୍ଟହାସ୍ୟ କରି ଗର୍ବେ ସ୍ଥାନରୁ କଲାକ ପ୍ରସ୍ଥାନ ।୨୨ ।

ଆସି ଅସମୟେ ଧରାବୁକେ ଯେହ୍ନେ ତାଣ୍ଡବ ରଅଇ ବତାସ
ପିତୃ ଅପମାନେ ଶ୍ରବଣେ କର୍ଣ୍ଣରେ ହୋଇଲା ଜ୍ଞାନର ବିନାଶ
କୋପେ ବିହିଲା ଅଭିଶାପ
ଆଜ ଯୁକ୍ତକରି ସପ୍ତମ ବାସରେ ଦଂଶିବ ବିଷଧର ସାପ ।୨୩ ।

ଉଚ୍ଚସ୍ୱରେ ରାଣୀ ବିଳାପ କରିଣ ସଂଜ୍ଞାହୀନ ହୋଇ ଲୋଟିଲେ
ସତ୍ୱରେ ନୃପତି ରାଇଣ ଦାସୀକୁ ଅନ୍ତଃପୁରକୁ ପଠାଇଲେ
ବିନୟେ ଯୋଡିଣ କରକୁ
ଯୋଗୀ ଶିରୋମଣି ଶମୀକ ମୁଖରୁ ଶୁଣିଲେ ନିଜର କାଳକୁ ।୨୪ ।

ISSN NO.
2582-208X


ମହୀପାଳେ ଚାହିଁ ତପସ୍ୱୀ ବାଚିଲେ ଧ୍ୟାନକର ଆମ୍ଭ ବଚକୁ
ଦୁର୍ଭାଗ୍ୟର ବାଣ ବିଧିର ଧନୁରୁ ସାରିଛି ନିକ୍ଷେପି ତୁମ୍ଭକୁ
ଅଟଇ ଅଫେରା ବଚନ
ଏହିଗିର ଆମ୍ଭେ ଭାଷିବା ପାଇଁକି ଆସିଥିଲୁ ରାଜଭବନ ।୨୫ ।

-: ଟୀକା :-

ବାଚିଲେ – କହିଲେ
ବାସରେ – ଦିନରେ
ରାଇଣ – ଡାକି
ପନଗ - ସାପ

କ୍ରମଶଃ.....

ବରପଦର, ଗୋବିନ୍ଦପୁର, ବରଗଡ

ISSN NO.
2582-208X

# ଜୟ ଶ୍ରୀରାମ



ନଲେଶ କୁମାର ଭୋଇ

ଶ୍ରୀ ଅଯୋଧ୍ୟା ପ୍ରଭୁ ନରେଶ
ପାଳି ପିତା ବାଣୀ ଆଦେଶ
ଗମିଲ କାନନେ ଚଉଦ ବର୍ଷ
ଗ୍ରମଙ୍କୁ ସୀତା ସାଥେ ପୁଣି
ନାଶୀ ଗ୍ରକ୍ଷ ଉଦ୍ଧରୀ ମେଦିନୀ
କଳଯୁଗେ ବିଜେ ଶ୍ରୀକ୍ଷେତ୍ରପୁରୀ
ତୁମେ ପୁଣୀ ବାଣୀକ୍ଷେତ୍ରେ ରହି
ଆଶିଷ ପ୍ରଦାନେ ସାମନ୍ତଙ୍କୁ ପୁଣି
ଅଚ୍ୟୁତ ହାଡ଼ିଦାସ ବଚନ ସତ୍ୟ
ତାହି ଲଭି ଭକ୍ତ ବିନାଶ ଅସତ୍ୟ
ହେ ! ପ୍ରଭୁ ହିଁ ଅଯୋଧ୍ୟା ନରେଶ
ରଖିବେ କଳଯୁଗେ ଗ୍ରମଶବ୍ଦ ଭଜ
ମୁଢ଼ ନଲେଶ ପାଦେ ଶାରଳା ଧାୟୀ
ଅନ୍ୟଥା ନୋହିବ ଦାସହାଡ଼ି ବାଣୀ

ବାଣୀକ୍ଷେତ୍ର ଭୁବନେଶ୍ୱର

ISSN NO.
2582-208X

# ଯୁଧିଷ୍ଠିରଙ୍କୁ କିଏ ଧର୍ମରାଜ ଯୁଧିଷ୍ଠିର ବୋଲି ଆଖ୍ୟା ପ୍ରଦାନ କରିଥିଲେ ଓ କାହିଁକି



ନରେନ୍ଦ୍ର ପ୍ରସାଦ ବେହେରା

ଯୁଧିଷ୍ଠିର, ଭୀମ, ଅର୍ଜ୍ଜୁନ, ନକୁଳ ଓ ସହଦେବ ଏହି ପାଞ୍ଚ ଭାଇ ଯାହାଙ୍କୁ କି ପାଣ୍ଡବ ବୋଲି କୁହାଯାଏ, ସେମାନେ ସେମାନଙ୍କର ବାରବର୍ଷ ବନବାସର ଅନ୍ତିମ କାଳରେ ଦିନେ ଅରଣ୍ୟ ମଧ୍ୟରେ ଯାଉ ଯାଉ ପଥଶ୍ରାନ୍ତହୋଇ ଗୋଟିଏ ବୃକ୍ଷ ମୂଳରେ ଆଶ୍ରୟ ନେଇଥାନ୍ତି । ଦୁର୍ଯ୍ୟୋଧନ ସେମାନଙ୍କୁ ପଶାଖେଳରେ ହରାଇ ରାଜ୍ୟରୁ ବିତାଡିତ କରିଦେଇଥାଏ । ଏହିପରି କ୍ଳାନ୍ତ ଅବସ୍ଥାରେ ଭୀମ କହିଲେ, ଦୁଃଶାସନ ଯେତେବେଳେ ଦ୍ରୌପଦୀଙ୍କ କେଶ ଧରି ଟାଣି ରାଜସଭାକୁ ଧରି ନେଇ ବିବସ୍ତ୍ର କରୁଥିଲା, ସେତେବେଳେ ଯଦି ଆମେ ତାକୁ ହତ୍ୟା କରିଥାଆନ୍ତେ, ତା' ହେଲେ ଆମକୁ ଆଜି ଏ ଦୁଃଖ ଭୋଗିବାକୁ ପଡି ନ ଥାନ୍ତା । ଆମେ ନିଜେ ନିଜର ଦୁର୍ଭାଗ୍ୟକୁ ଡାକି ଆଣିଛୁ । ଆମର ଦୁର୍ଦ୍ଦଶା ପାଇଁ ଆମେ ନିଜେ ଦାୟୀ। ଏହା କହି ଭୀମ ଅଶ୍ରୁପୂର୍ଣ୍ଣ ନୟନରେ ଅନ୍ୟ ଭାଇମାନଙ୍କୁ ଚାହିଁ ରହିଲେ ।

ସହଦେବ କହି ଉଠିଲେ, ଭାଇ, ଆପଣ ଯାହା କହିଲେ ସେଥିରେ ତିଳେମାତ୍ର ଭୁଲ୍ ନାହିଁ । ଦୁର୍ଯ୍ୟୋଧନ ମାମୁଁ କପଟୁ ଶକୁନି ସହିତ ଜ୍ୟେଷ୍ଠ ଭ୍ରାତା ଯେତେବେଳେ ପଶା ଖେଳରେ ହାରିଯାଇ ସର୍ବସ୍ୱ ହରାଇ ବସିଲେ, ସେତିକବେଳେ ଯଦି ଆମେ ଶକୁନିକୁ ହତ୍ୟା କରିଥାନ୍ତେ, ତା' ହେଲେ ଆଜି ଆମକୁ ଏ ଦଶା ଭୋଗ କରିବାକୁ ପଡି ନ ଥାନ୍ତା । ଆମେ ଆଜି ଜଙ୍ଗଲ ଭିତରେ ଏତେ ଦୁଃଖକଷ୍ଟ ସହୁ ନ ଥାନ୍ତେ । ପଶାଖେଳରେ ହାରି ଯାଇ ଆମେ ସର୍ବସ୍ୱ ହରାଇ ଆଜି ଦାଣ୍ଡର ଭିକାରୀ ।

ଯୁଧିଷ୍ଠିର ନୀରବରେ ଭାଇମାନଙ୍କ ଏହି କଥା ଶୁଣୁଥାନ୍ତି । ସେ ସତେ ଯେପରି ଏସବୁ କଥା ନ ଶୁଣିବା ପରି ବସି ରହିଥାନ୍ତି । ଅର୍ଜ୍ଜୁନ ମଧ କିଛି କହୁ ନ ଥାନ୍ତି । ହଠାତ୍ ଯୁଧିଷ୍ଠିର

ISSN NO.
2582-208X


କହି ଉଠିଲେ, ଏସମୟରେ ଏସବୁ କଥା କହି କିଛି ଲାଭ ନାହିଁ । ସତ୍ୟଧର୍ମ ପାଳନ କରିବା ହେଉଛି ବଡ଼ କଥା । ତା' ପରେ ସେ ନକୁଳଙ୍କୁ କହିଲେ, ବର୍ତ୍ତମାନ ଆମେ ସବୁ ବଡ଼ ତୃଷାର୍ତ୍ତ । ତେଣୁ ଗତ ଦିନର ଘଟଣା ମନେ ପକାଇ ଅଧିକ ମ୍ରିୟମାଣ ନ ହୋଇ ତୁମେ ଯାଅ, ତୃଷ୍ଣା ମେଣ୍ଟାଇବା ପାଇଁ ଜଳର ସନ୍ଧାନ କର ।

ନକୁଳ ଗୋଟିଏ ଗଛ ଉପରକୁ ଚଢି ଚାରିଆଡ଼କୁ ଅନାଇଲେ । ସେ ଦେଖିଲେ କିଛି ଦୂରରେ ଗୋଟିଏ ପୁଷ୍କରିଣୀ ରହିଛି ଏବଂ ଏହା କୂଳରେ ଗୋଟିଏ ବଗ ବସିଛି । ସେ ଗଛରୁ ତଳକୁ ଓହ୍ଲାଇ ଜଳ ଆଣିବାଉଦ୍ଦେଶ୍ୟରେ ସେହି ଜଳାଶୟ ଆଡ଼କୁ ଗଲେ । ନକୁଳ ପୋଖରୀ ନିକଟରେ ପହଞ୍ଚି ପାଣି ପିଇବାକୁ ହାତ ବଢାଇଛନ୍ତି, ଶୂନ୍ୟରୁ ଶୁଣାଗଲା, ରୁହ, ଏଇଟା ହେଉଛି ମୋର ପୁଷ୍କରିଣୀ । ଯଦି ତୁମେ ପାଣି ପିଇବାକୁ ଚାହଁ, ତାହେଲେ ପ୍ରଥମେ ମୋ ପ୍ରଶ୍ନର ଉତ୍ତର ଦିଅ । ନକୁଳ ଅତ୍ୟନ୍ତ ଶୋଷିଲା ଅବସ୍ଥାରେ ଥିଲେ । ସେ ଏହି କଥା ପ୍ରତି କର୍ଣ୍ଣପାତ ନ କରି ପାଣି ପିଇବାକୁ ଲାଗିଲେ । ସେ ପାଣି ପିଉଥିବା ଅବସ୍ଥାରେ ଛଟପଟ ହୋଇ ମରି ତଳେ ପଡିଗଲେ ।

ନକୁଳ ଫେରିବାର ବିଳମ୍ବ ଦେଖି ଯୁଧିଷ୍ଠିର ସହଦେବଙ୍କୁ ସେହି ଜଳାଶୟ ଆଡ଼କୁ ପଠାଇଲେ । ସହଦେବ ସେଠାରେ ପହଞ୍ଚି ଦେଖନ୍ତି ତ ନକୁଳ ପୋଖରୀ କୂଳରେ ମୃତ ଅବସ୍ଥାରେ ପଡି ରହିଛନ୍ତି । ସେ କିଛି ବୁଝି ନ ପାରି ଭାଇମାନଙ୍କୁ ଏ ଖବର ଦେବା ପାଇଁ ଯିବା ପୂର୍ବରୁ ନିଜେ ପାଣି ପିଇବାକୁ ଯାଉଥିବା ସମୟରେ ପୂର୍ବପରି ଶୂନ୍ୟରୁ ଶୁଣାଗଲା, ଏଇଟା ହେଉଛି ମୋର ଜଳାଶୟ । ଆଗ ମୋ ପ୍ରଶ୍ନର ଉତ୍ତର ଦେଇସାର, ତା' ପରେ ପାଣି ପିଇବ । ସହଦେବ ମଧ ତୃଷାର୍ତ୍ତ ଅବସ୍ଥାରୁ ଏହି କଥା ପ୍ରତି କର୍ଣ୍ଣପାତ ନ କରି ପାଣି ପିଇବାକୁ ଲାଗିଲେ ଏବଂ ନକୁଳଙ୍କ ପରି ଛଟପଟ ହୋଇ ପ୍ରାଣ ହରାଇଲେ ।

ସହଦେବ ଫେରିବାର ନ ଦେଖି ଯୁଧିଷ୍ଠିର ଅର୍ଜ୍ଜୁନଙ୍କୁ ପଠାଇଲେ । ଅର୍ଜ୍ଜୁନ ପୁଷ୍କରିଣୀ ନିକଟରେ ପହଞ୍ଚି ତାଙ୍କ ଦୁଇ ଭାଇ ସେଠାରେ ମରି ପଡିଥିବାର ଦେଖି ବିସ୍ମିତ ହେଲେ । ସେ ମଧ ଏ ଖବର ଅନ୍ୟ ଦୁଇ ଭାଇଙ୍କୁ ଜଣାଇବା ପାଇଁ ଫେରିଯିବା ପୂର୍ବରୁ ନିଜେ ପାଣି ପିଇବାକୁ ଯାଉଥିବା ବେଳେ ପୂର୍ବପରି ଶୁଣିବାକୁ ପାଇଲେ, ରହିଯାଅ, ଏଇଟା ହେଉଛି

ISSN NO.
2582-208X

ମୋ' ଜଳାଶୟ । ପାଣି ପିଇବା ଆଗରୁ ମୋ' ପ୍ରଶ୍ନର ଉତ୍ତର ଦିଅ । ନଚେତ୍ ତୁମକୁ ମଧ୍ୟ ତୁମର ଏହି ଭାଇମାନଙ୍କ ପରି ଅବସ୍ଥା ଭୋଗିବାକୁ ପଡିବ ।

ଅର୍ଜ୍ଜୁନ ଆଶ୍ଚର୍ଯ୍ୟ ହୋଇ ଚାରିଆଡକୁ ଅନାଇଲେ କିନ୍ତୁ କାହାରିକୁ ଦେଖିବାକୁ ପାଇଲେ ନାହିଁ। ସେ ଚିତ୍କାର କରି କହି ଉଠିଲେ, ତୁମେ କିଏ ? ମୋ ସାମନାକୁ ଆସି କଥା କୁହ । ଜାଣିରଖ ମୋ ହାତରେ ଧନୁ ଓ ତୀର ରହିଛି । କେହି ନ ଆସିବାରୁ ଅର୍ଜ୍ଜୁନ ଚତୁର୍ଦ୍ଦିଗକୁ ତୀରମାନ ନିକ୍ଷେପ କରିବାକୁ ଲାଗିଲେ । କିନ୍ତୁ ସବୁ ନିଷ୍ଫଳ ହେଲା । ଏକ ଅଟ୍ଟହାସ୍ୟ କରି କେହି କହୁଥିବାର ଶୁଣାଗଲା, ହେ ପାର୍ଥ, ବୃଥାଟାରେ ନିଜର ଅସ୍ତ୍ର କ୍ଷୟ କର ନାହିଁ । ପ୍ରଥମେ ମୋ' ପ୍ରଶ୍ନର ଉତ୍ତର ଦିଅ । ତା' ପରେ ପାଣି ପିଇବ । ଏଥିପ୍ରତି ଭ୍ରୁକ୍ଷେପ ନ କରି ଅର୍ଜ୍ଜୁନ ପାଣି ପିଇବାକୁ ଲାଗିଲେ ଏବଂ ଭାଇମାନଙ୍କ ପରି ମୃତ୍ୟୁ ବରଣ କଲେ ।

ଅର୍ଜ୍ଜୁନ ମଧ୍ୟ ନ ଫେରିବା ଦେଖି ଯୁଧିଷ୍ଠିର ବ୍ୟସ୍ତ ହୋଇ କହିଲେ, ହେ ଭୀମ, ଭାଇମାନଙ୍କର କ'ଣ ହେଲା ? ସେମାନେ କାହିଁକି ଫେରିଲେ ନାହିଁ ଯାଇ ଦେଖ । ଭୀମ ଯାଇ ପୁଷ୍କରିଣୀ ନିକଟରେ ପହଞ୍ଚି ଦେଖନ୍ତି ତ ତାଙ୍କର ତିନି ଭାଇ ମୃତ ଅବସ୍ଥାରେ ସେଠାରେ ପଡି ରହିଛନ୍ତି । ସେ ମନେ ମନେ ଭାବିଲେ ବୋଧହୁଏ ଏହା କୌଣସି ରାକ୍ଷସର କାମ । ସେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇ ନିଜେ ତୃଷାର୍ତ୍ତ ଥିବାରୁ ପାଣି ପିଇବାକୁ ହାତ ବଢାଇବା ମାତ୍ରେକେ ପୂର୍ବପରି କଥାମାନ ଶୁଣାଗଲା ଏବଂ ଭୀମ ମଧ୍ୟ ଏଥିପ୍ରତି କର୍ଣ୍ଣପାତ ନ କରି ପାଣି ପିଇବାରୁ ମୃତ୍ୟୁ ବରଣ କରି ସେଠାରେ ପଡି ରହିଲେ ।

କୌଣସି ଭାଇ ନ ଫେରିବାରୁ ଯୁଧିଷ୍ଠିର ଅତ୍ୟନ୍ତ ଚିନ୍ତିତ ହୋଇ ନିଜେ ସେଠାକୁ ଗଲେ । ସେ ଜଳାଶୟ ନିକଟରେ ପହଞ୍ଚି ଦେଖନ୍ତି ତ ତାଙ୍କର ଚାରି ଭାଇ ମୃତ ଅବସ୍ଥାରେ ପଡି ରହିଛନ୍ତି । ସେ ଭାବିଲେ ଭୀମ ଓ ଅର୍ଜ୍ଜୁନଙ୍କ ପରି ମହାପରାକ୍ରମୀ ବୀରଙ୍କର ଏପରି ଦଶା ହେଲା କିପରି ? ସେ ଅସହାୟ ହୋଇ ସେଠାରେ ଠିଆ ହୋଇ ରହିଲେ ।

ଏତିକିବେଳେ ସେ ସେହି କଥା ଶୁଣିବାକୁ ପାଇଲେ, ତୁମ ଭାଇମାନେ ମୋ ପ୍ରଶ୍ନର ଉତ୍ତର ନ ଦେଇ ମୋ ଜଳାଶୟରୁ ପାଣି ପିଇବାରୁ ମୃତ୍ୟୁ ବରଣ କରିଛନ୍ତି । ତୁମେ ଯଦି ମୋ ପ୍ରଶ୍ନର ଉତ୍ତର ନ ଦେଇ ପାଣି ପିଇବ, ତା' ହେଲେ ତୁମକୁ ମଧ୍ୟ ସେମାନଙ୍କ ପରି ଦଶା ଭୋଗିବାକୁ

ISSN NO.
2582-208X


ପଡିବ । ଏହା ଶୁଣି ଯୁଧିଷ୍ଠିର ଆଶ୍ଚର୍ଯ୍ୟ ହୋଇ ପଚ୍ଚାରିଲେ, ତୁମେ କିଏ ? ଉତ୍ତର ଶୁଣାଗଲା, ମୁଁ ହେଉଛି ଯକ୍ଷରାଜ । ଠିକ୍ ଏହି ପରେ ପରେ ଗୋଟିଏ ତାଳ ଗଛ ପରି ଡେଙ୍ଗା ଶରୀର ଯୁଧିଷ୍ଠିରଙ୍କ ଆଗରେ ଆସି ଠିଆ ହୋଇଗଲା । ଯୁଧିଷ୍ଠିର ଏପରି ବିଶାଳ ଶରୀର ଇତିପୂର୍ବରୁ କେବେ ଦେଖି ନ ଥିଲେ । ସେ କହିଲେ, ହେ ଯକ୍ଷ, ତୁମର ପ୍ରଶ୍ନ ସବୁ କ'ଣ ମୋତେ ପଚ୍ଚାର ।

ଏହାପରେ ଯକ୍ଷ ପ୍ରଶ୍ନ ପଚ୍ଚାରିବାରେ ଲାଗିଲେ ଏବଂ ଯୁଧିଷ୍ଠିର ବିସ୍ତୃତ ଭାବରେ ସେସବୁର ଉତ୍ତର ଦେବାକୁ ଲାଗିଲେ---

ପ୍ରଶ୍ନ(୧)---ସମସ୍ତ ଆର୍ଶୀବାଦ ମଧ୍ୟରେ କେଉଁ ଆର୍ଶୀବାଦ ଶ୍ରେଷ୍ଠ ?
ଉତ୍ତର---ଶ୍ରେଷ୍ଠ ଆର୍ଶୀବାଦ ହେଉଛି ଉତ୍ତମ ସ୍ୱାସ୍ଥ୍ୟ ।

ପ୍ରଶ୍ନ(୨)---ସମସ୍ତ ପ୍ରକାର ସୁଖ ମଧ୍ୟରେ କେଉଁ ସୁଖ ଶ୍ରେଷ୍ଠ ?
ଉତ୍ତର---ସନ୍ତୋଷ ହେଉଛି ଶ୍ରେଷ୍ଠ ସୁଖ । ଯେତିକି ମିଳଲା ସେତିକରେ ତୃପ୍ତ ରହିବା ହେଉଛି ସନ୍ତୋଷ ।

ପ୍ରଶ୍ନ(୩)---ସମସ୍ତ ଜ୍ଞାନ ମଧ୍ୟରେ କେଉଁ ଜ୍ଞାନ ହେଉଛି ଶ୍ରେଷ୍ଠ ?
ଉତ୍ତର---ବ୍ରହ୍ମଜ୍ଞାନ ହେଉଛି ଶ୍ରେଷ୍ଠ ଜ୍ଞାନ । ଈଶ୍ୱରଙ୍କୁ ଜାଣିବା ହେଉଛି ପ୍ରକୃତ ଜ୍ଞାନ । ତାଙ୍କୁ ନ ଜାଣିବା ହେଉଛି ଅଜ୍ଞାନ ।

ପ୍ରଶ୍ନ(୪)---କରୁଣା କାହାକୁ କୁହାଯାଏ ?
ଉତ୍ତର---ସମସ୍ତଙ୍କର ସୁଖ ସମୃଦ୍ଧି କାମନା କରିବା ହେଉଛି କରୁଣା । ଅପରର ଦୁଃଖରେ ବିଚଳତ ହୋଇଯିବା ହେଉଛି କରୁଣା ।

ପ୍ରଶ୍ନ(୫)---ଅଜ୍ଞତା କାହାକୁ କୁହାଯାଏ ?
ଉତ୍ତର---ନଜର କର୍ତ୍ତବ୍ୟକର୍ମକୁ ନ ଜାଣିବା ହେଉଛି ଅଜ୍ଞତା , ଯାହାଠାରେ କର୍ତ୍ତବ୍ୟନଷ୍ଠା ନାହିଁ ସେ ହେଉଛି ଅଜ୍ଞ ।

ISSN NO.
2582-208X

ପ୍ରଶ୍ନ(୬)---ଆଳସ୍ୟ କାହାକୁ କୁହାଯାଏ ?
ଉତ୍ତର---ନିଜର କର୍ତ୍ତବ୍ୟ ପାଳନରୁ ବିମୁଖ ରହିବା ହେଉଛି ଆଳସ୍ୟ ।

ପ୍ରଶ୍ନ(୭)---ଜନ୍ମ, ଚରିତ୍ର, ଅଧ୍ୟୟନ ଓ ଜ୍ଞାନ, ଏଥି ମଧ୍ୟରୁ କେଉଁଟି ବ୍ରାହ୍ମଣର ଶ୍ରେଷ୍ଠ ଭୂଷଣ ?
ଉତ୍ତର---ଚରିତ୍ର ହିଁ ଜଣେ ବ୍ରାହ୍ମଣର ଶ୍ରେଷ୍ଠ ଭୂଷଣ ।

ପ୍ରଶ୍ନ(୮)---ସଂସାରରେ ପ୍ରକୃତ ସୁଖୀ ଲୋକ କିଏ ?
ଉତ୍ତର---ଋଣଗ୍ରସ୍ତ ଅବସ୍ଥାରେ ନ ଥିବା ବ୍ୟକ୍ତି ହି ପ୍ରକୃତ ସୁଖୀ ।

ପ୍ରଶ୍ନ(୯)---ସୁଖ ଶାନ୍ତି ପ୍ରାପ୍ତିର ଶ୍ରେଷ୍ଠ ପଥ କ'ଣ ?
ଉତ୍ତର---ଧର୍ମର ପଥ ଅନୁସରଣ କଲେ ସୁଖଶାନ୍ତି ମିଳିଥାଏ ।

ପ୍ରଶ୍ନ(୧୦)---ଏ ସଂସାରରେ ଅତି ଆଶ୍ଚର୍ଯ୍ୟର ବିଷୟ କ'ଣ ?
ଉତ୍ତର---ଏହାହିଁ ଆଶ୍ଚର୍ଯ୍ୟର ବିଷୟ ଯେ ମନୁଷ୍ୟ ପ୍ରତିଦିନ ନିଜ ଆଖିରେ ଦେଖୁଛି କେତେ ଲୋକ ମରୁଛନ୍ତି, କିନ୍ତୁ ସେ କେବେ ହେଲେ ଭାବେ ନାହିଁ ଯେ ସେ ବି ଦିନେ ମରିବ। ମନରେ ନିଜ ମୃତ୍ୟୁ ଚିନ୍ତା ସ୍ଥାନ ନ ପାଇବା ହେଉଛି ଆଶ୍ଚର୍ଯ୍ୟର ବିଷୟ ।

ଯକ୍ଷ ଆଉ କୌଣସି ପ୍ରଶ୍ନ ନ କରି କହି ଉଠିଲେ, ଉତ୍ତମ, ଉତ୍ତମ, ହେ ବତ୍ସ, ତୁମେ ମୋର ସବୁ ପ୍ରଶ୍ନର ଠିକ୍ ଉତ୍ତର ଦେଇ ପାରିଛ । ମୁଁ ତୁମ ଉପରେ ଅତ୍ୟନ୍ତ ସନ୍ତୁଷ୍ଟ । ତୁମେ କୁହ, ତୁମର କେଉଁ ଭାଇକୁ ମୁଁ ବଞ୍ଚାଇବି ? ଯୁଧିଷ୍ଠିର କହିଲେ, ହେ ଯକ୍ଷ, ନକୁଳ ଓ ସହଦେବ, ମୋର ଏହି ଦୁଇ ଭାଇଙ୍କୁ ବଞ୍ଚାଇ ଦିଅ । ଯକ୍ଷ କହିଲେ, କାହିଁକି ? ଭୀମ ଓ ଅର୍ଜୁନ କ'ଣ ତୁମର ପ୍ରିୟ ଭାଇ ନୁହନ୍ତି ? ନକୁଳ ଓ ସହଦେବ ତ ତୁମର ବିମାତାଙ୍କର ପୁତ୍ର । ଯୁଧିଷ୍ଠିର କହିଲେ, ହେ ଯକ୍ଷ, ମୁଁ ଧର୍ମପଥରୁ କଦାପି ବିମୁଖ ହୋଇପାରିବି ନାହିଁ । ମୋର ପିତାଙ୍କର ଦୁଇ ପତ୍ନୀ ଥିଲେ, କୁନ୍ତୀ ଓ ମାଦ୍ରୀ । ମୁଁ ମୋର ଦୁଇ ମାତାଙ୍କୁ ସମାନ ଚକ୍ଷୁରେ ଦେଖୁଥିଲି । ନକୁଳ ଓ ସହଦେବ ବିମାତା ମାଦ୍ରୀଙ୍କର ପୁତ୍ର ଥିଲେ ମଧ୍ୟ ମୁଁ ମୋର

ISSN NO.
2582-208X

ଏହି ଦୁଇ ଭାଇଙ୍କ ପ୍ରତି କେତେବେଳେ ହେଲେ ପାତର ଅନ୍ତର ବ୍ୟବହାର କରି ନାହିଁ । ଆମେ ପାଣ୍ଡବ ପାଞ୍ଚଭାଇ ଏକ ମନ ଏକ ପ୍ରାଣ ହୋଇ ରହି ଆସିଛୁ ।

ଯୁଧିଷ୍ଠିର ଏହି ପ୍ରକାର କହୁଥିବା ବେଳେ ଭୀମ, ଅର୍ଜୁନ, ନକୁଳ ଓ ସହଦେବ ଏକ ସଙ୍ଗରେ ମୃତାବସ୍ଥାରୁ ଉଠି ବସିଲେ ଏବଂ ଏହା ଦେଖି ଯୁଧିଷ୍ଠିରଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେତେବେଳକୁ ସବୁ ଭାଇଙ୍କର କ୍ଷୁଧା, ତୃଷ୍ଣା ଓ କ୍ଲାନ୍ତ ଦୂର ହୋଇ ଯାଇଥିଲା। ସମସ୍ତେ ଯକ୍ଷଙ୍କୁ ପ୍ରଣାମ କଲେ । ଯୁଧିଷ୍ଠିର କହିଲେ, ହେ ଯକ୍ଷ, ଆପଣ ପ୍ରକୃତରେ କଏ, ଆପଣଙ୍କର ପରିଚୟ ଦିଅନ୍ତୁ । ଆପଣ ଜଣେ ଯକ୍ଷ ପରି ଜଣା ପଡୁ ନାହାନ୍ତି ।

ଏହା ଶୁଣି ଯକ୍ଷ ହସି ହସି କହିଲେ, ହେ ବତ୍ସ, ମୁଁ ହେଉଛି ଧର୍ମ, ତୁମର ଧାର୍ମିକତା ଓ ସତ୍ୟନିଷ୍ଠା ପରୀକ୍ଷା କରିବା ପାଇଁ ମୁଁ ତୁମ ଭାଇମାନଙ୍କ ସହିତ ତୁମକୁ ଏଠାକୁ ନେଇ ଆସିଥିଲି । ତୁମେ ହେଉଛ ପ୍ରକୃତରେ ଜଣେ ଧାର୍ମିକ ପୁରୁଷ । ସତ୍ୟନିଷ୍ଠାରେ ତୁମେ ହେଉଛ ଏ ସଂସାରରେ ଅଦ୍ୱିତୀୟ ବ୍ୟକ୍ତି । ତୁମେ କ'ଣ ବର ମାଗୁଛ ମାଗ । ଧର୍ମରୂପୀ ବଗ ପକ୍ଷୀଟି ଅଦୃଶ୍ୟ ହୋଇଯାଇ ଯକ୍ଷରୂପ ଧାରଣ କରିଥିବା ଜାଣି ଯୁଧିଷ୍ଠିର ତାଙ୍କ ପାଦ ତଳେ ପଡି ସାଷ୍ଟାଙ୍ଗ ପ୍ରଣାମ କଲେ ଏବଂ କହିଲେ, ହେ ପ୍ରଭୁ, ଆପଣ ଏହି ବର ଦିଅନ୍ତୁ, ଯେପରିକି ଆମର ଆଗାମୀ ଅଜ୍ଞାତବାସ କାଳରେ ଆମକୁ କେହି ଚହ୍ନି ପାରିବେ ନାହିଁ । ଆମେ ଦୀର୍ଘ ବାରବର୍ଷ ଅତି କଷ୍ଟରେ ବିତାଇ ସାରିଛୁ । ବର୍ତ୍ତମାନ ଆରମ୍ଭ ହେବାକୁ ଯାଉଥିବା ଅଜ୍ଞାତବାସ ସମୟରେ ଆମେ ଧରା ପଡିଗଲେ ଆମକୁ ପୁଣି ବାରବର୍ଷ ବନବାସ ଭୋଗ କରିବାକୁ ହେବ । ଏ କ୍ଷେତ୍ରରେ ଆପଣ ଆମର ସହାୟ ହୁଅନ୍ତୁ । ତାହା ହିଁ ଆମ ପ୍ରତି ଶ୍ରେଷ୍ଠ ବରଦାନ ହେବ ।

ଯକ୍ଷରୂପୀ ଧର୍ମ କହିଲେ, ହେ ବତ୍ସ, ମୁଁ ତୁମ ଉପରେ ସନ୍ତୁଷ୍ଟ ହୋଇ ତୁମକୁ ଧର୍ମରାଜ ଆଖ୍ୟା ପ୍ରଦାନ କରିବା ସଙ୍ଗେ ସଙ୍ଗେ ତୁମକୁ ଏହି ବର ପ୍ରଦାନ କରୁଛି ଯେ ଆଗାମୀ ଅଜ୍ଞାତବାସ କାଳରେ ତିନଲୋକରେ ତୁମମାନଙ୍କୁ କେହି ଚହ୍ନି ପାରିବେ ନାହିଁ । ତୁମେସବୁ ମତ୍ସ୍ୟଦେଶର ରାଜା ବିରାଟଙ୍କ ଭବନରେ ବିଭିନ୍ନ ବେଶରେ ରହି ଏହି ବର୍ଷଟି ସୁରୁଖୁରୁରେ ବିତାଇ ଦେବ । ତୁମମାନଙ୍କର ଦୁଃଖର ଦିନ ଶେଷ ହୋଇ ଆସୁଛି ।

ISSN NO.
2582-208X


ଏହା କହି ଧର୍ମ ଦେବତା ଅଦୃଶ୍ୟ ହୋଇଗଲେ । ପାଣ୍ଡବମାନେ ହୃଷ୍ଟ ଚତ୍ତରେ ସେମାନଙ୍କ ଆଶ୍ରୟସ୍ଥଳୀକୁ ଫେରି ଆସି ଦ୍ରୌପଦୀଙ୍କ ନକଟରେ ସମସ୍ତ ଘଟଣାବଳୀ ବର୍ଣ୍ଣନା କଲେ । ତା' ପରେ ଯୁଧିଷ୍ଠିର ସେମାନଙ୍କ ସହିତ ବନବାସ କାଳରେ ରହିଥିବା କେଇଜଣ ବ୍ରାହ୍ମଣ ଓ ତାଙ୍କ ଗୁରୁ ଧୌମ୍ୟଙ୍କୁ ଇନ୍ଦ୍ରପ୍ରସ୍ଥକୁ ଫେରିଯିବାକୁ କହି, ରାଜା ବିରାଟଙ୍କ ରାଜଭବନରେ କ ପ୍ରକାର ବେଶରେ ଯାଇ ଆଶ୍ରୟ ନେବେ ତାହା ବିଚାର କରିବାକୁ ଲାଗିଲେ । ବିଚାର ବିମର୍ଷ ପରେ ସ୍ଥିର ହେଲା ଯେ ଯୁଧିଷ୍ଠିର ଜଣେ ବ୍ରାହ୍ମଣ ବେଶରେ, ଭୀମ ଜଣେ ପାଚକ ବେଶରେ, ଅର୍ଜ୍ଜୁନ ଜଣେ ହିଞ୍ଜଡ଼ା ବେଶରେ, ନକୁଳ ଜଣେ ଅଶ୍ୱପାଳକ ରୂପରେ, ସହଦେବ ଜଣେ ଗୋପାଳ ରୂପରେ ଏବଂ ଦ୍ରୌପଦୀ ଜଣେ ଦାସୀ ରୂପରେ ଯାଇ ରାଜା ବିରାଟଙ୍କ ନକଟରେ ନଜର ପରିଚୟ ଦେଇ ସେମାନଙ୍କର ଅଜ୍ଞାତବାସ ସମୟଟି ବିତାଇ ଦେବେ ।

ଏହାପରେ ପାଣ୍ଡବମାନେ ଦ୍ୱୈତବନରେ ରହୁଥିବା ସେମାନଙ୍କ ଆଶ୍ରୟସ୍ଥଳୀ ପରିତ୍ୟାଗ କରି ମତ୍ସ୍ୟଦେଶର ରାଜା ବିରାଟଙ୍କ ରାଜଧାନୀ ନଗରୀ ଅଭିମୁଖେ ଯାତ୍ରା କଲେ । ସେଠାରେ ଅଜ୍ଞାତବାସ ଶେଷ କରି ହସ୍ତିନାପୁରକୁ ଫେରି ଆସି ସେମାନେ ହରାଇଥିବା ରାଜ୍ୟ ଦାବୀ କଲେ ।

ଆଳଦା, ଖଇରା ,ବାଲେଶ୍ୱର

ISSN NO.
2582-208X

# ଲୟ଼ ଲଗା ବାଇମନ



ଅଳକା ବାରିକ୍

ଲୟ଼ ଲଗା ବାଇମନ
ଶ୍ରୀହରି ରଙ୍ଗା ଚରଣ ।
ଲକ୍ଷଣାବନ୍ତ ପୁରୁଷ
ନଟବ୍ରଟ ଜନାର୍ଦ୍ଦନ ।୧।
ଲଳନା ରସିଆ ହରି,
ନୀଳମଣି ନାରାୟଣ ।
ଲୀଟ ସାଜ ତାର୍ ପାଦ
ପଦ୍ମରେ ହେ ସୁଧିଜନ ।୨।
ଲଙ୍ଗଳା ହୋଇଣ ଜୀବ
ଆସିଅଛୁ ଦେଖ ଶୂନ୍ୟ ।
ଲଙ୍ଗଳା ହୋଇ ବିଦାୟ଼
ନେବୁ ଏ ମର ଭୁବନ ।୩।
ଲଟପଟଳଆ କୃଷ୍ଣ
କମ୍ବୁ କଟକ ଗ୍ରଜନ ।
ଲକ୍ଷ୍ୟ ହେଉ ଜୀବନର
ତାହାର ଛନ୍ଦା ଚରଣ ।୪।
ଲଭ ନର ସଦଗତି
କରି ଶ୍ରୀହରି ଭଜନ ।
ଲ୍ଭ ଏ ନର ଜନମେ
ନରହରି ଗୁଣ ଗାନ ।୫।

ମହୁ, ଆଳ, କେନ୍ଦ୍ରପଡା

ISSN NO.
2582-208X

# ମଧୁମାଧବ ତୀର୍ଥ



ଟିକଚନ୍ଦ ସତନାମି

ଧନ୍ୟ ତୋକରି ଚଞ୍ଚରା
ତୋ ଜଳରେ ଯିଏ ଥରେ
ଧନ୍ୟ ହୋଇଯାଏ ଜୀବନ ସାରା ।।ପଦ।।

ପୁରୁବ କାଳର କିରତି ରହିଛି
ବନବାସ କଲେ ରାମ
ଭାଇ ଭାରିଯାକୁ ସଙ୍ଗରେ ଘେଣିନ
ବିଶ୍ରମିଲେ ଏକ ଦିନ
ଧନ୍ୟ ହୋଇଗଲା ତାଙ୍କ ପାଇଲାଣି ଏ ବସୁନ୍ଧରା ।୧।

ମହା ଯୋଗେଶ୍ୱର ପ୍ରଭୁ ଶୁଳଧର
ମାତାଙ୍କୁ ସଙ୍ଗରେ ଧରୀ
ହରିହରଙ୍କର ଅପୁର୍ବ ମିଳନେ
ବିତିଲା ଏକ ଶର୍ବରୀ
ଡାଲେଶ୍ୱର ନାମେ ଲିଙ୍ଗ ଆବିର୍ଭାବ ମୁକତିର ମୂଳାଧାରା ।୨।

ଗୁଡହାଣ୍ଡି ଗୁମ୍ଫା ଅତି ମନୋହର
ତପିଙ୍କ ଆଶ୍ରୟ ସ୍ଥଳି
ତପ କରୁଥିଲେ ମହା ଆନନ୍ଦରେ
ସେ ସ୍ଥାନରେ ରହିକରି
ଖରା ବରଷାକୁ ଜଣା ପଡେନାହିଁ ବହୁଛି ମଳୟ ଧାରା ।୩।

ପର୍ବତର ପୁକ ମାଲ ମାଲ ହୋଇ
ଚଉଦିଗେ ଶୋଭାପାଏ
ପାଷାଣ ହୃଦୟେ କି ଲିପି ଲେଖିଛି
ଜନମନ କିଣିନିଏ
ସପ୍ତ ଇନ୍ଦ୍ରଧନୁ ଏକଠାବ କରି ଝରେ ଦୁର୍ଦ୍ଦୁଭ ନଗରା ।୪।

ଗ୍ରାମ-ଟେମର୍, ବ୍ଲକ-କୋକସର୍,
ଜିଲ୍ଲା-କଳାହାଣ୍ଡି, ମୋ.ନଂ-୮୭୫୮୮୩୦୮୨୦

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ଅସଲି ସୁନାହାର



ଧୀରେନ୍ଦ୍ର କୁମାର ପ୍ରଧାନ

ଶ୍ରୀ ଗଣପତି ଗଜାନନ ଙ୍କ ପୂଜା ହେଉଛି ଆମ କାରଖାନା ପ୍ରଦତ୍ତ ବହୁ ଭୂଷାଭୂଷୀ ବାସଗୃହ ବସ୍ତିରେ ଥିବା ଆମ ସମାଜର ସାମାଜିକ ସାଂସ୍କୃତିକ ଏକତ୍ରୀକରଣ ସଭା ଗୃହରେ। ସାଜସଜ୍ଜା ରେ ଆମ ସମାଜର ପିଲ୍ମାନେ ଖୁବ ପରିଶ୍ରମ କରିଛନ୍ତି। ମନ୍ତ୍ରପାଠ ଚାଲିଛି। ସପରିବାରେ ଆସିଛନ୍ତି। କଛି ପିଲ୍ମାନଙ୍କର ଖଡ଼ି ଛୁଆଁ ପାଇଁ ପ୍ରସ୍ତୁତ ହୋଇ ଆସିଛନ୍ତି। ପ୍ରସାଦରେ ଅରୁଆ ଡାଲମା ଘାଣ୍ଟ ଖଟା କ୍ଷୀରୀ ର ଆୟୋଜନ ହୋଇଛି। ବହୁତ ଆନନ୍ଦ ଦାୟକ ପରିବେଶ ହୋଇଛି ବିନାୟକ ଚତୁର୍ଥୀ ପର୍ବରେ ସଭାଘର ଟି।

ଆମ ସମାଜର ସମସ୍ତେ ଏକତ୍ରିତ। ସଂକୀର୍ତ୍ତନ ଚାଲିଥାଏ। ମହିଳା ମାନେ ନିଜନିଜ ଗପରେ ବ୍ୟସ୍ତ। ପିଲ୍ମାନେ ଖେଳରେ ବ୍ୟସ୍ତ। ଭିଡ ଭିତରେ କିନ୍ତୁ ଖୁବ୍ ଦୃଷ୍ଟି ଆକର୍ଷଣ କରୁଥାନ୍ତି ଶ୍ରୀମତୀ ଦଳବେହେରା। କାରଣ ସେ ଗୋଟିଏ ଓଜନଦାର ଓସାରିଆ ନିଖୁଣ କାରୁକାର୍ଯ୍ୟ ସଂପର୍ଣ୍ଣ ଲମ୍ବା ସୁନାହାର ର ସଂମ୍ପୂର୍ଣ୍ଣ ସମୂହ ମାନେ କାନଫୁଲ ଓ ସୁନାଚୂଡ଼ି ପରିଧାନ କରିଥାନ୍ତି। ସମସ୍ତ ଙ୍କୁ ଭଲମନ୍ଦ ପଚାରି ଦେଉଥାନ୍ତି। ବଡମାନଙ୍କୁ ଅଭିବାଦନ ଓ ସାନ ମାନଙ୍କୁ ସ୍ନେହକଥା କହି ଦେଉଛନ୍ତି। ସେ ଜାଣିପାରୁଥାନ୍ତି ଯେ ସମସ୍ତେ ତାଙ୍କୁ ଦେଖୁଛନ୍ତି କିନ୍ତୁ ଅଧଘଣ୍ଟାଏ ହେଲାଣି କେହି ଅସଲି କଥା ପଚାରୁ ନାହାନ୍ତି। ମାନେ ହାର କଥା। ଖୁବ ଅସହ୍ୟ ବୋଧ ହେଉଥାଏ। ଏତେ ଦାମୀ ହାର କେହି ଯଦି ସବୁର ଦାମ ନପଚାରିବେ ଓ ସେ ନକହିବେ ତେବେ କଣିବାର ମୂଲ୍ୟ କଣ?????

ଠିକ୍ ଏଇ ସମୟରେ ଆରେ ଭାଉଜ ବୋଲି କହି କେହି ଡାକଲେ,,, ବୁଲି ପଡ଼ିଲା ବେଳକୁ ଶ୍ରୀମତୀ କରଣବାଳାଙ୍କୁ ଦେଖି ଖୁବ୍ ଖୁସିରେ ଆଲିଙ୍ଗନ କରିଲେ।

ISSN NO.
2582-208X


କରଣବାଲା କହିଲେ, "ଆରେ ଭାଉଜ ତମକୁ କେବେଠୁ ଦେଖିନ। ବହୁତ ସୁନ୍ଦର ଲାଗୁଛ। ଆରେ ବାଃ ନୂଆ ହାର କାନଫୁଲ ଚୂଡି। ଏସବୁ ଶୁଣି ଶ୍ରୀମତୀ ଦଳବେହେରା କୁଣ୍ଢେମୋଟ। ଦୋକାନରୁ କଣିବାଠାରୁ ଏଯାଏଁ ତାଙ୍କୁ ନଦନଥିଲା। ସେ ମୂହୁର୍ତ୍ତ ଆସିଗଲା।

ଶ୍ରୀମତୀ କରଣବାଲା ଙ୍କୁ ଯୋଗଦେଲେ ଆଉ ଦୁଇଜଣ ମହିଳା। ଭାଉଜ, ତମେ ଆକାଶରେ ଆଜି ଉଡୁଛ ଆଉ। ଭାଇନା କେତେ ଭଲପାଉଛନ୍ତ ଆଉ। ଶ୍ରୀମତୀ ଦଳବେହେରା ତ ଖୋଜୁଥିଲେ। ହଁହଁ ଦେଖୁନ ଦେଖୁନ ଭାଉଜ ଏଇ ହାର ଚୁଡ଼ି କାନଫୁଲ। ହାତଧରି ଟାଣି ଧରେଇ ଦେଇ କହିଲେ ଧରୁନ ହାତରେ। ସବୁଯାକ ସାଢେ ସାତ ଲକ୍ଷ ପଡିଲା। ଆଉଉଉ ବାହାଘର ଛଅ ବର୍ଷ ହୋଇଗଲା କଛି ଦେଇନଥିଲେ।ମା ଗିଲି ଦେଲେ ଆଉ।ଦେବେନ କଣ ଯେ।

କରଣବାଲା ଙ୍କ ନଜର ହାର ଉପରୁ ଯାଉନଥିଲା। କହିଲେ ବୁଝିଲ ଭାଉଜ ତମେ ଭାଗ୍ୟ କରିଛ। ଆମର ତ ଛାଡ। ଆଉଜଣେ ଭାଉଜ କହିଲେ ଆମର ଯେତେ ଖର୍ଚ୍ଚ ତମର କାହିଁ? ଯାହାବି ହେଉ ଶ୍ରୀମତୀ ଦଳବେହେରା ଏକ ପରମ ଶାନ୍ତ ଅନୁଭବ କରୁଥିଲେ। ଏଇ ଭିତରେ ଉପରେ ପଡ଼ି ପଗ୍ଭରିଥିବା ମହିଳା ତଥା ନଜେ ଉପରେ ପଡ଼ି ଆଉ ଗ୍ଭରି ଛଅ ଜଣ ମହିଳାଙ୍କୁ ହାରର ଓଜନ କ୍ୟାରେଟ ଓ ଦୋକାନ ମାଲିକ କୁ ଜବରଦସ୍ତ କରି ଆଠ ବଦଳରେ ଦଶ ଶତକଡା ଛାଡପାଇବାରେ ସ୍ଵାମୀଙ୍କ ଭୂମିକା ତଥା ଆଉ ଦୁଇଦିନ ବିଳମ୍ବ ହୋଇଥିଲେ ଦଶ ଗ୍ରାମକୁ ସାତଶହ ବଢିଯାଇଥାନ୍ତା, ତେଣୁ ସେ କେତେ ଭାଗ୍ୟବତୀ ଅନର୍ଗଳ ବର୍ଣ୍ଣନା କରିଗ୍ଭଲିଥିଲେ।

ଏଣେ ହୋମଯଜ୍ଞ ସରି ପୁଷ୍ପାଞ୍ଜଳ ସରିଗଲା। ହାତୀଶୁଣ୍ଢ ଛାଞ୍ଚର ମୋଟା ଚୁଡି ସମସ୍ତେ ଦେଖିବେ ବୋଲି ହାତକୁ ଉପରକୁ ଟେକ ପୁଷ୍ପାଞ୍ଜଳ ଦେଉଥିଲେ ଶ୍ରୀମତି ଦଳବେହେରା।

ପ୍ରସାଦ ସେବନର ସମୟ ଆସିଲା। ଶ୍ରୀମତୀ ଦଳବେହେରା ଡାଲମା ବାଲତି ଧରି ବାଢିବାକୁ ବାହାରିଲେ। ଯଦିଓ ସାହିର ପିଲାମାନେ ବାଢିବାକୁ ଥିଲେ। ନଇଁନଇଁ ବାଢିଲେ ହାରଟି ଝୁଲିପଡିବ ଆଉ ସବୁ ଦେଖିବେ। ଆଉ ସଭିଙ୍କ ନଜର ବି ଗଲା।

ISSN NO.
2582-208X

ଏଣେ ଶ୍ରୀମତୀ କରଣବାଳା ମନଦୁଃଖ ରେ ବସିଥିବାର ଦେଖି ଶ୍ରୀମତୀ ଦଳବେହେରା କହିଲେ, "ଆରେ ଭାଉଜ ମନଦୁଃଖ ରେ ବସିଛ ଯେ।" ଆରେ ବାବୁଙ୍କୁ କୁହ କଣି ଦେବେ ତୁମଲାଗି। କରଣବାଳା କହିଲେ ଆମର ଇଏ ଠିକରେ ଡ୍ରେସଟେ ଦେଉନାହାନ୍ତି ଆଉ ହାର କଣ ଦେବେ। ବିବାହ ବାର୍ଷିକୀ ରେ ଏଇ ଶାଢ଼ୀ ଟି ମାତ୍ର। ହାର ତ ଛାଡ।

ଶ୍ରୀମତୀ ଦଳବେହେରା ମନେ ମନେ ଉଛୁଳୁଥିଲେ କହିଲେ ହଁ ଏଇ ତମ ହାରଟି ପୁରୁଣା ମଡେଲ ହୋଇଗଲାଣି ସତରେ। ଭଲ ଲାଗୁନ। କରଣବାଳାଙ୍କୁ ବହୁତ ବାଧିଲା। ସେ କଣ କରିବେ? ନିଜକୁ ଟେକିକ ବଢେଇକ କହିବାକୁ ପଡିବ। ତେଣୁ ତୁଳନା କରି କହିଲେ ଦେଖିଲ ଦେଖିଲ ଭାଉଜ ସେ ଶ୍ରୀମତୀ ମଣ୍ଡଳଙ୍କ ବେକ ଖାଲି ପଡିଛି। କାନପାଦ ସବୁ ଖାଲି।

ଶ୍ରୀମତୀ ଦଳବେହେରା କହିଲେ ହଁ ପିନ୍ଧିଥିଲାତ। କରଜଫରଜ କରି ବୁଡିଯାଇଥିବ। ଦେଖ ଦେଖ ଭାଉଜ ଶ୍ରୀମତୀ ବଳିଆରସିଂ କେମିତି ଚିପା ଜିନ୍ସ ପିନ୍ଧି ଆସିଛନ୍ତି। କିରଣବାଳା କହିଲେ ହଁ ପରା ଆକର୍ଷଣୀୟ ଲାଗୁଛନ୍ତି। ମୋର ଭାରି ଇଛା ଯେ ,,,, ପିନ୍ଧିଲେ ବୁଢୀଟା ଆମର ଶୋଧିପକେଇବ।

ଏବେ ସମସ୍ତେ ନିଜନିଜ ଥାଳିଧରି ଦୁଇଟି ଚୌକି ନେଇ ଟିକେ ଦୂରେଇ ବସିଲେ। ବୁଝିଲ ଭାଉଜ ନିତିଦିନ କୁକୁଡ଼ା ମାଂସ ଛେଳି ମାଂସ ମାଛ ଅଣ୍ଡା ପ୍ରତି ଥାଳିରେ ଆମିଷ ଖାଇଖାଇ ଏଇ ସାଦା ଖାଦ୍ୟ ଭଲଲାଗୁନି, ପାଟିକୁ ରୁଚୁନି। ହଁ ପରା ଭାଉଜ। ଏମିତି ଅରୁଚି ପ୍ରସାଦର ଚର୍ଚ୍ଚା କରିକରି ଚାରିରୁ ଛଅଥର ଆଣି ପ୍ରସାଦ ସେବନ ହୋଇଗଲା।

ସବୁ ସରିଲା। ଦୁନିଆର ଚର୍ଚ୍ଚା ସରିଲା। ପ୍ରସ୍ଥାନ ସମୟରେ ଯେଉଁ ଆଠଦଶ ଦମ୍ପତ୍ତି ଥିଲେ ସେମାନେ ପଚାରୁ ପଚାରୁ ପୁଣି ସୁନାହାର ସମୂହର ପୁନରାବୃତ୍ତି ହୋଇଗଲା। ଶ୍ରୀଯୁକ୍ତ ଦଳବେହେରା ଗ୍ଗରିଟି ଜରି ବ୍ୟାଗରେ ଘାଣ୍ଟ କ୍ଷୀରୀ ଖଟା ଡାଲମା ଆଣି ଧରେଇଦେଲେ ଶ୍ରୀମତୀ ଦଳବେହେରାଙ୍କ ହାତରେ। ବଡ଼ ପ୍ରସନ୍ନ ଚିତ୍ତରେ ଅରୁଚକର ପ୍ରସାଦ କୁ ନେଇ ହାରକୁ ଦବଙ୍ଗର ସଲମାନ୍ ଖାନ୍ ଚଷମା ପକେଇଲା ଭଳି ପଛକୁ ପକେଇ ବାଇକରେ ବସିଗଲେ ଶ୍ରୀମତୀ ଦଳବେହେରା।

ISSN NO.
2582-208X

ଟା ଟା ମୁଦ୍ରାରେ ହାରଟିକୁ ଗ୍ଭହିଁ ରହିଥିଲେ ସଦାସର୍ବଦା ଅସନ୍ତୁଷ୍ଟ ଶ୍ରୀମତୀ କରଣବାଳା। ମୋତେ ଦେଖି ହଠାତ୍ ଚମକ ପଡି ପଗ୍ଭରିଲେ ଖିଉଜ କହିଲ, ହାରଟି ତମକୁ ନକଲି ଭଳି ଲାଗୁନ????

ମୁଁ ହସୁଥିଲି ଆଉ ମନେମନେ ଜପୁଥିଲି:

ଜୟ ଶ୍ରୀ ଗଣେଶ।।।।

ଝଜିରୀ ବାହାଳ।
ଅନୁଗୋଳ।୯୪୮୮୧୦୮୫୯୬।

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ଉପରକୁ ସିନା ଶାନ୍ତ ଦିଶୁଛି ଭିତରେ ଚିତ୍କାର କରୁଛି



ଲକ୍ଷ୍ମୀଧର ସିଂ

ଯେତିକି ସରଳ କରୁଛି
ଜୀବନ ସେତିକି ଜଟିଳ ହେଉଛି
ଯନ୍ତ୍ରଣା ବଢ଼ି ବଢ଼ି ଯାଉଛି ଆହୁରି
ଉପରକୁ ସିନା ଶାନ୍ତ ଦିଶୁଛି
ଭିତରେ ଚିତ୍କାର କରୁଛି (।)

ଚାରି ପାଖ ଆଖି ବୁଲାଇ ଦେଲେ
ନଜରେ ଫୁଲସବୁ ହସୁଛି
ପାଦ କାଢ଼ିଲେ ତ ଫୁଟୁଛି କଣ୍ଟା
ଉପରକୁ ସିନା ଶାନ୍ତ ଦିଶୁଛି
ଭିତରେ ଚିତ୍କାର କରୁଛି ( 2)

କାହାକୁ ଭାବିବି ନିଜର
କାହାକୁ ପର ନିତି ଧନ୍ଦି ହେଉଛି
ଡାଳ ଧରିଲେ ବିଶ୍ୱାସ ଯାଉଛି ଭାଙ୍ଗି
ଉପରକୁ ସିନା ଶାନ୍ତ ଦିଶୁଛି
ଭିତରେ ଚିତ୍କାର କରୁଛି (3)

ISSN NO.
2582-208X

ଲୁହକୁ ଲୁଚେଇ ହସୁଛି
ନିଇତି ମରୁଛି ନିଇତି ଜିଉଛି
ଏମିତି ମୁଁ ନିଜର କାଟୁଛି ଜୀବନ
ଉପରକୁ ସିନା ଶାନ୍ତ ଦିଶୁଛି
ଭିତରେ ଚିତ୍କାର କରୁଛି (4)

ଅଁଳାପାଳ, ଗରଡିହି, ବାଲେଶ୍ୱର
ଫୋନ -6370026805

ବେଦାନ୍ତୀର ପୁରୁଣା ସଂଖ୍ୟା ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ମୌସୁମୀଗୋ ତୁମ ଆଗମନେ



କୃଷ୍ଣେନ୍ଦୁ ହୋତା (ସତ୍ୟ)

ମୌସୁମୀଗୋ ତୁମ ଆଗମନେ,
କାହିଁକି ଏମିତି ଲାଗେ କେହିଜଣେ
ଅତି ଆପଣାର ଅନେକ ଦିନ ପରେ
ଫେରିଛି ମୋ ଘରର ଅଗଣାକୁ...
ମୌସୁମୀଗୋ ତୁମ ଆଗମନେ,
ବଦଳିଯାଏ ମୋ ଘରର ମାହୋଲ
ଚାରିଆଡେ ପ୍ରେମର ମିଠା ବାସ୍ନା
ଘର ସାରା ଭରିଯାଏ ରୋମାଞ୍ଚ
ଆଉ ଇଚ୍ଛାହୁଏ ଭିଜିଯିବାକୁ ତୁମ ଛୁଆଁରେ..
ମୌସୁମୀଗୋ ତୁମ ଆଗମନେ,
ଆଖିର ଅସଜଡା ଶେଯରେ ସଜାଡି ହୁଏ
ଅଭାବନାର ସେହି ସ୍ୱପ୍ନ,
ଲାଜରେ ଆଖି ବନ୍ଦ କରି ଇଚ୍ଛାହୁଏ ପୁଣିଥରେ
ହଜିଯିବାକୁ ସେହି ସ୍ୱପ୍ନର ରାଇଜରେ...
ମୌସୁମୀଗୋ ତୁମ ଆଗମନେ,
ଘରେ ଗୁଞ୍ଜରିତ ହେଉଥାଏ ବର୍ଷା ଆବାଜ୍‌ର
ସେହି ମିଠା ଗଜଲ୍,
ଘଡଘଡି ଶବ୍ଦରେ ଭୟଭୀତ ହୋଇ
ପ୍ରିୟତମା ମୋର ଆଉଜି ଆସୁଥାନ୍ତି ଛାତି ଆଡକୁ...

ISSN NO.
2582-208X

ମୌସୁମୀଗୋ ତୁମ ଆଗମନେ,
ବଦଳିଯାଏ ଧରଣୀର ମାନଚିତ୍ର
ଆକାଶରୁ ବର୍ଷେ ମୁକ୍ତା,
ନୂଆଁ ନୂଆଁ ପ୍ରେମରେ ପଡ଼ିଛି
ଏବେ ଏବେ କଲେଜ ଯାଉଥିବା
ଲାଜକୁଳୀ ଝିଅ କବିତା...
ମୌସୁମୀଗୋ ତୁମ ଆଗମନେ,
ପ୍ରତିଟି ମନ ପ୍ରଫୁଲ୍ଲିତ ଥାଏ
ସେହି ଖୁସିରେ ନୀଳ ଆକାଶରୁ ମେଘମାଳ
ଆମ ଗାଁର ଡୁଙ୍ଗୁରିଦେଇ ଓହ୍ଲାଇଆସନ୍ତି
ସବୁଜିମା ଭରି ଦେବାକୁ...

ସରଗଡା, ତୁଷୁର୍, ବଲାଙ୍ଗିର

ବେଦାନ୍ତୀ ପାଇଁ ଲେଖା ପଠାନ୍ତୁ ଏବଂ ଆପଣଙ୍କ ଲେଖା ସମଗ୍ର ବିଶ୍ୱରେ ଥିବା ଓଡିଆମାନଙ୍କ ପାଖରେ ପହଞ୍ଚାନ୍ତୁ । ଲେଖା ପ୍ରତିମାସ ୫ ତାରିଖ ଭିତରେ ପଠାନ୍ତୁ । ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com /

editor.vedantimagazine@gmail.com

ISSN NO.
2582-208X

# ସ୍ମୃତି ରୁ ପୋଷେ



ପ୍ରତାପ ଚନ୍ଦ୍ର ସାହୁ

ପାନ ବଟୁଆ --- ବିଭିନ୍ନ ପୂଜାପାତିରେ ପାନ ର ଆବଶ୍ୟକତା ପଡୁଥିବା ବେଳେ ହନୁମାନ ମହାପ୍ରଭୁ ଙ୍କୁ ପାନ ପତ୍ର ରେ ତିଆରି ମାଳା ଟିଏ ଅର୍ପଣ କଲେ ଶୁଭ ଫଳ ମିଳିଥାଏ ବୋଲି କଥିତ ଅଛି। ଆଗ ସମୟ ର ଜେଜେ ଙ୍କ ପାନ ବଟୁଆ ଏକ ଗୁରୁତ୍ୱ ପୂର୍ଣ ଭୂମିକା ନିର୍ବାହ କରୁଥିଲା। ବୟସ୍କ ଲୋକ ମାନେ ପାନ ଓ ପାନ ଖିଆ ସାମଗ୍ରୀ ରଖିବା ନିମନ୍ତେ କନା ରେ ତିଆରି (ମଖମଲ) ଏକ ବଟୁଆ ସର୍ବଦା ପାଖରେ ରଖୁଥିଲେ। ବଟୁଆ ଭିତରେ ଏକ ପିତ୍ତଳ ଚୁନଖାଇ ରେ ଚୁନ ରଖିଥାନ୍ତି, ଗୁଆ କାଟିବା ପାଇଁ ଗୁଆକାତିଟିଏ, ସେହି ବଟୁଆ ରେ ପାନପତ୍ର, ଗୁଆ ଓ ଅନ୍ୟାନ୍ୟ ପାନ ମସଲା ରଖିଥାନ୍ତି। ଘରକୁ ବନ୍ଧୁବାନ୍ଧବ ଆସିଲେ ସେଥିରୁ ଅତିଥି ଚର୍ଚ୍ଚା ହୁଏ। ବନ୍ଧୁ ବାନ୍ଧବ ଘରକୁ ଗଲେ ମଧ୍ୟ ସାଙ୍ଗ ରେ ଏଇ ବଟୁଆ ଟି ଥାଏ। କନା ରେ ତିଆରି ବଟୁଆ ବ୍ୟତିତ କାଠର ଓ ପିତ୍ତଳ ର ବଟୁଆ ଦେଖିବାକୁ ମିଳୁଥିଲା। ସେଇ ସମୟ ରେ ଝିଅ ବାହାହୋଇ ଶାଶୁ ଘରକୁ ଗଲାବେଳେ ପାନ ବଟୁଆ ସଜ ଆକାର ରେ ନେଉ ଥିଲା। ଏବେ କିନ୍ତୁ ସେ ସବୁ ଆଉ ଦେଖିବାକୁ ମିଳୁନି। ହୁଏତ କାଲ୍ଭ କୋଉଠେ ଥାଇପାରେ।

ତଲାରି --- ଖରାଦିନେ ଖରା ଦାଉରୁ ହେଉ କି ବର୍ଷାଦାଉରୁ ରଖ୍ୟା ପାଇବା ପାଇଁ ଚାଷୀ ଭାଇ ର ଏକ ମାତ୍ର ଭରସା "ତଲାରି" ଥିଲା। ଗାଇ ଜଗୁଆଳି ମଧ୍ୟ ତଲାରି ବ୍ୟବହାର କରୁଥିଲା। ତଲାରି ସାଧାରଣତଃ ବାଉଁସ ପାତିଆ ରେ ମଝିରେ ଶାଳ ପତ୍ର ଅବା ସାଗୁଆନ୍ ପତ୍ର ଦେଇ ତିଆରି କରାଯାଇଥାଏ। ବାଉଁସ ରୁ ସରୁ ସରୁ କାଠି ଲମ୍ବା ଲମ୍ବା କରି କଟାଯାଏ, ପାତିଆ ମଧ୍ୟ ଆବଶ୍ୟକ ଅନୁସାରେ କଟାଯାଏ। ମୁଣ୍ଡ ଉପରେ ମୁଣ୍ଡି ମରାଯାଏ। ବାଉଁସ ପାତି ଓ କାଠି ସାହାଯ୍ୟ ରେ ଆବଶ୍ୟକତା ଅନୁଯାୟୀ ଗୋଲେଇ କରାଯାଏ। ବାଉଁସ ପାତି ତଳେ ଶାଳପତ୍ର ଅବା ସାଗୁଆନ୍ ପତ୍ର ଦେଇ ତଳପଟୁ ପୁଣି

ISSN NO.
2582-208X

ବାଉଁସ ପାତି, କାଠି ଦେଇ ବୁଣାଯାଇ (ବାନ୍ଧି) ତଲାରି ପ୍ରସ୍ତୁତି କରାଯାଏ।ଏହା ସୁରକ୍ଷିତ ଥିଲା। ଆଧୁନିକତା ତାପରେ କ୍ରମଶଃ ଏହା ଲୋପ ପାଇବାକୁ ବସିଲାଣି। ବାଉଁସ ର ଅଭାବ ପତ୍ର ର ଅଭାବ, ମିଳିଲେ ମଧ୍ୟ ଚଢା ଦର ହେତୁ ଏହାକୁ ବୁଣିବାକୁ ଆଉ ଆଗ୍ରହ ଦେଖାଉ ନାହାନ୍ତି।

ସଅପ(ସଉପ) --- ଖରାଦିନ ଆସିଲେ ବୁଢା ବୁଢୀ ମାନେ ସଅପ ଟିଏ ଚଟାଣ ରେ ପକାଇ ଗଡିଯାଆନ୍ତି। ଶାନ୍ତୀ ରେ ଶୋଇପଡିଥାନ୍ତି। ଏବେ ତା ଠୁ ସସ୍ତା ରେ ପ୍ଲାଷ୍ଟିକ୍ ସଅପ ମିଳିଯାଉଥିବାରୁ ଆଉ ସେଇ ପୁରୁଣା କାଳିଆ ସଅପ ର ଚାହିଦା କମି ଯାଇଛି। ଆଗର ସଅପ ର ଔଷଧିୟ ଗୁଣ ଥିଲାବେଳେ ବର୍ତ୍ତମାନ ର ସଅପ ବ୍ୟବହାର ଫଳରେ ବିଭିନ୍ନ ଚର୍ମ ରୋଗ ହେବାର ଖବର ଆସୁଛି। ସେଇ ଘାସ (ନଳ ଘାସ ଓ କାଇଁଚ ଘାସ) ଆଉ ମିଳୁ ନାହିଁ, ମିଳିଲେ ଚଢା ଦର। ବ୍ୟୟସାପେଖ୍ୟ ଓ ଠିକ୍ ପାରିଶ୍ରମିକ ନ ମିଳୁ ଥିବାରୁ କେହି ବୁଣୁ ନାହାନ୍ତି ।

ତାଳ ପତ୍ର ଲେଖନୀ --- ପୂର୍ବେ ଏଇ ଲେଖନୀ ସାହାଯ୍ୟ ରେ ତାଳପତ୍ର ପୋଥି ରେ ଲେଖିବା କାମରେ ବ୍ୟବହାର ହେଉଥିଲା। ସାଧାରଣତଃ ଏହା ପିତ୍ତଳ ରେ ନିର୍ମିତ ହୋଇଥାଏ । କେତେକ ସ୍ଥଳ ରେ ଲୁହା ର ଲେଖନୀ ଦେଖିବାକୁ ମିଳୁଥିଲା। ଲେଖନୀ ର ଉପରେ ଚନ୍ଦ୍ରୀକା ଭଳି ଚେପ୍ଟା ଅଂଶ ରହିଥିବା ବେଳେ ତଳ ଭାଗ ଢାମ୍ପଣ ଭଳି ଟିକେ ଲମ୍ବା ଓ ମୁନିଆ ଅଂଶ ଥାଏ। କେତେକ ସ୍ଥାନ ରେ ହାତୀ ଦାନ୍ତ ରେ ନିର୍ମିତ ଲେଖନୀ ବ୍ୟବହାର ହେଉଥିବା କିମ୍ବଦନ୍ତୀ କହେ। ଯଦିଓ ଏହାର ବ୍ୟବହାର ଯଥେଷ୍ଟ ମାତ୍ରା ରେ କମିଯାଇଛି, କିନ୍ତୁ ଜ୍ୟୋତିଷ ଶାସ୍ତ୍ର କ୍ଷେତ୍ର ରେ (ଜାତକ ପ୍ରସ୍ତୁତି) ଏହାର ବ୍ୟବହାର ଦେଖାଯାଏ।

ପଖିଆ --- ଧାନ ରୋଇବା ସମୟ ରେ ବିଶେଷ କରି ପଖିଆ ର ବ୍ୟବହାର କରିଥାନ୍ତି ଚାଷୀ ପରିବାର ର ସଦସ୍ୟ ମାନେ ବର୍ଷା ଦାଉରୁ ରକ୍ଷା ପାଇବା ଅର୍ଥାତ ନ ଭିଜିବା ପାଇଁ ଏହାକୁ ବ୍ୟବହାର କରୁଥିଲେ। ଏହା ମୁଖ୍ୟତଃ ତାଳ ପତ୍ର ରେ ନିର୍ମିତ । ମୁଣ୍ଡ ଠାରୁ ଜଙ୍ଘ ପର୍ଯ୍ୟନ୍ତ ଘୋଡେଇ ହେଲା ଭଳି ଏହା ତିଆରି ହୋଇଥାଏ । ଏବେ ସେ ସବୁ କଞ୍ଚା ମାଲ୍ ମିଳୁ ନ ଥିବାରୁ ଆଉ ତିଆରି କରୁ ନାହାନ୍ତି ଓ ସସ୍ତା ରେ ପ୍ଲାଷ୍ଟିକ୍ ନିର୍ମିତ ପଖିଆ ବଜାର ରେ ମିଳିଯାଉଛି। କୁହାଯାଏ ଏ ପୂର୍ବ କାଳିଆ ପଖିଆ ବଜ୍ରାଘାତ ରୁ ରକ୍ଷା କରୁଥିଲା।

ISSN NO.
2582-208X

ଚକି (ଘୋରଣା) ---ପୂର୍ବେ ଶସ୍ୟ କୁ ଫାଳ କରିବା କିମ୍ବା ଚୁନା କରିବା ପାଇଁ ଚକି ଅବା ଘୋରଣା ର ବ୍ୟବହାର ହେଉଥିଲା। ଏହା ସାଧାରଣତଃ ଚକ ଭଳିଦିଶୁଥିବା ଦୁଇଟି ପଥର (ମୁଗୁନି) ତଳ ଉପର ହୋଇ ରହିଥାଏ। ତଳ ଟା ସ୍ଥିର ରହିବା ବେଳେ ଉପର ଚକି ଟି ଘୁରିବା ର ବ୍ୟବସ୍ଥା କରାଯାଇଥାଏ। ଉପର ଚକ ର ମଝିରେ କଣା ଥିବା ବେଳେ ଗୋଟିଏ ପାଖରେ ଗୋଟିଏ ଛୋଟିଆ ଗାତ ଥାଏ, ଏଇ ଗାତ ରେ ଛୋଟ କାଠି ଟାଇଟ୍ କରି ଫିକ୍ସ୍ କରାଯାଏ ।ତଳ ଚକିରେ ମଝିରେ ଛୋଟିଆ ଗାତ ଥାଏ, ଏଥିରେ ମଧ୍ୟ ଛୋଟିଆ କାଠି ଫିକ୍ସ କରାଯାଏ ଏବେ ଦୁଇ ଚକି ର ମଝି ଫାଙ୍କ ରେ ଶସ୍ୟ ରଖି ଆବଶ୍ୟକ ମୁତାବକ ଫାଳ କରାଯାଏ ଅବା ଚୂର୍ଣ କରାଯାଏ। ଆଜି ର ମିକ୍ସର ଗ୍ରାଇଣ୍ଡର ର ଚମକ ରେ ଏ ଚକି ବା ଘୋରଣା କିଏ ପଚାରେ ? ଆଗ ଝିଅ ବାହାଘର ବେଳେ ଏହାକୁ ସଜ ଆକାର ରେ ଦିଆ ଯାଉଥିଲା।

ପୋଲୁହ ---- ଗା ଗହଳି ରେ ମାଛ ଧରିବା ପାଇଁ ପୋଲୁହ ବ୍ୟବହାର କରୁଥିଲେ। ଏହା ମୁଖ୍ୟତ ବାଉଁସ କାଠି ତଥା ପାତ ରେ ତିଆରି ହୋଇଥାଏ । ଅଳ୍ପ ପାଣି ଥିବା ଯାଗା ରେ ପୋଲୁହ ପକାଇ ଉପରପଟୁ ହାତ ପୁରେଇ ମାଛ ଧରିଥାନ୍ତି। ବାଉଁସ କୁ କାଟି ସରୁ ସରୁ ପାତ ତିଆରିକରି ଝୋଟ ଦଉଡି ରେ ହେଉ ଅବା ଜଙ୍ଗଲୀ ଦଉଡି ଅବା ପ୍ଲାଷ୍ଟିକ୍ ସରୁ ଦଉଡି ରେ କ୍ରମାନ୍ୱୟ ରେ ବୁଣା ଯାଏ। ତଳ ପଟ ଗୋଲେଇ ଓ ଓସାରିଆ ଥିଲା ବେଳେ ଉପର ପଟେ କେବଳ ହାତ ପୁରେଇଲା ଭଳି ରାସ୍ତା ଥିବ । ଯେଉଠି ପକାଯିବ, ମାଛ ଡେଇଁ କରି ବାହାରକୁ ଯେପରି ନ ଯାଇପାରିବ, ସେଇଭଳି ତିଆରି କରାଯାଇଥାଏ। ଏବେ ଯୋ ଭଳିଆ ଜାଲ ଚାହିଁବ ମିଳିଯାଉଛି ସେ ପୋଲୁହ କୁ କିଏ ପଚାରେ ?

ଚାଲୁଣୀ --- ଖଇ ଚଲା ହେଉ କି ଚାଉଳ ଚଲା ହେଉ ବାଉଁସ ରେ ତିଆରି ରେ ନିର୍ମିତ ଏକ ଜିନିଷ। ବାଉଁସ ପାତି ରେ ତିଆରି ଏଇ ଚାଲୁଣୀ ଏକ ମୂଖ୍ୟ ଭୂମିକା ନିର୍ବାହ କରୁଥିଲା। ଏବେ ତ କିସମ କିସମ ର ପ୍ଲାଷ୍ଟିକ୍ ଚାଲୁଣୀ ବଜାର ରେ ଉପଲବ୍ଧ। ମେସିନ୍ ରେ ମଧ୍ୟ ଏଇ କାମ ସହଜ ରେ ଓ କମ୍ ଖର୍ଚ୍ଚ ରେ ହେଇଯାଇ ପାରୁଛି। ସେଇ ପୁରୁଣାକାଳିଆ ଚାଲୁଣି କୁ ଅବା କିଏ ପଚାରେ ?

ସିନ୍ଦୁକ --- ପୂର୍ବେ ଲୁଗାପଟା, କଂସା ବାସନ କୁସନ, ଜରୁରୀ କାଗଜ ପତ୍ର ଆଦି ସିନ୍ଦୁକ ରେ ରଖାଯାଉଥିଲା। ଏହାକୁ ଏକ ନିରାପଦ ଓ ସୁରକ୍ଷିତ ସ୍ଥାନ ମଣାଯାଉଥିଲା। ଝିଅ

ISSN NO.
2582-208X

ବାହାଘର ବେଳେ ଏହାକୁ ସଜ ଆକାର ରେ ଦିଆଯାଉଥିଲା।ଏହା ଖୁବ୍ ମଜବୁତ୍ ଶ୍ରେଣୀୟ ଅଟେ। ଏଥିରେ ବିଭିନ୍ନ କାରୁକାର୍ଯ୍ୟ ଦେଖିବାକୁ ମିଳେ। ଏହା ମଞ୍ଜ କାଠ ରେ ନିର୍ମିତ ହୋଇଥିବାରୁ ବର୍ଷ ବର୍ଷ ଧରି ବାତ୍ୟା, ବର୍ଷା, ପାଣି ଖାଇଲେ ବି ନଷ୍ଟ ହୋଇ ନଥାଏ। ଆଲମିରା ତାର ସ୍ଥାନ ନେଇଥିବାରୁ ଆଉ ସିନ୍ଦୁକ ଦେଖିବାକୁ ମିଳୁନାହିଁ।

ଶିଳ ---ଶିଳ ଆମ ପରମ୍ପରା ର ଏକ ବିଛେଦ୍ୟ ଅଙ୍ଗ। ବିଭିନ୍ନ ପୂଜା ରେ ଯଥା ଦଶହରା ରେ, ଷଠୀ ପୂଜା ରେ, ସାବିତ୍ରୀ ପୂଜା ରେ ଶିଳକୁ ସ୍ଥାପନ କରି (ପ୍ରତୀକ ସ୍ୱରୁପ)ପୂଜା ବିଧି କରାଯାଏ। ବାହାଘର ବେଳେ ବର କନ୍ୟା କୁ ବସାଇ ବାଡୁଅ ପାଣି ରେ ଗାଧୁଆ ଯାଏ। ବୁଧେଇ ଓଷା, ରଜ ପର୍ବ ର ବସୁମତୀ ସ୍ନାନ ବେଳେ  ଓ ମହାଳୟା ପୂଜା ରେ ଶିଳ ବସାଇ ପ୍ରତୀକାତ୍ମକ ଦେବା ଦେବୀ ଙ୍କ ର ପୂଜା କରାଯାଏ। ଏମିତି ମସଲା ମସିଲି ବଟା ଯାଏ। ଶିଳରେ ଚାଉଳ ବିରି ବାଟି ପିଠା କଲେ ସ୍ୱାଦିଷ୍ଟ ହୁଏ। ଆଧୁନିକତା ତାପରେ ପାରମ୍ପରିକ ଘର ଆରଣା ଜିନିଷ ମଧ୍ୟରୁ ଶିଳ ଉଭେଇ ଗଲାଣି। ଝିଅ ବାହାଘର ବେଳେ ଶିଳ ସଜ ରେ ଦିଆଯାଉଥିଲା।

ଲୁଣ କାଠୁଆ ---- ଲୁଣ ନଥିଲେ ମସଲା, ତେଲ ପଡି ଯେତେ ସ୍ୱାଦିଷ୍ଟ ତରକାରୀ କରାଯାଇଥିଲେ ବି ସବୁ ବେକାର। ଲୁଣ କମ ମୂଲ୍ୟ ର ହେଲେ ବି ସାଧାରଣ ଜିନିଷ ଟିଏ ହୋଇଥିଲେ ବି ଏହାକୁ ନଷ୍ଟ କଲେ ଋଣଭାର ବଢିଯାଏ ବୋଲି ବିଶ୍ୱାସ ରହିଛି। ତେଣୁ ଜାଣିବାଲୋକ ଲୁଣ କୁ ନଷ୍ଟ କରନ୍ତି ନାହିଁ। ଲୁଣ କୁ ବେଶ ସମ୍ମାନ ର ସହ ରଖାଯିବା କଥା। ଆଗ ମିଳୁଥିବା ଗୋଟା ଲୁଣକୁ ସାଇତି ରଖିବା ପାଇଁ ଲୁଣ କାଠୁଆ ବ୍ୟବହାର କରାଯାଉଥିଲା। ଏହା ଏକ ପ୍ରକାର ପଥର ଅବା କାଠ ରେ ନିର୍ମିତ ହୋଇଥାଏ। ଏହାର ଘୋଡଣୀ ବି ଥାଏ। ଏହା ସଟର୍  ଭଳି ହୋଇଥାଏ  ଏବେ ଭଳିକି ଭଳି ପ୍ଲାଷ୍ଟିକ୍ ଜାର୍ ମାନ ମିଳୁ ଥିବାରୁ ସେଇ ପୁରୁଣା ଲୁଣ କାଠୁଆ ଲୋପ ପାଇବାକୁ ବସିଲାଣି।

ପେଟ୍ରୋମାକ୍ସ ଲାଇଟ୍  ---- ବିଦ୍ୟୁତ ଆଲୋକ ଆସିବା ପୂର୍ବରୁ ଯାତ୍ରା ପର୍ବ ପର୍ବାଣୀ ରେ ପେଟ୍ରୋମାକ୍ସ ଲାଇଟ୍ ର ବ୍ୟବହାର ହେଉଥିଲା। ଭୋଜିଭାତ ବେଳେ ମଧ୍ୟ ପେଟ୍ରୋମାକ୍ସ ର ବ୍ୟବହାର ହେଉଥିଲା। ମେଣ୍ଟାଲ ଆଉ କିରୋସିନି ଏଥିରେ ପକାଇ ବ୍ୟବହାର ହେଉଥିଲା। ଆଧୁନିକ କାଳ ରେ ଏହା ଅଲୋଡା ହୋଇଯାଇଛି।

ISSN NO.
2582-208X

ଉହ୍ମେଇ ---- ଶୀତ ଦିନ ଆସିଲେ ସଞ୍ଜ ଆଉ ସକାଳେ ଖୋଜାପଡେ ଉହ୍ମେଇ। ମାଟିରେ ନିର୍ମିତ ଏଇ ଉହ୍ମେଇ ଶିଶୁ ଟିର ଜନ୍ମ ସମୟ ରେ ତା'ର ସେକା ସେକି ପାଇଁ ନିହାତି ଦରକାର ପଡୁଥିଲା। ଏବେ ତ ଘରେ ଘରେ ରୁମ୍ ହିଟର୍, ଆଉ ଉହ୍ମେଇ କୁ କିଏ ପଚାରେ ?

ଢିଙ୍କି ---ଆଗ କାଳ ରେ ଧାନ ରୁ ଚାଉଳ ଅଲଗା କରିବା ପାଇଁ ଢିଙ୍କି ର ସାହାରା ନେଉଥିଲେ। ସେତେବେଳେ ଏବର ପରି ରାଇସ୍ ମିଲ୍ ନଥିଲା। ଲୋକେ ଘରେ ଘରେ ଢିଙ୍କି ବସାଇ ଏସବୁ କାମ କରୁଥିଲେ। ଢିଙ୍କିଶାଳ ବୋଲି ଏକ ଅଲଗା ବଖରା ରହୁଥିଲା। ୧୨ ଫୁଟର ଏକ ନିଦାଳିୟା କାଠ ରେ ନିର୍ମିତ ଏଇ ଢିଙ୍କି । ଆପଣମାନେ ପ୍ରାୟ ଏଇ ଢିଙ୍କି ସମ୍ବନ୍ଧ ରେ ଊଣା ଅଧିକେ ଅବଗତ ଥିବେ। ଗୋଟିଏ ପଟେ ଗୋଡରେ ଜୋରରେ ଦବାଇ ବାର ବ୍ୟବସ୍ଥା ଥିଲାବେଳେ ଅନ୍ୟ ପଟେ ଏକ ମୋଟା ନିଦା କାଠ ର ତଳ ଭାଗ ରେ ଏକ ଲୁହାର ବଳା ଲାଗି ଥିବା ଅଂଶ ର ତଳେ ଏକ ମୁଗୁନୀ ପଥର ଛୋଟିଆ ଖାଲ ଥାଇ ପୋତା ଯାଇଥାଏ । ଏହି ଗାତ ରେ ଧାନ ଓ ଅନ୍ୟାନ୍ୟ ଶସ୍ୟ ପକାଯାଇଥାଏ। ଅପରପଟରେ ବାରମ୍ବାର ଗୋଡରେ ତଳକୁ ଦବାଇଲେ ଓ ଛାଡିଲେ ଗାତରେ ଥିବା ଧାନ ଉପରେ ଧାତବ ବଳା ଲାଗିଥିବା କାଠ ଖଣ୍ଡିକ ପଡିଲେ ଧାନ ରୁ ଚାଉଳ ଅଲଗା ହୁଏ। ଏପଟେ କିଏ ଜଣେ ବସି ଧାନକୁ ସେଇ ଗାତ ମଧ୍ୟ କୁ ଠେଲିବା ପାଇଁ, ତା ପୁଣି ଶିଘ୍ର ଶିଘ୍ର ହେବା ଦରକାର ନ ହେଲେ ହାତ ଉପରେ ଢିଙ୍କି ପଡିଯାଇପାରେ। ସେଇ ଗାତ ରୁ ସେସବୁ କାଢି କୁଲା ରେ ପାଛୋଡିଲେ ସଫା ଚାଉଳ ମିଳିଥାଏ। ଏବେ ମିଲ୍ ରେ ପକାଇଦେଲେ ଏକାଥରକରେ ସଫା ଚାଉଳ ମିଳିଯାଉଛି। ଢିଙ୍କି ଏବେ ଅଲୋଡା ହେଇ ଯାଇଛି।

ପେଷଣା ---- ବିରି ବାଟିବା ଚାଉଳ ବାଟି ପିଠା କରିବା ବେଳେ ଏଇ ପେଷଣା ର ଆବଶ୍ୟକତା ପଡୁଥିଲା। ଏବେ ତ ଗ୍ରାଇଣ୍ଡର୍ ବା ମିକ୍ସଚର୍ ବାହାରିପଡିଲା ଆଉ ସେ ପେଷଣା କୁ କିଏ ପଚାରେ ? ଗୋଟିଏ ବଡ ପଥର ରେ ମଝିରେ ଗାତ ଥାଇ ଆଉ ଗୋଟିଏ ଶିଳ ଗୁଡା ସାହାଯ୍ୟ ରେ ବଡ ପଥର ମଧ୍ୟ ରେ ଗାତ ରେ ଥିବା ବତୁରା ବିରି ଚାଉଳ ଉପରେ ପେଶିଲେ ଆସ୍ତେ ଆସ୍ତେ ସେ ସବୁ ଚୁନା ହେଇ ପେଷ୍ଟ୍ ହୁଏ। ଏବେ ଆଉ ପେଷଣା ଦେଖିବାକୁ ମିଳୁନି। ଝିଅ ବାହାଘର ବେଳେ ଏହାକୁ ସଜ ରେ ଦିଆଯାଉଥିଲା।

ISSN NO.
2582-208X


ଚିଠି --- ଦିନ ଥିଲା ଗେଟ୍ ପାଖ ରେ ଡାକବାଲା ର ଡାକ ଶୁଣି ଦେଲେ ଚିଠି ଆଣିବାକୁ ଦ ଉଡି ଯାଇ ଚିଠି ଆଣୁଥିଲୁ। ଚିଠି ପଢିବା ବେଳେ ଏମିତି ଲାଗୁଥିଲା ସତେ ଯେମିତି ଚିଠି ଦେଇଥିବା ଲୋକଟି ପାଖରେ ଅଛି। ଏବେ ମୋବାଇଲ୍ ତା'ର ସ୍ଥାନ ନେଇଥିବାରୁ ଚିଠି ର ମାନେ ହି କିଛି ନାହିଁ।

ଲଣ୍ଠନ--- ଯେତେବେଳେ ବିଦ୍ୟୁତ ନ ଥିଲା ଲଣ୍ଠନ ଏକ ମାତ୍ର ସାହାରା ଥିଲା। ଡିବିରି ଠାରୁ ଏହା ନିରାପଦ ଥିଲା। ଗାଁ ଗହଳି ରେ ରାତି ରେ ଘରୁ ବାହାରିଲେ ହାତରେ ଲଣ୍ଠନ ଆଉ ଖଣ୍ଡିଏ ବାଡି ଥିବ। ବିଲ ରେ ଫସଲ ଜଗିଲା ବେଳେ ଲଣ୍ଠନ ଏକ ମାତ୍ର ଭରସା ଥିଲା। ଏବେ ବି ଭୋଟ କେନ୍ଦ୍ର ରେ ସ ଉର ଲଣ୍ଠନ ରଖାଯାଉଛି। ପୂର୍ବ ର ସେଇ ଲଣ୍ଠନ ଅତୀତ ପାଲଟି ଯାଇଛି।

ହେଁସ --- ଶୀତ ଦିନେ ଗାଁ ଗହଳି ରେ ବିଛଣା କରି ଶୋଇବା ପାଇଁ ହେଁସ କୁ ବ୍ୟବହାର କରାଯାଉଥିଲା। ଦରକାର ପଡିଲେ ଘୋଡେଇ ହେଉଥିଲେ। ଅନ୍ୟ ସମୟ ରେ ଧାନ ମୁଗ ବିରି ଶୁଖାଉ ଥିଲେ। ହେଁସ କୁ ଗୁଡେଇ ଚାଳ ବାନ୍ଧି ଦେଇଥାନ୍ତି, ଶୀତ ଦିନ ଆସିଲେ ଖୋଲିଥାନ୍ତି। ହେଁସ ଓ ମସିଣା ଭିତରେ ସେମିତି କିଛି ଫରକ ନାହିଁ। କେବଳ ଆକାର ଛାଡି ଦେଲେ। ହେଁସ ବଡ ଓ ଓଜନିଆ । ବିଭିନ୍ନ ଜଳାଶୟ ରୁ ବେରୁଙ୍ଗା ସଙ୍ଗ୍ରହକରି ତାକୁ ଖରାରେ ଶୁଖାଇ ପରେ ବୁଣାଯାଏ। ଆଜିକାଲି କଞ୍ଚା ମାଲ୍ ର ଅଭାବ ଓ ଅଧିକ ଖର୍ଚ୍ଚାନ୍ତ ପାଇଁ ଏ ବେଉସା ବୁଡିବାକୁ ବସିଲାଣି।

ବେଙ୍ଗ ବାଜା --- ପିଲା ଦିନେ କୋଉଣସି ମେଳା ଯାନି ଯାତ୍ରା କୁ ଗଲେ ବେଙ୍ଗ ବାଜା ଟିଏ କିଣା ହୋଇଥିବ। ଏହାକୁ ବୁଲାଇଲେ ବେଙ୍ଗ ରଡି ପରି ଶୁଭୁଥିବ। ଏହାକୁ ବିଞ୍ଚଣା ଭଳି ବୁଲାଇବାକୁ ହେବ। ଏକ ବାଉଁସ କାଠି ରେ ଦୁଇଟି ଫଟୋ ଫିଲ୍ମ କୁ ଛକି କରି ଲଗାଯାଇ ଚାରୋଟି କବାଟ ଭଳି ଆକୃତି ତିଆରି କରାଯାଇଥାଏ। ବିଭିନ୍ନ ରଙ୍ଗ ର ଆଲୁଅ ପାଇଁ ଥିବା ରଙ୍ଗ ଜରିକୁ ଛୋଟ ବାଉଁସ ଉପରେ ଟାଣିକରି ମଡାଇ ଏହି ବାଜା ତିଆରି କରାଯାଇଥାଏ। ଆଧୁନିକତା ଭିତରେ ଏହା ଲୁଚି ଯାଇଛି।

ଡିବି ---- ଡିବିରି ସେତେବେଳେ ଜନ ସାଧାରଣଙ୍କର ସାହାରା ଥିଲା। ବିଭିନ୍ନ ପ୍ରକାର ଡିବି ତିଆରି କରୁଥଲେ ଲୋକେ। କାଚର, ରସ ର, ପିତ୍ତଳ ର ଏପରି ଅନେକ। ପିତ୍ତଳ ଡିବି ଝିଅ ର ବାହାଘର ରେ ସଜ ରେ ଦେଉଥିଲେ। ଏବେ ତା' ର ଆଉ ସତ୍ତା ନାହିଁ।

ISSN NO.
2582-208X

ଶଗଡ ---ପୂର୍ବେ ଗମନାଗମନ ର ସୁବିଧା ନିମିତ୍ତ ତଥା ପରିବହନ ନିମିତ୍ତ ଏକ ମାତ୍ର ଭରସା ଶଗଡ। ଦୁଇଟା ବଡ ଚକ ଲୁହା ର ବଳା ଲାଗିଥିବା ଅର ଉପରେ ଏକ ଲମ୍ବା ଶକ୍ତ ଶିଡି ଭଳି ଦିଶୁଥିବା କାଠ ରେ ନିର୍ମିତ ଜିନିଷ ପଡିଥିବ ଆଗରେ ଜୁଆଳି ସେଇ ନିଶୁଣି ସଦୃସ ଦ୍ରବ୍ୟ ର ମୁଣ୍ଡ ରେ ବାନ୍ଧି ଜୁଆଳି ର ଦୁଇ ପାର୍ଶ୍ୱ ରେ ବଳଦ ଯୋଡି ପରିବହନ କାମ ରେ ନିଯୁକ୍ତ କରାଯାଏ। ଏବେ ଟ୍ରାକ୍ଟର ହେତୁ ଆଉ ଶଗଡ କୁ କିଏ ପଚାରେ ?

ନାଶ ଡବା --- ଗାଁ ଗହଳି ବାସ କରୁଥିବା ଲୋକ ମାନେ ନାଶ ଭଳି ଏକ ଖଇନି ବ୍ୟବହାର କରିଥାନ୍ତି। ଏହାକୁ ରଖିବା ପାଇଁ ଛୋଟିଆ ଡବା ଷ୍ଟିଲ୍ ର ହେଉ ଅବା ପିତ୍ତଳ ର ହେଉ ବ୍ୟବହାର କରିଥାନ୍ତି। ଏବେ ଆଉ ସେ ସବୁ ଦେଖାଯାଉନି।

ଲଙ୍ଗଳ --- ଚାଷୀ ଭାଇ ର ପ୍ରମୁଖ ଅସ୍ତ୍ର ହେଉଛି ଲଙ୍ଗଳ। ଅବଶ୍ୟ ଗାଁ ଗହଳି ରେ କୋଉଠି କୋଉଠି ଏବେ ବି ଲଙ୍ଗଳ ଅଛି । ଲଙ୍ଗଳ ରେ ଚାଷ କରା ହେଉଛି। କିନ୍ତୁ ଟ୍ରାକ୍ଟର ଆସିଲା ପରେ କମ୍ ଖର୍ଚ୍ଚ ରେ ସୁବିଧା ରେ ଅଳ୍ପ ସମୟରେ ବେଶି କାମ ନ କରି କାହିଁକି କିଏ କାଦ ମାଟି ରେ ଘାଣ୍ଟି ହେବ ? ଅବଶ୍ୟ ଅକ୍ଷୟ ତୃତୀୟା ରେ ଲଙ୍ଗଳ, ଦଶହରା ରେ ପୂଜା ହେବାର ପରମ୍ପରା ରହିଛି।

ଚିଠି ବକ୍ସ --- ଚିଠି ର ତ କାରବାର ନାହିଁ ଚିଠି ବକ୍ସ ର ଆବଶ୍ୟକତା ଆଉ କଣ ଅଛି? ଦିନ ଥିଲା ଚିଠି ବକ୍ସ ଗୁଡି କ ଭର୍ତ୍ତୀ ହେଇଯାଉଥିଲା। ଏବେ ସେଇ ବକ୍ସ ଗୁଡିକ ଜଙ୍କ୍ ଖାିଗଲାଣି।

ଶିକା --- ଗାଁ ଗହଳିରେ ମୂଲ୍ୟବାନ ଜିନିଷ କୁ ସାଇତି ରଖିବା ପାଇଁ ଶିକା ର ବ୍ୟବହାର କରୁଥିଲେ। ଶିକା ଠେକି ଟିଏ ରଖି କୌଣସି ଉଚ୍ଚ ଯାଗା ରେ ଟାଙ୍ଗି ଦେଉଥିଲେ। ମୂଷା ବିଲେଇ ମୁହଁ ରୁ ରକ୍ଷା କରୁଥିଲେ। ଏବେ ତ ସବୁ ଫ୍ରୀଜ୍ ରେ।

କୁମ୍ଭି ---ମାଟି ରେ ନିର୍ମିତ ଗୋଲେଇ ଜିନିଷ ଭିତରେ ଫମ୍ପା (ଖାଲି)। ଉପର ପଟେ କଏନ୍ ଗଳିଲା ଭଳି କଣା ଥିବ । ଏଥିରେ ଟଙ୍କା ପଇସା ସଞ୍ଚୟ କରି ରଖନ୍ତି। ଏବେ ତ ପର୍ସ ଆସିଗଲାଣି। କୁମ୍ଭି କୁ କିଏ ପଚାରେ!

ପିଲି ବାଡି (ଗିଲି ବାଡି) ---- କ୍ରିକେଟ୍ ରପୂର୍ବ ବଂଶଧର ଏଇ ପିଲି ବାଡି ଖେଳ। ଦେଢ ହାତର ଏକ ନିଦା କାଠି (ବାଡି) ସହ ଛଅ ଇଞ୍ଚର ଛୋଟିଆ ନିଦା କାଠି ମଝିଟା ମୋଟା

ISSN NO.
2582-208X

ଥିବ ଦୁଇ ପଟକୁ ଟିକେ ସରୁ ଥିବ। ଛୋଟିଆ କାଠି ର ସରୁ ପଟକୁ ଆଘାତ କରି ଉପରକୁ ଉଠିଲେ ତା ଉପରେ ପ୍ରହାର କରି ଦୂରକୁ ପଠାଇ ରନ୍ ନିଆଯାଏ।

ଟେଣ୍ଡା --- କୂଅରୁ ପାଣି ବାହାର କରି ଜମି ରେ ମଡାଇବା ପାଇଁ ଯେଉଁ ପଦ୍ଧତି ଅବଲମ୍ବନ କରାଯାଏ ତାହା ହେଉଛି ଟେଣ୍ଡା ସାହାଯ୍ୟରେ  କୂଅ ମୂଳରେ ଏକ ମୋଟା ମଜଭୁତ କାଠ ପୋତାଯାଏ, ସେଥିରେ ଆଉ ଏକ ଲମ୍ବା କାଠ କୁ ଫିକ୍ସ କରାଯାଏ । କୂଅ ଆଡକୁ ୫/୬ଭାଗ ରହିବ, ଅନ୍ୟ ପଟକୁ ୧/୬ ଭାଗ ରହିବ। ତଥାପି ୧/୬ ଭାଗ ର ଅଗ୍ର ଭାଗରେ ବଡପଥର ବାନ୍ଧି ଦିଆଯାଏ। ଏବେ ଏଇ ଲମ୍ବା କାଠର ୫/୬ ଭାଗ ପଟ ର ଅଗ୍ର ଭାଗ ରେ ଏକ ଲମ୍ବା ବାଉଁସ ବାନ୍ଧି କୂଅ ଭିତରକୁ ଅନ୍ୟ ପଟଟିକୁ ନେଇ ସେଇ ଯାଗା ବଡ ଡବା ଟିଏ ବାନ୍ଧି କୂଅରୁ ପାଣି କାଢି ଉପରକୁ ଟେକି ଆଣି କାଠ ରେ ନିର୍ମିତ ଡଙ୍ଗା ଯାହାକି ଲମ୍ବା ଥିବ ଜମି ଯାଏଁ ଲମ୍ବି ଥିବ  ତାଉପରେ ପକାଇଲେ ସେପାଣି ଜମିକୁ ଯିବ।

ନବରଙ୍ଗପୁର
୯୪୩୭୭୮୮୭୦

ISSN NO.
2582-208X

# ଦୁଃଖର ଗଜଲ୍ ଗାଇ
# ଗାଇ ମୋର
# ତଣ୍ଟିଟା ଗଲାଣି ଶୁଖି



ତାର୍‌ପ୍ରସାଦ ଜେନା

ଦୁଃଖର ଗଜଲ୍ ଗାଇ ଗାଇ ମୋର
ତଣ୍ଟିଟା ଗଲାଣି ଶୁଖି
ପିଆଲାରେ ଟିକେ ଭରିଦିଅ ସୁରା
କ୍ଷଣିକ ହେବାକୁ ସୁଖୀ
.........ଦୁଃଖର ଗଜଲ୍ ଗାଇ ଗାଇ ମୋର
ତଣ୍ଟିଟା ଗଲାଣି ଶୁଖି ! ୦ !

ଜୀବନେ ଅନେକ ସୁଖରେ ମାତିଛି
ଯାଇଛି ଅନେକ ବାଟ
କାମିନୀ କାଞ୍ଚନ ଅର୍ଥର ମୋହରେ
ଲଗାଇ ଦେଇଛି ଥାଟ,
ଆଜି କିଛି ନାହିଁ ମୋ ଲାଗି ଦରଦ
ଦରଜ ଦେଇଛି ଲେଖି
.........ଦୁଃଖର ଗଜଲ୍ ଗାଇ ଗାଇ ମୋର
ତଣ୍ଟିଟା ଗଲାଣି ଶୁଖି ! ୧ !

ନୀରବେ ଭାବୁଛି ନିଃସଙ୍ଗ ମଣିଷ
ସାକୀର ଆଶ୍ଲେଷ ଏବେ
ହୃଦୟ ଯାହାର କୋମଳ ଗାନ୍ଧାର
ଛୁଉଁଛି ରାଗରେ ଭାବେ,

ISSN NO.
2582-208X

ଦେହରେ ଜୀବନ ପଶିଛି ସତରେ
ପାଇଲି ପାଖରେ ସଖୀ
.........ଦୁଃଖର ଗଜଲ୍ ଗାଇ ଗାଇ ମୋର
ତଣ୍ଟିଟା ଗଲାଣି ଶୁଖି ! ୨ !

ସାକୀର ମୁହଁରେ ସପନ ପରୀଟା
ହସର ଚମକ ଗେଲ
କଥାରେ କୁହୁକ ଆଶ୍ୱାସ ମଧୁର
ଲାଗୁଛି ଏମିତି ଭଲ,
ହାତର ପିଆଲା ଛାଡ଼ି ମୁଁ ଯାଏକି
ଓଠର ପିଆଲା ଚାଖି
.........ଦୁଃଖର ଗଜଲ୍ ଗାଇ ଗାଇ ମୋର
ତଣ୍ଟିଟା ଗଲାଣି ଶୁଖି ! ୩ !

ଗ୍ରାମ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକି ନାୟକ

## ୪୮. କିଏ ବଡ ?

ଜଣେ ମୂର୍ତ୍ତିଶିଳ୍ପୀ ଭଗବାନଙ୍କ ଉଦ୍ଦେଶ୍ୟରେ କହିଲା – "ହେ ଭଗବାନ ତୁମେ, ଏହି ପୃଥିବୀକୁ ଜୀବନ୍ତ ମୂର୍ତ୍ତି ତିଆରି କରି ପଠାଉଛ । ମୁଁ ତୁମର ନିର୍ଜୀବ ମୂର୍ତ୍ତି କାଠ ଓ ପଥରରେ ତିଆରି କରି ବିକ୍ରି କରୁଛି । ମୁଁ ଦେଖୁଛି, ତୁମେ ତିଆରି କରିଥିବା ଜୀବନ୍ତ ମୂର୍ତ୍ତିମାନେ ପ୍ରତିଦିନ ମୁଁ ତିଆରି କରିଥିବା ନିର୍ଜୀବ ମୂର୍ତ୍ତିମାନଙ୍କୁ ମୁଣ୍ଡ ନୁଆଇଁ ପ୍ରଣାମ କରୁଛନ୍ତି । ମୁଁ ବୁଝି ପାରୁନି ତୁମେ ବଡ ନା ମୁଁ ବଡ ?"

ଏହା କେବଳ ଜଣେ ମୂର୍ତ୍ତିଶିଳ୍ପୀର ପ୍ରଶ୍ନ ନୁହେଁ, ଏହା ହେଉଛି ପ୍ରତ୍ୟେକ ବୁଦ୍ଧିଜୀବୀ ସଚେତନ ନାଗରିକର ପ୍ରଶ୍ନ – "ହେ ଭଗବାନ ତୁଏ ଯଦି ପ୍ରତ୍ୟେକ କଣିକାରେ ବିଦ୍ୟମାନ ତେବେ ତୁମପାଇଁ କିଛି ଲୋକ ଏତେ ପରିମାଣରେ ସାନ, ବଡ ମନ୍ଦିର, ମସଜିଦ୍ ନିର୍ମାଣ କରୁଛନ୍ତି କାହିଁକି? ତୁମପାଇଁ ଅଜସ୍ର ଧନରାଶି ମନ୍ଦିରରେ ଏକତ୍ରିତ କରୁଛନ୍ତି କାହିଁକି? ତୁମର ଭୟ ଦେଖେଇ ସରଳମତି ଲୋକଙ୍କୁ ଶୋଷଣ କରୁଛନ୍ତି କାହିଁକି?? ତେଣୁ ସନ୍ଦେହ ହେଉଛି – ସେମାନଙ୍କ ବ୍ୟବସାୟ ଓ ଶୋଷଣ ବନ୍ଦ କରିବା ପାଇଁ ତୁମର ଶକ୍ତି ନାହିଁକି? ଅଥବା ତୁମେ କେବଳ ଏକ କାଳ୍ପନିକ ଶକ୍ତି, ସତରେ ନୁହେଁ?

## ୪୯. କିଏ ନିର୍ଭଳଶୀଳ?

ମୁଁ ଦେଖିଲି, ବୈଷୟିକ ଜ୍ଞାନ କୌଶଳରେ ତିଆରି ଗୋଟିଏ ୬୦ ଫୁଟ ଉଚ୍ଚ ବିଶିଷ୍ଟ ଶିବ ଲିଙ୍ଗ ଉପରେ ଦୁଧ ଢାଳିବା ପାଇଁ ପୂଜାରୀମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ତିଆରି କ୍ରେନରେ ଚଢି ଦୁଧ ଗରାଗୁଡିକୁ ଧରି ଉପରକୁ ଯାଉଛନ୍ତି । ସେହି ଦୁଧକୁ ପୂଜା ସରିଲାପରେ ଧୋଇ ସଫା କରିବାପାଇଁ ଲମ୍ବା ପାଇପରେ ପାଣି ସ୍ପ୍ରେ କରି ବିରାଟ ଶିବ

ISSN NO.
2582-208X

ଲିଙ୍ଗକୁ ଧୁଆ ହେଉଛି । ଏଥିରୁ କଣ ବୁଝା ପଡୁନି ଯେ ବିଜ୍ଞାନ ଧର୍ମ ଉପରେ ନୁହେଁ, ବରଂ ଧର୍ମ ବିଜ୍ଞାନ ଉପରେ ନିର୍ଭର ଅରୁଛି ।

## ୫୦. କଏ ବେଶୀ ବିଶ୍ୱାସନୀୟ ?

ଆଜିର ଯୁଗରେ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଅଫିସ, ଦୋକାନ ଏବଂ ସଡକମାନଙ୍କରେ ମଧ୍ୟ ସିସି ଟିଭି କ୍ୟାମେରା ଲାଗି ସାରିଲାଣି । ଅସମାଜିକ ଲୋକମାନଙ୍କୁ ସତର୍କ ସୂଚନା ଦେବାପାଇଁ "ଆପଣ ସିସି ଟିଭି କ୍ୟାମେରା ଦୃଷ୍ଟିରେ ଅଛନ୍ତି" ବୋଲି ବୋର୍ଡ ବି ଲଗାଯାଉଛି ।

ମଜାକଥା ହେଉଛି - ଆଜିକାଲି ସର୍ବଶକ୍ତିମାନ, ସର୍ବ ବିଦ୍ୟମାନ ଓ ସର୍ବଜ୍ଞ ବୋଲାଉଥିବା ଇଶ୍ୱର ବା ଭଗବାନଙ୍କ ମନ୍ଦିର, ମସଜିଦ ଓ ଚର୍ଚ୍ଚମାନଙ୍କରେ ମଧ୍ୟ ସିସି ଟିଭି କ୍ୟାମେରା ଲାଗିଗଲାଣି । ସେଠାରେ ମଧ୍ୟ "ଆପଣ ସିସି ଟିଭି କ୍ୟାମେରା ଦୃଷ୍ଟିରେ ଅଛନ୍ତି" ସୂଚନା ବୋର୍ଡ ଟଙ୍ଗା ହେଉଛି । ଉଭୟ ସ୍ଥାନରେ ଦୋଷୀକୁ ଧରିବାପାଇଁ ପୋଲିସ ବିଜ୍ଞାନ ଯନ୍ତ୍ରର ହିଁ ସାହାଯ୍ୟ ନେଉଛନ୍ତି ।

ତେଣୁ ପ୍ରଶ୍ନ ଉଠୁଛି - ଇଶ୍ୱର ବେଶୀ ବିଶ୍ୱାସନୀୟ ନା ବିଜ୍ଞାନ ?

## ୫୧. କନ୍ନର ଓ ବାବା

ବାବା ରାମଦେବ କିନ୍ନର ବା "ଗେ" ମାନଙ୍କୁ ସମାଜରେ ସମ୍ମାନ ଓ ଅଧିକାର ଦାବିକୁ ସମର୍ଥନ ନକରି ମନ୍ତବ୍ୟ ଦେଇଥିଲେ - "ଯଦି ତୁମର ବାପା କିନ୍ନର ହୋଇଥାନ୍ତେ, ତେବେ ତୁମେ ଜନ୍ମ ଗ୍ରହଣ କରିପାରି ନଥାନ୍ତ । ତେଣୁ ତୁମମାନଙ୍କୁ ବ୍ୟାନ କରିବା ଉଚିତ ।"

ତାଙ୍କୁ ଉତ୍ତର ଦେଇ ଜଣେ କିନ୍ନର କହିଲେ - "ଯଦି ତୁମର ବାପା ବ୍ରହ୍ମଚାରୀ ହୋଇ ଯୋଗ ଗୁରୁ ହୋଇଥାନ୍ତେ, ତେବେ ତୁମେ ମଧ୍ୟ ଜନ୍ମ ଗ୍ରହଣ କରିନଥାନ୍ତ । ତେଣୁ ତୁମକୁ ମଧ୍ୟ ବ୍ୟାନ କରିବା ଉଚିତ ।" ଏହାର ଜବାବ ସେ ଆଜି ପର୍ଯ୍ୟନ୍ତ ଦେଇନାହାନ୍ତି ।

ISSN NO.
2582-208X

## ୫୨. କଏ ମଣିଷ କଏ ପଶୁ?

ରାମାୟଣ କଥା ବେଳେ ପଣ୍ଡିତେ ଭକ୍ତମାନଙ୍କୁ କହିଲେ – ମୃତ୍ୟୁ ପୂର୍ବରୁ ବାଳୀ ରାମଚନ୍ଦ୍ରଙ୍କୁ ପଚାରିଲା – ଆମ ଦୁଇ ଭାଇଙ୍କ ଝଗଡାରେ ଆପଣ ପଶି, ମୋତେ ଲୁଚିକରି ପଛରୁ ତୀର ମାରିଲେ କାହିଁକି ? ମୋ ସାମନାକୁ ଆସି ଯୁଦ୍ଧ କରିପାରିଥାନ୍ତେ ।

ପ୍ରଭୁ ରାମଚନ୍ଦ୍ର କହିଲେ – ହେ ବାଳୀ, ତୁମେ ପଶୁ ସମାନ ପ୍ରାଣୀ। ରଘୁକୁଳରେ ପଶୁମାନଙ୍କୁ ଲୁଚିକରି ପଛରୁ ହିଁ ବଧ କରାଯାଏ । ଏଥିରେ କିଛି ଦୋଷ ନାହିଁ।

ଏହି ସମୟରେ କୌଣସି ଦୁଷ୍ଟ ଲୋକ ଲୁଚିକରି ପଛରୁ ପଣ୍ଡିତଙ୍କ ପିଠିକୁ ଢେଲାଟିଏ ଫିଙ୍ଗିଦେଲା। ପଣ୍ଡିତେ ଢେଲା ମାଡ ଖାଇ ଅସହ୍ୟ ବେଦନାରେ ଚିତ୍କାର କରି କହିଲେ – "କିଏରେ ଦୁଷ୍ଟ? ଯଦି ସାହସ ଅଛି ତ ମୋ ସାମ୍ନାକୁ ଆସ ।"

ଭକ୍ତଙ୍କ ଭିତରୁ ଜଣେ କହିଲେ – "ଶାନ୍ତ ହୁଅନ୍ତୁ ପଣ୍ଡିତେ, କିଏ ହୁଏତ ଆପଣଙ୍କୁ ପଶୁ ଭାବି ଢେଲାଟିଏ ମାରିଦେଇଛି ।"

ପଣ୍ଡିତେ ଆହୁରି ରାଗିଯାଇ କହିଲେ – ଆଚ୍ଛା କଥା ! ଯିଏ ଲୁଚିକରି ପଛରୁ ମାରିବ ସେ ନିର୍ଦ୍ଧାରଣ କରିବ କିଏ ମଣିଷ କିଏ ପଶୁ?

ଭକ୍ତ ଶାନ୍ତ ଚିତ୍ତରେ କହିଲେ – ଆଜ୍ଞା ଏବେ ଆପଣ ସେହି କଥା ହିଁ ତ ପ୍ରବଚନ ଦେଇ ଆମକୁ କହୁଥିଲେ।

ପଣ୍ଡିତେ ଭାବିଲେ ଆଉ କିଛି ସମୟ ଏଠାରେ ରହିଲେ ଭକ୍ତମାନେ କଣ ନାଇଁ କଣ ପ୍ରଶ୍ନ କରିବେ । ମୁଁ ଯାଉଛି ଡାକ୍ତରଙ୍କ ପାଖକୁ, କହି ଚାଲିଗଲେ।

କ୍ରମଶଃ.....

Mob:94820 16260

ISSN NO.
2582-208X

# ମୁଁ ତୁମକୁ ଭଲପାଏ



ଚନ୍ଦ୍ରହାସ୍ୟ ସତ୍‌ନାମୀ

ମୁଁ- ମୁହଁରେ ତୁମର କି ଜାଦୁ ରଖିଛ
ରଖିଛ ରୂପରେ ମାୟା
ଶୟନେ ସପନେ ନିତି ମୋ ଆସୁଛ
ହୋଇଯିବି ନିଶ୍ଚେ ବାୟା ।୧।

ତୁ- ତୁମକୁ ଦେଖି ଅଛି ସାଖି ଆଖି
କହୁନାହିଁ ମିଛ କଥା
ହୃଦୟେ ମୋହର ତୁମ ଛବି ରଖି
ରଚିଛି ଏ ପ୍ରେମ ଗାଥା ।୨।

ମ- ମନର ମନ୍ଦିରେ ରଖିଛି ତୁମକୁ
ସାଖି ରଖି ଏଇ ପ୍ରେମର
ନିଜଠୁ ଅଧିକ ଚାହେଁ ମୁଁ ତମକୁ
କରିବନି ଦିନେ ପର ।୩।

କୁ- କୁସୁମ ପରି ବାସନା ତୁମର
ଆଖିରେ ରଖିଛ ଲାଜ
ଚେହେରା ତୁମର ଦିଶଇ ସୁନ୍ଦର

ISSN NO.
2582-208X

ନଥିଲେ ମଧ୍ୟ ସଜବାଜ ।୪।

ଭ– ଭରସା କରିଛି ପ୍ରେମର ଆମର
ଭାଙ୍ଗିବନି ଆଶା ମୋର
ଯେବେଠୁ ପାଇଛି ସେନେହ ତୁମର
ନଦେବ ଦୁଃଖର ଭାର ।୫।

ଲ– ଲକ୍ଷ ମୋର ଥିଲା କହିବାକୁ ସତେ
ପାଇବାକୁ ପ୍ରେମ ତୁମ
ଯେଉଁଆଡ଼େ ଦେଖେ ଛବି ମୋର ନିତ୍ୟେ
ତୁଣ୍ଡେ ରହେ ତୁମ ନାମ ।୬।

ପା– ପ୍ରାର୍ଥନା କରେ ପ୍ରେମକୁ ଆମର
ଯୁଗେ ଯୁଗେ ରହୁ କିର୍ତ୍ତୀ
ପ୍ରେମ ଦିପ ଆମ ଜଳୁ ଉଜାଗର
ଅସ୍ଥିର ରହୁ ପ୍ରେମ ପିତରି ।୭।

ଏ– ଏନୁହେଁ ପ୍ରେମର ମିଥ୍ୟା ଗାଥା ପୁଣି
ନଭାବିବ ମୂଲ୍ୟହୀନ
କହିବାକୁ ଆଜି ପ୍ରେମ କଥା ଜାଣି
ଚନ୍ଦ୍ରହାସ୍ୟ କରେ ରଚନ ।୮।

ଟେମ୍ରା, କୋକ୍ସରା (କଲାହାଣ୍ଡି)
ମୋ.82498 42648

ISSN NO.
2582-208X

# ଦାସୀ



ସୂର୍ଯ୍ୟ ନାରାୟଣ ସାହୁ

ଜୀବନରେ ବହୁତ ଇଛା ଥିଲା ପାଠ ପଢି କିଛି କରିବି ବୋଲି ହେଲେ, ଆମ ପରିସ୍ଥିତି କିଛି ସେମିତି, ଯୋଉଥି ପାଇଁ କି ଆମେ ପାଠ ପଢ଼ାରୁ ବଞ୍ଚିତ । ସ୍ୱପ୍ନ ଦେଖିବା ଆମ ପାଇଁ ମନା, ଆଉ ସବୁ ସ୍ୱପ୍ନ ବି ସାକାର ହୁଏନା ବିଶେଷ କରି ଆମ ଗରିବ ଘରର ପିଲାମାନଙ୍କ ପାଇଁ ସ୍ୱପ୍ନ ଦେଖିବା ଏକ କାଠିକର ବିଷୟ ଏବଂ ଆମ ପରିବାର ପାଇଁ ଆମେ ଆମ ଜୀବନର ଲକ୍ଷ୍ୟକୁ ମଧ୍ୟ ତ୍ୟାଗ କରିଥାଉ, ବେଳେବେଳେ ପରିବାର ଲୋକ ବି ଆମେ ଚାହୁଁଥିବା ସ୍ୱପ୍ନକୁ ବି ସାକାର ହେବାକୁ ଦେଇ ନଥାନ୍ତି ।

*******

ଆରେ.. ଆରେ...ମୁଁ ତ ଆପଣମାନଙ୍କୁ ମୋ ପରିଚୟ ଦେବାକୁ ଭୁଲି ଯାଇଛି । ଆଛା ଶୁଣନ୍ତୁ... ମୋ ନାଁ ହେଲା ରେବତୀ, ମୁଁ ଗାଁ ସ୍କୁଲ ରେ କଷ୍ଟେ ମଷ୍ଟେ ପଞ୍ଚମ ଯାଏଁ ପଢିଥିବି, ହେଲେ ପଢିବା ପାଇଁ ମନରେ ବହେ ଇଛା । ମୋର ଗୋଟିଏ ଭାଇ ଆଉ ଦୁଇଟି ଭଉଣୀ ବି ଅଛନ୍ତି, ଜଣକ ନାଁ କାମିନୀ ଆଉ ଜଣେ ବାସନ୍ତୀ । କାମିନୀ ଭଉଣୀ ପଞ୍ଚମ ଶ୍ରେଣୀରେ ପାଠପଢ଼େ ଆଉ ବାସନ୍ତୀ ତୃତୀୟ ରେ । ଆଉ ସବୁଠୁ ଗେଲ୍ହା ମୋ ଭାଇ, ସେ ସମସ୍ତଙ୍କଠାରୁ ସାନ, ତା ନାଁ ହେଲା ରଘୁନାଥ, ବାପା ତାକୁ ଗେଲରେ ରଘୁ ବୋଲି ଡାକନ୍ତି । ତିନୋଟି ଝିଅ ରେ ଗୋଟିଏ ପୁଅ ହେଲା ବୋଲି ବାପା– ମା'ଙ୍କର ବେଶୀ ଗେଲ୍ହା ସେ । ମୋ ବିଗତ ମାଙ୍କ ଆମେ ଦୁଇ ଝିଅ ମୁଁ ଆଉ କାମିନୀ, ସେଥିପାଇଁ ଆମ ପ୍ରତି ବେଶୀ ଘୃଣା ଭରି ରହିଛି ତାଙ୍କ ମନରେ । ଆଉ ସାବତ ମା ଙ୍କ ଗୋଟେ ପୁଅ ଆଉ ଗୋଟେ ଝିଅ, ବାସନ୍ତୀ ଆଉ ରଘୁ । ମୋର ବୟସ ବାର ବର୍ଷ ମୁଁ ସମସ୍ତଙ୍କଠାରୁ ବଡ଼ ବୋଲି ଘର ର ସମସ୍ତ ଦାୟିତ୍ୱ ମୋ ଉପରେ । ଆମର ପାଞ୍ଚଟି ଛେଳି ଅଛନ୍ତି, ମୁଁ ନୀତି ସକାଳୁ ଉଠି

ISSN NO.
2582-208X

ଛେଳି ଚରାଇବାକୁ ଯାଏ । ସକାଳୁ ପଖାଳ ଗଣ୍ଡେ ଖାଇଦେଇ, ଦ୍ୱିପହର ପାଇଁ ଟିଫିନ ରେ ପଖାଳ ଭାତ ସାଙ୍ଗକୁ ଦେଶୀ ପିଆଜ, ଲଙ୍କା ଖଣ୍ଡେ ନେଇଗଲେ ମୋ ପେଟ ଶାନ୍ତି । ଆଉ ମୋ ଭଉଣୀ କାମିନି ନୀତି ସକାଳୁ ଘର କାମରେ ଲାଗିପଡେ, ଘର କାମ ସରିଲେ ଆଉ ଜଣକ ଘରକୁ ବାସନ ମାଜି ଯାଏ । ସେଥିରୁ ଯୋଉ ଦି ପଇସା ଆଣେ ସେସବୁ ସାବତ ମା ହାତରେ ଧରେଇ ଦିଏ, ନେହେଲେ ଆମପାଇଁ ଏଇ ଘରେ ସ୍ଥାନ ଆଉ ରହିବନି । ଏମିତି କି ବେଳେବେଳେ ମୋ ଭଉଣୀ ର ଦେହ ଖରାପ ହେଲେ ସେ ଯଦି କାମ ରୁ ଛୁଟି ନେଇଯାଏ, ତାହେଲେ ସେଦିନ ତାର ଖାଇବା ପିଇବା ବନ୍ଦ, ଆଉ ସେ ଯଦି ଭୋକରେ ରହିବ, ତାହେଲେ ମୁଁ ବଡ଼ ଭଉଣୀ ହେଇ କେମିତି ସହିବି? ସେଥିପାଇଁ ସେ ଯୋଉ ଦିନ ଛୁଟି ନିଏ ତାହେଲେ ମୁଁ ଛେଳି ଚରେଇ କି ଫେରିଲେ ବାସନ ମାଜିବାକୁ ଯାଏ । ଆମେ ଦୁଇ ଭଉଣୀ କଷ୍ଟେ ମଷ୍ଟେ ସବୁ କାମ କରିଦେଉ । ଆମେ ଯଦି ତାଙ୍କ ପୁଅ ଝିଅ ସହ ଖେଳ ଖେଳିଥାଉ ଆଉ ଏଇ ଦୃଶ୍ୟ ତାଙ୍କ ଆଗରେ ପଡିଗଲା ତାହେଲେ ସେଦିନ ଆମ ପିଠିରେ କୂଅ ଖୋଳି ଦିଏ ଆମ ସାବତ ମା । ବେଳେ ବେଳେ ମତେ ଉପବାସ ରହିବାକୁ ପଡେ, କାହିଁକି ନାଁ ସେଦିନ ଆମ ଘରର ରୋଷେଇ ସରିନଥାଏ, ଆଉ ମା କୁହନ୍ତି... ବେଳ ଆସି ଉଛୁର ହେଲାଣି, ଅଲକ୍ଷିଣୀ ଏଯାଏଁ ଛେଳି ନେଇନୁ, ଜଲଦି ଯା ଛେଳି ନେଇ । ଛେଳିଗୁଡ଼ାକ ଭୋକରେ ଆଉଟୁ ପାଉଟୁ ହେଲାଣି, କେତେବେଳେ ଛେଳି ନେବୁ ।" ମାଙ୍କ ଡର ରେ ସେଦିନ ମୁଁ ତରତରରେ ଆସି ଯାଏ, ଆଉ ଭୋକରେ ରୁହେ । ଆଉ ମୋ "ବା" ଗୋଟେ ମଦୁଆ, ସେ ସବୁ ପଇସା ନେଇ ବିକି ଭାଙ୍ଗି ମଦ ପିଇ ଉଡେଇ ଥାଏ । ଆଉ ରହିଲା ମୋ ସାବତ ମା କଥା ମୋ ବୋଉ ମଲା ପରଠୁ ବାପା ଆଉ ଜଣକୁ ବିବାହ କରିଥିଲେ । ଆଉ ସେ ହଉଛନ୍ତି ମୋ ସାବତ ମା । ମା ସବୁବେଳେ ଖଟରେ ବସି ଟିଭି ଦେଖି ଦେଖି ସମୟ ଅତିବାହିତ କରୁଥାନ୍ତି । ଆଉ ଘରେ ମୋ ଭଉଣୀ କାମିନୀ କୁ କହୁଥାନ୍ତି ଏଇଟା କର, ସେଇଟା କର କହି ବହୁତ ମାଡ଼ ଦେଉଥାନ୍ତି ।

ଯେତେବେଳେ ସବୁ ପିଲାଙ୍କୁ ସ୍କୁଲ ଯିବାର ଦେଖେ ଆମ ମନର ବି ଇଛା ହୁଏ ସ୍କୁଲ ଯିବା ପାଇଁ ହେଲେ ଆମେ ନିରୁପାୟ ଥାଉ । ମୋ ସାବତ ମା' ଆମକୁ ପାଠ ପଢିବାରୁ ବଞ୍ଚିତ କରିଥାନ୍ତି, ସେ କେବେ ଛାଡ଼ନ୍ତି ନାହିଁ । ପଢିବାକୁ ଢେର ଇଛା ଥିଲେ ମଧ୍ୟ ଆମ ଇଛାକୁ ମାରି ଆମେ କାମ ହିଁ କରିବାକୁ ବାଧ୍ୟ ହୋଇଥାଉ । ଯଦି କାମ ନକରୁ ତାହେଲେ ମାଡ଼, ଗାଳି, ସାଙ୍ଗକୁ ବହେ ନିନ୍ଦା ଆଉ ଅପମାନ ପୁଣି ସେଦିନ ର ଖାଇବା-ପିଇବା ବି ବନ୍ଦ

ISSN NO.
2582-208X

କରିଦିଅନ୍ତି ସାବତ ମା । ସବୁବେଳେ କାମ କରିବାକୁ କୁହନ୍ତି, ଆଉ କୁହନ୍ତି ପାଠ ପଢିବା ତମ ଦୁଇ ଜଣକର କିଛି ଦରକାର ନାହିଁ, ତାଛଡା ତମେ ମଳି ମୁଣ୍ଡିଆ ପିଲା ତମେ ପାଠ ପଢି କଣ କରିବ ? ଯାଇ କାମ କର...! ଆଗକୁ ଭଲ ମଣିଷ ଟେ ହେବ । ଭଲ ନାଁ କରିବ । ଏମିତି କେତେ କଥା । ହେଲେ ତାଙ୍କ ପୁଅ ରଘୁ ଆଉ ଝିଅ ବାସନ୍ତୀ କୁ ସ୍କୁଲ ଯିବାରେ ଅବହେଳା ହେଲେ ସେ ନାରାଜ ହୁଅନ୍ତି । କିନ୍ତୁ ; ମୋ ମନରେ ସେମାନଙ୍କ ପ୍ରତି ମମତା ଭରି ରହି ଥାଏ, ଯେତେହେଲେ ବି ସେମାନେ ମୋର ଭାଇ-ଭଉଣୀ ନାଁ, ସେମାନେ ପାଠ ପଢିଲେ କ'ଣ ମତେ ଶିଖେଇ ଦେବେନି ? ଏମିତି ଭାବି ମନକୁ ସାନ୍ତ୍ୱନା ଦେଇ ଦିଏ । ମୋ ବାପା ଏଇସବୁ କଥା ଜାଣିବି ମତେ ଆଉ ମୋ ଭଉଣୀ କାମିନୀକୁ ସବୁବେଳେ କାମରେ ଲଗାଉଥିବା ସାବତ ମା' ପ୍ରତି କେବେ ପ୍ରତିବାଦ କରିନାହାନ୍ତି । ସେ ତାଙ୍କ କଥାରେ ମୁଣ୍ଡ ନୁହାଇଁ ରୁହନ୍ତି ।

ଦିନେ ସ୍କୁଲ ସମୟ ହେଲାଣିଗଲାଣି ବୋଲି ସମସ୍ତେ ସ୍କୁଲ ଯାଉଥିବାର ବାରଣ୍ଡା ରେ ଥାଇ ଦେଖିଲି ଆଉ ସେଇଥିପାଇଁ ଦଉଡି ଆସି ମୁଁ, ବାସନ୍ତି, ରଘୁ, ଏବଂ ମୋ ଭଉଣୀ କାମିନୀ ସହ ସ୍କୁଲ ଯିବା ପାଇଁ ଉଦ୍ୟତ ହେଲୁ ଆଉ ଟ୍ରଙ୍କ ରୁ ଡ୍ରେସ କାଢି ପିନ୍ଧି ରେଡି ହୋଇ ବାହାରି ଥାଉ, ସେତିକିବେଳେ ମା ଆସି ପହଞ୍ଚିଗଲେ ... ଆଉ ଯାହା ଇଚ୍ଛା ମନକୁ କହିଦେଇ ଗଲେ । ତାପରେ କହୁଛନ୍ତି....

"ଆଲୋ... ଆଲୋ... ତମେ ଦୁଇ ଜଣ ଯଦି ସ୍କୁଲ ଯିବ... ସେପଟେ ଘର କାମ କିଏ କରିବ ? ଆଉ ଛେଳି ଗୁଡାକ ଭୋକରେ ଆଉଟୁ ପାଉଟୁ ହେଲେଣି ସେମାନଙ୍କୁ କିଏ ଚରେଇ ନେବ ? ତୋ ବୋପା ନବ । ଶୁଣ କହିଦେଉଛି... ଭଲ ରେ ଭଲରେ ଛେଳି ନେଇ ଯା...ସେ ଛେଳି ଯଦି କିଛି ହେଲା ତାହେଲେ ତୋର ଦିନକୁ ମୋର ଦିନେ ଆଉ ତୁ ଏଇ ଘରରୁ ସିଧା ବାହାରିଯିବୁ, ବୁଝିଲୁ...ମନେ ରଖିଥା..ହଁ... ।" "ଅଲକ୍ଷିଣୀ ମାନେ ଆସିଲା ବେଳୁ ତ ମା କୁ ଖାଇଲ, ଏବେ ଆସି ମୋରି ବେକରେ ଛନ୍ଦି ହେଇଚ । ଯାଅ... ଯାଅ କାମକୁ ବାହାରି ଯାଅ ।"

ମୋ ଭଉଣୀ କାମିନୀ ରୁମ କୁ ଦଉଡି ଯାଇ କାନ୍ଦିଛି...। ମୁଁ ତା ପଛେ ପଛେ ଦଉଡି ଯାଇ ଦେଖିଲି ... ସେ କହୁଛି... "ମୁଁ ମରିଗଲିନି କାହିଁକି ?? ଏମିତି ଦିନ ଦେଖିବା ଅପେକ୍ଷା

ISSN NO.
2582-208X


ଭଗବାନ ଆମ କୁ ନେଇଗଲେନି କାହିଁକି ଅପା?" । " ଛି!! ଏମିତି କଥା କାଇଁ କହୁଚୁ, ଆମେ ପାଠ ନପଢିଲେ କ'ଣ ହେଲା? ସେମାନେ ତ ପଢୁଛନ୍ତି ଆଉ ଆମକୁ ପରେ ଶିଖାଇ ଦେବେନି", ମୁଁ କହିଲି । କଣ ଆଉ କରିବା? ଠାକୁରଙ୍କ ର ବୋଧେ ଏଇୟା ଇଛା । ଜଲଦି ସ୍କୁଲ ୟୁନିଫର୍ମ ଯାକ କାଢି ଦେଇ ତାରି ଉପରେ ଟିକେ ହାତ ବୁଲାଇ, ଆମ ଲୁହ ଭିଜା ଗାଲ ଉପରେ ଚାପି, କୁଣ୍ଡାଇ ଦେଇ, ପେଡ଼ି ଭିତରେ ରଖିଦେଲୁ । । ଚାଲ.. ଚାଲ... ନେହେଲେ ମା ଆସି ପୁଣି ମାରିବେ.... ଲୁହ ପୋଛି ତରବରରେ ଦୁହେଁ ବାହାରିପଡ଼ିଲୁ ନିଜ କର୍ମକ୍ଷେତ୍ରକୁ । ସବୁଦିନ  ସ୍କୁଲ ଯିବା ସମୟରେ ମୁଁ ତାକୁ କାଢି ଦେଖି ଥାଏ, ଆଉ ଜାବୁଡି ଧରି ଗେଲ କରିଥାଏ । ପୁଣି ତାକୁ ସାଇତିକି ରଖିଦିଏ । କାହିଁକି ନା ମୁଁ ଜାଣିଥାଏ ମୁଁ ଆଉ ସ୍କୁଲ ଯାଇପାରିବିନି ।

ଦିନେ ମୁଁ ଛେଳି ନେଇ ଯାଇଥାଏ, ସେଦିନ କୁ ବୋଲି ବର୍ଷା ଛାଡୁନଥାଏ, ସନ୍ଧ୍ୟା ହେଲାଣି ବୋଲି ମୁଁ ତରତରରେ  ଛେଳି ଗୁଡାକ ଆଣିଲି । ହେଲେ ଘରେ ପହଞ୍ଚି ଦେଖିଲି ମୋ ସାଙ୍ଗରେ  ଚାରିଟା ଛେଳି ଅଛନ୍ତି, ଆଉ ଗୋଟେ ଛେଳି କୋଉଠି ରହିଗଲା ଜାଣିପାରିଲିନି, ଆଉ ସେତିକିବେଳେ ମା ଆସି ପହଞ୍ଚି କହୁଛନ୍ତି.. "ଏଇ ଅଲକ୍ଷିଣୀ ଖାଇବା ବେଳକୁ ତ ଭଲରେ ଗେଣ୍ଡା ମାରି ପାରୁଚୁ ଏଇ କାମ ଟା କେମିତି କରି ପାରୁନୁ, ଭଲରେ ଭଲରେ କହିଦେଉଛି ମୋ ସେଇ ଛେଳି ଦରକାର ନହେଲେ ଏଇ ଘର ବାରଣ୍ଡା ମାଡ଼ିବୁନି.. ।"

ମା ଙ୍କ କଥା ଶୁଣି ହାତରେ ଟର୍ଚ୍ଚ ଟିଏ ଧରି ପୁଣି ବାହାରିପଡିଲି ସେଇ ଜାଗାକୁ ଛେଳି ଖୋଜିବା ପାଇଁ ଏତେ ବର୍ଷା ଆଉ ପବନ ଯୋଗୁଁ ରାସ୍ତା ସାରା ଗଛ ଡାଳ ପଡି  ବନ୍ଦ ହେଇଯାଇଥାଏ । ଡରଲାଗୁଥାଏ ଯିବା ପାଇଁ, ରାତିର ସୁ.. ସୁ ଗର୍ଜନ, ବର୍ଷା ଯୋଗୁଁ ସରୀସୃପ ଙ୍କ ଭୟ ପୁଣି ବର୍ଷା ହୋଇ ଲାଗିଥିବା ପାଣି ଯୋଗୁଁ  ମୋ ଲାଇଟ ର ଆଲୋକ ପ୍ରତଫଳିତ ହୋଇ ଦେଖା ଯାଉନଥାଏ  । ଏଇ ପଟେ ଜଙ୍ଗଲିଆ ରାସ୍ତା ଯୋଗୁଁ ଭୟଙ୍କର ଆବାଜ ବି ହଉଥାଏ ।

କୁଆଡ଼େ ଯିବି କଣ କରିବି କିଛି ଭାବିପାରୁନଥଏ । ଗୋଟେ ଆମ୍ବ ଗଛ ମୂଳେ ନଥ କିନା ବସିପଡି କାନ୍ଦିଲି..." ହେ ଭଗବାନ.. ମୁଁ ଏବେ କଣ କରିବି?? ମୋତେ କିଛି ରାସ୍ତା ଦେଖାଓ ଭଗବାନ...! ମୋ ଛେଳି ମତେ ମିଳିଯାଉ । " ସେତିକି ବେଳେ ମୋ ଭାଗ୍ୟ ଭଲ

ISSN NO.
2582-208X

କି ଆମ ଗାଁର ସୂରିଆ ନନା ସେଇ ରାସ୍ତା ଦେଇ ଯାଉଥିଲେ.. ଦେଖା ଯାଉନଥିବା ହେତୁ ମୋ ପାଖକୁ ଆସି.. କିଏ.. କିଏ ଏଇ ଅନ୍ଧାରରେ ବସି କାନ୍ଦୁଛ ?? ପଚାରିଲେ.. ମୁଁ ମୁଣ୍ଡ ଟେକି ଲାଇଟ ପକେଇ ଦେଖିଲି ସୂରିଆ ନନା ହାତରେ ଛେଳି ଟିଏ ଧରି ଠିଆ ହୋଇଛନ୍ତି। ମୁଁ ଯେହେତୁ ଛେଳି ହଜିବା ଦୁଃଖରେ ଥିଲି ସେଇଥିପାଇଁ ମତେ ସେଇଟା ହିଁ ଦେଖା ଯାଉଥିଲା । ତାପରେ ତାଙ୍କ ପାଖକୁ ଦଉଡି ଯାଇ ....ଛେଳିକୁ ତାଙ୍କ ହାତରୁ ଛଡେଇ ନେଇ ମୁଁ ଗେଲ କରିବାକୁ ଲାଗିଲି, ନିଜ ଛେଳି ପାଇଥିବାରୁ ମୁଁ ବହୁତ ଖୁସି ଅନୁଭବ କଲି, ଭଗବାନ ଙ୍କୁ କୋଟିଏ ଜୁହାର କଲି । ଏବଂ ସୂରିଆ ନନା କୁ ମୋର ପରିଚୟ ଦେଲି, ନନା ମୁଁ କହୁଛି... ରେବତୀ, ମହେଶ୍ୱର ର ବଡ଼ ଝିଅ । ଓହଃ.."ଆମ ମହେଶ୍ୱର ର ଝିଅ.. ହେଲେ ଏଇଠି? ଏତେ ରାତିରେ କାଇଁ ବସିଛୁ ରେ ମା?? " ସୂରିଆ ନନା ପଚାରିଲେ । ନାଇଁ ନନା ମୋ ଛେଳି ହଜି ଯାଇଥିଲା ସେଇଥିପାଇଁ ମୋ ମା ମତେ ଯାଇ ଆଣିବାକୁ କହିଲେ.. ଆଉ ମୁଁ ଛେଳି ଖୋଜିବାକୁ ଆସି ଏଇଠି... । ଓହଃ.."ଆଛା ଭଲ ହେଲା କାହା ଛେଳି ବୋଲି ମୁଁ ଭାବୁଥିଲି, ମତେ ସେଇ ମୁଣ୍ଡିଆ ତଳ ପାଖ ବିଲ ବୁଦା ମୂଳୁ ପାଇଲି, ଭାବିଲି ଘରକୁ ନେଇଯିବି, ଯିଏ ପଚାରିବ ତାକୁ ଦେଇଦେବି" ବୋଲି ସୂରିଆ ନନା କହିଲେ। ତମକୁ ବହୁତ ବହୁତ ଧନ୍ୟବାଦ ନନା... । ତମେ ଯଦି ମୋ ଛେଳି ନ ପାଇଥାନ୍ତ, ତାହେଲେ ଏତେ ରାତିରେ କଣ ଯେ ମୁଁ କରିଥାନ୍ତି? ଈଶ୍ୱର ଏତେ ନିର୍ଦ୍ଦୟ ନୁହନ୍ତି ରେ ମା... । ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ, ହଉ ଝିଅ ଚାଲ ଯିବା.. ଚାଲ.. ।

ଭଗବାନ ଆମ ଦୁଇ ଭଉଣୀଙ୍କ ପରି କାହାକୁ ଯେମିତି ହତଭାଗିନୀ ଦାସୀ କରି ଜନ୍ମ ନ ଦିଅନ୍ତୁ...ନହେଲେ ଅବେଳ ରେ କେତେ କୋମଳ ମତି ଶିଶୁ ଯେ ମଉଳିଯିବେ ତାହା କିଏ କହିପାରିବ!!

"Because the indian constitutaion has given the funda mental rights, "Right to equality". The indian penal code 14-18 described tha; according to all the child which age is 6-14 mandatorily join the school in what ever free of cost. So please...."

ISSN NO.
2582-208X

ହେ!! ମୋର ପାଠକ ଗଣ... ମୋର ଏଇ କାହାଣୀ ରେ ମୁଁ ଏତିକି ସୂଚେଇବା ପାଇଁ ଚାହୁଁଚି...ଯଦି ଆପଣ ଏମିତି ଚାଇଲଡ ଲେବର କୋଉଠି ଦେଖୁଥାନ୍ତି ତାହେଲେ ନିଶ୍ଚୟ ପ୍ରତିବାଦ କରନ୍ତୁ ।

କାହାରିକୁ ମୌଳିକ ଶିକ୍ଷା ରୁ ବଞ୍ଚିତ କରନ୍ତୁ ନାହିଁ, କୋଣସି ବାପା-ମା ଯଦି ତା ଶିଶୁ କୁ ଏଇସବୁ ରୁ ବଞ୍ଚିତ କରୁଥାନ୍ତି ତାହେଲେ ନିଶ୍ଚୟ ଦଣ୍ଡ ପାଇବେ ।

ଜୟ ହିନ୍ଦ...

ବେଦାନ୍ତୀ ପାଇଁ ଲେଖା ପଠାନ୍ତୁ ଏବଂ ଆପଣଙ୍କ ଲେଖା ସମଗ୍ର ବିଶ୍ୱରେ ଥିବା ଓଡିଆ ମାନଙ୍କ ପାଖରେ ପହଞ୍ଚାନ୍ତୁ । ଲେଖା ପ୍ରତିମାସ ୫ ତାରିଖ ଭିତରେ ପଠାନ୍ତୁ । ଲେଖା ପଠାଇବାର ଠିକଣା ହେଲା: vedantimagazine@gmail.com /

editor.vedantimagazine@gmail.com

ISSN NO.
2582-208X

# ଏ ଆଖିରେ



ଟୋନସ ରୋହିଦାସ

ଜନମ ହୋଇଛି ମଣିଷ ସମାଜେ
ମାଟିର କଣ୍ଢେଇ ହୋଇ...
ଅନୁଭବ ମୋର ପ୍ରକୃତ ବନ୍ଧୁ ସବୁ ବେଳେ ସାଥିରେ ଥାଏ ରହି....!!

ଏ ଦୁଇ ଆଖିରେ ଦେଖୁଛ ସବୁ କେତେ ସତ କେତେ ମିଛ...
କେବେ ସେଇ ଲୁହରେ ଭରା କେବେ ହସ ହସ ଫୁଲ ଗଛ...!!

ହୃଦୟର ସେଇ ନିରୀହ କୋମଳ ଚାହାଣି ଦିଏ ସବୁ କହି....
ଯେତେ ଦୁଃଖ କଷ୍ଟ ଆସୁ ସବୁ ଯେବେ ପାରେ ଏ ଜୀବନ ସହି....!!

ଅଳପ ଖୁସି ହୋଇ ଯେବେ ଦୁଃଖ ଭୁଲି ମୁ ଯାଏ...
ଏ ପୃଥିବୀ ର ସବୁ ସୁନ୍ଦରତା ମୋର ପାଖରେ ଆସି ଯାଏ...!!

କଲମ ଧରି ଯେବେ ଲେଖି ଚାଲେ ମୁ କବିତା...
ଗୋଟି ଗୋଟି କରି ସବୁ ମନେ ପଡ଼ିଯାଏ ସେଇ ମୋର ଅଭୁଲା କଥା....!!

ସମୟ ସାଥିରେ ଚାଲି ଯେବେ ଜାଣି ମୁ ଗଲି....
ସତରେ ଆଜି ବାଟ ମୋ ପାଇଁ ହୋଇ ଛି ଖୋଲା ନିଜେ ବୁଝି ଗଲି....!!

ଗାଁ–ପାମର୍ ଜିଲ୍ଲା–ସୁନ୍ଦରଗଡ଼

ISSN NO.
2582-208X

# ଏସିଆର ଆଲୋକ



କଷାନ ମହାକୁର

ଏ ଭାରତ ଭୂମି ଆର୍ଯ୍ୟଭୂମି ବିଚିତ୍ର ଏହାର ସଂସ୍କୃତି ଓ ପରମ୍ପରା। ଯେଉଁ ମାଟିରେ ଦସ୍ୟୁ ରତ୍ନାକର ହୋଇଯାଏ ବାଲ୍ମୀକି, ଚଣ୍ଡାଶୋକ ପାଲଟିଯାଏ ଧର୍ମାଶୋକ, ଲୁମ୍ବିନୀର ରାଜପୁତ୍ର ପ୍ରାଚୁର୍ଯ୍ୟ ବିଳାସ ବ୍ୟସନମୟ ଜୀବନ ଚର୍ଯ୍ୟାକୁ ପରିତ୍ୟାଗ କରି ସନ୍ନ୍ୟାସୀ ସାଜନ୍ତି। ମାନବ ଜାତିର କାମନା ବାସନା ଯେ ଦୁଃଖର କାରଣ ଏହାକୁ ଅନୁଭବ କରି ନିରାକରଣ ଉପାୟ ପାଇଁ ତପସ୍ୟା କରି ସାଜନ୍ତି ଗୌତମ ରୁ ତପଶିଦ୍ଧ ବୁଦ୍ଧ। କପିଳବାସ୍ତୁ ରାଜ୍ୟର ଶାସକ ଶୁଦ୍ଧୋଦନଙ୍କର କୋଳମଣ୍ଡନ କରି ପୂର୍ଣ୍ଣିମାର ପବିତ୍ର ଦିନରେ ଜନ୍ମ ନେଇଥିଲେ ଯୋଗଜନ୍ମା ବୁଦ୍ଧଦେବ। ଜନ୍ମର ସାତଦିନ ପରେ ମାତାଙ୍କର ହେଲା ମୃତ୍ୟୁ। ରାଜ୍ୟରେ ଅଦ୍ଭୁତ ଓ ଅଲୌକିକ ପରିବର୍ତ୍ତନ ଦେଖାଗଲା। ରାଜା ପୁତ୍ରର ଜନ୍ମ କୁଣ୍ଡଳୀ ପ୍ରସ୍ତୁତ କରିବାପାଇଁ ଯାଇ ଦେଖିଲେ ଯେ ପ୍ରବକ୍ତାମନଙ୍କ ମତରେ ପୁତ୍ର ତାଙ୍କର ରାଜ ଚକ୍ରବର୍ତ୍ତୀ ହେବ ନଚେତ୍ ମହା ସନ୍ନ୍ୟାସୀ।

ଏ ଖବର ଶୁଣି ରାଜା ସୁଦ୍ଧୋଧନଙ୍କ ମନ ବିଚଳିତ ହେଲା। ସର୍ବ ସୁଖ ପ୍ରାଚୁର୍ଯ୍ୟର ବନ୍ଧନରେ ବାନ୍ଧି ରଖିବା ପାଇଁ ଚଳାଇଲେ ଶତଚେଷ୍ଟା। ଉଦାସୀନ ସଂସାର ବିରାଗୀ ପୁତ୍ରକୁ ସଂସାରର ମୋହମାୟାରେ ବାନ୍ଧି ରଖିବା ପାଇଁ ଲାସ୍ୟମୟୀ ନର୍ତ୍ତକୀ, ହାସ୍ୟମୟ ବିଦୁଷକ, ବିଳାସ କକ୍ଷ ଓ ପୁଷ୍ପଶୁରଭିତ ଉଦ୍ୟାନରେ ଶୋଭା ପାଇଲା ଚତୁର୍ପାର୍ଷ୍ୱ। ବିଳାସ ବ୍ୟସନରେ ପ୍ରାଚୁର୍ଯ୍ୟ ତାଙ୍କୁ ଛୁଇଁ ପରୁ ନଥିଲା। ଗୌତମ ହୋଇଯାଇଥିଲେ ଧ୍ୟାନସ୍ଥ। ଏପରି ଉଦାସୀନ ଭାବ ଦେଖି ପାତ୍ର ମନ୍ତ୍ରୀଙ୍କ ପରାମର୍ଶ କ୍ରମେ କୋଲିୟ ବଂଶୀୟ ରାଜକନ୍ୟା ଅପୂର୍ବ ରୂପବତୀ ଯଶୋଧରାଙ୍କ ସହିତ ତାଙ୍କର ଶୁଭ ପରିଣୟ କରାଇଦେଲେ। ଅସାମାନ୍ୟ ସୁନ୍ଦରୀ ଯଶୋଧରାଙ୍କ ସ୍ନେହ ପ୍ରେମରେ ସେ କିଛି ଦିନ ପାଇଁ ବାନ୍ଧି ହୋଇଗଲେ ସତ ମାତ୍ର

ISSN NO.
2582-208X

ପରବର୍ତ୍ତୀ ମୁହୂର୍ତ୍ତରେ ଅତିଷ୍ଠ ହୋଇ ରାଜପଥ ଭ୍ରମଣରେ ବାହାରିଲେ। ରୋଗୀ, ବୃଦ୍ଧ, ଶବ ଓ ସନ୍ନ୍ୟାସୀ କୁ ପର୍ଯ୍ୟାୟ କ୍ରମେ ଦେଖି ତାଙ୍କର ପ୍ରିୟ ସାରଥୀ ଛନ୍ଦକ କୁ ପଚାରି ଥିଲେ ପ୍ରଶ୍ନ। ଜାଣିବାକୁ ପାଇଥିଲେ ସାଂସାରିକ ଜୀବନରେ ଏ ସବୁ ନିଶ୍ଚିତ ଆସେ। ସନ୍ନ୍ୟାସୀର ପ୍ରଶାନ୍ତ ଚିତ୍ତ ଦର୍ଶନ ତାଙ୍କୁ କରିଥିଲା ଆକର୍ଷଣ। ବାନ୍ଧି ପାରିଲା ନାହିଁ ତାଙ୍କୁ ବିଳାସ ପୂର୍ଣ୍ଣ ପ୍ରାଚୁର୍ଯ୍ୟତା କିମ୍ବା ଯଶୋଧାରା ଙ୍କ ସ୍ନେହ ପ୍ରେମ ଅଥବା ନବ ଜାତକ ଶିଶୁର ଦରୋଟି କଥା।

ମଗଧ ରାଜ୍ୟର ସମସ୍ତ ସୁଖ ବୈଭବକୁ ପରିତ୍ୟାଗ କରି ସେ ହାତରେ ଧରିଲେ ଭିକ୍ଷାପାତ୍ର। ନିରଞ୍ଜନ ନଦୀ କୂଳରେ ଆମ୍ବ ବଗିଚାରେ ସେ ତପସ୍ୟା ରତ ରହିଲେ। କଠୋର ସଂଯମତା ଓ ସାଧନାରେ ସେ ମଗ୍ନ ରହିଲେ। ସାଧକ ଗୌତମ ସାଧନାରେ ମଗ୍ନ ରହି ପରିବର୍ତ୍ତିତ ହେଲେ ତପସିଦ୍ଧ ବୁଦ୍ଧରେ। ଆର୍ଯ୍ୟ ସତ୍ୟ ବାଣୀ ପ୍ରଚାର କଲେ।ତାଙ୍କ ମତରେ କାମନା ହିଁ ସବୁ ଦୁଃଖର ମୂଳ। କାମନାର ବିନାଶରେ ହୁଏ ଦୁଃଖର ବିନାଶ। ଏହାପରେ ମନୁଷ୍ୟ ନିର୍ବାଣ ପାଏ। ସତ୍ କାର୍ଯ୍ୟ, ସଦ ଭାବନା, ସଦ ବାକ୍ୟ, ସତ୍ ଜୀବିକା, ସତ୍ ସଂକଳ୍ପ, ସତ୍ ଶ୍ରମ, ସତ୍ ସ୍ମୃତି, ଏବଂ ସଦ ସମାଧି ଥିଲା ତାଙ୍କର ଅଷ୍ଟାଙ୍ଗ ଯୋଗ। ଅଶୋକ, ସରୀପୁତ୍ତ, ଆନନ୍ଦ, ବିମ୍ବିସାର, ଜୀବକ, ଆମ୍ବାପାଲୀ ଥିଲେ ତାଙ୍କର ପ୍ରିୟ ଶିଷ୍ୟ।

ବହୁତ୍ କମ ବୟସରେ ସେ ଜୀବନ ଓ ସଂସାର ର ମହାସତ୍ୟ କୁ ଉପଲବ୍ଧି କରିଥିଲେ। ତାଙ୍କର ଉଦାର ଧର୍ମମତ ଜନମନସକୁ ଛୁଇଁ ଗଲା। ବହୁତ ଲୋକ ବୁଦ୍ଧ ଧର୍ମ ପ୍ରତି ଆକୃଷ୍ଟ ହୋଇ ବୌଦ୍ଧ ଧର୍ମକୁ ଗ୍ରହଣ କଲେ। ଜୀବେଦୟା ଓ ସେବା ଥିଲା ତାଙ୍କର ପ୍ରଧାନ ଉପଦେଶ। ପ୍ରଥମେ ନାରୀମାନଙ୍କୁ ସଂଘ ରେ ପ୍ରବେଶ ନ କରି ଥିଲେ ମଧ୍ୟ ପରେ ପ୍ରିୟ ଶିଷ୍ୟ ର ଅନୁରୋଧରେ ନାରୀମାନଙ୍କୁ ସଂଘରେ ସ୍ଥାନ ଦିଆ ଯାଇଥିଲା। ସମ୍ରାଟ ଅଶୋକ ବୌଦ୍ଧ ଧର୍ମ ପ୍ରତି ଆକୃଷ୍ଟ ହୋଇ ଚଣ୍ଡାଶୋକ ରୁ ଧର୍ମାଶୋକ ପାଲଟି ଯାଇଥିଲେ। ନିଜର ପୁତ୍ର ରାହୁଲ ଓ କନ୍ୟା ସଂଘମିତ୍ରା କୁ ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ଭାରତ ବାହାରକୁ ଅଭିପ୍ରେରିତ କରିଥିଲେ।

ISSN NO.
2582-208X

ବୁଦ୍ଧଦେବଙ୍କ ଜନ୍ମ, ମହାଜ୍ଞାନୀରେ ରୂପାନ୍ତର ଓ ମହାନିର୍ବାଣ ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଦିବସରେ ହୋଇଥିଲା। ଅଶୀ ବର୍ଷ ବୟସରେ ଧର୍ମ ପ୍ରଚାର ପାଇଁ କୁଶୀ ନଗର ଯାତ୍ରା କରିଥିବା ସମୟରେ ତାଙ୍କର ଦେହ ଅସୁସ୍ଥ ହୋଇ ପଡ଼ିଥିଲା। କୁଶୀ ନଗରର ହିରଣ୍ୟାବତୀ ନଦୀ ତଟ ଶାଳ କାନନରେ ଦୁଇ ଶାଳତରୁ ମଧ୍ୟରେ ଅର୍ଦ୍ଧଶାୟୀତ ଅବସ୍ଥାରେ ଶେଷ ଉପଦେଶ ଦେଇ ବୈଶାଖ ପୂର୍ଣ୍ଣିମାର ଚତୁର୍ଥ ପ୍ରହରରେ ଚିର ନିଦ୍ରାରେ ଶୟନ କରିଥିଲେ। ବିଷ୍ଣୁ ଙ୍କ ଦଶ ଅବତାର ମଧ୍ୟରେ ବୁଦ୍ଧଦେବ ମଧ୍ୟ ଏକ ଅବତାର। ଅଢେଇ ହଜାର ବର୍ଷତଳର ରାଜକୁମାର ତାଙ୍କର ମାନବୀୟ କଲ୍ୟାଣ କାରୀ ଗୁଣବତ୍ତା, ଶୁଭସୁଦ୍ଧ ଚିନ୍ତା ଓ ଚେତନା,ଦାର୍ଶନିକ ଅବବୋଧ ଓ ଦୂରଦର୍ଶୀ ପ୍ରବୀଣ ସାଙ୍ଗଠନିକତା ତାଙ୍କୁ ଯୁଗେ ଯୁଗେ ବନ୍ଦନୀୟ କରିବ। ସେହି ମହାନ ଦିବ୍ୟ ପୁରୁଷ ଏସିଆର ଆଲୋକଙ୍କୁ କୋଟି କୋଟି ପ୍ରଣାମ।

ନୂଆଁପାଲି, ବୀରମହାରାଜପୁର
ସୋନପୁର

ବେଦାନ୍ତୀର ପୁରୁଣା ସଂଖ୍ୟା ସବୁ ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# କବି

ବିନୟାନନ୍ଦ ବସ୍ତସ୍ୟ

ଆର୍ଯ୍ୟପ୍ରାଣରେ କାବ୍ୟପ୍ରୀତିର ତୂର୍ଯ୍ୟ ନାଦେ,
ଲେଖନୀଅସୀର ମସୀଗାରେ କେତେ ଶବ୍ଦ ଭେଦେ,
ତୋଳିଦିଏ ମୌର୍ଯ୍ୟ ଉପବନ ଧ୍ୱନି ଶୌର୍ଯ୍ୟ ତାନେ,
ଅନ୍ତର ତଳ ବ୍ୟଥା ବେଦନାର ନୃତ୍ୟ ତାଳେ,
ବିବର୍ଣ୍ଣ ପୃଥିବୀ ଚିର ସଂହରିତ ସ୍ୱପ୍ନ ମେଳେ।।

କବି ଜୁଝୁଥାଏ କ୍ରାନ୍ତୀ ସନ୍ଧାନେ ଜଗତ ହିତେ,
ଗଭୀର ପ୍ରାଣର ଉପଶମନରେ କ୍ଷତ ବିକ୍ଷତେ,
ମନ୍ଦ୍ର ନିନାଦ ରୁଦ୍ଧ ପ୍ରଶ୍ୱାସେ ଉନିଦ୍ର ରହି,
ଉପଢୌକନ ପ୍ରଶଂସା ପତ୍ର ତା ଲୋଡ଼ା ନାହିଁ।।

ବିନ୍ୟାସ କରେ ନ୍ୟସିତ ଉନ୍ମାଦ ବିତ୍ରସ୍ତ ମନେ,
ଅସହଜ ଯାହା ବିସ୍ତାରକରେ କ୍ଷୋଭିତ ଜନେ,
କଳ୍ପନାର ତଳେ ରଙ୍ଗୀନ ଯେତେ ଶବ୍ଦ ଘେନି,
ଗହନ ମନର ଗଭୀର ଚିନ୍ତନେ ବହେ ଉଜାଣି।।

ଜନ୍ମ ଜନ୍ମାନ୍ତର ନାଦବ୍ରହ୍ମ ଖୋଜେ ଆତୁରେ କବି,
ଜଗତର ଶାନ୍ତି ମୈତ୍ରୀ ବିଥିରେ ଲେଖନୀ ଛବି।।

ମଲ୍ଲୀପୁର ନଆଳ
୯୪୩୯୪୩୩୩୩୭

ISSN NO.
2582-208X

# ଖାଦ୍ୟର ମରୀଚିକା



କାଳପ୍ରସାଦ ମହାପାତ୍ର

ସ୍ୱପ୍ନ ଥିଲା ଦିନେ ସ୍କୁଲ ଯିବି ପାଠ ପଢିବି। ସ୍କୁଲରେ ସାଙ୍ଗ ସାଥି ହୋଇ ଖେଳିବୁ ଓ ପାଠ ପଢିବୁ । ସାମୁଏଲ ଓ ମୋର୍ସ ଦୁଇ ଭାଇ। ସେମାନେ ସ୍କୁଲ ପିଲାଙ୍କ ସହ ମଜା କରିବେ।

ଦୁଇ ଭାଇ ସାମୁଏଲ ପାଞ୍ଚ ବର୍ଷର ଓ ମୋର୍ସ ଚାରି ବର୍ଷର। ବାପା ଓ ମାଆ ଦୁଇ ଜଣ ଗୋଟିଏ ଅଫିସରେ କାମ କରନ୍ତି। ପରିବାରଟି ଭଲରେ ଚାଲିଥାଏ। ଧାଇ ମାଆ ମେରି ସହିତ ଦୁଇ ଜଣ ଭଲରେ ବଢୁ ଥାନ୍ତି।

୨୦୨୨ ମସିହାର ମାର୍ଚ୍ଚ ମାସ ପୃଥିବୀର ଚାରିଆଡେ କରୋନାର କରାଳ ରୂପ ଲୋକମାନଙ୍କ ମନରୁ ଦୂର ହୋଇ ନ ଥାଏ। ଋଷ ନିଜର ପାଗଳାମି ଆରମ୍ଭ କରିଦେଲା। ଇଉକ୍ରେନ ଉପରେ ଆକ୍ରମଣ ଆରମ୍ଭ କରିଦେଲା। ଋଷ ରାଷ୍ଟ୍ରପତି ପୁଟିନ ଓ ଇଉକ୍ରେନ ରାଷ୍ଟ୍ରପତି ଜେଲେନସ୍କି ରୁ ମଧ୍ୟରେ କୌଣସି ପ୍ରକାର ସମାଧାନର ସୂତ୍ର ବାହାର କରି ପାରିଲେ ନାହିଁ। ଋଷ ଆତଙ୍କରେ ଇଉକ୍ରେନ ଥରିଉଠିଲା। ରକେଟ ମାଡ, ଗୋଳାବାରୁଦ ମାଡ, ଡ୍ରୋନ ମାଡରେ ବହୁ ନିରିହ ଲୋକମାନଙ୍କର ଜୀବନ ଚାଲିଗଲା। ବହୁତ ଲୋକ ଖଣ୍ଡିଆ ଖାବରା ହେଲେ। ବହୁତ ଲୋକ ଅନ୍ୟ ଦେଶକୁ ପଳାୟନ କଲେ।

ସାମୁଏଲ ଓ ମୋର୍ସ ତାଙ୍କର ପରିବାର ଦଶ ଦିନ ପର୍ଯ୍ୟନ୍ତ ଉପାସ ରହି ବଡ କଷ୍ଟରେ ଚଳିବା ପରେ ପିଲାମାନଙ୍କ ଚିନ୍ତାରେ ଚିନ୍ତିତ ଥାଆନ୍ତି। ଡିକ ତାଙ୍କର ପୋଷା କୁକୁର କେବେ ବି ସେମାନଙ୍କ ପାଖ ଛାଡିଦେଇ କୁଆଡେ ଯାଏନା। ସବୁବେଳ ଲାଞ୍ଜ ହଲାଇ ପଛେ ପଛେ ଦୌଡୁଥାଏ।

ISSN NO.
2582-208X

ଦୀର୍ଘ ଦିନର ଉପାସରେ ରହିବା ପରେ ବଙ୍କର ଭିତରୁ ସାମୁଏଲ, ବାପା ମେନନ ବାହାରକୁ ଖାଇବା ଜିନିଷ ଆଣିବାକୁ ଗଲେ। ସେ ନ ଫେରିବାରୁ ମା ପେରି ଓ ଧାଇ ମାଆ ମେରି ବାହାରକୁ ଗଲେ। ସେମାନଙ୍କର କଣ ହେଲା ଜାଣିବା ପାଇଁ ସେ ଦୁଇ ଭାଇ ଓ କୁକୁର ତୀନ ବାହାରକୁ ଆସିବା ପରେ କିଛି ବାଟ ଯିବା ପରେ ମୋର୍ସ କହିଲା,"ଭାଇ, ମୁଁ ଆଉ ଚାଲି ପାରିବି ନାହିଁ, ମୋତେ ଭିଷଣ ଭୋକ ମମି ଆଉ ପାପାଙ୍କୁ ଡାକେ । ମମି ମମି ପାପା ପାପା ଏପରି ପାଟି କରିବାକୁ ଲାଗିଲା। ସାମୁଏଲ ଡିକକୁ ଚାହିଁଲା। ଡିକ କଣ ବୁଝିଲା କେଜାଣି ଦୁଇ ଭାଇଙ୍କୁ କିଛି କ୍ଷଣ ଅନାଇ ଆଗକୁ ଦୌଡିବାରେ ଲାଗିଲା । ଗୁଳି ବନ୍ଧୁକର ଶବ୍ଦ ସହିତ ଚାରିଆଡେ ଖଣ୍ଡ ବିଖଣ୍ଡିତ ଶବ ମଧ୍ୟରେ ଡିକ ଆଗେଇ ଚାଲିଛି କିଛିଦୂରରେ ଦେଖିଲା । ଜଣେ କିଏ ମୁହଁ ମାଡି ପଡିଛି ଦେହସାରା ଗୁଳିମାଡ ରକ୍ତ ମାଂସ ବାହାରି ପଡିଛି । ଲୋକଟି ଖାଦ୍ୟ ପୁଡିଆଟିଏ ଧରଛି। ଡିକ ଯାଇ ମୁହଁକୁ ଦେଖି ଭୋ ଭୋ ପାଟିଲ ଆଖିରୁ ଲୁହ ଗଡାଇ କାନ୍ଦି ଉଠିଲା। କାରଣ ସେ ଥିଲେ ତାର ମାଲିକ ମେନନ। ଡିକ ତାଙ୍କର ଗୋଡଠୁ ମୁଣ୍ଡ ପର୍ଯ୍ୟନ୍ତ ଦୁଇ ଚାରିଥର ଶୁଂଘି ପକାଇଲା। ତାପରେ ଖାଦ୍ୟପୁଡିଆ ଧରି ପିଲାମାନଙ୍କ ପାଖକୁ ଦୌଡିଲା।

ବାଟରେ ଗୁଳିମାଡକୁ ଖାତିର ନକରି ପିଲାମାନଙ୍କ ପାଖରେ ପହଞ୍ଚିବା ପାଇଁ ଚେଷ୍ଟା କରୁଥାଏ। କିଛିଦୂର ଯିବା ବାଟରେ ଦେଖିଲା ମାଲିକାଣୀ ପେରି ଓ ଧାଇ ମାଆ ମେରି ମରି ପଡିଛନ୍ତି। ସେଠାରୁ ଯିବା ବାଟରେ କେତେ ଲୋକ ମରି ପଡ଼ିଥିବାର ଦେଖି ଜୀବନ ବଞ୍ଚାଇ ଦୌଡୁଥାଏ।

ଦୂରରୁ ଡିକ ଖାଦ୍ୟ ପୁଡିଆ ଧରି ଆସୁଥିବାର ଦେଖି ସାମୁଏଲ ଓ ମୋର୍ସ ତା ଆଡକୁ ଦୌଡିଲେ। ଗୁଡୁମ, ଗୁଡୁମ ଗୁଡୁମ ଦୁଇଜଣ ସୈନିକ ବନ୍ଧୁକରୁ ପିଲାମାନଙ୍କ ଉପଲବ୍ଧ ଓ ଡିକ ଉପରକୁ ଗୁଳିମାଡ କଲେ। ଖାଦ୍ୟ ପୁଡିଆଟି ଛିଟିକି ପଡିଲା। ପିଲା ଦୁଇଟି ଓ ଡିକ ସେଠାରେ ଟଳିପଡିଲେ।ଖାଦ୍ୟ ପୁଡିଆଟି କାହା ପାଖରେ ପହଞ୍ଚି ପାରିଲା ନାହିଁ।

ଶିକ୍ଷକ ବନ୍ଧୁଗାଁ,
କୋରାପୁଟ।

ISSN NO.
2582-208X

# ଆହେ ଦୟାମୟ



ଲଲ୍ଟେନ୍ଦୁ ବାରିକ

ତୋ ଭାବ ଡୋରି ରେ ବନ୍ଧା
ସୂକ୍ଷ୍ମ ଏହି ଜୀବନ ମୋର
ତୁ ମୋର ଅଟୁ ସୁଖ ଦୁଃଖ
ଦଣ୍ଡେ ନ ଦେଖିଲେ ତୋତେ
ଏହି ନୟନ ଯୁଗଳ ମୋର
ଲୋତକେ ଯାଏ ରେ ଭରି
ମୋ ଜୀବନ ରଥର ତୁମେ
ସାରଥି ସାଜି ଛ ହେ ପ୍ରଭୁ
ଅଟେ ତୁମର ଦୁଃଖୀଦାସୀ
ତୁମ ବିନା ଏହି ସଂସାରରେ
ଅନ୍ୟ ଗତି ନାହିଁ ହେ ମୋର
ଚଉଦିଗ ଦିଶେ ମୋ ଅନ୍ଧାର
ମୋର ବାର୍ଦ୍ଧକ୍ୟ ସମୟ ରେ
ମୋ ଆଶା ର ଲଉଡି ତୁମେ
ସାହା ତୁମ ଅଟେ ଚଉବାହା
ଏହି ଜୀବ ଜୀବନ ମୋର
ଛାଡ଼ି ଗଲା ବେଳେ ପରାଣ
ଭଜୁ ପ୍ରଭୁ ତୁମର ଏ ନାମ

ISSN NO.
2582-208X

ସଂସାର ଟା ଲାଗଇ ମୋତେ
ବିତୃଷ୍ଣା, ମାୟା ମୋହ ଅସାର
ତୁମ ନାମ ଅଟେ ମୂଖ୍ୟ ସାର
ବଇକୁଣ୍ଠେ ଧାମ ପ୍ରାପ୍ତି ପାଇଁ
ତୁମ ସାକ୍ଷାତ ପାଇବା ପାଇଁ
ନିତି ଜପେ ମୁଁ ହରି ନାମ

ବାସୁଦେବପୁର ,ଭଦ୍ରକ

ବେଦାନ୍ତୀର ପୁରୁଣା ସଂଖ୍ୟା ସବୁ ଆପଣ www.vedantimagazine.com କୁ ଯାଇ ପଢ଼ିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ଜୀବନର ଶେଷ ଚିଠି



ରାଧାରାଣୀ ରାଉଳ

ଇତିହାସ କରେ ଆକାଶର ଜହ୍ନ
ହସେ ମିଞ୍ଜି ମିଞ୍ଜି ତାରା
ଆଉ କେତେ ଦିନ ବଞ୍ଚିବୁ ଅବାଡୁ
ପଚାରେ ଲୋଟଣି ପାରା
ଶୀତ ସକାଳର ପହିଲି କିରଣ
ଦିଏ ଯେ ମୋତେ ପ୍ରେରଣା
ଦିନେ ଆସିଥିଲୁ ଦିନେ ଚାଲିଯିବୁ
ମନ କାହିଁ ଅରୁ ଊଣା
ଲିଭି ଲିଭି ଯାଏ ଜୀବନ ପ୍ରଦୀପ
ଦିନ ଯାଏ ସରି ସରି
ମିଞ୍ଜି ମିଞ୍ଜି ଜଳେ ମୋ ଜୀବନ ଶିଖା
ସଞ୍ଜ ଦୀପଟିଏ ପରି
ଅଳପ ଦିନକୁ ଆସିଥିଲି ବୋଧେ
ସୁନ୍ଦ୍ର ଏ ଦୁନିଆକୁ
ମୁଁ ମଲାପରେ ଦିନଟେ କାନ୍ଦିବେ
ଭୁଲି ଦୁଃଖ ଅଭାବକୁ ॥

କଟିକଟା, ଯାଜପୁର

ISSN NO.
2582-208X

# ରାସ୍ତାକଡ ର ମଣିଷ



ଆୟୁଷ ବଡ଼ାଇ

ମଣିଷ ସମୟ ର ଦାସ । ସମୟ ରୁ ଯେତେ ବେଳେ ମଣିଷ ନିଜକୁ ଭିନ୍ନ ଦିଗ ରେ ନେଇଯାଏ ସେଠି ତାର ଅବସ୍ଥା ଏବଂ ଜୀବନ ର ଦିଗ ପଥ ବଦଳି ଯାଏ । ସେ ଦିଗ ପଥ ବଦଳିବା ସମୟରେ ସେ କେଉ ରାସ୍ତା ରେ ପାଦ ଦିଏ ସେ ନିଜେ ମଧ୍ୟ ଜାଣି ପାରେ ନାହିଁ। ଏମିତି କି ଏକ ସମୟ ଆସେ ଯେତେ ବେଳେ ସେ ନିଜକୁ ଆବିଷ୍କାର କରେ ଏକ ରାସ୍ତାକଡ ର ମଣିଷ ହିସାବରେ, ଏକ ଅପହଞ୍ଚ ଅବହେଳିତ ଜାଗା ରେ। ଯଦି ଏମିତି ହେଲା ସେ କେମିତି ଚଲୁଛି । କଣ ଖାଉଛି ? ରାସ୍ତା କଡ ରେ ।

ଝାଉ ବାରିହା, ନୁଖୁରା ବାଳ ଓ ପୁଙ୍ଗୁଲା ଦେହରେ ଛାତି ତଳର ଖଣ୍ଡିଏ ପଞ୍ଜରା ଧରି ଏକୁଟିଆ ମଣିଷ ଟିଏ। ଚିରା ଧୋତି ଓ ମଇଳା ଗାମୁଛା ଧରି ବିବାହ ସମୟରେ ଏକ ଲାଇଟ୍ ବୋଝେଇ ଧରି ବରଯାତ୍ରୀ ର ଚଲା ବାଟେ ତାର ଲାଇଟ୍ ର ଆଲୁଅ ରେ ଅନ୍ଧାର ରାତି କୁ ଚିରି ଚିରି ତାର ପେଟ ପୋଷିଥାଏ । କିଏ ଦେଖୁଛି ହୃଦୟ ଭିତରେ ତା'ର ବସା ବାନ୍ଧିଥିବା ଗୁଡ଼ାଏ ଆବୁରୁ ଜାବୁରୁ ଦୁଃଖ । ତା'ର ବି' ଏକ ସ୍ୱାଭିମାନ ଅଲା ପୁଅ ଝିଅର ଛୋଟ ସଂସାରଟେ ଥିଲା ଏବଂ ସେ ବି' ଦିନ ଓ ରାତି ସାରା ଆପଣଙ୍କ ଭଳି ସବୁଜ ସ୍ୱପ୍ନ ଦେଖୁଥିଲା । କିନ୍ତୁ ଯେବେ ଦୁଃଖ ର ବାଦଲ ଛାଇଯାଏ ସେଟା କାହାକୁ କହିହୁଏ ନାହିଁ।

ପୁଅ ବି' ଆନ୍ଧ୍ର କୁ ପଳେଇବାର ଖବର ଶୁଣିଲା; କିନ୍ତୁ ସତକୁ ସତ ପୁଅ ତାର ଚୋରିକରି ଧରାପଡ଼ି ଜେଲରେ ଥିଲା । ଏତେ ବଡ଼ କଳଙ୍କର ବୋଝ ବୋହି ଆଉ ଦୁନିଆଁରେ ବଂଚି ହୁଏକି ମଣିଷ ଭଳି ! ସ୍ତ୍ରୀ ବି' ତାର ଅକାଳରେ ଚାଲିଗଲା ଜୀବନର ଏଇ ସବୁ ଦୁଃଖକୁ ଭୁଲିବା ଲାଗି ଲୋକଟା ଗୋଟିଏ ବର୍ଷ ଅଜ୍ଞାତବାସ କଲା। ଘରେ ଥିବା ବୋହୂଟି ଆଉ ତାକୁ ପଚାରିଲା ନାହିଁ ବୋଲି ଆହା ତେନ୍ତୁଳି କାଠି ସାଜିଥିବା ଶରୀର ଟି ଭୋକରେ ରହି ରହି

ISSN NO.
2582-208X

ରୁଗ୍ଣ ହୋଇଗଲା ଏବଂ ଏଥର ନିଜକୁ ଘୋଷାଡ଼ି ଘୋଷାଡ଼ି ବଂଚିବାକୁ ପଡ଼ିବ । କାରଣ – ମରିବା ଆଗରୁ ମରିହେବ ନାହିଁ ତେଣୁ ବିଚରା ରାସ୍ତାକଡ କୁ ଉଠିଆସି ଏକ ଟେଣ୍ଟପାର୍ଟି ରେ ଲାଇଟ୍ ବୋଝେଇ ର କାମ କରିବାକୁ ବାଧ୍ୟ ହେଲା। ସବୁ ଜୀବନରେ ଏମିତି ଗୋଟେ ଗୋଟେ କାହାଣୀ ଥାଏ; ମାତ୍ର ସେ କାହାଣୀକୁ ବାହାର ଲୋକ ପଢ଼ିପାରନ୍ତି ନାହିଁ । ବରଂ ଗରିବ କହି ମୁହଁ ଛିଞ୍ଚାଡ଼ି ଦିଅନ୍ତି । ଆପଣଙ୍କ ଦଶା ଏମିତି ହେବ ନାହିଁ ସେ କଥା ଆଜି ଜୋର୍ ଦେଇ କହିପାରିବେ କି ?

ଏମିତିକା ଶହ ଶହ ଲୋକ ଅଛନ୍ତି; ମଜଦୂର, ଖଟିଖିଆ ଲୋକ, ଇଟାଭାଟି ର ଲୋକ, ଦାଦନ, ବାରଜିବି, ରିକ୍ସାବାଲା ଏମାନେ ସମସ୍ତେ ରାସ୍ତା କଡ ର ମଣିଷ । ଏ ମାନଙ୍କର ଦୁଃଖ ଦେଖିଲେ କାହା ଆଖିରୁ ଲୁହ ଝରେ କି ନାହିଁ, ହୃଦୟ ସମବେଦନାରେ ବିଗଳିତ ହୋଇଯାଏ କି ନାହିଁ, ମୁଁ ଜାଣେ ନାହିଁ । ମୁଁ କିନ୍ତୁ ସେମାନଙ୍କୁ ଖୁବ୍ ପାଖରୁ ଦେଖୁଛି । କାତର ହୋଇ ସେମାନଙ୍କର ଦୁଃଖକୁ ଉପଲବ୍ଧି କରିଛି ।

ଏମାନେ ସତରେ ସମସ୍ତେ ଖୁବ୍ ଅବହେଳିତ, ଉପେକ୍ଷିତ ଏବଂ ଲାଞ୍ଛିତ । ଏମାନେ ଶିଖୁନାହାନ୍ତି ପ୍ରତିବାଦ କରିବାର ସ୍ୱର । ଜାଣି ନାହାନ୍ତି ରାସ୍ତା ଉପରକୁ ଉଠି ଆସି ଟାୟାର ଜାଳି ହକ୍ ଛଡେଇ ନେବାର ସ୍ଲୋଗାନ । ତଥାପି ଏମାନେ ମଣିଷ, ଖୁବ୍ ସରଳ, ଶାନ୍ତ ଓ ନୀରିହ ପଣ ତାଙ୍କର ଚରିତ୍ର ଓ ପ୍ରବୃତ୍ତି । ତଥାପି ଏମାନେ ସବୁଠି ବଂଚିଛନ୍ତି ମରିବା ପର୍ଯ୍ୟନ୍ତ କେତେ ବେଳେ ପ୍ଲାଟଫର୍ମରେ ତ' ଆଉ କେତେ ବେଳେ କାହାର ନଡ଼ା ଛପର ଓଳି ତଳେ ଅଥବା ଅପରିଷ୍କାର ଭାବରେ ପଡ଼ିରହିଥିବା ସହରି ବଜାରର ପ୍ରତୀକ୍ଷାଳୟ ଭିତରେ।

ସବୁ ବ୍ୟବସ୍ଥା ଭିତରେ ଆଞ୍ଜୁଳା ଆଞ୍ଜୁଳା ଅବ୍ୟବସ୍ଥା ଲୁଚି ରହିଥାଏ । ଗୋଟେ ଗରୀବି ସ୍ତ୍ରୀ ଲୋକ ତାର ଗୋଟେ ପିନ୍ଧା ପଣତକୁ ସିଲେଇ କଲା ବେଳକୁ ଆର ପଣତଟି ଫରକିନା ଚିରି ହେବାଯାଏ ଏମାନଙ୍କ ଜୀବନର ଦୁଃଖ ! ଅଥଚ ଦେଶ କ୍ରମେ ବିକାଶ କରୁଛି ବୋଲି ସ୍ଲୋଗାନ ପରେ ସ୍ଲୋଗାନ ଚାଲିଥାଏ ! ! !

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Mob- 9337129142
Email- ayushbadhai191@gmail.com

ISSN NO.
2582-208X

# ମୋ ମାମା



ସଙ୍ଗୀତା ମହାନ୍ତ

ମାମାଙ୍କ ନା ହେଲା ଶର୍ମିଷ୍ଠା
ସବୁ କାମରେ ତାଙ୍କର ଭାରି ନିଷ୍ଠା
ସ୍ନେହ ଶ୍ରଦ୍ଧାରେ ସେ ବାନ୍ଧି ନିଅନ୍ତି ସଭିଙ୍କୁ
ସେଥିପାଇଁ ଭଲ ପାଆନ୍ତି ସଭିଏଁ ତାଙ୍କୁ
ନାହିଁ ତାକ ପାଖେ ଧନ ହେଲେ ରଖନ୍ତି ସଭିଙ୍କ ମନ
ପର କି ଆପଣା କେବେ କାହାକୁ ଭାବି ନାହାନ୍ତି
ସେଥିପାଇଁ ଲକ୍ଷ୍ମୀ ତାଙ୍କ ପାଖେ ଛନ୍ତି
ଲକ୍ଷ୍ମୀ ପ୍ରତିମା ମୁହଁଟି ତାଙ୍କ ର ଦେଖିବାକୁ ଭାରି ସୁନ୍ଦର
ଘରେ ନଥିଲେ ସେ ଲାଗେନି ଘର ପରି
ଲାଗେ ଯେମିତି ସତେକି ମା ଲକ୍ଷ୍ମୀ ଯାଇଛନ୍ତି ଦୂରେଇ
ସେ ହାତ ପରସାରେ ଥାଏ କେତେ ସ୍ୱାଦ
ଦିନକୁ ଦିଏ ମୁଁ ହଜାରେ ବରାଦ
ସତରେ ମା ର ନାମଟି ବଡ ମଧୁର
ଦୁନିଆରେ ନାହିଁ କେହି ତା ଠୁ ସୁନ୍ଦର
ପଇସା ମାଗିଲେ କମ କରିକି ଦିଏ
କିନ୍ତୁ ଖାଇବା ବେଳେ ରୁଟି ଗୋଟେ ମାଗିଲେ ଦୁଇଟି ଥୋଇ ଦେଇଥାଏ
ମାଲୋ ତୋ ପଣତ କାନି ମତେ ସରଗ ଦେଇଛି ଆଣି
ମଧୁଠୁ ମିଠା ତୋ କଥା ହଜାଇ ଦିଏ ମୋ ମନ ବ୍ୟଥା
କିଏ ବା ସୁଝିଛି ମାର ତ୍ୟାଗକୁ ତ୍ୟାଗର ମୂରତି ସିଏ
ମୃତ୍ୟୁର କୋଳରେ ଶୋଇ କରି ନିଜେ ସନ୍ତାନକୁ ଜନ୍ମ ଦିଏ

ISSN NO.
2582-208X

ଦୟା, କ୍ଷମା, ସ୍ନେହ ପ୍ରେମର ମୂର୍ତ୍ତି ଅଟେ
ଗଙ୍ଗା ଠାରୁ ଅଟେ ପବିତ୍ର ସିଏ
ସବୁରି ସୁଖରେ ସବୁରି ଦୁଃଖରେ
ସବୁ ସମୟରେ ସେ ପାଖରେ ଥାଏ
ତା ଋଣ କେବେବି ସୁଝି ହେବନି
ତାର ସ୍ଥାନ କେହି ନେଇ ପାରିବେନି
ବିନା ସ୍ୱାର୍ଥରେ ସେ ଆମକୁ ଭଲ ପାଉଥାଏ
ନୀତି ଠାକୁରଙ୍କ ପାଶେ ଆମ ପାଇଁ ଶୁଭ ମନାସେ ॥

ତୁଳସୀପୁର, ମଠସାହି

ବେଦାନ୍ତୀର ପୁରୁଣା ସଂଖ୍ୟା ସବୁ ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# କଳ୍ପନା ରେ ମୋ ଭ୍ରମଣ କାହାଣୀ



ଆୟୁଷ୍ମାନ ତ୍ରିପାଠୀ

(ଭାଗ ୧)

ବର୍ଷା ର ଶୀତଳ ସ୍ପର୍ଶ ସହ ସୌଦାମିନୀ ର ଝଙ୍କାର ସେ ରାତି କୁ କଳ୍ପନା ର ମାନଚକ୍ର ରେ ବାନ୍ଧି ଦେଇଛି ଏକ ଅକୁହା ଉପନ୍ୟାସ ପରି।

ସେଦିନ ଥିଲା ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ର ରାତି, ଇଂରାଜୀ ରେ ୨୦୧୮ ମସିହା ଶେଷ ଜୁନ (୧୮ ତାରିଖ ) । କୃଷ୍ଣକାୟ ରାତ୍ରି ର ଆସ୍ତରଣ ରେ ଖେଳିଯାଇଥାଏ ଏକ ଅକୁହା ଭୟ ର ବାତାବରଣ। ଚାରିଆଡେ କେବଳ ଅନ୍ଧକାର ଏବଂ ନିଶ୍ଚଳତା। ଶବ୍ଦହୀନ ଭାବେ ସତେ ଯେମିତି ପରିବେଶ ଟା ପ୍ରକୃତି ସହ ବିଳାସ ବ୍ୟସନ ରେ ସମୟ ଅତିବାହିତ କରୁଛି। କୃଷ୍ଣପାଟ ପରିଧାନ କରି ଦିବ୍ୟ ସୁନ୍ଦରୀ ପ୍ରକୃତିରାଣୀ ପରିବେଶ ସହ ଅପୂର୍ବ ଲୀଳା ସମ୍ବରଣ କରୁଛି। ଚପଳା ର ଝଙ୍କାର ତାଙ୍କ ପାଇଁ ମଧୁର ସଙ୍ଗୀତ ର ମୂର୍ଚ୍ଛନା, ତଥା ଘନ ର ଘନୀଭୂତ ଜଳବିନ୍ଦୁ ତାଙ୍କ ପାଇଁ ସାଜିଛି ସ୍ନିଗ୍ଧତାର ଉତ୍ସ। ମଧୁମୟ ସମୀରଣ ଏବଂ ଗଗନ ରେ ପ୍ରଜ୍ୱଳିତ ହେଉଥିବା ବଜ୍ର ସେଇ ରାତି କୁ ଆହୁରି ଅନେକ ଆକର୍ଷିତ କରିଦେଇଥିଲା। ଅଗ୍ନୀସମ କୀଟଙ୍କ ରଶ୍ମୀ ବିନ୍ଦୁ ଗୁଡ଼ିକ ସେହି ପରିବେଶ କୁ କରିଦେଉଥିଲା ମନଲୋଭା। ପ୍ରକୃତି ଏବଂ ପରିବେଶ ର ମିଳନ ର ରାତି, ଲାବଣ୍ୟବତୀ ପ୍ରକୃତି ନିଜ ଅପରୂପ ସୌନ୍ଦର୍ଯ୍ୟ ର ଛିଟାରେ ଭ୍ରମିତ କରିଦେଇଥିଲା ପରିବେଶକୁ। ମେଘ ର ମଲ୍ଲାର ଦଶଦିଗ କୁ କରିଦିଏ ଅପୂର୍ବ ସୋନ୍ଦର୍ଯ୍ୟମୟ। ଏପରି ଅପୂର୍ବ ରଜନୀ ରେ ସମୟ ର ଚକ୍ରବ୍ୟୁହ ଆରମ୍ଭ କରିଛି ନିଜ ଯୋଜନା, ଉଦ୍ଦେଶ୍ୟ କେବଳ ସେଇ ଦିବ୍ୟ ମନଲୋଭା ଅଭିମନ୍ୟୁ କୁ ନିଜ ଚକ୍ରବ୍ୟୁହ ଭିତରକୁ ନେବା। ଧୀରେ ଧୀରେ ସମୟ ସହ

ISSN NO.
2582-208X


ତାଳ ମେଳେଇବାକୁ ଆଗେଇ ଆସିଲେ ବରୁଣ, ସମୀର, ତଥା ଅନ୍ୟାନ୍ୟ ପଞ୍ଚ ମହାଭୂତ। ସ୍ୱର୍ଗପତି ଇନ୍ଦ୍ର ଙ୍କ ଅମୋଘ ବଜ୍ର ର ଟଙ୍କାର ଏବଂ ଝଙ୍କାର ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ରେ ଭରିଦେଲା ଭୟ ତଥା ପ୍ରଜାତ୍ୱ ର ମହାଦ୍ରୁମ। ନିଘଞ୍ଚ ଶବ୍ଦହୀନ ପରିବେଶ ରେ ମନ୍ତ୍ରପାଠ ର ସୁତାନ ତଥା ସୁଗାନ ଚତୁର୍ଦ୍ଦିଗ କୁ କରିଦେଇଛି ଆବେଶମୟ। ସୃଷ୍ଟି ଓ ଶକ୍ତି ର ମିଳନ ର ରାତି, ଏ ମହା ଶୀତଳଷଷ୍ଠୀ ର ରାତ୍ରୀ। ବେଦ ମନ୍ତ୍ରପାଠ, ଶିବ ଶକ୍ତି ଆରାଧନା ତଥା ମନ୍ତ୍ର ତନ୍ତ୍ର ଓ ଉପାସନା ର କେନ୍ଦ୍ର ସାଜିଛି ଏ ଧରିତ୍ରୀ। ଏ ଗୋଟିଏ ରାତ୍ରୀ ଯେମିତି କେବଳ ପ୍ରଭୁ ନୀଳକଣ୍ଠ ଏବଂ ମାତା ଆଦିଶକ୍ତି ଙ୍କ ପ୍ରଣୟ ର ମହାସ୍ଥଳୀ।

ଝାପସା ଆଲୁଅ ସହ ଘନ ଅନ୍ଧକାର ରେ କବାଟ ପାଖରେ ପ୍ରତିଫଳିତ ହେଲା କାହାର ଛାୟା ଟି।

କିଏ......................, କିଏ......................

କିଏ ସେଠି......?

ଖଟ ରୁ ଡରି ଡରି ଉଠି କବାଟ ପାଖକୁ ଗଲେ ସେ । କୋଠରୀ ର କବାଟ ଟା ଖୋଲି ଦେଖିଲା ବେଳକୁ ତାଙ୍କ ହୃଦ୍ ସ୍ପନ୍ଦନ ର ମାତ୍ର ବଢ଼ିକି ଏକା ଥରକେ ରେଳ ଗାଡ଼ି ଚାଲିବା ପରି ଶୁଭୁଥାଏ। ହୃଷ୍ଟପୃଷ୍ଟ ଭୀମକାୟ ଶରୀର, ବଜ୍ରବାହୁ ଦ୍ୱୟ ସୁଶକ୍ତ ତଥା ସୁଦୃଢ଼। କବାଟ ବାହାରେ ଥିଲା ତାଙ୍କ ଗୋଟିଏ ବୋଲି ନାତି ଅଙ୍କୁର। ପଚିଶ ବର୍ଷ ର ତପସ୍ୟା ର ଫଳ ଟି ସେଇ ଅଙ୍କୁର, ବୃଦ୍ଧ ଅଜା ଙ୍କ ବଙ୍କୁଳିବାଡି ସେଇ ଅଙ୍କୁର। ପ୍ରତି ବର୍ଷ ଅଙ୍କୁର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଭ୍ରମଣ କରି, ନିଜ ଅନୁଭୂତି ଅଜା ଙ୍କ ସହ ବାଣ୍ଟିଥାଏ । ଅଜା ସେସବୁ ଶୁଣି ନିଜ କଳ୍ପନା ର ତୂଳୀ ରେ ଆଙ୍କି ଦିଅନ୍ତି ପ୍ରକୃତି ର ମନୋହର ରୁପକାନ୍ତି ତଥା ସୌନ୍ଦର୍ଯ୍ୟ । ପରିବେଶ ର ଅନିୟମିତତା ତଥା ପରିବର୍ତ୍ତନଶୀଳ ଜଳବାୟୁ ହେତୁ ଅଙ୍କୁର ର ଲଦାଖ ଯିବା ର ସ୍ୱପ୍ନ ଅଧାରେ ରହିଯାଇଥିଲା କିନ୍ତୁ ଏଇ କଥା ନିଜ ଅଜାଙ୍କୁ କହିବାରେ ତାକୁ ଭଲ ଲାଗୁନଥିଲା। ଅଜା ଙ୍କୁ ଭେଟିଲା ପରେ ତାର ଜୀବନ ଏକ ନୂତନ ଦିଗକୁ ଆଗେଇବା ଆରମ୍ଭ ହେଇ ସାରିଥିଲା। ଚିନ୍ତା ର ରଜନୀ ର ପତନ ପରେ ଉତ୍ଥାନ ହେଲା ପ୍ରଶ୍ନବାଚୀ ଦିବସ ।

ISSN NO.
2582-208X

ପାହାନ୍ତିଆ ଶୀତ ବେଳକୁ ଗରମା ଗରମ ଚା ଟିକିଏ ର ଯୋଉ ମଜା ଆଃ । ଦୀର୍ଘଶ୍ୱାସ ପକାଇ ଅଙ୍କୁର ଗଭୀର ଚିନ୍ତା ରେ ରହିଛି। କଳ୍ପନା ର ମଧୁର ବିନ୍ୟାସ ରେ ମିଥ୍ୟା ଭ୍ରମଣ ଅନୁଭୂତି ରଚନା କରିବାରେ ଅଙ୍କୁର ବ୍ୟସ୍ତ। ଦୀର୍ଘ ଗୋଟିଏ ଘଣ୍ଟା ଭାବିବା ପରେ ଶେଷରେ ଅଙ୍କୁର ପ୍ରସ୍ତୁତ ହେଇ ସାରିଥିଲା ଅଜା ଙ୍କୁ ସତ କହିଦେବାକୁ। କିନ୍ତୁ ବୋଧେ ସେଇ ଦିନ ଉଭୟ ପ୍ରକୃତି ଓ ପରିବେଶ ଙ୍କୁ ଇଚ୍ଛା ଥିଲା ଯେ ଅଙ୍କୁର ଠୁ ମିଥ୍ୟା ହେଲେବି ଭ୍ରମଣ କାହାଣୀ ଶୁଣିବେ। ନିୟତି କୁ କିଏ ଅବା ଅଟକେଇପାରିବ। ସେଦିନ ଦିପହର ବେଳରେ ଅଜା ଏବଂ ନାତି ବସି କଥା ହେଉଥିଲେ, ଅଜାଙ୍କ ମୁହଁରୁ ବାହାରି ପଡ଼ିଲା, ଆରେ...... ନାତିଆ, ଏଇ ଥର ର ଅନୁଭୂତି ଟା କହ, ମୁଁ ଜାଣିବାକୁ ବହୁତ ଇଚ୍ଛୁକ ଯେ ଲଦାଖ ଟା କେମିତି, କିପରି ପରିବେଶ, କିପରି ପ୍ରକୃତି ର ଦୃଶ୍ୟ ତଥା କଣ ସେ ମନମୁଗ୍ଧକର ପଦାର୍ଥ ଯାହା ଅସଂଖ୍ୟ ପର୍ଯ୍ୟଟକ ଙ୍କୁ ବାନ୍ଧି ରଖିଛି।

ସିନ୍ଧେକେଲ୍, ବଲାଙ୍ଗିର

ବେଦାନ୍ତୀର ପୁରୁଣା ସଂଖ୍ୟା ସବୁ ଆପଣ www.vedantimagazine.com କୁ ଯାଇ ପଢ଼ିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ବା ରେ ପ୍ରେମ



ଚତ୍ତରଞ୍ଜନ ବେହେରା

କିଏ ପ୍ରେମ କରି ହିରୋ ହେଇଯାଏ
କିଏ ହେଇଯାଏ ଜିରୋ ।
ଧୋକା ଖାଇ କିଏ ହାତ କାଟି ଦିଏ
କିଏ ମଦ କରେ ବ୍ୟବହାର ।।

କିଏ ସ୍ୱାମୀ ଛାଡ଼ି ଅନ୍ୟ ପିଲା ସାଥେ
ତାରେ ନାରେ ଲୀଳା କରେ ।
ଘଇତା କୁ ସପିଙ୍ଗ ଯାଉଛି କହି
ବାଇକ୍ ରେ ବସି ବୁଲେ ।।

ଦେଢ଼ଶୁର ନାମେ ନମ୍ବର ସେଭ୍ କରି
ସ୍ୱାମୀ ଗପେ ତରୁଣୀ ସଙ୍ଗେ ।
ଯାତ୍ରା କୁ ନିଜ ସ୍ତ୍ରୀକୁ ନ ନେଇ
ଭିଜେ ନୂଆ ପ୍ରେମିକା ରଙ୍ଗେ ।।

ତିନିଟା ଛୁଆ ର ମା ସାଥେ ଏଠି
ଚାରୋଟି ଛୁଆର ବାପା ।
ଅଠର ବର୍ଷ ପ୍ରେମିକ ଏଇଠି
ବୁଢ଼ୀ ଠାରୁ ଖାଏ ଧୋକା ।।

ISSN NO.
2582-208X

ପ୍ରେମ ପାଇଁ କେମିତି ଶକ୍ତି ଆସିଲା
କିଛି ବି ଭାବି ହଉ ନାହିଁ ।
ଅଣ୍ଡା ଛତୁଆ ପ୍ରଭାବ କି ଏଇଟା
ଗବେଷଣା ରୁ ଜଣା ପଡୁନାହିଁ ।।

ବୌଦ୍ଧ

ବେଦାନ୍ତୀର ପୁରୁଣା ସଂଖ୍ୟା ସବୁ ଆପଣ www.vedantimagazine.com କୁ ଯାଇ ପଢିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO. 2582-208X


# ଅଲମ୍ପିକ୍ ତାରକା : ଦୀପଗ୍ରେସ୍ ଏକ୍କା



ରାମ ଚନ୍ଦ୍ର ପ୍ରଧାନ

"ବଣର ମଲ୍ଲୀ ବଣରେ ଫୁଟି ମଉଳି ଯାଏ" –ଏହି ଢଗକୁ ଆଜି ଭୁଲ୍ ପ୍ରମାଣିତ କରିଛନ୍ତି ଆଦିବାସୀ ଅଧ୍ୟୁଷିତ ଅଂଚଳ ସୁନ୍ଦରଗଡ଼ ଜିଲ୍ଲାର ମହିଳା ହକି ଖେଳାଳୀ ଦୀପଗ୍ରେସ୍ ଏକ୍କା । ଭାରତୀୟ ମହିଳା ହକି ଜଗତରେ ଦୀପଗ୍ରେସ୍ ଏକ୍କା ଜଣେ ସୁପରିଚିତ ନାଁ । ସେ 1994 ମସିହା ଜୁନ୍ 3 ତାରିଖରେ ବାଲିଶଙ୍କରା ବ୍ଲକର ଏକ ନିପଟ ମଫସଲି ଗାଁ ବ୍ରାହ୍ମଣୀପାଲିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚାର୍ଲସ ଏକ୍କା ଓ ମାତାଙ୍କ ନାମ ଜୟମଣୀ ଏକ୍କା । ଏହି ଗରିବ ଚାଷୀ ପରିବାରର ଝିଅକୁ ଦିନେ ଜୋତା ଆଉ ଖେଳ ସାମଗ୍ରୀ ଯୋଗାଇ ପାରୁ ନ ଥିବା ପରିବାରର ଆର୍ଥିକ ସ୍ଥିତି ସୁଧାରିଛି ଝିଅର ସଫଳତା । ଗୁଣ୍ଠେ ଜମିରେ ଚାଷ କରି ଝିଅକୁ ଖେଳ ଶିଖାଇବା ବାପାଙ୍କ ପାଇଁ ଏକ କାଠିକର ପାଠ ଥିଲା । ପିଲାଟିବେଳୁ ହକି ଖେଳ ପ୍ରତି ଝିଅର ଅହେତୁକ ଆଗ୍ରହ ଦେଖି ପରିବାର ଆଗକୁ ବଢ଼ିଥିଲା ଏବଂ ଝିଅକୁ ଖେଳ ଶିଖାଇବା ପାଇଁ ବାପା ଚାର୍ଲସ ନିଜ ପେଟ ପାଟିକୁ ମାରି ସୁନ୍ଦରଗଡ଼ର ସାଇ ହଷ୍ଟେଲରେ ଦୀପଗ୍ରେସର ଆଡ଼ମିସନ କରାଇ ଥିଲେ । ଦୀପଗ୍ରେସ୍ ଏକ୍କା 2011 ମସିହାରେ ଅଠର ବର୍ଷରୁ କମ୍ ଏସିଆ କପରେ ପଦାର୍ପଣ କରିଥିଲେ । ଏହା ପର ଠୁ ସେ ଆଉ ପଛକୁ ଫେରି ନାହାଁନ୍ତି । ଏଯାବତ୍ ସେ 200ରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଓ ଦୁଇଟି ଅଲମ୍ପିକ୍ ଖେଳି ଦେଶ ତଥା ରାଜ୍ୟ ପାଇଁ ଅନେକ ପଦକ ଓ ଢେର ସାରା ଗୌରବ ସାଉଁଟିଛନ୍ତି ।

ଅଧୁନା ଭାରତୀୟ ମହିଳା ହକିରେ ଦୀପଗ୍ରେସ୍ ଏକ୍କା ଜଣେ ଦକ୍ଷ ଡ଼ିଫେଣ୍ଡର ଭାବେ ପରିଚିତ । ପିଲାଟି ବେଳୁ ଜଣେ ଗୋଲ୍ କିପର ଭାବେ ଖେଳିବାକୁ ସ୍ୱପ୍ନ ଦେଖିଥିବା ଦୀପଗ୍ରେସ ନିଜ ମାମୁଁ ତଥା କୋଚଙ୍କ ନିର୍ଦ୍ଦେଶରେ ଜଣେ ଡ଼ିଫେଣ୍ଡର ଭାବେ ଖେଳି ବହୁ ସଫଳତା ପାଇଥିଲେ ।

ISSN NO.
2582-208X

ତାଙ୍କ ଭାଗିଦାରୀରେ ଭାରତୀୟ ମହିଳା ହକି ଦଳ 2013 ଏସିଆ କପରେ ବ୍ରୋଞ୍ଜ, 2014 ଏସିଆନ ଗେମ୍ସରେ ବ୍ରୋଞ୍ଜ, 2016 ବିଶ୍ୱ ହକି ଲିଗରେ ସ୍ୱର୍ଣ୍ଣ, 2017 ଏସିଆନ ଚମ୍ପିୟାନସିପରେ ସ୍ୱର୍ଣ୍ଣ ଏବଂ 2018 ଏସିଆନ ଗେମ୍ସରେ ରୌପ୍ୟ ପଦକ ହାସଲ କରିଥିଲା। ଲଣ୍ଡନରେ ଅନୁଷ୍ଠିତ 2020 ଟୋକିଓ ଅଲମ୍ପିକରେ ଦୀର୍ଘ 40 ବର୍ଷ ପରେ ସେମିରେ ପ୍ରବେଶ କରି ଇତିହାସ ରଚିଥିଲା ଭାରତୀୟ ମହିଳା ହକି ଦଳ । ସେମିଫାଇନାଲରେ ହାରି ଯାଇଥିଲେ ସୁଦ୍ଧା ଏହି ମହିଳା ହକି ଦଳ ସବୁ ଭାରତୀୟଙ୍କ ହୃଦୟ ଜିତିଥିଲା । ଆଉ ଲଢୁଆ ଖେଳ ପ୍ରଦର୍ଶନ କରି ଦରବାରରେ ଭାରତ ମାତାର ଟେକ ରଖିଥିଲେ ଏଇ ଓଡ଼ିଆ ଖେଳାଳୀ । ସେ ମହିଳା ଭାରତୀୟ ହକି ଦଳର ଉପ ଅଧିନାୟିକା ପଦବୀ ହାସଲ କରି ଓଡିଶା ପାଇଁ ଗର୍ବ ଓ ଗୌରବ ସାଜିଥିଲେ । ଅପୂର୍ବ ହକି ଖେଳ ପ୍ରଦର୍ଶନ ପାଇଁ ଦୀପଗ୍ରେସଙ୍କୁ 2019 ମସିହାରେ ସ୍ପୋର୍ଟ୍ସ ଉମ୍ୟାନ୍ ଅଫ୍ ଦି ଇଅର ପୁରସ୍କାର ଏବଂ 2020 ମସିହାରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ମିଳିଥିଲା । ସେ ଇଗ୍ନେସ ତିର୍କି, ପ୍ରବୋଧ ତିର୍କି ଓ ସୁନିତା ଟପ୍ପୋ ଭଳି ଖେଳାଳୀଙ୍କ ଠାରୁ ଅନୁପ୍ରାଣିତ ହୋଇଛନ୍ତି । ଟୋକିଓ ଅଲମ୍ପିକରେ ଭାରତୀୟ ମହିଳା ହକି ଦଳ ସେମିରେ ପ୍ରବେଶ କରିଥିବାରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଦୀପଗ୍ରେସଙ୍କୁ 50 ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ । ସେ ବର୍ତ୍ତମାନ ମୁମ୍ବାଇର ରେଳ ବିଭାଗରେ ଚାକିରୀ କରୁଛନ୍ତି । ସେ ନିଜ ବଳିଷ୍ଠ ପ୍ରତିଭାର ଚମକରେ ସମସ୍ତଙ୍କୁ ଚମକାଇ ଦେଇଛନ୍ତି । ହକି ଖେଳର ଯାଦୁକାରି ସ୍ପର୍ଶରେ ସେ ଅନେକ ଯୁବପିଢିଙ୍କ ଆଦର୍ଶ ପାଲଟି ଯାଇଛନ୍ତି । ମୋଟ ଉପରେ କହିବାକୁ ଗଲେ ଦୀପଗ୍ରସ୍ ଏକ୍କା ଜଣେ ଅପ୍ରତିଦ୍ୱନ୍ଦୀ ମହିଳା ହକି ଖେଳାଳୀ ଯାହାଙ୍କ ଲଢୁଆ ଖେଳର ପ୍ରଦର୍ଶନ ମ୍ୟାଚ୍ ବେଳେ ପଡ଼ିଆରେ ଦେଖିବାକୁ ମିଳେ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

ISSN NO.
2582-208X

# ପକ୍ଷୀଆ

ଅନନ୍ତ କୁମାର ସାହୁ

ପକ୍ଷୀଆ ଶବ୍ଦ ଆଜିର ଅଧୁନା ଯୁଗର ପିଲାମାନଙ୍କୁ କହିଲେ ଆଶ୍ଚର୍ଯ୍ୟ ହେଇ ଏଣେତେଣେ ଚାହୁଁଛନ୍ତି । ଲାଗୁଛି ଯେମିତି ଏ ଓଡ଼ିଶାରେ କି ଓଡିଆ ଘରେ ଚାଷୀ କୂଳର ପିଲା ନୁହଁ । ଏ ପକ୍ଷୀଆ ଶବ୍ଦ ଆଉ ଶୁଣିବାକୁ ମିଳୁନି କି ପ୍ରାୟତଃ ଦେଖିବାକୁ ମିଳୁନି । ଧୀରେ ଧୀରେ ଲୁପ୍ତ ହେଇ ଗଲାଣି ଅତୀତର ଏ ହାତ ତିଆରି ସରସ ସୁନ୍ଦର ଜିନିଷ । ପକ୍ଷୀଆ ବର୍ଷା ଦିନ ଆସିଲେ ପ୍ରାୟ ସବୁ ଆଡେ ଦେଖିବାକୁ ଆଗରୁ ମିଳୁଥିଲା । ପକ୍ଷୀଆ ଚଷା ପୁଅର ବର୍ଷା ଦିନରେ ହାତ ବାରିସି । ଚାଷୀ ପରିବାରରେ ଏ ପକ୍ଷୀଆ ବରଷ ଯାକ ସଙ୍ଗା ଉପରେ ରହିଥାଏ । ଠିକ୍ ବରଷାର ଆଗମନ ହେଲେ ଚଷା ପୁଅ ବ୍ୟବହାର କରିଥାଏ ।

ପକ୍ଷୀଆ କେଉଁ ମୂଲ୍ୟବାନ ଧାତୁରେ ଗଢା ନୁହଁ ସାମାନ୍ୟ କିଛି ବରଡା ପତରରେ ଛନ୍ଦାଛନ୍ଦି ହେଇ ସିଲେଇ କରି ସୁନ୍ଦର ଭାବେ ତିଆରି କରାଯାଇ ଥାଏ । ପକ୍ଷୀଆକୁ ଦୂରରୁ ଦେଖିବାକୁ ନୂଆ ବହୁର ଓଢ଼ଣା ଟିଏ ପରି । କେଡେ ସୁନ୍ଦର ଦିଶେ ଯେତେବେଳେ ବର୍ଷା ହେଉଥାଏ ଚଷା ପୁଅ ପକ୍ଷୀଆ ଘୋଡି ହେଇ ହଳ ଲଙ୍ଗଳ ଧରି କାମ କରୁଥାଏ । ଶ୍ରାବଣର ବାରିଧାରା ହେଉ କି ବନ୍ୟା ବାତ୍ୟା ଯାହା ବି ହେଉ ପକ୍ଷୀଆ ସବୁ ଝଡରୁ ପାରି କରିଥାଏ । ଅତୀତର ଗାଁ ଗଣ୍ଡାରେ ଚାରି ଆଡେ ଦିଶୁଥିଲା ଆଉ ବର୍ଷା ଦାଉରୁ ମୁକ୍ତି ଦେଉଥିଲା । ବର୍ଷା ହେଲେ ସେତେବେଳେ ବିଲ ଯାକ ପକ୍ଷୀଆ ମୟ ଆହା କି ମନଲୋଭା ପରିବେଶ କି ସୁନ୍ଦର ତାହାର ପରିକଳ୍ପନା ଆଜିର ନୂତନ ପିଢି କରି ପାରିବେ ନାହିଁ । ବର୍ଷା ଅସରା ଅସରା ମେଘ ହେଉଥିବ ବୁଢି ବେଙ୍ଗୁଲି କଟର କଟର କରୁଥିବ ଚାଷ ଜମି ସବୁଜିମା ଦିଶୁଥିବ ପକ୍ଷୀଆ ମୁଣ୍ଡ ଉପରେ ଥିବ । ଓଃ କି ଦୃଶ୍ୟ ଭାବିଲା ବେଳକୁ ମନ ପ୍ରଫୁଲ୍ଲିତ ହେଇ ଯାଉଛି । କି ଝଡି କି ତୁଫାନ କି ରାତି କି ଦିନ ବରଷା ରାତିର ସାଥୀ ପକ୍ଷୀଆ । କେତେ ବଡ ବଡ ମହାବାତ୍ୟା କେତେ ବଡ ବଡ ବନ୍ୟାରେ ତମାମ ଅନ୍ଧକାର ରାତିରେ ମୁଣ୍ଡରେ ପକ୍ଷୀଆ ଆଉ ମିଞ୍ଜି ମିଞ୍ଜି ହେଇ ଜଳୁଥିବା ଲଣ୍ଠନ ଦେବ ଦୂତ ସାଜି ବଡ ବିପଦରୁ ପାରି କରିଛି ।

ISSN NO.
2582-208X

ଆଉ ସେ ଦିନ ନାହିଁ ଯେ ଆକାଶରେ କଳା ବାଦଲ ଘୋଟି ଆସିଲେ ଲୋକ ପକ୍ଷୀଆ ଖୋଜିବେ । ଏବେ ଅଧୁନା ଯୁଗର ପିଲା ମାନେ ଟିକିଏ ବର୍ଷା ଆଧୁନିକ ଜ୍ଞାନ କୌଶଳରେ ତିଆରି ଦାମି ଦାମି କଳା କଳା ଛତା କିମ୍ବା ରେନ କୋର୍ଟ ବ୍ୟବହାର କରୁଛନ୍ତି । ହେଲେ ଏ ସବୁ ବଡ ବଡ ବର୍ଷା ଝଡି ତୁଫାନରୁ ପକ୍ଷୀଆ ଭଳି ସୁରକ୍ଷା ଦେଇ ପାରିବ ନାହିଁ । ହେଲେ ଆଜିର ଅଧୁନା ଯୁଗରେ ନୂତନ ପିଢି ବୁଝି ପାରୁ ନାହାଁନ୍ତି, ନିଜର ଷ୍ଟାଇଲ ପାଇଁ ଏ ସବୁକୁ ବ୍ୟବହାର କରୁ ନାହାଁନ୍ତି । ଯାହା ଆଉ ଏ ପକ୍ଷୀର ଆକାର ପରୀ ହେଇଥିବା ବରଡା ପତରରେ ତିଆରି ପକ୍ଷୀଆ ଦେଖିବାକୁ ମିଳୁନି । ଧୀରେ ଧୀରେ ଲୁପ୍ତ ହେଇ ଗଲାଣି ,ବୋଧ ହୁଏ ଆଗାମୀ ଭବିଷ୍ୟତରେ ପିଲା ମାନେ ବ୍ୟବହାର ତ ଦୂରର କଥା ଏ ପକ୍ଷୀଆ କଣ ପଚାରିଲେ ଅବାକ ହେଇ ଯିବେ । ଆମ ଓଡ଼ିଆ ପରମ୍ପରା, ସଂସ୍କୃତି, କଳାକୃତି ଅତି ସୁନ୍ଦର ଓ ବେଶ ମନରୋମ ତାକୁ ବଞ୍ଚାଇ ରଖିବା ଆମର କର୍ତ୍ତବ୍ୟ ।

ତିହିଡି ,ଭଦ୍ରକ ,
ଯୋଗାଯୋଗ –୮୩୩୯୯୩୯୯୨୯

ISSN NO.
2582-208X

# ରଥଯାତ୍ରା ଖବର

ବେଦାନ୍ତୀ ପରିବାର

(ଶ୍ରୀ ପ୍ରଦୀପ ସ୍ୱାଇଁ, ଅଧକ୍ଷ, ଶ୍ରୀକ୍ଷେତ୍ର ମିତ୍ର ମଣ୍ଡଳ ଟ୍ରଷ୍ଟ ଙ୍କ ଠାରୁ ପ୍ରାପ୍ତ ହୋଇଥିବା ଖବର)

ପୁନେରେ ପ୍ରବାସୀ ଓଡିଆ ପରିବାର ଶ୍ରୀକ୍ଷେତ୍ର ମିତ୍ର ମଣ୍ଡଳ ଟ୍ରଷ୍ଟ ତରଫରୁ ଶ୍ରୀ ଗୁଣ୍ଡିଚା ଯାତ୍ରା ଓ ରଥଯାତ୍ରା ବଡ ଧୁମଧାମରେ ଆନନ୍ଦ ଉଲ୍ଲାସର ସହିତ ପାଳନ ହୋଇଯାଇଛି । ଏଥିରେ ପୁନେ ସହରର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୦ ହଜାରରୁ ଅଧିକ ପ୍ରବାସୀ ଓଡିଆମାନେ ସାମିଲ ହୋଇଥିଲେ । ରଥଯାତ୍ରା ଲାଣ୍ଡେୱାଡି ସ୍ଥିତ ଦତ୍ତ ମନ୍ଦିର ଛକରୁ ଆରମ୍ଭ ହୋଇ ଭୋସରୀ ଗାଓଁ ଓ ଧାଳନ୍ଦୀ ରୋଡ ମାର୍ଗେ ଦୀପ ଲନ୍ସ ଠାରେ ସମାପ୍ତ ହୋଇଥିଲା ।

ଏଥିରେ ସ୍ଥାନୀୟ ନଗର ସେବକ ଶ୍ରୀ ସନ୍ତୋଷ ଲୋଣ୍ଡେ, ଜ୍ୟେଷ୍ଠ ସମାଜସେବକ, ଜ୍ୟେଷ୍ଠ ନଗର ସେବକ ଶ୍ରୀ ବସନ୍ତ ଲୋଣ୍ଡେ ସାହେବ ସମେତ ଶ୍ରୀ ପ୍ରବୀଣ ଲୋଣ୍ଡେ ସାହେବ, ଶ୍ରୀ ନିଲେଶ ଲାଣ୍ଡଗେ ସାହେବ ଇତ୍ୟାଦି ଯୋଗ ଦେଇଥିଲେ । ରଥଯାତ୍ରାର ଶୁଭାରମ୍ଭ ଶ୍ରୀ ସନ୍ତୋଷ ଲୋଣ୍ଡେ ଏବଂ ଶ୍ରୀ ପ୍ରବୀଣ ଲୋଣ୍ଡେଙ୍କ ହସ୍ତରେ ହୋଇଥିଲା ଏବଂ ସମାପନ ଶ୍ରୀ ବସନ୍ତ ଲୋଣ୍ଡେଙ୍କ ଦ୍ୱାରା ହୋଇଥିଲା । ଏଥିରେ ଭକ୍ତମାନେ ପ୍ରଭୁଙ୍କୁ ଛପନ ଭୋଗ ଲଗାଇଥିଲେ ଏବଂ ସମସ୍ତ ଭକ୍ତ ମାନଙ୍କ ପାଇଁ ଟ୍ରଷ୍ଟ ତରଫରୁ ମହାପ୍ରସାଦର ଆୟୋଜନ କରାଯାଇଥିଲା ।


ରଥଯାତ୍ରାକୁ ସଫଳ କରିବାରେ ସମସ୍ତ ସଦସ୍ୟ ମାନଙ୍କର ଅକ୍ଳାନ୍ତ ପରିଶ୍ରମ ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କ ଉତ୍ସାହପୂର୍ଣ୍ଣ କାର୍ଯ୍ୟ ରହିଅଛି । ରଥଯାତ୍ରା ଆହୁରି କେମିତି ଉନ୍ନତ ଧରଣର ହେବ ସେଥିପାଇଁ ସମସ୍ତେ ପ୍ରବାସୀ ଓଡିଆଙ୍କ ସାଥ ଦରକାର ଏବଂ ଜଗନ୍ନାଥ ମନ୍ଦିର ନିର୍ମାଣକୁ ତ୍ୱରାନ୍ୱିତ କରିବାପାଇଁ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ପ୍ରଦୀପ ସ୍ୱାଇଁ, ଉପାଧକ୍ଷ ଶ୍ରୀ ଇନ୍ଦ୍ରମଣୀ ସ୍ୱାଇଁ, ସଚିବ ଶ୍ରୀ ନିରଞ୍ଜନ ପ୍ରଧାନଙ୍କ ସମେତେ ଅନ୍ୟାନ୍ୟ ସଦସ୍ୟମାନେ ଯଥା ଶିବରାମ, ରାଜକିଶୋର, ଅଭିମନ୍ୟୁ, ସୁଶାନ୍ତ, ତ୍ରିଲୋଚନ, ମୃତ୍ୟୁଞ୍ଜୟ, ଅଜୟ, ଅକ୍ଷୟ,

ISSN NO.
2582-208X

ଉଦୟ ରାକେଶ, ରିଙ୍କୁ, ଦୀପକ ଓ ସ୍ୱରୁପ ଆଦି ସମସ୍ତେ ଓଡିଆ ଭାଇଭଉଣୀ ମାନଙ୍କୁ ନିବେଦନ କରିଛନ୍ତି ।



ISSN NO.
2582-208X






ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ବର୍ଷା ଋତୁର ରୋଗ ଓ ତାର ପ୍ରତିକାର



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

(ଡ଼ାଇରିଆ, ମ୍ୟାଲେରିଆ ଓ ଡେଙ୍ଗୁ ର ପ୍ରତିରୋଧ ଉପାୟ )

ସୂର୍ଯ୍ୟଙ୍କ ଚତୁପାର୍ଶ୍ୱରେ ଘୁରି ବୁଲୁଥିବା ଗ୍ରହ ମାନଙ୍କ ମଧ୍ୟରେ, ପୃଥିବୀ ପୃଷ୍ଠ ରେ ବସବାସ କରି ରହିଥିବା ଜୀବଜଗତ, ବୃକ୍ଷଲତା ଆଦି ପ୍ରକୃତି ଦତ୍ତ ଏବଂ ଋତୁ ଚକ୍ର ର ପ୍ରଭାବ ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ସାଧାରଣତଃ ଗ୍ରୀଷ୍ମ, ବର୍ଷା ଓ ଶୀତ ଋତୁ ରେ ଜଳବାୟୁ ର ପରିବର୍ତ୍ତନ ଦ୍ୱାରା ଗ୍ରୀଷ୍ମ, ଶୀତ, ବର୍ଷା ର ମାତ୍ରାଧିକ ପ୍ରଭାବରେ ମନୁଷ୍ୟ ବିଭିନ୍ନ ରୋଗରେ ସଂକ୍ରମିତ ହୋଇଥାଏ। ଯେପରିକି ଗ୍ରୀଷ୍ମ ଋତୁରେ ମାତ୍ରାଧିକ ସୂର୍ଯ୍ୟ କିରଣର ପ୍ରଭାବ ସମୟରେ ମନୁଷ୍ୟ ଚଳପ୍ରଚଳ କରିବା ଦ୍ୱାରା ବେଳେ ବେଳେ ଅଂଶୁଘାତ ର ଶିକାର ହୋଇ ମୃତ୍ୟୁ ମୁଖରେ ପଡିବାର ଆଶଙ୍କା ରହିଥାଏ, ସେହିପରି ଶୀତ ଋତୁ ରେ ମାତ୍ରାଧିକ ଥଣ୍ଡା ର ପ୍ରକୋପ ହେତୁ କାଶ, ଛିଙ୍କ, ମୁଣ୍ଡ ବ୍ୟଥା, ବିଭିନ୍ନ ଚର୍ମ ରୋଗ ଆଦି ର ଶିକାର ହୋଇଥାଏ।

ବର୍ଷା ଋତୁ ରେ ଅତ୍ୟଧିକ ବର୍ଷା ହେତୁ କେତକ ନିର୍ଦ୍ଦିଷ୍ଟ ରୋଗ ର ପ୍ରକୋପ ବୃଦ୍ଧି ପାଇଥାଏ। ମନୁଷ୍ୟ ସତର୍କ ନରହିବା ହେତୁ, ପ୍ରତିଷେଧକ ବ୍ୟବସ୍ଥା, ରୋଗ କୁ ପ୍ରତିରୋଧ ନ କରିବା ତଥା ଅବହେଳା କାରଣ ହେତୁ ବର୍ଷା ଋତୁରେ ହେଉଥିବା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମନୁଷ୍ୟ ମୃତ୍ୟୁ ମୁଖରେ ପଡିବାର ଆଶଙ୍କା ରହିଥାଏ । ବର୍ଷା ଋତୁରେ ମୁଖ୍ୟତଃ ଡାଇରିଆ (ଝାଡା, ବାନ୍ତି), ମ୍ୟାଲେରିଆ, "ଡେଙ୍ଗୁ" ଆଦି ରୋଗର ପ୍ରକୋପ ଅଧିକ ଦେଖାଯାଇଥାଏ। ବର୍ଷା ଋତୁ ଆରମ୍ଭରେ ନଦୀ, ନାଳ, ପୋଖରୀ ଆଦି ସମସ୍ତ ଜଳାଶୟ ମାନଙ୍କରେ ଦୂଷିତ ଜଳ ଭରପୁର ହୋଇ ରହିଥାଏ। ନଦୀ ଗୁଡିକରେ ଗ୍ରୀଷ୍ମ ଓ ଶୀତ ଋତୁ ରେ ଗାଇ, ଗୋରୁ, ମଇଁଷି, କୁକୁର, ଆଦିଙ୍କ ଶବ ପୋତାଯାଉଥିବା ବେଳେ, ସାଧାରଣ ଜନତା ମଳ ତ୍ୟାଗ କରିଥାନ୍ତି, ସେହି ଦୂଷିତ ପଦାର୍ଥ ଗୁଡିକ ନଦୀ ଓ

ISSN NO.
2582-208X

ପୋଖରୀର ଜଳ ସଂସ୍ପର୍ଶ ଆସି ଦୂଷିତ ହୋଇଥାଏ। ଉକ୍ତ ଦୂଷିତ ଜଳ କୌଣସି ପରିସ୍ଥିତିରେ ମନୁଷ୍ୟ ଶରୀରକୁ ପ୍ରବେଶ କଲେ ଡାଇରିଆ ତଥା ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ। ତେଣୁ ବର୍ଷା ଋତୁରେ ନଦୀ, ପୋଖରୀ ଝରଣା ଜଳକୁ ପାନୀୟ ଜଳ ଭାବେ ଗ୍ରହଣ କରିବା ଅନୁଚିତ। ନଳକୂପ ଜଳକୁ ଭଲଭାବେ ସିଝାଇ ଛାଣିକାରୀ ପାନୀୟ ଜଳ ଭାବେ ବ୍ୟବହାର କରିବା ଉଚିତ। ଡାଇରିଆ ରୁ ରକ୍ଷା ପାଇବା ନିମନ୍ତେ ବର୍ଷା ଋତୁରେ ଗରମ ଖାଦ୍ୟ, ଉଷୁମ ଜଳ ସେବନ, ଖାଦ୍ୟ ଖାଇବା ପୂର୍ବରୁ ପରିଷ୍କାର ଭାବେ ହାତକୁ ଧୋଇବା, ଖାଦ୍ୟକୁ ସର୍ବଦା ଘୋଡାଇ ରଖିବା ନିତାନ୍ତ ଜରୁରୀ ଅଟେ। ବାସିଖାଦ୍ୟ, ଘୋଡାଯାଇ ନଥିବା ଖାଦ୍ୟ, ଆଦୌ ଖାଇବା ଅନୁଚିତ। ଡାଇରିଆ କୁ ପ୍ରତିରୋଧ ନିମନ୍ତେ ନିଜେ ସତର୍କ ରହିବା ସହ ନିଜ ପରିବାର ଓ ସମାଜ କୁ ସଚେତନ କରିବାର ଆବଶ୍ୟକତା ରହିଛି। ଆମ ଭାରତ ବର୍ଷରେ "ଡାଇରିଆ" ର ପ୍ରତିରୋଧ, ପ୍ରତିକାର ଓ ପ୍ରତିଷେଧକ ନିମନ୍ତେ ପ୍ରତି ବର୍ଷ "୧୩ ଏପ୍ରିଲ"କୁ ଜାତୀୟ ଡାଇରିଆ ଦିବସ ରୂପେ ପାଳନ କରାଯାଉଅଛି। ଆମେ ସତର୍କତା ଅବଲମ୍ବନ କଲେ ବର୍ଷା ଋତୁରେ ହେଉଥିବା ଡ଼ାଇରିଆ (ଝାଡା, ବାନ୍ତି)ରୁ ଆମେ ସୁରକ୍ଷିତ ରହିବା ସହ ବହୁ ଅମୂଲ୍ୟ ଜୀବନ ରକ୍ଷା ପାଉ।

ବର୍ଷା ଋତୁରେ "ମ୍ୟାଲେରିଆ ଜ୍ୱର" ର ପ୍ରକୋପ ବୃଦ୍ଧି ପାଇଥାଏ । ସାଧାରଣତଃ ବର୍ଷା ଋତୁରେ ମଶା ମାନଙ୍କର ବଂଶ ବୃଦ୍ଧି ଘଟିଥାଏ। ମାଇ ଏନୋଫିଲିସ ନାମକ ମଶା ହିଁ ମ୍ୟାଲେରିଆ ଜ୍ୱର ର ବାହକ ଅଟେ, ଜଣେ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ରୋଗୀଙ୍କ ଠାରୁ ମାଇ ଏନୋଫିଲିସ ମଶା ପରଜୀବି କୀଟାଣୁ (pasmodium) କୁ ନେଇ ଏକ ସୁସ୍ଥ ଲୋକର ଶରୀରରେ ପ୍ରବେଶ କରାଇଲା ପରେ ଜଣେ ସୁସ୍ଥ ବ୍ୟକ୍ତି 15 ରୁ 30 ଦିନ ମଧ୍ୟରେ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇ ଲକ୍ଷଣ ଦେଖା ଦେଇ ଥାଏ। ଏହି ମାଇଁ ଅନୋଫିଲିସ ମଶା ସାଧାରଣତ ସଫା ଓ ସ୍ଥିର ପାଣିରେ ହିଁ ଅଣ୍ଡା ଦେଇ ବଂଶ ବିସ୍ତାର କରିଥାଏ। ତେଣୁ ନିଜ ବାସଗୃହ ନିକଟ ଏବଂ ନିଜ ପରିବେଶ ରେ ପାଣି ଜମିବାକୁ ଦେବା ଅନୁଚିତ। ରାତିରେ ମଶାରୀ ଟାଙ୍ଗୀ ଶୋଇବା, ବାସ ଗୃହ ଚାରିପାଖ ପରିଷ୍କାର ପରିଚ୍ଛନତା ରଖିବା ଉଚିତ। ଲକ୍ଷଣ ଦେଖା ଦେବା ମାତ୍ରେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ମ୍ୟାଲେରିଆ "କିଟ" ଦ୍ୱାରା ନିଜର ରକ୍ତ ନମୁନା ପରୀକ୍ଷା କରାଇବା ଉଚିତ। ପୃଥିବୀରେ ମ୍ୟାଲେରିଆ ଜୀବାଣୁ ସାଧାରଣତଃ ୪ ପ୍ରକାର ଦେଖାଯାଉଥିବା ବେଳେ ଆମ ଭାରତରେ ମୁଖ୍ୟତଃ ପ୍ଲାଜମୋଡିୟମ ଫେଲସି ferum (Pf), ଓ ପ୍ଲାଜମୋଡିୟମ ଭାଇ ଭେକ୍ସ (PV) ନାମରେ ୨ ପ୍ରକାର ମ୍ୟାଲେରିଆ ଦେଖା ଦେଇଥାଏ । ଏଥିରୁ ପ୍ଲାଜମୋଡିୟମ ଫୋଲ୍ସିଫରମ (Pf)

ISSN NO.
2582-208X


ମ୍ୟାଲେରିଆର ପ୍ରୋକପ  ଅଧିକ ଅଟେ। ଠିକ ସମୟରେ ସଠିକ ଚିକିତ୍ସା କରାନଗଲେ କିମ୍ବା ରୋଗୀ ପ୍ରତି ଅବହେଳା କଲେ ରୋଗୀ ମୃତ୍ୟୁ ମୁଖରେ ପଡିବା ଆଶଙ୍କା ଅଧିକ ରହିଥାଏ। ମ୍ୟାଲେରିଆ ଜ୍ୱରରେ ମନୁଷ୍ୟ ଆକ୍ରାନ୍ତ ହେଲେ ଶରୀରରେ ତାପମାତ୍ରା ବୃଦ୍ଧି ହେବାସହ ରୋଗୀ ବାଉଳି ଚାଉଳି ହୋଇଥାଏ। ରୋଗୀର ଏହି ଅବସ୍ଥା ଦେଖି କେତକ ବ୍ୟକ୍ତି ଗୁଣୀ ଗାରେଡି, ଝଡା, ଫୁଙ୍କା ର ଆଶ୍ରୟ ନେଇଥାନ୍ତି। ଯଦ୍ୱାରା ରୋଗୀ ପ୍ରତି ଅବହେଳା ହୋଇ ରୋଗୀ ମୃତ୍ୟୁ ମୁଖରେ ପଡିବା ର ସମ୍ଭାବନା ଥାଏ ।

ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିବା ଉଚିତ। ପରିସଂଖ୍ୟାନ ଅନୁଯାୟୀ ଭାରତରେ ପ୍ରତିବର୍ଷ ବହୁତ ବ୍ୟକ୍ତି ମ୍ୟାଲେରିଆରେ ମୃତ୍ୟୁ ବରଣ କରୁଥିଲେ। ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗ ର "ଦମନ କାର୍ଯ୍ୟକ୍ରମ' ଓ ମ୍ୟାଲେରିଆ କୁ ପ୍ରତିରୋଧ ନିମନ୍ତେ  ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହେତୁ ମ୍ୟାଲେରିଆ କୁ ପୂର୍ଣ୍ଣ ମାତ୍ରାରେ ପ୍ରତିହତ କରାଯାଇପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାରେ ଗତ ୩ ବର୍ଷ ମଧ୍ୟରେ ମ୍ୟାଲେରିଆ ପ୍ରାୟତଃ ୯୦ ପ୍ରତିଶତ ହ୍ରାସ ପାଇପାରିଛି, ଯାହାକି ସକାରାତ୍ମକ ବିଷୟ ଅଟେ। ଆନ୍ତର୍ଜାତିୟ ସ୍ତରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ମ୍ୟାଲେରିଆର ପ୍ରୋକୋପ, ପ୍ରତିକାର ଓ ପ୍ରତିଷେଧକ ନିମନ୍ତେ ଜନ ସାଧରଣଙ୍କୁ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଏପ୍ରିଲ ମାସ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଉଅଛି। ଚଳିତ ବର୍ଷ (୨୦୨୨) ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଅବସରରେ ବାର୍ତା ହେଲା–"Harness innovation to reduce the malaria disease burden and save lives. ବର୍ତ୍ତମାନ ଆମ ଦେଶରେ  ମ୍ୟାଲେରିଆ ସଂକ୍ରମଣ ହାର ୭୪ ପ୍ରତିଶତ ହ୍ରାସ ପାଇଥିବା ବେଳେ ତୁଳନାତ୍ମକ ଭାବେ ମ୍ୟାଲେରିଆ ରେ ମୃତ୍ୟୁ ସଂଖ୍ୟା ମଧ୍ୟ ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି।

ବର୍ଷା ଋତୁରେ "ଡେଙ୍ଗୁ" ଏବଂ "ଚିକୁନ୍ ଗୁନିଆ" ରୋଗର ପାଦୁର୍ଭାବ ଅଧିକ ରହିଥାଏ। ଡେଙ୍ଗୁ ଏକ "ଭୁତାଣୁ" ଜନିତ ରୋଗ ଅଟେ। ଏହା "ମାଇଏଡିସ ମଶା" କାମୁଡିବା ଦ୍ୱାରାହିଁ ଜଣେ ବ୍ୟକ୍ତି "ଡେଙ୍ଗୁ" ରୋଗରେ ଆକ୍ରାନ୍ତ ହୋଇଥାଏ। ଉକ୍ତ "ଏଡିସମଶା"ମାଟି ସହ ସଲଗ୍ନ ହୋଇନଥିବା ଜଳ (ଭଙ୍ଗା ମାଠିଆ, ଫିଙ୍ଗା ଯାଇଥିବା ନଡ଼ିଆ ସଢ଼େଇ, ପଇଡ଼ ଖୋଳା, ଏବଂ ଚା ଓ ଥଣ୍ଡା ପାନୀୟ ପ୍ଲାଷ୍ଟିକ କପ, ସାଇକେଲ ଓ ମୋଟର ସାଇକେଲର ପୁରୁଣା ଟାଇୟର, ବିଭିର୍ଣ୍ଣ ପ୍ଲାଷ୍ଟିକ ଓ କାଚ ଭଙ୍ଗା ପାତ୍ର, ଆଦିରେ 7ଦିନରୁ ଅଧିକ ଦିନ ସଂଚିତ

ISSN NO.
2582-208X

ସଫା ପାଣିରେ ଉକ୍ତ "ଏଡିସମଶା" ବଂଶ ବିସ୍ତାର କରିଥାଏ । ତେଣୁ ଏଥିପ୍ରତି ସତର୍କତା ଅବଲମ୍ବନ କରି ବାସ ଗୃହ ଏବଂ ନିଜ ପରିବେଶ କୁ ସଫା ରଖିବା ଜରୁରୀ ଅଟେ । ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେଲେ ରୋଗୀ ଜ୍ୱର ସହ "ଖଞ୍ଜା" ରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ (joint pain)। ରେ ରୋଗୀର  ରକ୍ତ ନମୁନା ପରୀକ୍ଷା ପରେ ହିଁ ଡେଙ୍ଗୁ ଭୁତାଣୁ ଚ଼ିହ୍ନଟ ହୋଇଥାଏ, ଏଥିରେ ଡାକ୍ତର ଙ୍କ ପରାମର୍ଶ ରେ ଔଷଧ ସେବନ କରିବା ଉଚିତ ।

"ଡେଙ୍ଗୁ" ରୋଗର ପ୍ରତିରୋଧ, ପ୍ରତିଷେଧକ ଓ ଜନ ସଚେତନତା ନିମନ୍ତେ ପ୍ରତିବର୍ଷ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା "ମେ" ମାସ 16 ତାରିଖକୁ ଜାତୀୟ 'ଡେଙ୍ଗୁ ଦିବସ" ଭାବେ ପାଳନ କରା ଯାଉଅଛି । ଏ ସମସ୍ତ ବିଷୟ କୁ ଅନୁଧ୍ୟାନ କଲେ ଜଣା ଯାଏ ଯେ ବର୍ଷା ଋତୁରେ ଜଳ ଜନିତ ବିଭିର୍ନ ରୋଗରୁ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ନିଜେ ଅଧିକ ସତର୍କତା ରହିବା ସହିତ, ନିଜ ପରିବାର, ସମାଜ ଓ ସର୍ବସାଧରଣ ଙ୍କୁ ଉପରୋକ୍ତ ରୋଗ ବିଷୟରେ ସଚେତନତା ର ଆବଶ୍ୟକତା ରହିଛି । ଯଦ୍ୱାରା ବ୍ୟକ୍ତି ସମୂହ ରୋଗରୁ ଦୁରେଇ ରହିପାରିବା ସହ, ରୋଗରେ ପୀଡିତ ବ୍ୟକ୍ତି ରୋଗରୁ ଉପସମ ହୋଇ ସୁସ୍ଥ ହେବାରେ ସହାୟକ ହୋଇ ପାରିବ ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ–୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ସିମେଇ ପକୁଡି



ଜୟନ୍ତୀ ଦେବୀ

ସାମଗ୍ରୀ: ସିମେଇ – ଅଧ କପ୍
ମଧ୍ୟମ ଆକାରର ସିଝା ଆଳୁ – ୧ ଟି
ପିଆଜ-୧ଟି, ଅଦା-ରସୁଣ ବଟା – ଅଧ ଟେବଲ ଚାମଚ
ବେସନ – ଅଧ ଟେବଲ ଚାମଚ
ଚାଉଳ ଚୁନା ଅଧ ଚାମଚ, କଟା ଧନିଆ ପତ୍ର – ଅଧ ଟେବଲ ଚାମଚ
ସାମାନ୍ୟ ଲଙ୍କା ପାଉଡର
ଘିଅ-୧ ଟେବଲ ଚାମଚ
ଅଳ୍ପ କାଜୁ, ସ୍ୱାଦ ଅନୁସାରେ ଲୁଣ, ଛାଣିବା ପାଇଁ ତେଲ ।

ପ୍ରସ୍ତୁତି ପ୍ରଣାଳୀ:

କଡେଇରେ ଘିଅ ଗରମ କରି ସିମେଇ ଗୁଡିକୁ ସୁନେଇ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ଏଥର ଗ୍ୟାସ ବନ୍ଦ କରି ସେଥିରେ ଗରମ ପାଣି ପକାଇ କିଛି ସମୟ ପରେ ସିମେଇ ଗୁଡିକୁ ଛାଣି ରଖନ୍ତୁ । ଏହା ପରେ ସିମେଇ ଗୁଡିକୁ ପୁଣି ଥରେ ଥଣ୍ଡା ପାଣିରେ ପକାଇ ଛାଣି ଅଲଗା ରଖନ୍ତୁ । ଏଥର ପିଆଜ ଓ କଞ୍ଚା ଲଙ୍କାକୁ ଚୁନ ଚୁନ କରି କାଟନ୍ତୁ । ଆଳୁ ଚକଟି ସେଥିରେ ସିମେଇ ସହିତ ବାକି ସବୁ ଜିନିଷ ମିଶାଇ ଭଲକରି ଚକଟି ଦିଅନ୍ତୁ । ଇଚ୍ଛା ହେଲେ ସାମାନ୍ୟ ସୋଡା ମଧ୍ୟ ମିଶାଇ ପାରନ୍ତି । ଏଥରକ ସେହି ମିଶ୍ରଣକୁ ଅଧ ଚାମଚ ଗରମ ତେଲ ମିଶାଇ ଗୋଳାଇ ଦିଅନ୍ତୁ । କଡେଇରେ ବଳକା ତେଲ ଗରମ କରି ଏହି ମିଶ୍ରଣକୁ ନେଇ ଛୋଟ ଛୋଟ ପକୁଡି ଭଳି ଛାଣନ୍ତୁ । ଏହାକୁ ସସ୍ ସହିତ ଖାଆନ୍ତୁ ।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଗ୍ରୀନ୍ ପି ପିଲାଫ୍



ଅଧାପିକା ରେଜାଲିନ୍ ବାରିକ୍

**ସାମଗ୍ରୀ:**

ଅରୁଆ ଚାଉଳ – ୩ କପ୍

କଞ୍ଚା ଗ୍ରୀନ୍ ମଟର – ୩ କପ୍

ପିଆଜ – ୨ଟି, ରିଫାଇନ ତେଲ କମ୍ବା ଗୁଆଘିଅ – ୧୦୦ ଗ୍ରାମ୍

ଖାଦ୍ୟରେ ମିଶୁଥିବା ହଳଦିଆ ରଙ୍ଗ ସାମାନ୍ୟ ଓ ସ୍ୱାଦ ଅନୁଯାୟୀ ଲୁଣ

ମସଲା ପାଇଁ: କୋରା ନଡିଆ – ୧ କପ୍, ପୁଦିନା ପତ୍ର ଅଳ୍ପ, ଧନିଆ ପତ୍ର ଅଳ୍ପ

ପୋସ୍ତ–୪ ଚାମଚ, କଞ୍ଚାଲଙ୍କା–୬ଟା, ଛୋଟଖଣ୍ଡେ ଅଦା,

ରସୁଣ ୧୦ କୋଲା । ଏସବୁକୁ ଏକାଠି କରି ମସଲା ବାଟନ୍ତୁ

**ପ୍ରସ୍ତୁତି ପ୍ରଣାଳୀ:** ଚାଉଳକୁ ଭଲ କରି ୨୦ ମିନଟ୍ ବତୁରାଇ ରଖନ୍ତୁ । ଚାଉଳ ବତୁରି ଯିବା ପରେ ପାଣିରୁ ଅଲଗା କରି ସେଥିରେ ମଟର ଛୁଇଁ ଓ ସାମାନ୍ୟହଳଦୀ ମିଶାନ୍ତୁ । ଯେତିକ ଚାଉଳ ଦେଇଛନ୍ତୁ ତାର ଠିକ୍ ଦୁଇଗୁଣ ମାପର ପାଣି ଚାଉଳରେ ମିଶାଇ ସିଝାନ୍ତୁ । ସିଝିଗଲା ପରେ ଥଣ୍ଡା ହେବାକୁ ଦିଅନ୍ତୁ । ତେବେ ଅତ୍ୟଧିକ ନରମ କରିବେ ନାହିଁ । ଆଉ ଏକ ହାଣ୍ଡିରେ ତେଲ କମ୍ବା ଘିଅ ଗରମ କରି ପିଆଜ ଭାଜନ୍ତୁ । ପିଆଜ ନରମ ହୋଇ ଆସିବା ପରେ ସେଥିରେ ବଟା ମସଲା ଓ ଲୁଣ ମିଶାଇ ଭଲକରି କଷନ୍ତୁ । ମସଲାରୁ ବାସ୍ନା ଆସିଲେ ସେଥିରେ ଆଗରୁ ପ୍ରସ୍ତୁତ କରି ରଖିଥିବା ଭାତ ମିଶାଇ ଭଲକରି ଗୋଳାନ୍ତୁ । ମସଲାରେ ଭାତ ମିଶିଗଲା ପରେ ଢାଙ୍କୁଣି ବନ୍ଦ କରି ଆଞ୍ଚ କମାନ୍ତୁ । ପାଞ୍ଚ ମିନଟ ପରେ ଢାଙ୍କୁଣି କାଢି ଉପରେ କଟା ଧନିଆ ପତ୍ର ପକାନ୍ତୁ । ଏହା ସହିତ ଦହିର ରାଇତା କମ୍ବା ସାଲାଡ୍ ଖୁବ୍ ଜମିବ ।

ମହୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ଚଟପଟା ଆଚାରୀ ପନିର


ଅଳକା ବାରିକ୍

**ଆବଶ୍ୟକ ସାମଗ୍ରୀ:** ପାନ ମହୁରି – ୧ ଛୋଟ ଚାମଚ
ମେଥିଦାନା – ଅଧ ଚାମଚ, କଳାଜିରା – ଅଧ ଚାମଚ,
ଜିରା – ୧ ଛୋଟ ଚାମଚ, ସୋରିଷ – ୧ ଛୋଟ ଚାମଚ,
କାଜୁ – ୧୦-୧୨ଟି, ଦହି-ଆଲ୍ପ, ହେଙ୍ଗୁ-ଚମୁଟାଏ,
ଶୁଖିଲା ଲଙ୍କା – ୨ ଟି, ଅଦା ରସୁଣ ବଟା – ଦେଢ ଚାମଚ
କଟା ବିଲାତି – ୧ କପ୍, ପନିର – ୨୦୦ ଗ୍ରାମ

**ପ୍ରସ୍ତୁତି ପ୍ରଣାଳୀ :** ପ୍ୟାନକୁ ପ୍ରଥମ ଚୁଲାରେ ବସାଇବେ । ପାନ ମହୁରି, ମେଥି ଦାନା, କଳାଜିରା, ଜିରା, ସୋରିଷକୁ ହାଲକା ଭାଜିବେ । ପେଷଣାରେ କାଜୁକୁ ବାଟନ୍ତୁ । ଏବେ ଚୁଲାରେ କଡେଇ ବସାଇ ୨ ବଡ ଚାମଚ ସୋରିଷ ତେଲ ଗରମ କରିବେ । ତେଲ ଗରମ ହେବା ପରେ ସେଥିରେ ୨ଟି ଶୁଖିଲା ଲଙ୍କା, ଚମୁଟାଏ ହେଙ୍ଗୁ ପକାନ୍ତୁ । ଅଦା-ରସୁଣ ବଟାକୁ ଏହା ପରେ ମିଶାଇ ଭଲରେ କସିନେବେ । ମସଲା କସିହେବା ପରେ ବିଲାତି ପକାଇ କରେଇକୁ ଅଳ୍ପ ସମୟ ପାଇଁ ଘୋଡାଇ ଦିଅନ୍ତୁ । ବିଲାତି ଭଲରେ ମିଶିବା ପରେ ସେଥିରେ ହଳଦି ଗୁଣ୍ଡ, ୧ ଛୋଟ ଚାମଚ ଧନିଆ ଗୁଣ୍ଡ, ୧ ଛୋଟ ଚାମଚ ମିଶାଇ ୨ ମିନଟ୍ କସିବେ । ଶେଷରେ ବଟା କାଜୁ ଓ ଆଚାରୀ ମସଲାକୁ ପକାଇ ପୁଣି ଏପାଖ ସେପାଖ କରନ୍ତୁ । ମସଲା ଭଲରେ ମିଶିବା ପରେ ଆଞ୍ଚ କମ କରି ଦହିକୁ ପକାଇବେ । ସେ ସମୟରେ ପନିର ପକାଇ ଘୋଡଣି ଦେବେ । ୫ ମିନଟ୍ ଫୁଟାଇବା ପରେ ତରକାରିକୁ ଓହ୍ଲାଇବେ । ଗରମାଗରମ ଆଚାରୀ ପନିରକୁ ପରଟା କମ୍ବା ରୁଟି ସହ ଖାଇବାର ମଜା ନିଅନ୍ତୁ ।

ମହୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ଖରା ଦିନେ ଗରିବର୍ ଦୁଃଖ୍



ଶ୍ୟାମସୁନ୍ଦର କୁମ୍ଭାର

ଆଏଲା ଖରା ତତ୍'ଲା ଧରା
ଦିହୁଁ ବୁହିପଡ଼େ ଝାଲ୍
ଝଉ ମାରୁଛେ ସର୍'ସର୍
ଟଁଟି ଶୁଖେ ଶୁଷେଁ ଚର୍'ଚର୍
ଦିନ୍ ମଜ୍'ରିଆ ରେଜା କୁଲିର୍ ବୁଡ଼ିଯଉଛେ ହାଲ୍ ।୧।
ମୁଣ୍ଡ୍ ଉପ୍'ରେ ଟାଏଁଟାଏଁ ଖରା
ଦିହେ ଯଉଛେ ଜଳି
କାମେ ଲାଗିଛନ୍ ରେଜାକୁଲି
ମୁଣ୍ଡର୍ ଝାଲ୍'କେ ଟୁଣ୍ଡେଁ ମାରି
ରେଢ଼ି ବନ୍ଦ ହେଲେଁ ଠୁଁଡ଼ି ବନ୍ଦ ତାକର୍ ଭୁକେ ଯିବେନ ମରି ।୨।
ଫେରିବାଲା ମୁଣ୍ଡେ ପାଗ'ଡ଼ି ମାରି
ଗାଁଗାଁ କରନ୍ ଫେରି
ଝଉ ଖରାକେ ଖାତର୍ ନେଇଁ
ଘୁରି ବୁଲୁଛନ୍ ସାହିକେ ସାହି
ସାମାନ୍ ପତର୍ ବିକ୍'ଲେ ତାକର୍ କୁଟୁମ୍ ଚଲ୍'ବେ ବଲି ।୩।
ଗରିବ୍ ଲୋକର୍ ଝୁପ୍'ଡ଼ି କୁରିଆ
ରାତି ଦିଶେ ଜନ୍ ତରା
ଦୁଇ ପହରିଆ ତତ୍'ଲା ଝଉ
ଦେହେ ଜଳୁଛେ ହାଓହାଓ

ISSN NO.
2582-208X

କୁଲର୍ ପଙ୍ଖା କିଛି ନେଇଁ ତାର୍ କିଏ ଦେଖୁଛେ ଗୁଲ୍'ଗୁଲା ।୪।
ରିକ୍ସାବାଲାର୍ ଦୁଃଖର୍ କଥା
କହେଲେ ନି ସରେ
ପହପହନୁ ରାଏତ୍ ଅଧିଆ
ଯୁଗିଥିବା ସହି ଖରାତରା
କେତେବେଳେ ଗୁଟେ ଯାତ୍'ରି ପାଏଲେଁ ହାତେ ଜୀବନ୍ ପାଆଁଲେ ।୫।
ନି ମାନେ କିଛି ଝଡ ଖରା
ତାର୍ କାମ୍ କରିଚାଲେ
କାଏଁ ରାଏତ୍ କେଁ ଦୁଇ ପହରେଁ
ଜୁଗି ବସିଥାଏ ବସ୍ ଷ୍ଟେସନେ
କରମ୍ ଆଦ୍'ରି ଦୁଃଖ୍ ସହିଯାଏ ନି ହେଲେ ଭୁକେଁ ମରେ ।୬।

ନି.ସନ୍ଧିବାହାଲ,ପୋ.ଅ. ଜମୁଟବାହାଲ,ଗାଇସିଲେଟ,
ବରଗଡ଼, ମୋ.ନଂ.୯୯୩୮୯୦୨୫୩୬

ISSN NO.
2582-208X

# କଥାନି–
# ଗରିବ୍ ସରିବ୍



ସତ୍ୟନାରାୟଣ ମିଶ୍ର

ବବା କେ ସତୁର୍ ବଛର୍ ଛିଇଁ ଥିବାନ କାଏଁ ସେ । ଲରଥରୋ ହେଇ କରି ବି ଖଟୁଛନ୍ ଗୁଟେ ମାଉଁସ୍ ଦୁକାନ୍ ଖୁଲି କରି । ଦୁକାନ୍ ତ ନୁହେ ଗୁଡା ଟେ । ସେନେ ସକାଲ୍ ପାଏଲେ ବବା ଆସିକରି ମେଲଛା କାଟୁ ଥିସନ୍ । ବିକ୍ରି ସର୍ବା ପତେ ବସିଥିସନ୍ । ଆଖେ ପାଖେ ଆରୁ ବି ଛ ଟା କି ସାତ ଟା ମାଂସ୍ ଦୁକାନ୍ ଅଛେ । ଗୁଟେ ଗରାଖ ଆସିକରି ବବା କେ କହେଲା "ଏବୁଢ଼ା ! ଶିକାର୍ ଅଧା କେଜି ଦେ । ହାଡ଼ ହୁଡା ଦେବୁ ନାଇଁ, ଅବଗା ଶିକାର୍ ଏଖା ଦେ"।

ବୁଢା କହେଲା " ହଁ ଆଜ୍ଞା ! ଦଉଛେଁ , ହେଲେଟିକେ ଜାକ୍ ହାଡ଼ ତ ଦେମି ।ନହେଲେ ଇ ହାଡ଼ ସବୁ କିଏ ଘିନିବା ? ଜୁଆନ୍ ଗରାଖ ଟା ରିଶିମି ହେଇ କରି କହେଲା" ହେ ହାଡ଼ ହୁଡା ତୁଇ ଦୁସୁରା କାର୍ ନେ ବିକିବୁ ବୁଢା, ମତେ ଖାଲି ଶିକାର ଶିକାର ଅଧା କେଜି ଦେ"। ହଉ ବୋଲି କରି ବୁଢା ଶିକାର ଉଜନ କଲା ବେଲେ ଚର୍ବି ଗୁଟେ ପିସ୍ ବି ଦେଇଦେଲା । ସେନୁ ସେ ପିଲା ର୍ ରିସମି କିଏ ଦେଖେ । ତମ ତମ ହେଇ କେତେ କଥା କହି ପକାଲା ବବା କେ । ଚର୍ବି ର୍ ବଦଲା ଆରୁ ଟିକେ ଶିକାର ମାଗଲା ଆରୁ ଟଙ୍କା ଧରେଇ କରି ଭାଗଲା ତାର୍ ବୁଲେଟ ବାଇକ୍ ଥି ।

ଝନେ ଭଦ୍ର ଲୋକ୍ ଇ ସବୁ ଦେଖି କରି ବୁଢାକେ କହେଲେ "ବବା ! ତମକୁ ହେ ପିଲା ଗୁଟକ ହେନ୍ତା ବେଭାର୍ ଥି ତୁ ତା ରେ ରା ହିସାବେ କହୁଥିଲା ପଛେ ତମେ ତାକେ ଆଜ୍ଞା ଆପଣ କହୁଥିଲ ।ଧମକ ଚମକ ଦେଇ କରି ଶିକାର ଅଧକେଜି ନେଲା । ତମେ ତାର କଥା କେ ସହି ଯାଉଥିଲ କେନ୍ତା ?

ISSN NO.
2582-208X

ବବା କହେଲେ "ବାବୁ ! ଇ ଦୁକାନ କରିକରି ମୁଇମୋର୍ ଛ ପରାଣୀ କୁଟୁମ୍ ପୁଷ୍ ସି । ବୁଢାବୁଢ଼ୀ ଦୁଇଟା । ବିଧବା ନନୀ ଆରୁ ତାର ତିନ ଛୁଆ କେ ମୁଇ ଚଳଉଛେଁ । ଆଖେ ପାଖେ ଦେଖୁଛ ତ ଆରୁ କେତେ ଦୁକାନ ଅଛେ । ଗରାଖ କେ ଉଲଟା ସିଧା ପଦେ କହିଦେଲେଆରୁ ମୋର୍ ଦୁକାନ କେ ଆସନ ନାଇଁ । ସେମାନେ ମତେ ଗାଲି ଦେଲେ ବି ସବୁ କେ ଇ କାନେ ଶୁଣି କରି ସେ କାନେ ବାହାର କରି ଦେସି ମୁଇଁ । ଗରାଖ ମୋର୍ ଜିନିଷ ଘିନୁ ଆରୁ ମୁଇ ଟଙ୍କା କେତେ ଟା ଲାଭ କରସି ହେତକି ମୋର୍ ଚାହାନା । ଗରିବ ମୁଇଁ । କାହାକେ ରାଗି ପାର୍ମୀ କି କାହାର ଉପୁରେ ଅଭିମାନ୍ କରି ପାର୍ମୀ କେଁ ? ମହୀର୍ ଇନ୍ତି ସହି ନେଲେ ହେଲା । ମୁଇ ହେନ୍ତା ଭାବ୍ସି ।

ବଲାଙ୍ଗୀର

ISSN NO.
2582-208X

# ନିଆଲି ମଲି


ଦେବାର୍ଚ୍ଚନ ମେହେର

ନିଆଲି ମଲି ଲ
ମୋର୍ ଫୁଲ୍‌କି ଗାଲି,
କେତେ ହେଉଥିସୁ ମଲ୍ ମଲ୍
ମୋର୍ ଚହଟ ମଲି।।

ଦେଖି ଦେଲି ତତେ
ଯେନ୍ ଦିନ ଧନ,
ନନୀ ତର୍ ମୁଲ୍'କି ହସାଥି
ରସିଗଲା ମୋର୍ ମନ୍।।

ଫସେଇ ଦେଇ ତର୍
ପ୍ରେମ୍ ଜାଲ୍ ଥି ମୋତେ,
ହାତ୍ ଛାଡ଼ିଦେଲୁ ମୋର୍
ଅଧା ବାଟେ।।

ISSN NO.
2582-208X

କିରିଆ କରିଥିଲୁ ଦିନେ
ବିହା ହେମି ବୋଲି,
କହିଥିବା କଥା ଆଜି
ଗଲୁ କାଏଁ ଭୁଲି।।

ଚାଲି ଗଲେ ବାଟେ
ମହ ମହ ବାସୁଥିସ୍ କେତେ,
ତମର୍ ବାସ୍ନାଥି ବୁଲୁଥିସନ୍
ଧଙ୍ଗରା ଯାହାକୁ ଯେତେ।।

ଗ୍ରାମ – ବାପୁଜୀନଗର
ଜିଲ୍ଲା – ବୌଦ୍ଧ
ମୋ – ୭୮୯୪୩୪୩୫୫୨

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ପୋଖରୀର ପୋଷଣ



ଡ଼ଃ ରଞ୍ଜିତ କୁମାର ସାହୁ

ବାଲେଶ୍ୱର ଜିଲ୍ଲାର ଏକ ଛୋଟିଆ ଗ୍ରାମଟିକୁ ଭ୍ରମଣ ଲାଗି ବାହାରିଛି ବାପି । ସତରେ ଗୋଟିଏ ଭାଷାରେ ଗୁନ୍ଥି ହୋଇ ରହିଥିବା ଓଡ଼ିଶାର ଭୌଗଳିକ ଉପଖଣ୍ଡ ଅନେକ ବିବିଧତାରେ ପରିପୂର୍ଣ୍ଣ: ତାହା ଖାଦ୍ୟ ହେଉ ଅଥବା ପୋଷାକ ପତ୍ର ଅଥବା ଚାଲି ଚଳନ, ଜୀବନ ଯାପନର ଶୈଳୀ ମଧ୍ୟରେ ଅନେକ ପାର୍ଥକ୍ୟ ରହିଥାଏ ବିଭିନ୍ନ ଜିଲ୍ଲାରେ । ତେଣୁ ଓଡ଼ିଶାକୁ ନିବିଡ ଭାବରେ ଜାଣିବାକୁ ହେଲେ ଏହାର ବିଭିନ୍ନ ଅଂଚଳର  ପରିଦର୍ଶନ ନିତାନ୍ତ ଆବଶ୍ୟକ  । ନିଜର ବନ୍ଧୁଙ୍କର ଘରକୁ ବୁଲିବାକୁ ଯାଇଥିଲା ବାପି, ପ୍ରଥମ ଥର ପାଇଁ ଦେଖିଲା, ପୋଖରୀର ହିଡ଼ରେ ଲାଗିଛି କିଆରୀ କିଆରୀ ସୁନୁସୁନିଆ ଶାଗ !



ISSN NO.
2582-208X

"ଆମ ଆଡେ ଏହାକୁ ଧାନ ବିଲରୁ, କିମ୍ବା ପୋଖରୀରୁ ଛାଣି ଆଣିକି ଲୋକ ଖାଆନ୍ତି କିମ୍ବା ବଜାରରେ ବିକନ୍ତି । ପ୍ରଥମ ଥର ମୁଁ ଦେଖୁଛି ଏହାକୁ ଫସଲ ଭଳି ଚାଷ ମଧ୍ୟ କରାଯାଇ ପାରେ !" ବାପି କହିଲା ତାହାର ମହାବିଦ୍ୟାଳୟର ବନ୍ଧୁଙ୍କୁ ।

"ହଁ ଧୀରେ ଧୀରେ ଲୋକ ମାନେ ଆମ ଆଖ ପଖରେ ଥିବା ତୃଣ ଗୁଡିକର ଉପକାରିତା ବିଷୟରେ ଆଗତ ହେବାକୁ ଲାଗିଛନ୍ତି । ଏହା ବ୍ୟତୀତ ଗ୍ରାମାଞ୍ଚଳରୁ ସହରକୁ ଯାଇଥିବା ଅନେକ ଲୋକ ଗ୍ରାମ୍ୟ ପରିବେଶର ଆଭାସ ଲାଗି ମଧ୍ୟ ଏହାକୁ ଖୋଜିବାକୁ ଲାଗିଛନ୍ତି । ଏହାର ଚାହିଦା ବଢୁଥିବାରୁ ଏପରି ଏକ ଶିଳ୍ପର ପ୍ରଚେଷ୍ଟା ହେଉଛି ଏଠାରେ । କହିଲେ ଅତ୍ୟୁକ୍ତି ହେବ ନାହିଁ, ଏହା ପୋଖରୀରୁ  ସମ୍ଭାବ୍ୟ ପୋଷଣର ଏକ ନୂତନ ପ୍ରୟାସ," ବନ୍ଧୁ ଜଣକ କହିଲେ ।

"ଠିକ କହିଲ, ପୋଷଣ କୁ ଆମ୍ଭେମାନେ କେବଳ କୃଷି ଏବଂ ପଶୁପାଳନରୁ ପ୍ରାପ୍ତ ଦ୍ରବ୍ୟ ସହିତ ଯୋଡ଼ିଥାଉ, କିନ୍ତୁ ପୋଷଣର ଅନେକ ଉପାୟ ଅଛି ଯେଉଁଥିରୁ  ଆମ ପରିବେଶରେ ଥିବା ଅନେକ ପ୍ରକାର ଉଦ୍ଭିଦରୁ  ଉତ୍ପାଦନ କରା ଯାଇ ପାରେ," ବାପି କହିଲା ।

"କିନ୍ତୁ ଏହି ସୁନୁସୁନିଆର କଣ ଫୁଲ ହୁଏ ନାହିଁ?" ବନ୍ଧୁ ଜଣକ ପଚାରିଲେ।

"ପନିପରିବା କିମ୍ବା ଶାଗ ଭାବରେ ବ୍ୟବହାର କରୁଥିବା ଅଧିକାଂଶ ଉଦ୍ଭିଦରେ ଫୁଲ ଓ ଫଳ ହୋଇଥାଏ କିନ୍ତୁ ସୁନୁସୁନିଆ ଏକ ପ୍ରକାର ଫର୍ଣ୍ଣ । ଏହାର ପ୍ରଜନନ ଏକ ରକମର ଅଣୁ ବୀଜ (ସ୍ପୋର) ଦ୍ୱାରା ହୋଇଥାଏ ଏବଂ ଏହା ମୂଳର ପ୍ରସାରଣ ଦ୍ୱାରା  ମଧ୍ୟ ହୋଇଥାଏ। ଅନେକ ଦେଶରେ  ଲୋକ ଏହାକୁ ସ୍ନାୟୁର ଔଷଧ ଭାବରେ ମାନ୍ୟତା ଦେଇଛନ୍ତି ଏବଂ ଏହାକୁ ନିଦ୍ରାହୀନତାର ଉପଚାର ଭାବରେ ମଧ୍ୟ ବ୍ୟବହାର କରିଥାଆନ୍ତି । ମୁଖ୍ୟତଃ ଏହାର ପତ୍ର ଏବଂ ଡେମ୍ଫକୁ ଆହାର ରୂପରେ ବ୍ୟବହାର କରାଯାଏ । ଅନୁମାନ କରାଯାଏ ସୁନୁସୁନିଆକୁ ଖାଦ୍ୟ ଏବଂ ଔଷଧ ରୂପରେ ପ୍ରାୟ 3000 ବର୍ଷରୁ ବ୍ୟବହାର କରାଯାଉ ଅଛି । ଏହାକୁ ବିଷମୁକ୍ତ କରିବା ଲାଗି ଏବଂ କ୍ଷତର ଚିକିତ୍ସା ପାଇଁ ବ୍ୟବହାର କରା ଯାଇଥିବାର ବର୍ଣ୍ଣନା ରହିଛି  । ଏହାର ସେବନ ଦ୍ୱାରା ଜ୍ୱର କମିବାର ଦୃଷ୍ଟାନ୍ତ ଅଛି । ଏହା ପୃଥିବୀର ଅନେକ ଦେଶରେ ମିଳେ," ବାପି ଉତ୍ତର ଦେଲା ।

ISSN NO.
2582-208X




"ସୁନୁସୁନିଆ ଶାଗ କିନ୍ତୁ କଞ୍ଚାରେ ଖାଇବା ପାଇଁ ଉପଯୁକ୍ତ ନୁହେଁ କାରଣ ଏଥିରେ ଏକ ପ୍ରକାର ଏଞ୍ଜାଇମ ଅଛି ଯାହା ଥିଆମିନ ନାମକ ଭିଟାମିନକୁ ନଷ୍ଟ କରିଥାଏ I ଶୁଖେଇବା ଦ୍ଵାରା କିମ୍ବା ରୋଷେଇ କରିବା ଦ୍ଵାରା ଏହି ଏଞ୍ଜାଇମ ନଷ୍ଟ ହୋଇଥାଏ I ଏହା ବ୍ୟତୀତ ପୋଖରୀରୁ କିମ୍ବା କ୍ଷେତରୁ ଏହାକୁ ଅଣା ଯାଇଥବାରୁ ଅନେକ ପ୍ରକାର ସଂକ୍ରମଣ ହେବାର ସମ୍ଭାବନା ରହିଥାଏ I ତେଣୁ ଏହାକୁ ରାନ୍ଧିବା ଦ୍ଵାରା  ଅଣୁଜୀବ ମାନେ ନଷ୍ଟ ହୋଇ ଯାଆନ୍ତି ଏବଂ ଏହା ସ୍ଵାଦିଷ୍ଠ ମଧ୍ୟ ହୋଇଥାଏ," ବନ୍ଧୁ ଜଣଙ୍କ କହିଲେ  I

"କେତେ ଭଲ ହୁଅନ୍ତା ଯଦି ସମସ୍ତେ ନିଜ ଆଖ ପାଖରେ ଥିବା ପ୍ରାକୃତିକ ସମ୍ପଦକୁ ଲଘୁ ଉଦ୍ୟୋଗ ଲାଗି ପ୍ରୟୋଗ କରନ୍ତେ? ନିଜର ପରିବେଶ ଆଉ ସ୍ଵାସ୍ଥ୍ୟ ସହିତ ଆତ୍ମନିର୍ଭର ହେବାର ଗୋଟିଏ ପନ୍ଥା ମଧ୍ୟ ମିଳନ୍ତା," ବନ୍ଧୁ  ଜଣକ କହିଲେ I

ISSN NO.
2582-208X

ରୋଷେଇ ଘର ଭିତରୁ ମାଉସୀ ଡାକ ଦେଲେ, "ପରେ ଗପିବ, ମୁଗ ଡାଲି ଆଉ ସନିଆ ଶାଗ ସହ ପଖାଳ କରି ଦେଇଛି, ଖାଇକି ବିଶ୍ରାମ କର ଦୁହେଁ I ଏତେ ଦୂରରୁ ଯାତ୍ରା କରି ଆସିଛ, କ୍ଳାନ୍ତ ହୋଇ ଯାଇଥିବ I

"ମାଉସୀ ମୋ ମନ କଥା ଜାଣିଗଲେ ବୋଧେ," ବାପି କହିଲା I

"ହଁ ମାଆ ମାନେ ସବୁ ବେଳେ ପିଲାଙ୍କ ମନ କଥା ବୁଝନ୍ତି," ବନ୍ଧୁ ଜଣକ କହିଲେ I

ଦୁହେଁ ଚାଲିଗଲେ ସୁନୁସୁନିଆ ଶାଗ ଭଜା ଆଉ ପଖାଳ ଖାଇବାକୁ I

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ପ୍ରଜାପତିର ଅଣ୍ଡା ଦିଆ



ନୀଳମାଧବ ସାହୁ

ଆଷାଢ଼ ମାସ ଆରମ୍ଭ ହୋଇ ଗୋଟେ ଦୁଇ ଦିନ ବିତିଥାଏ । କୋହଲା ପାଗ ସାଙ୍ଗକୁ ଆକାଶଟା ଟିକେ ମେଘାଚ୍ଛନ୍ନ ବି ଦେଖାଯାଉଥାଏ । ଅନ୍ୟପଟେ ଅନିଲ ଗାଁ ହୋଟେଲର ରେଡିଓରୁ ଖବର ଶୁଣି ଆସିଲା ଯେ ଭାରତର କେରଳରେ ମୌସୁମୀ ବାୟୁ ଆସି ପହଂଚି ସାରିଲାଣି ଓ କିଛି ଦିନ ମଧ୍ୟରେ ଓଡିଶାକୁ ବି ପହଂଚିଯିବ । କିଛି କୃଷକ ବର୍ଷା ହେଲେ ଚାଷ କାମ ଆରମ୍ଭ କରିବେ ବୋଲି ଖୁସି ହେଉଥିଲେ ତ କିଛି ଲୋକ ଦ୍ୱନ୍ଦରେ ଥିଲେ ଯେ ଏହି ବର୍ଷ ଠିକ ସମୟରେ ଠିକ ପରିମାଣର ବର୍ଷା ହେବ କି ନାହିଁ । କେଇ ବର୍ଷ ହେଲା ଆଉ ବର୍ଷା ଠିକ ସମୟରେ ହେଉନି, କେତେବେଳେ ମରୁଡି ତ କେତେବେଳେ ବନ୍ୟାରେ କୃଷକ କ୍ଷତି ସହ୍ୟ କରୁଛି ତାର କିଛି ଠିକ ଠିକଣା ନାହିଁ, ଅନିଲର ଜେଜେ ନିଜେ ମନକୁ ମନ କହିବାକୁ ଲାଗିଲେ । ଅନିଲ ଜେଜେଙ୍କ ସେହି କଥା ଶୁଣିଲା ଓ ବାହାରିପଡିଲା ନିଜ କ୍ଷେତରେ ହୋଇଥିବା ପରିବା ଚାଷ ଆଡେ ଟିକେ ନଜର ପକେଇ ଆସିବାକୁ ଏବଂ ସେଥିରେ ପାଣି ଦିଆ ହୋଇଛି ନା ନାହିଁ ଯାଞ୍ଚ କରିବାକୁ । ସାଙ୍ଗରେ ଛୋଟ ଭଉଣୀ ମୀରାକୁ ବି ନେଇଗଲା ।

ଯିବା ସମୟରେ ବିଲର ହୁଡାରେ ସେ ଦୁହେଁ ଗୁଳ୍ମ ଉଦ୍ଭିଦର ଫୁଲରେ ବିଭିନ୍ନ ପ୍ରଜାପତିକୁ ଦେଖିବାକୁ ଲାଗିଲେ । ବିଭିନ୍ନ ପ୍ରଜାପତି ମଧ୍ୟରୁ ଗୋଟିଏ ଛୋଟ ନାରଙ୍ଗୀ ରଙ୍ଗର ପ୍ରଜାପତିଟି ଏକ ଲତାରେ ଅଣ୍ଡା ଦେଉଥିବା ଦେଖିଲା । ଅନିଲ ଓ ମୀରା ଦୁହେଁ ପ୍ରଜାପତିର ଅଣ୍ଡା ଦିଆକୁ ପ୍ରଥମ ଥର ଦେଖି ବହୁତ ଖୁସି ହେଲେ । ସେହି ପ୍ରଜାପତିଟି ପାସିଫ୍ଲୋରା ସୁବେରୋଜା ନାମକ ଏକ ଲତାରେ ପ୍ରାୟ ୨୦ଟି ଅଣ୍ଡା ଦେଇଥିଲା ଯାହାକି ଫିକା ହଳଦିଆ ରଙ୍ଗର ଓ ସୋରିଷ ଆକାରର ହୋଇଥିଲା । ସେହି ପ୍ରଜାପତି ଓ ତାର

ISSN NO.
2582-208X


ଅଣ୍ଡାଗୁଡିକୁ ଅନିଲ ତା ମୋବାଇଲରେ ଫଟୋ ଉଠାଇ ସାଇତି ରଖିଲା । ପ୍ରଜାପତିଟିର ନାମ ଜାଣିନଥିବାରୁ ତାହା ଜାଣିବାକୁ ଚେଷ୍ଟା କରୁଥିଲା ଓ କିଛି ଲୋକଙ୍କୁ ମଧ୍ୟ ତା ଫଟୋ ଦେଖାଇ ପଚାରୁଥିଲା । ଗାଁର ବହୁତ ଲୋକ ପ୍ରକୃତିର ବହୁତ କିଛି ଛୋଟ ଜୀବକୁ ସବୁ ଦିନ ଦେଖୁଥିଲେ ମଧ୍ୟ ସେମାନଙ୍କ ବିଷୟରେ ଅନବିଜ୍ଞ ଥିଲେ । ଯେପରିକି ସେହି ପ୍ରଜାପତିକୁ ସେହି ଅଂଚଳରେ ଲୋକେ ଦେଖୁଥିଲେ ମଧ୍ୟ ବିଶେଷ ଧ୍ୟାନ ଦେଉନଥିଲେ । ତେଣୁ ଅନିଲକୁ ସେହି ପ୍ରଜାପତିର ନାମ ବିଷୟରେ କିଛି ତଥ୍ୟ ମିଳିଲା ନାହିଁ ।



ଏମିତି ଦିନେ ମଧ୍ୟାହ୍ନ ଭୋଜନ ସମୟରେ ବିଦ୍ୟାଳୟ ବଗିଚାରେ ପୁଣି ସେହି ପ୍ରଜାପତିକୁ ବିଶଲ୍ୟକରଣୀ ଫୁଲରେ ବସିଥିବା ଅନିଲ ଦେଖିଲା । ଦେଖିଲାପରେ ଶୀଘ୍ର ଯାଇ ନିଜ ଶିକ୍ଷକଙ୍କୁ ଡାକିଲା ଓ ସେହି ପ୍ରଜାପତିକୁ ଦେଖାଇ ତା'ର ନାମ ବିଷୟରେ ପଚାରିଲା । ଏଇଟା ଟାଉନି କୋଷ୍ଟର୍ (Tawny coster) ପ୍ରଜାପତି ବୋଲି କହିଲେ । ଏହି ପ୍ରଜାପତିଟି ଆଖପାଖ ପ୍ରାୟ ସବୁ ସ୍ଥାନରେ ସାଧାରଣରେ ଦେଖିବାକୁ ମିଳେ। ପ୍ରଜାପତିମାନେ ପରିବେଶରେ ପରାଗସଙ୍ଗମରେ ମୁଖ୍ୟ ଭୂମିକା ନିର୍ବାହ କରନ୍ତି, ଫଳରେ ବିଭିନ ବୃକ୍ଷ ଲତାର ବଂଶ ବିସ୍ତାର ହୁଏ ତା' ସହ ଏମାନଙ୍କ ଦ୍ୱାରା ଫସଲର ପରାଗସଙ୍ଗମ ହୋଇ ଅଧିକ ଅମଳ ହେବାରେ ସହାୟକ ମଧ୍ୟ ହୁଏ । କିନ୍ତୁ ଚାଷ ଜମି ଓ ବଗିଚାରେ କୀଟନାଶକ ଔଷଧ ଓ ରାସାୟନିକ ସାର ବ୍ୟବହାର କରିବା ଫଳରେ ଏହି ପ୍ରଜାପତିମାନଙ୍କ ବଂଶ ବିସ୍ତାର ହୁଏ ନାହିଁ ଓ ପ୍ରାକୃତିକ ଉପାୟରେ ହେଉଥିବା ପରାଗସଙ୍ଗମରେ ବାଧା ମଧ୍ୟ ଦେଖା ଯାଏ । ତେଣୁ ବଗିଚା ଓ ଚାଷ ଜମିରେ ରାସାୟନିକ ଦ୍ରବ୍ୟର ବ୍ୟବହାର ଯେତେ ସମ୍ଭବ କମ କରିବା ଉଚିତ ବୋଲି ଶିକ୍ଷକ ଜଣାଇଲେ ।

ISSN NO.
2582-208X

ଏହି ପ୍ରଜାପତିଙ୍କ ବିଷୟରେ ଆଉ କ'ଣ ତଥ୍ୟ ଅଛି ବୋଲି ଅନିଲ ପୁଣି ପଚାରିଲା, କାରଣ ତା'କୁ ସେହି ପ୍ରଜାପତି ବିଷୟରେ ଜାଣିବାର ବହୁତ ଜିଂଜ୍ଞାସା ଥିଲା । ସେତେବେଳେ ଶିକ୍ଷକ କହିଲେ ଯେ ପ୍ରଜାପତିର ଜୀବନ ଚାରୋଟି ପର୍ଯ୍ୟାୟରେ ବିଭକ୍ତ । ପରିପକ୍ୱ ଅଣ୍ଡିରା ଓ ମାଇ ପ୍ରଜାପତିର ସଙ୍ଗମ ପରେ ମାଇ ପ୍ରଜାପତିଟି ହୋଷ୍ଟ ଉଦ୍ଭିଦ ଖୋଜି ଅଣ୍ଡା ଦିଏ । ସେହି ଅଣ୍ଡା ପରବର୍ତ୍ତୀ ସମୟରେ ସାଂବଳୁଆରେ ପରିଣତ ହୋଇ ହୋଷ୍ଟ ଉଦ୍ଭିଦର ପତ୍ରକୁ ଖାଏ । କିଛିଦିନ ପରେ ସାଂବଳୁଆ ବଡ ହୋଇ ପୂପାରେ ପରିଣତ ହୁଏ ଓ କିଛି ଦିନ ପରେ ପୂପାରୁ ନୁଆଁ ପ୍ରଜାପତି ବାହାରି ଉଡିବାକୁ ଲାଗେ ଓ ଏ ଗଛକୁ ସେ ଗଛ ବୁଲି ମଧୁ ସଂଗ୍ରହ କରି ବଞ୍ଚେ ଓ ନିଜ ଜୀବନ ପ୍ରକ୍ରିୟାକୁ ଚାଲୁ ରଖିଥାଏ । କିନ୍ତୁ ପ୍ରକୃତିର ନିୟମ କିଛି ଅଲଗା ହୋଇଥାଏ । ବହୁତ ସମୟରେ ଦେଖାଯାଇଛି ଯେ ଏଣ୍ଡୁଅ, ଝିଟିପିଟି, କେତେକ କୀଟପତଙ୍ଗ ଖିଆ ଚଢେଇ, ଇତ୍ୟାଦି ପ୍ରଜାପତିକୁ ନିଜ ଖାଦ୍ୟ ପାଇଁ ଶିକାର କରନ୍ତି । ଫଳରେ କୀଟପତଙ୍ଗଙ୍କ ସଂଖ୍ୟାରେ ସନ୍ତୁଳନ ଆସେ ଓ ପରିବେଶ ବି ସନ୍ତୁଳନ ରହେ । ଏତିକି କହିଲା ବେଳେ ବିଦ୍ୟାଳୟର ଘଣ୍ଟି ବାଜିଲା ଓ ମଧ୍ୟାହ୍ନ ଭୋଜନ ଛୁଟି ସରି ପାଠ ପଢା ଆରମ୍ଭ ହେଲା ।

ଏହିପରି କିଛି ନୁଆଁ ତଥ୍ୟ ଜାଣି ଅନିଲ ଖୁସି ହେଲା ଓ ଭଉଣୀ ମୀରାକୁ ବି ସେହି ପ୍ରଜାପତି ବିଷୟରେ ଜଣାଇଲା । ସେହି ଦିନ ଠାରୁ ଅନିଲ ଯାହା ବି ନୁଆଁ ଦେଖୁଥିଲା ତା' ବିଷୟରେ ଲେଖିବାକୁ ଲାଗିଲା ଓ ତା'ର ଲେଖା ସେ ଦିନଠୁ କେବେ ବନ୍ଦ ହେଲା ନାହିଁ।

ସମରଝୋଳ, ଗଂଜାମ, ଓଡିଶା

ISSN NO.
2582-208X

# କହିଲ ଦେଖି



ଅମରନାଥ ବାରିକ

କଞ୍ଚା ବେଳେ ତରକାରୀ ମୁଁ ହୁଏ
ପାଚିଲେ ଭକତ ମନ୍ଦିର ନିଏ
ପ୍ରତ୍ୟେକ ପୂଜାକୁ ମୁଁ ଆଗ ଯାଏ
ହଳଦିଆ ଚୋପା ଭିତରେ ଥାଏ
ଛଡ଼େଇଲେ ମତେ ସହଜେ ପାଏ
କହିକି ପାରିବ ମୋ ନାମ କିଏ ?
(ଉ: କଦଳୀ)

ତିନୋଟି କଣ୍ଟାରେ ଖେଳ ମୁଁ କରେ
ଏକ ଠାରୁ ବାର ଯାଏଁ ମୁଁ ଘୁରେ
ଥାଏ କେବେ ମୁହିଁ କାହା ହାତରେ
ପୁଣି କେବେ ଟଙ୍ଗା ହୁଏ କାନ୍ଥରେ
ଟିକ୍ ଟିକ୍ ମୋର ଶବଦ କରେ
କହି ଦିଅ ତେବେ ମୋ ନାମଟି ରେ ?
(ଉ: ଘଡ଼ି)

ବସନ୍ତ ଋତୁରେ ମୋ କୁହୁ ଭାସେ
ମୋ ତାନରେ ସାରା ଜଙ୍ଗଲ ହସେ

ISSN NO.
2582-208X

ମୋ ରୂପଟି କଳା ଉଡ଼େ ଆକାଶେ
ଆମ୍ବ ବଉଳିଲେ ମୁଁ ଡାଳେ ବସେ
ଋତୁରାଜା ସହ ମୁଁ ପରା ଆସେ
କହି ପାରିବ ମୋ ନାଆଁ କିଏ ସେ ?
(ଉ: କୋଇଲି)

ମୋ ଦେହରେ ଥାଏ ଦୁଇଟି ଚକ
ବିନା ତେଲରେ ମୁଁ ଚାଲେ ଅନେକ
ପେଡଲ ମାରିଣ ଚଳାନ୍ତି ଲୋକ
ଘଣ୍ଟି ଟିଙ୍ଗ୍ ଟିଙ୍ଗ୍ କରେ ଚାଳକ
ସାଇତିଲେ ରୁହେ ଜୀବନ ଯାକ
କୁହ ମୋର ନାମ କିସ ବାଳକ ?
(ଉ: ସାଇକେଲ)

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ – ୭୫୫୦୧୧
ଦୂରଭାଷ – ୯୫୪୦୩୦୮୦୯୫

ISSN NO.
2582-208X

# ଧରାକୁ ଆସିଲା ବରଷା ଋତୁ



ନୀଳମଣି ଗୁନ୍ଦ

ଚେଇଁଲା ବେଙ୍ଗ
ଡେଇଁଲା ଚେଙ୍ଗ
ମୟୂର ନାଚେ
ଜାମୁ ତ ପାଚେ
ଫୁଟିଲା ଛତୁ
କହିଲା ଘତୁ
ଧରାକୁ ଆସିଲା ବରଷା ଋତୁ ।

କଦମ୍ବ ଫୁଟେ
ଧାରଟି ଛୁଟେ
ଭିଜିଲା ବାଟ
ଭରିଲା ପାଟ
ଡେଇଁଲା ଖଙ୍ଗା
କହିଲା ରଙ୍ଗା
"ଭାସି ଯାଆ ମୋ'ର କାଗଜ ଡଙ୍ଗା।"

ସାଧବବୋହୂ
ଶୁଅନା ଆଉ

ISSN NO.
2582-208X

ଯେଉଁଠି ଘାସ
ତା ପାଖେ ଆସ
ଧରିଛି ଛତା
ହେବା ଲୋ କଥା
ଡରନା ଭିଜିବ ନାଇଁ ତୋ  ମଥା।

ଇନ୍ଦରଧନୁ
ଦେଖୁଛି ଅନୁ
ଟପର ଟପ୍
ଝପର ଝପ୍
ବରଷା ଝରେ
ଗ୍ରୀଷମ ସରେ
ସେ ଉଦ୍ଭିଦ ବନ୍ଧୁ କୁହରେ ଥରେ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଅନେକରେ ଏକ



ମୀନାକ୍ଷି ପାଢ଼ୀ

ରୂପ, ବେଶ, ଭାଷା ଅନେକ ହେଲେବି
ଗୋଟିଏ ମାଆର କୋଟି ସନ୍ତାନ,
ଭାରତ ଜନନୀ ଗର୍ବ ଗରିବିଣୀ
ମାତୃତ୍ୱ ଆଜି ତା' ହୋଇଛି ଧନ୍ୟ।

ହିନ୍ଦୁ, ମୁସଲିମ୍, ଶିଖ୍ ଓ ଇଶାଇ,
ବୈୗଦ୍ଧ, ଜୈନ ଫୁଲର ହାର,
ଗଳେ ଲମ୍ବାଇଛି ଶୋଭା ବଢ଼ାଇଛି
ସଂସାରେ ଏ ପରା ମୁଲକ ସାର ।

ସଭିଙ୍କୁ ଦେଇଛି ସମ ଅଧିକାର
ନାହିଁ ତା'ପାଖେ କେ ବଡ଼ କି ସାନ,
ସାର୍ବଭୌମତ୍ୱର ମନ୍ତ୍ରରେ ଦୀକ୍ଷିତ
ସବୁ ଜାତି, ଧର୍ମ, ବର୍ଣ୍ଣ ସମାନ।

ISSN NO.
2582-208X

ଜାତୀୟତା ନୁହେଁ ବଡ଼ ଆମ ପାଇଁ
ବଡ଼ ନୁହେଁ ଧନ, ଉଚ୍ଚ ଆସନ,
ହାତେ ରଖି ହାତ କରିବା ସୁରକ୍ଷା
ଦେଶ ଜନନୀ ର ମାନ ସମ୍ମାନ।

ଏକରୁ ଅନେକ ଅନେକରୁ ଏକ
ଗୋଟିଏ ହେଉରେ ଆମରି ମନ,
ଗୋଟିଏ ରହିବ ଆମ ପରିଚୟ
ଭାରତ ମାଆର ଆମେ ସନ୍ତାନ।

ଶିକ୍ଷୟିତ୍ରୀ, ଚକଟୀ, ଗଞ୍ଜାମ

ISSN NO.
2582-208X

# ଶିଶୁ ହସିଲେ ଦୁନିଆ ହସେ



ସୁବ୍ରତ କୁମାର ପ୍ରଧାନ

ଆଗାମୀ କାଲିର ଭବିଷ୍ୟତ ଆମେ
ସପନ ବଗିଚା ଫୁଲ
ପଦିଏ କଥାରେ ମହୁଝରେ ଆମ
ହସଟି ଅମୂଲ ମୂଲ ।

କୂଳର ଗୌରବ ଉଜ୍ଜ୍ୱଳ କରଇ
ଜନମିଲେ ଶିଶୁ ଘରେ
ପୁତ୍ର ଅବା କନ୍ୟା ରତନ ଆସିଲେ
ଖୁସି ଭାସେ ସାତସୁରେ ।

ଅମୃତର ଧାରା ଶୈଶବ ରେ ବାହି
ପାଳନ୍ତି ଯତନେ ନିତି
ପରିବାର ଗୁରୁ ଶିଖାନ୍ତି ସଂସ୍କାର
ମୂଳଦୁଆ ପଡେ ଭିତ୍ତି ।

ନୁହଁ କେହି ପର ସଭିଏଁ ଆପଣା
ଚେତନା ଆଣଇ ମନେ

ISSN NO.
2582-208X



ଭବିଷ୍ୟତ ରାସ୍ତା ସୁଗମ କରଇ
ବିଦ୍ୟାରମ୍ଭ ଯଉବନେ ।

ଡାକ୍ତର ସୈନିକ କେତେ ବୃତ୍ତିଧାରୀ
ଗଢେ କଳକାରଖାନା
ବୈଜ୍ଞାନିକ ସାଜି ଶତୃକୁ ସଂହାରୀ
ଉଡାଏ ବିଜୟ ବାନା ।

ସମାଜ ର ସେବା ଦୁଃଖି ରଙ୍କି ଚିନ୍ତା
ହୃଦୟେ ଭାଳଇ ସଦା
ମାତୃଭୂମି ମଥା ଉଚ୍ଚ ସେ କରଇ
ଆସୁଯେତେ ପଛେ ବାଧା ।

ହେ ଜନସମାଜ ଓଠେ ହସ ଦେଇ
ଶିଶୁ କୁ ଯତନେ ପାଳ
ଜାତିର ଗୌରବ ଉଜ୍ଜ୍ୱଳ କରିବ
ଜିଣି ଯିବ ଭୂମଣ୍ଡଳ ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ, ୭୫୯୧୩୦
ମୋ – ୯୮୭୧୯୭୦୪୧୮

ISSN NO.
2582-208X

# ମେଘରେ ମେଘ



ବିଜୟ କୁମାର ଛାଟୋଇ

ମେଘରେ ମେଘ ହସେଇ ଦେ
ସୂରୁଜ ଭାଇକୁ ବସେଇ ଦେ
ବୈଶାଖ ନେ
ଜ୍ୟେଷ୍ଠ କୁ ନେ
ଧାରା ଶିରାବଣ ରଚେଇ ଦେ ॥

ମେଘରେ ମେଘ ହସେଇ ଦେ
ତତଲା ପବନ ଭସେଇ ନେ
ବରଷି ଦେ
ଶୀତଳ ଦେ
କଳା ବଉଦକୁ ପଠେଇ ଦେ ॥

ସବୁଜ ସୁନ୍ଦର ପୃଥିବୀ ଦେ
ମଣିଷ ଭାଇକୁ ସୁବୁଦ୍ଧି ଦେ
କୁବୁଦ୍ଧି ନେ
ଜୀବନ ଦେ
ସବୁରି ପରାଣ ହସେଇ ଦେ ॥

ISSN NO.
2582-208X

ମେଘରେ ମେଘ ବରଷି ଆ
ବଣ ଜଙ୍ଗଲରେ ପରଶୁ ଥା
ପାଣିକୁ ଦେ
ଦୁଃଖକୁ ନେ
ସଭିଙ୍କୁ ମଜେଇ ହସାଉ ଥା ॥

ମହୁର୍, ପୁରୀ

ବେଦାନ୍ତୀର ପୁରୁଣା ସଂଖ୍ୟା ସବୁ ଆପଣ www.vedantimagazine.com କୁ ଯାଇ ପଢ଼ିପାରିବେ ଏବଂ download ମଧ୍ୟ କରିପାରିବେ

ISSN NO.
2582-208X

# ଚକଖଡି



ଦୀନବନ୍ଧୁ ପୋଇ

ସିଲିଣ୍ଡର ପରି ଦିଶେ ଦେହ ମୋର ଧଳା
ସରସ୍ୱତୀଙ୍କୁ ସମର୍ପି ମୋତେ ହାତେ ଚଳା ।
ହାତେ ଧରି ଚଳାଇଲେ ସୃଷ୍ଟି ବର୍ଣ୍ଣମାଳା
ମୋ ଦେଇ ସଜାନ୍ତି ଗୁରୁ ଅକ୍ଷର ର ମାଳା ।
ଭାରି ସୁନ୍ଦର ଦିଶେ ମୁଁ କଳା ପାଖେ  ଥିଲେ
ଲେଖି ପାରେନାହିଁ ନର ଅତି ଛୋଟ ହେଲେ ।
କଳାପଟା ସିଲଟରେ ଲେପିଦେଲେ ମୋତେ
ଅକ୍ଷର ବ୍ରହ୍ମରେ ଶବ୍ଦ ସୃଷ୍ଟି ହୁଏ କେତେ ।
ପଢି ଶିଖି ଜାଣିଥାନ୍ତି ଶିଶୁମାନେ ଯେତେ
ମୋ ଯୋଗୁ ଜ୍ଞାନୀରେ ଗଣା ମାନବ ଜଗତେ ।
ମୋତେ ନେଇ ଅ ,ଆ , କ' ଲେଖନ୍ତି ଗୁରୁଜୀ
କପଡାରେ ଦାଗ ଦେଇ କାଟଇ ଦରଜି ॥
ଯିଏ ମୋତେ ଜନ୍ମ କଲା ତାର ସେବା କରି
କେମିତି ବା ତାକୁ ମୁହିଁ ଯାଇଥାନ୍ତି ଭୁଲି ।
ଖଡିଠାରୁ ଏହି କଥା ହେ ଜନତା ଶିଖ
ନ ହେଲେ ଗଣା ହୋଇବା ଜଗତେ ମୁରୁଖ ।

ଗୋରଡାପାଳ, କରମୂଳ, ମହିମାଗାଦି
ଢେଙ୍କାନାଳ, ଦୂରଭାଷ –୯୯୩୮୮୦୨୪୧୨
ମୋ:୮୫୯୯୮୩୮୫୯୭

ଅଗଷ୍ଟ – ୨୦୨୨
www.vedantimagazine.com
ISSN NO.
2582-208X

# ବରଷା ରାଣୀ

ଜେକେ ଜ୍ୟୋତି ପ୍ରଭା ବାରିକ

ବରଷା ରାଣୀ ବରଷା ରାଣୀ
ଆକାଶୁ ଓହ୍ଲେଇ ଦେ ତୁ ପାଣି
ପୁରି ଯାଉ ନଦୀ ଗଡିଆ ସବୁ
କାଗଜ ଡଙ୍ଗା ମୋ ଭସେଇ ନବୁ ।

ତୋ ଛୁଆଁ ପାଇଲେ ହସିବ ଧରା
ସବୁଜ ରଙ୍ଗରେ ଦିଶିବ ତୋରା
ରାତି ପାହି ଯେବେ ହେବ ସକାଳ
ଚଷା ଧରି ଯିବ ହଳ ଲଙ୍ଗଳ

ଚାଷ କାମକରି ଦିଏ ଆହାର
ଖାତିରି କରେନି ଖରା କାକର
ଦୁନିଆଁ ରେ କେହି ନାହିଁ ତା ପରି
କିଏ ହେବ ଆଉ ତାହାର ସରି ।

ବରଷା ଦିନରେ ମୁଢ଼ି ନଡ଼ିଆ
ଖାଇବାକୁ ଲାଗେ ଭାରି ବଢିଆ
ଗରମ ପକୁଡ଼ି ତା ସାଥେ ଥିଲେ
ତାର ମଜା କିବା କହିବି ଭଲେ

ISSN NO.
2582-208X


ବର୍ଷା ରେ ଭିଜିଲେ ହୋଇବ ଜର
ମାଆ କରୁଥାଏ ଆକଟ ମୋର
ବିଦ୍ୟାଳୟ ଯେବେ ହୁଅଇ ଛୁଟି
କଳା ବାଦଲ ଟା ଆସଇ ଘୋଟି

ବରଷା ଟା ଯଦି ହୁଅଇ କେବେ
ମଜା ଟା ଦିଗୁଣ ହୁଅଇ ତେବେ
ବହି ଖାତା ସବୁ ସାଇତି ଦେଇ
ବରଷା ରେ ନାଚୁ ତା ଥେଇ ଥେଇ

ଋତୁ ମଧ୍ୟେ ସିଏ ଅଟଇ ସାର
ସବୁଜ ବନାନୀ ଗଳାର ହାର
ଇନ୍ଦ୍ରଧନୁ ବୁଣେ ସାତ ଟି ରଙ୍ଗ
ସାରୁ ଗଛ ମୂଳେ ଡାକଇ ବେଙ୍ଗ ।।

ଶ୍ରେଣୀ ଅଷ୍ଟମ
ସରକାରୀ ଉଚ୍ଚବିଦ୍ୟାଳୟ
ସମଲବ୍ୟାରେଜ

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ




କ୍ଲାସ ଉନ୍ନୟନ, ଦିଲ୍ଲୀ ପବ୍ଲିକ ସ୍କୁଲ,
ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା



ଦେବଯାନୀ ସ୍ୱାଇଁ

## ବେଦାନ୍ତୀ- ଜୁଲାଇ ସମୀକ୍ଷା

ପବିତ୍ର ଘୋଷଯାତ୍ରାର ଅଭିନନ୍ଦନ ଜଣାଇ ଏଥରକ ଆସିଛି "ବେଦାନ୍ତୀ" ସୁନ୍ଦର ଲାଲ୍ ରଙ୍ଗର ଗୋଲାପ ଧରି।

ପ୍ରଥମ ପୃଷ୍ଠାରେ ପ୍ରତିଷ୍ଠାତା "ଅରବିନ୍ଦ ମିଶ୍ର" ଙ୍କ ସମସ୍ତ ପାଠକ ବୃନ୍ଦଙ୍କୁ ରଥ ଯାତ୍ରାର ଶୁଭେଚ୍ଛା ବାର୍ତ୍ତା ସହ, ଜଗତର ମଙ୍ଗଳ କର୍ତ୍ତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲୀଳାଖେଳା ଓ ଶ୍ରୀ କ୍ଷେତ୍ର ସମ୍ବନ୍ଧରେ ସମ୍ୟକ ସୂଚନା। ଭିତର ପୃଷ୍ଠାରେ ସ୍ୱାସ୍ଥ୍ୟ ବିଭାଗ, ଆମ ହାଣ୍ଡିଶାଳ, ଆଂଚଳିକ, ଶିଶୁ ବିଭାଗ ସହିତ ଏକ ଶହ ଏଗାରଟି ଗଳ୍ପ ଓ କବିତାର ସମ୍ଭାର।

ଅସାଧାରଣ ସୁନ୍ଦରବନର ସୁଦୀର୍ଘ ମନଛୁଆଁ ଅଭିଜ୍ଞତା, ପାଠକ ମାନଙ୍କ ଆଗରେ ଅଭିବ୍ୟକ୍ତ କରି ସାରିବା ପରେ ଗାଳ୍ପିକଙ୍କ "ଡି.ଏଫ.ଓ. କ୍ୟାମ୍ପବେଲ ବେ" ରେ ନିକୋବର ଦ୍ୱୀପ ସମୂହର ତଥ୍ୟ ଉପସ୍ଥାପନା ଖୁବ୍ ସୁନ୍ଦର। ମଧୁସ୍ମିତା ଆଉ ଅନୁପଙ୍କ "ସ୍ମୃତି ଓ ଦ୍ୱିତୀୟ ଭେଟ"। "ଅଦେଖା ସଂପର୍କ" ଗଳ୍ପଟି ପଢିଲା ବେଳେ ମୋତେ ଲାଗିଲା ଯେମିତି

ISSN NO.
2582-208X

ଏହା ମୋ ନିଜସ୍ୱ ଗଳ୍ପ। ସତରେ, ପିଲାମାନଙ୍କୁ ବାହାଦେବା ଆଜିକାଲି ମା' ମାନଙ୍କର ଏକ ବଡ ଚିନ୍ତା। ମୁଁ ବି ଏବେ ଏବେ ମୋ ପୁଅକୁ ଏମିତି ଏକ ନାଟକ ରଚେଇ ବିବାହ ଯନ୍ତାରେ ପୁରେଇ ଦେଇଛି।

ଇତିହାସର ପୃଷ୍ଠାରେ ଉତ୍କଳ ଭାରତୀ "କୁନ୍ତଳା କୁମାରୀ ସାବତ" ଓ ଉତ୍କଳର ଗର୍ବ ଗୌରବ "ଦୂତି ଚାନ୍ଦ"। ତା ସହିତ ରହିଛନ୍ତି ବିଶ୍ୱ ବ୍ୟାପି ଭିନ୍ନକ୍ଷମଙ୍କ ପାଇଁ ଆଡଭୋକେଟ୍ ଭାବେ ବୋଲାଉଥିବା "ଉଚ୍ଚ ଗୁଣ ସମ୍ପନ୍ନ ମହିଳା ହେଲେନ୍ କେଲର୍"। ଏକାକୀତ୍ୱର ତାଡନାରେ ହଜିଯାଇଛନ୍ତି କେତେ ଯେ "ପାରିଜାତ" ଆଉ ମା'କୁ ହରାଇ ଅଗ୍ୟାନ, ଅବୁଝା, କୋମଳମତି ଝିଅଟିର "ଅପେକ୍ଷା" ବଡ ଦୁଃଖଦ। "ଲଳିତ ନିବନ୍ଧ – ଚିଠି" ରେ ଚିଠିର ମହତ୍ୱ। "ଗୁମ୍ଫା ଗହ୍ୱରର ଗାଥା : ଏଲୋରା" ରେ ଭରିରହିଚି ଅସୁମାରୀ ତଥ୍ୟ।

ନିଜର "ସୁନ୍ଦର ଅକ୍ଷରର ଡାଏରୀ" ଟିକୁ ଗାଳ୍ପିକ ପାଠକ ମାନଙ୍କ ହାତରେ ବଢାଇ ଦେଇଥିଲା ବେଳେ "ଛୋଟ ମୋର ନାଆଟି" ରେ ଗାଳ୍ପିକା ନିଜର ନିଛକ ଅନୁଭୂତି ରୁ ପାଠକ ମାନଙ୍କୁ ବାଣ୍ଟି ଛନ୍ତି ଖୁବ୍ ସୁନ୍ଦର ଶିକ୍ଷା।

"ଜୀବନ କଣ" ଏହାର ଅର୍ଥ ସନ୍ଧାନ କରୁ କରୁ "ଉଠ୍ ପୁଟୁର୍" ରେ ସିଜୁ ବାଡ ପାଖରେ ଧଣ୍ଡ ସାପ କବଳରୁ ନିଜକୁ ମୁକୁଳେଇବା ଲାଗି ମଣ୍ଡୁକର ଆପ୍ରାଣ ଚେଷ୍ଟା ଦେଖି ମୁଁ ଟିକେ ଅଟକି ଗଲି। ଶେଷରେ ମଣ୍ଡୁକର ସଫଳତା ଦେଖି ଖୁସି ହେଲା ବେଳକୁ ଅଭି ର ମାଡ ଖିଆ, ମନଟାକୁ ଆମ୍ବିଳା କରିଦେଲା। ଅଭି ତା ବାପାଙ୍କ ପାଦତଳେ ପଡି ସୁଁ ସୁଁ ହେଉଥିଲା ଆଉ କାନରେ ବାଜୁଥିଲା ବିବେକା ମାଷ୍ଟ୍ର ଙ୍କ ମୂଲ୍ୟବାନ ଉପଦେଶ– "ଜୀବନଟା ଜଟିଳ ନୁହେଁ, ଆମେ ହିଁ ତାକୁ ଜଟିଳତା ଆଡକୁ ଟାଣି ନେଉ"। ଜୀବନ କେତେ ବି ଜଟିଳ ହେଉନା କାହିଁକି ମା' ର "ଧାରେ ହସ" ସବୁ ଅସୁବିଧାକୁ ସହଜସାଧ୍ୟ କରିଦିଏ।

"ମା'" ଏକ ଅନନ୍ୟ କବିତା। ସେ "ନାରୀ", ସେ "ସର୍ବଂସହା ଧରିତ୍ରୀ", ସେ "ପୃଥିବୀ" ପୁଣି ସେ "କାଳିକା କମଳା ବିମଳା ଶାରଳା"। "ମାଆ ତୋ କରୁଣା କରିବୁନି ଉଣା"!! "ଆହେ ଜଗନ୍ନାଥ" ତୁମ "ଶ୍ରୀ ଭୁଜେଦୟଣା ତୁଳସୀର ମାଳ"– ପତିତ ତାରଣ ପ୍ରଭୁ

ISSN NO.
2582-208X

ନାରାୟଣ, ରଥାରୁଢେ ଦେଖି ତୋତେ କରୁଛି ମୁଁ "ମୁକ୍ତି ସ୍ନାନ"। ଏ "ମାୟା ସଂସାର" ର "ଭବସାଗରକୁ ସେ ଏକା ନାଉରୀ"– ପାରିକରେ ନାଆ ଧରି ବନମାଳିଆ ଶ୍ରୀ ହରି।

"ନାଆଁ ସଙ୍କଟମୋଚନ"– ଜୟ ହନୁମାନ ପବନ ନନ୍ଦନ, ତୁମ ପାଦେ ସଦା ରହୁ ମନ। ମନ ଯେବେ ଭାବପ୍ରବଣ ହୁଅଇ, ଆସ ତୁମେ କେବେ "ପରୀଟିଏ ହୋଇ" ପୁଣି "କବିତାରେ ତୁମେ" ପଂକ୍ତି ସଜାଇ। ତୁମେ "ମିଶ୍ରିତ ଶବ୍ଦର ଭାବଟିଏ", "ଭାବ କଳ୍ପରେ କବି" ଟିଏ, ସୃଷ୍ଟିର ସୁନ୍ଦର "ଫୁଲ" ଟିଏ। ମୁଁ "ପଙ୍କଜ", ଶୀତଳ ସ୍ପର୍ଶ ଚାହେଁ। "ତୁ ଆଉ ମୁଁ" ର କଅଁଳ ପୀରତି, "ତୁମ ଚିଠି" ରେ ମୁଁ ଖୋଜେ ନିଇତି।

"ହଁ କିଛି କଥା ଥିଲା", "ହଇଏ ଶୁଣୁଛ"!! "ମୋ ମନ କହୁଚି", "ବୋଧେ ତୁମ ହୃଦୟରେ ମିଶୁଚି ହୃଦୟ ମୋର" ନହେଲେ କାହିଁକି ତୁମେ ଆସିଗଲେ ହୋଇଉଠେ ମୁଁ ଅସ୍ଥିର!!

"ମୁଁ ବଦଳୁଛି" "ସମୟ ଚକ୍ରର ଗୋଧୁଳି ବେଳାରେ" ଖୋଜୁଥାଇ ଅତୀତର ସେଇ ବେଳା…"ଅଜଣା ପଥ"ର ବାଟୋଇଟେ ମୁଁଇ, ସମୟ ଦୁଆରେ ଖାଉଥାଏ କେତେ ଧକା। "ଭଲ ଲାଗେ" ମୋତେ "ସୂର୍ଯ୍ୟୋଦୟ" ସମ "ସଜ ସକାଳ" ପୁଣି "ଜହ୍ନମାମୁଁ" ଆଉ "ଜୀବନର ବାସ"। ଏ ତ "ଦୁର୍ଲଭ ମାନବ ଜନ୍ମ"। "ପ୍ରତିହିଂସା" ନୁହେଁ "ସହାୟତା" ହୁଏ ବଂଚିବାର "ମହାମନ୍ତ୍ର"।

"ବନୌଷଧି" ର ଦେଶୀ ଉପଚାର, "ଅଳପ ପାଠ, ବହୁତ ହାଟ", ଏଠି "ଚିର ସ୍ଥାଇ ନୁହେଁ କିଛି" ଖାଲି ଯାହା "ଅଧର୍ମ କରେ ରାଜୁତି"।

ଉତ୍କଳ ମାଟିର ମୁଁ ଜଣେ "କୃଷକ" ସେଇ ମାଟିର ଜନକ "ବିଜୁ ପଟ୍ଟନାୟକ"। "ହାରିବାନି କେବେ" କରିବା ଆମେ ଆଜି ପଣ…ଯୁଗେ ଯୁଗେ ଧରି "ରଖିବା ଉତ୍କଳର ଟାଣ"। ପାରୁଛ ଯଦି "ଉପହାରେ ଦିଅ ଖଣ୍ଡେ ବହି", "କିଛି ସତ୍ୟ" ଜାଣିବାକୁ ହେଲେ ଥରେ ଦେଖ ମରି। "ଜୀବନ" ଆଉ "ମଶାଣି" ର ଇହକାଳ ରିସ୍ତା, ଚାଲ ଆମେ ସ୍ୱାସ୍ଥ୍ୟ ବିଷୟରେ କରିବା ଟିକେ ଚର୍ଚ୍ଚା।

ISSN NO.
2582-208X

ଏଥରକ ସ୍ୱାସ୍ଥ୍ୟ ବିଭାଗରେ ବିଶ୍ୱ ଯୋଗ ଦିବସ ଅବସରରେ "ସ୍ୱାସ୍ଥ୍ୟ ପାଇଁ ହିତକାରକ ଯୋଗ" ସମ୍ବନ୍ଧରେ ବିଷଦ ଆଲୋଚନା କରାଯାଇଛି। ଆମେ ସମସ୍ତେ 'ଯୋଗ' ର ବିଶେଷତା ବିଷୟରେ ଜାଣିଛେ। ତେଣୁ ନିୟମିତ ଯୋଗାଭ୍ୟାସ କରି ସୁସ୍ଥ ଆଉ ନିରୋଗ ରହିବା।

ଆପଣ ମାନେ କେହି "ସାହି ମୁଂଗ ଡାଲ୍" ଚେଷ୍ଟା କରିଥିଲେ କି? ମୁଁ କିନ୍ତୁ 'ଚଣା ସୁନ୍ଦଲ୍' ବନେଇଥିଲି। ସତରେ ଏହା ବହୁତ୍ ଚଟ୍ ପଟା ଥିଲା।

ଶିଶୁବିଭାଗ ରେ "ପଦ୍ମ ପୁଷ୍କରିଣୀର ସଂରକ୍ଷଣ" ଓ "ଏକ ନିଆରା ମଧ୍ୟାହ୍ନ ଭୋଜନ" ରେ ପଦ୍ମ ଫୁଲର ବ୍ୟବହାର ଓ ଉପଯୋଗିତା ଦର୍ଶାଯାଇଛି। ଯଥାର୍ଥରେ ଆମ ପିଲା ମାନଙ୍କୁ ପ୍ରକୃତି ସମ୍ବନ୍ଧୀୟ ଜ୍ଞାନ ବହୁତ ଜରୁରୀ। ଯେଉଁ ହିସାବରେ ପ୍ରକୃତିର ପରିବର୍ତନ ଆଉ ପରିବେଷ ପ୍ରଦୂଷଣ ହେଉଚି, ଆମକୁ ପ୍ରକୃତିର ସୁନ୍ଦର ସୃଷ୍ଟି ସବୁକୁ ସଂରକ୍ଷଣ କରିବାକୁ ପଡିବ, ନହେଲେ ଡାଇନୋସର୍ ଙ୍କ ଭଳି କେତେବେଳେ କେଉଁ ପ୍ରଜାତି ବିଲୁପ୍ତ ହେଇଯିବ କହି ହେବନାହିଁ।

ଶେଷରେ ସବୁ ଶିଶୁ ଙ୍କ ଲାଗି ହୋମ୍‌ୱାର୍କ ରହିଲା...ଆର ଥରକୁ ଯେମିତି ଘୋଷି ପାଣି ହେଇଥିବ "ବ୍ୟଂଜନ ବର୍ଣମାଳା"।

ଜୟ "ବେଦାନ୍ତୀ", ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ମତାମତ

ମହୋଦୟ,

ଜୁଲାଇ ମାସର ପତ୍ରିକାଟି ପ୍ରାପ୍ତ ହେଲା, ସେଥିପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ । ପବିତ୍ର ରଥଯାତ୍ରାର ଆପଣଙ୍କୁ ମଧ୍ୟ ଅନେକ ଶୁଭେଚ୍ଛା ।

ଧନ୍ୟବାଦ ସହିତ

ଅସିତ ମହାନ୍ତ
ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

୨୦୨୨ ଜୁଲାଇ ମାସର ବେଦାନ୍ତୀ ଇ-ପତ୍ରିକା ପାଇଁ ଆପଣଙ୍କୁ ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ବହୁତ ଭଲ ଭଲ ଲେଖାଗୁଡିକୁ ଆପଣ ଚୟନ କରି ସ୍ଥାନିତ କରିଛନ୍ତ ।

ବାଲ୍ମିକୀ ନାୟକ, ବାଙ୍ଗାଲୋର

ISSN NO.
2582-208X

# ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୦୮/୨୦୨୨ | ଜାଗ୍ରଦଗୌରୀ ପଞ୍ଚମୀ |
| ୦୬/୦୮/୨୦୨୨ | ଶ୍ରୀକ୍ଷେତ୍ରେ ଝୁଲଣ ଯାତ୍ରାରମ୍ଭ |
| ୦୮/୦୮/୨୦୨୨ | ପୁତ୍ରଦା ଏକାଦଶୀ |
| ୦୯/୦୮/୨୦୨୨ | ମହରମ, ବିଷ୍ଣୁ ପବିତ୍ରାରୋପଣ |
| ୧୦/୦୮/୨୦୨୨ | ଶିବ ପବିତ୍ରାରୋପଣ, ଶିବଚତୁର୍ଦ୍ଦଶୀ |
| ୧୧/୦୮/୨୦୨୨ | ରାକ୍ଷୀବନ୍ଧନ, ବଳଦେବ ଜନ୍ମ |
| ୧୨/୦୮/୨୦୨୨ | ଗହ୍ମା ପୂର୍ଣ୍ଣିମା ଓ ଶ୍ରୀମନ୍ଦିରରେ ଝୁଲଣ ଶେଷ |
| ୧୪/୦୮/୨୦୨୨ | ଅଙ୍ଗଭେଟ ତୃତୀୟ |
| ୧୫/୦୮/୨୦୨୨ | ୭୬ତମ ସ୍ୱାଧୀନତା ଦିବସ ଓ ଶ୍ରୀ ଅରବିନ୍ଦଙ୍କ ଜୟନ୍ତୀ |
| ୧୬/୦୮/୨୦୨୨ | ଶ୍ରୀମନ୍ଦିରରେ ରେଖା ପଞ୍ଚମୀ ଓ ମାସାନ୍ତ |
| ୧୭/୦୮/୨୦୨୨ | ସିଂହ ସଂକ୍ରାନ୍ତି ବୁଧିବାମନ ଓଷା |
| ୧୮/୦୮/୨୦୨୨ | ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ |
| ୧୯/୦୮/୨୦୨୨ | ନନ୍ଦୋତ୍ସବ |
| ୨୧/୦୮/୨୦୨୨ | ଖୁଦୁରୁକୁଣୀ ଓଷା |
| ୨୬/୦୮/୨୦୨୨ | ଗୃହିଣୀ ସପ୍ତପୁରୀ ଭୋଗ |
| ୨୭/୦୮/୨୦୨୨ | ଅମାବାସ୍ୟା |
| ୩୦/୦୮/୨୦୨୨ | ବାଲି ତୃତୀୟା |
| ୩୧/୦୮/୨୦୨୨ | ଶ୍ରୀ ଗଣେଶ ଚତୁର୍ଥୀ ବ୍ରତ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦–୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଜୁଲାଇ ମାସର ବିଜେତାଙ୍କ ନାମ



ISSN NO.
2582-208X

କଷି କାକୁଡି ଦେଖି ପାଟିରୁ ବୋହେ ପାଣି
ଆଣେ ଲୋ ପଖାଳ ତୋରଣି
ଲେମ୍ବୁ ଲଙ୍କା ସହ କାକୁଡି ଖାଇଣ
କରିବା ଆମର ଆତ୍ମା ତୃପ୍ତି

ସାଗରିକା ଦାଶ, ଭୁବନେଶ୍ୱର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ। ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ। ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା – Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁ www.vedantimagazine.com କୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ ।  ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

https://www.facebook.com/vedantiemagazine